ଅଗ୍ରଗାମୀ ସାହିତ୍ୟ ସମିତିର — ସପ୍ତମ ଗ୍ରନ୍ଥ

# ଶାସୁଣ

ଲେଖକ — ଶ୍ରୀ ଗୋବିନ୍ଦ ତ୍ରିପାଠୀ, ଏମ୍, ଏ

—o||o—

ପ୍ରଥମ ମୁଦ୍ରଣ + ଅଗଷ୍ଟ + ୧୯୪୧

ବାର୍ଷିକ ଅଗ୍ରୀମ ଦେୟ … ୨ ।। ୫

ସମ୍ପାଦକ—



ଅରେ ବାବା, ମୁଁ କେବଳ ତୁମରି ଉପକାର ପାଇଁ କହୁଛି, ମୋର ନାହିଁ କଣ ? ଏଇ ଦେଖ କୋଠା ବାଡ଼ି, ଧାନ କୋଠି, ଗାଈ ଗୋରୁ, ଚାକର ବାକର, ଅଚଳାଚଳ ସମ୍ପତ୍ତି, ମୋର ନାହିଁ କଣ ? ମୁଁ କାହାର ଧନକୁ ଚାହିଁ ଯାଏ ନାହିଁ; ଶାସ୍ତ୍ରରେ କହିଛି "ପର ଦ୍ରବ୍ୟେଷୁ ଲୋଷ୍ଟ୍ରବତ୍", ମୁଁ କାହିଁକି କାହାକୁ ଠକିବି ? କେବଳ ତୁମର କଷ୍ଟ ଦେଖି ଚିତ୍ତ ସହୁ ନାହିଁ ବୋଲି କହୁଚି ।

୨

ବକ୍ତା ହେଲେ ମହୂପୁର ଗ୍ରାମର ସଦାଶିବ ମିଶ୍ର । ସଭାସ୍ଥ କୁଣ୍ଠିତ ମିଶ୍ର ଅପଣଙ୍କ ଦାଣ୍ଡ ଦୁଆର ଚୌପାଢ଼ୀ ଉପରେ । ପ୍ରତି ଦିନ ଖା ପିଅ ସାରି ପଞ୍ଚାଏ ଲଫଙ୍ଗା ବ୍ରାହ୍ମଣ ଟୋକା ବୁଢ଼ା ଆସି ଏ ଚୌପାଢ଼ୀରେ ଜୁଟନ୍ତି । ପଶା ଗଞ୍ଜପାର ଧୂମ ଉଡ଼େ । ଛଅ ତିନି, ପୋ ବାର, ଦିନା ଚନ୍ଦ୍ର ଗଣ୍ଡା ଇତ୍ୟାଦି ଖେଳୁଅଡ଼ ମାନଙ୍କର ରଡ଼ିରେ ଗାଁ ଦାଣ୍ଡସା କମ୍ପି ଯାଉ ଥାଏ ଶୁଣା ଅଛି ଏହିପରି ଗୋଟାଏ ରଡ଼ି ଶୁଣି ଗୁଡ଼ି ବାହାନପତିଙ୍କ ବୋହୂର ଗର୍ଭ ସ୍ରାବ ହୋଇଥିଲା । ତେବେ ସେପରି ଘଟଣା ସଦାଶିବ ମିଶ୍ର ଓରଫ ଶିବ ବାବୁଙ୍କ ଅମଳରେ ହୋଇ ନାହିଁ । କାରଣ ଶିବ ବାବୁ ପାଠୁଆ ଲୋକ, ଦଶ ପନ୍ଦର ଜଣଙ୍କ ମଧ୍ୟରେ ଜଣେ ବୋଲାନ୍ତି । ସମାଚାର କାଗଜରେ କେବେ କେବେ ତାଙ୍କ ନାଁ ବାହାରେ । ଅଧିକ ମଧ୍ୟ ଶିଶୁପାଳ ନନ୍ଦଙ୍କ ଠାରୁ ଶୁଣିନ୍ତି କୌଣସି କଥା ଯେବେ ଖାପଚଳେ ପକାଗଲେ, ଦିନେ ଲାଟ ସାହେବ, ଶିବ ବାବୁଙ୍କୁ ଡାକି ତାଙ୍କର ପରାମର୍ଶ ମାନି ଚଳନ୍ତି । ଅଧିକ ମଧ୍ୟ ଶୁଣାଯାଏ ଯେ, ସେ ( ଶିବ ବାବୁ, ଲାଟ ସାହେବ ନୁହନ୍ତି ) ପାଠ ପଢ଼ି ପାଶ୍ କରି ସାରିଲା ପରେ ସରକାର ତାଙ୍କୁ ଗୋଟାଏ ଡିପୁଟିର ଚାକିରି ଯାଚିଥିଲେ । କିନ୍ତୁ ଲାଟ ସାହେବ କାମ ନ ହେଲେ ନେବେ ନାହିଁ ବୋଲି କହି ଶିବ ବାବୁ ଫେରସ୍ତ ଦେଲେ । ମୋଟ ଉପରେ ଶିବ ବାବୁଙ୍କ ପାଖ ଲୋକମାନଙ୍କ କଥା ବିଶ୍ୱାସ କଲେ, ବୁଝିବାକୁ ହେବ ଯେ, ଶିବ ବାବୁ ଜଣେ ସର୍ଜନ୍ ( ବନ୍ଧୁକର ସର୍ଜିନ୍ ନୁହେ ) ବଡ଼ ଲୋକ ଓ ତାଙ୍କ ଭଳି ବୁଦ୍ଧିମାନ ଓ ପ୍ରତାପର ବାଲା ଲୋକ ଓଡ଼ିଶାରେ ଆଉ ଏକଟି ହୁଇ ନାହିଁ । ଫଳରେ ଶିବ ବାବୁଙ୍କ ଅମଳରେ ତାଙ୍କ ଚୌପାଢ଼ୀରେ ଏପରି ଗଣ୍ଡ-ଗୋଳ ହେବାର ସମ୍ଭାବନା ନାହିଁ । ଶିବ ବାବୁ ନିଜେ ତାସ, ପଶା, ଗଞ୍ଜପା ଇତ୍ୟାଦି କିଛି ଖେଳନ୍ତି ନାହିଁ । ଥରେ ତାଙ୍କୁ ଅନେକ ଲୋକ ଖୋସାମଦ କରି ତାସ ଖେଳିବାକୁ ବସାଇଥିଲେ, ଏ ପର୍ଯ୍ୟନ୍ତ କଥା ଅଛି, ସେ ଖେଳବସି ଠେକିରି କିଏ, ନାଲି ପାନ କିଏ ଚିହ୍ନି

ପାରିଲେ ନାହିଁ । ସେଥିରେ ଥିଲା ତାଙ୍କର' ପିଲାମାନଙ୍କୁ ଓ ଗାଁ ସଭା ସମିତିରେ ଏପରି "ଅଳସୁଆ ଗେଲଡ଼େର (ଡିଭନ୍‌.)" ନ କରାଇବାପାଇଁ ବକ୍ତୃତା ଦେଇଥାନ୍ତି । ତାଙ୍କ ଦଳୁଆଙ୍କ ଛଡ଼ା ଆଉ କେହି ଏ ଖେଳ ଖେଳିବାର ଦେଖିଲେ ସେ ନାକ ଟେକନ୍ତି, ଦେଳ-କାଳ ଉଣ୍ଡି ପଦେ ଦି ପଦ ଝାଡ଼ି ଦିଅନ୍ତି ମଧ୍ୟ । କିନ୍ତୁ ତାଙ୍କ ଦାଣ୍ଡ ଦୁଆରେ ଏ ଆମୋଦଟା ପ୍ରତିଦିନ ବସେ । ଶିବ ବାବୁ ଖେଳନ୍ତି ନାହିଁ ତ, ସେ ଅଲଗା ହୋଇ ଗୋଟାଏ ପଟରେ ଖଣ୍ଡେ ମସିଣା ପକାଇ ଦି ଅଣ୍ଟୁକୁ କ୍ଷଣେକେ ଘୁମ୍ବକୁ ଅଉଜି ଦୋଳା ଚୌକିରେ ବସିଲାପରି ଢଳୁଥାନ୍ତି । ପାଖରେ ଦି ଚାରି ଜଣ ଅପବଢ଼ା ଗାନ ଦାନ ଲୋକ ବସି ଖୁସି ଗପ ଚଳିଥାଏ । ଖେଳଟା ପ୍ରାୟ ଚାରିଟା ପର୍ଯ୍ୟନ୍ତ ଚଳେ । ତା' ପରେ ଅଧିକାଂଶ ଖେଳାଳି ନିଜ ନିଜ ଦୁଃଖ ଧନ୍ଦାରେ ଯାନ୍ତି । ଓ ବାକି ଶିଶୁପାଲ ନନ୍ଦେ, ଫଲଣା ତିଅନ୍ତରେ, ଅଲଣା ଦାସେ ଇତ୍ୟାଦି ପାର୍ଶ୍ୱଚର ଆସି ଶିବ ମିଶ୍ରଙ୍କ ମଜ୍‌ଲିସରେ ଯୋଗ ଦିଅନ୍ତି, ଅନ୍ତତଃ ସାତ ଦି ତିନି ଘଡ଼ି ଯାଏ ଚାଲେ । ଅନ୍ତତାରେ ଜଣ ଜଣ କଥା ପଡ଼େ ତାର ନମୁନା ଓ ସବିଶେଷ ବିବରଣ ଆପଣମାନେ ପରେ ଯଥେଷ୍ଟ ଜାଣିପାରିବେ ।

ଏହିପରି ଏକ ମଜଲିସରେ ସେ ଦିନ ବିରାଜମାନ ସ୍ୱୟଂ ଶିବ ବାବୁ ପାଖରେ ପାର୍ଶ୍ୱ ଦେବତା, ଅଲଣା, ଫଲଣା, ଶିଶୁପାଲ, ମାରଣା । ବକ୍ତା ଶିବ ମିଶ୍ରେ, ଶ୍ରୋତା ସେହି ଗାଁର ଲଣ୍ଡା ଓରଫ ଶ୍ୟାମ ରଥେ । ପାଳିଆ ଆଉମାନେ । ଭାଗବତରୁ କାଣ୍ଡିଏ ହେଲେ ଥରେ ପାଳି ଧରିବାର କଥା । ଶିବ ବାବୁ ଏତିକି କହି ପାଳିଆମାନଙ୍କ ସ୍ୱରକୁ ଅପେକ୍ଷା କରି ତାଙ୍କ ଆଡ଼କୁ ଚାହିଁଲେ ।

ମାରଣା— ତା ନୁହେଁ ଆଉ କଣ ? ଶିବବାବୁ ଭାବିଲେ ଏ ଗାଁ ଗୋଟାକ ଯାକ କିଣିନେଇ ଦାନ ଦେଇ ପାରନ୍ତି, ନା, କଣ କହୁଛ ଅଲଣା ବାବୁ ?

ଅଲଣା ବାବୁ ଓରଫ ଅଲଣା ଦାସେ ତାଙ୍କର ଦରଭଙ୍ଗା ନଖ ଚାରିଟା ପଡ଼ିଆ ବାଡ଼ରେ ଗୋବର ମେଦା ଭଳି ଚୂଟି କେଶଗୁଚ୍ଛ ଭିତରେ ପୂରାଇ ଖମ୍ଫ୍ ଖମ୍ଫ୍ କରୁ କରୁ କହିଲେ, "ଅହା, ହା, ଯୁ କହକା ଗ୍ରାହକ ! ବଢ଼ନ୍ତ କରି କହିଲେ କଣ ନା, ଶିବ ବାବୁ ଏ ଗାଁଟାକୁ ସ୍ୱର୍ଣ୍ଣ ଦାନ ଦେଇ ପାରିବେ ! କିଅଁ, ଶିବ ବାବୁଙ୍କର କଣ ହେଉଚି କି ସେ ଦାନ ଦେବେ ? ତାଙ୍କ ଭଳି ଧାର୍ମିକ ଲୋକ, ସେ ହଲଲା ପାଣିକୁ ଗୋଡ଼ ଦେବେ ନାହିଁ, ପିମ୍ପୁଡ଼ିଟା କଲହରେ ବି ଅଙ୍ଗ ଲଗେଇବେ ନାହିଁ ।

ଶିବ ବାବୁ— ଶୁଣିଲୁରେ ଲମ୍ବା ! ମୁଁ ଅବା ମିଛ କହୁଥିବି, କି, ବାଢ଼ନ୍ତି-ବଟିଅଣ କରି କହୁଥିବି । ଦାସେ ତ ତୋର ପାଖ ପଡ଼ଶା ତାଙ୍କ କଥା ଶୁଣ !

ନମ୍ବା— ମୁଁ ଶୁଣିବି କଣ ମିଶ୍ର ଥପଣେ, ମୁଁ କଣ ଜାଣେ ନାହିଁ ଅପଣ ହେଲେ ଗରିବମାନଙ୍କର ମା ବାପ । ଦୁଃଖି ରଙ୍କିଙ୍କର ସାହା ଭରସା । ଏ କଥା କିଏ ନ ଜାଣେ !

ଶିବ— ବାଃ, ବାଃ, ପିଲାଟିତ ବେଶ୍ ବୁଦ୍ଧିମାନ, ବେଶ୍ ଚତୁର, ନାଇଁହେ ଛଅଡ଼ଏ ?

ଅଲଣା— ଗୋଟାଏ ବଂଶର ପିଲା କିନା ! ଏବେ ସିନା ଗରିବ ହୋଇ ଗଲେ, ତା' ନ ହେଲେ ଅପଣଙ୍କ ବଂଶକୁ ଛାଡ଼ିଦେଲେ ରଥ ବଂଶଠୁ କାଲ ଅଉ ଏ ଗାଁରେ କିଏ ଥିଲା ?

ଶିବ— ତା ଏକା କହିଲ ସତ ! ସେଇଥି ପାଇଁ ମୋ ମନଟାରେ ବଡ଼ ଦୁଃଖ, 'ଏଡ଼େ ବଡ଼ ବଂଶଟାଏ, ଛାରଖାର ହୋଇ ଗଲା । ଯେ ପାରିବାର ହେଲ ସେ ଯଦି ମଣିଷ ହୋଇଥାନ୍ତା—

ଶିଶୁ— କାହା କଥା କହୁଛନ୍ତି ଆପଣ ? ସେଇ ବଳ ବାବୁ ଘର କଥା ଠିକ୍ ! ଅରେ ରାମ୍, ରାମ୍, ମଣିଷ ପୁଙ୍କେ ଖାଇ କରି ଅଛି ନାହିଁ । ଅଛ ମୁଠାଏ ପିଲଖା କଷ୍ଟ, ସେ ମଣିଷ ? ଅଉ ପଶୁ କିଏ ?

ଶିବ— ହଁ, ଆପଣମାନେ ସିନା କହିବେ, ମୁଁ ତ କହି ପାରୁ ନାହିଁ । ଯାହା ହେଉ, ସେ ଯଦି ମଣିଷ ହୋଇଥାନ୍ତା, ତା ହେଲେ ଏମାନଙ୍କ ଅବସ୍ଥା ଏତେ ଦୂର ହୋଇ ଥାନ୍ତା କିଆଁ ? ଆରେ, ତୁ ଯେ ପାଠ ପଢ଼ିଲୁ ମଣିଷ ହେଲୁ ଦି ପଇସା ରୋଜଗାର କଲୁ, ସେ କାହା ଲାଗି ? ବାପ ଅଜାଙ୍କ ଧନରେ ପାଠ ପଢ଼ି ତ ? ଆଇନ ଅନୁସାରେ ତ ତା ସମ୍ପତ୍ତିରେ ତା ରୋଜଗାରରେ ସବୁ ଭାଇମାନଙ୍କର ଭାଗ ଅଛି । ସେ ଚଣ୍ଡାଳ ବୋଇଲା ନାହିଁ ଏତେ ଜମି ବାଡ଼ି ତ କହି ଚାଲ, ଭାଇମାନଙ୍କୁ ସେଥିରୁ ଦଲ ବାଣ୍ଟିଏ ଖଣ୍ଡେ କି ଟଙ୍କା ଦଶ ହଜାର ଦେଇ ଯାଏଁ । ସବୁ ନିଜ ନାଁରେ କରି ନେଲା । ନେଲା ଯେ କଣ ଖାଇଲା ?

ଅଲଣା— ଏପରି ଅଧର୍ମୀ ଯେ କରେ, ତାକୁ କଣ ଦଇବ ସହେ ! ଯିମିତି ଅଧର୍ମ କଲା, ସିମିତି ଅଧା ବୟସରେ ଟୋକା ମାଇପ କନ୍ଦେଇଗଲା ।

ଫଲଣା— ଅଉ ଯୁ ମାଇପ ! ବାପରେ, ସାକ୍ଷାତ୍ ଗୋଟାଏ ମା କାଳୀ ସେ ତ କହୁଛି ଏ ଗାଁ ଟା ଯାଉ ମୁଁ କିମିତ ଖାଇ ଯାନ୍ତି ।

ଲଣ୍ଡା— ଅଜ୍ଞା ସେ କଥା ଅଉ କଣ କହୁଛନ୍ତି । ସେ ଦିନ ତାଙ୍କ ବାଡ଼ି ଆମ ବାଡ଼ି ଦୋ ସିମାଇର ଗୋଟାଏ ମେଦୁଆ ଗଛରୁ ମୋ ବୋଉ ଦି ଗଣ୍ଡା ମେଦୁଆ ତୋଳି ନେଇଥିଲା ବୋଲି ପାଟକ କଲା ଲଗେଇଲା ପରା ଆମ ସାଙ୍ଗରେ ।

ଶିବ—ଏଇ, ଏଇତ ଅବସ୍ଥା ! ସେ, ମାଇକିନିଅର ଏ ସମ୍ପତ୍ତିରେ କଣ ଅଛି । ତାର ସେ ଅଳ୍ପ ଦରା ଗବ ଗାଣ୍ଡୁ ଟୋକାଟା ନ ଥିଲେ

ସମ୍ପର୍କରେ ମାଲିକ ତ ହୁଅନ୍ତେ ଏଇ ଲଣ୍ଡା ବାବୁ, ସେ ତ ଖାଲି ଖୋରାକ ପୋଷାକ ପାଇବାର ହକ୍‌ଦାର ।

ଶିଶୁ— ସେ କଥାତ ଠିକ୍, କି ଅଛନ୍ ବୁଦ୍ଧି ! ଓକିଲ ମୁକ୍ତାର କଣ କରିବେ ହେ ?

ଅଲଣା— ଠିକ୍ କହିଲେ ଅପଣ, ଠିକ କହିଲେ, ସେଇ ଯୋଉଟା ରହି ତ ସବୁ ଭଣ୍ଡୁର କରୁଚ ।

ଶିବ— ରହିବା ବୋଲି କହିଲେ ତ ହବ ନାହିଁ, ଏହାର କିଛି ଗୋଟାଏ ଉପାୟ କରିବା ଦରକାର ତ ! ଆପଣମାନେ ତ ସମସ୍ତେ ଅଛନ୍ତି, କ'ଣ କରିବା ଗୋଟାଏ ଠିକ କର ଦେଖି ।

ଲଣ୍ଡା—ଅଚ୍ଛା, ମାଲି ମକଦମା କରିବାକୁ ତ ଆମର ପଇସା ପଣ ନାହିଁ ସେ କଥା ଭାବ ଅଉ କଣ ହେବ ! ଭଗବାନ ଆମକୁ ଯେତକ ଦେଇଚନ୍ତି ସେଇତକ ରହିଲେ ହେଲା ଆପଣମାନଙ୍କ ଦୟାରୁ ।

ଶିବ— ଓଃ, ତା ହେଲେ ଆମର ଏତେ ମୁଣ୍ଡ ବଥା କାହିଁକି, ହଇହେ ଛଅଡିଏ ?

ଫଲଣା— ମୁଁ ପରା ସେଇ କଥା ଅପଣଙ୍କୁ ଅଗରୁ କହୁଥିଲି । ଘୁଷୁରିକି ପାଣଲା କଦଲ କୁଅଡେ ସୁଅଦ ଲାଗିଲାଣି ?

ଅଲଣା— ଅରେ ରାମ, ରାମ, ସେ କଥା ଅଉ କହନା, ଏ ଯୁ ଲୋକେ, ଯାଙ୍କ ମୁହରେ ଭାତ ଗୁଣ୍ଡା ନେଇ ଦେଲି ଦେଲେ ମଧ ପେ ଗିଲବେ ନାହିଁ, ମର—ଭଯେ ମର, କାହାର କଣ ଅଛି ?

ଶିଶୁ— ସତେ ହେ, ଏ ଲୋକ ଗୁଡ଼ାକ କେତେ ବେଇମାନ, କରେ ରୁ କଣ ଭାବନ୍ତିକି ? ଶବ ବାବଙ୍କ ପରାମର୍ଶ ପାଇଁ ନଜେ କଲଟର କମିସନର ଅସି ଧାରଣା ଦେଇ ବସୁଚନ୍ତି, ତଭେ ଯାଚି ପରାମର୍ଶ ଦଅହେଲା, ପିତା ଲାଗିଲା ! ତୋ ମନରେ ଯେବେ ଏତେ କଥା ଥିଲା, ତେବେ ଅଗରୁ ସେଇଅ କହିଦେଲୁ ନାହିଁ, ବାବୁଙ୍କର ଏତେ ସମୟ ଅଯଥା କାହିଁକି ନଷ୍ଟ କଲୁ ?

ଲଣ୍ଡା ବଦମାସ ଏତେ ଲୋକଙ୍କ କାଉଁ କାଉଁରେ ଅପ୍ରସ୍ତୁତ ହେଲାଭଳି ହୋଇ ଯାଇ କହିଲା, "ନାଇଁ, ମୁଁ କଣ ମିଶ୍ର ଅପଣଙ୍କ କଥା ଶୁଣିବାକୁ ନାହିଁ କହୁଛି, ଯାହା କହିବେ, ସେଥିରେ ହାଜର ଅଛି ।"

ଶିବ— ନାଇଁ, ନାଇଁ, ଅମର ଅଉ ସେ କଥାରେ ଦରକାର ନାହିଁ । ଚାଲହେ, ନଈ କୂଳକୁ ଯିବା ଚାଲ !

ଅଲଣା— ନାଇଁ, ନାଇଁ, ଅଜ୍ଞା, ସେ ପିଲାଲୋକ, ତା ଉପରେ ରାଗ କଲେ କଣ ହେବ, ସେ ବୁଝି ପାରିଲା ନାହିଁ, ତା ଦୋଷ ମାଫ କରନ୍ତୁ । ପଡ଼ରେ ବାବୁଙ୍କ ଗୋଡ଼ ତଳେ ପଡ଼ !

ବଦମାସ ଲଣ୍ଡା ବି ଯେ ଦୋଷ କରିଛି, ବୁଝି ପାରିଲା ନାହିଁ । ତଥାପି ଏମାନଙ୍କ କଥାରେ କାନ କାନ ହୋଇ ଶିବ ବାବୁଙ୍କ ଗୋଡ଼ ଧରି କହିଲା, "ଅଜ୍ଞା, ମୋ ଦୋଷ ଧରନ୍ତୁ ନାହିଁ, ଯାହା କହିବେ, ମୁଁ ତାହା କରିବାକୁ ପ୍ରସ୍ତୁତ ଅଛି ।"

ଶିବ— ଅରେ ଏତ ଅଚ୍ଛା ବିପଦ, ହଉ, ଅଉ କଣ କରିବା, ଅପଣମାନେ ଯେତେବେଳେ କହୁଚନ୍ତି, କଣ କରିବାକୁ ହବ ତେବେ କୁହନ୍ତୁ ?

ଶିଶୁ— କଥା ହଉଚି, ସେ ଅପଦାର୍ଥ ଯୋଗୀଆକୁ ସାବାଡ଼ି ନକଲେ—

ଲଣ୍ଡା— ଅଜ୍ଞା, କଣ ହଣା-ମରା ? ଅଜ୍ଞା ମୁଁ—

ଶିବ— ମୁଁ ଏଇଥି ପାଇଁ କହୁଥିଲି, ମୁଁ ଏଥି ଭିତରେ ରହିବି ନାହିଁ । ଶୁଣିଲ ତ ! ହଣା-ମରା କଥା କିଏ କହିଲା ଏଠି ? ଅଲଣା, ଶିଶୁପାଳ ପ୍ରଭୃତି ପୁଣି କାଉଁ କାଉଁ କଲେ, ଏଥର ଲଣ୍ଡା ବଦମାସ ନିଜ ଦୋଷ ଦର ବୁଝି ହୋଇ ପୁଣି ଗୋଡ଼ ଧରିଲା । ଶାନ୍ତି ଅସିବା ପରେ, ଶିବ ବାବୁ କହିଲେ, "ହଁ, କଣ କହିଲେ ?"

ଶିଶୁ— କହୁଥିଲି ସେ ଯୋଗୀଆକୁ କୌଣସି ମତେ ଖସେଇବାକୁ ହବ ଏ ଗାଁରୁ -

ଶିବ— ତାର ଉପାୟ ?

ଶିଶୁ— ଉପାୟ ମୁଁ ଠିକ କହୁଚି । ସେ ଟୋକାଟା ଯେପରି ବୋକା ଅଉ ଗଧ, ତାକୁ ହରକ୍ତ କଲେ ସେ ଏ ଗାଁ ଛାଡ଼ି ପଳେଇବ । ଟୋକାଟାଏ ତ; ତାକୁ ଜବତ୍ କରିବାକୁ କେତେ ବେଳ ! ଗାଲ ଲଣ୍ଡା ଆମ କଥା ଶୁଣିଲେ ହେଲା ।

ଅଲଣା— ନ ଶୁଣିବ ତ, ସେ ଭୋଗିବ । ମଲା ଯାଏ ଏହିପରି ଦୁଃଖ ମାରି ପେଟ ପୋଷିବ ।

ଫଲଣା— ଢ଼ରେ ଲଣ୍ଡା, କଣ କହୁଚୁ ? ବୁଦ୍ଧୁଭୁତ କଣ ହେବ ? ଏ ଟୋକାଟା ଯଦି ସାବାଡ଼ ହୁଏ ଏ ସବୁ ବିଷୟ ଆଶୟ ଯାହା ଅଛି ସେ ସବୁରେ ମାଲିକ ହବ ତୁମେ । କୋଠା ବାଡ଼ି, ଦଶ ବା ବାରଣ ଏକର ସୁଦ୍ଧ ସୁବର୍ଣ୍ଣ ଜମି, ନଗଦ ପଚିଶି ହଜାରେ କି ତିରିଶି ହଜାରେ ଟଙ୍କା, ଏ ସବୁ ତ ତୁମେ ପାଇବରେ ବାବୁ । ତୁମେ ସିନା ତାଙ୍କର ଓ୍ୱାରିସ, ଆମେ ତ ନୋହୁ ଯେ ସେଥିରୁ ଭାଗ ନେବୁ ।

ଲଣ୍ଡା ବଚରା ଟୋକା, ମାତ୍ର ବାଇଶି ବର୍ଷ, ଏତେ ପ୍ରଲୋଭନ, ତାର ଆଖିଟା ଝଲସି ଉଠିଲା, ସେ କଳ୍ପନା କରି ନେଲା, ଦୋତାଲା ପକ୍କା ଉପରେ ବସି ଝୁଲା ଚୌକିରେ ହାଉଆ ଖାଇବା ସୁଖ, ମନେ କରି ନେଲା ରଇତ ବାଇତଙ୍କ ଉପରେ ହୁକୁମ ଜାରିର ମଉଜ । ଭାବି ନେଲା, ଅଉ ସକାଳୁ ସନ୍ଧ୍ୟା ଯାଏ ଗତର ଖାଟି ମଧ ଏ ଓଳି ସେ ଓଳି ମୁଠାଏ ବଗଡ଼ା ଭାତ ପେଟରେ ପକାଇବାର ଭାବନା ରହିବ ନାହିଁ । ସେ କହିଲା, ଅଜ୍ଞା, ସତେ କଣ ଏ କଥା ହବ ?”

ଶିବ— ଅରେ ହବ, ସବୁ ହବ, ମନ ଥିଲେ ଲୋକେ ଲଙ୍କା ରାମେଶ୍ୱର ଯାଉଚନ୍ତି, ଅଉ ଏ କିବା ବଡ଼ କଥାଟେ ? ଗୋଟାଏ ଟୋକାର ପ୍ରାଣ ଶାସ୍ତ୍ରରେ କହିଚି ମଣିଷ ଜୀବନ ପାଣି ଫୋଟକା ପରି, ଗୋଟାଏ ଫୁଙ୍କାରରେ ଉଡ଼ିଯିବ ।

ଶିବୁ— ତୁ ଯଦି ଚାହୁ, ସେ କଥା କହ, ଆମେ ସବୁ କରିଦବୁ, ତତେ କିଛି କରିବାକୁ ହେବ ନାହିଁ ।

ଲଣ୍ଡା— ସେ ବରକୁ ହୋଇ ମଧ୍ୟ ଯଦି ଗାଁ ଛାଡ଼ି ନ ଯାଏ ?

ଶିବୁ— ତା ହେଲେ ଗୋଟାଏ ପିଲାର ଜୀବନ କେତେ କଡାର !

ଲଣ୍ଡା— କିନ୍ତୁ ଜୀବନରେ—

ଶିବୁ—ଅରେ ଯାଉ, ସେ ଯାହା କରିବାକୁ ହେବ, ସେ ସବୁ ଆମର, ତୁ ଖାଲି ଆମ କଥା ମାନି ଚଳବୁତ କହ ?

ଲଣ୍ଡା— ଅଚ୍ଛା, ଖାଲି ତାର ପ୍ରାଣଟା ନବା ଛଡ଼ା, ଅଉ ଯାହା କହିବେ ତା କରିବାକୁ ମୁଁ ରାଜି ଅଛି ।

ଶିବୁ— ତେବେ ଅଉ କଣ ? ଏଥରକ ତ ସବୁ ଆପଣଙ୍କ ଉପରେ କାବୁ ।

ଶିବ— କିନ୍ତୁ ଭାବ ଦେଖିତ, ଏଥିରେ ଖରଚ କେତେ ? ଏ ପଇସା ଅସବ କୁଅଡ଼ୁ ?

ଅଲଂଣା— ଅଚ୍ଛା, ସେଥିରେ ଅପଣ ସାହାଯ୍ୟ ନ କଲେ କଣ କିଛି ହୋଇ ପାରବ ?

ଶିବ— ମୁଁ ଏତେ ପଇସା କୁଆଡ଼ୁ ଆଣିବି ! ଆଣିଲେ ବା ମୁଁ ତୁଚ୍ଛ-ଟାରେ ପାଞ୍ଚ ହଜାରେ କି ଦଶ ହଜାର ଟଙ୍କା ଖର୍ଚ୍ଚ କରିବି କିଆଁ !

ଫଲଣା— ଅଚ୍ଛା ଟଙ୍କା ପାଞ୍ଚ ଦଶ ହଜାର ଆପଣଙ୍କୁ କେତେ ? ଯାନ ମୁନ୍ଦୁରାଛି କୁଅ ଥଣ୍ଟେ ନେଲା ଭଳ । ଅପଣ ସହାଯ୍ୟ ନ ହେଲେ ଅଉ ଏ ଖଣ୍ଡ ମଣ୍ଡଳରେ କାହାର ଯାଉ ଅଛି କଏ କରିବ ?

ଶିବ— ନା ନା, ଅପଣମାନେ ବୁଝିପାରୁ ନାହାନ୍ତି, ଏ ବଡ଼ ଶକ୍ତ କାମ । ଏଥିରେ ଭଲ-ମନ୍ଦ ନାନା ପ୍ରକାର କଥା ହୋଇପାରେ । ମୁଁ ମାଗଣା ଟଙ୍କା

ଦେଇ କାମ ତୁଲାଉ ଥିବୁ, ଯଦି କିଛି ଗୋଟାଏ ମନ୍ଦ ଘଟଣା ହୋଇଗଲା, ତା ହେଲେ ଲୋକେ ଜାଣିଲେ କହିବେ; "ଅରେ ଏଇତ ଟଙ୍କା ପଇସା ମାଗଣା ଦଉଥିଲେ, ଏଇ ସବୁ କରୁଚନ୍ତି," ମୋର କେତେ ଦୁର୍ନାମ ହବ ? ମୁଁ ସିନା ଭିତରେ ଭିତରେ ରହିବି ।

ଫଲଣା— ତା ଏକା ସତ କଥା, ହଇହେ ନନ୍ଦେ କଣ କହୁଚ ?

ଶିଶୁ— ମୁଁ କହୁଚି, ଲଣ୍ଡା ଗୋଟାଏ ଦଶ ହଜାର ଟଙ୍କାର ହାଣ୍ଡ ନୋଟ କରି ଦଉ, ତା ହେଲେ ତ କାମ ତୁଟିଯିବ ।

ଲଣ୍ଡା— ଦଶ ହଜାର ଟଙ୍କାର ହାଣ୍ଡ ନୋଟ ! ମୁଁ ଏତେ ଟଙ୍କା ପାଇବି କେଉଁ ଠାରୁ ଯେ ଶୁଝିବି !

ଫଲଣା— ଅରେ ପାଗଲ, ତତେ ତ ବିକିଲେ ଦଶଟା ଟଙ୍କା ବି ହବ ନାହିଁ, ଦଶ ହଜାର ଟଙ୍କାର ଯେ ହାଣ୍ଡ ନୋଟ କରି ଦେବୁ, ତାହା କଣ ଶୁଝିବୁ ବୋଲି କହିବୁ ? ଅମେ କଣ ବୁଝୁ ନାହୁଁ ସେ କଥାଟା ଅସମ୍ଭବ । ଖାଲି ଶିବ ବାବୁଙ୍କ କଥା ରଖିବା ପାଇଁ ଏ କଥାଟା କରିବାକୁ ହବ ମାତ୍ର ।

ଲଣ୍ଡା— ମୋ ଉପରେ ତ କିଛି ଦାୟିତ୍ୱ ଅସିବ ନାହିଁ !

ଫଲଣା— ଅରେ ଯାଃ ! କି ଦାୟିତ୍ୱ ଅସିବ ? ବୁଝୁ ନାହୁଁ, ଯେବେ ଅମ କାମ ଠିକ୍ ହୋଇଯିବ, ତୁ ଏତେ ସମ୍ପତ୍ତିରେ ମାଲିକ ହେବୁ । ଯଦି ଶିବ ବାବୁ ଟଙ୍କାଟା ନବା ପାଇଁ ଧରି ବସିବେ, ତା' ହେଲେ ସେତେ-କେଲେ ଦଶ ହଜାର ଟଙ୍କା ଶୁଝିବାକୁ ତତେ କେତେ ଘଡି ଲଗିବ ? ନାଇଁ ଯଦି ଏ କଥା କିଛି ନ ହେଲା ତା ହେଲେ ଶିବ ବାବୁ ତୋ ଠାରୁ ପାଇବେ କେଉଁଠା ଯେ ତତେ ଟଙ୍କା ମାଗିବେ ?

ଲଣ୍ଡା ଦେଖିଲା କଥାଟା ଠିକ । ସେ ରାଜି ହୋଇଗଲା । ଠିକ୍ ହେଲା ତହିଁ ଅର ଦିନ ଯାଇ ପୁରୀରେ ହାଣ୍ଡ ନୋଟଟା ରେଜେଷ୍ଟ୍ରି ହବ । କେହି ଯେପରି ନ ଜାଣନ୍ତି । ତା ପରେ କାର୍ଯ୍ୟ ଅରମ୍ଭ କରା ହେବ ।

# ୨

ଉପରେ ଯେ ସବୁ କଥା କୁହାଗଲା, ତାର ଟିକିଏ ଟିକା ଟିପ୍‌ପଣୀ ଦରକାର । ବଳ ବାବୁ ଓରଫ ବଳଭଦ୍ର ରଥ ଏଇ ମୟୂରପୁର ଗ୍ରାମର ଜଣେ ଭଦ୍ର ବ୍ୟକ୍ତି । ତାଙ୍କର ପିତା ଯେତେବେଳେ ମରିଗଲେ, ଛାଡ଼ି ଯାଇଥିଲେ ସମ୍ପତ୍ତି ମଧ୍ୟରେ ଦୁ ମାଣ ଧାନ ଜମି, ମାଣେ ନଡ଼ିଆ ବଗାଡ଼ ଓ ପାଏ ନଈ ଥିଲା ବାପଦ। ମଧ୍ୟରେ ଛାଡ଼ି ଯାଇଥିଲେ ଛ ବର୍ଷର ଗୋଟିଏ ପୁଅ 'ବଳ', ଷୋଳ ବର୍ଷର ଗୋଟିଏ କନିଆ ମାଇପ, ଓ ଏ ପଟେ ସେ ପଟେ ଦୁଇ ଘର ବିବାଦର ଲଣ୍ଠାର ବାପା ହରି ରଥେ ଓ ଚିନ୍ତାମଣି ରଥେ । ବଳ ବାବୁ ମାମୁଁ ଘରେ ରହି ଏଣ୍ଟ୍ରାନ୍ସ ପାଶ୍ କଲେ । କୋଡ଼ିଏ ଟଙ୍କା ବୃତ୍ତି ପାଇ ବଳ କଟକ ପଢ଼ିବାକୁ ଗଲେ । ଅଳ୍ପେ ଅଳ୍ପେ ସେ ଏମ୍. ଏ, ପାଶ କଲେ । ସବୁ ଥରେ ବୃତ୍ତି ନେଇଚନ୍ତି । ଗୋଟାଏ ଅଧେ ଟିଉସନ୍ କରି ବାଟ ଖର୍ଚ୍ଚା ତୁଲାଇଚନ୍ତି । ତା ପରେ ସେ ପୁଲିସ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ହେଲେ । ଭଲ ଭାବରେ ଓ ମନ୍ଦ ଭାବରେ ହରେକ ରକମ ଉପାୟରେ ସେ ଅନେକ ଟଙ୍କା ରୋଜଗାର କରି ଯାଇଥିଲେ । କିନ୍ତୁ ସେ ବେଶୀ ଦିନ ବଞ୍ଚି ପାରିଲେ ନାହିଁ । ଚାକିରି କରିବାର ଦଶ ବର୍ଷ ପରେ ସେ ଚମ୍ପାରନରେ ପ୍ଲେଗ ରୋଗରେ ମରିଯାଇ ଥିଲେ । ସେ ଚାକିରି କରି ବିବାହ ହୋଇଥିଲେ ।

ତାଙ୍କ ସ୍ତ୍ରୀ କୌଶଲ୍ୟା ଦେବୀ ବାଲେଶ୍ୱରର ବିଖ୍ୟାତ ଶତପଥି ବଂଶର ଝିଅ ପାଠ ଶାଠ ବେଶ୍ ଜାଣନ୍ତି, ବଡ ଚରିତ୍ରବତୀ । ସ୍ୱାମୀ ମରିଗଲା ବେଳକୁ ତାଙ୍କୁ ମାତ୍ର ବତିଶ ବର୍ଷ, କୋଳରେ ଗୋଟିଏ ବୋଲି ପୁଅ ଯୋଉଥି ବୟସ ୮ ବର୍ଷ ହବ । ତାଙ୍କର ଭାଇମାନେ, ତାଙ୍କୁ ବାପଘରେ ରହିବାକୁ କହୁଥିଲେ । ମାତ୍ର ସେ ସେ କଥାକୁ କାନ ଦେଲେ ନାହିଁ । କହିଲେ, "ମୋର ସ୍ୱାମୀ ଯେ ସମ୍ପତ୍ତି କରି ଯାଇଛନ୍ତି, ତାକୁ ଦେଖାଗୁଣା କଲେ ମୋ ଭାତ ଅଉ ଅଉ କିଏ ଖାଇବ ! ମୁଁ କାହିଁକି ତୁମ ଘରେ ରହିବି ?" ଏହା କହି ଅସି ଗାଁରେ ଅସନ ମାଡ଼ି ବସିଲେ । ପାଖ ପଡ଼ଶା ହିସ୍ସାଦାରମାନେ ଅଶା କରି ଥିଲେ ଏ ମାଇପି ଲୋକଟା ତା ବାପଘରେ ରହିବ ଅମେ ସବୁ ମାରି ପିଟି ଖାଇବୁଁ । ସେ ଅସି ଅସନ ମାଡ଼ି ବସିବାରୁ ସେମାନଙ୍କ ମନ ଫିକା ପଡ଼ିଗଲା। ତଥାପି ଅଶା ଥିଲା, ଯେତେ ହେଲେ ମାଇପି ଲୋକଟା, ଅମମାନଙ୍କର ସାହାଯ୍ୟ ନ ନେଇ ଚଳିବ କେତେକେ ? କିନ୍ତୁ ଦେଖିଲେ କୌଶଲ୍ୟା ଦେବୀ ସେମାନଙ୍କ ସାହାଯ୍ୟ ନେଲେ ସତ, କିନ୍ତୁ ସେଥିରେ ସେମାନଙ୍କର ପଡ଼ିଶମହିଁ ସାର । କଅଁଳ କଥା, ଅଦର ଅଭ୍ୟର୍ଥନା, ଖୋସାମଦ ତୋସାମଦ, ବେଳେ ବେଳେ ଦ୍ରବ୍ୟ ସବୁ ଅଣ୍ଡି ଓ ବିବିଧ ପ୍ରକାର ବ୍ୟଞ୍ଜନରେ ତ ଅଶା ମେଣ୍ଟିବାର ନୁହେଁ । କିନ୍ତୁ ତା ଠାରୁ ବେଶୀ ପାଇବାର ଉପାୟ ନଥିଲା । କୌଶଲ୍ୟା-ଦେବୀ ଧାନ କଲେଇ ଠାରୁ ନଡ଼ିଆ ପର୍ଯ୍ୟନ୍ତ ହିସାବ ରଖନ୍ତି ।

ତା ପରେ ଗାଁର ଗୋଟାଏ ଅଧେ ମାମଲତକାରଅଙ୍କ ବୁଦ୍ଧିରେ ପଡ଼ି ସେମାନେ ବଳ ବାବୁଙ୍କର ଯେଉଁଠି ଯେଉଠି ଜମି ସେମାନଙ୍କ ଜମି ପାଖରେ ଅଛି ସେହି ସେହି ଜମି ଲୁଟିବାକୁ ଅରମ୍ଭ କଲେ । କୌଶଲ୍ୟ ଦେବୀ ଭଦ୍ର ଭାବରେ ସେମାନଙ୍କୁ ନିରସ୍ତ କରିବାକୁ ଚେଷ୍ଟା କରି ନିରାଶ ହୋଇ

ଶେଷରେ ସେଇ ସେଇ ଛଟି ଝାଞ୍ଜୁଆ ଝାଞ୍ଜୁଆ ରଇତ ଦେଖି ଲଗାଇ ଦେଲେ ଚନ୍ଦ୍ରାମଣି ଓ ହରି ଉଭୟେ ଗରିବ ଓ ଭୟାଳୁ । ସ୍ତ୍ରୀ ମାଇପିଙ୍କୁ ଠକି ଖାଇବାର ବଳ ସେମାନଙ୍କର ଥିଲେ ମଧ୍ୟ, ରଇତମାନଙ୍କ ସହିତ ଲଢ଼େଇ କରିବାର ସାହସ ସେମାନଙ୍କର ନଥିଲା । ସେଥିରେ ନ ପାରି ସେମାନେ ଦାଣ୍ଡ ଅଡ଼ ବାଡ଼ି ଅଡ଼ ମେଢ଼ୁଅ, ନଡ଼ିଆ ଓ ପଣସ ଗଛ ଲୁଟ୍ କରିବାକୁ ଆରମ୍ଭ କଲେ । ସେଥିରେ ମଧ୍ୟ କୌଶଲ୍ୟା ଦେବୀ ଭଦ୍ର ଭାବରେ ପ୍ରତିବାଦ କରିବାକୁ ଗଲେ ସେମାନେ ଦଳ ବଳ ଘେନି ତାଙ୍କ ସାଙ୍ଗରେ କଳିକରିବାକୁ ଆରମ୍ଭ କଲେ । କୌଶଲ୍ୟା ଦେବୀ ଦେଖିଲେ ସାମାନ୍ୟ କଥାରେ ତାଙ୍କ ସାଙ୍ଗରେ ଇତର ଲୋକ ଭଳି କଳି କରିବା ଅସମ୍ଭବ । ସେଥିପାଇଁ ସେ ଦାଣ୍ଡ ଅଡ଼ ବାଡ଼ି ଅଡ଼ ଗଛମାନଙ୍କର ଆୟ ଆଶା ଛାଡ଼ିଦେଲେ । ଯେତେବେଳେ ପାରନ୍ତି ଓ ସେମାନଙ୍କ ଠାରୁ ଯାହା ବଳେ, ତାହା ଆଦାୟ କରନ୍ତି ଓ ଯାହା ନପାରନ୍ତି, ତା ଲାଗି ମନରେ ଦୁଃଖ କରନ୍ତି ନାହିଁ । କିବା ଆୟ ? ତାଙ୍କର ସେଥିରେ କିବା କ୍ଷତି ହେବ ? ତଥାପି ମାଇପି ଲୋକ ଆଖି ସାମ-ନାରେ ନିଜର ଜିନିଷ ଗୁଡ଼ାକ ଉଜୁଡ଼ି ଯିବାର ଦେଖି କେତେ ଜିଭ କାମୁଡ଼ି ରହିବେ ? କେବେ କେବେ ପଦେ ଅଧେ କହିଦେଲେ ଦୁ ପଡ଼ିଶା ତାଙ୍କ ସାଙ୍ଗରେ କଳି କରିବାକୁ ଧାଇଁ ଆସନ୍ତି । ନାନା ପ୍ରକାର କାନ ନ ଶୁଣା କଥାରେ ଗାଳି ଦିଅନ୍ତି । ସେ ସବୁ ପିଠିକି ପକେଇ ଦେଇ ଘରେ ଚୁପ୍ କରି ବସି ରହନ୍ତି । ଏ ସବୁ ପରେ ମଧ୍ୟ, ଲଣ୍ଡା ବୋଉ ଓ ଚନ୍ଦ୍ରାମଣିଙ୍କ ସ୍ତ୍ରୀ ଅକାଳେ ସକାଳେ ଲୁଣଟା, ତେଲଟା, ତରକାରିଟା, ମାଛଟା ମାଗି ଆସିଲେ ସେ ନାଁ ବୋଲି କହନ୍ତି ନାହିଁ ।

ଏହିପରି ଦୁଃଖରେ ସୁଖରେ ଦୁଇ ତିନି ବର୍ଷ କଟିଗଲା । କୌଶଲ୍ୟା ଦେବୀଙ୍କର ଜଣେ ଗୁମାସ୍ତା ଥାଏ । ତାଙ୍କର ସମ୍ପତ୍ତି ବଢ଼ି ଚାଲିଚି ।

ଖାଇବାକୁ ଘରେ ଦୁଇଟା ପେଟ ମାତ୍ର । ତେବେ ସମ୍ପତ୍ତି, ନ ବଢ଼ି ଯାଏ କୁଆଡ଼େ ? ସେ ଏକା ଏ ସବୁ ଅଉଟେଇବାକୁ ସକ୍ଷମ ହେଲେ ନାହିଁ ବୋଲି ଜଣେ ଗୁମାସ୍ତା ରଖିଲେ । ଗୁମାସ୍ତା ମଧ୍ୟ ସେହି ଗାଁର, ନାମ କାଳୁ ମହାପାତ୍ରେ ଶେଷରେ ପଡ଼ଶାମାନେ ଗାଁରେ ଗୋଟାଏ ରଟନା କଲେ ଯେ କୌଶଲ୍ୟା କାଳୁ ମହାପାତ୍ରଙ୍କ ସହିତ ପାପ ପ୍ରଣୟରେ ପଡ଼ି ଗର୍ଭ ହୋଇଛନ୍ତି । କୌଶଲ୍ୟା ଦେବୀଙ୍କ କାନକୁ ସେ କଥା ଗଲେ, ସେ ପ୍ରଥମେ ସେ କଥାକୁ ହସରେ ହସରେ ଉଡ଼େଇ ଦେଇଥିଲେ, କିନ୍ତୁ ଯେତେବେଳେ ସେମାନେ ଦେଖିଲେ ଯେ ତାଙ୍କର ଖୁଡ଼ୁତାଭାଇ ଦୁଇ ଜଣ ଏହି କଥା ନେଇ ଗାଁରେ ତାଙ୍କୁ ଏକ ଘରକିଆ କରିବାର ଯୋଗାଡ଼ କରୁଛନ୍ତି ଓ ବିଚରା କାଳୁ ମହାପାତ୍ରଙ୍କୁ ମଧ୍ୟ ବିପଦରେ ପକାଇବାର ଉପାୟ କରୁଛନ୍ତି ସେତେବେଳେ ସେ ଆଉ ଥୟ ଧରି ରହି ପାରିଲେ ନାହିଁ । ଭାଇମାନଙ୍କୁ ଡ଼କାଇ, ମହାପାତ୍ରଙ୍କୁ ବୁଝାଇ, ଏ ଦୁଇ ଜଣଙ୍କ ନାଁରେ ଫୌଜଦାରୀ ଅଦାଲତରେ ଓ ଦେଓ୍ୱାନୀ ଅଦାଲତରେ ମାନ ହାନି ମକଦମା ମଧ୍ୟ ହେଲା । ଗାଁ ବାସିମାନେ ପଞ୍ଚାଏତ କରି କଥାଟାକୁ ମିଶାଇ ଦେଲେ । ଚିନ୍ତାମଣି ଓ ହରି ମିଥ୍ୟା ଅପବାଦ ଦେଇ ଥିବାରୁ କୌଶଲ୍ୟା ଦେବୀଙ୍କୁ ଖେସାରତ୍ ସ୍ୱରୂପ ପଚିଶ ଟଙ୍କା ଲେଖାଏଁ ଜୋରିମାନା ଦବାର ଠିକ୍ ହେଲା । କୌଶଲ୍ୟା ଦେବୀ ସେମାନଙ୍କ ଠାରୁ ପଚିଶ ପାଞ୍ଚଲା ଲେଖାଏଁ ଆଦାୟ କରି ବାକି ଟଙ୍କାରୁ ସେମାନଙ୍କୁ ମାଫ ଦେଲେ ।

ଗାଁର ମଙ୍ଗଳ କାମରେ କୌଶଲ୍ୟାଦେବୀ କେତେ କେତେ ଟଙ୍କା ପଇସା ଦିଅନ୍ତି । ଗାଁ ଇସ୍କୁଲ ଘର ବି ତାଙ୍କରି ଦାନର ଫଳ । ଦୋଳରେ ନାଗା ନାଚ, ଶୀତଳ ଷଷ୍ଠୀର ବାଣ ଭେଦା, ସାଗର ସ୍ନାନ ମେଳା ଓ ସରନ୍ତୁ ସୋମବାର ଲୋକନାଥ ମଉଜକୁ ଗାଁରେ ସମସ୍ତେ ବଜାର ମୁଣ୍ଡକୁ ଗ୍ରହଣା

କରି ଦେବା ହେଲା ବେଳେ, କୌଶଲ୍ୟା ଦେବୀ ବଜାରକୁ ଟଙ୍କାଏ ଦେଇ ଟଙ୍କା କରି ଦବାକୁ ନିୟମ ବାନ୍ଧି ଦେଇଥିଲେ । ଏହି ସବୁ କାରଣରୁ ଗାଁର ଅଧିକାଂଶ ଲୋକ କୌଶଲ୍ୟା ଦେବୀଙ୍କ ଉପରେ ଭାରି ଖୁସି ଥାଆନ୍ତି । ତଥାପି ତାଙ୍କ ତୁଳନାରେ ହରି ଓ ଚିନ୍ତାମଣିଙ୍କର କଷ୍ଟ ଦେଖି ବେଳେ ୨ ଗାଁ ଲୋକମାନଙ୍କର ସହାନୁଭୂତି ଓ ଅନୁକମ୍ପା ହରି ଚିନ୍ତାମଣିଙ୍କ ଆଡ଼କୁ ଟଳି ପଡ଼େ । ଏହିପରି ମୁହୂର୍ତ୍ତରେ ଗାଁ ଭିତର ବାର୍ଣ୍ଡି ଉପରେ ସନ୍ଧ୍ୟାବେଳେ କଥା ଗଡ଼ିଲେ କେହି କେହି ଏମାନଙ୍କର ଉପକାର ନ କରିବାରୁ କୌଶଲ୍ୟା ଦେବୀଙ୍କୁ ଦୋଷ ମଧ୍ୟ ଦିଅନ୍ତି । ଏମାନେ ତ ଅଉ ଭିତରି କଥା ବୁଝନ୍ତି ନାହିଁ । ବୁଝନ୍ତି ନାହିଁ ଯେ ସାଧୁ ଭାବରେ ଦି ପଇସା ତାଙ୍କ ଠାରୁ ରୋଜଗାର କରି ନେବା ପାଇଁ ଏମାନଙ୍କୁ କୌଶଲ୍ୟା ଦେବୀ ଯଥେଷ୍ଟ ସୁବିଧା ଦେଇଥିଲେ; କିନ୍ତୁ ଏମାନଙ୍କର ଇଚ୍ଛା ରୋଜଗାର କରିବା ନ ହୋଇ ଲୁଟି କରିବା ଥିବାରୁ ବାଧ୍ୟ ହୋଇ କୌଶଲ୍ୟା ଦେବୀ ସେମାନଙ୍କର ହାତ ଯେପରି ତାଙ୍କ ସମ୍ପତ୍ତିରେ ନ ଲାଗେ ତାହାର ବ୍ୟବସ୍ଥା କରିଥିଲେ । ବୁଝନ୍ତି ନାହିଁ ଯେ ଯେଉଁଥର କୌଶଲ୍ୟା ଦେବୀ ଚିନ୍ତାମଣି ରଥଙ୍କୁ ବ୍ରହ୍ମପୁର ଚକକୁ ଧାନ ଅମଳ କରିବାକୁ ପଠାଇଥିଲେ, ସେ ଥରକ ରଥେ କିପରି ପ୍ରତି ପୌଟିଏ ଧାନରେ ୫ ଗୋଣି ନିଜ ଘରକୁ ପଠାଇ ଦେଇ ଥିଲେ ।

୫

ଯାହା ହେଉ ସବୁ କଥା ନ ଜାଣି ଥିବାରୁ ଲୋକମାନଙ୍କର ଯାହା ଏ ଅକାଳ ସକାଳ ସହାନୁଭୂତି ହରି ଓ ଚିନ୍ତାମଣି ପାଉଥିଲେ, ଅଗର ସେଇ ଘଟଣା ପରେ ସେମାନେ ସେତକ ମଧ୍ୟ ହରାଇଲେ । ଏଣେ ଚିନ୍ତାମଣି ଓ ହରିଙ୍କ ଉପରୁ ଲୋକଙ୍କର ମମତା ଯେତିକି ତୁଟି ଯାଉଥାଏ ତେଣେ କୌଶଲ୍ୟା ଦେବୀଙ୍କ ଉପରେ ସାଧାରଣଙ୍କର ଶ୍ରଦ୍ଧା ଓ ଭକ୍ତି ମଧ୍ୟ ସେହି

ପରିମାଣରେ ବଢ଼ି ଯାଉ ଥାଏ । ଗାଁର ସାଧାରଣ କଥାରେ କୌଶଲ୍ୟା ଦେବୀଙ୍କର ଯେ ପଦେ ଅଧେ କହିବାର ଅଛି ଅଉ ସେ ପଦ ଅଧକ ଯେ ଶୁଣିବାର ଯୋଗ୍ୟ ତାହା ଲୋକେ ଅସ୍ତେ ଅସ୍ତେ ବୁଝିପାରିଲେ । ଥରେ ଗାଁରେ ସଭା ବସିଲା । ସେତେବେଳେ ବନ୍ଦୋବସ୍ତ ଲାଗିଥାଏ । ଗାଁର କେତେ ଜଣ କହିଲେ ଯେ ଏଥର ବନ୍ଦୋବସ୍ତରେ ଗାଁର ମହାଦେବ ବଟେଶ୍ୱରଙ୍କ ଜମିଗୁଡ଼ାକ ଯେ ଥର ବନ୍ଦୋବସ୍ତ ମାନଙ୍କରେ ସେବକମାନଙ୍କ ନାମରେ ହୋଇ ଯାଇଥିଲା, ତାହା ଖାରଜ କରାଯାଇ ବ୍ରାହ୍ମଣମାନଙ୍କର ନାମ ମାରଫତଦାର ସୂତ୍ରେ ଲେଖାଯାଉ ! କିନ୍ତୁ ସେ ଏକ ମସ୍ତ ବ୍ୟାପାର । ସେବକମାନେ ଏତେ ବର୍ଷ ଧରି ଯେ ଜମି ଗୁଡ଼ାକ ଭୋଗ ଦଖଲ କରି ଆସୁଛନ୍ତି ସେମାନେ ତାହା ଛାଡ଼ିଦେବେ କାହିଁକି ? ଫଳରେ ମାଲ ମକଦମା କରିବାକୁ ହେବ । ଏ ମାଲ ମକଦମା ଖୁବ୍ ସମ୍ଭବ ବନ୍ଦୋବସ୍ତରେ ତୁଟିବ ନାହିଁ । ଦେଓ୍ୱାନି କରିବାକୁ ହବ ! ଏ ସବୁରେ ଖର୍ଚ୍ଚ ଅନେକ । ଏତେ ଖର୍ଚ୍ଚ କରି ମଧ୍ୟ ହବ କି ନ ହବ ଯଥେଷ୍ଟ ସନ୍ଦେହ ରହିଛି । ଗ୍ରାମର ମୁଖିଆ ମୁଖିଆ ମାନେ ଏ ସବୁ କଥା ବିଚାର କରି ଦୋ ଦୋ ପାଞ୍ଚ ହଉଚନ୍ତି ଏପରି ସମୟରେ ଫଲଣା ଛାଅଡ଼ିଏ କହିଲେ ଶିବ ବାବୁଙ୍କୁ ଏ ବିଷୟରେ ପଚାରିଲେ ହୁଅନ୍ତା ନାହିଁ ? ତାଙ୍କୁ କେଉଁ ଆଇନ ଅଜଣା ? ନକ୍କେ କଲେକ୍ଟର କମିସନର ସାହେବ ଇତ୍ୟାଦି...... ମୁଖିଆମାନେ ଗୋଟାଏ ଭଲ ଉପାୟର ବାଟ ଦେଖି ଫଲଣାକୁ ସାବାସ ସାବାସ କଲେ । ତା ପରେ ବିଷୟଟା ଶିବ ବାବୁଙ୍କ ପାଖକୁ ଗଲା । ସେ କହିଲେ ଯେ ଠାକୁର ଯେତେବେଳେ ଗ୍ରାମର, ଠାକୁରଙ୍କ ଖଞ୍ଜା ଜମି ମଧ୍ୟ ଗ୍ରାମର । ତାହା ସେବକମାନଙ୍କର କୌଣସି ସମ୍ପତ୍ତି ନୁହେ । ସେମାନେ ସେବକ ମାତ୍ର, ମାରଫତଦାର ଗାଁ ମହାଦେବ । ଗାଁ ବସିଲା ବେଳେ ସନନ୍ଦ ସବୁ ଦେଖାଇ ଏହା ପ୍ରମାଣ କରା ଯାଇ ପାରେ । କିନ୍ତୁ ମୋର ବିଶ୍ୱାସ, କଥାଟା ସେ ଯାଏ ଯିବ ନାହିଁ ।

ସେବକମାନେ ମାତ୍ର ୨୦ ୨୫ ଘର । ଆମେ ହେଲେହଁ ୩୦୦ ଘର । ଅମ୍ଭେମାନେ ବିଗିଡ଼ିଲେ ସେମାନଙ୍କର ଦାଣ୍ଡରେ ଯିବା ଆସିବା ପର୍ଯ୍ୟନ୍ତ ବନ୍ଦ ହୋଇଯିବ । ଆଉ ଟଙ୍କା ପଇସା କଥା ? ଗାଁର ମଙ୍ଗଳ ପାଇଁ ଦରକାର ହେଲେ ମୁଁ ଦଶ ହଜାର ଟଙ୍କା ଦେଇ ପାରେ । ଆପଣମାନେ ଚାନ୍ଦା-ଚୂନ୍ଦା କରି ଚଳାନ୍ତୁ କେତେ ଦୂର ଚଳୁଛି । ତା ପରେ ମୁଁ ଯଥା ସାହାଯ୍ୟ ଦେବି ।

ଗ୍ରାମର ମୁଖିଆ ଯେଉଁମାନେ ଆସିଥିଲେ, ସେମାନେ ଏ କଥା ଶୁଣି ଏକାବେଳେକେ ବିଶ୍ୱାସ କରି ବସିଲେ ଯେ ଠାକୁରଙ୍କ ଜମିଗୁଡ଼ାକ ଗାଁ ମହାଜନମାନଙ୍କ ନାମରେ ହୋଇଯିବା ଅତି ସହଜ ଜିନିଷ । ସେମାନେ ଫେରିଆସି ଗାଁ ମୁକ୍ତ୍ୟାରଙ୍କ ଦ୍ୱାରା ସଭା ଡକାଇଲେ । ଗାଁର ସବୁ ଲୋକେ ଆସି ଜମିଥାନ୍ତି । କାଲୁ ମହାପାତ୍ରେ ମଧ୍ୟ ଆସିଥାନ୍ତି । ଯେତେବେଳେ ସଭାରେ କଥା ଉଠେ, ସେତେବେଳେ ଗାଁର କେହି କେହି ବିଶେଷତଃ ରଥ ସାଇଆମାନେ ମହାପାତ୍ରଙ୍କୁ ପଚାରିଲେ, "ହଇଏ, ବାବୁଆଣୀଙ୍କି ଏ କଥା ପଚାରିଥିଲ, ସେ କଣ କହିଲେ ?" ମହାପାତ୍ରେ କହିଲେ, "ବାବୁଆଣୀଙ୍କର ଇଚ୍ଛା ଏ ସବୁ ଗୋଲମାଲକୁ ନ ଯିବା ଭଲ ।" ଶିଶୁପାଳ ଉଠିପଡ଼ି କହିଲେ, "ହ ମାଇକିନିଆଁ ଜାତିଟି, ବୁଦ୍ଧିଟା ଆଉ କେତେ ଦୂର ଯିବ ?" ଏ କଥାର ପ୍ରତିବାଦ କରି ଜଣେ କହିଲେ, ଆଉ ଜଣେ ତାଙ୍କ କଥା କାଟିଲେ, ଏହିପରି ହଉ ହଉ ଗୋଟାଏ ଗୋଲମାଲ ଆରମ୍ଭ ହେଲା । ଗୋଲମାଲ ସରିଲା ପରେ ଏ ମୁଣ୍ଡର ମୁଖିଆ ମାଧ କାହାନପତିଏ ଚୂନୂପସ ମେଞ୍ଚଏ ଦନ୍ତୁ ଦନ୍ତୁ କହିଲେ, ବୁଝିଲ ନାହିଁ କହେ ! ଏ ହେଲା ସାଧାରଣଙ୍କ କଥା, ସମସ୍ତେ ଏ କାର୍ଯ୍ୟରେ ଚାନ୍ଦା ଦେବେ, ଫଳରେ ସମସ୍ତଙ୍କର ଏ ବିଷୟରେ ନିଜର ମତାମତ ଦେବାର ଅଧିକାର ଅଛି । ମାଇପି ବୋଲି କହି ଉଡ଼େଇ ଦେଲେ ଚଳିବ ନାହିଁ । ଅମ୍ଭେମାନେ ଅନେକ କ୍ଷେତ୍ରରେ ଦେଖିଛୁଁ ବାବୁଆଣୀଙ୍କର

ଉପଦେଶ ପରାମର୍ଶ ଏ ଗାଁର ଶଭକଢ଼ା ନବେକଣ ମର୍ଦଙ୍କ ଠାରୁ ମଧ୍ୟ ମିଳିବ ନାହିଁ । ଶାସ୍ତ୍ରରେ କହିଛି 'ବାଲାଦପି ସୁଭାଷିତଂ' ସୁତରାଂ ଅପଣମାନେ ତାଙ୍କର କାରଣଟା ମନ ଦେଇ ଟିକିଏ ଶୁଣନ୍ତୁ, ତା ପରେ ନ ହେଲେ ଅପଣମାନେ ତାକୁ ପ୍ରତ୍ୟାଖ୍ୟାନ କରି ପାରନ୍ତି ।"

ଜାହାନପତିଏ ପଣ୍ଡିତ ବ୍ୟକ୍ତି ପୁଣି ବୁଢ଼ା, ତାଙ୍କ କଥାକୁ ସମସ୍ତେ ଖାତିର କରନ୍ତି ଟିକିଏ ସବୁବେଳେ, ଏ କଥାଟା ପୁଣି ସମସ୍ତଙ୍କ ମନକୁ ଅସିଲା । ସମସ୍ତେ ଚୁପ-ଚାପ ହେଲା ପରେ ମାହାପାତ୍ରେ ଉତ୍ତରରେ କହିଲେ, "ବାବୁ-ଅଣୀ ଜାଣନ୍ତି ଯେ, ସେବକମାନେ ଯୁ ସମ୍ପତ୍ତି ଅଢ଼ବ ସାତ ପୁରୁଷ ଧରି ଭୋଗ କରି ଆସୁଅଛନ୍ତି, ତାକୁ କଣ ସେମାନେ ଏପରି ସହଜରେ ଛାଡ଼ି ଦେବେ ? ଫଳରେ ତା ଲଗି ମାଲି ମକଦମା ହବ । ଏତେ ଟଙ୍କା ଅସିବ କୁଆଡ଼ୁ ? ଗାଁରେ ଚାନ୍ଦା କଲେ ଗରିବ-ଗୁରୁବାଙ୍କ ଉପରେ ସିନା ବେଶୀ କଷ୍ଟ ହବ । ସେ କଷ୍ଟ ହେଉ ବା କଣ ହବ ? ଜାଜର ଚଉପୁଡ଼ି ଡ ଘଡ଼ା ଭର୍ତ୍ତି ହବ ନାହିଁ, ଯୁ ଠେଇ ହଜାର ହଜାର ଦରକାର, ସେଠି ଚାରଣା ଅଠଣା ଚାନ୍ଦା କ କୁଲେଇବ ? ତେଣେ ସେବକମାନେ ଯେ ଲଢ଼ିବେ ସେ ଖର୍ଚ୍ଚ ଅଣିବେ କୁଆଡ଼ୁ ? ସେଇ ଠାକୁରଙ୍କ ଜମି ବିକ୍କ ଖଞ୍ଜିତ ? ତା ପରେ ଅପଣମାନେ ଦେଖନ୍ତୁ, ଶେଷ ଫଳଟା କଣ ହେବ ? ଧରନ୍ତୁ ଅପଣମାନଙ୍କ ନା'ରେ ଜମି ହୋଇଗଲା, ସେଥିରେ ଅମର କଣ୍ଟ ଲାଭ ଅଛି ! ଦିଅଁଙ୍କର ଜମି, ଯାହା ପାଇବେ ସେଇ ଦିଅଁଙ୍କ ପିଣ୍ଡ ଖର୍ଚ୍ଚ ହେବ । ଟାଲ ବାଡ଼ ହେଇ କଣ ଏତକ ହବ ଯେ, ଅଜକାଲ ଯେପରି ଗୋଡ଼ ଉପରେ ଗୋଡ଼ ଦେଇ ଘରେ ବସିଚନ୍ତି ଏଣେ ଦିଅଁଙ୍କ କାମ ସବୁ ସୁରୁଖୁରୁରେ ହୋଇ ଯାଉଛି ତା ନ ହେଇ ଅମେ ସବୁ ଖଟି ଖଟି ମରିବା, ଅଉ ସେବକମାନେ ସାନ୍ତେନ ହୋଇ ବସିବେ ।"

ଅଧିକାଂଶ ମନକୁ କଥା ଗୁଡ଼ାକ ଏକ ବାରେ ବେଦର ଗାର ପରି ପାଇଗଲା । ଶିବ ବାବୁଙ୍କର ପାର୍ଶ୍ୱଚରମାନେ ଗାଁ ଲୋକଙ୍କ ଭିତରେ ମାଲି-ମକଦ୍ଦମାର ଇଚ୍ଛାକୁ ଜଗେଇବା ପାଇଁ ଆଉ ଥରେ ଦୁ ଥର ଚେଷ୍ଟା କଲେ, କିନ୍ତୁ ଦେଖିଲେ, ତାହା ଅସମ୍ଭବ । ଆଉ ମଧ୍ୟ ଏ ଘଟଣା ପରେ ସେମାନେ ଅଳ୍ପେ ଅଳ୍ପେ ଅନୁଭବ କଲେ ଯେ ଶିବ ବାବୁଙ୍କର ପ୍ରତିପତ୍ତି ଅଳ୍ପେ ଅଳ୍ପେ କମି ଯାଉଛି ଓ କଥାରେ କଥାରେ କୌଶଲ୍ୟା ଦେବୀଙ୍କ ମତକୁ ଅପେକ୍ଷା କରିବା ଲୋକମାନଙ୍କର ଅଭ୍ୟାସ ହୋଇ ଆସୁଛି ।

ଅବଶ୍ୟ ଶିବ ବାବୁଙ୍କ ଭଳି ପଣ୍ଡିତ, ବିଖ୍ୟାତ ଓ ବୁଦ୍ଧିମାନ ଲୋକ ଯେ ଏଇ ସାମାନ୍ୟ କାରଣକୁ ନେଇ ଯୋଉଥି ସମ୍ବନ୍ଧରେ ଏତେ ପାଞ୍ଚ ଠିକ୍ କରୁଥିଲେ ସେ କଥା ଆମେ କହୁନାହୁଁ । ହୋଇପାରେ ସେ ପ୍ରକୃତରେ ଲଣ୍ଡା ହେରିକାଂକ ଦୁଃଖରେ ଦୁଃଖି । ହୋଇପାରେ ସେ ପ୍ରକୃତରେ ବଳି ବାବୁ ଓ ପରେ କୌଶଲ୍ୟା ଦେବୀଙ୍କର ତାଙ୍କ ଔରସ ମାନଙ୍କ ପ୍ରତି ବ୍ୟବ-ହାରକୁ ଅନ୍ୟାୟ ବୋଲି ଭାବୁଥିଲେ । ଆମେ କାର୍ଯ୍ୟ କାରଣ ବତାଇବାକୁ ବସି ନାହୁଁ । ଠିକ୍ ଠିକ୍ ଘଟଣା ଯାହା ଘଟିଛି, ସେଇ ଗୁଡ଼ିକ ଯଥାକ୍ରମେ ବର୍ଣ୍ଣନା କରି ପାରିଲେ, ଆମର କାମ ଶେଷ ।

# ୩

ବାବୁଆଣୀଙ୍କ ସମ୍ବନ୍ଧରେ ଉପରେ ଯାହା ସବୁ କୁହାଗଲା, ସେଥିରୁ ଜଣେ ଲୋକ ବୁଝିବା ସ୍ୱାଭାବିକ ଯେ ସେ ତାଙ୍କର ଏକ ମାତ୍ର ପୁଅଟିର ପଢ଼ା ପଢ଼ି ଇତ୍ୟାଦି ବିଷୟରେ ଯଥେଷ୍ଟ ଯତ୍ନ ନେଉଥିଲେ ନିଶ୍ଚୟ । କିନ୍ତୁ ଅସଲ କଥା ଧୋଇଆ କଥା ପଡ଼ିଲେ ଶିଖଣ୍ଡୀକୁ ଦେଖି ଭୀଷ୍ମଙ୍କ ବଳ ବୀର୍ଯ୍ୟ ଲୁପ୍ତ ହୋଇଗଲା ଭଳି, ତାଙ୍କର ସବୁ ବିଦ୍ୟା ବୁଦ୍ଧି ଓ ବିବେକ ହଜିଯାଏ ।

ଧୋଇଆର ପାଞ୍ଚ ବର୍ଷ ପୂରି ଯିବା ସଙ୍ଗେ ସଙ୍ଗେ ବାଲି ବାବୁ ଘରେ ଗୋଟିଏ ମାଷ୍ଟର ରଖି ତାକୁ ପାଠ ପଢ଼େଇବାକୁ ଆରମ୍ଭ କଲେ । କିନ୍ତୁ ଘର ଭିତରୁ କଡ଼ା ହୁକୁମ ଆସିଲା, ଧୋଇଆ ଦିନରେ ଯେପରି ମାଷ୍ଟର ବାଡ଼ି ଟିପ ନ ଦିଅନ୍ତି । ମାଷ୍ଟର ବିଚରା ବଡ଼ ଫିସାଦରେ ପଡ଼ିଗଲେ । ମାଡ଼ ନ ଦେଇ ଧୋଇଆ ଭଳି ପିଲାକୁ ପାଠ ପଢ଼ାଇବା ଯେ କେତେ କଷ୍ଟର କଥା, ତାହା ଯେ ଅଙ୍ଗେ ନିଭାଉଛନ୍ତି ସେ ଏକା ଜାଣେ । କୋଉଠୁ ଶିଖିଲା ସେ କେଜାଣି, ମାଷ୍ଟରେ ଯେବେ କହନ୍ତି କରେ ଧୋଇଆ, କହ ଅ ଆ, ତେବେ ଧୋଇଆ କହିବ, "ବୋଉ କହିଛି ଘରେ ଯା ।" ମାଷ୍ଟରେ ଯଦି

କେତେବେଳେ ଟିକିଏ ଅଛି ଦେଇ ଦେଲେ, ତା ହେଲେ ପୋଇଅ କାନ୍ଦ-କାଟି ଘର ଉଷାଇଦବ । ଘରେ ଯାଇ କହିବ ମାଷ୍ଟରେ ମୋତେ ମାରିଲେ । ତା ପରେ ମାଷ୍ଟର ବଦଳି କୈଫିୟତ ଦେଇ ଦେଇ ଅଥୟ । କଥା ପଡ଼ିଲେ ବାବୁଆଣୀ କହନ୍ତି, "ଉଠିଅଣି ପିଲାଙ୍କ, ସେ କ'ଣ ପାଠର କଥା ବୁଝିଲାଣି ! ତାଙ୍କୁ ଯିନା ବୁଝେଇ-ସୁଝେଇ ହସେଇ-ଖେଳେଇ ଯାହା ପାରନ୍ତେ ପଢ଼ାନ୍ତେ ! ମାଷ୍ଟରଙ୍କ କିଛି କାମର ନୁହେ ।" ମାଷ୍ଟର ବଦଳି ଶେଷକୁ ବିଷ୍ଣୁ ଶର୍ମାଙ୍କ ନୀତି ଅଣ୍ଡା କରି ପୋଇଅଙ୍କୁ ପାଖରେ ବସାଇ ପାଠ ପଢ଼ାର ଉପକାରିତା ବିଷୟରେ ଗପ କହିବାକୁ ଆରମ୍ଭ କଲେ । ମଦୁଆର ମଦ ଖାଇବା ଅଣା ବଢ଼ିଲା ଭଳି, ପୋଇଅ ଯେତିକି ଗପ ଶୁଣେ, ତାର ଗପ ଶୁଣିବାର ଇଚ୍ଛା ସେତିକି ବଢ଼େ । ପାଠ ପଢ଼ୁଅ ବାବୁମାନଙ୍କର କୀର୍ତ୍ତି କଳାପର ଗପ ମାଷ୍ଟରଙ୍କ ଠାରୁ ଶୁଣି, ସେ ଘରକୁ ଆସିଲେ ବୋଉଙ୍କ ପାଖରୁ ରଜାଘର ପୁଅ କଥା, କଲୁରି ବେଙ୍ଗ କଥା, ନେଉଳ ଭାଇ କଥା ଇତ୍ୟାଦି କେତେ ଗପ ଶୁଣେ । ସେଥିରେ ସେ ବୁଝେ ଯେ ବୋଉଙ୍କ ଗପ ତୁଳନାରେ ମାଷ୍ଟରଙ୍କ ଗପ ଗୁଡ଼ାକ ନିତାନ୍ତ ବାଜେ । ଫଳରେ ଖେଳ ଧୂଳାରୁ ଯେତେବେଳେ ସମୟ ମିଳେ, ସେତେବେଳେ ସେ ଆସି ବୋଉଙ୍କ ପାଖରେ ହାଜର କଥା ଶୁଣିବାକୁ । ମାଷ୍ଟରଙ୍କ ପାଖ ମାଡ଼େ ନାହିଁ । ସେଥିରେ ବାବୁଆଣୀଙ୍କର ମନ୍ତବ୍ୟ ହୁଏ ଏ ମାଷ୍ଟରଙ୍କ କିସମ ? କଥାଟିଏ କହି କିଛି ପୁଅଙ୍କର ମନ ବହଲେଇ ପାରୁନାହିଁ ? ମାଷ୍ଟର ବଦଳି ବାଧ୍ୟ ହୋଇ ଉତ୍କଳ କାହାଣୀ, କଥା ସରିତ୍ ସାଗର, ଭୀମଙ୍କ ରୂପ କଥା ଇତ୍ୟାଦି ପଢ଼ି ସେଥିରୁ ଗପ କହିବାକୁ ଆରମ୍ଭ କଲେ । ସେଥିରେ ମଧ୍ୟ ତାର ନିସ୍ତାର ନାହିଁ । ପାଠ ପଢ଼େଇବାକୁ ଆସି, ବୁଢ଼ୀ ମାଈପିର କାମ କଲେ, କଣ କହିବେ ? ପଇସା ଗଣ୍ଡାକ ପାଇଁ ପେଟ ଚଖଣ୍ଡକ ଲାଗି ତ ସବୁ କରିବାକୁ ହେବ । ପୋଇଅ ଅକାଳେ ସକାଳେ ଗପ ଶୁଣିବାକୁ ଆସେ । ମାଷ୍ଟରେ ଯାଦ

ନଥାନ୍ତି, ତା ହେଲେ ତାଙ୍କ ବହି ପତ୍ର ଗୁଡ଼ାକ ଧରି ତା ଉପରେ କାଳି କଲମରେ ନାନା ପ୍ରକାର ଗାର ଟାଣ ଦଗଣ କରି ପକାଏ । ତାଙ୍କ ଶେଯରେ ଧାଣ୍ଡିଆ ବୁଲା କୁକୁର ଛୁଆ ଗୋଟାଏ ଅଣି ଶୁଆଇ ଦିଏ । ବେଳେ ବେଳେ କାଗଜ ଖଣ୍ଡିଏ ପକେଇ ତା ଉପରେ ପଢ଼ଆ ବାଛଆ କାମଟା କରି କାଗଜରେ ତାକୁ ବାନ୍ଧି ବୁନ୍ଧି ମାଷ୍ଟରଙ୍କ ଭଙ୍ଗା ବାକ୍ସ ଖଣ୍ଡିକରେ ଥୋଇ ଦେଇ ଯାଏ । ସେ ଜାଣେ ଯେ ମାଷ୍ଟରଙ୍କୁ କୁକୁର ବିଲେଇ ଭଲ ଲାଗେ ନାହିଁ । ସନ୍ଧ୍ୟା ବେଳେ ମାଷ୍ଟରେ ବୁଲିଗଲେ ସେ ଛପି ଛପି ତାର ଗୋଟାଏ ବିଲେଇ ଛୁଆ ନଇଲେ ଗୋଟାଏ କୁକୁର ଛୁଆ ତାଙ୍କ ଶେଯ ଉପରେ ଶୁଆଇ ଘୋଡ଼ାଇ ଦେଇ ପଳାଏ । ମାଷ୍ଟର ବିଚରା ରାତିରେ ଫେରି ଅସି ଖଟ ଉପରେ ବସି ପଡ଼ିଲା ବେଳକୁ ଏଥିରୁ ଗୋଟାଏ ଯୋକ ଖାଲୁ ଖାଲୁ ନା ଥରେ ଡାକେ । ସେ ବିଚାରା ବ୍ୟସ୍ତ ହୋଇ ଡିଆସିଲ କାଡ଼ି ଅଲୁଅଟା ଜାଳିବା ପାଇଁ ତାଙ୍କ ବାକ୍ସ ଭିତରେ ହାତ ପୂରାଇଲା ବେଳକୁ ବେଳେ ବେଳେ ହାତଟା ଯଦି ସେ କାଗଜ ପୁଡ଼ାରେ ପଡ଼ିଯାଏ, ତା ହେଲେ ସଳଖ ବାଲୁଖ ହେଇ କି ସବୁ ପଦାର୍ଥ ତାଙ୍କ ହାତରେ ବୋଳି ହୋଇଯାଏ । ମାଷ୍ଟର ବିଚାରା ଏ ପାଳରେ ପଡ଼ି ଅଛଷ୍ଣୁ ହୋଇ ଉଠେ । କେତେ ଥର ମନେ କରନ୍ତି, ଏ ଚାକିରି ନ ହେଲେ ନାଇଁ, ସେ ଚାଲିଯିବ । ପୁଣି ଭାବେ, ତାର ସେ ବୁଢ଼ୀ ମା ଟିର କଥା । ଅଖି ପାଣି ଅଖିରେ ମାରି ରହିଯାଏ ।

ବଲ ବାବୁ ମରିଗଲା ପର୍ଯ୍ୟନ୍ତ ଚାରି ପାଞ୍ଚ ବର୍ଷ ମଧ୍ୟରେ ଅତି କଷ୍ଟରେ ଯୋଡ଼ିଆ ବର୍ଣ୍ଣବୋଧ ଖଣ୍ଡିକ ସାରିଥିଲା । ବଲ ବାବୁ ମରିଗଲା ପରେ ମାଷ୍ଟର ବିଚାରା ବିଦାୟ ହେଲେ । ତା ସଙ୍ଗେ ସଙ୍ଗେ ମଧ୍ୟ ଯୋଇ ବାବୁଙ୍କ ଦେହରୁ ସରସ୍ୱତୀ ବିଦାୟ ନେଲେ । ପ୍ରଥମେ ବର୍ଷେ ଖଣ୍ଡେ ବାବୁଅଣୀଙ୍କ ମନରେ ତ ପାଠ ପଢ଼ା କଥାଟା ମୋଟେ ପଶି ନାହିଁ । ତା ପରେ ଭାଇମାନଙ୍କ

ନିର୍ବନ୍ଧରେ 'ସେ ଯୋଗିଥିଙ୍କୁ ଗାଁ ଚାହାଳକୁ ଛାଡ଼ିଲେ । ଏଥି ମଧ୍ୟରେ ଯୋଗିଥି ଅନେକ ନୂଆ ନୂଆ ଛନ୍ଦସ ଶିଖିଲା । ଯାହା ପୁରୁଣା ଶିଖିଥିଲା ସେ ଗୁଡ଼ାକ ଅଉ କଣ ହେବ ? ସେ ସବୁ ପାସୋରି ଦେଇଚି । ଅବଧାନେ ଫକିର ମାହାନ୍ତି, ମାହିକଣ କରଣ ସାନ୍ତେ । ତାଙ୍କ ସାତ ପୁରୁଷ ଧରି ପିଲା ପଢ଼ାଇବା ବ୍ୟବସାୟ । ଅଉ ପାଠ ପଢ଼ାଇବାର ଉପାୟ ତାଙ୍କ ମତରେ ଏଇ କେତୋଟି—

୧ମ—ଠେଙ୍ଗୁଣି ପାହାର, ଗୋଡ଼ୁ କାଣ୍ଡୁଅ ।

୨ୟ—ନାକ ବାଲ ଧରା ।

୩ୟ—ଏକ ଗୋଡ଼ିକିଆ ।

୪ର୍ଥ—ବାବୁରୀ ଝୁଲା

୫ମ—ହରଡ଼ ପେଣା ।

ସେ ଓ ତାଙ୍କ ପୂର୍ବରୁ ତାଙ୍କ ବାପ ଅଜାମାନେ ଦେଖିଚନ୍ତି ଏ ପାଞ୍ଚ ମହା ଅସ୍ତ୍ର ଅବ୍ୟର୍ଥ । କିନ୍ତୁ ଅବଧାନେ ସବୁ ସ୍ଥାନରେ ଏ ପଞ୍ଚ ମହାସ୍ତ୍ର ପ୍ରୟୋଗ କରନ୍ତି ନାହିଁ । ସେ ଜାଣନ୍ତି ଗରିବ ପ୍ରତି ଯାହା ଖଟେ, ଧନୀ ପ୍ରତି ସେ ଖଟେ ନାହିଁ । ଗରିବ ପୁଅର ପିଠି ଯାହା ସହିବ, ଧନୀ ପୁଅର ପିଠି ତା ସହି ପାରିବ ନାହିଁ । ସେହି ହେତୁରୁ ସେ ଧନୀ ଲୋକଙ୍କ ପିଲାମାନଙ୍କ ପ୍ରତି ଏ ପଞ୍ଚ ମହାସ୍ତ୍ର ବଡ଼ ବୁଝିକି ପ୍ରୟୋଗ କରନ୍ତି । ଯୋଗିଥି ପ୍ରତି ମଧ୍ୟ ପ୍ରଥମେ ପ୍ରଥମେ ସେ ସେହି ନୀତି ପ୍ରୟୋଗ କରି ଥିଲେ । କିନ୍ତୁ ଦେଖିଲେ ସେ ଯଦି ଟିକିଏ ନିଜ ରୂପ ନ ଧରନ୍ତି, ତା ହେଲେ ସେ ଗାଁରେ ତାଙ୍କର ରହିବା ବଡ଼ ଅସମ୍ଭବ । ଯୋଗିଥି ଚାହାଳକୁ ପ୍ରଥମ କେତେ ଦିନ ଅସି, ବେଶ ସୁଧୀର ପିଲାପରି ବ୍ୟବହାର କରୁଥିଲେ । ଦିନେ ଅବଧାନେ ଟଙ୍କା ପକାଇ ଆସନରେ ବସିଚନ୍ତି । ନାକରେ ଚଷମା ହାତରେ

ଲେଖନ, ଛଙ୍ଗ ଉପରେ ତାଳପତ୍ର ଖୋଦାଇବ, ଓ ଅନ୍ୟ ଛଙ୍ଗରେ ଭାଗବତ ଦଶମ ସ୍କନ୍ଧର ଭଲ ପଦ ପୋଥି ଖଣ୍ଡିଏ । ସାମନାରେ ଶିଷ୍ୟମାନେ ବସିଛନ୍ତି କିଏ ଖଡ଼ି ଧରି ଅ ଆ ଘୋଷୁଛି, କିଏ ସିଲଟରେ ପଣିକିଆ ଲେଖୁଛି, କିଏ ବା ବହି ଧରି ଚିତ୍କାର କରି ଗାଇ ଯାଉଛି । ଅବଧାନଙ୍କ ଡାହାଣ ହାତ ପାଖରେ 'ଜ୍ଞାନ ଦାତା' ଖଣ୍ଡିଏ ପଡ଼ି ରହିଛନ୍ତି । ତାଙ୍କ କାନ ଭିତରେ ଯେତେବେଳେ ଅବଧାନଙ୍କ ମନରେ ପଶି ଯାଉଛି ଯେ ଶିଷ୍ୟମାନେ ଠିକ୍ ପଢ଼ୁ ନାହାନ୍ତି, ସେତେବେଳେ ସେ ସେମାନଙ୍କ ଆଡ଼କୁ ନ ଚାହିଁ, ବେତ ଖଣ୍ଡିକ ଧରି ଥରେ ଦୁ ଥର ମାଟିରେ ପିଟି ଦିଅନ୍ତି । ସାଙ୍ଗେ ସାଙ୍ଗେ କମି ଆସୁଥିବା ପିଲାଙ୍କ ସ୍ୱର ବଣି ବସାରେ ସାପ ପଶିଲେ ଯେପରି ହୁଏ ସେହି ପରି କିଚିରି ମିଚିରି କରି ଆରମ୍ଭ ହୋଇଯାଏ । ଥରେ ମାଷ୍ଟରେ ଦେଖିଲେ ଯେ ଜ୍ଞାନ ଦାତାଙ୍କର ଗର୍ଜନରେ କିଛି ଫଳ ହେଲା ଭଳି ଲାଗିଲା ନାହିଁ । ସେ ମୁଣ୍ଡ ଟେକି ଚାହିଁଲେ, ଦେଖିଲେ ଯୋଇଆ ମଝିରେ ବସିଛି, ଆଉ ତା ଚାରିପଟେ ପିଲା ଗୁଡ଼ାକ ଉବୁଡ଼ି ପଡ଼ିଛନ୍ତି । କେବଳ ଯୋଇଆ ଛଡ଼ା ଆଉ ସମସ୍ତଙ୍କ ତୁଣ୍ଡରୁ ଗୋଟାଏ ଖିଲ ଖିଲ କରି ହସର ଶବ୍ଦ ସେଘର ମଧ୍ୟରୁ ସରସ୍ୱତୀଙ୍କୁ ଯେପରି ଉଡ଼ାଇ ଦେଉଛି । ଅବଧାନଙ୍କ ଜୀବନରେ ଏପରି କେବେ ଘଟି ନଥିଲା । ସେ ପ୍ରଥମେ ତଟସ୍ଥ ହୋଇଗଲେ । ତା ପରେ କୌତୁହଳ ସମ୍ଭାଳି ନ ପାରି ବେତ ଖଣ୍ଡିକ ନେଇ ସେ ଯେତେବେଳେ ଆସି ଦେଖିଲେ, ତାଙ୍କ ତାଳୁ ଠାରୁ ତଳିପା ପର୍ଯ୍ୟନ୍ତ ସର୍ବାଙ୍ଗରେ ତାତିଲା ତରଳ ଲୁହାର ସୁଅ ବୋହିଗଲା ।

ଯୋଇଆ ସିଲଟ ଉପରେ ଅବଧାନଙ୍କର ଏକ ବିଚିତ୍ର ଛବି ଆଙ୍କିଛି । ସେ ଛବିଟି ଯେ ତାର ମନ ଗଢ଼ା ତା କହିବା ଠିକ୍ ହବ ନାହିଁ । ତେବେ ଛବିଟା ଯେ ସୁନ୍ଦର ନୁହେଁ— ଏ କଥା ନିଶ୍ଚୟ ଠିକ୍ । ଯୋଇଆ କହେ

ଅବଧାନେ ଯଦି ଅସୁନ୍ଦର ହୁଅନ୍ତି, ତା ହେଲେ ତାଙ୍କ ଝିଅଟା ତ ଅସୁନ୍ଦର ହେବ । ତାର ସେଥିରେ କି ଦୋଷ ? କିନ୍ତୁ ଅବଧାନଙ୍କ ମତରେ ସେ ଅସୁନ୍ଦର ତ ନୁହନ୍ତି, ତାଙ୍କର ରୂପ ଦେଖି କେତେ ସ୍ତ୍ରୀ ଲୋକ ତାଙ୍କ ଅଡ଼କୁ ମୁରୁକି-ହସା ମାରନ୍ତି । ଯାହାହେଉ, ମୁଁ ମୋ ମନ ଭିତରେ ବୁଝେଁ ଯେ ମୁଁ ଅସୁନ୍ଦର । ମୁଁ, ବୋଲି ମତେ ବାଣ୍ଡର କେହି, ପୁଣି ଗୋଟାଏ ଅପଗଣ୍ଡ ଛୋକା ଅସୁନ୍ଦର ବୋଲି ଟିହକଲେ ମୁଁ ସହିବି କାହିଁକି ? ଅବଧାନେ ସହିଲେ ନାହିଁ । ତାଙ୍କର ବେତ ଉଠିଲେ ହାତ ନାଚିଲା । ଅବଧାନେ ଆଶା କରିଥିଲେ ଯେ ବେତ ଉଠିଲା ମାତ୍ରକେ ଘୋଡ଼ଆ ତାଙ୍କ ମନ ମାଫିକେ ଭୁଅ ଗର୍ଜନ କରି ଉଠିବ । କିନ୍ତୁ ଦେଖିଲେ ଘୋଡ଼ଆ ଟିକେ ପିତୁଲାଟି ପରି ଠିଆହୋଇ ହସୁଚି । ଅବଧାନଙ୍କର ମୁଣ୍ଡଟା ଏକାବେଳକେ ଜଳନ୍ତା ଚୁଲି ହୋଇ ଉଠିଲା । ସେ ଦାନ୍ତ କଡ଼ମଡ଼ କରି ଘୋଡ଼ଆ ପିଠିକି ନିର୍ଘାତ ପାହାର ଉଞ୍ଚାଇଲେ । ପାହାରଟା ହାତ ଚାପଡ଼େ ଉଛୁଳି ଲହ ଲହ ହୋଇ ଘୋଡ଼ଆ ପିଠି ଉପରକୁ ବିଜୁଳି ବେଗରେ ଯାଇଁ ଖସିଲା । ଘୋଡ଼ଆର ସାଙ୍ଗ ପିଲା-ମାନେ ଘୋଡ଼ଆ ପିଠି କିପରି ଏ ପାହାରର ଦାଉ ସମ୍ଭାଳିବ, ତାକୁ ଦେଖିବା ପାଇଁ ବେକଟାମାନ ବଗ ବେକ ପରି ଅଗକୁ ବାହାର କରି ଏକା ଲକ୍ଷ୍ୟରେ ଚାହିଁ ରହିଲେ । ତା ପରେ କଣ ହେଲା କେଜାଣି, ଅବଧାନେ ତଳେ ଚିତ୍ ପଟାଙ୍ଗ । ଠିକ୍ କଣ ହେଲା କେହି ଦେଖି ନାହିଁ । ଅବଧାନେ କହନ୍ତି ଯେ ଘୋଡ଼ଆ କସିପଡ଼ି ତାଙ୍କ ଗୋଡ଼ ଦୁଇଟା ଚିଡ଼ିଦେଲା । ଅମ୍ଭମାନଙ୍କର ବିଶ୍ୱାସ ଏଇଟା ଅବଧାନଙ୍କର ଅନୁମାନ । କାରଣ ଅବଧାନଙ୍କ ଦୃଷ୍ଟିଟା ଥିଲା ଘୋଡ଼ଆର ସାମନା ଉପରେ । ସେ ଗୋଡ଼ ତଳ କଥା ଦେଖନ୍ତେ କିପରି ? ସେ ଯାହା ହେଉ, ଫଳଟା ହେଲା ଗୋଟାଏ ଅବଶ୍ରାନ୍ତ ହୋ ହୋ ଶବ୍ଦ । ପିଲାଗୁଡ଼ାକ ସମସ୍ତେ ଏକ ସ୍ୱରରେ ହୋ ହୋ କରି ହସି ଉଠିଲେ

ପାଖ ପଡ଼ିଶା ଓ ଦାଣ୍ଡର ବାୟୋଇମାନେ ଧାଇଁ ଅସି ଦେଖନ୍ତି ତ, ଅବଧାନେ ଚିତପଟାଙ୍ଗ, ଅଉ ତାଙ୍କ ଚାରିଆଡ଼େ ପିଲା ଗୁଡ଼ାକ ତାଳି ମାରି ନାଚୁଛନ୍ତି ଅଉ ଗାଲ ହସୁଛନ୍ତି । କେବଳ ଯୋଇଥ ସେ ସବୁର ବାହାରେ ଭୁଜ ହୋଇ ଠିଆ ହୋଇଛି, ଏବ ଡ଼ାହାଣ ହାତ କାଣି ଅଙ୍ଗୁଠି ଟା ପାଟିରେ ଭର୍ତ୍ତିକରି ବାଁ ହାତରେ ତା ପେନ୍‌ସିଲ୍‌ଟା ଧରି କଣ ଲେଖୁଛି ।

ମଦନ ବାବୁ ସେ ଗାଁର ଜଣେ ଯୁବକ । ସେ କଟକ କଲେଜରେ ଏମ୍, ଏ, ପଢ଼ନ୍ତି, ମଧ୍ୟ ଯୋଇଥଙ୍କର ଛାତ୍ର । ସେ ସେଇବାଟେ ଗାଧୋଇ ଯାଉଥିଲେ । ଏ ଗୋଳମାଳ ଶୁଣି ସେ ଗୁହାଳ ଉପରକୁ ଉଠିଅସି ଦେଖନ୍ତି ଏ ରହସ୍ୟ । କାହାକୁ ପଚାରିବେ କଣହେଲା ? କେବଳ ଯୋଇଥ ପାଖକୁ ଗଲେ । ତା ହାତରେ ସେ ସ୍କେଚ୍ ଲେଖା ମୂର୍ତ୍ତି ଉପରେ ତାଙ୍କର ଅଖି ପଡ଼ିଗଲା ମାତ୍ରକେ, ସେ ମଧ୍ୟ ସେଇ ପିଲା ଗୁଡ଼ାକଙ୍କ ପରି ବୁଢ଼େ ହସିଗଲେ । ତା ପରେ ଯୋଇଥକୁ ପଚାରିଲେ ହେରେ ଏ ଚିତ୍ର କିଏ କରିଚି ? ଯୋଇଥ କହିଲା ମୁଁ... ମଦନ ବାବୁ ତା ହାତରୁ ସ୍କେଚ୍‌ଟି ମାଗିନେଇ ଚିତ୍ରଟିକୁ ଅଉଥରେ ଭଲକରି ଦେଖିନେଲେ । ତା ପରେ ଯୋଇଥକୁ ପଚାରିଲେ ହେରେ, ଏ ସବୁ ରଙ୍ଗ ରହସ୍ୟ କାହିଁକି ? ଯୋଇଥ ଗାଲ ଭଲ ଯୋଡ଼ିଆ ବାହାର କରିଦେଲା । ଏତକ ବେଳକୁ ଅବଧାନେ ମାଟି ଉପରୁ ଉଠିବାର ଦେଖି ପିଲମାନେ ଛତ୍ରଭଙ୍ଗ ହୋଇ ପଳାଇଗଲେ । ମଦନ ବାବୁ ଅବଧାନଙ୍କୁ ଏ ସବୁର କାରଣ ପଚାରିବାରୁ, ସେ ସେ ଅବସ୍ଥାରେ ଯେତେ ଦୂର ଅସ୍ପଷ୍ଟରେ କହି ପାରିବା ସମ୍ଭବ, ସେହିପରି ଭାବରେ ଟିକା ଟିପ୍ପଣି ସହିତ ସବୁ କଥା ଓ ଅଉ ଅନ୍ୟାନ୍ୟ ଅନେକ କଥା କହିଲେ । ମଝିରେ ମଝିରେ ଯୋଇଥ ଅଡ଼କୁ ସୂଚାଇ ଯାଉଥାନ୍ତି । କିନ୍ତୁ ଯୋଇଥ ମଦନବାବୁଙ୍କ କାହିଁଘଣ୍ଟା ତଳେ ନିର୍ଭୟରେ ଠିଅହୋଇ ଥାଏ । ମଦନ ବାବୁ ଶେଷରେ

ଯୋଗେଶଙ୍କୁ ତାଙ୍କ ସାଙ୍ଗରେ ନେଇ ବାବୁଆଣୀଙ୍କ ପାଖକୁ ଗଲେ । ସେଠାରେ ସବୁ କଥା କହି ସିଲଟା ଦେଖାଇଲେ । ବାବୁଆଣୀ ବିରକ୍ତ ହୋଇ ଅସ୍ଥିର ଥିଲେ ମଧ୍ୟ ସିଲଟର ସେ ଛବିଟା ଦେଖି ତାଙ୍କ ମୁହଁରୁ ମଧ୍ୟ ହସ ଟିକିଏ ଜୋର କରି ବାହାରି ପଡ଼ିଲା । ସେ ଯୋଗେଶଙ୍କୁ କଣ ଶାସନ କରିବାକୁ ଯାଉଥିଲେ, ଏତିକି ବେଳେ ମଦନ ବାବୁ ବାଧାଦେଇ କହିଲେ, "ଖୁଡ଼ି ତୁମେ ଯୋଗେଶ ଭଳି ପିଲାକୁ ଶାସନକରି ଅସ୍ଥିରକରି ପାରିବ ନାହିଁ । ମୋ କଥାଟି ଶୁଣ ! ଯୋଗେଶଙ୍କୁ କଲିକତା ଆର୍ଟ ସ୍କୁଲକୁ ପଠାଇଦିଅ ।" ବାବୁଆଣୀ ତ କଥାଟାକୁ ନା ପସନ୍ଦ କରି ଏକାବେଳକେ ଉଡ଼େଇ ଦେଇ ଥିଲେ, କିନ୍ତୁ ମଦନ ବାବୁ ଜିଗରକରି କହିଲେ, "ନାଇଁ ଖୁଡ଼ି, ଥଟା ପରିହାସର କଥା ନୁହେଁ । ବିନା ଶିକ୍ଷାରେ ଯେ ପିଲା ଏପରି କରି ଚିତ୍ର ଅଙ୍କିପାରେ, ସେ ଏଇ ସମୟରୁ ଉପଯୁକ୍ତ ଶିକ୍ଷା ପାଇଲେ ନିଶ୍ଚୟ ଜଣେ ବଡ଼ ରକମ ଆର୍ଟିଷ୍ଟ ହୋଇ ପାରିବ । ବାବୁଆଣୀ ଏ ଜଗର କଥା ଶୁଣି ଆଉ ଥରେ ସେ ସିଲଟା ନେଇ ଦେଖିଲେ । ତା ପରେ କହିଲେ, "ତୁମେ ଯାହା କହିଲ, ପୁଅ ତା ସମ୍ଭବ ହୋଇପାରେ, ଯୋଗେଶ ଯେ ପାଠ ପଢ଼ି ପଣ୍ଡିତ ହେବ, ତା ଏତିକି ବେଳୁ ଜଣା ଗଲାଣି । ତେବେ ଶାଠରେ ଯଦି କିଛି କରିପାରେ ! କିନ୍ତୁ କିମିତରେ ପୁଅ ଏତେ ସାନ ପିଲାଟାକୁ କଲିକତା ପଠେଇ ଦେବ । ସେ ରହିବ କୁଠି, ଚଳିବ କିପରି, ଆଉ ମୁଁ ମଧ୍ୟ କିପରି ଥୟଧରି ରହିବ ?"

ମଦନ— ତୁମେତ ଆଉ ସବୁ ଦିନ ତାକୁ ତୁମ ପଣନ୍ତ କାନରେ ବାନ୍ଧି ରଖି ପାରିବ ନାହିଁ ? ତାର ତ ତେଣା ଲାଗି ଆସିଲାଣି, ସେ ବଡ଼େ ହେଲେ ଦିନେ ଉଡ଼ିଯିବ । ତା ପାଇଁ ଭାବି ଆଉ କଣ ଅଛି ? ଆଉ କଲିକତାରେ, ତାର ମାମୁଁ ପରା କଣ୍ଟ୍ରାକ୍ଟର କରନ୍ତି, ତାଙ୍କ ପାଖରେ ରହିବ ।

ବାବୁଆଣୀଙ୍କର ମଝିଆଁ ଭାଇ ଗୋଲକ ବାବୁ କଲିକତାରେ କାନଭାସଷ୍ଟ କାମ କରି ବେଶ୍ ଦି ପଇସା କମେଇଛନ୍ତି । ସେଇଠାରେ ଘର ଦ୍ୱାର କରି ସେ ଅନେକ ଦିନ ହେଲା ଅଛନ୍ତି । ବାବୁଆଣୀ ଭାବିଲେ ଉଚିତ କଥା ହଉ, ମୁଁ ଭାଇଙ୍କ ପାଖକୁ ଚିଠି ଲେଖେଁ ।

ଚିଠି ଲେଖାହେଲା, ଉତ୍ତର ଆସିଲା । ଦିନ, ବାର, ତିଥି ବୁଝି ଗୋଲକ ବାବୁ ଜଣେ ଆସି ଯୋଗିଆକୁ ଓ ବାବୁଆଣୀଙ୍କି କଲିକତା ନେଇ ଗଲେ । କଲିକତାରେ ଡାକ୍ତରୀ ଶିଖିବାକୁ ବଡ଼ ଗୁଣୀ ଯୋଗିଆ ନାଚି ଉଠିଥିଲା କଲିକତାରେ ପହଞ୍ଚି ସେ ଏକାବେଳକେ ଅର୍ଦ୍ଧ ଜଳ ପାଷୋଉ ଦେଲା । ବାବୁଆଣୀ ତାର ଏ ଅଦ୍ଭୁତ ପରିବର୍ତ୍ତନ ଦେଖି ଗୋଟିଏ ଦୀର୍ଘ ନିଶ୍ୱାସ ପକାଇ ପନ୍ଦର ଦିନ ପରେ ଏକୁଟିଆ ଘରକୁ ଫେରି ଆସିଲେ ।

ଯୋଗିଆ କଲିକତା ଅର୍ଟସ୍କୁଲରେ ଭର୍ତ୍ତିହେଲା । ସେଥିଲାଗି ଯେପରି ସାଧାରଣ ପାଠ ପଢ଼ିବା ଦରକାର ତା ମଧ ଖୁବ୍ ଉଦ୍ୟମ ଓ ଆଗ୍ରହରେ ପଢ଼ିଲା । ଆର୍ଟ ସ୍କୁଲରେ ତାର ସୁନାମ ମଧ ହେଲା ଖୁବ୍ । ସେ ମଝିରେ ଗାଁକୁ ଆସେ, ପିଲାଦିନ ସାଙ୍ଗ ସାଥି ମାନଙ୍କ ସହିତ ଖୁବ୍ ଖେଳ ବୁଲି ପୁଣି ଚାଲିଯାଏ । ଏହିପରି ତାର ବାଇଶି ବର୍ଷ ବେଳକୁ ସେ ଖୁବ୍ ପ୍ରଶଂସାର ସହିତ ଆର୍ଟ ସ୍କୁଲରୁ ପାଶ୍‌କରି ସାର୍ଟିଫିକେଟ ନେଇ ଘରକୁ ଫେରିଲା ।

ପ୍ରଥମ ଅଧ୍ୟାୟରେ ଯାହା ସବୁ କୁହାଯାଇଥିଲା ତାହା ଏହାରି ପରେ ।

# ୪

ଯୋଇଥ ଘରକୁ ଫେରି ଆସିଲେ ଦେଖାଗଲା, ତାର ପିଲା ଦିନର ସେ ନୁଖୁରୁଖିଆ ବୃତ୍ତି ସେହିପରି ଅଛି। ଯେତେବେଳେ ସେ ତାର ଚାନ୍ଦ ଜନକ ଘେନି ବସେ ସେତେବେଳେ ତା ପାଖରେ ହାତ ବାଇଦ ପିଟିଲେ ମଧ ସେ ଶୁଣିବ ନାହିଁ। କିନ୍ତୁ ଥରେ ସେ ନିଶା ଛୁଟିଗଲେ, ସ୍ତ୍ରୀ ପିଲାଙ୍କର ଯେତେ ଚଗଲାମି, ବଗୁଲିଆମି, ସବୁ ସେ ଆରମ୍ଭ କରେ। କାହିଁ ଗଛରେ ଚଢି ବଣି ପିଲା ଧରିବା, କାହିଁ ସାଙ୍ଗ ସାଥି ମେଳରେ ମେଘୁଆ ଜହ୍ନ ପକ୍ଷ ରାତିରେ ପୋଖରୀ ହୁଡାରେ ଠିଆହୋଇ ବାଟୋଇଙ୍କୁ ଭୂତ ଭୟ ଦେଖାଇବା କାହିଁ କିଏ ଶୋଇଥିଲେ ତା ମୁହଁରେ ଚୂନ କାଳି ଚିତ୍ର କରିବା ଇତ୍ୟାଦିରେ ତାର ସମୟ କଟିଯାଏ। ବାବୁଆଣୀ ଭାବିଲେ ବୋଧହୁଏ ବିବାହ ଦେଇ ଦେଲେ ଟିକିଏ ସ୍ଥିର ହୋଇ ଯିବ। ସେ କନ୍ୟା ସନ୍ଧାନରେ ମନୁଷ୍ୟ ପଠାଇଲେ। ନାନା ଆଡୁ ଜାତକ ଆସିଲା। ଯୋଇଥ କାନରେ ପଡ଼ିଲା କ୍ଷଣି ସେ ଦିନେ ଯାଇ କହିଲା, "ବୋଉ, ଦେଖ, ମୋର ବିବାହ ଫିବାହ କଥା ଯଦି ତୁ ଧରିବୁ ତା ହେଲେ ମୁଁ ଘର ଦ୍ୱାର ଛାଡି ପଳାଇବି !" ବାବୁଆଣୀ ତାଟକା ହୋଇ କହିଲେ, "କାହିଁକିରେ ବାବୁ ! ଆଉ କଣ ସବୁ ଦିନେ ବାଉଳିଆ ହୋଇ ରହିବୁ ?"

ଯୋଉଅ— ରହିଲେ କିଛି କ୍ଷତି ଅଛି ?

ବାବୁଆଣୀ ଦେଖିଲେ ଚପଲା ଟୋକାଟା, ଯା ସାଙ୍ଗରେ ପୁଣି କଥା କଟା କାଳ କଣ କରିବ । ଅଣ୍ଠ ହଣ୍ଡ ଦେଖାଯିବ । କିଛି ସେ ଅନ୍ୟ କାର୍ଯ୍ୟରେ ମନ ଦେଲେ । ଏଣେ ବିବାହ କଥା ଭିତରେ ଭିତରେ ଚାଲିଥାଏ । ବାବୁଆଣୀଙ୍କର ଇଚ୍ଛା ଥାଏ, ସାରଦା ଅଛନ୍ତି ମତରେ ଜଣେ ବୟସ୍ଥା କନ୍ୟା ସହିତ ପୁଅର ବିବାହ ଦିଅନ୍ତେ । କିନ୍ତୁ ବହୁ ଚେଷ୍ଟା କରି ସେପରି କନ୍ୟା ନ ମିଳିବାରୁ ଶେଷରେ ଦାଣ୍ଡ ମକୁନ୍ଦପୁର ପଣ୍ଡିତ ବାବୁଙ୍କର ବାର ବର୍ଷର ଝିଅ ସାବିଶୀ ସାଙ୍ଗରେ ବିବାହ ହେବାର ସବୁ ଠିକ୍ ହୋଇଗଲା । ନିର୍ବନ୍ଧ କରିବା ପାଇଁ କାଲେ ପଣ୍ଡିତ ବାବୁ ଆଉ ଦି ଚାରି ଜଣ ଭଦ୍ର ଲୋକ ନେଇ ଆସି ପହଞ୍ଚିଲେ । ଯୋଉଅ ଏ କଥା ଶୁଣିଲା କେଳୁ କିପରି ଦିକ ଗଲା ଭଲ ଜଣା ପଡିଲା । ସେ ଯାଇ ତା ଘର ଭିତର କବାଟ କିଳି ଶୋଇ ରହିଲା । ଦୁଇ ତିନି ଘଣ୍ଟା ପରେ ସେ ଯେତେବେଳେ ବାହାରି ଆସେ, ତା ମୁହଁ ଉଭିବ, ଗୋଟାଏ କିପରି ଉତ୍ତେଜନାର ଭାବ । ସେ ଅପେ ଯାଇ ବାବୁଆଣୀଙ୍କି କହିଲା, "ବୋଉ ! ଏତେ ଗୁଡ଼ାଏ ଭଦ୍ରଲୋକ ଆସିଚନ୍ତି, ଏମାନଙ୍କର ସବୁ ଖାଇବା ପିଇବାର ବ୍ୟବସ୍ଥା କଣ ହବ ?"

ବାବୁଆଣୀ ଯୋଉଅର ଏ ପରିବର୍ତ୍ତନ ଓ ଆଗ୍ରହ ଦେଖି ପ୍ରଥମେ ଟିକିଏ ସନ୍ଦେହ କରିଥିଲେ । କହିଲେ, "ଖାଇବା ପିଇବାର ବନ୍ଦୋବସ୍ତ ଆଉ କଣ ହବରେ ? ତୋ ଶ୍ୱଶୁର ଅସିଚି ବୋଲି ତ ଆଉ ମୁଁ ସରଗର ଚନ୍ଦ ଆଣିବି ନାହିଁ ! ଯାହା ଘରେ ଥିବ, ତାହା ହବ !"

ଯୋଉଅ— କଣ ଶାଗ ଭାତ ଖାଇବାକୁ ଦବୁ କିଲୋ ? ନାଇଁମ, ସତେରେ, ସବୁ ବନ୍ଦୋବସ୍ତ କରିବାକୁ ହବତ ?

ମା ବୁଝିଲେ ପୁଅ ମୁଣ୍ଡରେ ବୋଧହୁଏ ବୁଦ୍ଧି ପଶିଲା । ଦେଖିଲା ତ, **ଅଉ ଲଗିବାର** ଉପାୟ ନାହିଁ, ତେବେ **ଅଉ** ରୁଷି ବସିଲେ କଣ ହବ ? ଚଗଲା ଟୋକା ! କହିଲେ, "ଏ ଓଳିଆ ସେହିପରି ଯିବ, ଘରେ ତ ସବୁ ଅଛି ଜାନେକା ହେରିକା କରି ଖାଇବାକୁ ଦବା । ମହାପାତ୍ରେ କାଉରି ସାହିକୁ ଯାଉଚନ୍ତି, ଗଡୁଅ ବୁହାଇ ମାଛ **ଆଣିବେ** ବୋଲି । ବନ୍ଦୋବସ୍ତ ଯାହା ଉପରେ ଦେଲାଣି । ମୋ ମନ ଥିଲା, ମହାପ୍ରସାଦ ହେରିକା ପୁରୀରୁ ନେଇ ଆସିଥାନ୍ତେଇ । କିନ୍ତୁ ନିର୍ବନ୍ଧ ଦେଇ ରାତି ୭ ଘଣ୍ଟାରୁ । ସେତେ ବେଳକୁ ତ ଆସିହବ ନାହିଁ । ଆମକୁ ପୁଳୁକାକରା, ଖିରି, କଦଳି ଚକଟା ପୁରୀ, ରସଗୋଲା ଇତ୍ୟାଦ କରି ଖାଇବାକୁ ଦେବା ସେତେବେଳେ ।"

ଖୋଇଅ— କାହିଁକି ଏତେ କଥା, ମୁଁ ଯାଉଚି ପୁରୀରୁ ମହାପ୍ରସାଦ ନେଇ **ଆସିବି** । ଗଣ୍ଡରେ ଗାଣ୍ଠି ଲଗାଇ ଭଣ୍ଡ ଉଠିବା ସଙ୍ଗେ ସଙ୍ଗେ ଗୋଟାଏ ଲମ୍ଫରେ ବୋଝାଇ କରି ନେଇ **ଆସି**ଲେ ତ ବେଳ ଥିବ ପହଞ୍ଚିବ ।

ବାବୁଆଣୀ— ତୁ ଏତେ କଥା କରି ପାରିବୁ ?

ଖୋଇଅ—ନିଶ୍ଚୟ ।

**ସେଇଆ** ସାର ହେଲା । ଖୋଇଅ ପଇସା-ପତ୍ର ନେଇ ପୁରୀ ବାହାରି ଗଲା । କଥା ହେଲା ସେ ତେଣୁ ମହାପ୍ରସାଦ, ପିଠା ସବୁ ଓ ଅମୃତକୁଣ୍ଡ ଇତ୍ୟାଦ ସାଙ୍ଗରେ ସାତ ମୁଠି ମଗଜଲଡୁ ନେଇ, **ଆସିବ** । ଖୋଇଅ ଯିବା **ଆଗରୁ** ତାର ସାଙ୍ଗ ଗଣଙ୍କୁ କଣ ଅଗ୍ର ଘଣ୍ଟାଏ କାଳ ଫୁସୁ ଫୁସୁ କରି କହିଦେଇ ଗଲା । ନିଜେ ନିଜର ସବୁ ଟ୍ରଙ୍କ ବାକ୍ସ ଭଲକରି ରଖି ଦେଲା ଓ ତାର ଘରଟି ବନ୍ଦ କରି ଚାଲିଗଲା ।

ପାଙ୍ଗଡ଼ି ବାବୁ ହେଉକା ସକାଳ ବେଳା ଖା-ପିଅ କରି ଶୋଇଲେ । ଉପର ବେଳା ପାଞ୍ଚଟା ବେଳକୁ ସେମାନେ ନଈ ଅଡ଼କୁ ଗଲେ । ନଈ ଘାଟ ପାଖରେ ଲୁଗା ପଟା ଛାଡ଼ି ଗାମୁଛା ପିନ୍ଧି ସେ ଯୁଅଡେ ଦୂରକୁ ଚାଲିଗଲେ । ମାହାପାତ୍ରେ ତାଙ୍କ ସାଙ୍ଗରେ ଯାଇଥିଲେ । ସେ ମଧ ଚାଲିଗଲେ । ଖାଲି ଲୁଗାଗୁଡ଼ିକ ନାଃସହାୟ ଅବସ୍ଥାରେ ପଡ଼ି ରହିଲା । ଏହା ମଧରେ ଗଣେଶ ସେ ସ୍ଥାନକୁ ଆସିଲେ, ଚାରିଅଡ଼କୁ ଚାହିଁ ଦେଖିଲେ, କୌଣସି ଅଡେ କେହି ନାହାନ୍ତି । ତା ପରେ ଲୁଗା–ପଟା ଗୁଡ଼ିକ ସାଉଣ୍ଟି ଧରି ଚୋରଙ୍କ ଭଳି ଏଣିକି ତେଣିକି ଚାହିଁ ପାଖରେ ଥିବା କୋଚଲା ବଣ ଭିତରକୁ ପଳାଇ ଗଲେ । ବଣ ଭିତରେ ଗୋଟାଏ ଗାଡ଼ ଖୋଳା ହୋଇଚି । ତାରି ଭିତରେ ଲୁଗା ଗୁଡ଼ିକ ରଖି ତା ଉପରେ ମାଟି ଘୋଡ଼ାଇ ଦେଇ ସେ ଘରକୁ ଚାଲିଗଲେ ।

ଏଣେ ପାଙ୍ଗଡ଼ି ବାବୁ ହେଉକା ଫେରି ଆସି ଦେଖନ୍ତି ଲୁଗାଗୁଡ଼ିକ ନାହିଁ ଏଣେ ତେଣେ ଖୋଜିଲେ, କୌଣସିଠାରେ ପାଇଲେ ନାହିଁ । ବଡ଼ ଭାବନା ହେଲା । ଗାଁ ଭିତର ଦେଇ ଯିବେ କିପରି ! ପାଙ୍ଗଡ଼ି ବାବୁ ଜଣେ ଖାନ–ଦାନ ଶିକ୍ଷିତ ଭଦ୍ରଲୋକ । ଡେପୁଟି ଚାକିରି କରୁଥିଲେ । ବର୍ତ୍ତମାନ ପେନସନ ନେଇ ଘରେ ଅଛନ୍ତି । ସେ ଗାମୁଛା ଖଣ୍ଡେ ପିନ୍ଧି ଦାଣ୍ଡାରେ ଯିବେ କିପରି ? ଏ ଅପଦାର୍ଥ କାମଟା ହେଲେ ଗାଁ ପଲ୍ଲରେ ହୋଇଥାନ୍ତା, ବାଡ଼ ପଟେ ପଟେ ଚାଲି ଯାଇ ଥାନ୍ତେ । ମାହାପାତ୍ରେ ମଧ କାହିଁ, ଲୁଗାଗୁଡ଼ାକ ନେଲା କିଏ ! ଦିନେ ନାଇଁ, କାଲେ ନାଇଁ, ଏତେ ଲୁଗା-ପଟା ଏତେ ଦିନ ପଡ଼ି ରହେ, କେହି ହେଲେ ଦିନେ ଛୁଇଁ ଯାଏ ନାହିଁ । ଆଜି କିଏ ସେ ନେଲା । ସେ ଭାବି ଭାବି କହିଲେ, ଆପଣମାନେ ଏଠି ଥାନ୍ତୁ, ମୁଁ ଘରକୁ ଯାଇ ଆପଣମାନଙ୍କ ପାଇଁ ଲୁଗା ନେଇ ଆସିବି । ଅଶାଥିଲା, ତାଙ୍କର ସକାଳ ବେଳାର ପାଲଟା

ଲୁଗାତ ଥିବ, ତାକୁ ଆଣିବେ, ନହେଲେ ଯୋଉଥର ଲୁଗା-ପଟା କିଛି ନେଇ ଆସିବେ । ଘରେ ଯାଇ ବୁଝନ୍ତି ଯେ ପାର୍ବତୀ ବାବୁ ସ୍ୱାଙ୍କ ଘର ଦଥଙ୍କ ଲୁଗା ପିନ୍ଧି ତାଙ୍କ ପାଲଟା ଲୁଗା ଭଣ୍ଡାରକୁ ଦେଇ ସାରିଚନ୍ତି । ଅନ୍ୟ ମାନଙ୍କର ଲୁଗା କିଏ କେଉଁଠି ଶୁଖାଇଥିଲା ତାର ପତ୍ତା ନାହିଁ । ଆଉରି ମଧ୍ୟ ଦେଖି ହତାଶ ହେଲେ ଯେ ଯୋଉଥର ଦୁଆର ଚାବି ବନ୍ଦ । ଅଲିଗଡ଼ି କମାର ଡ଼ାକି ଭାଙ୍ଗିବା ଛଡ଼ା ଅନ୍ୟ ଉପାୟ ନାହିଁ, କାରଣ ଯୋଉଥ ତା ଚାବି ଅନ୍ୟ କାହାରିକୁ ଦେଇଯାଇ ନାହିଁ । ମାହାପାତ୍ର ଯାଇ ବାବୁଆଣୀଙ୍କୁ କହିଲେ । ବାବୁଆଣୀ ବୁଝି ଏଣେ ତେଣେ ଖୋଜିଲେ । ଏଣେ ଯେ ବେଳ ଉଚ୍ଛୁର ହୋଇ ଯାଉଚି । ଠିକ୍ ସାତ ଘଡ଼ିକୁ ନବନ୍ଧ । ସନ୍ଧ୍ୟା ହୋଇ ଗଲଣି । ଏତିକି ବେଳେ ଜଣେ ଲୋକ ପୁସ୍ତକ ଗୋଟାଏ ସାଇକଲରେ ବସି ଆସି କହିଲା ଯେ ଯୋଉ ବାବୁ ତା ହାତରେ ମଙ୍ଗଳଭୂ ପଠାଇ ଦେଇ ଚନ୍ତି । ମହାପ୍ରସାଦ ନେଇ ଅସୁ ଅସୁ ଡେରି ହବ । କାରଣ ଗୋଟାଏ ମାଘ ସ୍ନାନ ପଡ଼ିଯିବା ହେତୁରୁ ଭଣ୍ଡ ଲୋକ ଉଠିବାରେ ଡେରି ହେଉଚି । ଏଣେ ପୁରୋହିତ ଓ ନିମନ୍ତ୍ରିତ ବ୍ରାହ୍ମଣମାନେ ଆସି ପହଞ୍ଚିଲେଣି । ଏତେ ବେଳେ ସେ କାହା ଦୁଆରକୁ ଲୁଗା-ପଟା ମାଗିଯିବେ । ସେ ଅଉ କିଛି ନ ପାଇ ବାବୁଆଣୀଙ୍କର ସହିତା ଲୁଗା ଖଣ୍ଡେ ଯେନ ପଲାଇଲେ । ପାର୍ବତୀ ବାବୁ ଅଉ କରନ୍ତୁ କଣ ? ସେଇ ବାର ହାତ ସହଣ ଲୁଗା ଖଣ୍ଡ କୌଣସି ମତେ ଗୁଡେଇ ପୁଡେଇ ହେଇ ଘରକୁ ଅସିଲେ । ସେତେ ବେଳକୁ ନବନ୍ଧ ବେଳ ହୋଇ ଯାଇଥିଲା । ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନେ ଉଚ୍ଛନ୍ନ ହୋଇ ଉଠିଲେଣି, କନ୍ୟା ବର ପିତା ଓ ବନ୍ଧୁମାନଙ୍କର ଅସିବାରେ ଡେରି ହେଉଚି । ପାର୍ବତୀ ବାବୁ ଦଉଡ଼ା ଲୁଗା ଖଣ୍ଡେ ପିନ୍ଧି ଓ ଅନ୍ୟାନ୍ୟମାନେ ସେଇ ଗାମୁଛା ଖଣ୍ଡିଏ ମାନ ପିନ୍ଧି କପଡ଼ ବା ସଭା ମଧ୍ୟକୁ ଯାଉଚନ୍ତି ? ଏହି ସମୟରେ ଯୋଉ ବାବୁ ଅସି ପହଞ୍ଚିଲେ । ସେ ଏ ସବୁ ହାଲ୍ ଶୁଣି ଭରବର ହୋଇ ନିଜ ଘର

ଫିଟାଇ ଏମାନଙ୍କୁ ସେଠାକୁ ଡାକି ନେଲେ । ଅଲୁଅ ଅଣିବାକୁ ଫୁରସତ ନାହିଁ, ସେ ତାଙ୍କୁ ତାଙ୍କର ଗାମୁଛା ଖଣ୍ଡିକ ମୁହଁ ପୋଛିବାକୁ ଦେଲେ । ଏବ ନଙ୍କେ ବାକସ ଇତ୍ୟାଦି ଫିଟାଇ ସେଥିରୁ ଲୁଗା ବାହାର କରିବାରେ ଲାଗିଲେ ଲୁଗା ବାହାରିଲା । ସେମାନେ ପିନ୍ଧି ଯଥା ସ୍ଥାନକୁ ଗଲେ । ଦୁଇଟା ପେଟ୍ରୋମାକ୍ସ ଅଲୁଅରେ ଘରଟା ଦିନ ଭଳି ଉଜ୍ଜ୍ୱଳ ହୋଇଛି । ସମସ୍ତେ ଚଉକି ପରି କନ୍ୟା ପିତା ଓ ବନ୍ଧୁମାନଙ୍କୁ ଚାହିଁ ବସିଛନ୍ତି । ଏଇ ସମୟରେ ପାର୍ବତୀ ବାବୁ ଓ ତାଙ୍କର ସଙ୍ଗୀମାନେ ସେ ଘରକୁ ପଶିଯିବା ମାତ୍ରେ ଗୋଟାଏ ହସର ଫୁଲ ଘର ଖଣ୍ଡକୁ ଭାଙ୍ଗି ପକାଇଲା । ପାର୍ବତୀ ବାବୁ ଦୁଆର ମୁହଁରେ ଥକ୍କାମରା ହୋଇ ଠିଆ ହୋଇ ଗଲେ । ରାଗରେ ବିରକ୍ତିରେ ତାଙ୍କର ମୁହଁ ନାଲିହୋଇ ଉଠିଲା, ଆଖି ଝଲସି ଗଲା । ସେ ଓ ତାଙ୍କର ସଙ୍ଗୀମାନେ ସେଠାରୁ ପଛୁଘୁଞ୍ଚା ଦେଇ ଚାଲିଗଲେ । ମହାପାତ୍ର ବାବୁ ମଧ୍ୟ ସେଠାରେ ଥିଲେ । ସେ ପାର୍ବତୀ ବାବୁ ଇତ୍ୟାଦି ଫେରି ଯିବାର ଦେଖି ତାଙ୍କ ପଛେ ପଛେ ଯାଇ ତାଙ୍କୁ ଦାଣ୍ଡ ଘରେ ଧରିଲେ । କହିଲେ, "ପାର୍ବତୀ ବାବୁ, ଆପଣ ଜଣେ ଭଦ୍ରବ୍ୟକ୍ତି, ଆମ୍ଭେମାନେ ଆଶା କରିଥିଲୁ ଆପଣ ଭଦ୍ର ବ୍ୟବହାର କରିବେ । ଏପରି ମୂର୍ଖଙ୍କ ସାଙ୍ଗ ଏ ସ୍ଥାନକୁ ଭଦ୍ରଲୋକଙ୍କ ମଝିକୁ ଆସିବା କି ସୁନ୍ଦର ହୋଇଛି ?"

ପାର୍ବତୀ ବାବୁ ଗର୍ଜନ କରି ଉଠିଲେ, କହିଲେ, "କଣ, ଆମ୍ଭେ ଅଭଦ୍ର ! ଆମ୍ଭେ ଅଭଦ୍ର ! ଆମ୍ଭେ ବାହାର ଗାଁରୁ ଆପଣଙ୍କ ଗାଁକୁ ସମ୍ବନ୍ଧ ପାଇବାକୁ ଆସିଛୁଁ, ସେଥିରେ ପ୍ରଥମେ ହେଲା ଆମର ଲୁଗା ଚୋରି, ତା ଆମ୍ଭେ ଯିବା ମାତ୍ରକେ ସମସ୍ତେ ବିନା କାରଣରେ ହସି—"

ମହାପାତ୍ରେ—ବିନା କାରଣରେ ? ଅସନ୍ତୁ ଦେଖିବେ, ବିନା କାରଣରେ କି କଣ ? କହି ତାଙ୍କୁ ଟାଣି ବୈଠକଖାନା ଘରକୁ ଟାଣି ନେଲେ । ସେଠାରେ

ଗୋଟାଏ ବଡ଼ ଦର୍ପଣ କାନ୍ଥ ଦେହରେ ମଢ଼ା ହୋଇଛି। ପାର୍ବତୀ ବାବୁ ଦେଖିଲେ ଏକ ଅଦ୍ଭୁତ ଦୃଶ୍ୟ। ତାଙ୍କର ଗୋଟାଏ ପଟ ଗାଲରେ ଧଳା ଓ ନାଲି ରଙ୍ଗର ଦୁଇଟା ମାଙ୍କଡ଼ର ଚିତ୍ର ଓ ଆଉ ଗୋଟାଏ ଗାଲରେ ଧଳା ଓ ନେଳି ରଙ୍ଗର କାମଦେବର ଚିତ୍ର, କପାଳରେ ଏତେ ଏତେ ଅକ୍ଷରରେ ଲେଖା ହୋଇଛି 'ବୋକା'। ଆଉ ତାଙ୍କ ସଙ୍ଗିମାନଙ୍କର ମୁହଁ ଗୁଡ଼ାକରେ କଳା, ନେଳି, ନାଲି ଓ ଧଳାର ଅପୂର୍ବ ଚିତ୍ର ହୋଇଛି, ଯେପରି ସୁଅଙ୍ଗରେ ବାରି ବାହାରିଛି। ପାର୍ବତୀ ବାବୁ ପ୍ରଥମେ ତ କିଛି ବୁଝି ପାରିଲେ ନାହିଁ। ଏତେ କାଣ୍ଡ କାରଖାନା କେତେ ବେଳେ କିପରି ଯେ ହେଲା, ସେ ଆଦୌ ଅନୁମାନ କରି ପାରିଲେ ନାହିଁ। ମହାପାତ୍ରେ ସେତିକି ବେଳେ କହିଲେ, "ଏବେ ଦେଖିଲେ, ଯେଉଁମାନେ ହସିଥିଲେ ସେମାନେ ସକାରଣରେ କି ଅକାରଣରେ ଏବେ ବୁଝିଲେ ତ? ଆପଣଙ୍କୁ ଆଉ କୁ ଠେଇଁ ସୁଅଙ୍ଗ ଦେଖାଇବାକୁ ମିଳିଲା ନାହିଁ!" ରାଗ କ୍ଷୋଭ ଓ ଲଜ୍ଜାରେ ମରିଗଲା ପରି ହୋଇଯାଇ ପାର୍ବତୀ ବାବୁ କହିଲେ, "ଆପଣ କଣ ଭାବୁଚନ୍ତି ମୁଁ ଏପରି ବେଶ ଜାଣିଶୁଣି ହୋଇ ଆସିଚି?"

ମହାପାତ୍ରେ— ତା' ନ ହେଲେ ଆପଣ ତ ଛୋଟ ପିଲା ନୁହନ୍ତି ଆପଣଙ୍କୁ ଏ ବେଶ କରନ୍ତା କିଏ?

ପାର୍ବତୀ ବାବୁ ଦେଖିଲେ, ଘୋଷ ବାବୁଙ୍କ ଦିଆ ଗାମୁଛାରେ ମୁହଁ ପୋଛିବା ଛଡ଼ା ସେ ଆଉ ତାଙ୍କ ମୁହଁରେ ହାତ ଦେଇନାହାନ୍ତି। ଯଦି କିଛି ଗୋଳମାଳ ହୋଇଥାଏ, ତା ହେଲେ ସେଇ ମୁହଁ ପୋଛା ବେଳେ। ବୋଧହୁଏ ସେ ଖୁବ୍ ସାବଧାନରେ ମୁହଁ ଝାଳ ଚପି ପୋଛିଥିଲେ ବୋଲି ତାଙ୍କ ମୁହଁରେ ଛବି ଗୁଡ଼ାକ ରହିଗଲା, ଆଉ ତାଙ୍କ ସଙ୍ଗୀମାନେ ସେପରି

ସାବଧାନ ନ ହୋଇ ଯେଉଁ ଭା କର ପୋଛୁଥିଲେ ବୋଲି ସେମାନଙ୍କ ମୁହଁରେ କେବଳ ଦାଗ ଲାଗି ରହିଗଲା । ସେ କହିଲେ ଦେବଙ୍କୁ ମହାପାତ୍ରେ ଆମେ ଯେ ଗାମୁଛାରେ ଧୋଇ ବାବୁଙ୍କ ଘରେ ମୁହଁ ପୋଛୁ ଥିଲୁଁ, ସେ ଗାମୁଛାଟା ଆଣି ଦେଲେ ମୁଁ ବୁଝେଇ ଦେବି, ଏ କିପରି ହେଲା । ତାଙ୍କର ସ୍ୱରଟା ଶାଣ ଛୁରି ପରି ତୀକ୍ଷ୍ଣ, କରତ ପରି ଥିଲା । ମାହାପାତ୍ରେ କିଛି ବୁଝି ନପାରି ଏମାନଙ୍କୁ ଧୋଇ ବାବୁଙ୍କ ଘରକୁ ନେଇଗଲେ । ସେଠାରେ ଦେଖିଲେ ଯେ ଚୌକି ପିଠି ଉପରେ ସେମାନେ ସେ ଗାମୁଛାଟା ରଖିଥିଲେ ସେହିଠାରେ ଠିକ୍ ସେହି ଭାବରେ ଗାମୁଛାଟା ଅଛି । ମେଲାକରି ଦେଖିଲେ, ଗାମୁଛାରେ କୌଣସି ଠାରେ ଟିକିଏ ଦାଗ ମାତ୍ର ନାହିଁ । ପାର୍ବତୀ ବାବୁ ବୋକା ବନିଗଲେ । ଥାଥା ମାରା ହୋଇ ପଚାରିଲେ, "ଧୋଇ ବାବୁଙ୍କର ଗାମୁଛା କେତେ ଖଣ୍ଡ ?" ଏଥର ମହାପାତ୍ରଙ୍କ ପାଳି । ସେ ଗମ୍ଭୀର ଓ ଛୁରି ଧାର ପରି ଧାରୁଆ ସ୍ୱରରେ କହିଲେ, "ଦୁଇ ଖଣ୍ଡ, ଏ ଖଣ୍ଡେ ଆଉ ଖଣ୍ଡେ ତା କାନ୍ଧରେ ଅଛି । ପାର୍ବତୀ ବାବୁ ସେଠାରୁ ଏକ ମୁହାଁ ଦାଣ୍ଡକୁ ଚାଲିଲେ । ଏତିକି ବେଳେ ଘର ଭିତରୁ ଅଉରି ଗୋଟାଏ ଗୋଳମାଳ ଶୁଭିଲା । ସେ କାନ ଦେଇ ଶୁଣିଲେ କିଏ କହୁଛି, "ଏ ମଦ ବୋତଲଟା ପରା ମୁଁ ସେଇ ଘରୁ ପାଇଲି, ଯୁଉଁ ଘରେ ସେ ବାବୁମାନେ ଥିଲେ । ପାର୍ବତୀ ବାବୁ ଥିଲେ । ପାର୍ବତୀ ବାବୁ ଆଉ ଶୁଣିବାକୁ ଅପେକ୍ଷା କଲେ ନାହିଁ । ସେ ଏକ ମୁହାଁ ରାସ୍ତା ଧରି ଚାଲିଲେ । ପଛରୁ କିଏ ଡାକ ପକାଇଲା, "ପାର୍ବତୀ ବାବୁ ଧୋଇ ବାବୁଙ୍କ ଲୁଗା ଗୁଡ଼ାକ ଯେନି କଣ ଶେଷରେ ପଳେଇବେ ? ଖାସା ଭଦ୍ରଲୋକ ଯାହା ହଉ ।"

ଏହିପରି ଭାବରେ ନିର୍ବନ୍ଧ ଭାଙ୍ଗିଗଲା । ସେ ଦିନ ରାତିରେ ଧୋଇ ବାବୁ ଆନନ୍ଦ ମନରେ ଶୋଇବାକୁ ଯାଇ, ତା ଘର ଭିତର ପଶୁ କହିଲ, ଦିଆସିଲି

ମାଉ ଚାଷକରମାନେ ଯେପରି ମୋଟା କେରପାଲ ଭଲ କନାରେ ଚାଷ କରନ୍ତି ସେହିପରି ଗଣ୍ଡ୍ରେ କନା ଢାଲପକାଇ ଥିଲେ ।

୫

ଏହାର କିଛି ଦିନ ପରେ ପୁରୀର ସରନ୍ତି ସୋମବାର ମେଳା । ବୈଶାଖ ମାସ ଶେଷ ସୋମବାର ଦିନ ପୁରୀ ଲୋକନାଥଙ୍କ ପାଖରେ ଗୋଟିଏ ବଡ଼ ରକମ ମେଳା ହୁଏ । ପୁରୀ ପଞ୍ଚକୋଶି ମଧ୍ୟରୁ ପ୍ରାୟ ପ୍ରତ୍ୟେକ ପୁରୁଷ ବ୍ୟକ୍ତି ଏ ମେଳାକୁ ଆସନ୍ତି । ଚଦନି କାତି ନହିଲେ ଏ ମେଳା ପଡ଼ିବା ଦ୍ୱାରା ଲୋକମାନଙ୍କର ବଡ଼ ସୁବିଧା ହୁଏ । ଏକା କ୍ଷେପକେ କାଳିଆ ସେଉଲ ଦି କଥା, ଛାଡ଼େ କିଏ ? ରବିବାର ରାତି ଠାରୁ ଆରମ୍ଭ କରି ସୋମବାର ଦିନ ପହରକ ପର୍ଯ୍ୟନ୍ତ ସତ୍ୟବାଦୀ ଓ ପୁରୀ ମଝି ଜଗନ୍ନାଥ ସଡ଼କ ଲୋକାରଣ୍ୟ । ଘୋଡ଼ା ଗାଡ଼ିର ଗୋଟାଏ ଅସରନ୍ତି ସୁଅ ଚାଲିଥାଏ । ଏବଂ ଘୋଡ଼ାମାନଙ୍କ ବେକର ଘଣ୍ଟି ଶବ୍ଦରେ କାନ ଅତଡ଼ା ପଡ଼ିଯାଏ । ଶଗଡ଼ିଆମାନଙ୍କ ମଧ୍ୟରେ ବାଦ ବିବାଦ, କଳି ତକରାଳ ଅଭାବ ନ ଥାଏ । କାହା ଶଗଡ଼ର ଦଣ୍ଡା

କାହା ଶଗଡ଼ ମୁଣ୍ଡିରେ ବାଜିଗଲା, କିଏ ଅଗରେ କ୍ୟାଉ ନେବାକୁ ଚେଷ୍ଟା କଲେ, ଅଉ କିଏ ବାଃ ଛାଡୁ ନାହିଁ ଇତ୍ୟାଦି କାରଣରୁ କଲଗୋଲ ଓ ମରା-ମରି ମଧ ବେଳେ ବେଳେ ହୋଇଯାଏ । ତାଲାଗି ଲୋକମାନେ ହାତ ତାଳି ତାଳିଦିଅ "ଅଛି କେଳ କଉତୁକ ଶ୍ରୀଗ୍ରମୁରେ ମୋର ମାଗୁଣି ଏତିକି" ଗୀତ ଛଡ ସେ କଲଗୋଲ ଓ ମରାମରିରେ ବେଳେ ବେଳେ ଯୋଗ ଦିଅନ୍ତି । ସକାଳେ ପୁରୀରେ ପଞ୍ଚ ଦେଉଳରେ ପଶି ଲ ଅଗନ୍ଧା ଓ ବାପି ଢ଼ାଲ ତରବାରିରୁ ମେଡେଁ-ଲେଗାର୍ଏଁ ପକାଇ ଦେଇ ଲୋକନାଥଙ୍କ ବାଲି ପଡ଼ିଆରେ ଅସି ହାଜର ହୁଅନ୍ତି । ଅଧିକାଂଶ ଗଛ ଉପରେ, ପାହାଡ଼ ଉପରେ, ଘର ଉପରେ ପାତ୍ରମାନଙ୍କଙ୍କ ପର ପନ୍ଥରହି ଥାନ୍ତି । ଯେଉଁମାନେ ମୁଖିଅ ଓ କାମକା, ସେମାନେ ନଡ଼ିଆ ଢୋଳିବା, ଚୂଡ଼ା ଘଷିବା, କଦଳ କାଟିବା ଇତ୍ୟାଦିରେ ଲାଗିଯାନ୍ତି । ନଡ଼ିଆର ଘଷର ଘଷର, ଚୂଡ଼ାର ପଷର ପଷର, ପାତ୍ରମାନଙ୍କ ମାମଙ୍କର କଟର କଟର, ଓ ମନୁଷ୍ୟମାନଙ୍କର କ୍ୟାଉ ମ୍ୟାଉ ଇତ୍ୟାଦିରେ ମନେହୁଏ ଯେପରି ଭୂତନାଥଙ୍କ ଅନୁଚରମାନେ ଏତେ ଦିନ ପରେ ନରକର ଅନ୍ଧାରରୁ ପୃଥିବୀର ଆଲୋକକୁ ବାହାରି ଆସିଚନ୍ତି ।

ଗ୍ରାମର ମାମଲତକାରମାନେ ବେଢା ଅଗଣାରେ ବସି ଗାଁର ବାଦ ବିବାଦ ତୁଟାଇବା ନାମରେ ନିଜର ବାହାଦୁରି କରୁ କରୁ ଅଉ ଗୋଟାଏ ବାଦ ବିବାଦ ଲଗାଇ ଦିଅନ୍ତି । ବେଢା ମଧରେ କେବଳ ବ୍ରାହ୍ମଣ ବିଶେଷତଃ ଶାସନ ବ୍ରାହ୍ମଣମାନଙ୍କର ବସିବାର ଅଧିକାର ବୋଲି ସେମାନେ ସେଇ ବେଢ଼ା କେତେ ହାତ ଭିତରେ, ନଡ଼ିଆ ପାଣିରେ ଚପ ଚପ, ସଢ଼ ସଢ଼ ହୋଇ ବସିବେ ପଛକେ, ବାହାରକୁ ଯିବେ ନାହିଁ । ଅଥଚ ଯେଉଁମାନେ ଇତର ସେମାନେ ବାହାରେ ଗଛତଳମାନଙ୍କରେ ଦିବ୍ୟ ସମୁଦ୍ର ପବନ

ଉପଭୋଗକରି ନିଜ ନିଜ କାମ କରିଯାନ୍ତି । ବ୍ରାହ୍ମଣ ସାମନ୍ତମାନଙ୍କର ବୁଦ୍ଧି ତ ! ଏଇ ଜ୍ୱରରେ ଦଗ୍ଧହୋଇ, ଜନ୍ମାନ୍ତର୍ରେ ମଗ୍ନହୋଇ, ଉପାସରେ ଖାଇହୋଇ ଦିନ ଚନ୍ଦ୍ରା ସରିବା ବେଳକୁ ମୁଠେ ମୁଠେ ଚୂଡ଼ା-ଘଷା ଖାଇବାକୁ ଦିଲେ । ସେ ମଧ୍ୟ ବ୍ରାହ୍ମଣ ସାମନ୍ତମାନଙ୍କ ଅଦ୍ଭୁତ ଅବସ୍ଥାର । "ସେହି ଚୂଡ଼ା, ସେ ବୁଢ଼ାହୋଇ, କୁଣାହୋଇ ଚଳ ନଥିଲା ପରି ହୋଇଥିବ । ସେଥିରେ ପାଞ୍ଚ ଗଣ୍ଡା ନଡିଆ, ସେ ନଡିଆ ଯେ କୋରା-ହବ, ସେଥିରୁ ପୁଣି ଲେଖାଏଁ ସବୁଦିନରେ ରହିଯିବ, ପାଞ୍ଚ ପା ଘିଅ ଓ ପାଞ୍ଚ ପା ଚିନି ବା ନବାତ । ଗୋଟାକାଟେ ସବୁରି ଦାନ୍ତରୁ ଭାଙ୍ଗିକରି ଅଂଶୁ ବାହାରକରାଯାଇ ତାର ପିଟିରେ ଖଣ୍ଡା ଖଣ୍ଡା ଯୋକା ପଞ୍ଚୋଶା ବ କ୍ଷୟ ଏ ସବୁକୁ ଏକାଠି ପକାଇ ଘଣ୍ଟା ଦୁଇ ତିନି କାଳ ଘଷିବା ପରେ ସେଥିରେ କର୍ପୂର ଲବଙ୍ଗ, ଗୁଜୁରାତି ଇତ୍ୟାଦିର ଗୁଣ୍ଡ ଦିଆହୋଇ ପାଗ ଶେଷ କରାଯାଏ ।

ସେତେବେଳେ ସେ ଅବସ୍ଥାରେ ତାକୁ ଖାଇବାକୁ ଯେ ସୁଖ, ସେଥିରେ ପୁଣି ବାହାଦୁରି, ଏ ପର୍ଯ୍ୟନ୍ତ ଶ୍ରୀରାମଚନ୍ଦ୍ରପୁର ପରି ସଭ୍ୟ ଗ୍ରାମର ବ୍ରାହ୍ମଣ ସାମନ୍ତମାନେ ମଧ୍ୟ ତାଙ୍କ ସରନ୍ତ ସୋମବାର ଚଡ଼ଘଷାଟା ସମସ୍ତଙ୍କ ଠାରୁ ବଡ଼ିଆ ହୁଏ ବୋଲି ଗର୍ବ କରନ୍ତି । ବ୍ରାହ୍ମଣ ସାମନ୍ତମାନଙ୍କର ବୁଝିବା ଉଚିତ ପଇସା ଅଛି ବୋଲି ପଇସା ବୁଣିବାରେ ମଣିଷପଣିଆ ଜଣାପଡେ ନାହିଁ । ନିଜର ଓ ପଞ୍ଚ ପରମେଶ୍ୱରଙ୍କର ସୁଖ ଓ ଭଲ ପାଇଁ ଯଥାଯଥ ବ୍ୟୟ କରିବାହିଁ ମନୁଷ୍ୟତ୍ୱ । ସେମାନେ ଏତେ ପଇସା ଖର୍ଚ୍ଚକରି ଯେ ପଦାର୍ଥ ତିଆରି କରନ୍ତି, ସେତ ଅଖାଦ୍ୟ । ସେମାନେ ସ୍ୱୀକାର କରିବେ ଯେ ସେ ଅଖାଦ୍ୟ । ଅଉ ସେ ନ ହେଲେ ଯେ ଲୋକନାଥଙ୍କ ଅନ୍ୟ ଜିନିଷ ରୁଚିବ ନାହିଁ । ଏପରି ମଧ୍ୟ କୌଣସି ଶାସ୍ତ୍ରରେ ନାହିଁ । ଅତଏବ ମେଳା ମଉଜ

କରିବାକୁ ଯାଉଛୁ, ଯେପରି ସୁଗନ୍ଧ, ଅଗ୍ରାନ୍ଦ୍ର ସେହିପରି ପଦାର୍ଥ କରି ଲୋକନାଥଙ୍କୁ ଭୋଗଦ୍ଧଅ, ଅଉ ଗଲ !

ଯାହାହଉ, ଏ ମୋର ଏକ ପ୍ରକାର ଅର୍ବାଚିନତା । ବ୍ରାହ୍ମଣ ସାନ୍ତ୍ରେ ବୋଧହୁଏ ମୋ ଉପରେ ତାଙ୍କର ଭାଲ ଠେଙ୍ଗା ନଗ୍ନଛବାର ବ୍ୟବସ୍ଥା କଲେଣି । ଅଧା ବେପାରିର ଜାହାଜ ଖବର କେବେ ଦରକାର ନଉ ନଥିଲା ବୋଲି, ଅଜି ଯେ ଦରକାର ନହେବ, ତାର କୌଣସି ଅର୍ଥ ନାହିଁ । ପ୍ରକୃତ ପକ୍ଷରେ ଅଦା ବେପାରି ମଧ୍ୟ ଅଜିକାଲି ଜାହାଜ ଖବର ନେବାକୁ ବାଧ ହେଲେଣି । ମୋ ଅଦା ବେପାରିଙ୍କୁ ଅସେଁ ଭେଟେ ।

ସମସ୍ତଙ୍କ ପରି ଯୋଗ ବାବୁ ମଧ୍ୟ ସେ ଦିନ ପାଞ୍ଚ ଜଣ ସାଙ୍ଗ ସାଥି ନେଇ ପୁରୀ ଯାଇଛନ୍ତି । ପୁରୀରେ ତାଙ୍କର ବନ୍ଧୁ-ବାନ୍ଧବ ଦୁ ଛଅ ଘର ଅଛନ୍ତି ଓ ସାଙ୍ଗ-ସାଥି ମଧ୍ୟ ଅନେକ ଅଛନ୍ତି । କଲିକତାରୁ ଫେରି ଓଡ଼ିଶାର ଏକମାତ୍ର କ୍ରୀଡ଼ାଶିଳ୍ପକାର ବୋଲି ନାମ ନେବା ଦିନ ଠାରୁ ସେ ପୁରୀରେ ବେଶ୍ ଜଣାଶୁଣା । ଅନେକ ବଡ଼ ବଡ଼ ଲୋକଙ୍କର ଅନେକ ବଡ଼ ବଡ଼ କାମ ସେ କରି ଦେଇଛନ୍ତି । ସଂସାରି ମଠର ମୃତ ଚେଲାଙ୍କ ତୈଳ-ଚିତ୍ର ଯାହାକି ମହନ୍ତ ମହାରାଜଙ୍କ ବୈଠକ ଖାନାରେ ଟଙ୍ଗା ହୋଇଛି ସେ ଯୋଗ ବାବୁଙ୍କର । ସେଦିନ କଟିରେ ଅମଲାମାନେ ସରନ୍ତି ସେମାନଙ୍କର ମେଳା ପାଖରେ ଗୋଟାଏ ତମ୍ବୁ ପକାଇ ମଉଜ କରିବାକୁ ଅସିଥାନ୍ତି । ସହରର ବିଶିଷ୍ଟ ବିଶିଷ୍ଟ ଭଦ୍ରବ୍ୟକ୍ତିମାନେ ମଧ୍ୟ ସେଠାକୁ ନିମନ୍ତ୍ରିତ ହୋଇଥାନ୍ତି ଶିବ ବାବୁ ତାଙ୍କର ଅନୁଚରମାନଙ୍କୁ ନେଇ ଓ ଯୋଗ ବାବୁ ତାଙ୍କର ସଙ୍ଗୀମାନଙ୍କୁ ନେଇ ସେଠାରେ ଉପସ୍ଥିତ ଥାନ୍ତି । ମେଳା ସରିଲା । ତା ପରେ ପାଚକ ପାଣି ଟିକେ କଲି ଚନ୍ଦନ ଦେଖି ଯିବାର ବ୍ୟବସ୍ଥା ।

ଯାଚକ ପାଣି ତ ସେ ନୁହେ, ସେ ଗୋଟାଏ ଉତ୍କୃଷ୍ଟ ରକମ ସରବତ । ଛେନା, ଦୁଧ, କଦଳି, ନବାତ ଓ ବଟା ଗଞ୍ଜେଇ, ଲବଙ୍ଗ, ପୁସ୍ତକଦାନା ଇତ୍ୟାଦିର ସମ୍ମିଶ୍ରଣରେ ଛଅଇ ସେ ପଦାର୍ଥ ଶ୍ମଶାନବାସି ଗଞ୍ଜେଇଖୋର ସ୍ୱୟଂ ଲୋକନାଥ, ବ କୋଟଲ ଫଳାହାର ସ୍ୱୟଂ ମହାବୀର ତାଙ୍କ ଚୌଦ ଜନ୍ମ ଓ ସାତ ପୁରୁଷରେ ମଧ ଚାଖି ନଥିବେ । ସେମାନଙ୍କର ପରମ ଭାଗ୍ୟ ଯେ ପୁରୀ ସହରରେ ଅସ୍ଥାନ ମାତ୍ର କରିବାରୁ ପୂର୍ତ୍ତି ଭାବରେ ନ ହେଲେ ମଧ ଅଘ୍ରାଣ ଅର୍ଦ୍ଧ ଭୋଜନଂ ପାଉଛନ୍ତି ।

ଯେତେବେଳେ ଏ ଦେବ ଦୁର୍ଲଭ ପଣା ଅସି ମାଠି ଉଲରେ ଜଣ ଜଣଙ୍କୁ ଯଗ୍‌ଯାଏ ସେତେବେଳେ ଯୋଇ ବାବୁ ପ୍ରଥମେ ମନା କରିଥିଲେ, ଜନ୍ତୁ ପରେ ସାଙ୍ଗ–ସାଥିମାନଙ୍କର ଉପରୋଧରେ ଓ ଶିବ ବାବୁଙ୍କ ଅନୁଚର ମାନଙ୍କର "ଛି ଛି ଯୋଇ ବାବୁ, ମଧୁପୁର ଗାଁର ନା' ବୁଡେଇଲ" କଥାର ପ୍ରରୋଚନାରେ ସେ ଉଲରୁ ଅଧେ ହବ ପିଇଥିଲେ । ତା' ପରେ ମହାପ୍ରସାଦ ଭୋଜନ । ମଝିରେ କିଛି ସମୟ ବିଶ୍ରାମ । କାରଣ ଉପସ୍ଥିତ ଭଦ୍ରବ୍ୟକ୍ତି ମାନଙ୍କ ମଧ୍ୟରୁ କେତେକଙ୍କର ଅଭ୍ୟାସ ଯେ ମୁନେ ଏ ଦେବଦୁର୍ଲଭ ପଣାରୁ ପକାଇ ଲୋକନାଥଙ୍କ ବାଲି ପଡ଼ିଅଟାକୁ ପବିତ୍ରକରି ନ ଅସିଲେ ଅଉ ପୁଣି ଜଗନ୍ନାଥଙ୍କ ମାଲ୍‌ଟା ପଚି ପାରିବ ନାହିଁ । ଏଇ ବ୍ୟବଧାନ ମଧ୍ୟରେ ଯୋଇ ବାବୁଙ୍କ ଦଳ ଓ ଶିବ ବାବୁଙ୍କ ଦଳ ବସି ନାନା ପ୍ରକାର ଗପ ଆରମ୍ଭ କଲେ । କଥାଗୁଡ଼ାକ ସ୍ୱାଭାବିକ ଗତିରେ ଭୋଜନ ଅଡ଼କୁ ଗଡ଼ି ଅସିଲା । ତାର ଦୁଇଟି କାରଣ— ପ୍ରଥମ ଏଯେ ଲୋକନାଥଙ୍କ ଅଧର ପଣା ଯେଉଁତ ଯିମିତ ସିମିତ ନୁହେ, ସ୍ୱୟଂ ସଂହାର କର୍ତ୍ତାଙ୍କ ଉଚ୍ଛିଷ୍ଟ । ସଂହାର କର୍ତ୍ତାଙ୍କର ପୁଣି ଏକ ଭାର୍ଯ୍ୟା ଅଛନ୍ତି । ସେ ସବୁ ବେଳେ ଖାଇବେ ଖାଇବେ ବୋଲି ଜିଭଟା ଲାହୁ ଲାହୁ କରୁଥାନ୍ତି । ସଂହାରକର୍ତ୍ତା ତ ଏ ଅଧର ପଣା

ପିଇଲା ବେଳେ, ଏକା ପିଇ ନଥିବେ, ପ୍ରଥମେ ଭାର୍ଯ୍ୟାଙ୍କୁ ପିଆଇ ପରେ ସେହି ପ୍ରସାଦ ନିଜେ ପିଇଥିବେ । ଅତଏବ ଏତେଗୁଡ଼େ ଖାଇବା ପ୍ରିୟ ଦେବତାଙ୍କର ଉଚ୍ଛିଷ୍ଟ ପେଟରେ ପଡ଼ିଲେ ତ ସେ ଯାହା କିଛି ଥିବ ସବୁ ହଜମ କରି ଦେଇ ଅଉରି କଣ ଖାଇବାକୁ ଅଛି । ତାଆଇ ଦେବ । ଦ୍ୱିତୀୟରେ ନିମନ୍ତ୍ରଣ ଭୋଜନଟା ଅଛି । ଅତଏବ ଫଲଣା ମିଶ୍ରେ କହିଲେ, "ଅହେ ବାବୁ, ଖାଇବ ଖାଇବ ବୋଲି ହୋଉଚ ଯେ କଣ ଖାଇବ ? ତୁମର ତ କୁଆଟାକର ଅହାର, ଦି ଥର ଖୁମ୍ପିଦେଲେ ପେଟ ପୂରିଯିବ । ଆମ ସାଙ୍ଗରେ ଟକ୍କର ପକେଇ ଖାଇ ପାରିବ ?

ଶିଶୁପାଳ କହିଲେ, "ଅହେ, କାହା ସାଙ୍ଗରେ ଟକ୍କର ପକାଉଚ ! ଏ କୋନ ଟୋକାଗୁଡ଼ାକ ଯିମିତ ଖାନ୍ତି, ସିମିତ ଦିନରେ ବଲ ରଟିଚନ୍ତି । ଦେଖନ୍ତୁ, ଆମର ଏ ଧୋଇ ବାବୁଙ୍କୁ, ଦିଶୁଚନ୍ତି କିମିତ, ଏତେ ସଲଟଣରେ ରହିବା ଉତୁଁ ମଧ ଦିଶୁଚନ୍ତି ଯିମିତି ସତେ ଟବା ପାଞ୍ଚ ଦିନର ମଳ । ଦି ପାହଣ୍ଡ ଚାଲିକରି ଯିବାର କ୍ଷମତା ଯାହାର ନାହିଁ ତା ସାଙ୍ଗରେ ପୁଣି ଟକର । ଅହା, ହା, ତୁମେ ଯିମିତ । ଧୋଇ ବାବୁ ମୁହଁକୁ ହସା ଦେଇ କହିଲେ, "ମହାପାତ୍ରେ, ଯାହା କହିଲେ ସେଗୁଡ଼ାକ ମନଗଢ଼ା ଅପ ବାହାଦୁରି ନା ଅଖିରେ ଦେଖିଚନ୍ତି ?" ଶିଶୁପାଳ— କୁଉଟା ମନ ଗଢ଼ା ହେ ? ତୁମର ଦି କୋଶ ପାଞ୍ଚ କୋଶ ଚାଲି ଯିବାଟା ? ପାରିବ ? ଏତେ ଭଦ୍ର ଲୋକତ ଅଛନ୍ତି, କହ ଦେଖି ପାରିବ ?

ଧୋଇ— ଯଦି ପାରେଁ ?

ଫଲଣା— ହଁ ତା ପାଇଁକି ନାହିଁ କାହିଁକ ? ସାଙ୍ଗରେ ଦି ଦଟା ଚାକର ବାକର ଯିବେ, ଅଣ୍ଟାରେ ଚଳିଶ ପାଞ୍ଚଶ ଟଙ୍କା ରହିବ, ସେପଟି ହେଲେ କୋଡ଼ ଟୁଆ ବି ଚାଲିଯିବ ଯେ ।

ଯୋଇ— ଶୁଣନ୍ତୁ ମୁଁ କହୁଚି, ମୁଁ ସାଙ୍ଗରେ ମାତ୍ର ଗୋଟିଏ ଟଙ୍କା ନେଇ କଲିକତା ଯିବି ଓ ଆସିବି ।

ଶିବ— କେଉଁ ମଟରରେ ?

ଯୋଇ— ନାହିଁ ରେଲକରେ ।

ଫଲ୍ଗୁଣୀ— କଣ, ଦୁ ବର୍ଷରେ ?

ଯୋଇ— ନାହିଁ କୋଡିଏ ଦିନରେ । କାହାର ଏଥିରେ ସନ୍ଦେହ ଅଛି ସେ କହୁ, ମୁଁ ପାଞ୍ଚଶ ଟଙ୍କା ବାଜିର ମାରିବାକୁ ପ୍ରସ୍ତୁତ ଅଛି ।

ଯୋଇ ବାବୁଙ୍କର ସାଙ୍ଗ ମଦନ ବାବୁ କହିଲେ, ଅରେ ଯୋଇଥି ତୁ ଗୋଟାଏ ମସ୍ତବଡ଼ ଗଧ । ଖାଲି ଭୋପା ବାହାଦୁରି ଗୁଡ଼ାଏ କରୁ କାହିଁ ?

ଯୋଇ ବାବୁ ରାଗିଯାଇ କହିଲେ, "ଭୋପା ବାହାଦୁରି ? ମୁଁ ପ୍ରକୃତରେ ଚ୍ୟାଲେଞ୍ଜ ଦେଇ କହୁଛି, ମୁଁ ଯଦି ଗୋଟାଏ ଟଙ୍କା ନେଇ ଆଜି ଠାରୁ କୋଡିଏ ଦିନ ମଧ୍ୟରେ କଲିକତା ଯାଇ ଫେରି ନ ଆସିବି ତା ହେଲେ ମୁଁ ପାଞ୍ଚଶ ଟଙ୍କା ହାରିଯିବି । ଆପଣମାନଙ୍କ ମଧ୍ୟରେ କେହି ଅଛି ଯେ ଏ ବାଜିର ଦେଇ ପାରିବ ?"

ଶିବ— ବାବା ଯୋଇ, ତୁ ପିଲା, କଥା କଥାରେ ଏପରି ବାଜିର ମାରିବା ଠିକ୍ ନୁହେ । ନିଜର ଶକ୍ତିକୁ ଚିହ୍ନି, ନିଜର ସୁବିଧା ଅସୁବିଧାକୁ ଦେଖି ଯିଏ ଯେତିକି ପାରିବ ସେତିକି କହିଲେ ଭଦ୍ରଲୋକ ବୋଲି ଚିହ୍ନା ଯାଏ । ଏଗୁଡ଼ାକ ଖାଲି ବଢ଼ାଇ କଥା ।

ଯୋଇ— ମୁଁ ବଢ଼ାଇ ନୁହେଁ, ମୋର ବାଜିର ନେଇଥି ଯେ ମୋତେ ବଢ଼ାଇ ବୋଲି କହେ, ସେ ନିଜେ ଅଭଦ୍ର । ତା ପରେ ସମସ୍ତେ କହିଉଠିଲେ

"ଶିବ ବାବୁ, ଆପଣଙ୍କୁ ଏ ଛୁଟର ରଖିବାକୁ ହେବ । ଏକା ବେଳକେ ପାଞ୍ଚଶ ଟଙ୍କାର ବାଜି ରଖିବା ଭଳି ଶକ୍ତି କାହାରି ନାହିଁ । ତା ପରେ ଯୋଗିର ଏ ବାଜି ପଡ଼େ ଆପଣଙ୍କ ସାଙ୍ଗରେ ।"

ଶିବ— ଅଚ୍ଛା, ନ ହେଲା, ବାଜି ରଖିଲି । କିନ୍ତୁ ଗାଁରେ ଯେ ଶୁଣିବ ବିଶେଷତଃ ଯୋଗିଅ ବୋଉ, ମତେ ଗାଳିଦେବ ।

ଯୋଗି— ଏ ସ୍ଥାନରେ ଆମ ଗାଁର ବୋଲି ଆପଣ, ମୁଁ, ମିଶ୍ରେ, ମହାପାତ୍ରେ ଓ ମଦନ । ଆପଣ ମିଶ୍ରଙ୍କର ଓ ମହାପାତ୍ରଙ୍କର ଭାର ନିଅନ୍ତୁ, ମୁଁ ମଦନର ଭାର ନେଉଛି । ମଦନ ଯାଇ ବୋଉଙ୍କୁ କହିବ ଯେ ମୁଁ କଲିକତା ମାମୁଁଙ୍କ ପାଖକୁ ଯାଉଛି । ପନ୍ଦର କୋଡ଼ିଏ ଦିନ ପରେ ଫେରିବି । ତା ହେଲେ ଗାଁରେ ଏ ବାଜି କଥା ଜାଣିବା କାହାରି ସମ୍ଭବ ନୁହେଁ ।

ଶିବ— ତାହାହିଁ ହେଉ ତେବେ । ତୁମେ କଣ ଅଜି ବାହାରିବ ?

ଯୋଗି— ହଁ ଅଜି ଏଇକ୍ଷଣି, ମତେ ଗୋଟାଏ ଟଙ୍କା କିଏ ଧାର୍ ଦେଇ ପାରିବ ! ଆପଣମାନେ ଦେଖିପାରନ୍ତି ମୋ ପାଖରେ ପଇସାଟିଏ ମାତ୍ର ନାହିଁ ମହାପାତ୍ରଙ୍କ ପାଖରେ ସବୁ । ତାଙ୍କୁ ଖୋଜି ବାହାର କରୁ କରୁ ଡେରି ହେବ । ମଦନ, ତୋ ପାଖରେ ଅଛି ତ ମୋତେ ଗୋଟାଏ ଟଙ୍କା ଦେଲୁ !

ମଦନ— ତୁ କଣ ସତରେ ଯିବୁ ? କି ପାଗଳାମି ! ସେ ନାହିଁ କରୁଥିଲା, ତାକୁ ବଳା ବଳି କରି ମୁନେ ଭାଙ୍ଗ ପିଆଇ—

ଯୋଗି— ଥାଉ, ଥାଉ, ତୋର ବିଦ୍ୟା ବାଗିଶଗିରି ଦେଖାଇବା ସେତିକି ଥାଉ । ଆମର ନ୍ୟାୟକାରକ ବାହାରି ପଡ଼ି କହିଲେ କଣ ମୁଁ ନିଶାରେ ଏପରି କରୁଛି । ଭାରି ଭାଙ୍ଗ ଖୋଇଲାବାଲା, ଦେ, ଟଙ୍କାଟା ଦେ ତ !

ତା' ନହେଲେ ତୋ ମୁଣ୍ଡ ଚୂନାକରି ଦେବ । ଅଉ ଶୁଣ, ତୁ ଯଦି ଗାଁରେ କାହାରି ଆଗରେ ଏ ସବୁ କଥା କହିଥାଉ, ମୁଁ ଆସି ଶୁଣିବି, ତା' ହେଲେ, ଜାଣିଚୁତ, ତୋର ବଦ୍ୟା କାଟିଣ ପଣ ଛଡ଼ାଇ ଦେବ ।

ତା ପରେ କଥାହେଲା, ସେ ଯେ କଲକତା ଯାଉଛନ୍ତି, ତାହାର ପ୍ରମାଣ କିପରି ଜଣାଯିବ । ଶିବ ବାବୁ କହିଲେ ଯେ, "କଲକତା ମେଛୁଆ ବଜାର ଗଲିରେ ପ୍ରମଥ ବାବୁ ତାଙ୍କର ଜଣେ ବନ୍ଧୁ । ତାଙ୍କ ସାଙ୍ଗରେ ଦେଖାକରି ଓ ତାଙ୍କ ଠାରୁ ଗଣ୍ଡିଏ ଚିଠି ଘେନି ଧୋଇ ଫେରିଲେ ଜଣାଯିବ ଯେ ସେ କଲକତା ଯାଇଚନ୍ତି ।" ଧୋଇ ରାଜି ହେଲେ ଓ ପ୍ରମଥ ବାବୁଙ୍କର ଠିକଣା ଗଣ୍ଡେ କାଗଜରେ ଟିପି ନେଲେ । ସେଠାରେ କିଏ କିପରି ଜାଣିବ ଯେ ମେଛୁଆ ବଜାରର ପ୍ରମଥ ବାବୁ ଭଦ୍ରବ୍ୟକ୍ତି ହେଲେହେଁ କଲିକତାର ଜଣେ ଗୁଣ୍ଡା ସର୍ଦ୍ଦାର ।

## ୬

ବାଲେଶ୍ୱର ମହମ୍ମଦପୁର । ରାଧାନାଥ ଶତପଥିଙ୍କ ଘର । ତାଙ୍କର ବିଧବା ପତ୍ନୀ ସରୋଜିନୀ ଦେବୀ ରୁଗ୍‌ଣ ଓ ଶଯ୍ୟାଗତ । ପାଖରେ ତାଙ୍କର ବାର ବର୍ଷର କନ୍ୟା ପ୍ରମିଳା । ମା କ୍ଷୀଣ ଦୁର୍ବଳ ଓ ଶାନ୍ତ କଣ୍ଠରେ କହୁଛନ୍ତି, "ମା, କାନ୍ଦନା ମା, ମୁଁ ଯାହା କହୁଚି, ମନଦେଇ ଶୁଣ । ତା ପରେ କାନ୍ଦି-ବାକୁ ବହୁତ ବେଳ ପାଇବୁ । ମରିଗଲେ ତ ଆଉ ଏ କଥା କେବେହେଲେ କହି ପାରିବି ନାହିଁ ।"

ପ୍ରମିଳା— ଶୁଣୁଚି ମା, କିନ୍ତୁ ତୁ ମରିଯିବୁ ବୋଲି କହନା, ମା, ମୋର ଛାତି ଭିତରଟା ଯେ କିସ କିସ ହେଇ ଯାଉଚି ।

ସରୋଜିନୀ— ପାଗଳି, ପାଗଳି ! ମୁଁ କଣ ସବୁଦିନ ବଞ୍ଚିଥିବି । କେହି କି ସବୁଦିନେ ବଞ୍ଚେ ? ତୋର ବାପ, ଆହା ! ସେ ଥିଲେ ଦେବତା, ଦେବତା, କେଉଁ ଅଭିଶାପରେ ଏ ସଂସାରରେ ମନୁଷ୍ୟ ଦେହ ଘେନି ଆସିଥିଲେ । ଅଭିଶାପ ପରେ, ହାୟ ! ଏ ଅଭାଗିନୀକୁ ଫୋପାଡିଦେଇ ଚାଲିଗଲେ । ଏହା କହି ସରୋଜିନୀ ଦେବୀ ଊର୍ଦ୍ଧ୍ୱ ନୟନରେ ତନ୍ମୟହୋଇ ଚାହିଁ ରହିଲେ, କିଛି ସମୟ ପରେ କହିଲେ, "ଦେଖ, ଦେଖ ମା ! ସେ ମତେ

ଡ଼ାକୁଚନ୍ତି, ତାଙ୍କର ସେ ସୁନ୍ଦର ବାହୁ ଯୋଡ଼ିକ ମେଲେଇ ଦେଇ ମତେ ତାଙ୍କର ଛାତିକି ଟାଣି ନେବାକୁ ଆସୁଚନ୍ତି । ଏଇ ଦେଖୁନାହୁଁ, ତାଙ୍କର ସେ ମଧୁର ଚାହାଣି, ସେ ଦିବ୍ୟ ଲୋକର ଅମର ହସ । ଅହା, ମରିଯାଏଁ ଛନା ! କପଟ କପଟ ଏତେ ଦିନ ରହି ମୁଁ ରହିଚି ପାଷାଣୀ ! ଛାଡ଼ ମା, ମୁଁ ଯାଏଁ ! କହି ସରୋଜିନୀ ଶଯ୍ୟାରୁ ଉଠିପଡୁଥିଲେ । ତାଙ୍କର ଆଖିରେ ଉଦ୍‌ଭ୍ରାନ୍ତ ତେଜ । ମୁହଁ ଅସ୍ୱାଭାବିକ ଉଜ୍ଜ୍ୱଳ । ପ୍ରମିଳା ତାଙ୍କୁ ଅତି ଧୀରେ ଛୁଆଁଇ ଦେଇ ଗଦ୍‌ଗଦ କଣ୍ଠରେ ଡ଼ାକିଲେ, "ମା,ମା !" ସରୋଜିନୀଙ୍କର ଧ୍ୟାନ ଭାଙ୍ଗିଲା ଦେଖିଲେ ପ୍ରମିଳା ପାଖରେ । ଆଖିରୁ ଦୁଇ ଧାର ଲୁହ ଗଣ୍ଡଦେଶ ଦେଇ ଭାସିଯାଉଛି । ସେ ପ୍ରମିଳାଙ୍କୁ ନିଜ ଆଡ଼କୁ ଟାଣିନେଇ କହିଲେ, "ମା ମୋର, ସୁନାଟି ମୋର, କାନ୍ଦନା ମା, ତୋର ହସଟି ଠିକ୍ ତାଙ୍କରି ହସପରି । ସେଇଥି ହେତୁରୁ ତୋର ହସ ଟିକ ଦେଖି ମୁଁ ସବୁ ପାସୋରି ପକାଉଥିଲି । ଟିକିଏ ହସ ମା ! ମୋର ଏ ଦିନ କେତୋଟା ଟିକିଏ ଆନନ୍ଦରେ କଟିଯାଉ । ତୁ କାନ୍ଦିଲେ ମୋର ମନରେ ବଡ଼ କଷ୍ଟ ହୁଏ । ମାଲୋ, ତୁ କିପରି ତାଙ୍କରି ସବୁ ଲକ୍ଷଣଟିକ ନେଇ ଆସିଲୁ । ତାଙ୍କ ମନରେ ଦୁଃଖହେଲା ବେଳେ ତାଙ୍କର ନାକ ପୁଡ଼ା ଯୋଡ଼ିକ ଟିକ୍ ତୋରି ପରି ନାଚିଉଠେ । ତୋରି ପରି ତାଙ୍କର ଆଖି କୁଣ ମଧ୍ୟ ସଙ୍କୋଚିଯାଏ । ଦିନେ, ମୋର ମନେ ଅଛି, ତୁ ସେତେ ବେଳକୁ ଜନ୍ମ ହୋଇ ନଥାଉ, ସେ କଚେରୀରୁ କାମ–ଦାମ ସାରି ଫେରିଲେ ସନ୍ଧ୍ୟା ସାତଟା ବେଳକୁ । ମୁଁ ଗୋଟାଏ ସାମାନ୍ୟ କଥାରେ, ମୁଁ ପାଷାଣି, ମୁଁ ଡ଼ାକୁଣୀ, ଗୋଟାଏ ସାମାନ୍ୟ କଥାରେ ମା, ମୋର ଦେବତାଙ୍କ ଉପରେ ଅଭିମାନ କରି ସବୁ ଦିନ ଭଳି ସେ ଦିନ ଆଉ ତାଙ୍କ ପୋଷାକ ଫିଟାଇ ଦେବାକୁ ଗଲି ନାହିଁ । ଚାକର ଯାଇ ପୋଷାକ ଫିଟାଇ ଦେଲା । ସେ ମୁହଁ ପର୍ଯ୍ୟନ୍ତ ନ ଧୋଇ ମୋ ପାଖକୁ ସିଧେ ଚାଲି ଆସିଲେ । ମୋର ହାତ ଧରିପକାଇ କହିଲେ, "ଦିହ କଣ ଖରାପ ଲାଗୁଚି କି ?" ମୁଁ ହାତଟା

ଛୁଆଇ ଥାଏ ତାଙ୍କ ଅଡକୁ ପିଠିକରି ବସିଗଲ । କିନ୍ତୁ ଅବୁଝା ହୃଦୟ, ତାଙ୍କ ମୁହଁଟି ସେ ସ୍ୱର୍ଗ ଦୁର୍ଲ୍ଲଭ ମୁହଁଟି ନଦେଖି ଯେ ମୁଁ ରହିପାରେ ନାହିଁ ମା, କଣେଇ କରି ଟିକିଏ ଚାହିଁ ଦେଲି । ଦେଖିଲି ସେ ଟିକିପିଟୁଲାଟି ପରି ଠିଆ ହୋଇଚନ୍ତି । ତାଙ୍କର ସେ ସଜ ପଦ୍ମଫୁଲ ମୁହଁଟି କାକର ପଡ଼ିଲା ପରି ଶୁଖି ଯାଇଚି । ତାଙ୍କର ସେ ଖଣ୍ଡା ଧାର ପରି ନାକର ପୁଡ଼ା ଦୋଟି ଥରୁଚି ଉଡୁଚି । ଆଖିର କୋଣଗୁଡ଼ିକ ସଙ୍କୋଚି ହୋଇ ଯାଇଚି । ମା, ସେ କି ଦୃଶ୍ୟ !" କହି ବୁଢ଼ୀ ହିଁଅକୁ ନିଜ ଗୁଡକୁ ଟାଣିନେଇ ତାଙ୍କର ନାକ ପୁଡ଼ା ଆଖି କୁଣକୁ ପାଗଲଙ୍କ ପରି ଚୁମ୍ବି ଦେଇ ବସିଲେ ।" ପାଞ୍ଚ ସାତ ମିନିଟ ଗଲା, ପ୍ରମିଳା ମାଙ୍କ ଛାତିରୁ ଅଳ୍ପେ ଉଠି ଅସି ପଚାରିଲେ, "ମା, ବାପା ତତେ ଭାରି ଭଲ ପାଉଥିଲେ ନା ?"

ସତ୍ୟେନ୍ଦ୍ରଜାଙ୍କର ସେ କ୍ଷୀଣ ଶୁଷ୍କ ଅଧରରେ ଟିକିଏ ହସ ଦେଖାଗଲା । ସେ କହିଲେ, "ଭଲ ପାଉଥିଲେ କି ମା ? ଏବେ ମଧ୍ୟ ସେ ଭଲ ପାଉଚନ୍ତି । ସେ ଭଲପାଇବା କି ମରି ହଜି ଯିବାର ଜିନିଷ ମା ! ସୂର୍ଯ୍ୟ ଅସ୍ତ ହେଲେ ବୁଡ଼ିଯାଏ ସତ, କିନ୍ତୁ ତାର ତେଜ, ତାର ତାତି, ପୃଥିବୀ ଭିତରକୁ । ଆଉ ଦିନ ପୁଣି ତାଙ୍କ ସାଙ୍ଗରେ ଦେଖାହେବା ଆଶାରେ ରାତିଟା ଚୁପହୋଇ ପଡ଼ିରହେ । ମୋର ରାତି ଯାଉଚି ମା, ଦିନ ଆସୁଚି, ପୁଣି ତାଙ୍କ ସାଙ୍ଗରେ ଦେଖାହେବ, ପୁଣି ତାଙ୍କର ସେ ବିସ୍ତୃତ ବକ୍ଷ ଉପରେ ମୁଁ ମୁଣ୍ଡ ରଖି ଏ ଅନ୍ଧାର ଅମାବାସ୍ୟା ରାତିର କଥା ଭୁଲିଯିବି । ଯାଏଁ ମା, ଡେରି ହଉଚି !" କହି କିଛି ସମୟ ତୁନି ହୋଇ ରହିଲେ । ତା ପରେ କହିଲେ, ଯିବା ଆଗରୁ ତତେ କେତୋଟା କଥା କହିଦିଏ ବୋଲି ଇଚ୍ଛାକଲି । ତା ଭିତରେ କେତେ ଅନ୍ୟ କଥା ପଡ଼ିଗଲା । କହୁଥିଲି ମା, ତୋର ବାପା ଚାଲିଗଲା ବେଳେ ମତେ କହି ଯାଇଥିଲେ, "ପେମି ରହିଲା । କହୁଥିଲେ ମୁଁ ତାକୁ ପାଠଶାଠ

ପଢ଼େଇ ବଡ଼ କରି ବିବାହ ଦେଇଥାନ୍ତି । ସମାଜ ଟିକିଏ ମୁହଁ ବାଙ୍କିଥାନ୍ତା, କିନ୍ତୁ ଆମ ଜିଲ୍ଲାରେ ତ ବ୍ରାହ୍ମଣ ଘରେ ବଡ଼ଝିଅ କନ୍ୟା ବିବାହ କିଛି ନୂଆ ନୁହେଁ ! କିଛି ପଇସା-ପତ୍ର ଖର୍ଚ୍ଚକରି ସମାଜକୁ ନିଜ ମତକୁ ଆଣିବାରେ କଷ୍ଟ ହୁଅନ୍ତା ନାହିଁ । ଯାହା ହେଉ ଖୁବ୍ କଷ୍ଟ ପାଠ-ସାଠ ପଢ଼େଇଥାନ୍ତି, ତା ପରେ ତାର ଇଚ୍ଛା ହେଇଥିଲେ ସେ ବାହା ହେଇଥାନ୍ତା, ନ ହେଲେ ଏମିଅତି ରହିଥାନ୍ତା । ଭଗବାନ ତ ତା କରେଇ ଦେଲେ ନାହିଁ । ତୁମେ ମାଇପି ମଣିଷ, ତୁମେ କଣ ପାରିବ ? ଦେଖ, ସେତେବେଳେ ତୁମକୁ ଯେପରି ସୁବିଧା ହରିବ କରିବ । ତେବେ ତାକୁ ଟିକିଏ ବେଶୀ କରି ପାଠ ପଢ଼େଇବାର ଉଦ୍ୟମଟା ଭୁଲି ନଯାଅ ଯେପରି ।” ମା, ତାଙ୍କର ଏ ଶେଷ କଥାଗୁଡ଼ିକ ମୋ ମନରେ ବେଦର ଗାର ପରି ଲାଗିରହିଲା । ମୋ ସାଧ୍ୟମତେ ତାଙ୍କର ଇଚ୍ଛା ମୁଁ ସାଧନ କରିଛି, ତୋର ମଧ୍ୟ ବୟସ ହେଇଛି ପାଠ-ଶାଠ ପଢ଼ିଛୁ, ଭଲ ମନ ବୁଝି ପାରିବୁ, ଏଣିକି ତୋ କଥା ତତେ ଲାଗିଲା । ତୋର ଇଚ୍ଛା ହୁଏତ ବିବାହ କରିବୁ । ମୋର ମତ ଯଦି ପଚାରୁ ମା, ମୋ ମତରେ ସ୍ତ୍ରୀ ଜାତିର ବିବାହକରି ସ୍ୱାମୀ ଓ ସନ୍ତାନମାନଙ୍କର ଲାଳନ ପାଳନ... ଏକ ମାତ୍ର ଧର୍ମ ।

ପ୍ରମିଳା— ବାହିଁକି ମା ବିବାହ ବନ୍ଧନର ଦାୟିତ୍ୱଟା ଖାଲି ସ୍ତ୍ରୀ ଜାତି ମୁଣ୍ଡେଇବ କାହିଁକି ? ପୁରୁଷ ଇଚ୍ଛାକଲେ ଯଦି ବିବାହ ନକରି ରହିପାରେ, ସ୍ତ୍ରୀର ସେହିପରି ରହିବାଟା ଦୋଷାବହ ହେବ କାହିଁକି ? ମୁଁ ଏ ବିଷୟରେ ଅନେକ ଭାବିଛି, ଅନେକ ଲୋକଙ୍କ ସାଙ୍ଗରେ କଥା-ବାର୍ତ୍ତା କରିଛି । ସେ ସବୁରୁ ବୁଝିଛି ଏ କେବଳ ପୁରୁଷ ଜାତିର ସ୍ୱାର୍ଥସିଦ୍ଧି ନିମନ୍ତେ ଗୋଟାଏ ଏକ ତରଫା ନିୟମ । ଯଦି ସ୍ତ୍ରୀ ଜାତିକୁ ବିବାହ ବିଷୟରେ ସ୍ୱାଧୀନତା ଦିଆଯାନ୍ତା, ତା ହେଲେ ମୁଁ ନିର୍ଭର କରି କହୁଛି, ତାଙ୍କ ଭିତରୁ ବୋଧହୁଏ

ଶତକଡ଼ା ପଚାଶ ଜଣ ଅଭିଅନ୍ତ ରହିବାକୁ ଇଚ୍ଛା କରନ୍ତି । ନ ହେଲେ ଅନ୍ତତଃ ପନ୍ଦର ସତର ବର୍ଷ ଦନ୍ତ ପିଲା ପିଲଙ୍କ ଜଞ୍ଜାଳରେ ଘାଣ୍ଟିହୋଇ ଜୀବନଟାକୁ କେବଳ କଞ୍ଜାଳମୟ କରିବାକୁ ଚାହିଁ ନ୍ତି ନାହିଁ । କିନ୍ତୁ ଏଉଟା ଯେ ପୁରୁଷ ଜାତି ପକ୍ଷରେ ମହାନ୍ ଅସୁବିଧାର କଥା । ପୁରୁଷ ଚାହେଁ ସ୍ତ୍ରୀ ଉପରେ ନିଜର ଅଧିକାର ବିସ୍ତାର କରିବେ । ସେ ଚାହେଁ ସ୍ତ୍ରୀକୁ ନିଜର ମୁଠା ଭିତରେ ରଖିବେ । ସେହି ହେତୁରୁ ପୁରୁଷ ଜାତିର ପ୍ରଧାନ ସ୍ତ୍ରୀର ଅଳ ନ ଫିଟୁଣୁ ତାକୁ ବିବାହ ଦେବ, ତାର ହୃଦୟରେ ଶାନ୍ତ ନ ଜାଗୁଣୁ ତା ବେକରେ ଗୋଟାଏ ବୁଢ଼ାଟା ଝୁଅର ବେଡ଼ି ପକାଇ ଦେବ, ପୁରୁଷ ଯେତେ ଅପାରଗ ହଉ ପଛକେ, ତାର ଅନ୍ତତଃ ଗୋଟାଏ ତଲା ଚାହି, କେଜେ ନା, ସେ ସଂସାରରେ ପୁରୁଷ ବୋଲି ଚିହ୍ନେଇହବ କିପରି ? ମୁଁ ଶୁଣିଚି, ଜଣେ ଶିକ୍ଷିତ ଲୋକ ନପୁଂସକ, ସେ କିନ୍ତୁ ତିନୋଟି ବାହା କରିଥିଲେ, ଏବଂ ତୃତୀୟ ସ୍ତ୍ରୀ ମରିଗଲା ପରେ ଘରେ ବୁଢ଼ାଟା ରାଣ୍ଡ ମଧ୍ୟ ରଖିଥିଲେ ।

ସଗେ— ତୋର ଏ କମ ବୟସରେ ଏ ସବୁ ତର୍କାତ ଠିକ ନୁହେଁ ମା !

ପ୍ରେମି— ମୋ ବୟସର ପିଲାମାନେ ଯେ କୋଡ଼ରେ ଗୋଟାଏ ବୁଢ଼ାଟା ଜନ ଝୁଅ ସେକ ଘର କରୁଛନ୍ତି ମା, ସେମାନେ ଏଇ ଛୋଟ ବୟସରୁ କେଉଁ ଅଶ୍ଳୀଳ, ଅଶ୍ରାବ୍ୟ, ଅସଭ୍ୟ କଥା ନ ଶିଖୁଚନ୍ତି, ନ ଜାଣୁଚନ୍ତି ?

ସଗେ— ତା ଏକା ସତ ଯେମ, ତା ଏକା ସତ । ଅଜିକାଲିକାର ଟୁକୁଲିଗୁଡ଼ା କେତେ କଥା ଶିଖିଲେଣି ମା !

ପ୍ରେମି— ସେ ମଧ୍ୟ ତୋର ଗୋଟାଏ ଭୁଲ୍ ମା ! ଏ ଟୁକୁଲିମାନେ ସବୁ ଯୁଗରେ ଏଇଆ । ବୁଢ଼ା ବୁଢ଼ୀ ହେଲେ ସମସ୍ତଙ୍କୁ ନିଜର ପିଲା ଦିନଟି ଭଲ ଦିଶେ । କିନ୍ତୁ ସେ ଗୋଟାଏ ଭୁଲ । ଆଉ ଟୁକୁଲିମାନେ ଯାହା ଶିଖିଲେ ସେଥିଲାଗି କି ସେମାନେ ଦାୟୀ ? ତାଙ୍କୁ ଏ ସବୁ ଶିଖେଇଲା କିଏ ?

ତୋର ଏଇ ପୁରୁଷ ଜାତ ନା ? ପୁରୁଷମାନେ ଶିଷ୍ଟାଚାର, ସଭ୍ୟତା, ଓ ଭଦ୍ରତା ସମ୍ବନ୍ଧରେ ଯେତେ ଉଚ୍ଚ ଉଚ୍ଚ ଚିତ୍କାର ହୁଙ୍କାର କରନ୍ତୁ ନା କାହିଁକି ଭିତରେ ସେମାନେ ନିତାନ୍ତ ଅଭଦ୍ର, ନିତାନ୍ତ ଅଶ୍ଳୀଳ— ବିଶେଷତଃ ସ୍ତ୍ରୀ ଜାତି ସମ୍ବନ୍ଧରେ ।

ସରୋ— କିନ୍ତୁ ମା ତୁ ତ ପୁରୁଷମାନଙ୍କ ସହିତ ସେପରି ମିଶିନାହିଁ, ତୁ କିପରି ତାଙ୍କ ସମ୍ବନ୍ଧରେ ଏତେ କଥା ଜାଣିଲୁ ! ତୋ କଥାଗୁଡ଼ାକ ଶୁଣିଲେ ମନେହୁଏ ଯେପରି ତୁ ଠିକ ଶିଖିଛୁ ।

ପ୍ରେମି— ଠିକ ଶିଖିବାର କିଛି ଦରକାର ନାହିଁ ମା ଏ ବିଷୟରେ । ମୋର ପିଲା ଦିନର ସାଙ୍ଗ ସାଥି ଚଞ୍ଚଳା, ବିମଳା କମଳା ଇତ୍ୟାଦିଙ୍କ ସାଙ୍ଗରେ ତାଙ୍କ ସ୍ୱାମୀମାନଙ୍କ ସମ୍ବନ୍ଧରେ କଥାବାର୍ତ୍ତା ହେଲା ବେଳେ ସେମାନେ ସବୁ ଯାହା କହନ୍ତି ମା, ସେ ସବୁ ଶୁଣିଲେ ଲାଜରେ ମୋ ମୁହଁ ନାଲି ପଡ଼ିଯାଏ, ଘୃଣାରେ ମୋ ମନ ପିତା ଉଠିଯାଏ ।

ସରୋ— କିନ୍ତୁ ସେମାନେ ତ ସେ ସବୁରେ ସନ୍ତୁଷ୍ଟ ମା !

ପ୍ରମିଳା— ସନ୍ତୁଷ୍ଟ ନ ହୋଇ ଆଉ କିସ କରିବେ ? ପିଲାଟି ଦିନରୁ ତାଙ୍କୁ କଥାରେ କାର୍ଯ୍ୟରେ ଶିଖା ହେଲା ସେଇଆ ।

ସରୋ— କେଜାଣି ଲୋ ମା, ତୁମେ ସ୍କୁଲଗୁଡ଼ାକ ଆଜିକାଲି କଣ କରୁଛ ! ଆମ ବେଳେ ତ ସ୍ୱାମୀ କଥା ପଡ଼ିଲା ବେଳେ ତ ଆମ ତୁଣ୍ଡରୁ କଥା ବାହାରୁ ନଥିଲା । ନା, ମା, ଥାଉ, ତୋ ସାଙ୍ଗରେ ଯୁକ୍ତି କରିବାକୁ ମୋର ବଳ ନାହିଁ କି ବେଳ ନାହିଁ । କହୁଥିଲି ମୁଁ ତ ଗଲିଲି । ଏ ସନ୍ଧ୍ୟାରୁ ବାଡ଼ି ବିଷୟ ଆଶୟ ସବୁ ତୋର ରହିଲା । ଶ୍ୟାମଟି ଭଲ ପିଲାଟିଏ । ତା ସାହାଯ୍ୟରେ ମୁଁ ତୋ ବିବାହ ବିଷୟରେ ସମାଜକୁ ସନ୍ତୁଷ୍ଟ କରି ପାରିଚି,

ଏତେ ବିଷୟ ଆଶୟର ଦେଖାଶୁଣା ମଧ୍ୟ କରିଚି । ମୋ ପରେ ମଧ୍ୟ ସେ ସେହିପରି ତତେ ସାହାଯ୍ୟ କରିବ ବୋଲି ମତେ ଜବାବ ଦେଇଚି । ତୋର କିଛି ସନ୍ଦେହ ହେଲେ କି କିଛି ଅସୁବିଧା ହେଲେ ତାକୁ ପଚାରିବୁ ।

ପ୍ରମିଳା— ମୁଁ ! ମୁଁ ତାଙ୍କୁ ପଚାରିବା ଅପେକ୍ଷା, ବରଂ ଦାଣ୍ଡର ଭିଖାରିକୁ ପଚାରିବି ।

ସରୋ— ଏକି ନୂଆ କଥା ତୋ ଠାରୁ ଶୁଣୁଚି ମା ? ଶ୍ୟାମ ପ୍ରତି ତୋର ଏ ରାଗର କାରଣ ?

ପ୍ରମିଳା— ସେ ମତେ ବିବାହକରି ଏ ସମ୍ପତ୍ତିରେ ମାଲିକ ହବାକୁ ଚାହେଁ ।

ସରୋ— କି ପାଗଳି ! ତୁ କିପରି ଜାଣିଲୁ ? ତତେ ସେ କିଛି କହିଚି ?

ପ୍ରମିଳା— କଥାରେ ନ କହିଲେ ସ୍ତ୍ରୀ ଜାତିକି ପୁରୁଷର ମତଲବ ବୁଝି ପାରେ ନାହିଁ ମା !

ସରୋ— ଓ ବୁଝିଚି ! ତୁ ସତରେ ଗୋଟାଏ ପାଗଳି । କାସ ଗୋଟାଏ କେତେବେଳେ ଦେଖି ସେଥିରୁ କି ଗୋଟାଏ ଅନୁମାନ କରି ବସିଚୁ । ସତରେ ଶ୍ୟାମର ଭାର୍ଯ୍ୟା ଅଛି, ଯୁବତୀ, ସୁନ୍ଦରୀ । ସେ ଭାର୍ଯ୍ୟାକୁ ଛାଡ଼ି ରହିପାରେ ନାହିଁ ଦିନେ । ନା, ତୋର ଏ ଗୋଟାଏ ଭୁଲ ଧାରଣା । ନା, ମା, ଏପରି ଗୋଟାଏ ଭୁଆଁ ଧାରଣା କରି ମୋ ମନରେ କଷ୍ଟ ଦେ ନାହିଁ ମା । ଶ୍ୟାମ ଉପରେ ମୋର କେତେ ବିଶ୍ୱାସ, ଆଉ ସେ କେତେ ଦିନର ଦେଖା ଶୁଣାର ଫଳ । ମୋର ତା ଉପରେ ଏତେ ବିଶ୍ୱାସ ଯେ ମା ମୁଁ ଗୋଟାଏ ଉଇଲ୍ କରି ତୋର ବିବାହ ଅଥବା ତୋର ସାବାଳିକା ହବା ପର୍ଯ୍ୟନ୍ତ ତାକୁ ତୋର ଅଭିଭାବକ କରି ଦେଇଚି ।

ପ୍ରମିଳା— କଣ କଲୁ ମା ! ଏ ବିଷୟରେ ମତେ ଟିକିଏ ପଚାରିବା ଉଚିତ ଭାବିଲୁ ନାହିଁ ! କେନେ, ମାମା ଅଛନ୍ତି, ତାଙ୍କ ଅପେକ୍ଷା କଣ ଶ୍ୟାମ ବେଶି ଆପଣାର ?

ସରୋ— ମାମା ତ ତୋର ତା ନିଜ ସମ୍ପର୍କର ଦେଖାଶୁଣା କରୁ କରୁ ଅଥୟ । ଆଉ ସେ ସବୁ ଧନୀ ଗୃହର ଏଠିକି ଆସି ଆମ ବିଷୟ ଆଶୟ ଦେଖନ୍ତା କେତେବେଳେ ?

ପ୍ରମି— ମ ମାଙ୍କୁ ଏ ସବୁ କଥା ପଚାରିଥିଲୁ ?

ସରୋ— ପଚାରିଥିଲି । ସେ ମଧ୍ୟ ତୋର ଭାର ନେବାକୁ ରାଜି ହୋଇ-ଥିଲି, କିନ୍ତୁ......

ପ୍ରମି— କିନ୍ତୁ ଶ୍ୟାମ ମନକୁ ସେ କଥାଟା ପାଇଲା ନାହିଁ !

ସରୋଜିନୀଙ୍କର ସେ ଶୋଭା ମୁହଁ ଟିକିଏ ନାଲି ହୋଇ ଉଠିଲା । ସେ କହିଲେ, "ନା, ମା, ନା, ତା ଠିକ୍ ନୁହେଁ । ମୋ ମନକୁ ପାଇଲା ନାହିଁ । ଶ୍ୟାମକୁ ପଚାରିଲି, ତା ମନକୁ ଯୋଗେଇଲା ନାହିଁ ।"

ପ୍ରମିଳା— ହୁଁ ତା ପରେ, ଉଇଲରେ ଆଉସବୁ କଣ ଲେଖାଅଛି ?

ସରୋଜିନୀ ଦେବୀ ଅଶ୍ରୁସ୍ଥିର ଗୋଟିଏ ଦୀର୍ଘଶ୍ୱାସ ପକାଇ କହିଲେ, "ନା, ଆଉ କିଛି ନାହିଁ । ତେବେ ଏତିକି ଅଛି ଯେ, ତୁ ସାବାଳିକା ହେବା ଆଗରୁ ଯଦି ବିବାହ କରୁ, ତା ହେଲେ ଶ୍ୟାମର ଅନୁମତି ନେଇ ବିବାହ ହୋଇ ପାରିବୁ ।"

ପ୍ରମିଳା— ତା ମାନେ ମୁଁ କାହାରିକୁ ବାହା ହେବାକୁ ଇଚ୍ଛା କଲେ ଆଉ ସେ ଶ୍ୟାମ ବାବୁର ସୁବିଧା ଲୋକ ନ ହେଲେ ମୁଁ ବର୍ଷ ପର୍ଯ୍ୟନ୍ତ ବାହା ହୋଇ ପାରିବି ନାହିଁ । ଯଦି ଏହା ନମାନି ମୁଁ ବାହାହୁଏଁ !

ସରୋ— ତା ହେଲେ ଉଇଲରେ ଅଛି ଯେ ସମ୍ପତ୍ତି ବାନ୍ଧ ରୁ ପାଇବୁ ନାହିଁ। ସେ ସବୁ ଶ୍ୟାମ ବାବୁର ମନୋମତ ଧର୍ମ କାର୍ଯ୍ୟରେ ବ୍ୟୟ ହେବ।

ପ୍ରମିଳା— ଏ ବୁଦ୍ଧି କିଏ ଦେଲା, ଶ୍ୟାମ ବାବୁ ତ ?

ସରୋଜକାଙ୍କ ମୁହଁ ପୁଣି ନାଲି ହୋଇ ଉଠିଲା। ସେ କଣ ଜବାବ ଦେବେ, ଖୋଜି ପାଉ ନଥାନ୍ତି, ଏତିକି ବେଳେ ବାହାରୁ ଜୋତା ଶବ୍ଦ ଶୁଭିଲା। ମା ଓ ଝିଅ ଦୁଆର ଆଡ଼କୁ ଚାହିଁ ରହିଲେ। ଦେଖିଲେ, ଜଣେ ଯୁବକ, ବୟସ ୩୦।୩୫ ହେବ, କାଛିକୁଛି ପିନ୍ଧିଚନ୍ତି ଖଣ୍ଡିଏ ସରୁ ଲୁଗା, ତା ଉପରେ ଖଣ୍ଡିଏ ରେଷମି ପଞ୍ଜାବି, ସାଧାରଣ ଭାବରେ ଉଚ୍ଚ, ବେଶ୍ ମୋଟା ସୋଟା, ବୟସ ଅନୁପାତରେ ପେଟଟା ଟିକିଏ ବେଶୀ ବାହାରି ପଡ଼ିଛି, ବର୍ଣ୍ଣ ଉଜ୍ଜ୍ୱଳ ଶ୍ୟାମ, ମୁହଁରେ ସବୁବେଳେ କିପରି ଗୋଟାଏ କରୁଣ ଭାବ— ଦେଖିଲେ ମନକୁ ମନକୁ ତାଙ୍କ ପ୍ରତି ଦୟାର ଉଦ୍ରେକ ହୁଏ, କିନ୍ତୁ ଓଠ ଦୁଇଟା ସରୁ, ଆଖିର ଚାହାଣିଟା କିପରି ଧାରୁଆ, ଧାରୁଆ। ଆଖି ଉପର ପତା ଗୁଡ଼ାକ ସବୁବେଳେ ଯେପରି ଘୋଡ଼େଇ ହୋଇ ପଡ଼ିଛି, କଥା କହିଲା ବେଳେ ସେ କାହାରିକୁ ସିଧା କରି ଚାହାଁନ୍ତି ନାହିଁ, ଯେପରି ଲାଜ ସରମରେ ତାଙ୍କ ମୁଣ୍ଡ ଲଇଁ ପଡ଼ୁଛି। ଯେତେବେଳେ ଅନ୍ୟର ଅଜାଣାରେ ଟିକିଏ ଆଖି ଟେକି ଚାହାଁନ୍ତି, ସେତେବେଳେ ଜଣାପଡ଼େ ଯେପରି ଆଖିଗୁଡ଼ାକରୁ ଅଙ୍ଗାର ନିଆଁ ଝଲସି ପଡ଼ୁଛି।

ସେ ସିଧେ ଘର ଭିତରକୁ ପଶିଆସି "ଅରେ, ମା ଝିଅଙ୍କର କି ସବୁ ଦୁଃଖ ସୁଖ ଲାଗିଛି ମ ! ଆମକୁ ଟିକିଏ କହିବ ନାହିଁନା !" କହି ଖଟ ଉପରେ ସରୋଜିନୀ ଦେବୀଙ୍କ ଗୋଡ଼ ତଳେ ଗୋଟିଏ ମୁଣ୍ଡିଆ ମାରି, ତାଙ୍କ

ଗୋଡ଼ ଟୁଲି ନେଇ ଛାତିରେ ଓ ମୁଣ୍ଡରେ ମାରିଲେ । ଏ ସବୁ ଦେଖି ପ୍ରମିଳାଙ୍କର ମୁହଁରେ କିପରି ଗୋଟାଏ ବିରକ୍ତିର ଭାବ ଫୁଟି ଉଠିଲା । ସେ ଦରଖାସ୍ତ ଭାଷାରେ ଯେପରି କଣ କହିଲେ । ଭଦ୍ରବ୍ୟକ୍ତି ବୁଲିପଡ଼ି କହିଲେ, "କ'ଣ ମତେ କହୁଚ ପେମ ?" ପ୍ରମିଳା କହିଲେ ଅତି ଭକ୍ତି ଗୌରବ ଲକ୍ଷଣ । ଭଦ୍ରଲୋକ ଠୋ ଠୋ କରି ହସି ଉଠିଲେ । ପ୍ରମିଳାଙ୍କ ପିଠିକି ହାତ ନେଉଥିଲେ, କିନ୍ତୁ ପ୍ରମିଳା ତରବର ହୋଇ ଟିକିଏ ଘୁଞ୍ଚି ଯିବାରୁ ପିଠିରେ ସାବାସର ଥାପୁଡ଼ାଟା ପ୍ରଦତ୍ତହୋଇ ପାରିଲା ନାହିଁ । କହିଲେ, "ହୋ, ହୋ, ଠିକ୍ ଏଇ ଆସିଲାବେଳେ, ମୋର ଏଇ କଥାଟା ମନେ ପଡ଼ୁ ନଥିଲା । ଆମର ଯେ ଆଗ ଗୁମାସ୍ତା ବଟି, ସେ ତ ମୋର ତହବିଲରୁ ଟଙ୍କା ଖାଇ ଯାଇଥିଲା ବୋଲି, ମୁଁ ପୁଲିଶରେ ଖବର ଦେଇଥିଲି । ମକଦ୍ଦମା ହେଉଚି । ସେ ଜାମିନରେ ମୁକୁଳି ଆସିଚି । ବାଟରେ ଆସୁ ୨ ଦେଖାହେଲା ଯେ, ସେ ଏକାବେଳକେ ମତେ ଦଣ୍ଡ ପ୍ରଣାମ କରି ଭକ୍ତିରେ ଉଚ୍ଛୁଳି ପଡ଼ିଲା । ସେତିକିବେଳେ ମନରେ ଦୋ ଦୋ ପାଞ୍ଚ ହୋଇ ଏ କଥା ହେଲା । କିନ୍ତୁ ଠିକ୍ ସ୍ମରଣ କରି ନ ପାରି ଭାବି ଭାବି ଆସୁଥିଲି । ମୋ ମନ କଥା ତୁମେ କିପରି ଜାଣିଲ ପେମ ?" କହି ସେ ପ୍ରମିଳାର ଗାଲରେ ଥାପୁଡ଼େଇବାକୁ ଯାଉଥିଲେ । ସେଥିରେ ଯେ ବିଶେଷ କିଛି ଦୋଷ ଅଛି, ତା ଆମେ କହୁନାହୁଁ । ବଡ଼ ଭାଇ ସାନ ଭଉଣୀକୁ ଏହିପରି ଗେଲ୍ ବା ପ୍ରଶଂସା କରେ । କିନ୍ତୁ ପ୍ରମିଳା ପଛକୁ ଘୁଞ୍ଚିଯାଇ କହିଲେ, "ଓଃ କଥାଟି କହିବ, ଉପରକୁ ହାତଟା ଅଣୁଚ କେନେ ?" ଭଦ୍ରଲୋକଙ୍କର ମୁହଁଟା କିପରି ଥମ ଥମ ହୋଇ ଉଠିଲା—ଯେପରି ସେ ଏଇଲାଗେ କାନ୍ଦି-ପକେଇବେ । ସେ ବୁଲିପଡ଼ି ସରୋଜିନୀଙ୍କୁ ପଚାରିଲେ, "ପେମ ମୋ ଉପରେ ରାଗିଚି କେନେ ମା !" ସରୋଜିନୀ ଏ ସବୁ କଥା ଦେଖୁଥିଲେ ।

ତାଙ୍କ ଭୁଲ୍‌ଟା ଲୁପ୍ତ ହୋଇ ଯାଇଥିଲା । ସେ ଉତ୍ତରରେ କହିଲେ, "ନାଇଁ ବାପ, କଣ ଗୁଟାଏ, ମୋ ଦେହ ଏପରି ବେମାର ହେବାରୁ ଦେଖି ତା ମନ ଠିକ୍ ନାହିଁ । ଯାଅ ମା, ଟିକିଏ ବିଶ୍ରାମ ନେବୁ !" ପ୍ରମିଳା ସେ ଭଦ୍ରଲୋକଙ୍କ ଆଡ଼କୁ ବିଦ୍ରୂପର ଗୋଟାଏ ତୀବ୍ର କଟାକ୍ଷ କରି ଦମ ଦମ ପାଦରେ ସେଠାରୁ ଚାଲିଗଲେ । ତା ପରେ ସର୍ବୋଜିନୀ ଭଦ୍ରଲୋକଙ୍କୁ ପାଖରେ ବସିବାକୁ ଇସାରା କରି କହିଲେ, "ବାପ ଶ୍ୟାମ, ମୁଁ ତତେ ବରାବର ମୋ କୋଡ଼ପୁଅ ପରି ଦେଖିଆସିଛି । ମୋର ଏ ଶେଷ ଅନ୍ତିମ ସମୟ, ଏତେବେଳେ ମୁଁ ଯାହା ପଚାରିବି, ତାର ଠିକ୍ ଠିକ ଜବାବ ଦେବୁ ବାପ ?"

ଶ୍ୟାମ— ଏ ପୁଣି ଅଛି କି କଥା ମା ? ମୁଁ କେଉଁ ଦିନ ତୁମ ପାଖରୁ କୌଣସି କଥା ଲୁଚାଇଥିଲି ?

ସର୍ବୋ—ମୁଁ ମରିଗଲା ପରେ, ପ୍ରମିଳାକୁ ବାହାହେବା କଣ ତୋର ଇଚ୍ଛା !

ହୋଇପାରେ ସର୍ବୋଜିନୀ ଦେବୀଙ୍କର ପ୍ରଶ୍ନଟା ବଡ଼ ଅଭୁତଆ । ଆରେ ବାବୁ, କଥାଟାଏ ପଚାରିବୁତ, ଆଗରୁ ଟିକିଏ ମଙ୍ଗଳାଚରଣ ପଢ଼, ଗୋଟାଏ ଅଧେ ମୁଖବନ୍ଧ, ବିଜ୍ଞାପନ ପ୍ରାରମ୍ଭ ଭାଷଣ ଇତ୍ୟାଦି ଦିଅ । ତା ନେଇତ ଅଙ୍ଗଣାରେ ଅତସ ବାଜି ଫୁଟାଇଲା ଭଳି ସାତ ସ୍ତର ମନ ଭିତରେ ଲୁଚି ରହିବା କଥାଟାକୁ ଏପରି ଠୋ କରି ପଚାରିଲ ? ଏପରି ହେଲେ ଗୋଟାଏ ଲୋକ ଥାଥା ମାମା ହୋଇଯିବ ନାହିଁ ? ତା ମୁହଁଟା ଟିକିଏ କଳା ପଡ଼ିଯିବ ନାହିଁ ? ଗୋଟାଏ ଲୋକର ମନେହବ ନାହିଁ କିବେ ଯେଉଁ କଥାକୁ ସାତ ପ୍ରସ୍ଥ କରି ଘୋଡ଼ାଇ .ମନ ଭିତରେ ଲୁଚାଇ ରଖିଥିଲି, ଏ ସେ କଥା ଜାଣିଲା କପରି ? ଅବଶ୍ୟ ହବ । ଅଉ ଶ୍ୟାମ ବାବୁଙ୍କୁ ଦୋଷ ଦେଲେ କପରି ଚଳିବ ? ସର୍ବୋଜିନୀ ଦେବୀଙ୍କର ଦେହ ଭଲ୍ ଥିଲେ, କି ତାଙ୍କ

ମନରେ ସନ୍ଦେହ ଟିକିଏ ଭଲ କରିକରି ଜାଗିଉଠିଥିଲେ, ସେ ଦେଖିଥାନ୍ତେ ଶ୍ୟାମ ବାବୁଙ୍କ ମୁହଁର ଭଙ୍ଗି ଓ କଥା କହିବାର ଛନ୍ଦ । ଯାହାହେଉ ସେ ଦେଖିଲେ ନାହିଁ । ଶ୍ୟାମ ବାବୁ କହିଲେ, "ମା ! ଏପରି କଥା ତୁମ୍ଭରେ ଧରନ୍ତି ? ଯେମ ମୋର ସାନ ଭଉଣୀଟି, ମୁଁ ତା ପ୍ରତି ଏପରି ପାପ ଇଚ୍ଛା ପୋଷିବି କିପରି ? ତୁମ ମନରେ ଏ ବିଷ ପୂରାଇଲା କିଏ ମା ?"

ସରୋଜିନୀ ଦେବୀଙ୍କ ମୁହଁରୁ ଗୋଟାଏ ଗ୍ଲାନି ଯେପରି ଅପସରି ଗଲା । ସେ ପୁଣି ହସ ହସ ମୁହଁରେ କହିଲେ, "ମୁଁ ତ ସେଇଆ କହୁଥିଲି ବାପ, ଏକି ସମ୍ଭବ ! ଯାହାହେଉ ସେ ପାଗିଲଟା— ଯାଉ, ତାରପରେ ବାପ, ଆଜି ଏ ଅସମୟରେ କେମନେ ?"

ଶ୍ୟାମ— ସମୟ ଅସମୟ ଅଛି କଣ ମା ? ତୁମେ କେମାଇ ପଡିଲା ଦିନୁ ମୋ ମନଟା ଘରେ ମୋତେ ରହୁନାହିଁ । ସେହିପରି ଆଜି କଲବଲ ଲାଗିଲା ବୋଲି, ଭାବିଲି ଯାଏଁ ବେଳେ ଦେଖି ଆସେଁ ।

# ୨

କଲିକତା ସହର ମେଛୁଆ ବଜାର ଗଳି, ଅମାବାସ୍ୟା ରାତିର ଝିଟି ଝିଟିଆ ଅନ୍ଧାର । ରାତି ପ୍ରାୟ ବାରଟା ହେବ । ଚାରିଆଡ଼ ଶୂନଶାନ । ପାଏକେ କୋଣକେ ଗୋଟାଏ ଗୋଟାଏ ବିଜୁଳି ଆଲୁଅ ମିଟି ମିଟି କରି ଏ ନିବିଡ଼ ଅନ୍ଧାରରେ ଛାଇ ଦିଶିବା ଭଳି ଟିକିଏ ଆଲୁଅ ଅଣି ଦଉଛି । ଗୋଟାକେତେ ବାରବୁଲା ରାସ୍ତାର ଦୁଇ ପାଖ ପିଣ୍ଡି ଉପରେ ଶୋଇ ଘୁଙ୍ଗୁଡ଼ି ମାରୁଛନ୍ତି । ଘଣ୍ଟାଏ ଦି ଘଣ୍ଟା ଅନ୍ତରରେ ଥିଏଟର ବାଇସ୍କୋପ ଫେରନ୍ତା ଅଥବା ଅଡ୍ଡାସାର ସାରି ଫେରି ଆସୁଥିବା ଜଣେ ଅଧେ ବଡ଼ ଲୋକଙ୍କର ଗୋଟାଏ ଘଣ୍ଟେ ମଟର ଗାଡ଼ି ଭଁ ଭଁଃ ଶବ୍ଦରେ ରାତିର ସେ ନିସ୍ତବ୍ଧତା ଭାଙ୍ଗି ଚାଲି ଯାଉଛି । ଗଳିର ବାଉନ ନମ୍ବର ଘର ପାଖ ଅଗ । ଜଣେ ଯୁବତୀ, ଭାସି ଯାଉଛି ତାଙ୍କ ଦେହରୁ ଅତର ଗନ୍ଧ । ଆଲୁଅ ଥିଲେ ଦେଖିଥାନ୍ତି, ତାଙ୍କ ମୁଣ୍ଡ ଉପର ଚଉଁରି ଝୁଙ୍କ ଶିଥିଳ ହୋଇଯାଇଛି, କପାଳ ଉପର ବାଳରୁ ଗୋଟାକେତେ ବନ୍ଧନରୁ ଫିଟି ଫୁରୁ ଫୁରୁ ହୋଇ ଉଡ଼ୁଚି । ଆଖି ଦୁଇଟି ଅଲସଭରା ଦିଶନ୍ତି, ଢନ୍ତ୍ର ଓଠରେ ମଧୁର ଦରହାସ ଟିକିଏ ଲାଗି ରହିଚି । ଛାତି ଉପର ସେମିଜର ହିଁ ଫିଟୁ ବୋତାମଟା ପ୍ରଥମ ବୋତାମ ଘର ଭିତରେ ପଶି ଯାଇଚି, କାନ୍ଧ ଉପର କୁଚ ଦହର କଣ୍ଟାଟା

ତା ଘର ଭିତରେ ଲାଗି ପାରି ନାହିଁ । ଅଣ୍ଟା ପାଖର କୁଞ୍ଚଗୁଡ଼ାକ ମଧ୍ୟ ଲୋଟିର ମାଟିର ହୋଇ ଯେଉଁ ସେ ସ୍ଥାନରେ ପଡ଼ିରହିଛି । ଲୁଗାର ଧଡ଼ିଟା ସଦର, ମଫସଲ, ମଫସଲଟାହିଁ ବାହାରକୁ ରହିଯାଇଛି । ଯେପରି ଲୁଗାଖଣ୍ଡି ଭଲକରି ପିନ୍ଧିବାକୁ ସମୟ, ସୁବିଧା ଓ ବିଶେଷରେ ଧୈର୍ଯ୍ୟ ତାଙ୍କର ନଥିଲା । କିନ୍ତୁ ତାଙ୍କ ଚାଲିରେ ଅଧୀରତାର କିଛି ଲକ୍ଷଣ ନାହିଁ । ବରଂ ଜଣାପଡ଼ୁଛି ସେ ଯେପରି କେତେ କ୍ଲାନ୍ତ । ନାକ ଉପରେ ଓ ଓଠ ତଳେ ବିନ୍ଦୁଏ ବିନ୍ଦୁ ଝାଳ ଅଥ ଗ୍ରୀଷ୍ମର ଏ ଶୀତଳ ପବନର ଆଦରକୁ ନ ମାନି ଲାଗିରହିଛି । ଆଲୁଅର ତେଜ ଟିକିଏ ବେଶୀ ଥିଲେ, ଆପଣମାନେ ଦେଖି ପାରିଥାନ୍ତେ ତାଙ୍କ କପାଳର ସିନ୍ଦୁର ବିନ୍ଦୁଟି ଅଳୁଣ୍ଡ ବାଳୁଣ୍ଡ ହୋଇ ପୋଛି ହୋଇ ଯାଇଛି ଏବଂ ତାଙ୍କର ଭ୍ରୂ ଉପରେ ଅର୍ଦ୍ଧଚନ୍ଦ୍ର ଆକାରର ଗୋଟିଏ ସଜ କ୍ଷତ ସେମିଜ ବାହାରେ ଲାଜ ସରମର ମଥାଖାଇ ଉଙ୍କୁଛି । ଯୁବତୀଙ୍କ ସାଙ୍ଗରେ ଜଣେ ଯୁବକ... ବୟସ ନିତାନ୍ତ ବେଶୀ ନୁହେଁ, ପଚିଶି ଛବିଶି ମାତ୍ର । ଖଣ୍ଡିଏ ଧୋବ ଧୋତି ଓ ତା ଉପରେ ଖଣ୍ଡିଏ ସରୁ ପଞ୍ଜାବି । ବେଶ୍ ଗୋଲଗୋଲ । କାଳିଆ କାଳିଆ ଅଧାକଟା ନିଶ ଦୁଇଟା ଉପରେ ସିନ୍ଦୁର ଭଲ ଟିକିଏ ନାଲି ନାଲି କଣ ଲାଗିରହିଛି । ମୁହଁରେ ପ୍ରସନ୍ନ ଭାବ । ଆଖିରେ ସଜଳ, ତରଳ, ମଧୁର ପ୍ରେମର ସୁଅ । ଯୁବକ ତାଙ୍କ ବାମ ବାହାରେ ଯୁବତୀଙ୍କର ଅଣ୍ଟାଟି ଆବୃତକରି ଚାଲିଚନ୍ତି । ଯୁବତୀଙ୍କର ଡାହାଣ ହାତଟି ଅତି ବ୍ୟସ୍ତ ଭାବରେ ଯୁବକଙ୍କର କାନ୍ଧ ଉପରେ ଓହଳି ପଡ଼ିଛି । ଯୁବକ ଓ ଯୁବତୀ ନିର୍ଭୟରେ ଏହିପରି ଭାବରେ ଚାଲିଚନ୍ତି । କେହି କୁଆଡ଼େ ନାହିଁ, କେବଳ ଅରପଃ ରାସ୍ତା ଉପରେ ଜଣେ ଭିକାରି କି ବାରବୁଲା ଗୋଟାଏ ପାହାଚ ଉପରେ ବସି ଏକ ଲୟରେ ନଂ୬୨ମ୍ବର ଘର ଆଡ଼କୁ ଚାହିଁ ରହିଛି । ଯୁବକ ଓ ଯୁବତୀ ଯେଉଁ ପଟେ ଯାଉଚନ୍ତି, ସେହି ପଟେ ନଂ୬୨ମ୍ବର ଘରଟା । ତାର ଗୋଟାଏ ଘର ଗ୍ରହ ଏମାନଙ୍କ ଆଡ଼କୁ ଗୋଟାଏ

ସବୁ ଗଳି ସରକୁଲାର ରୋଡ଼କୁ ଚାଲିଯାଇଚି । ଯୁବକ ଓ ଯୁବତୀ ସେ ଗଳିଟା ମୁହଁ ପାରହୋଇ ଯାଇଚନ୍ତି ମାତ୍ର ଏତକ ବେଳେ ଗୋଟାଏ ଲୋକ ଆସି ହଠାତ୍ ଯୁବକଙ୍କୁ ଆକ୍ରମଣ କଲା । ତାର ଆସିବା ଶବ୍ଦ ଶୁଣିପାରି ବୋଧହୁଏ ଯୁବକ ପଛ ଆଡ଼କୁ ଫେରି ପଡ଼ି ଥିଲେ । ଆକ୍ରମଣକାରିର ପ୍ରଥମ ଆଘାତଟା ସେ କଡ଼ ବାଗକୁ ଘୁଞ୍ଚିଯାଇ ପ୍ରତିହତ କଲେ ସତ, ମାତ୍ର ସେହି ପାଖରେ ପଡ଼ିଥିବା ଗୋଟାଏ ଇଟା ଝୁଣ୍ଟିପଡ଼ି ସେ ପଡ଼ିଗଲେ । ଆକ୍ର-ମଣକାରି ଏହି ସୁବିଧା ଦେଖି ତାଙ୍କ ଉପରେ ଚଢ଼ି ବସିଲା ଓ ହାତରେ ଥିବା ଗୋଟାଏ ତୀକ୍ଷ୍ଣ ଛୁରିକା ତାଙ୍କ ବେକ ଉପରେ ବସାଇବାକୁ ଉଦ୍ୟତ ହେଲା । ଛୁରିଟା ଏତେ ଦାଗ ଯେ ସେଇ ସାମାନ୍ୟ ଆଲୁଅରେ ମଧ ସେଇଟା ଝଲସି ଉଠିଲା । ଯୁବତୀ ପ୍ରଥମେ ତ ଚିତ୍ର ପିତୁଳାଟି ପରି ଏ ସବୁ ଦେଖୁଥିଲେ । ଛୁରିର ଝଲକ ଦେଖି ସେ ଚିତ୍କାର କରିବାକୁ ଯାଉଥିଲେ, କିନ୍ତୁ ଗୋଟାଏ ଅସ୍ପଷ୍ଟ ଶବ୍ଦ ତାଙ୍କ ପାଟିରୁ ବାହାରିଲା ବେଳକୁ ସେ ନିଜ ହାତରେ ନିଜ ମୁହଁଟି ଚିପି ଧଇଲେ । ଏତକ ବେଳେ ଅରପଟରେ ଠିଆ ହୋଇଥିବା ସେ ବାରବୁଲାଟା ତୀର ବେଗରେ ସେ ସ୍ଥାନକୁ ଯାଇ ଆସି ଆକ୍ରମଣକାରୀର ଛୁରି ଉଞ୍ଚେଇଥିବା ହାତଟାକୁ ଧରିପକାଇଲେ । ପଛଆଡ଼ୁ ଏପରି ବାଧା ପଡ଼ିବାର ଦେଖି ଆକ୍ରମଣକାରି ଉଠି ଠିଆ ହୋଇଗଲା ଓ ଛୁରି ହାତଟା ମୁକୁଳେଇବା ପାଇଁ ଭିଡ଼ ଓଟାରି ହେଲା । ବୃଥାଶ୍ରମ, ସେ ଯେ ମୁଠା ପକେଇଚି, ସେ ବଜ୍ରଠାରୁ କଠିନ । ବାରବୁଲାଟା ତଳେ ପଡ଼ିଥିବା ଯୁବକ ଉଠିବାର ଦେଖି ତାଙ୍କୁ କହିଲେ, "ଡ଼ାକ ଗୁଡ଼, ହୁରିପକାଅ, ପୁଲିସ ପହରିବାଲାକୁ ଡ଼ାକ !" ଏଇ ସମୟରେ ଗୋଟାଏ ମଟର ଭେଁ ଭେଁ କରି ତାଙ୍କ ସାମନାଆଡ଼ୁ ଆସି ପହଞ୍ଚିଗଲା । ଯୁବକ ସନ୍ତ୍ରସ୍ତ ହୋଇ ଯେପରି କହିଲେ, "ଅରେ ନା, ନା, ସେ ଲୋକଟାକୁ ଛାଡ଼ିଦିଅ, ପୁଲିସ ଡ଼ାକିବା ପ୍ରୟୋଜନ ନାହିଁ ।" ତା ପରେ ଯୁବତୀଙ୍କ ଆଡ଼କୁ ବୁଲିପଡ଼ି ଇଂରେଜିରେ

କହିଲେ, "ପ୍ରିୟତମେ, ତୁମେ ଘରକୁ ପଳାଅ !" ଏତେବେଳକୁ ବାରବୁଲାଟା ଆକ୍ରମଣକାରି ହାତରୁ ଛୁରିଟା ଛଡ଼ାଇ ନେଇଥିଲା । ସେ ଆକ୍ରମଣକାରିକୁ ଛାଡିଦେବା ମାତ୍ରକେ, ସେ ଲୋକଟା ଏକଦମ ସେଇ ଗଳି ଭିତରକୁ ପଳାଇ ଗଲା । ବାରବୁଲା ତା ପରେ ଯୁବକଙ୍କୁ ସମ୍ବୋଧନକରି କହିଲା, "କିଛି ବୁଝିପାରିଲି ନାହିଁ, ଲୋକଟା ତୁମକୁ ମାରିବାକୁ ଯାଉଥିଲା, ଅଥଚ ତୁମେ ତାକୁ ପୁଲିସରେ ନ ଦେଇ ଛାଡିଦେଲ ।" ଯୁବତୀଙ୍କର ଏତେବେଳକୁ ପାଟି ଫିଟିଲା । ବୀଣାରେ କରୁଣ ସ୍ୱର ନାଦ ନାଦ ଝଙ୍କାରି ଝଙ୍କାରି ଉଠିଲା ଭଳି ସେ କହିଲେ, "ଆପଣଙ୍କୁ ଅଶେଷ ଧନ୍ୟବାଦ ! ଆପଣ ନଥିଲେ ଆଜି ୟାଙ୍କର ପ୍ରାଣ ରହି ନଥାନ୍ତା, ଏକ କାର୍ଯ୍ୟରେ ଆପଣ ଆଜି ଦୁଇଟି ନରହତ୍ୟା ରକ୍ଷା କରିଛନ୍ତି । ଖାଲି ସେତିକି ନୁହେଁ, ଗୋଟିଏ ଯୁବତୀର ମାନ ସମ୍ଭ୍ରମ ମଧ୍ୟ ରଖିଛନ୍ତି । ଯା ଠାରୁ ବେଶୀ ଆଉ କିଛି କହି ପାରିବି ନାହିଁ । ତେବେ ଯଦି ମୋ ଦ୍ୱାରା ଆପଣଙ୍କର କୌଣସି ଉପକାର—" ତାଙ୍କ ତୁଣ୍ଡ କଥା ତୁଣ୍ଡରେ ଅଛି, ଏତିକିବେଳେ ନଂ୨ମ୍ବର ଘରର ଉପର ମହଲା ଝରକା ଖୋଲି କିଏ ଯେପରି ଡାକିଲା, "ମେନକା, ମେନକା !" ଯୁବତୀ ଭୟ ସନ୍ତ୍ରସ୍ତ ହୋଇ "ଯାଉଛି ବାବା" କହି ନଂ୨ମ୍ବର ଘର ଭିତରକୁ ପଶିଗଲେ । ଦୁଆର ଖୋଲାଥିଲା । ଆଉ ସେ ଯୁବକ ମଧ୍ୟ ପଛକୁ ନଚାହିଁ ଯେଉଁ ଆଡୁ ଆସି-ଥିଲେ ସେହି ଦିଗରେ ଉଭେଇଗଲେ । ବାରବୁଲାଟା ସେହି ଜାଗାରେ କିଛି ସମୟ ଠିଆହୋଇ ପରେ କହିଲା, 'ଫୁଃ ଏ ମାଇକିନିଆ ଜାତି ! କି ବାବା ସାହସ ! କି ବୁଦ୍ଧି !"

———:O:———

# ୮

ପୂର୍ବ ଅଧ୍ୟାୟରେ ଯେ ରାତ୍ରିର କଥା କୁହାଯାଇଛି, ତାର ପରଦିନ ସକାଳେ ପ୍ରାୟ ୯ଟା ବେଳେ ସେ ବାରବୁଲା ଟୋକାଟା କେଉଁ ଆଡ଼େ ଯାଉଥିଲା କେଜାଣି, କିନ୍ତୁ ହରିସନ ରୋଡ଼ ଉପରେ ଆସି ପ୍ରାୟ ନଂ ୫୨ମ୍ବର ଘରର ପାଖ ହୋଇ ଯାଉଛି, ଦେଖିଲା ଗୋଟାଏ ଭଡ଼ା ମଟରରୁ ସଦାଶିବ ବାବୁ ଓ ତାଙ୍କର ପାର୍ଶ୍ୱଦେବତା ଫଲଣା ଚଥାଉଏ ଓହ୍ଲାଇ ସେଇ ଘର ଭିତରକୁ ଗଲେ। ବେହେରା ବେହେରା ବୋଲି ଡ଼ାକ ଶୁଣିବାରେ ଦୁଆର ଫିଟିଲା, ସେମାନେ ଘର ଭିତରକୁ ପଶିଯାଇ ଦେଖିଲେ ବାଟଘରର ବାଁହାତ ଆଡ଼ ଗୋଟିଏ ପ୍ରଶସ୍ତ ଘର। ଘର ଚଟାଣ ଉପରେ ଖଣ୍ଡିଏ ସତରଞ୍ଜି ବିଛା ଅଠ ଖଣ୍ଡ କୁଛି, ଦୁଇଟି ହାତଲଗା ବେଞ୍ଚ ଓ ଗୋଟିଏ ଟେବୁଲ ଥୁଆ ହୋଇଛି। ବେହେରା ଏମାନଙ୍କୁ ଏଇ ଘରେ ଅପେକ୍ଷା କରିବାକୁ କହି ଭିତରକୁ ଚାଲିଗଲା। ତା ପରେ ଜଣେ ଭଦ୍ରଲୋକ ଘର ଭିତରୁ ବାହାରି ଆସିଲେ ସେଇ ବୈଠକ ଖାନାକୁ। ଶାଳ ଗଛ ପରି ଦେହ, ଲମ୍ବା ଲମ୍ବା ହାତ, ଉଅଁସ ଅନ୍ଧାର ପରି ବର୍ଣ୍ଣ, ଆଖି ଦୁଇଟା ନାଲ୍ ନାଲ୍ ଓ ଢେଗା ଢେଗା, ତଳ ଓଠଟା ଟିକିଏ ମୋଟା ଓ ଆଗକୁ ବାହାରି ପଡ଼ିଛି। ଦେହର ପରିମାଣ ଅନୁସାରେ ପେଟଟା ଟିକିଏ ବେଶୀ, ଠିକ୍ ଗୋଟାଏ ଦଶ ଗୌଣୀର

ଓଲଥ ପରି । ପିନ୍ଧନ୍ତି ଖଣ୍ଡିଏ ଧୋତି, ଦେହରେ ଖଣ୍ଡିଏ ପଞ୍ଜାବି, ଗୋଡ଼ରେ ହଳିଏ ଚଟିଯୋତା । ବୟସ ସଦାଶିବ ବାବୁଙ୍କ ସମାନ । ସେ ସଦାଶିବ ବାବୁଙ୍କୁ ଦେଖି ବଙ୍ଗଳାରେ କହି ଉଠିଲେ, "ଅରେ ସଦାଶିବ ଭାଇ ଯେ, ଏ ଗରିବ ହଠାତ୍ କାହିଁକି ମନେ ପଡ଼ିଗଲା ।" କଥା କହିଲା ବେଳେ ତାଙ୍କ ପାଟି ଭିତରେ ହଳଦି ଦାନ୍ତ ପରି ଦୁଇଟା କାମୁଡ଼ା ଦାନ୍ତ ସବୁ ଦାନ୍ତର ଉଚ୍ଚତାକୁ ଟପି ବାହାରି ପଡ଼ିଲା ପରି ଜଣା ପଡ଼ୁଥାଏ । କର ମର୍ଦ୍ଦନ ଓ 'କୋଲା-କୋଲି' ପରେ ସମସ୍ତେ ଗୋଟାଏ ଗୋଟାଏ ଚୌକି ମାଡ଼ିବସିଲା ପରେ ସଦାଶିବ ବାବୁ ପଚାରିଲେ, "ମୋ ଚିଠିଟା ପାଇଥିଲ ପ୍ରମଥ ?" ପ୍ରମଥ ବାବୁଙ୍କର କପାଳ କୁଞ୍ଚି ହୋଇଗଲା । ସକାଳୁଆ ପୋକ ଭଲ ଅକ୍ଷି ପଡ଼ା ଦୁଇଟା ତାଙ୍କ ଆଖି ମନ୍ଦାର ଫୁଲ ଯୋଡ଼ିକୁ ଯୋଡ଼ାଇ ଯକାଇଲା ଯେପରି । ସେ କହିଲେ, "ଓଃ ସେଇ ଚିଠିଟା ନା ? ହଁ, କଥାଟା କଣ କହିଲ ଦେଖି ?"

ସଦାଶିବ— କଥାଟା ଅତି ବେଶୀ କିଛି ନୁହେଁ । ମୋର ଜଣେ ଆତ୍ମୀୟଙ୍କର ଗୋଟିଏ ଘୋଡ଼ା ମୁହାଁ ପୁଅ ଅଛି । ସେ ତାଙ୍କର ସମ୍ପତ୍ତି ବାଡ଼ି ସବୁ ଉଜାଡ଼ି ଦେବାରେ ଲାଗିଲାଣି । ସେ ବଡ଼ ପୁଅ ଏବଂ ସାବାଳକ ସେ ଥାଉଁ ଥାଉଁ ମୋର ଆତ୍ମୀୟ ତାଙ୍କର ଅନ୍ୟାନ୍ୟ ସନ୍ତାନ ସନ୍ତତିମାନଙ୍କ ପାଇଁ ତା କବଳରୁ ସମ୍ପତ୍ତି ରକ୍ଷାକରିବାର କୌଣସି ଉପାୟ ଦେଖି ପାରୁ ନାହାନ୍ତି । ସେ ଟୋକାଟା ବର୍ତ୍ତମାନ କଲିକତା ଆସିଛି । ମୁଁ ତାକୁ ଗୋଟାଏ ବାଗରେ ପାଇ ତୁମ ପାଖକୁ ଆସିବାକୁ ସମ୍ମତ କରାଇଛି । ସେ ଯଦି ତୁମ ପାଖକୁ ଆସେ ତା' ହେଲେ ତାକୁ ଏଠି କିଛି ଦିନ ରଖି ବୁଝାବୋଲାକରି ଯଦି ତା ମୁଣ୍ଡରେ ବୁଦ୍ଧି ପୂରାଇ ପାରନ୍ତ, ତାକୁ ଯଦି ବିଷୟ ଆଶୟରେ ହାତ ଦେବାରୁ ନିବର୍ତ୍ତାଇ ପାରନ୍ତ ତା'ହେଲେ ବଡ଼ ଉପକାର ହୁଅନ୍ତା ।

ପ୍ରମଥ— କେତେ ଦିନ ତାଙ୍କୁ ଏହିପରି ରଖିବାକୁ ଆପଣ କହନ୍ତି ? ବର୍ଷେ ? ଦିବର୍ଷ ?

ସଦାଶିବ— ସେ ବିଷୟରେ ମୁଁ କଣ କହିବି ? ଯେତେ ଦିନ ପର୍ଯ୍ୟନ୍ତ କାର୍ଯ୍ୟୋଦ୍ଧାର ନ ହେଉଛି, ସେତେ ଦିନ ପର୍ଯ୍ୟନ୍ତ ତ ରଖିବାକୁ ହେବ ।

ପ୍ରମଥ— ହଁ କିନ୍ତୁ ତା ଲାଗି ଯେ ଖରଚ ଅନେକ, ସେ ଖରଚ ଦେବ କିଏ ?

ସଦାଶିବ— ଖରଚ ଯାହାହେବ ତାହା ମୁଁ ଦେବାକୁ ରାଜିଅଛି, କେତେ ଯାଏ ଯାଇପାରେ ?

ପ୍ରମଥ— ଯଦି ଏକଦମ ସାବାଡ଼ କରିବାର କଥା ହୁଅନ୍ତା, ତା'ହେଲେ ସାମାନ୍ୟ କିଛି, ଧର ଏ ଟଙ୍କା ପାଞ୍ଚଶ ଖଣ୍ଡକ ମଧ୍ୟରେ କାମ ହାସିଲ କରି ପାରନ୍ତି । କିନ୍ତୁ ତୁମେ ଯାହା କହୁଚ ତା କରିବାକୁ ହେଲେ ଅନେକ ପଇସା ଦରକାର । ଅନ୍ତତଃ ହଜାର ଏକରୁ କମରେ ଚଳିବ ନାହିଁ ।

ସଦାଶିବ— ତୁମେ କଣ କହୁଚ ପ୍ରମଥ ! ସାବାଡ଼ କଣ ! ମୁଁ ତ ସେ କଥା ଆଦୌ ତୁଣ୍ଡରେ ଧରି ନାହିଁ । ତୁମର ମନେ ରଖିବା ଉଚିତ ପ୍ରମଥ ଯେ ମୁଁ କେବଳ ତାର ମୁଣ୍ଡରେ ସଦ୍‌ବୁଦ୍ଧି ଦେବାର ଓ ବିଷୟ ଆଶୟରୁ ନିବୃତ୍ତ କରିବା ପ୍ରବୃତ୍ତିରୁ ନିବର୍ତ୍ତାଇବାର ପ୍ରସ୍ତାବ କରିଚି । ସାବାଡ଼ ଫାବାଡ଼ କରିବା ପ୍ରସ୍ତାବରେ ମୁଁ ନାହିଁ । ମୁଁ ଏହା କହି ନାହିଁ, କି ସେପରି କିଛି ହେଲେ, ତାର ଦାୟିତ୍ୱ ମୁଁ ନେବାକୁ ରାଜି ନୁହେଁ । ତେବେ ଟଙ୍କା ହଜାର ଦେବାକୁ ମୁଁ ରାଜିଅଛି । ତେବେ ଗୋଟାଏ ଲୋକକୁ ବର୍ଷେ ଦି ବର୍ଷ କାଳ ରଖିଲେ, ମଝିରେ ମଝିରେ ତାର ଦେହ ମୁଣ୍ଡର କିଛିପୁ ଖରାପ ହେବ । ମନୁଷ୍ୟ ଜୀବନ ପାଣି ଫୋଟକା ପରି । ଚିନ୍ତାସ୍ଥାପନ ହେଲେ ବି ଲୋକଟା ମରିଯାଇ ପାରେ

ସେପରି ଦୁର୍ଘଟଣା ଯଦି ଘଟେ ତା ହେଲେ ଅବଶ୍ୟ ମୁଁ ତୁମକୁ ଦୋଷ ଦେବି ନାହିଁ ।

ପ୍ରମଥ— ତୁମେ ବଡ଼ ଗପ ହେ ସଦାଶିବ ! ଏ ସବୁ ଲମ୍ବା ଲମ୍ବା କଥା କାହିଁକି ବାବୁ ? ସଫା ସଫା ମତଲବ୍‌ଟା କହିଦେଲେ, କିଏ କି ତୁମକୁ କାମୁଡ଼ି ପକାଉଛି ? ସମ୍ପତ୍ତିର ପ୍ରଲୋଭନଟା ନିଶ୍ଚୟ ବଡ଼ ବେଶୀ, ନା କଣ କହୁଚ ?

ସଦାଶିବ— କାହାର ପ୍ରଲୋଭନ ? ମୋର ? ମୋର ସେଥିରେ କିଛି ସ୍ୱାର୍ଥ ନାହିଁ ।

ପ୍ରମଥ— ନାଃ ହରେ ରାମଃ, ତୁମ ଭଳି ନିଃସ୍ୱାର୍ଥପର, ପରୋପକାରି ଜୀବ ଏ ସଂସାରରେ ଦେଖିବାକୁ ମିଳେ ନାହିଁ । ତୁମେ ସ୍ୱୟଂ ଦୟାଳଙ୍କର ଦୟାମୟ ଅବତାର । କହେ କଣ କହୁଚ ? ସମ୍ପତ୍ତିଟାର ଅନୁମାନିକ ମୂଲ୍ୟ କେତେ ବାବୁ ?

ସଦାଶିବ— ସେଥିରେ ତୁମର କି ଦରକାର ? ତୁମେ ହଜ଼ାର ଟଙ୍କା ନେବ, ଆଉ ଏ ସାମାନ୍ୟ କାମଟା—

ପ୍ରମଥ— ସାମାନ୍ୟ ! ସତେ ! କହୁଚହେ ସଦାଶିବ, ମୋ ସାଥିରେ ଯଦି ବ୍ୟବସାୟ କରିବାକୁ ଆସିବ, ତା'ହେଲେ ମୁଁ ଯାହା ପଚାରିବି ତାର ଠିକ ଠୋକ ଜବାବ ଦବାକୁ ହବ । ତା ନକରିବ ତ ବାବୁ, ବାଟ ଦେଖ, ମୋ ଦେଇ ଏ କାମ ହବ ନାହିଁ ।

ସଦାଶିବ— ଅରେ ଭାଇ ରାଗୁଚ କାହିଁକି ? ମୁଁ କଣ କହିବାକୁ ନାରାଜ ଅଛି । ସମ୍ପତ୍ତି ଆଉ କିସ, ଏଇ ଟଙ୍କା ଦଶ ପନ୍ଦର ହଜାର ମାତ୍ର ।

ପ୍ରମଥ— ତା' ମାନେ, ଅନ୍ତତଃ ଟଙ୍କା ଲକ୍ଷକର ସମ୍ପତ୍ତି । ନାହେ କଣ କହୁଚ ? ହଁ ତେବେ ଟଙ୍କାଟା ?

ସଦାଶିବ— କାମ ହେଲେ ସିନା ଟଙ୍କା କଥା ।

ପ୍ରମଥ— ନା, ବାବୁ, ସେ କଥା ପଡ଼ିବ ନାହିଁ । ଅଧେ ଟଙ୍କା ତୁମକୁ ମତେ ଆଗ ଦବାକୁ ହବ । ବାକୀ ଅଧକ କାର୍ଯ୍ୟୋଦ୍ଧାର ପରେ, ନା ହେ, କଣ କହୁଛ ?

ସଦାଶିବ— ସେ କିପରି ? ତୁମେ ଯଦି ଟଙ୍କା ନେଇ କିଛି ନକର !

ପ୍ରମଥ— ତା ହେଲେ ତୁମ ଟଙ୍କାତକ ଯିବ ।

ସଦାଶିବ— ବାଃ, ବେଶ୍ ତ, ହଜାର ଟଙ୍କା । ଆଉ ତୁମେ ଦିବ୍ୟ ଧୀରେ ସୁସ୍ଥେ କହିଦେଲ କାମ ନ ହେଲେ ସେତକ ଯିବ ।

ପ୍ରମଥ— ତୁମେ କି ରକମ ଭଦ୍ରଲୋକ ହେ ବାବୁ ! ଜଣେ ଭଦ୍ରଲୋକର ଘରକୁ ମନକୁ ଆସି ତାକୁ ମିଛୁଆ ଓ ଜୁଆଚୋର ବୋଲି ମୁହାଁମୁହିଁ କହି-ବାକୁ ଟିକିଏ ହେଲେ ତୁମ ପାଟିରେ ଅଟ୍କି ଲାଗିଲା ନାହିଁ ।

ସଦାଶିବ— ମୁଁ ତ ସେପରି କିଛି କହିନାହିଁ ।

ପ୍ରମଥ—କହି ନାହିଁ ତ ଆଉ କଣ ? କଥାହେଲା ମୁଁ ତୁମର ଗୋଟାଏ କାମ କରିବି, ତୁମେ ମତେ କିଛି ଟଙ୍କା ଦବ । ଏ କଥା ପରେ ତୁମର ଏପରି ସନ୍ଦେହ ଯେ, ମୁଁ ଟଙ୍କା ନେଇ ଖାଇଯିବି, ଅଥଚ କାମ କରିବି ନାହିଁ, ଏହାର ଅର୍ଥ କଣ ? ତୁମେ ତ ବଡ଼ ବେଇମାନ, ନାହେ, କଣ କହୁଚ ?

ସଦାଶିବ— ଆମେ ତୁମ ଘରକୁ ଆସିଲୁଁ ବୋଲି, ତୁମେ ଆମକୁ ବେଇମାନ ବୋଲି ଗାଳିଦବ । ନା, ଆମର ଲୋଡ଼ା ନାହିଁ । ଟଙ୍କା ଦେଲେ କାର୍ଯ୍ୟୋଦ୍ଧାର କରିବା ପାଇଁ କଲିକତା ସହରରେ ତୁମ ଭଳି ବହୁତ ଲୋକ ମିଳିବେ ।

ଏହା କହି ସଦାଶିବ ବାବୁ ଉଠିପଡ଼ିଲେ । ସାଙ୍ଗେ ସାଙ୍ଗେ ଛଅଢ଼ଏ ମଧ୍ୟ ଉଠିଲେ । ପ୍ରମଥ ବାବୁ ସେହିପରି ଚୌକି ଉପରେ ବସି ମୁରୁକି ମୁରୁକି ହସୁଥାନ୍ତି । ସଦାଶିବ ବାବୁ ଦୁଆର ମୁହଁକୁ ଗଲେ । ଦୁଆର ଖୋଲି ବାହାରକୁ ଯିବାର ଉଦ୍ୟମ କରୁଛନ୍ତି, ଏତିକି ବେଳେ ପ୍ରମଥ ବାବୁ କହିଲେ, "ଯିବତ ହେ ବାବୁ, ଏତେ ତର ତର କାହିଁ ! ଶୁଣ ମୋର ଆଉ ପଦେ ଅଧେ କଥା କହିବାର ଅଛି ।" ସଦାଶିବ ବାବୁ ଦୁଆରର କବାଟକୁ ସେହି-ପରି ଧରି ଫେରିପଡ଼ିଲେ । ପ୍ରମଥ ବାବୁ ସେତେବେଳକୁ ଉଠି ଠିଆହେଲେଣି ତାଙ୍କର ଆଖି ଦୁଇଟାରୁ ନିଆଁ ଝଲସି ଉଠିଲା ପରି ଜଣାପଡୁଛି । କିନ୍ତୁ ମୁହଁରେ ସେହିପରି ହସ, ସେହିପରି ନିର୍ବିକାର ଭାବ । ସେ ଧୀରେ ଧୀରେ ଯେପରି କଥାଗୁଡ଼ାକ ଗଣି ଗଣି ହିସାବ କରି କରି ତାଙ୍କ ପାଟିରୁ ବାହାରୁଛି, କହିଲେ, "ଟିକିଏ ଭାବି ଦେଖିଚ, ସଦାଶିବ ବାବୁ, ତୁମେ ଆଜି ମୋ ପାଖରେ କି ପ୍ରସ୍ତାବ କରିଚ ! ଗୋଟାଏ ନିରୀହ ଅପରିଚିତ ଯୁବକକୁ ମୁଁ ବର୍ଷେ ବା ବା ଦୁଇ ବର୍ଷ ବନ୍ଦକରି ରଖିବି ଓ ଦରକାର ହେଲେ ତାକୁ ପ୍ରାଣରେ ମାରିବି । ତୁମର ମନେ ଅଛି ! ମୁଁ ଯଦି ଏଇ ଲାଗେ ପୁଲିସ ଡ଼ାକି ତୁମକୁ ଧରେଇ ଦିଏ ?"

ତଅଢ଼ଏ ଚମକିପଡ଼ିଲେ । ତାଙ୍କ ମୁହଁ କଳା କାଠ ପଡ଼ିଗଲା । ସେ ସଦାଶିବ ବାବୁଙ୍କ ଆଡ଼କୁ ଅନେଇଁ ରହିଲେ । ତାଙ୍କ ଆଖିରେ ଆଖିଏ ଆଖିଏ ଲୁହ । ସଦାଶିବ ବାବୁ କିନ୍ତୁ ନିର୍ଭୀକ । ସେ ଠୋ ଠୋ କରି ହସି ଉଠିଲେ, କହିଲେ ଏ ସବୁ ପ୍ରସ୍ତାବ ମୁଁ କରି ନାହିଁ । ତୁମର ପ୍ରମାଣ କଣ ! ତୁମେ କହିବ, ମୁଁ ନାହିଁ କରିବି । ବେଶ୍ ।"

ପ୍ରମଥ— କିନ୍ତୁ ବାବୁ ବୁଦ୍ଧିହୀନ, ତୁମେ ମତେ ଯେ ଚିଠି ଦେଇଥିଲ, ସେ ଚିଠିଟା ମୋ ପାଖରେ ଅଛି । ତୁମେ ମୋ ଘରକୁ ଆସିଚ, ମୋର

ଯଦି ଭୁଲ୍ ନ ହୋଇଥାଏ, ତା ହେଲେ ତୁମର ସେ ଯୋକାଟା ଓ ଏଇ ରାସ୍ତା ଉପରେ ଟହଲ ମାରୁଚ । ବେଶ୍ ଶକ୍ତ ପ୍ରମାଣ ନାହିଁ, ସତ, କିନ୍ତୁ ସବୁ ସବୁକୁ ଯୋଡ଼ଦେଲେ ମୋର ଅଭିଯୋଗଟା ନିତାନ୍ତ ସିଦ୍ଧ ହେବ ନାହିଁ ହେ ବାବୁ । ନାହିଁ କଣ କହୁଚ ? ତୁମେ ଖଲସ ହୋଇ ଯାଇ ପାର, କିନ୍ତୁ ବିଷୟଟା କାଗଜରେ ବାହାରିଯିବ । ଭାରତବର୍ଷର ଅନେକ ଲୋକ ପଢ଼ିବେ । ତୁମ ଓଡ଼ିଶା ଅସଭ୍ୟ ଅଶିକ୍ଷିତ କୁଲି ମଜୁରିର ଦେଶ ହେଲେ ମଧ୍ୟ ସେଠି ଏ ସମ୍ବାଦଟା ପଢ଼ିବାକୁ ବିଳମ୍ବ ହବ ନାହିଁ । ନାହିଁ କଣ କହୁଚ ! ତା ପରେ ! ତା ପରେ ଭାଇ ! ତୁମେ ପରା ଜଣେ ଲୋକ ପ୍ରତିନିଧି ! ତୁମେ ପରା ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି !

କଥାଗୁଡ଼ାକ ମନରେ ଭେଦିଲା ମାତ୍ରକେ, ଡାକ୍ତରଙ୍କର ମୁହଁ ଯେପରି ଅଳ୍ପେ ଅଳ୍ପେ ଉଜ୍ଜ୍ୱଳ ହୋଇ ଉଠିଲା, ଶିବବାବୁଙ୍କର ମୁହଁ ସେହିପରି ଅଳ୍ପେ ଅଳ୍ପେ କଳାପଡ଼ିବାକୁ ଲାଗିଲା । ଯୁବକଙ୍କର କଥାଗୁଡ଼ାକ ସରିଲା ବେଳକୁ ଶିବବାବୁ ଯାଇ ନିଜ ସ୍ଥାନରେ ବସି ସାରିଲେଣି । ତାଙ୍କର ସେ ଦର୍ପ, ସେ ତେଜ ଆଉ ନାହିଁ । ସେ ତଥାପି ନିଜର ଗରିମା ଟିକେ ରଖିବାର ଶେଷ ଉଦ୍ୟମରେ କହିଲେ, "ତୁମ କଥା ଆଉ ମୋ କଥା ମଧ୍ୟରେ ଲୋକେ କାହାକୁ ବିଶ୍ୱାସ କରିବେ ? ଯାଉ, ତୁମେ ଓ ମୁଁ ଏକ ସାଙ୍ଗରେ ପାଠ ପଢ଼ିଥିଲେଁ । ଏକ ସାଙ୍ଗରେ କେତେ ମଉଜ ମଜଲିସ କରିଥାଇଁ । ମୁଁ ପୁଣି ଭାବ ଦେଖୁଚ, ତୁମକୁ ଏ କାମଟା ଦବାହିଁ ଠିକ୍ । ଟଙ୍କାଟା ତେବେ କଣ ଏଇଲାଗେ ?

ପ୍ରମଥ— ଆଃ, ମନ୍ଦଟା ଠିକ୍ ଧରିଚନା ? ବାବୁହେ, ତୁମର ବୁଦ୍ଧିବା ଉଚିତ ଯେ ଚୋରି କରିବାକୁ ବାହାରିଲେ, ସାଙ୍ଗଭାଇ ଚୋରମାନଙ୍କ

ଉପରେ ବିଶ୍ୱାସ କରିବା ନିତାନ୍ତ ଦରକାର । ଯେଉଁଠୁ କରିବ, ପୁଣି ସେଠି ସାଥି ସେଇ ସାମନାରେ ଭଲଲୋକ ବି କରିବ, ଏ ଦୁଇ କଥା ଏକ ସାଙ୍ଗରେ ଅସମ୍ଭବ । ଦିଅ !

ସଦାଶିବ ବାବୁ ବଡ଼ କଷ୍ଟରେ ଶହେ ଟଙ୍କିଆ ନୋଟ୍ ପାଞ୍ଚ ଖଣ୍ଡି ବାହାର କଲେ । ତାକୁ ଥରକୁ ପାଞ୍ଚଥର ଗଣୁଥାନ୍ତି । ଯେପରି ବଢ଼େଇ ଦେବାକୁ ତାଙ୍କ ହାତଟା ଯାଉ ନଥାଏ । ଶେଷରେ ଦେଲେ । ଜିଭରେ ଓଠ ଦୁଇଟା ଓଦା କରି ନେଇ ଭଙ୍ଗା ସ୍ୱରରେ କହିଲେ, "ମୋ ପାଖରେ ଏତେ ଗୁଡାଏ ଟଙ୍କା ନାହିଁ ଆଉ, ବର୍ତ୍ତମାନ । ବାକି ଟଙ୍କାଟା ପାଇଁ ମତେ କିଛି ସମୟ ଦେଇ ପାରିବ ନାହିଁ ?"

ପ୍ରମଥ— ତା ହେଲେ କାମଟା କରିବାକୁ ମଧ୍ୟ ମୋର ସମୟ ଦରକାର ହେବ । ନୋଟଟା ଯଦି ଥରେ ଆସି ପହଞ୍ଚିଯାଏ, ତା ହେଲେ ଆଉ ତ ମୁଁ କିଛି କରି ପାରିବ ନାହିଁ । ଦେଖିଲ ଦେଖି ଏଇ ସେଇ ଲୋକଟା !

ଏହା କହି ସେ ବାହାରପଟ ଦରଜା ଦୁଆରର ପରଦାଟା ଟାଣିଦେଲେ । ସଦାଶିବ ବାବୁ ଦେଖିଲେ ଗୋଟାଏ ବାଉଁବୁଲା ଲୋକ ରାସ୍ତାର ଆର ପାଖରେ ଠିଆହୋଇ ଏଇ ଘର ଆଡ଼କୁ ଚାହିଁରହିଛି । ଚିହ୍ନିବାକୁ ବେଶୀ ସମୟ ଲାଗିଲା ନାହିଁ । ସଦାଶିବ ବାବୁ ଆସି ଚୌକିରେ ବସିପଡ଼ି କହିଲେ, "କିନ୍ତୁ ଆଜି ନ କଲେ ତ ଚଳିବ ନାହିଁ । ମାଛ ଜାଲରେ ପଡ଼ିଛି, ଯଦି ଖସିଯାଏ, ତା ହେଲେ ଆଉ ତାକୁ ପାଇବା ମୁସ୍କିଲ ହେବ ।"

ପ୍ରମଥ— ମୁଁ ତ ଠିକ୍ ସେଇ କଥା କହୁଥିଲି । କିନ୍ତୁ ଟଙ୍କାଟା ନ ପାଇଲେ ତ ମୁଁ କିଛି କରିପାରୁ ନାହିଁ । ତୁମ ପାଖରେ ଟଙ୍କା ନାହିଁ

ଯେତେବେଳେ, ତୁମେ ବାଙ୍କ ୱ୧୦୦୦୍ ଲାଗି ଗଣ୍ଡେ ହାଣ୍ଡ ନୋଟ୍ କରିଦିଅ, ନାହେ କଣ କହୁଚ !

ସଦାଶିବ— ହଜାରେ କଣ ! ଅଉ ପାଞ୍ଚଶ ତ !

ପ୍ରମଥ— ନା, ଏ ଯେ ପାଞ୍ଚଶ ଟଙ୍କା ଦେଲ, ଏଉଟା ମୋର ସଲେମି ତୁମକୁ ଯେ ପୁଲିଶି ପାଖରେ ଧରା ପକାଇ ଦେଇ ନାହିଁ ଓ ଦେବ ନାହିଁ ତାରି ସଲାମି । ଅସଲ୍ କାମର ହଜାରେ ଟଙ୍କା ବାବଦକୁ ହାଣ୍ଡ ନୋଟ୍ ନକରି ଦେଲେ ଚଳିବ ନାହିଁ ।

ଏତିକି ବେଳେ ଦୁଆର ପାଖରେ ଡ଼ାକ ହେଲା 'ବେହେରା ବେହେରା' !

ସଦାଶିବ ଓ ଚଅଣ୍ଡିଏ ଉଭୟେ ଚମକି ପଡ଼ିଲେ । ସଦାଶିବ କହିଲେ, "ଏଇ ସେଇ ଟୋକାଟା କଣ କରିବା ?"

ପ୍ରମଥ ତାଙ୍କ ଆଡ଼କୁ କାଲି, କଲମ, କାଗଜ ଓ ଷ୍ଟିକ୍ ବଢ଼େଇଦେଇ କହିଲେ, "ଦିଅ ହାଣ୍ଡ ନୋଟ୍‌ଟା ଲେଖିପକାଅ ତ !" ସଦାଶିବ ବାବୁ ଲେଖିବାକୁ ଆରମ୍ଭକଲେ, ଅଧାରେ ମୁଣ୍ଡ ଟେକି ଗମ୍ଭୀର କହିଲେ, "ପ୍ରମଥ ଭାଇ, ପାଠ ପଢ଼ା ଦିନ ପାଶୋରି ଦେଲ ? ଏତେ ସାଙ୍ଗ ସୁଖ, ହାବଭାବ, ତୁ ଶେଷରେ ମୋ ଠାରୁ ଏପରି—" "ଦୁଆରେ ପୁଣି ବେହେରା ବେହେରା" ଡ଼ାକ ଶୁଭିଲା । ପ୍ରମଥ ବାବୁ କହିଲେ, "ଏଇରେ ଲେଖ ଲେଖ । ବ୍ୟବସାୟ ଦିନରେ ସାଙ୍ଗ ସାଥି, ହାବଭାବ ପୁରାଇଲେ, ବ୍ୟବସାୟ ଚଳିବ କିପରି, ନାହେ କଣ କହୁଚ ? ଦିଅ ଲେଖ ।" ସାଦାଶିବ ବାବୁଙ୍କ ଆଖିରେ ପାଣି ଆସିଗଲା । ସେ ଯଥାବିଧି ଏକ ହଜାର ଟଙ୍କାର ହାଣ୍ଡ ନୋଟ୍ ଖଣ୍ଡିଏ ଲେଖିଦେଲେ । ତା ପରେ କହିଲେ, "ଭାଇ ଆମେ କିପରି ଯିବୁଁ !"

ପ୍ରମଥ— ଯାହିଁକି ଯେପରି ଆସିଥିଲ ।

ସଦାଶିବ— ନା, ଆମର ଇଚ୍ଛା ନୁହେ ଯେ ସେ ଲୋକମାନେ ମତେ ଏଠାରେ ଦେଖିବ। ଅନ୍ୟ କିଛି ଉପାୟ ନାହିଁ !

ପ୍ରମଥ କହିଲେ, "ଆଚ୍ଛା ତୁମେ ଟିକିଏ ଚୁପ ହୋଇ ବସନ୍ତ, ମୁଁ ତାର ଉପାୟ କରୁଛି।" କହି ସେ ଉଠିଗଲେ। ତା ପରେ ସଦର ଦରଜା ପାଖରେ ତାଙ୍କର ପାଟି ଶୁଭିଲା, "ବାବୁ ନାହାନ୍ତି, ତୁମେ ସନ୍ଧ୍ୟା ବେଳକୁ ଆସିବ, ବାବୁଙ୍କ ସାଙ୍ଗରେ ଦେଖାହେବ।" ତା ପରେ କିଛି ସମୟ ଗଲା। ପୁଣି ତାଙ୍କର ସ୍ୱର ଶୁଭିଲା, "ସଦାଶିବ ବାବୁ ସେ କିଏ ? ମୁଁ ତାଙ୍କୁ ଚିହ୍ନେ ନାହିଁ। ସେ କାହିଁକି ଏଠିକି ଆସିବେ ? ଯାଅ ସନ୍ଧ୍ୟା ବେଳକୁ ଆସିବ।"

ତା ପରେ ପ୍ରମଥ ବାବୁ ଫେରି ଆସିଲେ, ଏବଂ ସଦାଶିବ ଓ ଡାକ୍ତରଙ୍କୁ ଘେନି ତାଙ୍କ ଘରର ପଛ ପଟେ ବିଦାୟ କରି ଦେଲେ।

—:O:—

# ୯

ଇତି ମଧ୍ୟରେ ସରୋଜିନୀ ଦେବୀ ତାଙ୍କର ଏକମାତ୍ର ସ୍ନେହର ଆଦରର କନ୍ୟା ପ୍ରମିଳାଙ୍କୁ ଏକୁଟିଆ ଛାଡ଼ି ତାଙ୍କର ପ୍ରିୟତମ ସ୍ୱାମୀ ଦେବତାଙ୍କ ପାଖକୁ ଚାଲିଯାଇଛନ୍ତି । ଏ ଦୁର୍ଘଟଣାର ପରେ ଗାଁ ଗଣ୍ଡାର ଯାବତୀୟ ଛୋଟ ଓ ବଡ଼ଲୋକ, ପିଲା ଓ ମାଇପି ଆସି ପ୍ରମିଳାଙ୍କୁ ନାନା ପ୍ରକାରେ ବୋଧ ଦେବାକୁ ଚେଷ୍ଟାକଲେ । କେହି କହିଲା, "କିଛି ନୁହେଁ ଏ, ଖାଲି ମିଛ ମାୟା ସଂସାର ।" କେହି କହିଲା, "ଏ ସବୁ ଭଗବାନଙ୍କର ଲୀଳା । ସେ ଜନ୍ମ ଦେଇଛନ୍ତି, ସେ ମାରୁଛନ୍ତି ।" ଆଉ କେହି କହିଲା, "କିଏ କାହାର ଲୋ ମା, ସମସ୍ତେତ ଯମ ଦଉଡ଼ିରେ ବନ୍ଧା । ଖାଲି ଅଟେଇ ଦିନକୁ ବଟେଇ ଘରଟା ସିନା ।" ପ୍ରଥମେ ପ୍ରଥମେ ଏ ସବୁ ଶୁଣିବାକୁ ପ୍ରମିଳାଙ୍କ ମନରେ ହେଉ ନଥିଲା । ସେ ନିଜର ଭାବନାରେ ଏତେ ବୁଡ଼ିରହି ସଂସାରର ଅସ୍ତିତ୍ୱ ପର୍ଯ୍ୟନ୍ତ ପ୍ରାୟ ଭୁଲି ଯାଇ ଥିଲେ । ତେବେ ଏ ଦୁଃଖ କାହାରି କେବେ ରହେ ନାହିଁ । ଅସ୍ତେ ଅସ୍ତେ ତାଙ୍କର ମନ ଯେତେବେଳେ ସଂସାର ଆଡ଼କୁ ଫେରି ଆସିଲା, ସେତେବେଳେ ଏ କଥାସବୁ ତାଙ୍କ ଶୁଣି ପ୍ରଥମେ ୨ ସେ ଭାବିଲେ, ପ୍ରକୃତରେ ଏ ଲୋକମାନେ ତାଙ୍କ ବ୍ୟଥାରେ ସମବ୍ୟଥୀ ଏବ ସେଥିପାଇଁ ସେମାନଙ୍କ ବୁଦ୍ଧି ଓ ଶିକ୍ଷା ଅନୁସାରେ ସେମାନେ ତାଙ୍କୁ

ସାନ୍ତ୍ୱନା ଦଉଛନ୍ତି । କିନ୍ତୁ ଯେତେବେଳେ ଦେଖିଲେ ଯେ ଏ ଗୋଟାଏ ପ୍ରୀତମଙ୍କ ବ୍ୟବସାୟ ପାଲଟି ଗଲାଣି, ଆଉ ଅଶୀ ବର୍ଷର ବୁଢ଼ା ବୁଢ଼ୀଙ୍କ ଠାରୁ ଆରମ୍ଭକରି ଷୋହଳ ସତରର ତାଙ୍କ ସାଥିମାନଙ୍କ ମୁହଁରେ ସେଇ ଏକା କଥା, ଯାହାଙ୍କ ସହିତ ତାଙ୍କର ଏପର୍ଯ୍ୟନ୍ତ ଆଳାପ ପରିଚୟ ମଧ୍ୟ ନଥିଲା ସେମାନେ ମଧ୍ୟ ଆସି ଏହିପରି ଗୁଡ଼ାଏ ଛୋଟ କଥା କହି ତାଙ୍କୁ ଅତିଷ୍ଠ କରି ପକାଉଛନ୍ତି, ସେତେବେଳେ ତାଙ୍କ ମନରେ ଗୋଟାଏ ରାଗ ଓ ଘୃଣା ଆସିଲା । ଶେଷରେ ଯେତେବେଳେ ଆର ସାହିର ପ୍ରହ୍ଲାଦ ମିଶ୍ରଙ୍କ ସ୍ତ୍ରୀ କହିଲେ, "ଆଉ କାନ୍ଦିଲେ କଣ ହବ ମା ? ମୁଣ୍ଡ କାଟିଦେଲେ ତ ଆଉ ମା ଫେରି ଆସିବେ ନାହିଁ । ତାଙ୍କ ଯୁଗରେ ସେ ତ ଗଲେ । ଏଣିକି ତୋ କଥା ଭଲେ କରିବାକୁ ପଡ଼ିବ । ମା ଆମ କଥା ରଖି ତୋର ହାତକୁ ପହାତ କରିଦେଇ ଯାଇଥିଲେ ତୋର ଆଉ ଏତେବେଳେ ଚିନ୍ତା ଥାନ୍ତା କଣ ? ଯେତେହେଲେ ବ୍ରାହ୍ମଣ ଘର, । ଗରିବ ଗୁରୁବା କେଉଁଠି ପଇସା ଲାଗି ଝିଅମାନଙ୍କୁ ବଡ଼ କରାଯାଏ ଘରେ ରଖିଚନ୍ତି ବୋଲି ସେଉଟାତ ଆଉ ଶାସ୍ତ୍ର କଥା ନୁହେଁ । ସେ ଗୁଡ଼ାକ ସବୁ ଅବାଧ୍ୟ, ତୋରି ସାଙ୍ଗର ଝିଅମାନେ କୋଳରେ କୋଳକୁଅ, ସ୍ୱାମୀ, ଶାଶୁ, ନଣନ୍ଦ ଘେନି ମହା ଆନନ୍ଦରେ ଚଳୁଚନ୍ତି । ତେବେ ତୋର କିଛି ଭାବନା ନାହିଁ, ଆମେ ସବୁ ଅଛୁଁ ଯେତେବେଳେ, ତୁ କସ ଆଉ ବାଉଳି ରହିଯିବୁ ? କୌଣସି ଆଜୁ ନ ହେଲେ, ଆମ ସୁରେନ୍ଦ୍ର—"

ପ୍ରମିଳା ଆଉ ସମ୍ଭାଳି ପାରିଲେ ନାହିଁ । କହିଲେ, "ରକ୍ଷାକର ମାଉସି ତୁମର ଏ ସହାନୁଭୂତି ମୋର ଲୋଡ଼ା ନାହିଁ । ମୁଁ ବୁଝିଚି, ତୁମର ସବୁ ଏତେ ଗରଜ କେଜେ ? କାହାର ଯୁଅଟିଏ ଅଛି, ପାଟି କାଲଉଚ ଯେ କପାଳ ମୋ ବେକରେ ସେଥିକୁ ଗୋଟାଏ ପଥର ବାନ୍ଧିଦେଲେ, ଏ ସବୁ ସମସ୍ୟାର

ବାଉ ପାଣିକୁ ପକାଇ ଦିଅନ୍ତୁ, କାହାର ବା ଇଚ୍ଛା ଏ ତ ପିଲା, ଯାକୁ କହିଁଲେଇ ସହିଁଲେଇ ହାତ କରି ପାରିଲେ, ଭୁଲେଇ ଭାଲେଇ ଦି ଟଇ ପଇସା ଲୁଟିନେଇ ଯିବ । ସେ ସବୁ ମୁଁ ବୁଝୁଛି, ମାଉସୀ, ବୁଝୁଛି । ତୁମର ଏ ଯେ 'ମିଛ ମାୟା ସଂସାର, କେହି କାହାରି ନୁହେଁ, ସବୁ ଅଢ଼େଇ ଦିନିଆ' ସାନ୍ତ୍ୱନା କଥା ଗୁଡ଼ିକ, ଏ ସବୁର ମୂଳରେ କିସ ଅଛି କହିଲ ଦେଖି ? ଏ ଦୁଃଖ ସମୟରେ ଏ ପିଲାଟାର ମନରେ ଗୋଟାଏ ବୈରାଗ୍ୟ ଆଣି ଦେଲେ ତା ମନ ହୁଏତ ତାର ସମ୍ପତ୍ତି ବାଡ଼ି, ବିଷୟ ଆଶୟରୁ ଖସିଯିବ । ହୁଏତ ସେ ଉଦାସୀନ ହୋଇ ରହିଲେ ଆମ ହାବୁଡ଼ରେ ପଡ଼ିଯାଇ ପାରେ । ତୁମେ କଣ ସତରେ ବୁଝୁଛ ଓ ଅନୁଭବ କରୁଛ ଏ ସଂସାରଟା ମିଛମାୟା ବୋଲି ? ତା ହେଲେ ପିଲା, ଝିଅ, ଘଇତା, ଶାଶୁ, ଶଶୁର ଓ ହଜାର ହଜାର ବନ୍ଧନ ନେଇ ଜଞ୍ଜାଳ ହେଉଛ କେନେ ? ଗଡ଼ିଆ ପୋଖରୀରେ ଯଥେଷ୍ଟ ପାଣି ଅଛି, ବାଡ଼ି ଅଡ଼ରେ ଅନେକ କନିଅର ଗଛ, କୋଚିଲା ଗଛ ଅଛି, ଦଉଡ଼ିର ଅଭାବ ନାହିଁ, ଦଉଡ଼ି ଲଗାଇବାର ଜାଗାର ମଧ୍ୟ ଅଭାବ ନାହିଁ ।"

ରମା ମା, ଶ୍ୟାମା ମାଉସୀ, ହରିଆ ବୋଉ, ଗୋବିନ୍ଦା ଭଉଣୀ, ଯେ ଯେଉଁଠାରେ ବସିଥିଲେ, ସେ ସେଇଠାରୁ ଫଡ଼କରି ଉଠିପଡ଼ିଲେ । ତାଙ୍କ ଭିତରେ ଯେ ଟିକିଏ କୁହାଳିଆ ଥିଲା, ସେ କହିଲା, "ଚାଲ ଲୋ ସବୁ ଚାଲ, ଏ କଳି କାଳରେ ଭଲ କଲେ ମନ୍ଦ । ଆମେ ଯାକୁ ବୁଝେଇ ବସିଲେଣି ଯେ ଏ ଅଲଣିଦରି ଟୋକି ଆମକୁ ଉଲଟି ଗାଳିଦଉଛି, କେନେ ଗୋ, କେନେ, ଆମେ କେନେ ଦଉଡ଼ିଦେଇ, ବିଷ ଖାଇ ମରିବୁଁ, ଯେ ବାମ୍ଭୁଣ ଘର ଝିଅ ହୋଇ ଷୋଳ ବର୍ଷ ଯାଏ ଅଭିଆଡ଼ି ଅଛୁ, ଯାହାକୁ ବର ମିଳୁନାହିଁ, ସେଇ ବିଷ ଖାଇ ମରୁ ।" ଏହା କହି ସେମାନେ ଚାଲିଗଲେ । ରହିଗଲା କେବଳ କମଳା ବାଳ ବିଧବା, ପ୍ରମିଳାଙ୍କର ପିଲା ଦିନର ସାଙ୍ଗ ।

ସମସ୍ତେ ଚାଲିଗଲା ପରେ ସେ ପ୍ରମିଳାଙ୍କୁ କହିଲେ, "ପେମି, ଏପରି ଲୋକ ଗୁଡ଼ାଙ୍କୁ କହନ୍ତି ?"

ପ୍ରମିଳା— ନ କହିବ କେନେ ? ସେମାନେ କେନେ ଏପରି ମିଛ ଆପଣାର ହୋଇ ବସିଲେ ବା ?

କମଳା— ସେମାନେ ଯାହା କହିଲେ ସେଗୁଡ଼ା ବା ମିଛ ! ପ୍ରକୃତରେ ବା ସଂସାରଟା ମିଛ ମାୟା ନୁହେଁ !

ପ୍ରମିଳା— ନା, କଦାପି ନୁହେ ! ଯାହା ମୁଁ ଆଖିରେ ଦେଖୁଚି, ଅଙ୍ଗେ ନଭେଇଚ, ତା ହବ ମିଛ, ମାୟା, ଆଉ ଭଗବାନ, ପରଜୀବନ, ଯାହା ମୁଁ କେବେ ଆଖିରେ ଦେଖି ନାହିଁ, ଦେହରେ ଅନୁଭବ କରିନାହିଁ ସେ ହବ ସତ ! ମୁଁ ନିଆଁକୁ ହାତରେ ଧରିଲି, ହାତ ମୋର ପୋଡ଼ିଗଲା, ଫୋଟକା ହୋଇଗଲା, ସେ ହବ ମିଛ, ଆଉ ତୁ ଯଦି କହୁ ଯେ ମୁଁ ପାଣିରେ ହାତ ବୁଡ଼େଇ ଦେଲି ଯେ ମୋ ହାତ କୋଲ୍‌ମାଡ଼ିନେଲା, ସେ ହବ ସତ ?

କମଳା— କହୁ ପେମି, ସଂସାରରେ ଯୋଗି ଋଷିମାନେ ତ ପୁଣି ଈଶ୍ୱରଙ୍କୁ ଦେଖିଚନ୍ତି !

ପ୍ରମିଳା— ତୁ ଦେଖିଚୁ ସେମାନେ ଦେଖିଚନ୍ତି ? ନ ଖାଇ ନ ପିଇ ଦହପ୍ରାଣ ସବୁ ଶୁଖେଇ ଆତ୍ମାର କଲବଲରେ ସେମାନେ ଯାହା ଦେଖନ୍ତି ସେ ତ ଗୋଟାଏ ହ୍ୱା ସ୍ୱପ୍ନ ଲୋ, ଭୂତ ସ୍ୱପ୍ନ । ତୁଇ ନିଜେ କହନା, ଏକାଦଶି ନିରାଧାର ଉପବାସରେ ତୁ ଯେତେବେଳେ ଅଚେଷ୍ଟ ହୋଇ ଶୋଇରହୁ, ସେତେବେଳେ ତୁ କଣ ସୁନ୍ଦର ସୁନ୍ଦର ଜିନିଷ, ଭଲ ଭଲ

ଖାଦ୍ୟର ସ୍ୱପ୍ନ ଦେଖୁନାହିଁ ? ସ୍ନେହ, ପ୍ରେମ, ଟିକିଏ ଭଲପାଇବାର ଅଭାବ ବଞ୍ଚିତ ହୋଇ ତୁ ଯେତେବେଳେ ପ୍ରାଣ ହାଙ୍କଲରେ କେତେ ସୁଖର କଳ୍ପନା କରୁ ଅଉ କରୁ କରୁ ଶୋଇଯାଉ, ସେତେବେଳେ ତୁ କଣ ଜଣେ ସୁନ୍ଦର ପ୍ରେମିକର ପ୍ରେମର ସ୍ୱପ୍ନ ଦେଖୁନାହିଁ ? ତା' ବୋଲି କଣ ସେ ସତ ଅଉ ତୋର ଏଇ ନଗ୍ନ, ନିର୍ମମ, ନିର୍ଦ୍ଦୟ, ବ୍ୟଥା ଜୀବନ ମିଛ । ନା କମଳା, ଯୋଗିଋଷିମାନେ ଈଶ୍ୱରଙ୍କର ଗୋଟାଏ ଜ୍ୟୋତିର୍ମୟ ମୂର୍ତ୍ତି କଳ୍ପନେଇ ସେଇ ମୁର୍ତ୍ତିଟିକୁ ସବୁବେଳେ ଭାବନାକରନ୍ତି ବୋଲି ସେମାନେ କେଳେ ? ସେ ମୂର୍ତ୍ତିଟାକୁ ଦେଖିପକାନ୍ତି । ସେ ସତ ନୁହେ, କେବଳ ମାୟା, କେବଳ କୁହୁକ, କେବଳ ଇନ୍ଦ୍ରଜାଲ । ସତ୍ୟ ହଉଚି ଏଇ ମାଟିର ଏ ସଂସାରଟା ସତ ହଉଚି ଏଇ ପାଣି, ପବନ, ନାଇଁ, ସତ ହଉଚି ଏଇ ବିଚ୍ଛେଦ, ବିରହ, ଦୁଃଖ, ତାପ, ରୋଗ ଶୋକ ।

କମଳା— ତୁ କଣ ଯେ କହୁ ଯେମି ! ଏ ସବୁ ତୋର ସେ ଖିରସ୍ତାନ ବହିଗୁଡ଼ାକ ପଢ଼ିବାର ଫଳ ।

ପ୍ରମିଳା— ନା, ଖିରସ୍ତାନମାନଙ୍କର ମଧ୍ୟ ସେଇ ଭ୍ରମ । ସେମାନେ ମଧ୍ୟ ଯିଶୁଖ୍ରୀଷ୍ଟଙ୍କର ସ୍ୱପ୍ନ ଦେଖନ୍ତି, ସେମାନେ ମଧ୍ୟ ଗାବ୍ରିଯେଲର କଳ୍ପନା କରନ୍ତି । ସେମାନେ ମଧ୍ୟ ଅତ୍ୟାଚାରିତ, ସମସ୍ତ ସୁଖରୁ ବଞ୍ଚିତ, କାଙ୍ଗାଳର ପୁତ୍ର ଯିଶୁଖ୍ରୀଷ୍ଟଙ୍କ ସୁଖ ସ୍ୱପ୍ନର କଳ୍ପନା ମନ ଭିତରେ ପୋଷି ଗୋଟାଏ ମିଛ ଜ୍ୟୋତିର୍ମୟ କାଳ୍ପନିକ ପୁରୁଷର ଉପାସନା କରନ୍ତି । ଏ ପାଗଳାମିରୁ ହିନ୍ଦୁ ଖ୍ରୀଷ୍ଟିୟାନ, ମୁସଲମାନ କେହି ବର୍ଜ୍ୟ ନାହିଁ । ଏ ସଂସାର ଭଗବାନଙ୍କର ଖେଳ ନୁହେ, ବୁଦ୍ଧିମାନର ଖେଳ । ବୁଦ୍ଧିମାନ ବ୍ରାହ୍ମଣ, ବୁଦ୍ଧିମାନ ପୁରୋହିତ ଧର୍ମଯାଜକ ବୁଝିଥିଲେ, ପ୍ରକୃତ ସୁଖ ହଉଚି, ନନ୍ଦନବନରେ ବସି, କଳ୍ପନାର

ସୁଅରେ ଭାସିବାକୁ ହେବ ଓ ବିନା ପରିଶ୍ରମରେ ଦେହ ରକ୍ଷାକରିବାର ଯାବତୀୟ ସୁଖ ଓ ବିଳାସ ପାଇବାକୁ ହେବ । ତାର ଉତ୍କୃଷ୍ଟ ପନ୍ଥା ତାଙ୍କୁ ଦିଶିଲା, ପର ଠାରୁ, ଛଳେ, କୌଶଳେ ଧନ ନେଇଯିବା । ସେଥିହେତୁରୁ ହଜାର ହଜାର ବରଂ ଲକ୍ଷ ଲକ୍ଷ ଯୁକ୍ତି ଦେଇ ସେ ଇତର ଲୋକମାନଙ୍କ ମନରେ ଧାରଣା କରାଇବାକୁ ଚେଷ୍ଟା କଲେ ଯେ... ଏ ସଂସାର ମିଛ, ଏ ଧନ ସମ୍ପତ୍ତି ମାୟା, ଏ ପୁଅ, ଝିଅ, ବାପ, ମା ଖାଲି ଗୋଟାଏ ବନ୍ଧନ ଆଉ ନିର୍ବୁଦ୍ଧି ଇତର ଜାତି—" ପ୍ରମିଳା କହି ଚାଲିଚନ୍ତି, ଏହି ସମୟରେ ବାହାର ପଟୁ ପାଟି ଶୁଭିଲା "ପେମି ପେମି"! କମଳା ଉଠି ଚାଲିଗଲା । ଶ୍ୟାମ ବାବୁ ଆଉ ଜଣେ ଭଦ୍ରଲୋକଙ୍କୁ ଘେନି ଆସି ସେଠାରେ ପହଞ୍ଚିଲେ । ସେ ଭଦ୍ରଲୋକ ସ୍ନେହ ପୂର୍ଣ୍ଣ ଗୋଟିଏ କଟାକ୍ଷ ପ୍ରମିଳାଙ୍କ ଉପରେ ପକାଇ କହିଲେ, "ମା ସବୁ କାମତ ଏଥର ସରିଲା । ମୁଁ ଆଉ କେତେ ଦିନ ବସି ରହିବି, ଘରେ ତ ଆଉ କେହି ନାହିଁ ଚାଲ ମା ଯିବା ଏଥର ।"

ପ୍ରେମି— କୁଆଡ଼େ ମାମୁଁ ?

ଭଦ୍ରଲୋକ— କୁଆଡ଼େ ଆଉ ? ଆମ ଘରକୁ ।

ପ୍ରମିଳା— କି ବୋଲୁ ?

ଶ୍ୟାମ— ନାଇଁ, ନରେନ୍ ମାମା କହୁଚନ୍ତି, ମା ତ ଗଲେ, ତୁ ଏଠି ଏକୁଟିଆ ରହିବୁ କିପରି ? ତାଙ୍କ ଘରେ ଯାଇ ରହ । ସମ୍ପତ୍ତି ବାଉତ ମୁଁ ଦେଖାଚାହିଁ କରୁଛି । ତୁ ଯେତେବେଳେ ବଡ଼ହୋଇଯିବୁ, ବାହାହୋଇଯିବୁ, ତୋର ସମ୍ପତ୍ତି ତୁ ସେତେବେଳେ ଦେଖିବୁ ।

ପ୍ରମିଳା— ନା, ମୁଁ ମୋର ବାପ-ମାଙ୍କ ଘର ଛାଡ଼ି ଯିବି କେମନେ ? ମାମା, ତୁମ ଗୋଡ଼ତଳେ ମୋର କୋଟି ଦଣ୍ଡବତ, ମୋ ଉପରେ ରାଗ କର ନାହିଁ । ମୁଁ ତୁମର ଭଣେଇ, ତୁମେ ମୋର ମାମୁଁ ଆଉ ମୋର ବୋଲି

ଏକମାତ୍ର ଲୋକ ମୋର ଆଉ କିଏ ଅଛି ? କହୁଁ କହୁଁ ତାଙ୍କ ସ୍ୱର ଗଦ୍ଗଦ ହୋଇ ଆସିଲା । ପରେ ସମ୍ଭାଳିନେଇ କହିଲେ, ବାପା ମରିଗଲା ବେଳେ ଏ ସମ୍ପତ୍ତି ବାଉ ମାଙ୍କ ଜିମା କରିଦେଇ ଯାଇଥିଲେ । ମା ତାଙ୍କ କଥା ମାନି ତାକୁ ସମ୍ପୂର୍ଣ୍ଣ ଭାବରେ ସାଇତିରଖି ମୋ ଜିମା ଛାଡିଦେଇ ଗଲେ । ମୁଁ କିପରି ସାତ ପୁରୁଷି ଘର ଦ୍ୱାର, ଜାନ ଅସ୍ଥାନ ଛାଡି ଚାଲିଯିବି ?"

ନରେନ—କିନ୍ତୁ ମା, ତୁଛ ପିଲା, ତୁ କଣ ଏ ସବୁ ଦେଖା ଚାହାଁ କରି ପାରିବୁ ! ଏ ସବୁର ଭାର ନେଇ ପାରିବୁ !

ଶ୍ୟାମ— ସେ ତ ନେଇ ପାରିବ ନାହିଁ ଜାଣି, ମା ଉଇଲ୍‌କରି ମତେ ଇକ୍‌ସିକିଉଟର କରିଦେଇ ଯାଇଚନ୍ତି ।

ପ୍ରମିଳା—ବୁଝିଚି, ସେଇଥି ଆଉ ମୋ ମନରେ ପକାଇଦେବା ଦରକାର ନାହିଁ । ନାଇଁ ମାମା, ମୁଁ ଜମିବାଡି, ଜମିଦାରି ବୁଝାସୁଝା କରି ନପାରିଲେ ମଧ, ଅନ୍ତତଃ ଏ ଘର ଦ୍ୱାର ଭଲ ତ ସାଇତି ରଖିପାରିବି ।

ନରେନ— ତା ହେଲେ କି ଆମ ଘରକୁ ଆଉ ଯିବୁ ନାହିଁ !

ପ୍ରମିଳା— ତା କି ନଯାଇ ମୁଁ ରହିପାରିବି, ମାମା ! ନିଶ୍ଚୟ ଯିବି, ଯେତେବେଳେ କହିବ ସେତେବେଳେ ଯିବି । କିନ୍ତୁ ସବୁଦିନେ ରହିବା ପାଇଁ ଯାଇ ପାରିବି ନାହିଁ ।

ନରେନ— ମୁଁ ବୁଝିଚି ମା, ବୁଝିଚି । ମାଇଁ ହେଉଛି ତୁ ସେଠି ରହିବାକୁ ନାରାଜ । କସ କରିବ ମା, ହାତଧରି ବାହାହେଇଚି, ମୋ ପିଲା ଗୁଡ଼ାଙ୍କର ମା ତ ଯେତେହେଲେ ସେ । ଭଦ୍ରଲୋକ ଘର, ତାକୁ ନେଇ

ଗଡ଼ାପଡ଼ା ହେଲେ ଦାଣ୍ଡକୁ ଅସୁନ୍ଦର ଦିଶିବ ବୋଲି ମୁଁ ସବୁ ମୁଣ୍ଡ ପୋଡ଼ି ସହିଯାଉଛି । କିନ୍ତୁ ଏପରି ଛକର ମାଡ଼ହୋଇଥା ସେ, ମୁଁ ଏତେ ଛାତି କହିଲି ଚାଲି, ଦାଦା ତ ମରିଗଲା, ପେଟିଆ ପିଲା, କେତେ ଅନସ୍ତା ହଉଥିବ, ତୁ ଗଲେ ତାର ଟିକିଏ ଭରସା ହବ, ମୋ କଥା ଶୁଣିଲାନାହିଁ, କଣକରିବି ମା ?

ପ୍ରମିଳା— ସେ କଥା ଯାଉ ମାମୁଁ, ଯାହା ନ କରି ହବ, ତାକୁ ଭାବି ଆଉ ଫଳ କଣ ?

ନରେନ— ତେବେ ମା, ତୁ କଣ କରିବୁ ବୋଲି ଭାବିଚୁ ?

ପ୍ରମିଳା— କରିବି ଆଉ କଣ । କଲେଜ ଖୋଲିଲେ ମୁଁ କଟକ ଚାଲିଯିବି । ଛୁଟିରେ ଯେତେବେଳେ ଆସିବି, ସେତେବେଳେ ଥୋଡ଼ାଏ ଦିନ ଏଠି ରହିଲେ, ଥୋଡ଼ାଏ ଦିନ ତୁମ ଘରେ ରହିବି । ମତେ ଟିକିଏ , କଟକରେ ଦେଖି ଆସୁଥିବ ମାମା ? ଭୁଲିଯିବ ନାହିଁ ।

ନରେନ— କିନ୍ତୁ ମା, ତୁ ଏଡ଼େ ବଡ଼ ଘରେ ଏକୁଟିଆ କେମିତି ରହିବୁ ?

ପ୍ରମିଳା— ମା ବୁଢ଼ୀ ହୋଇ ତ ଘେରେ ଏକୁଟିଆ ଥିଲେ, ମୁଁ ତ ତାଙ୍କ ଅପେକ୍ଷା ଦୁର୍ବଳ ନୁହେ । ତା ପରେ ଗଦା ମା ଅଛନ୍ତି ।

ନରେନ— ହଁ ଗଦା ମା ଅଛି, ସେଇକ ଯାହା ବଳ ।

ଶ୍ୟାମ— ମୁଁ କହୁଥିଲି ପ୍ରେମର ପ୍ରବାହ......

ପ୍ରମିଳା— ସେ ଭାବନା ତୁମର କାହିଁକି ଶ୍ୟାମ ବାବୁ ?

ଶ୍ୟାମ— ଶ୍ୟାମ ଭାଇ ବୋଲି କହ, ଶ୍ୟାମ ଭାଇ ବୋଲି କହ... ମୁଁ ପଚା ତୋର ବଡ଼ ଭାଇ, ଅଧଣାର ଲୋକ । କିନ୍ତୁ ପ୍ରମିଳା ତାର ଜବାବ ନ ଦେଇ ନରେନ ବାବୁଙ୍କୁ ପଚାରିଲେ, "ତୁମେ ଜଳଖିଆ କଲଣି ମାମୁଁ ? ଚାଲ, ମୁଁ ତୁମ ପାଇଁ ଜଳଖିଆ ବନ୍ଦୋବସ୍ତ କରେଁ ।" କହି ସେ ନରେନ ବାବୁଙ୍କ ହାତ ଧରି ତାଙ୍କୁ ଘୋଷାରି ଘୋଷାରି ନେଇ ଚାଲିଗଲେ । ଶ୍ୟାମ ବାବୁ ସେହି ସ୍ଥାନରେ କିଛି ସମୟ ଠିଆହୋଇ ରହିଲେ । ତାଙ୍କର ମୁହଁ ଫିକା ପଡ଼ିଗଲା । ଆଖି ନାଲି ନାଲି ହୋଇଗଲା । ଓଠ କମ୍ପିଉଠିଲା ସେ ଡାହାଣ ହାତର ମୁଠା ପ୍ରମିଳାଙ୍କ ଆଡ଼କୁ ହଲାଇ ସେଠାରୁ ଚାଲିଗଲେ ।



Printed at S.P.W.Ltd. by L.D.Nayak.

ଅଗ୍ରଗାମୀ ସାହିତ୍ୟ ସମିତିର ସପ୍ତମ ଖଣ୍ଡ

# [illegible]

(ଦ୍ୱିତୀୟ ଭାଗ)

ଲେଖକ — ଶ୍ରୀ ଗୋବିନ୍ଦ ତ୍ରିପାଠୀ, ଏମ୍, ଏ

—o।।o—

ପ୍ରଥମ ମୁଦ୍ରଣ + ଅଗଷ୍ଟ + ୧୯୪୧

ବାର୍ଷିକ ଅଗ୍ରୀମ ଦେୟ ... ୬ ॥ ୵

ସମ୍ପାଦକ— [illegible]

# ୧୦

ସଦାଶିବ ବାବୁ ଓ ଫଲଣା ଛଅକଡ଼ିଏ ପ୍ରମଥ ବାବୁଙ୍କ ଘରୁ ବାହାରି ଏକ ନିଃଶ୍ୱାସରେ ବାହାରି ଚାଲିଗଲେ ଯେ ହରିସନ ରୋଡ଼ ନ୬୮ମ୍ବର ଇଣ୍ଡିଇସ୍ପାଲ୍ କ୍ଲବ୍ ହୋଟେଲ୍ ପର୍ଯ୍ୟନ୍ତ । ସେଠାରେ ଛଅକଡ଼ିଙ୍କ ଅଗୋଚରରେ ସେ ନିଜକୁ ସାଆନ୍ତ ଓ ଛଅକଡ଼ିଙ୍କୁ ତାଙ୍କର ପୋଷେଇଆ ବ୍ରାହ୍ମଣ ବୋଲି ପରିଚିତ କରାଇ ତାରମହଲା ଉପରେ ବଖରାଏ ଘର ଭଡ଼ା ନେଲେ । ଘରେ ଯାଇ ପ୍ରଥମେ ସେ ଖଟ ଉପରେ ଓ ଛଅକଡ଼ିଏ ଗୋଟାଏ କୁଣ୍ଟରେ ବସି ଦମ ନେବା ପରେ ସଦାଶିବ ବାବୁ ପଚାରିଲେ, "କି, ଛଅକଡ଼ିଏ କଣ ହେଲ ?" ଛଅକଡ଼ିଏ କାନ ନାକ ଛୁଇଁ କହିଲେ, "ଅରେ ରାମ୍, ରାମ୍, ମା ଭଗବତୀର ବରାଦ୍, ପ୍ରାଣ ନେଇ ପଳାଇ ଆସିଲେଇଁ । କିନ୍ତୁ ବାବୁ ଦେଢ଼ ହଜାର ଟଙ୍କା—?" ସଦାଶିବ ବାବୁ ଜଣରେ ହାତ ପକେଇ ବେପରୁଆ ହସଟାଏ ହସି କହିଲେ, "ଅରେ ଗଧ, ମୀନ ଟିଏ ପକାଇଲେ ରିସା ସେଭଳି ଟିଏ ଧରିବ । ଦେଢ଼ ହଜାର ଗର୍ଚ୍ଚ ନ ହେବ ତ ଲକ୍ଷେ ଟଙ୍କାର ସମ୍ପତ୍ତି ଅଧିକାର ହେବ କିପରି ?"

ଛଅକଡ଼ିଏ ଟିକିଏ ଅପ୍ରସ୍ତୁତ ହୋଇଗଲା ପରି କହିଲେ, "ହଁ, ତା ଯା କହିଲେ ତା ଏକା ସତ । ଆମ ମୁଣ୍ଡରେ କଣ ପଶୁଚି । ତା' ହୋଇଥିଲେ ଆମେ କିଆଁ ଗୋବର ଗୋଟାନ୍ତୁ, ଆପଣ କିଆଁ ମନୀଷ ହୁଅନ୍ତେ । କିନ୍ତୁ ବାବୁ, ସେ ଯୁ ଲୋକ ! ତାର ଯୁ ଦାନ୍ତ ଗଣ୍ଡାକ, ବାଘ ମୁହଁ ପରି ମୁହଁରେ

ସେ ଦାନ୍ତଗୁଡ଼ାକ ପାଟି ମେଲାଇଲା ବେଳକୁ ଦିଶିଲା ଯେପରି ବାଘ ପାଟି ମେଲେଇ ବସିଚି, ଝାକୋଳିକି ଗିଳି ଦେବ । ଲୋକଟା ସତରେ କେଡ଼େ ବେଈମାନ ବାବୁ !"

ଶିବ— କିନ୍ତୁ ଦେଖିଚ ମୁଁ ତାକୁ କିପରି ଜବତ୍ କଲି ? ବେଷ୍ଟପୋ, ଜାଣେ ନାହିଁ ଆମେ କିଏ ! ଆମ ଆଗରେ ପୁଣି କଲିକତିଆ ପାନ୍ଥ ଦେଖାଉ ଥିଲା । କଣ ନା ତୁମକୁ ଫୌଜଦାରିରେ ଦେବ । ଦେଖିଲ ନା, ଏକା କଥାକେ କିପରି ମ୍ୟାଉଁ ମ୍ୟାଉଁ ହୋଇଗଲା ।

ଚଥଉଏ— ତା' ତାର ବୁଦ୍ଧି କେତେ ସେ ଆପଣଙ୍କ ଭଳିଆ ଲୋକ ଯାହାକୁ କି କଲେକ୍ଟର କମିସନର ମାନନ୍ତି, କଥାରେ, ଆଇନ ନଜରରେ ପାରିବିକି । କିନ୍ତୁ ବାବୁ ସେଇ ଟଙ୍କାଗୁଡାକ ମୋ ମନରୁ ଯାଉ ନାହିଁ ।

ଶିବ— ମୋ ମନରୁ କି ଯାଉ ନାହିଁ ଚଥଉଏ । ଏ ପର୍ଯ୍ୟନ୍ତ ଏ ବିଷୟରେ ଯାହା ସବୁ କରିଥିଲେଇଁ ସେ ଖାଲି ପିଲା ଖେଳ । ଲଣ୍ଡ୍ରାଠାରୁ ସେ ରେଜଷ୍ଟ୍ରି ହାଣ୍ଡନୋଟଟା କରି ନବା ଛଡ଼ା ସେ ଦଗରେ ଆଉ କିଛି ପ୍ରକୃତ କାମ ହୋଇ ନାହିଁ । ମୁଁ ଭାବିଥିଲି ଆପଣମାନଙ୍କର ଉଦ୍ୟମ ଓ ଉତ୍ସାହ ବୋଧହୁଏ ଏ ଦଗରୁ ଶୀତଳେଇ ଗଲାଣି । ମୋର ଥରେ ଅଧେ ମନେ ହେଉଥିଲା, ତୁମକୁସବୁ ଟିକିଏ ସ୍ମରଣ କରାଇ ଦେବି ବୋଲି । ପୁଣି ଭାବିଲି ଲଣ୍ଡ୍ରାର କାମ, ଏମାନଙ୍କ ହେତୁରୁ ମୁଁ ସେଥିରେ ପଶୁଥିଲି । ଲଣ୍ଡ୍ରା ଚୁପ୍, ଏମାନେ ମଧ୍ୟ ଚୁପ୍, ମୋର ଏତେ ଗରଜ କିଆଁ ? ସେ ଦିନ କିନ୍ତୁ ବଡ଼ ମଜାରେ ଟୋକାଟାକୁ ବାଗରେ ପାଇଥିଲେଇଁ ନା ? ସେ ଯେ ବାଜି ମାରିବ ଆଉ ସତକୁ ସତ ଉଗିବ ଆପଣମାନେ ଜାଣିଲେ କିପରି ?

ଚଥଡିଏ— ତା ଆଉ ଜାଣି ନଥିଲୁ ନା ! ତାର କଥାକେ କଥାକେ ବାଜି । ଆଉ ଥରେ ବାଜି ମାଇଲେ ସେ ପଡ଼ିଆ କାଡ଼ିରୁ ପୋକ ପର୍ଯ୍ୟନ୍ତ

ଗୋଟାଇ ଖାଇଯିବ । ସତରେ, ଥରେ ପଶୁ ଗୋଟାଏ ଲାଙ୍ଗୁଡ଼ା ପୋକ ବାଙ୍କମାର ଖାଇ ଯାଇଥିଲା । ଅଉ ଥରେ ସମିତ ବାଙ୍କମାରି ପାଞ୍ଚ ଗଣ୍ଡା ଅମୃତା ଖାଇଯାଇ ଥିଲା ।

ସଦାଶିବ— ଯାହାହଉ, ବେଶ ବାଗରେ ପାଇଥିଲେଇଁ । ସେ ଯେ ସତରେ ବାଙ୍କ ମାରି କଲିକତା ଅସିବ ମୋର ଏ ବିଶ୍ୱାସ ନଥିଲା । ସତକୁ ସତ ଅସିଚ । ଏଣେ ମୁଁ ମଧ ଏତେ ଟଙ୍କା ଏ କାମରେ ଅଳ ଖର୍ଚ୍ଚ କଲିଣି ଯେ, ଏହାର ଗୋଟାଏ କିଛି ଶେଷ ବ୍ୟବସ୍ଥା ନ କରିବା ପର୍ଯ୍ୟନ୍ତ ଅଉ ଶାନ୍ତ ନାହିଁ । ଖାଲି ସେଇ ଗୁଣ୍ଡାଟା ଉପରେ ବିଶ୍ୱାସ ରଖି କାମ କଲେ କି ଚଳବ ? ସେ ଲୋକଟା ଯେପରି ଗୁଣ୍ଡାବାଜ, ମୋର ତ କିମିତ ଅଶଙ୍କା ଯେ ସେ ପୁଣି କୁଅସ୍ତେଚି କରି ନ ବସେ ।

ଚଅଢଏ—କିନ୍ତୁ ଅଉ ଇ ଲାଗେ ଉପାୟ କଣ ?

ସଦାଶିବ— ଉପାୟ ତ ଅଛୁ ଅନେକ । କଥା ହଉଚ କେଉଁ ଉପାୟଟା ତା ମଧରୁ ନେବ । ଗୋଟାଏ ଲୋକ ଉପରେ ଯେତେବେଳେ କାର୍ଯ୍ୟର ଭାର ଦେଇଚି ଅଉ ସେଥିଲାଗି ଅଞ୍ଜୁଳା ଅଞ୍ଜୁଳା ଟଙ୍କା ମଧ ଖର୍ଚ୍ଚ କରି ସାରିଲିଣି, ସେ କଣ କରୁଚି ନ କରୁଚି ନ ଦେଖି ପୁଣି ଅନ୍ୟ ଲୋକକୁ ସେଇ କାମରେ ଲଗେଇ ଅଉରି କୋଡ଼ିଏ ଟଙ୍କା ଖରଚ କରିବା ହବ ଗୋଟାଏ ମସ୍ତ ବଡ଼ ବୋକାମି । ଏଣେ ସେ ଯଦ୍ଦ କାମ ନ କରେ ବା ଖଇଚ କରେ ତା ହେଲେ ମୁଁ ଖବର ପାଇ ଅନ୍ୟ ଉପାୟ କଲା ବେଳକୁ ଚଢ଼େଇ ହୁଏତ ସମୁଦ୍ର ପାର । କଣ କରିବା କହନ୍ତୁ ତ ?

ଚଅଢଏ— ସେ ଲୋକଟା କଣ କରୁଚ ନ କରୁଚ ତାରି କିଛି ଖବର...

ସଦାଶିବ— ସାବାସ, ଭଅଡିଏ, ସାବାସ । ଠିକ୍ କଥା ମନେ କରି ଦେଲେ । କହି ସଦାଶିବ ବାବୁ ଦମ୍ ଦମ୍ କରି ସିଡି ଉପରେ ସିଡି ଓଲ୍ଲେଇ ଏକାବେଳକେ ଯାଇ ମ୍ୟାନେଜରଙ୍କ ଖାସ ଅଫିସରେ ହାଜର । ସେଠାରେ ଦୁଇ ଅଣା ପଇସା ଭର୍ତ୍ତି ଦେଇ ଟେଲିଫୋନ ବହିଟାରୁ ଗୋଟାଏ ଠିକଣା ବାହାର କରି ଟେଲିଫୋନ ମୁହଁଟା ତାଙ୍କ ମୁହଁ ପାଖରେ ଓ ଆର ପଟଟା କାନ ପାଖରେ ଦେଇ, "ବ୍ରଜବାବୁ ବ୍ରଜବାବୁ" ! ଅପର ପକ୍ଷରୁ କଣ ଜବାବ ଆସିଲା, ତା ତ ଆମର ଜାଣିବାର କିଛି ଉପାୟ ନାହିଁ । ଯାହା ସଦାଶିବ ବାବୁ କହୁଥାନ୍ତି ସେତକ ମାତ୍ର ଆମ୍ଭେମାନେ ଶୁଣିଲୁଁ ଓ ଲେଖିଲୁଁ । ଶିବ ବାବୁ କିଛି ସମୟ ଗଲା ପରେ ପୁଣି କହିଲେ, "ବ୍ରଜ ବାବୁଙ୍କୁ ଦରକାର, ବ୍ରଜମୋହନ ରାୟ ।" ପୁଣି କିଛି ସମୟ ଗଲାପରେ "ମୁଁ ସଦାଶିବ, ସଦାଶିବ ମିଶ୍ର । ବ୍ରଜବାବୁ ନା ?" ...... "ହଁ, ହଁ, ମୁଁ ଆଜି ସକାଳେ ଆସି ପହଞ୍ଚିଛି ତ" କଣ କହିଲେ, ? "ହଁ ଏଇ ଇମ୍ପେରିଅଲ କ୍ଲବରେ ଅଛି ।" "କହିଲି ଇମ ପଦରେ ଇକାର ଇମ୍ପେ ରରେ ଇକାର ଇମ୍ପେରିୟାଲ କ ଲ କ୍ଲ ବରେ ଅଛି ।" "ଅଚ୍ଛା, ବେଶ, ସେ ପରେ ଦେଖାଯିବ, ଆପଣ ଆସିଲେ କଥା–ବାର୍ତ୍ତା ହେବ ।" "ଅଚ୍ଛା, ଅଚ୍ଛା, ହବ ସେ ସେତେବେଳେ" "ମୁଁ କହୁଥିଲି, କେହି ବିଶ୍ୱାସୀ ଓ ଚାଲାକ ଲୋକ ଅଛି ଯେ ମୋ ପାଇଁ ଗୋଟାଏ ଲୋକର ସନ୍ଧାନ ରଖିପାରିବ, ବିଶ୍ୱାସି ଓ ଖୁବ୍ ଚାଲାକ ହେବା ଦରକାର" "ହଁ, ହେ, ପଇସା ନେବ ନାହିଁ ତ ଆଉ କଣ ମାଗଣା କରିବ !" "ଅଛି ? ସେ ବର୍ତ୍ତମାନ ଆସି ପାରିବ ? ଏଇ ମୁହୂର୍ତ୍ତରେ । ଘଣ୍ଟେ ଭଡ଼ା ମଟର ନେଇ ପାରେ, ଆପତ୍ତି ନାହିଁ । ସେ ଲୋକଟାକୁ ପଠେଇ ଦେଉଚ ? ନା, ମୋର ବର୍ତ୍ତମାନ ଗପ କରିବାକୁ ବେଳ ନାହିଁ । ପରେ ଆସ, କଥା-ବାର୍ତ୍ତା ହବ ।" କହି ସେ ଟକ କରି ଟେଲିଫୋନଟା ଟେବୁଲ ଉପରେ ଥୋଇ ଦେଲେ । ମେନେଜରଙ୍କୁ କହିଗଲେ ଯେ ତାଙ୍କୁ ଯଦି କେହି ଖୋଜେ, ତାକୁ ଉପରକୁ ପଠାଇଦେବେ ।

ସଦାଶିବ ବାବୁ ଯାଇ ତାଙ୍କ ଘରେ ବସି ରହିଲେ । ପ୍ରାୟ ଅଧ ଘଣ୍ଟାକ ମଧ୍ୟରେ ଜଣେ ଯୁବକ ଆସି ସେଠାରେ ପହଞ୍ଚିଲେ । ପିନ୍ଧିବାରେ ସରୁ ସୂକ୍ଷ୍ମ ଫୁଲ୍‌ଦିଆର ଧୋତି, ଦେହରେ ଫୁଲ୍‌ବାଲା ସରୁ କନାର ପଞ୍ଜାବି, ମୁଣ୍ଡଟି ଚହଟ ଚିକଣ ଅ ମାଙ୍ଗ ପକା । ଦେହରୁ ଅଟୋ ଦିଲ୍‌ବାହାରର ଗନ୍ଧ ଉଚ୍ଛୁଳି ପଡ଼ୁଛି । ଗୋଡ଼ରେ ହଲଏ ପାଲିସି ଚମଡ଼ାର କଳା ଫୁଲାଇ ଅଧା ଜୋତା । ଯୁବକ ଘର ଭିତରକୁ ପଶିଆସି ପଚାରିଲେ, "ଆପଣଙ୍କ ନାମ ସଦାଶିବ ବାବୁ ? ମୋର ନାମ ଶ୍ରୀମାନ ଅବନୀନ୍ଦ୍ର କୁମାର ଘୋଷ । ମତେ ବ୍ରଜ ବାବୁ ପଠେଇ ଦେଇଛନ୍ତି ।"

ସଦାଶିବ ୟାଙ୍କର ଛଇ ଛଟକ ଦେଖି ଦବି ଯାଇଥିଲେ । କହିଲେ, "ତୁମେ କି ଏ କାମକୁ ରାଜି ହେବ ବାବୁ !"

ଅବନୀ— କାମଟା ଆଗେ କହନ୍ତୁ । ମୋର ତ ମନେହୁଏ ପାରିବି । ଲୋକର ପିଛା ଧରି ଡାହାଲ କୁକୁର ପରି ତାକୁ ବ୍ୟତିବ୍ୟସ୍ତ କରିବା ଠାରୁ ତାର ପିଠିରେ ଗୋଟାଏ ଆଧେ ଛୁରି ବସାଇବା ପର୍ଯ୍ୟନ୍ତ ସବୁ ମୁଁ ପାରେଁ । ତେବେ ଟଙ୍କା ନେଇ ସବୁ । ଯେମିତି ପାଉଣା, ସେମିତି ଦେଉଣା ।

ସଦାଶିବ— ତୁମେ ତ ଅଚ୍ଛା ଲୋକ ହେ ବାବୁ । ତୁମକୁ ଡାହାଲ କୁକୁର ହବା ପାଇଁ ବା କାହା ପିଠିରେ ଛୁରି ମାରିବା ପାଇଁ କିଏ କହିଲା ? ଅଚ୍ଛ ଲୋକଟାଏ ତ ବ୍ରଜ ପଠେଇଲା ।

ଅବନୀ— ଅହା, ଚଢ଼ କାହିଁକି ମହାଶୟ, ଚଢ଼ କାହିଁକି ? କଥାଟା ଖୋଲି କହନା, ମୁଁ ଖାଲି କହିଲି ପଇସା ପାଇଲେ ମୁଁ ସବୁ କରିପାରେଁ ।

ସଦାଶିବ— କଥା ବେଶୀ କିଛି ନୁହେଁ । ଆଜି ସନ୍ଧ୍ୟାବେଳେ ମାଣ୍ଡୁଆ ବଜାର ଷ୍ଟ୍ରୀଟର ନଂ୬ମ୍ବର ଘରକୁ ଜଣେ ବାବୁଲା ଯୁବକ ଯିବ । ତୁମର କାମ ହଉଚି, ତୁମେ ଦେଖିବ ସେ ସେଠାରୁ ବାହାରି କୁଆଡ଼େ ଗଲା, କଣ କଲା । ସେ ଯଦି କଲିକତା ଛାଡି ଯିବାର ଉଦ୍ୟମକରେ ତା'ହେଲେ କ୍ଷଣେ ମାତ୍ର ବିଲମ୍ବ ନ କରି ମତେ ଖବର ଦବ ।

ଅବନୀ— ଓଃ ଏଇ କଥା ତ, ତା ଖୁବ୍ ପାରିବି । ମୋର ଇନାମ୍ ?

ଶିବ— କେତେ ଆଉ ନବ ? ଏଇ ସାମାନ୍ୟ କାର୍ଯ୍ୟଟ ? ପାଞ୍ଚ ଦଶ ଟଙ୍କା ଯାହା ହବ କାମ ସରିଲେ ନେଇଯିବ ।

ଅବନୀ— ଏ କଥାଟି ହଉ ନାହିଁ ବାପ୍ ଧନ, ଶର୍ମା ସେ ଗୁଲବରେ ଭୁଲବ ନାହିଁ । କଥା ହଉଚି ମତେ ପଚାଶ ଦଶୋଟି କରି ଟଙ୍କା ଦବାତ ମୁଁ ଏ କାମରେ ହାତ୍ ଦେବି, ତା ନ ହେଲେ ଘରର ଛୁଅ ଘରକୁ ଯାଅ ।

ଶିବ— ଏଇ କଥାକୁ ଦଶ ଟଙ୍କା ? ବଡ଼ ବେଶୀ ବେ...

ଅବନୀ— ତୁମକୁ ବଡ଼ ବେଶୀ ହେଲା ତ, ମୁଁ ଅଉ କଣ କରିବି ? କଣ କହୁଚ, ମୁଁ ଯିବଯେ, ମୋର ଅଉ କାମ ଅଛି ନା ।

ସଦାଶିବ— ତାହାହିଁ ହଉ, ତୁମେ କନ୍ତୁ ମତେ ସକାଳେ ଓ ସନ୍ଧ୍ୟା ବେଳେ ଦୁଇ ଥର ସବୁ ହାଲ୍ ଜଣେଇବ ।

ଅବନୀ— ତା ହବ । ଆଉ ଗୋଟିଏ କଥା ମୁଁ ଏ ଟଙ୍କାଟା ସକାଳ ବେଳା ପାଞ୍ଚ ଟଙ୍କା ଓ ଉପର ବେଳା ପାଞ୍ଚ ଟଙ୍କା କର ନେବି । ମୋର ପାଞ୍ଚୋଟି ଟଙ୍କା ଦିଅ ।

ସଦାଶିବ ବାବୁ ବାଧ ହୋଇ ପାଞ୍ଚୋଟି ଟଙ୍କା କାଢିଦେଲେ । ଅବନୀ ବାବୁ ସେଇକ ପକେଟରେ ପୁରାଇ କୋଚା ମଚ ମଚରେ ଘର କମ୍ପାଇ ଅତର୍ ଗନ୍ଧରେ ମନ ମହକାଇ ଚାଲିଗଲେ ।

# ୧୧

ସେ ଦିନ ସନ୍ଧ୍ୟା ବେଳେ ପ୍ରମଥ ବାବୁ ତାଙ୍କର ଶୋଇଲା ଘରେ ଆରାମ ଚୌକିରେ ପଡ଼ିରହିଛନ୍ତି । ପାଖରେ ଗୋଟାଏ ଟୁଲ ଉପରେ ଚା କପ୍ ଓ ଥାଳିଆ ଏବଂ ଅନ୍ୟ ଗୋଟାଏ ଥାଳିଆରେ ଲୁଚି ସାତ ଆଠ ଖଣ୍ଡ ଓ ରସଗୋଲା ଗଣ୍ଡା ଚାରି । ଏବଂ ଗୋଟାଏ କାଚ ଗିଲାସରେ ଗିଲାସେ ପ୍ରମଥ ବାବୁଙ୍କର କିନ୍ତୁ ସେ ଦିଗକୁ ନଜର ନାହିଁ । ସେ କଣ ଗୋଟାଏ ବିଷୟ ଏକ ମନରେ ଭାବୁଛନ୍ତି । ତାଙ୍କର କୁଞ୍ଚିତ ଲଲାଟ ଓ ଊର୍ଦ୍ଧଦୃଷ୍ଟି ଜଣାଇଦଉଛି ଯେପରି ସେ କିଛି ସ୍ଥିର କରି ପାରୁ ନାହାନ୍ତି । ଏହିପରି ପ୍ରାୟ ଅଧ ଘଣ୍ଟାଏ ପର୍ଯ୍ୟନ୍ତ ବସିଲା ପରେ ହଠାତ୍ ତାଙ୍କର ମୁହଁ ଉଜ୍ଜ୍ୱଳ ହୋଇ ଗଲା । ସେ ଚଟ୍‌ପଟ୍ କରିପଡ଼ି ଚୌକି ହାତରେ ଗୋଟାଏ ଚାପଡ଼ ମାରିଦେଲେ ତା ପରେ ଡାକ ପକାଇଲେ 'ମେନକା' ! ଆମ୍ଭମାନଙ୍କର ପୂର୍ବ ସ୍ମରିର ସେ ଯୁବତୀଟି ଆସି ପହଞ୍ଚିଲେ । ଯୁବତୀ ଦେଖିବାକୁ ଅସୁନ୍ଦରୀ ନୁହନ୍ତି, ତେବେ ଗଳ୍ପର ନାୟିକାମାନଙ୍କ ପରି ସରଳ, ନିଟୋଲ, ନିର୍ମଳ ସୁନ୍ଦରୀ ନୁହନ୍ତି । ତାଙ୍କର ବର୍ଣ୍ଣ ତପ୍ତ କାଞ୍ଚନ ବର୍ଣ୍ଣ ନ ହେଲେ ମଧ୍ୟ, ଅମାବାସ୍ୟା ରାତି ନୁହେଁ । କି ଅଲକ୍ଷୁ କଳା ନୁହେଁ । ତାଙ୍କର ମୁହଁ ଚନ୍ଦ୍ର ସହିତ ଉପମା ନ ଖାଇଲେ ମଧ୍ୟ ଚୁଲି ବା ଗାଈ ସହିତ ଉପମା ଖାଇବାର ବହୁତ ଉପରେ । ତାଙ୍କର ଆଖିରେ ମାଦକତା ଅଛି, ଓଠରେ ସରସତା ଅଛି, ଗାଲରେ କାମନାର

ଫଗୁଖେଳ ଅଛି, ଅନ୍ତରେ ଅଭିଳାଷର ଅମୃତ ଭଣ୍ଡାର ଅଛି । ଏ ସବୁ ଥାଇ ମଧ୍ୟ ତାଙ୍କ ମୁହଁଟି କିପରି ଉଦାସ । ଆଖି ତଳେ ଲମ୍ବା ଲମ୍ବା ଓ ଓସାରିଆ କଳା ଦାଗ...ଯେପରି କେତେ ଦିନ ଦୁର୍ଭାବନାର ବା କେତେ ରାତିର ଅନିଦ୍ରାର ଛାପ ସେଠାରେ ରହିଯାଇଛି । ତାଙ୍କର ସମୁଦାୟ ମୁହଁରେ ଗୋଟାଏ ଉଦ୍ବେଗର ଛାଇ ତାର ଶାଗୁଣା ପର ମେଲି ବସିଲା ପରି ଜଣା ପଡୁଛି । ସେ ଆସି ଠିଆ ହେଲେ, ପ୍ରମଥ ବାବୁ କହିଲେ, "ମା ବସ ! ତତେ ମୋର ଅନେକ କଥା କହିବାର ଅଛି ।" ମେନକା ଜଳଖିଆ ସରଞ୍ଜାମଗୁଡ଼ାକ ପ୍ରତି ଦୃଷ୍ଟି ପକାଇ କହିଲେ, "ତୁମର ଜଳଖିଆ ହୋଇ ନାହିଁ ଯେ !"

ପ୍ରମଥ— ସେ ହବ ଏକ୍ଷଣି "ତୁ ବସତ !"

ମେନକା ବସିଲେ । ପ୍ରମଥ ତାଙ୍କ ମୁଣ୍ଡ ଉପରେ ହାତଟି ରଖି, ସ୍ୱରଟାକୁ କୋମଳକରି କହିଲେ, "ମା, ତୋର ବୟସ ହୋଇଛି । ମୁଁ ଏ ପର୍ଯ୍ୟନ୍ତ ଗୋଟିଏ ସତ୍‌ପାତ୍ର ଖୋଜୁଥିଲି, ତା ହାତରେ ତତେ ସମର୍ପିଦେଲେ ମୁଁ ନିଶ୍ଚିନ୍ତ ହୁଅନ୍ତି ବୋଲି । ବର୍ତ୍ତମାନ ମତେ ସେ ସୁବିଧା ମିଳିଛି । ମୋର ବିଶ୍ୱାସ, ତୁ ମୋର ଏ ଇଚ୍ଛାର ପ୍ରତିକୂଳ ହବୁ ନାହିଁ ।

ମେନକାଙ୍କର ମୁହଁ ଗୁଣି କଳା କାଠ ପଡ଼ିଗଲା । ସେ କଣ ଯେପରି କହିବାକୁ ଯାଉଥିଲେ, କିନ୍ତୁ ପୁଣି କଣ ଭାବି ଦାନ୍ତରେ ଓଠଟା କାମୁଡ଼ିଧରି ଚୁପ୍ ହୋଇ ବସିରହିଲେ । ପ୍ରମଥ ବାବୁ ତାଙ୍କର ପିଠିରେ ହାତ ବୁଲେଇ ଦଉ ଦଉ କହିଲେ, "କି ମା ! ତୁନିହୋଇ ରହିଲୁ ଯେ !"

ମେନକା— କାହିଁକି ବାବା, ଆଜି ତୁମର ଏ ଦୁଃଖିନୀ କନ୍ୟା ପ୍ରତି ଏତେ ନିର୍ଦ୍ଦୟ, ଏତେ ନିଷ୍ଠୁର ? ମୁଁ ପ୍ରାଣପଣେ ଖାଟି ତୁମର ସେବା

ଖଟିବାରେ ଏ ଦେହ ମନ ଢାଳିଦେଉଛି, ତାର ବଦଳ ମାତ୍ର ମାଗୁଚି ଗଣ୍ଡେ ଖାଇବାକୁ ଓ ଖଣ୍ଡେ ପିନ୍ଧିବାକୁ । ଗୋଟାଏ ଚାକରାଣୀ ରଖିଲେ ବି ତାକୁ ଏହା ଦବାକୁ ପଡ଼ନ୍ତା । ତା ହେଲେ ମତେ ଏଇତକ ଦବାପାଇଁ ଏତେ କୃପଣ କାହିଁକି ବାବା ? ତୁମର ଗୋଡ଼ତଳେ ପଡ଼ୁଚି ବାବା, ମତେ ସେ କଥା କହ ନାହିଁ ।

କହି ମେନକା ପ୍ରମଥ ବାବୁଙ୍କର ଗୋଡ଼ ଧରି କାନ୍ଦପକାଇଲେ । ପ୍ରମଥ ବାବୁଙ୍କ ମୁହଁରୁ ଓ ସ୍ୱରରୁ କୋମଳତା ହଠାତ୍ କୁଆଡ଼େ ଉଭେଇଗଲା । ସେ ଜୋରରେ ଗୋଡ଼ଟା ଟାଣିନେଇ ରୁକ୍ଷ ସ୍ୱରରେ କହିଲେ, "ଦେଖ, ମେନକା, ମତେ ଏ ଶଙ୍ଖ, ଏ ସୁଆଗଗୁଡ଼ାକ ଆଦୌ ଭଲ ଲାଗେ ନାହିଁ । ଅଛ ଏତେ ସୁଆଗ କାହିଁକି କହ ଦେଖି ? ସ୍ୱାମୀର ଚୁମ୍ବନ ଅପେକ୍ଷା ଚାବୁକ ପ୍ରାହାର କଣ ବେଶୀ ମିଠା ଲାଗେ !

ମେନକା— ସମସ୍ତ ସମୟରେ ମିଠାଲାଗେ । ଯାହାକୁ ଭଲ ନ ପାଏଁ, ତାର ଚୁମ୍ବନ ଅପେକ୍ଷା ଜଳନ୍ତା ନିଆଁ ମଧ୍ୟ କୋମଳ ଓ ତୃପ୍ତିକର ।

ପ୍ରମଥ— ହୁଁ, ତୁ କି କାହାକୁ ଭଲପାଉ ?

ମେନକା ଏତେ ଜଲଦି 'ନା' କଥାଟା କହିପକାଇ ପରେ ତାଙ୍କର ନାଲି ଟହ ଟହ ମୁହଁଟିକୁ ଏତେ ଜଲଦି ନୁଆଁଇଦେଲେ ଯେ ପ୍ରମଥ ବାବୁ ଯଦି ନିଜ ଚିନ୍ତାରେ ନିଜେ ବୁଡ଼ିରହି ନଥାନ୍ତେ, ତା ହେଲେ କଥାଟା ଯେ ମିଛ, ତାହା ସେ ଅକ୍ଳେଶରେ ଅନୁମାନ କରି ନେଇ ପାରିଥାନ୍ତେ । ଯାହାହେଉ ସେ ତା ଦେଖିଲେ ନାହିଁ । କହିଲେ, "ତା ହେଲେ ମୁଁ ଯାହାକୁ ଠିକ୍ କରିଚି ତାକୁ ଭଲ ପାଇବାରେ ତୋର ଅପତ୍ତି କଣ ?"

ମେନକା— ଭଲପାଇବା କି କାହାରି କଥାରେ ବା ଇଙ୍ଗିତରେ ଆସେ, ବାବା ? ସେ ଯେ ସ୍ୱୟମ୍ଭୂ ।

ପ୍ରମଥ— ଅରେ ରଖିଦେ ତୋର ଉପନ୍ୟାସର ରୂପକଥା ! ତବେ ଏ ବିବାହ କରିବାକୁ ହବ ।

ମେନକା— ତା ହେଲେ ବିବାହ ଦିନ ଗୃହରେ ମୁଁ ଆତ୍ମହତ୍ୟା କରିବି ।

ପ୍ରମଥ—ତା' କର, ସେଥିରେ ବରଂ ମୋର ଲାଭ । କିନ୍ତୁ ତବେ ବିବାହକରିବାକୁ ହ ହବ ।

ତା ପରେ ସେ ଉଠିଯାଇ ଅଲମାରି ଫିଟାଇ ସେଥିରୁ ଦୁଇଖଣ୍ଡ ଷ୍ଟାମ୍ପ କାଗଜ ବାହାର କଲେ, ଓ ଦୁଆତ କଲମ ଘେନି ସେଥିରେ କଣଗୁଡାଏ ଲେଖିଲେ । ତା ପରେ କହିଲେ ଏ କାଗଜରେ ଦସ୍ତଖତ କରତ । ଏଇଟି ମେନକା କଲମଟା ନ ଧରି କହିଲେ, "ଏଥିରେ ସବୁ କଣ ଲେଖାହେଲା, ଅଉ ମୁଁ ବା ଦସ୍ତଖତ କରିବି କାହିଁକି ?"

ପ୍ରମଥ— ଏଥିରେ ଲେଖାହେଲା ଯେ ତୋର ଯାହା କିଛି ସମ୍ପତ୍ତି ଅଛି ବା ଯାହା କିଛି ସମ୍ପତ୍ତିରେ ତୁ ଉତ୍ତରାଧିକାରିଣୀ ଅଛୁ ବା ହେବୁ, ସେ ସମସ୍ତର ରକ୍ଷଣାବେକ୍ଷଣ ଭାର ଓ ଦାୟିତ୍ୱ ମୋ ଉପରେ । ତୁ ବଞ୍ଚିଥିବା ପର୍ଯ୍ୟନ୍ତ ମାସ ପଚାଶ ଟଙ୍କା କରି ମାସରେ ଭତ୍ତା ପାଇବୁ ।

ମେନକା— କିନ୍ତୁ ମୋର ତ ସମ୍ପତ୍ତି କିଛି ନାହିଁ କି ତୁମଛଡ଼ା ଅଉ କାହାରି ଉତ୍ତରାଧିକାରି ହବା ତ ମୋର ସମ୍ଭବ ନୁହେ ।

ପ୍ରମଥ— ଅତଏବ ଏ କାଗଜଟା ଦସ୍ତଖତ କରିବାରେ ତୋର କୌଣସି ଆପତ୍ତି ନ ହବାଟା ଉଚିତ ।

ମେନକା— ନା, ଏହା ଭିତରେ କିଛି ରହସ୍ୟ ଅଛି । ତୁମେ ମତେ କଣ ଗୋଟାଏ ଗାଡ଼ରେ ପକାଇବାର ଚେଷ୍ଟା କରୁଚ । ନା ମୁଁ ଦସ୍ତଖତ କରିବି ନାହିଁ ।

ପ୍ରମଥଙ୍କର ଓଠ ଦୁଇଟା ଲମ୍ବିଗଲା । ଦାନ୍ତଗୁଡ଼ାକ ବାହାରି ପଡ଼ିଲା । ଯେପରି ବାଘ ଦାନ୍ତ ଦେଖାଏ । ସେ କହିଲେ, "ଦେଖ, ଦସ୍ତଖତ କର, କଥା ମାନ୍, ତା ନହେଲେ ଭଲ ହବ ନାହିଁ କହୁଚି ।"

ମେନକାଙ୍କର ତୋଣ୍ଡ ଶୁଖି ଆସିଲାଣି, ତଥାପି ସେ କହିଲେ, "ନା ମୁଁ କରିବି ନାହିଁ ।"

ପ୍ରମଥ— ଆଚ୍ଛା ! ଏହା କହି ସେ ଅଲମାରି ଉପରୁ ଗୋଟାଏ ଚାବୁକ କାଢ଼ି ଆଣିଲେ । ଚାବୁକଟା ଧରି ମେନକାଙ୍କର ସମ୍ମୁଖରେ ଠିଆହୋଇ କହିଲେ, "କର ଦସ୍ତଖତ !" ମେନେକାଙ୍କର ଦେହ ବରଡ଼ାପତ୍ର ପରି ଥରୁଚି, ଓଠ କାଠ ପରି ଶୁଖିଲା, ଆଖିରୁ ଆଖି ବାହାରି ଯାଉଚି, ତଥାପି ସେ କହିଲେ ନା, କରିବି ନାହିଁ ।

ତା ପରେ ସେ ନୃଶଂସ ପଟାପଟ ଚାବୁକ ଲଗାଇବାକୁ ଲାଗିଲା । ମେନକା ପଳାଇ ଯିବାର ଚେଷ୍ଟାକଲେ, କିନ୍ତୁ ଦେଖିଲେ ଦରଜା ଓ ତାଙ୍କ ମଝିରେ ଏ ଯମ । ଚିତ୍କାର କରି କାନ୍ଦଉଠେଲେ । କେହି ଆସିଲେ ନାହିଁ କୋମଳ ଯୁବତୀ ଶରୀର, କେତେ ସହିବ, ପିଠି ଫାଟି ରକ୍ତ ବହିଲାଣି । ସେ ଆଉ ସମ୍ଭାଳି ପାରିଲେ ନାହିଁ । ଗୋଡ଼ତଳେ ପଡ଼ିଯାଇ କହିଲେ, "ମାରନା, ମାରନା, ମୁଁ ଦସ୍ତଖତ କରିବି ।" ଚାବୁକ ବନ୍ଦ ହେଲା । ମେନକା ଉଠି ଥର୍ ଥର୍ ହାତରେ ଯଥା ସ୍ଥାନରେ ଦୁଇଟା ଦସ୍ତଖତ କରିଦେଲେ । ନୃଶଂସ ପ୍ରମଥ ତାଙ୍କର ଦୁଇଟା ଟିପ ଚିହ୍ନ ମଧ ନେଲା । ଏଇ ସମୟରେ ଚାକର ଆସି ଖବର ଦେଲା, "ବାବୁ ସକାଳ ବେଳାର ସେ ଲୋକଟା ଆସିଚି ।" "ଆଚ୍ଛା, ତାକୁ ବୈଠକଖାନାକୁ ନେଇ ଆସ ।" କହି ଚାକରକୁ ବିଦାୟ ଦେଲେ । ତା ପରେ ମେନକାଙ୍କ ଅଡ଼କୁ ବୁଲିପଡ଼ି କହିଲେ, "ଦେଖ

ତୋର ଭବିଷ୍ୟତ ସ୍ୱାମୀ ଅସିଛି । ଯା ଲୁଗା-ପଟା ପିନ୍ଧି ବେଶ-ଭୂଷା ହୋଇ ଅସିବୁ । ସାବଧାନ କରି ଦେଉଛି, କଥାରେ ବା କାର୍ଯ୍ୟରେ ମୁଁ ଯଦି ତୋର କିଛି ବେଖାପ ଦେଖେଁ, ତା ହେଲେ ଏଥର ଶତଗୁଣ କଠିଣ ଦଣ୍ଡ ଦେବି । ତୋର ହାବଭାବ ଦ୍ୱାରା ଯେପରି ତାକୁ ବଶୀଭୂତ କରୁ !"

ତା ପରେ ସେ ଚାଲିଗଲେ ବୈଠକଖାନାକୁ । ମେନକା ସେହି ସ୍ଥାନରେ ସେହିପରି ଭାବରେ ପ୍ରାୟ ଦଶ ପନ୍ଦର ମିନିଟ ପର୍ଯ୍ୟନ୍ତ ବସିରହିଲେ । ତା-ପରେ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ସେ ସ୍ଥାନରୁ ଉଠିଗଲେ । ତାଙ୍କ ନିଜ ଘର ଭିତରେ ଗୋଟିଏ ପେଣ୍ଡ ଫିଟାଇ ଖଣ୍ଡିଏ କଳା ସାଢ଼ୀ କାଢ଼ିଲେ । କେଜାଣି କାହିଁକି ସେଉଟାକୁ ଧୋଇ କୋଠା ଉପରକୁ ନେଲେ ଶୁଖେଇବାକୁ ସାଙ୍ଗରେ ଦୁଇଖଣ୍ଡ ବାଉଁଶ ବାଡ଼ି ମଧ୍ୟ ଗଲେ । କୋଠା ଉପରେ ଲୁଗାଟାକୁ ଶୁଖାଇବାର ଗୋଟାଏ ନୂଆ ଫଳ ଅମ୍ଭେମାନେ ଦେଖିବାକୁ ପାଇଲୁଁ । ବାଉଁଶ ଦୁଇଟାକୁ ଛାତ ବାଡ଼ ଦିହରେ ବାନ୍ଧି ଲୁଗାଟାକୁ ଏପରି ଭାବରେ ତା ଦେହରେ ଟାଣିଦେଲେ...ଦେଖାଗଲା ଯେପରି ଡ଼ଙ୍ଗା ଦେହରେ ଗୋଟାଏ କଳା ରଙ୍ଗର ପାଲ ଟଣାହୋଇଛି । ତା ପରେ ସେ ତାଙ୍କ ଘରର ପୂର୍ବ ଦକ୍ଷିଣ ମୁହାଁ ହୋଇ କିଛି ସମୟ ଚାହିଁ ଠିଅହେଲେ । ମୁହଁରେ ବ୍ୟଗ୍ରତାର ଗୋଟାଏ ଚିହ୍ନ । ଦଶ ପନ୍ଦର ମିନିଟ ଏହିପରି ଭାବରେ ଚାହିଁ ରହିବା ପରେ, କଣ ସେ ଦେଖିଲେ କେଜାଣି ତାଙ୍କର ସେ ଶୁଷ୍କ ମୁଖରେ ଟିକିଏ ଅସ୍ୱସ୍ତିର ଚିହ୍ନ ଦେଖାଗଲା । ସେ ତରବର ହୋଇ ଲୁଗାଟାକୁ ଫିଟାଇ ପୁଣି ଘର ଭିତରକୁ ଚାଲିଗଲେ ।

× × × ×

ଏଣେ ପ୍ରମଥ ବାବୁ ବୈଠକଖାନାକୁ ଆସି ଦେଖନ୍ତି ଯେ ସେ ବାରବୁଲା ଟୋକାଟା ଗୋଟାଏ ଚୌକି ମାଡ଼ି ବସିଛି । ପ୍ରମଥ ବାବୁ ପଶିଆସିବାର

ଦେଖି ସେ ଉଠି ଠିଆହେଲା, ଏବଂ ନମସ୍କାରଟିଏ କରି ପଚାରିଲା, "ଆପଣଙ୍କର ନାମ କି ପ୍ରମଥ ବାବୁ ?" ପ୍ରମଥ ବାବୁ ତାଙ୍କ ହାତ ଧରି ଦୂରେ ହିଙ୍କାହିଙ୍କି କରି କହିଲେ, "ବସ, ବସ, ବାବୁ, ଆପଣଙ୍କର ନାମ ?"

ବାରବୁଲା— ମୋର ନାମ ସଙ୍ଗରେ କିଛି ଦରକାର ନାହିଁ ବୋଧହୁଏ ଆପଣଙ୍କର । ଆପଣ ସଦାଶିବ ମିଶ୍ରଙ୍କୁ ଚିହ୍ନନ୍ତି ?

ପ୍ରମଥ— ଅରେ ତା ଚିହ୍ନେ ନାହିଁ ? ଏକା ସାଙ୍ଗରେ ପାଠ ପଢ଼ିଥିଲୁଁ, ଏକା ସାଙ୍ଗରେ ଥିଏଟର, ବାଇସ୍କୋପ ଦେଖିଥିଲୁଁ, କେତେ ହୁଣ୍ଡାମି, ଦୁଷ୍ଟାମି, କଲେଜ ଜୀବନରେ ଏକା ସାଙ୍ଗରେ ହୋଇଯାଇଛି, ମୁଁ ସଦାଶିବକୁ ନ ଚିହ୍ନେ ତ, ଅଉ ଚିହ୍ନେ କିଏ ? ନା ହେ, କଣ କହୁଚ ?

ବା ବୁ— କିନ୍ତୁ ଆଜି ସକାଳେ ଆପଣ ନାହିଁ କଲେ ଯେ ତାକୁ ଚିହ୍ନନ୍ତି ନାହିଁ ବୋଲି ?

ପ୍ରମଥ— ହିଁ ସେଇକଥା ମୁଁ କହିବାକୁ ଯାଉଥିଲି । ନାହିଁକଲି କାହିଁକି ଜାଣ ? ସଦାଶିବ ସେତେବେଳେ ଏଇ ବୈଠକ ଖାନାରେ ବସି ଥିଲା । ତା ସାଙ୍ଗରେ ଅନ୍ୟଜଣେ ଚୁଟିଆ ମଲମୁଣ୍ଡା ବ୍ରାହ୍ମଣ ବି ଥିଲା । ତୁମକୁ ସେମାନେ ଦେଖି କେଜାଣି କାହିଁକି ବଡ଼ ବ୍ୟତିବ୍ୟସ୍ତ ହୋଇ ଉଠିଲେ ସେଇମାନଙ୍କ ଅନୁରୋଧରେ ମୁଁ ସେ ନାହିଁ ବୋଲି କହିଥିଲି । ନାହେ କଣ କହୁଚ ? କାହିଁକି ବାବୁ, ସଦାଶିବ ଓ ତୁମ ଭିତରେ ଏପରି କଣ ଅଛି ଯେ ସେ ତୁମକୁ ଲୁଚି ବୁଲୁଚି ?

ବା ବୁ— ମତେ ଲୁଚି ବୁଲୁଚନ୍ତି ସେ କାହିଁକି ! ତାଙ୍କ ମୋ ମଧ୍ୟରେ ସେଇ ବାକି ବ୍ୟାପାର ଛଡ଼ା ତ ଅଉ କିଛି ନାହିଁ ।

ପ୍ରମଥ— ବାକ୍ସ ! କ ବାକ୍ସହେ ବାବୁ ?

ବାବୁ— ସେ ବିଶେଷ କିଛି ନ କହେ, "ସେ ବାଛିମାଗିଥିଲେ ଯେ ମୁଁ ଯଦି କୋଉଏ ଦିନ ମଧ୍ୟରେ ମାତ୍ର ଗୋଟିଏ ଟଙ୍କା ଯେମ ପୁସ୍ତକ କଲକତା ନିବ ଓ ଅସିବ, ତା ହେଲେ ସେ ୨୫୦୦୲ ଗ୍ରହଣ ନିବେ ।"

ପ୍ରମଥ— ହୁଁ, ଗଲାକ୍ସା ମନ୍ଦ ନୁହେଁତ, ନାହେ କଣ କହୁଚ ?

ଘୋଷ— ଚାଲାକି ? ଏଥିରେ ଚାଲାକି କଣ ଅଛି ମୁଁ ତ ଦେଖିପାରୁ ନାହିଁ ।

ପ୍ରମଥ— ସେ ମୋ ଘରକୁ ଅଜ କାହିଁକି ଅସିଥିଲା ଜାଣନ୍ତ !

ଘୋଷ—ମୁଁ କପରି ଜାଣିବି !

ପ୍ରମଥ— ସେ ବଡ଼ ସାଂଘାତିକ ବ୍ୟାପାର । ତୁମକୁ କହିବି ! ନା, କହିବି ନାହିଁ । କହିଲେ ବା କ୍ଷତି କଣ ! ନାହେ କଣ କହୁଚ !

ଘୋଷ ବାବୁ ତାଙ୍କ ଅଡ଼କୁ ବଲ ବଲ କରି ଚାହିଁ ରହିଲେ । ପ୍ରମଥ କହିଲାଗିଲେ, "ସେ ଅସିଥିଲା, ମତେ ଅନୁରୋଧ କରିବାକୁ ଯେ, ମୁଁ ଜଣେ ଗୁଣ୍ଡା ଠିକ୍ କରିଦେଲେ, ସେ ତୁମକୁ ମାରିବ—"

ଘୋଷ— ମତେ ମାରିବ ! କାହିଁକି ? ତାଙ୍କ ମୋ ଭିତରେ ତ ସେପରି କିଛି ସମ୍ବନ୍ଧ ନାହିଁ, ସେ ମତେ ମାରିବାକୁ ଯିବେ କାହିଁକି ?

ପ୍ରମଥ— ସେ ତୁମର ବନ୍ଧୁ ବାନ୍ଧବ, କି ଆତ୍ମୀୟ ସ୍ୱଜନ ନୁହନ୍ତି ! ତୁମକୁ ମାରିପାରିଲେ ସମ୍ପତ୍ତି ତା ହାତକୁ ଯିବାର କିଛି ଆଶଙ୍କା ନାହିଁ ।

ଘୋଷ— କିଛି ମାତ୍ର ନାହିଁ । ସେ ଭିନ୍ନ ଗୋତ୍ରର, ଅମେ ଭିନ୍ନ ଗୋତ୍ରର । ମୁଁ ମଲେ ସେ ତ ସମ୍ପତ୍ତି ପାଇବେ ନାହିଁ ।

ପ୍ରମଥ— ତୁମର ଭାଇ ଭଉଣୀ କୋଉଠି ?

ଯୋଇ— ମୁଁ ଏକା । ମୋର ଭାଇ ଭଉଣୀ କେହି ନାହିଁ ।

ପ୍ରମଥ— ହୁଁ ଶଳା ଚୋର, କେତେ ମିଛ କଥା କହିଦେଇ ଗଲା । ତୁମେ ସମ୍ପତ୍ତି ବାଉ ଗୁଡାକ ଉଡ଼େଇ ଦେଉ ନାହଁ ?

ଯୋଇ— ମୁଁ ! ମୁଁ ଏ ପର୍ଯ୍ୟନ୍ତ ସମ୍ପତ୍ତି ବାଡ଼ କଣ ଜାଣେ ନାହଁ । ମା ଦେଖାଗୁଣା କରନ୍ତି ସେଗୁଡ଼ାକର । ମୁଁ ତାଙ୍କ ଠାରୁ ଯେତେବେଳେ ଯାହା ଦରକାର କରେ ନେଇ ଚଳେ ।

ପ୍ରମଥ— ଅଦ୍ଭୁତ ଚମତ୍କାର

ଯୋଇ— କଣ ସବୁ ଯେ ଆପଣ କହୁଚନ୍ତି, ମୁଁ କିଛି ବୁଝି ପାରୁ ନାହଁ

ପ୍ରମଥ — ତୁମେ ଜାଣ ସେ ମତେ କଣ ସବୁ କହୁଚି ? ସେ କହିଲା, "ତୁମେ ତାର ଜଣେ ଆତ୍ମୀୟର ବଡ଼ ପୁଅ । ତୁମେ ସମ୍ପତ୍ତିବାଡ଼ ଗୁଡ଼ାକ ଉଡ଼ାଇ ଦେଉଚ ବୋଲି, ତୁମ ମା ବଡ଼ କାତର ଯେ ଅନ୍ୟ ପିଲାମାନଙ୍କ ପାଇଁ ଅଉ କିଛି ରହିବ ନାହଁ । ସେଥିପାଇଁ ସେ ଆସିଥିଲା ଯେ ତୁମକୁ ଏଠୁ ନ ଛାଡ଼ିଲେ ତୁମର ମା ବିଷୟ ଅଶୟ ଗୁଡ଼ାକର ଗୋଟାଏ ସୁବନ୍ଦୋବସ୍ତ କରି ପାରନ୍ତେ ।

ଯୋଇଅ— ନା, ଆପଣ ଏଗୁଡ଼ାକ ମିଛ କହୁଚନ୍ତି । ସେ କାହିଁକି ଏ ସବୁ କଥା ମୋ ନାଁରେ କହନ୍ତେ...

ପ୍ରମଥ— ମୁଁ କାହିଁକି ମିଛ କହିବାକୁ ଯିବି ?

ଯୋଇଅ— ତା ମଧ୍ୟ ଠିକ୍ । କିନ୍ତୁ କାହିଁକି ?

ପ୍ରମଥ— ଅଚ୍ଛା, ତୁମେ ମଲେ ସମ୍ପତ୍ତିଗୁଡ଼ାକ କିଏ ପାଆନ୍ତା !

ଯୋଇଅ— କିଏ ଅଉ 'ପାଇବ ! ଅମର ଓ୍ୱାରିସ ଲଣ୍ଡା ଭାଇନା ବୋଧହୁଏ...

ପ୍ରମଥ— ତୁମର ଏ ଲଣ୍ଡା ଘଟନା ଓ ସଦାଶିବ ମିଶ୍ରଙ୍କର କଥାର ପରେ

ଯୋଗେଶ— ଏବେ କେତେ ଦିନ ହେଲା ମୁଁ ଦେଖିଥିଲି ଲଣ୍ଡା ସଦାଶିବ ବାବୁଙ୍କ ଘରକୁ ଏଓଲ ସେଓଲ ଖୁବ୍ ଦଉଡ଼ ଧପଡ଼ କରୁଛି ।

ପ୍ରମଥ— ଜାଣେ ନା, ଲଣ୍ଡାକୁ କପାଳ ବାଗରେ ପାଇଚ ବାବା, କି ବୁଦ୍ଧି, କି ସାହସ ! ଯାଉ, ତୁମେ ଭଦ୍ରଲୋକ ଘରର ପୁଅ । ଏମାନ ହେଶ କପାଳ ସବୁ ରହିଚ । ଅସତ, ତୁମେ ଅଗ ଏ ଲୁଗା-ପଟା ଗୁଡ଼ା ଛାଡ଼ ଷ୍ଟେପ୍‌ବାଥର୍ ହୋଇପଡ଼ ।

ଯୋଗେ— ନା, ମତେ ସେ ବେଲ ନାହିଁ । ମୋର ପ୍ରାୟ ଦୁଇ ଦିନ ଏଠାରେ ନଷ୍ଟ ହେଲାଣି । ମତେ ଅପଣ ଖଣ୍ଡେ ଲେଖି ଦିଅନ୍ତୁ । ହଁ ଅଗ୍ରୁ କଥା ମନେ ପଡ଼ିଲା । ସଦାଶିବ ବାବୁ ଖଣ୍ଡେ ଚିଠି ମୋ ହାତରେ ଅପଣଙ୍କ ପାଖକୁ ଦେଇଥିଲେ । କହି ଚିଠି ଖଣ୍ଡିଏ ବଢ଼ାଇଦେଲେ । ଚିଠିରେ ମାତ୍ର ଦୁଇଟି ଧାଡ଼ି, "ଭାଇ ପ୍ରମଥ ! ମୋର ଅର ଚିଠି ପାଇଥିବ । ଏଇ ପତ୍ର ବାହକଙ୍କ କଥା ସେଥିରେ ଲେଖିଥିଲି । ଯଥାବିଧି କରିବ ।" ପ୍ରମଥ ଚିଠିଟା ପଢ଼ିସାରି କହିଲେ, "ଏଇ ଚିଠିଟା ପାଇ, ତୁମେ କଲିକତା ଅସିଚ ବୋଲି ମୁଁ ଖଣ୍ଡେ ଚିଠି ତୁମ ହାତରେ ଦେଇଥାନ୍ତି, ତୁମେ ନେଇଯାଇ ଦେଇଥିଲେ ବାଜ କରିଥାନ୍ତ ନା ?"

ଯୋଗେ ବାବୁ ମୁଣ୍ଡ ଝାଙ୍କି ସମ୍ମତି ଜଣେଇଲେ । କହିଲେ, "ଚିଠିଟା ତା ହେଲେ ଦିଅନ୍ତୁ !"

ପ୍ରମଥ— ତୁମେ କଣ ଚିଠିଟା ନେଇ ଯିବ ବୋଲି ଅଶା କରୁଚ ?

ଯୋଗେ— ନିଶ୍ଚୟ, ଅଉ ମୋର କାମ କଣ !

ପ୍ରମଥ— ମୁଁ ଯାହାସବୁ କହିଲି, ସେ ସବୁ ପରେ ମଧ ତୁମେ ଯଦି ଅଶା କରିଥାଅ ଯେ ସୁରୁଖୁରୁରେ ଘରକୁ ଫେରିଯିବ ବୋଲି, ତା ହେଲେ ତୁମ ଠାରୁ ବଡ଼ ବୋକା ଅଉ କେହି ନାହିଁ । ନା ହେ କଣ କହୁଚ ?

ଘୋଷ— କାହିଁକି ? ଫେରି ନ ଯିବ କାହିଁକି ?

ପ୍ରମଥ— ବାବୁହେ, ସଦାଶିବ ଭାଇଯେ ତୁମ ପାଇଁ ଏତେ କଷ୍ଟକରୁଛନ୍ତି ସେଗୁଡ଼ାକ କଣ ବୃଥା !

ଘୋଷ— କିନ୍ତୁ ଅଉ କଣ ! ଅପଣ କଣ ମତେ ତାଙ୍କ କଥାନୁସାରେ ମାରିବେ !

ପ୍ରମଥ— ମୁଁ ନୁହେଁରେ ବୋକା, ମୁଁ ତ ତାକୁ ଏପରି ଜବାବ ଦେଇଛି ଯେ ସେ ଅଉ ଏ ମୁହାଁ ହଉ ନାହିଁ । କିନ୍ତୁ କଲକତା ସହରରେ ଗୁଣ୍ଡା ଅପୂର୍ବ ନାହାନ୍ତି । ଟଙ୍କା ପଚାଶ ଷାଠିଏଟାକୁ ଗୋଟାଏ ଲୋକର ପ୍ରାଣ ନବା ପାଇଁ ଗଣ୍ଡା ଗଣ୍ଡା ଲୋକ ଅଗୁସାରହେବେ ।

ଘୋଷ— ତା ସତ ହୋଇପାରେ, ମୁଁ ଶୁଣିଚି କଲକତା ସହରରେ ସେପରି ଲୋକ ଅଛନ୍ତି । କିନ୍ତୁ ସଦାଶିବ ବାବୁ କାହିଁକି ମତେ ମରେଇବେ, ତାର କାରଣ ତ ମୁଁ ଏ ପର୍ଯ୍ୟନ୍ତ ଖୋଜି ପାଇଲି ନାହିଁ ।

ପ୍ରମଥ—ଠିକ୍ କଣ ହେଇଚି ମୁଁ କହିପାରୁ ନାହିଁ । ତେବେ ଏହିପରି ଗୋଟାଏ ହେଇଥିବ ଯେ ତୁମକୁ ମାରି ଲଣ୍ଡାକୁ ସମ୍ପତ୍ତି ଦେଇ ପାରିଲେ ସଦାଶିବ ଲଣ୍ଡାଠାରୁ କିଛି ଗୋଟାଏ ବଡ଼ ଲାଭ ପାଇବ । ଏପରି ଘଟଣା ବିରଳ ନୁହେ । ଯେଉଁମାନେ ସମ୍ବାଦ କାଗଜମାନଙ୍କରେ ମାଲିମକଦମା କଥାଗୁଡ଼ାକ ପଢୁଥିବେ, ସେମାନେ ଜାଣିଥିବେ ଯେ ଏପରି ଘଟଣା ଅନେକ ଘଟୁଚି ।

ଘୋଷ— ତା ମଧ୍ୟ ସତ । କିନ୍ତୁ ସଦାଶିବ ବାବୁ ପଣ୍ଡିତ, ନାମଜାଦା, ଖ୍ୟାତ ବ୍ୟକ୍ତି । ତାଙ୍କର କିଛି ପଇସା ପତ୍ରର ଅଭାବ ନାହିଁ । ସେ ଏତେ ଗୋଳମାଳକୁ ପଶିବେ କାହିଁକି !

ପ୍ରମଥ— ବାବୁ ହେ, ତୁମେ ଚୋଟ୍ଟା, ସଂସାର ଜ୍ଞାନ ତୁମର ଢେର କମ୍ । ତା ନ ହୋଇଥିଲେ, ଏହା ତୁମକୁ କହିବାକୁ ପଡ଼ନ୍ତା ନାହିଁ ପାଠ ବା ପାଣ୍ଡିତ୍ୟ ମନୁଷ୍ୟର ସ୍ୱଭାବ ବଦଳାଇ ପାରେ ନାହିଁ, କେବଳ ତାକୁ ଘୋଡ଼ାଇବାକୁ ଗୋଟାଏ ଆବରଣ ଯୋଗାଇ ଦିଏ । ଆଉ ଧର୍ମର କଥା କହିଲେ, ସେ ଗୋଟାଏ ନିଶା । ଯେତେ ପାଉଥିବ, ପାଇବାର ଆଶା ସେତିକି ବଢ଼ୁଥିବ । ବିଶେଷତଃ ପାପ ଲବ୍ଧ ଧନ । ନାହିଁ କଣ କହୁଚ ! ନା, ବାବୁ, ଅଙ୍କ ଶାସ୍ତ୍ରଟା ଅନ୍ତତଃ ଏଠାରେ ରହିଯାଉ । କାଲି ସକାଳେ ନ ନେଲେ ଚଳିଯିବ ଛାଣିଶୁଣି ତୁମକୁ ଏ ସହରେ ଛାଡ଼ିଦେଲେ, ଶେଷରେ ତୁମ ହତ୍ୟା ଦୋଷରେ ଆଇନ ଅନୁସାରେ ନ ହେଲେ ମଧ, ମୋ ବିବେକ ପାଖରେ ମତେ ଦାୟୀ ହେବାକୁ ପଡ଼ିବ ।

ଘୋଷ ବାବୁ ଦେଖିଲେ ଏତେ ଆଗ୍ରହ ଓ ଏତେ ସ୍ନେହକୁ ଏଡ଼ାଇ ସାଇଟାରେ ଅଶ୍ରଦ୍ଧ ଗ୍ରନ୍ଥ ଯିବା ଉଚିତ ନୁହେଁ । ସେ ରାଜିହେଲେ । ଭଣ୍ଡାରୁ ଡାକରା ହେଲା । ସେ ଶିଅର ବାହାର ହୋଇ ଗାଧୁଆ ପାଧୁଆ ସାରି ବୈଠକ-ଖାନାକୁ ଆସି ଦେଖନ୍ତି ତ ଧୋବ ଲୁଗା, କମିଜ, ଗେଞ୍ଜି, ଚଦର ଇତ୍ୟାଦି ସବୁ ଧୂଆ ହୋଇଛି । ସେ ଲୁଗା ପାଲଟି ବସିଲା ପରେ ଦେଖିଲେ ଝିଅଟା ମେଲକରି ତାଙ୍କ ଆଡ଼କୁ ଚାହିଁଚି, ଦୁଇଟି ସଜଳ କୋମଳ ସୋହାଗୀ ଚକ୍ଷୁ । ସେ ଉଠ ଠିଆ ହୋଇ ପଡ଼ିଲେ । ତାଙ୍କର ଭୁଲଟା ଭାଙ୍ଗିହୋଇଗଲା । ପାଲଶ କରା ମୁଗୁନି ପଥର ଭଳି କପାଳରେ କେତୋଟା ଗାର ଅଙ୍କା ହୋଇ ତାଙ୍କୁ ଜଣାପଡ଼ିଲା ଯେପରି ଏ ଆଖି ଦୁଇଟା ସେ କେଉଁଠାରେ ଦେଖିଚନ୍ତି । ଯୁବତୀ ଏହା ମଧ୍ୟରେ କବାଟଟା ମେଲାଇ ଘର ଭିତରକୁ ପଶିଆସିଚନ୍ତି, ଘୋଷ ବାବୁ ଦଣ୍ଡେ ଘଣ୍ଟେ ଅପେକ୍ଷା କରି କହିଲେ, "ଆପଣଙ୍କୁ ମୁଁ କେଉଁଠି ଆଗରୁ ଦେଖିଥିଲି କି ?" ଯୁବତୀ ଚମକିପଡ଼ିଲେ । ଚକିତ ଭାବରେ ତାଙ୍କ ଆଡ଼କୁ ଚାହିଁ କହିଲେ, "ତୁମେ ! ତୁମେ ! ସେଇ କାଲି ରାତିର ବାଟବୁଲା !"

## ୧୨

ସରନ୍ତୁ ସୋମବାର ମେଳାରୁ ସମସ୍ତେ ଫେରିଆସିଲେ । ଫେରିଲା ନାହିଁ କେବଳ ଧୋଇଆ । ବାବୁଆଣୀ ମହାପାତ୍ରଙ୍କୁ ଡ଼ାକି ପଚାରିଲେ, କିଏ, ଧୋଇଆ କାହିଁ !" ମାହାପାତ୍ରେ କହିଲେ, "ମୁଁ ତ ତାକୁ ଆଉ ମେଳାରେ ଦେଖି ନାହିଁ । ଭାବିଲି ତାଙ୍କ ସାଙ୍ଗ ସୁଗଙ୍କୁ ଘେନି ବୁଲୁଥିଲା । ମୁଁ ବୁଝେଁ ।" ମଦନ ବାବୁଙ୍କୁ ପଚାରିବାକୁ ଗଲେ । ଶୁଣିଲେ ସେ କୁଆଡ଼େ କଟକ ଗଲେଣି ବାହାରି । ଗାଁରେ ଆଉ କେତେ ଜଣଙ୍କୁ ପଚାରିଲେ, କିନ୍ତୁ କେହି କିଛି କହି ପାରିଲେ ନାହିଁ । ସେ ଫେରିଆସି ଯାହା ଜାଣିଥିଲେ କହିଲେ । ବାବୁଆଣି ଭାବିଲେ ବୋଧହୁଏ ପୁରୀରେ ରହିଗଲା । ଦିନ ପରେ ଦିନ ଯାଏ କିନ୍ତୁ ଧୋଇର କୌଣସି ଖବର ନାହିଁ । ମା ମନ ସମ୍ଭାଳିହୁଏ କେତେକେ ସେ ଏ କଥା ଯାହାକୁ କହନ୍ତି ସେ କହେ ଧୋଇଆ କଣ କାହାର କୋଳର ପିଲା ହୋଇଥିବ ଯେ ତାକୁ କିଏ ନେଇଯିବ । ତୁମେ କାହିଁକି ସେପରି ବାମ୍ଭୁଣୀଙ୍କ ପରି ହଉଚ । ସେ କୁଆଡ଼େ ସାଙ୍ଗ ସାଥି ନେଇ ବୁଲୁଥିବ, ଫେରି ଆସିବ ନାଇଁ !" ବାବୁଆଣୀଙ୍କର ମନ ତଥାପି ବୁଝେ ନାହିଁ । ଧୋଇଆର ଏ ଚଗଲାମି ଅଛି ସତ, କିନ୍ତୁ ସେ କୁଆଡ଼େ ଗଲେ ଛଠି-ପହ କହିବର ଦିଏ । ଏଥର ଖବର ନ ଦେଇ ପାଞ୍ଚ ସାତ ଦିନ କେଉଁଆଡ଼େ

ରହିବା କେବେ ହେଉ ନାହିଁ । ସେହି ହେତୁରୁ ତାଙ୍କ ମନଟା ଖୁନ୍ତୁ ଖୁନ୍ତୁ ହେଉଥାଏ । ଅନ୍ତତ ତାଙ୍କର ଭାବିବାର କାରଣ ହେଲା ଲଣ୍ଡା ଘରର ଦୂରେଇ ଦେଖି । ସେ ଜାଣନ୍ତି ଲଣ୍ଡା ଏବେ ବର୍ଷେ ଖଣ୍ଡେ ହେଲା ସଦାଶିବ ବାବୁଙ୍କ ଘରକୁ ଖୁବ୍ ଯା ଆସ କରୁଛି । ଅଉମଧ ସେ ମନେ ମନେ ବୁଝି ପାରିଛନ୍ତି ସଦାଶିବ ବାବୁ ତାଙ୍କର ଅନିଷ୍ଟ କରିବାକୁ ସୁବିଧା ପାଇଲେ ଛାଡ଼ିବେ ନାହିଁ । ଏଇସବୁ କଥାକୁ ମିଳେଇ ସେ ମନେ ମନେ ବଡ଼ ଡରଛି ଉଠିଥିଲେ । ତାଙ୍କ ମନରେ ଏଇ ତର୍କ ଗାଢ଼ ସନ୍ଦେହରେ ପହଞ୍ଚିଲା ସେଇ ଯେଉଁଦିନ ଲଣ୍ଡା ବୋଉ ତାଙ୍କ ଆଗରେ ତାଙ୍କ ବାଡ଼ିଅଡ଼ ନଡ଼ିଆ ଗଛରେ ବାଉରି ଚଢ଼େଇ ଗୋଟାମା ପର୍ଯ୍ୟନ୍ତ କାଟି ନେଇଗଲେ । ଖାଇପିଇ ସାରି ସେ ବାରିପଃ ବରଣ୍ଡାରେ ବସିଛନ୍ତି । ସାଇର ତିନି ଚାରିଜଣ ମାଇପେ ଆସି ଗପ ଯୋଡ଼ିଦେଇଛନ୍ତି । ଏତିକି ବେଳେ ଲଣ୍ଡା ବୋଉ ବାଉରି ଚଢ଼େଇ ଗଛରୁ ନଡ଼ିଆ କାଟିବାକୁ ଆରମ୍ଭକଲେ । ବାବୁଅଣୀଙ୍କର ତ ଏ ସବୁତାକ ହତଘଷିଆ ହୋଇ ଯାଇଥିଲା । ସେ ଦେଖି ନ ଦେଖିଲା ପରି ମୁହଁ ବୁଲେଇ ଦେଇ ଗପରେ ଲାଗିଗଲେ । ସା-ମା ବୋଉ କହିଲେ, "ମଲା ଏ ନଡ଼ିଆ ଗଛଟା ତୁମର ପରାଗୋ ? ସେ କମିତି ନଡ଼ିଆ ତୋଳି ନଉଛନ୍ତି ମ ?" ବାବୁଅଣୀ କଥାଗୁଡ଼ାକ ନ ଶୁଣିଲା ପରି ହୋଇ ଆଉରି ଜୋରରେ ଗପରେ ଲାଗିଗଲେ । ସାବି ବୋଉ କହିଲେ, "ତୁମେ କମିତି ସହିଚ କେଜାଣି ? ଆଖି ଆଗୁଆରେ ପର ମୋ ସମ୍ପତ୍ତି ଉଜାଡ଼ି ଖାଇବାର ଦେଖିଲେ ତ ମୁଁ ଦାନ୍ତକୁ ଦାନ୍ତ ଲଗେଇ ମିଶି ଯାନ୍ତିଣି ଏତେବେଳକୁ ।" ବାବୁଅଣୀ ତଥାପି ନୀରବ । ଲଣ୍ଡା ବୋଉ ଏତିକି ବେଳକୁ ପାଟି କରି କହିଲେ, "ଚୋରକର ତୋଳ, କୁ କୁଡ଼ରଖାଇ, ଭାଇ ମୁଣ୍ଡ ଖାଇ, ଅଣ୍ଟୁକୁଡ଼ି, ରାଣ୍ଡ କଣ କହିବ ମୁଁ ଦେଖିବି ତୁ ତୋଳ !" ବାବୁଅଣୀ ଆଉ ସମ୍ଭାଳହୋଇ ରହି ପାରିଲେ ନାହିଁ । କହିଲେ, ହଇହେ ଲଣ୍ଡା ବୋଉ, ମୋ ଆଖି ଆଗରେ ମୋରି

ଗଛରୁ ଦିନ ଦିପହରରେ ନଡ଼ିଆ କଣ୍ଢି ଗୋଟାମା ପର୍ଯ୍ୟନ୍ତ କାଟି ନେଉଚ, ମୁଁ ଭୁକ ହୋଇ ଦେଖୁଚ । ତା ଉପରେ ପୁଣି ଜଣ୍ଟା ବାଡରେ ଲୁଗା ଧଡ଼ାଇ ଇମିତ ଟୁକୁଡ଼ା ଗାଳି ଦେଉଚ କାହିଁକି ?" ଲକ୍ଷ୍ମୀ ବୋଉ ତ ଏଇ ମୁହାଁଯା ତକ ଖୋଜୁଥିଲେ । ତାଙ୍କର ଉତ୍ତରରୁ ପାଣିଶୁଖ ପରି କାନରେ ନ ଶୁଣା କଥାରେ କେତେ ପ୍ରକାର ଗାଳି ବୋହିଗଲା । ଶେଷରେ କହିଲେ, "ତୁ କିଏଲୋ ? ତୋର ସମ୍ପତ୍ତି ! କିଲୋ ଏ ସମ୍ପତ୍ତି ତ ମୋ ଲକ୍ଷ୍ମୀର । ତୁ ତ ଗୋସ୍ୱକ ପୋଷାକ ମୁଠାଏ ଖାଇ ଗୋବର ପୋଛୁବା ଲୋକ । କାଲେଷ୍ଟ୍ରୀଅଣି ଛୁଟର ଖାଇ, ସେ ପୁଣି କହିବ ଏ ସମ୍ପତ୍ତି ମୋର । ଦେଖିବୁ ଦେଖିବୁ ଲୋ ରାଣ୍ଡ, ଅଉ ଦଶ ପନର ଦିନ ଗଲେ ମୋ ଲକ୍ଷ୍ମୀ ଯେବେ ତୋ ଗୁଡ଼ରେ ବସି ଏ ସମ୍ପତ୍ତି ଭୋଗ ନ କରଚି, ତା ହେଲେ ମୁଁ ଅମୁକ ରଥର ମାଇପ ନୁହେଁ ।" ଏହିପରି ସେ କେତେ କଣ କହି ଲାଗିଲେ ବାବୁଅଣୀ ଅଉ କିଛି ଶୁଣିବା ପର୍ଯ୍ୟନ୍ତ ଅପେକ୍ଷା ନକରି ଘର ଭିତରକୁ ଚାଲିଗଲେ । ରାମା ବୋଉ ସାବ ବୋଉ ହେରିକା ଯେ ସବୁ କାଲର ମଉଜ ପାଇବେ ବୋଲି ନଖରୁ ନଖ ଘଷୁଥିଲେ, ସେମାନେ ହତାଶ ହୋଇ ନିଜ ଘରକୁ ବାହୁଡ଼ିଲେ ।

ବାବୁଅଣୀ ଘରକୁ ଅସି ମାହାପାତ୍ରଙ୍କୁ ଡାକି ପୁରୀ ପଠେଇଲେ । କହିଲେ ପୁରୀରେ ଯଦି କିଛି ସନ୍ଧାନ ନ ପାନ୍ତି, ତା ହେଲେ କଟକରେ ମଦନ ପାଖକୁ ଯାଇ ଧୋଇଅର ଖବର ଅନ୍ତର ବୁଝି ଅସିବେ । ମାହାପାତ୍ରେ ସାଙ୍ଗେ ସାଙ୍ଗେ ପୁରୀ ବାହାରିପଡ଼ିଲେ । ପୁରୀରେ କିଛି ପତ୍ତା ପାଇଲେ ନାହିଁ କଟକରେ ଯାଇ ମଦନ ବାବୁଙ୍କୁ ଧରିଲେ, ଓ ତାଙ୍କ ସାଙ୍ଗରେ ନେଇ ତା ଅର ଦିନ ସକାଳେ ଗାଁରେ ଅସି ପହଞ୍ଚିଲେ । ମଦନ ବାବୁଅଣୀଙ୍କ ପାଖକୁ ଅସି କହିଲେ, 'ଧୋଇଅ ତା ମାମୁଁ ଠାରୁ କଣ ଖବର ପାଇ କଲିକତା ଯାଇଚି ।"

ବାବୁଆଣୀ— କଣ ଚିଠି ପାଇଥିଲା ?

ମଦନ ମୁଣ୍ଡକୁ କୁଣ୍ଡେଇ କହିଲେ, "ଚିଠି ! ନା, ହଁ, କଣ ଖବର ପାଇଥିଲା ।"

ବାବୁଆଣୀ— ଚିଠିଟା କଣ ପୁରୀରେ ପାଇଲା ନା ଗାଁରେ ? ମଦନ ବାବୁ ବିଚରା ବଡ଼ ବ୍ୟସ୍ତହୋଇ ଉଠିଲେଣି ସେତେବେଳକୁ । ମିଛ କଥା ଗୋଟେ ଚଟ୍ କରି କହିଦେବା ବଡ଼ ସହଜ, କିନ୍ତୁ ତାକୁ ସମ୍ଭାଳିବା ବଡ଼ ମୁସ୍କିଲ । ବିଶେଷତଃ ମଦନ ବାବୁଙ୍କ ଭଳି ଲୋକ । ସେ ଭାବିଲେ କଣ କହିବେ, ଠିକ୍ କରି ପାରିଲେ ନାହିଁ । ବାବୁଆଣୀ କହିଲେ, "ପୁରୀରେ ପାଇଲା ବୋଧହୁଏ, ନାହିଁ ?"

ମଦନ— ହଁ, ହଁ, ପୁରୀରେ ପାଇଲାତ......

ବାବୁଆଣୀ— କିନ୍ତୁ ବାପ, ତା ମାମୁଁ କିପରି ଜାଣିଲେ, ଯେ ଯୋଉଥି ସେ ଦିନ ପୁରୀ ଯାଇଥିବ ବୋଲି । ମଦନ ବାବୁ ଚୁପ୍ ହୋଇ ରହିଲେ । ବାବୁଆଣୀ ପୁଣି ପଚାରିଲେ, "ସେ ଟଙ୍କାଗଡ଼ା କାହୁଁ ପାଇଲା, ବାପ ? ମହାପାତ୍ରଙ୍କୁ ତ ଟଙ୍କା ମାଗିନେଇଁ !" ମଦନ ବାବୁ ତରବର ହୋଇ କହିଲେ, "ଟଙ୍କା ତା ପାଖରେ ଥିଲା ।"

ବାବୁଆଣୀ— ଦେଖ ବାପ, ସେ ଗଲାବେଳେ ମୁଁ ତାକୁ ଟଙ୍କା ଯାଚିଲି ସେ ମତେ କହିଚି, "ନା ମୋ ପାଖରେ ଟଙ୍କା ରହିଲେ ହଜିଯିବ, ମହାପାତ୍ରଙ୍କୁ ଦେ ମୋର ଦରକାର ହେଲେ, ମୁଁ ତାଙ୍କ ଠାରୁ ମାଗିନେବି ।" ସେ ଟଙ୍କା ପଇସା ତ ସାଙ୍ଗରେ ନେଇ ନାହିଁ । ତୁ କଣ ତାକୁ ଟଙ୍କା ଦେଇଥିଲୁ ?

ମଦନ— ହଁ, ହଁ, ସତେତରେ ତ, ମୁଁ ଟଙ୍କା ଦେଇଥିଲି । ମୁଁ ଯାଉଚି । ମୋର ବହୁତ କାମ ଅଛି ।

ବାବୁଆଣୀ— ବସ ଟିକିଏ ବାପ, ଯିବୁତ, ତର ତର କିଆଁ ? ତୁ କେତେ ଟଙ୍କା ତାକୁ ଦେଇଥିଲୁ ?

ମଦନ— ମୁଁ ! ଟଙ୍କା ! ଓଃ, ହଁ, ଏଇ ନ ଦଶ ଟଙ୍କା ମୋର ମନେ ନାହିଁ ।

ବାବୁଆଣୀ— ତୁ ଏତେ ଟଙ୍କା ଘେନି ପୁରୀ ଯାଇଥିଲୁ କାହିଁକି ବାପ ?

ସେତେବେଳକୁ ମଦନ ବାବୁ ଝର ଝର ହେଉଥାନ୍ତି । ତାଙ୍କର ଆଖିଏ ଆଖିଏ ଲୁହ । ବାବୁଆଣୀ ତାଙ୍କର ଏ ଅବସ୍ଥା ଲକ୍ଷ୍ୟକରି ସୁଆଗହୋଇ କହିଲେ, "ମୋ ମୁହଁକୁ ଚାହିଁ କହତ, ବାପ, ସତରେ ଯୋଗିଆ ତା ମାମୁଁ ଠାରୁ ଖବର ପାଇ କଲିକତା ଯାଇଚି ।" ମଦନ ବାବୁ ମୁହଁ ତଳକୁ କରି ବସିରହିଲେ । ବାବୁଆଣୀ କହିଲେ, "ବାପ ମଦନ, ମୁଁ ତତେ ଯୋଗିଆ ଠାରୁ ଭିନ୍ନ ଭାବ ନାହିଁ । ତୁ ମୋ ଆଗରେ ମିଛ କହି ସମ୍ଭାଳି ପାରିବୁ ? ଯୋଗିଆ ପାରନ୍ତା, ସେ ଚଗଲା, ତୁ କିନ୍ତୁ ତା ନୋହୁ । ସତ ଛଡ଼ା ମିଛ ପଦେ ଯେ ଜୀବନରେ କହି ନାହିଁ, ସେ କଣ ମା ଆଗରେ ମିଛ କହିପାରେ । କହ ଦେଖି, ବାପ, ସତ କଥାଟା କଣ ?"

ଅସ୍ତେ ଅସ୍ତେ ଡରି ଡରି ମଦନ ବାବୁ ପ୍ରକୃତ କଥାତକ ସବୁ ଖୋଲି କହିଗଲେ । ବାବୁଆଣୀ ଚିତ୍ରପିତୁଳାଟି ଭଳି ବସି ଶୁଣୁଥାନ୍ତି । ମଦନ ବାବୁଙ୍କ କଥା ସରିଲେ ସେ ଧୀର ଗମ୍ଭୀର ଭାବରେ ପଚାରିଲେ, "ଠିକ୍ ମନେ କରି କହ ଦେଖି ବାପ, ଏ ବାଜି କଥାଟା କିଏ ପହିଲେ ଉଠାଇଲା ?" ମଦନ ଭାବଚିନ୍ତ କରି କହିଲେ, "ପହିଲେ ଉଠେଇଲା ଫଲଣା ମିଶ୍ର ।"
ବାବୁଆଣୀ— ଆଉ ସେଥିରେ ଲୁଆଦେଲେ ଅଲଣା ଛଅଜଣ, ଶିଶୁପାଳ ନନ୍ଦେ, ଓଗେର ଶିବବାବୁଙ୍କର ନନ୍ଦି ଭୃଙ୍ଗୀ ଦଳ, ନା ? ଏଥର ବୁଝିପାରିଚି ସବୁ । କଣ ହବ ବାପ ? ଏତେବେଳକୁ ତାଙ୍କର ଧୈର୍ଯ୍ୟ ଯେପରି ଭାଙ୍ଗି ଆସିଲା । ସେ କାନ୍ଦ କାନ୍ଦ ହୋଇ ଉଠିଲେ । ମଦନ ତାଙ୍କୁ ସାନ୍ତ୍ୱନା ଦେବା ପାଇଁ କହିଲେ, "କାହିଁକି ମା ହବ କଣ ? ଯୋଗିଆ ଠିକ୍ କୋଡିଏ ଦିନରେ ଫେରି ଆସିବ ।"

ବାବୁଆଣୀ— ସେଇ ଅସୁବିଧା ? କଲିକତା ସହର ଅନେକ ଦୂର । କାଃ ବଡ଼ ଝଙ୍କାଅଁନ । ଗୁଣ୍ଡାଗୁଡ଼ାକ ବଡ଼ ଶସ୍ତା । ନା, ବାପ, ମୁଁ କାନ୍ଦୁ ନାହିଁ ଅଧୀର ହଉ ନାହିଁ । ସର୍ବସ୍ୱ ଯେତେବେଳେ ଯିବା ଉପରେ ସେତେବେଳେ କାନରେ ସମସ୍ତ କହାଇବା ବୋକାର କାମ । ପ୍ରମଥ ବାବୁ ସେଦିନ ବଜାର ଗଳ୍ପ କହିଲୁ ନା ? ମଦନ ବାବୁ କଥାଗୁଡ଼ାକରୁ କିଛି ବୁଝିପାରୁ ନଥିଲେ, ତା ଉପରେ କଥା ଯେପରି ହେଉଛିଲା, ସେଥିରେ ସେ କାର୍ଯ୍ୟ କାରଣର ସମ୍ବନ୍ଧ ଦେଖି ନପାରି ଖାଲି ବୋକାଙ୍କ ଭଳି ମୁଣ୍ଡ ହଲେଇଲେ । ବାବୁଆଣୀ କିଛି ସମୟ ତୁନି ହୋଇ ବସି କଣ ଭାବିଲେ, ତା ପରେ କହିଲେ, "ବାପ ମଦନ ତୁମେ ଏକଏ କଲିକତା ଯାଇ ପାରିବ ?" ମଦନ ବାବୁ 'ହଁ' ଭଣିଲେ । ଠିକ୍ ହେଲା ସେଇଦିନ ରାତି ଗାଡ଼ିରେ ସେ କଲିକତା ଯିବେ ।

କିନ୍ତୁ ତଥାପି ବାବୁଆଣୀ ଧୈର୍ଯ୍ୟଧରି ବସିପାରୁ ନଥାନ୍ତି । ସେ ଏଣିକି ତେଣିକି ବୁଲି ହେଇ ମଦନ ବାବୁଙ୍କ ହାତରେ ତାଙ୍କ ଭାଇଙ୍କ ପାଖକୁ ଦେବା ପାଇଁ ଖଣ୍ଡିଏ ଚିଠି ଲେଖିଲେ । ଏବଂ ଲୁଗା ପଟା ପିନ୍ଧି ନଟେ ବାଡ଼ି ଅଢ଼େ ୬ ବାହାରି ପଡ଼ିଲେ ଶିବ ବାବୁଙ୍କ ଘରକୁ । ସେଠାରେ ଯାଇ ଦେଖନ୍ତି ତ ଶିବ ବାବୁଙ୍କର ସତୁରି ବର୍ଷର ବୁଢ଼ୀ ମା ବାଡ଼ ଅଢ଼ ପିଣ୍ଡାରେ ବସି ଶକଉଛନ୍ତି । ଧାର ଧାର ହୋଇ ଆଖିରୁ ଲୁହ ବୋହିଯାଉଛି । ବୁଢ଼ୀ ଲୁଗା କାନିରେ ତାକୁ ପୋଛି ପକାଉଛନ୍ତି । ସେ କରୁଣ ଦୃଶ୍ୟ ଦେଖି ବାବୁଆଣୀ କିଛି ସମୟ ଥକ୍କାମାରି ଠିଆ ହୋଇଗଲେ । ତା ପରେ ବୁଢ଼ୀଙ୍କ ପାଖକୁ ଉଠିଯାଇ ଦୁ ହାତ ତଳେ ଲଗେଇ କହିଲେ, "ମାଉସୀ ଓଳଗି ହଉଛି ।" "କିଏ ଲୋ, ଝିଅ, ମରିଗଲୁ ନାଇଁ ଯାହା ! ସେ ତାଙ୍କ ସୁଖରେ ସ୍ୱର୍ଗ କି ନରକରେ ଯାଇ ବସିଲେ । ବଳ ବୟସ ଗଲା । ଆଖିକୁ ଦିଶିଲା ନାହିଁ । ମୁଁ ଖାଲି ବଞ୍ଚିରହିଚି ହଇମାନ ହବାପାଇଁ ।" ବାବୁଆଣୀ ପଚାରିଲେ "କଣ ହେଲାକି ମାଉସୀ, କାନ୍ଦୁଚ କାହିଁକି ?"

ବୁଢ଼ୀ— ଅଲୋ ଝିଅ, ବସ, ମୁଁ ତତେ ଗୁଡ଼ାକଥା କହିବି । ଦେଖିଲୁ ? ସେ ଗେଲବା ବୋହୂ ମୋର କୁଠେଇ ନାକେଇ କଥା ଶୁଣୁ ନାହିଁ ତ । ଇଲେ ଯାଇ ପୁଅକୁ କଣ କହିଦେବ ବୋଇଲେ, ମୋ ପିଠିରୁ ଚମଡା ରହିବ ନାହିଁ ।

ବାବୁଆଣୀ— ନାଇଁ, ମାଉସୀ, ଏଠି କେହି ନାହିଁ ।

ବୁଢ଼ୀ— ଅଲୋ ଝିଅ, ମୁଁ ତ ମଲା ସଇକି ହେଲିଣି । ଏଇ ହାତରେ କେତେ ଦାନ ପୁଣ୍ୟ କରିଛି, କେତେ ଦୁଃଖୀରଙ୍କିଙ୍କି ଖାଇବାକୁ ଦେଇଛି । ଏବେ ଯମ ଦୁଆରେ ଗୋଡ଼ ଦେଇ ମୁଁ ଦୁଃଖୀଙ୍କ ଲୋକ ଶୋଷଙ୍କ କଥାଳ ସହିପାରିବ କମିତ ? ଅଜ ସକାଳେ ଗୋଟିଏ ଭିକାରୁଣୀ ଅସିଥିଲା । ତା କୋଡ଼ରେ ଛଅ ମାସର ଛୁଆଟିଏ । ଖାଇବାକୁ ନ ପାଇ ତାର ଯୋଡ଼ିଏ ଛୁଆ ମରିଗଲେ । ଘଇତା ତାକୁ ଛାଡ଼ି ପଳେଇଗଲା ସେ ଇମିତ ବୁଲି ବୁଲି ମାଗି ଖାଉଛି । କହିଲା, "ମୁଁ ଦୁଇ ଦିନ ହେଲା ଖାଇ ନାହିଁ । ପିଲାଟା ଦୁଧ ଟିକିଏ ନ ଖାଇ ଖାଲି କଇଁ କଇଁ ହୋଇ କାନ୍ଦୁଛି ।" ମୋ ଦୟା ସହିଲା ନାହିଁ ଲୋ ଝିଅ, ମୁଁ ହାଣ୍ଡି ଶାଳକୁ ଯାଇ ବେଲେ ଭାତ ତୋରାଣି କରି ତାକୁ ଦେଲି, ଅଉ ତା ଛୁଆଟା ପାଇଁ ଟିକିଏ ଦୁଧ ଆଣି ଦେଲି । ମୋର ଯେ ସେ ଡାକିଣୀ ବୋହୂଟା, ଲୋ, ଝିଅ ତା ଶନି ଦୃଷ୍ଟିରେ କମିତି ପଡ଼ିଗଲା । ସେଇଠୁ ତ ସେ ମୋତେ ଭଣି ଭଣି କରି ପକାଇଲା । କହିଲା କଣ ନା, ତୁମେ ଏ ଘରେ କିଏ ? ମୁଠେ ଖାଇବ ଗଣ୍ଡେ ପିନ୍ଧିବ, ଗୋଟେ କୁଣରେ ପଡ଼ିରହିବ । ତୁମେ ମୋ ଧନ, ଧନ... କଣ କହିଲା, ସେ କଥା କଣ ମୋ ତୁଣ୍ଡ ଲେଉଟୁଛି କଲୋ ଝିଅ... ପାଠ ପଢ଼ି ପଣ୍ଡିତଆଣୀ ହୋଇଚନ୍ତି ପରା ।

ବାବୁଆଣୀ— ଧନାନୁମତିରେ ?

ବୂଢ଼ୀ— ହଁ, ହଁ, ଲୋ ହିଅ, ସେଇକଥା । କହିଲା ସେ କଥାରେ ମୁଁ କାହିଁକି ତାକୁ ଧାନ୍ତ ପୁଞ୍ଜାଏ ଦେଲି । ମୁଁ ତ ସହିପାରିଲି ନାହିଁ ଲୋ ହିଅ ଏଇ ଅଙ୍ଗ ଭଲ ମନେ ଅଛୁ । ବଣ୍ଡ ମା ଭାର ବଡ଼ ଦେଉଳ ବରଗଛ ତଳେ ବସି ପଇତା ସୂତା କାଟୁଥାଏ । ଅଉ ଏ ଖଲବ ନଅ ବର୍ଷର ଟୋକ-ଟାଏ କଉପୁନ ଖଂଡେ ମାରି ସେଠି ବାଲୁ ବାଲୁ କରି ଘୁରୁଥାଏ । ସେ କାହୁଁ ଦବା ପୁଣ ଜାଣିବ ? ସେ କାହୁଁ ଦୁଃଖିରଙ୍କିଙ୍କ କଥା ବୁଝିବ । ସେ ଦିନ କଣ ଆଉ ଅଛୁ । ଫାଟିସିବ ବୋଲି ପିଠି ଉପରେ ଯେତେବେଳେ ଓ୍ୱାଉ ପଡୁଥିଲା, ସେ ଦିନ ତ ଗଲାଣି । ଇଲେ ପସ୍ ସେ ସ୍ୱଣୀ, ଓ୍ୱାଉ କାହୁଁ ଚିହ୍ନିବ ? ଋଷି ଏଇଥି ପାଇଁ ଜଟା ଛୁଣ୍ଡେଇଥିଲେ । ଟୋଇ ଭାର ରୂପଟି ଦେଖି ତାକୁ କୋହ୍ନୁ କରି ପକାଇଲି । ସେଇ ରୂପଟି ଏବେ ହେଲା ମୋର କାଳ

ବାବୂଅଣୀ— ହଁ, ତ ଉଭାଙ୍କ କଣ ହେଲା ମାଉସୀ ! ସେ ତୁମକୁ ଏଇଅ କହିଲା ବୋଲି କାନ୍ଦୁଛ ?

ବୂଢ଼ୀ— ନାଇଁଲୋ ହିଅ, ସେ ଗଲବାଭ ଘରେ ଗୋଡ଼ ଦେଲା ଦିନୁଁ, ଇମିତ କେତେ ଶୁଣୁଛି । ଅଙ୍ଗ ଏତକ ପାଇଁ କାନ୍ଦନ୍ତି କଅଁ । ସେ ଯିମିତ ମତେ ଝିଙ୍କାଭହେଇ ଏଭଳ କହିଲା, ମୁଁ ତାକୁ କହିଲି, "କଲେ, ମା, ମା ଯେତେବେଳେ ସୂତା କାଟି ପଇତା ବକ୍କ ପେଃ ପୋଷୁଥିଲା ସେ ଦିନ କଣ ପାସୋର ଗଲଣି କ ?" ଅଉ ଯାଏଁ କୁଅଡ଼େ ଲୋ ହିଅ । ଗର୍ଜିଲା ଗର୍ଜିଲା, କେତେ କଣ କହିଗଲା । ଶେଷକୁ ଯାଇ ପୁଅକୁ କଣ କହିଦେଲା ଯେ, ପୁଅତ ତେଣୁ ମାଟେର କ ନମାରେ ହେଇ ମୋ ଉପରକୁ ମୁହଁସ ଅସିଲା । କହିଲା, କଡ଼ାଟାକର ପ୍ରୟୋଜନ ନାଇଁ, ମେଣ୍ଟେଡ଼ୀ ବୁଢ଼ୀ ଠେଇଁ, ଅଉ ଘରେ ବସି ଖାଇରେଇ ଦେଖାଇ ହଉଛି । କହିଲା, ଅଉ ଦିନେ ତୁ କାହାକୁ

ଖୁଦ କଣିକା ଟାଏ ଦେ ତ, ତୋ ହାତ ଭାଙ୍ଗିଦେବ ।" କହିଥିଲେ, ମୁଁ ପ୍ରାଣ ଭୟରେ ସେଇକ୍ଷଣି ଏଠିକି ପଳାଇ ଆସିଛି । କେତେ ମହାଦେବଙ୍କ ଉପରେ ବେଲ ପତ୍ର ଚଢ଼େଇ, ଅଭିଷେକ କରେଇ, ଓଷା ବ୍ରତରେ ପେଟ ଶୁଖେଇ, ପାଇଥିଲି ଏ ପୁଅଟିକୁ ଏଇଥିପାଇଁ । ଦାଣ୍ଡରେ ଯା ଭୋକ ଚାପିବ, ତା ଘର ଭାଙ୍ଗିବ, ଇମିତି କରି ଗାଣ୍ଡ ବ୍ରାହ୍ମଣଙ୍କ ସମ୍ପତ୍ତି ହାଣି ବଡ଼ଲୋକ ହେଲା । ସେଥିରେ ପାଟି ଫିଟାଇଲି ନାହିଁ । ଭାବିଲି, କରନ୍ତୁ, ଯେଝା ଧର୍ମ ତାକୁ ଖାଇବ । ଗାଁରୁ ଏତେ ଲୋକ ଦର୍ଶନ କରିବାକୁ ପୁରୀ ଯାଉଛନ୍ତି । ମୋର କଣ ନଥିଲା । ମୋ ଘଇତା ତ ମଲା ବେଳକୁ ଦଶ ବାଟି ବାର ବାଟି ସୁନ୍ଦର ସୁବର୍ଣ୍ଣ ଜମି ରଖି ଯାଇଥିଲା । ମୁଠା ମୁଠା ପଇସା ଟଙ୍କା ମୁଁ ଦାଅ ନାଅ କରୁଥିଲି । ମତେ ଥରେ ପୁରୀ ଯାଇ ଦର୍ଶନ କରିବାକୁ ଯୋଗ ହେଲା ନାହିଁ । ଏକାଦଶୀ ଉପାସରେ ତ ଦିହରେ ମୁଣ୍ଡରେ ଥରେ ହାତ ବୋଳି ବୁଲେଇ ଦେଲା ନାହିଁ । ମୋର ଏ ଜୀବନ ଥାଉ ଯାହା...',

ଘର ଭିତରୁ ହୁମୁରୁ ହୁମୁରୁ ଶବ୍ଦ ଶୁଭିଲା । ବୁଢ଼ୀ ଡରକର ହୋଇ ମୁହଁ ପୋଛି ପକେଇ କହିଲା, "ଅଲୋ, ଝିଅ, ଏ ଡାକୁଣୀ ଅଇଲାଣି । ମୋର ଅଉ ଗୋଷ ରହିବ ନାହିଁ ।" ବାବୁଆଣୀ ସେଠାରୁ ଉଠି ଛିଡ଼ାହେଲେ ଏହି ସମୟରେ ଶିବ ବାବୁଙ୍କ ସହଧର୍ମିଣୀ ଶ୍ରୀମତୀ ସତ୍ୟଭାମା ଦେବୀ ସେଠାରେ ଆସି ପହଞ୍ଚିଲେ । ତାଙ୍କର ନାକରେ ଗୋଟିଏ ନୋଲକ, ଦି ନାକ ପୁଡ଼ାରେ ଦୁଇଟି ନାକ ଫୁଲ, କାନରେ କାନ ଫୁଲ, ବାଉଲି, ବେକରେ ପଦକ ମାଳ ଉପରେ ଢେଗା ଢେଗା କଣ୍ଠି ମାଳ । ବାଁ ହାତରେ ରୂପାର ବାଜୁ, ଡାହାଣ ହାତରେ ରୂପା ତାଡ଼, କଟି ଉପରେ ସୁନା କାଚ ଛ ଛ ପଟ ପାଖରେ ମାଡ଼ି ଖଡ଼ୁ ଦି ଦି ପଟ, ଅଙ୍ଗୁଠିରେ ପାଞ୍ଚୋଟା ସୁନା ମୁଦି । ଗୋଡ଼ରେ ବଳା ପାହୁଡ଼ ଦି ପଟ ଲେଖାଏଁ । ଗୋଡ଼ ଅଙ୍ଗୁଠିରେ କଂସାର ମୁଦି ଗୁଡ଼ା ୬ ଟା

ପିନ୍ଧିଛନ୍ତି ଖଣ୍ଡିଏ ଫିକ୍ ନାଲ୍ ଧଡ଼ିଆ ଶାଢ଼ୀ। ପାଟିରେ ପାନ ଖିଲ, ଓଠ ସେଇ ପାନ ବୋଳରେ ନାଲ୍ ଟହ ଟହ। ମୁଂହରୁ ବାସନା ତେଲର ଉତ୍କଟ ଗନ୍ଧ ବାହାରି ଚମକେଇ ଦଉଚି ଘଂର ମଂଡ଼ଳ। ରଙ୍ଗଟା ସଜ ବଟା ଜଳଦ ପରି। ମୁହଁଟି ଟିକିଏ ଲମ୍ବା। ଅସହଣିକମାନେଁ କହନ୍ତି ଟାକୁଆ ଗାଲ। ଉମୁ ଦାନ୍ତ ଦୁଇଟା ଟିକିଏ ବଡ଼। ଏଇ ହେଲେ ଶିବ ବାବୁଙ୍କ ସହଧର୍ମିଣୀ। ନୂଆ ପୁରୁଣା, ପୂର୍ବ ପଶ୍ଚିମର ଗୋଟାଏ ଅପୂର୍ବ ମିଳା ମିଶାର ଗେଲ। ସେ ବୁଢ଼ୀଙ୍କ ଅଡ଼କୁ କଟମଟ କରି ଚାହିଁ କହିଲେ, କିଏ, କଣ ସବୁ ଭୂଟୁରୁ ଭାଟର ଫୁଟୁରୁ ଫାଟର ଗଲଥିଲଛ। ପୁଅ ବୋହୂ କମିତ ତୁମକୁ ଅନୁଭବ ଦଉଛନ୍ତି ସେଇ କଥା! ମଲ୍ନାହିଁ! ଘର କଥା ନେଇ ଦାଣ୍ଡରେ ପକଉଚ!"

ବୁଢ଼ୀ— ମଲା, ମୋର ଗରଜ ସବୁ ନଥିଲା। ମୋ ଭାଗ୍ୟରେ ତ ଯାହା ଅଛି ତା ଭୋଗୁଚ, ପର ଅଗରେ କହିଲେ କଣ କିଏ ମୋ ପିଠିରେ ଆସି ପଡ଼ିବ।

ଶିବ-ସ୍ତ୍ରୀ— ଅଉ ଗାଁ ବାବୁଆଣୀ ଲୁଅନ୍ତେ ଗୋ? ଏ ଗଉବ ଘରେ ଲକ୍ଷ୍ମୀ ହନ୍ତେ କିଆଁ?

କଥାଗୁଡ଼ାକ ହସି ହସି କହିଲେ ସତ। ହନ୍ତୁ ବାବୁଆଣୀ ତା ଭିତରେ ଗୋଟାଏ ଶ୍ଳେଷର ସୁଅ ଠିକ୍ ଅନୁଭବ କରିପାରିଲେ। ସେ କହିଲେ, "ଶିବ ବାବୁ ଆମ ଦେଶର ଜଣେ ଦେବତା। କଲଟର କମିସନର ତାଙ୍କ ଦୁଆରେ ଧାରଣା ଦେଇ ପଡ଼ନ୍ତି।" ଛବଲ. ଅଲୋ ବାପଲୋ, ଯାଉ ଟିକିଏ ଦେଖା କର ଥରେ।

ଶିବ-ସ୍ତ୍ରୀ— ମଲା ମଲା, ଛୁଇ ଦେବ । ବାବୁଆଣୀ ଥାଉଁ ଥାଉଁ ଶିବ ବାବୁ ଚେଷ୍ଟ ସୁଅକୁ କଏ ପଗରେ ? ବୋଉଲି ଦକେ ନାଇଁ କାଲେ ନାଇଁ ଅଛ କାହିଁକ ?

ବାବୁଆଣୀ— ଆସିଚ, କହିଲି ପଗ୍, କବ ବାବୁଙ୍କ ପାଖକୁ ।

ଶିବ-ସ୍ତ୍ରୀ— କାହିଁକ, ଗାଁରେ ଅଉ କେହ ଅଣ୍ଡିରା ମିଳଲେ ନାହିଁ !

ବାବୁଆଣୀ—ମିଳବେ କାହିଁ ? ତୁମେ କଣ କାହାକୁ ରଖିଚ ଯେ ।

ଶିବ-ସ୍ତ୍ରୀ— ସତରେ କଥା କଣ ?

ବାବୁଆଣୀ— କଥା ଅଉ କଣ ? ଶିବ ବାବୁଙ୍କ ସାଙ୍ଗରେ ଗୋଟା : ପରାମର୍ଶ ଅଛୁ ।

ଶିବ-ସ୍ତ୍ରୀ— ମଲା ମଲା, ବାବୁଆଣୀଙ୍କୁ ଯୁ କଥାରେ ବୁଛି ଦଶିଲା ନାହିଁ, ବାବୁ କ ଗ୍ଲର ଯେ ସେ ପରାମର୍ଶ ଦେବେ ।

ବୁଢ଼ୀ— ଅଲୋ ଯୋଉ ବୋଉ, ଶିବ ପଗ୍ ପୁସ୍ତ ଗଲାଣି । ସେଠୁ ଲୁଅଦ୍ରେ କଲକତା ଯିବ ।

ଶିବ-ସ୍ତ୍ରୀ— ତୁମ ମୁଣ୍ଡରେ ନିଅାଁ ଦବ । ତାଙ୍କର ମୋର ତ କଥା କଥା ପଡୁଥିଲା, ତୁ ଟାଲକା ଉପରେ ପଡି କଥା କହୁ କଅଁ ?

ବୁଢ଼ୀ— ଶୁଣିଲୁ ଲୋ ଝିଅ, ଶୁଣିଲୁ ।

ଶିବ-ସ୍ତ୍ରୀ— ଗଚେଇ ହେଇ କହିଲେ, "ଶୁଣିଲୁ ଲୋ ଝିଅ, ଶୁଣିଲୁ । ଝିଅ ଅସି ପିଠିରେ ପଡିବ, ନଇଲେ, ମତେ ଏ ଗାଁରୁ ଭଡ଼େଇ ଦବ । ତା ଅସନ ତ ଟଲମଲ, ବାବୁଆଣୀ ପଣ ଏଇ ଥରକ ଯିବ ଯେ । ଅଉ ସେ ମୋର......" କହ ଙ୍କଡ଼ କର ସେଠାରୁ ବାହାରିଗଲେ ।

ବାବୁଆଣୀ ଦଣ୍ଡାଏ ସେଠାରେ ତୁନି ହୋଇ ଠିଆହେଲେ । ତା ପରେ ବୁଢ଼ୀଙ୍କୁ ଉଲଟହୋଇ କହିଲେ, "ମାଉସୀ ମୁଁ ଯାଉଛି ।"

ବୁଢ଼ୀ— କୁଆଡ଼େ ଆସିଥିଲୁ ଲୋ ଝିଅ, ଟିକିଏ ବସିଲୁ ନାହିଁ !

ବାବୁଆଣୀ— ଯୁଥିପାଇଁ ଆସିଥିଲି, ମାଉସୀ, ସେ କାମ ମୋର ହୋଇ ଯାଇଛି ।

## ୧୩

ସେ ଦିନ କଲିକତା ଓଡ଼ିଆ ସମାଜ ଘରେ ଗୋଟିଏ ସଭା ହବାର କଥା । ସମାଜଟି କଲିକତା ସହରର କନ୍ଥୁବଜାର ନ୯୭ମ୍ବର ଘରେ । ସମାଜର ସମ୍ପାଦକ ବ୍ରଜନାଥ ବାବୁ । ମୋଟାମୋଟି ଗଠଣ, କାଳିଆ ଦେହ, ଚନ୍ଦା ମୁଣ୍ଡ, ନାକ ତଳେ ଦ ପଟା ନିଶ । ଯେ କିଏ ସାହସ କରି ଦାଣ୍ଡକୁ ବାହାରିବ, ତାର ନିନ୍ଦା କରିବାର ଲୋକ ଓଡ଼ିଶାରେ ଅଭାବ ନାହିଁ । ଓଡ଼ିଆମାନଙ୍କର ଆଉ କିଛି ଗୁଣ ଥାଉ ବା ନ ଥାଉ, ସଜ ମାଛରେ ପୋକ ପକାଇବାର ଶକ୍ତି ଯଥେଷ୍ଟ ଅଛି । କେତେକ ହାମ ବଡ଼ା ଓଡ଼ିଆ ନେତା କହନ୍ତି ଯେ ବ୍ରଜ ବାବୁ ସମାଜ ପଇସା ଖାଇ ଖାଇ ତାଙ୍କର ପେଟ ବଢ଼ି ଯାଇଛି । କୋଉ ବାଗରୁ ବ୍ରଜର ନା ଅଛି ଘର ଦ୍ୱାର, ନା ଅଛି ଜମିବାଡ଼ି ସେ ଚଳେ କିପରି ? କଲିକତା ସହରରେ ଘର କିଣିଲା କେଉଁଥିରୁ ?

କିନ୍ତୁ ସଦାଶିବ ବାବୁ ଏମାନଙ୍କ ମଧ୍ୟରୁ ଜଣେ ନୁହନ୍ତି । ସେ ବ୍ରଜ ବାବୁଙ୍କର ନିନ୍ଦା କରିବା କେହି କେବେ ଶୁଣି ନାହିଁ । ବରଂ ବ୍ରଜ ବାବୁ ଓ ସଦାଶିବ ବାବୁଙ୍କ ମଧ୍ୟରେ ଗୁରୁ ଶିଷ୍ୟ ସମ୍ବନ୍ଧ ଥିବାରୁ ଉଭୟେ ଉଭୟଙ୍କର ଗୁଣଗାନ ହିଁ କରିଥାନ୍ତି । ସଦାଶିବ ବାବୁ କଲିକତା ଆସିଥିବାର ଶୁଣି ବ୍ରଜବାବୁ ସମାଜର ଗୋଟିଏ ଅଧିବେଶନ ଡ଼କାଇବାକୁ ସ୍ଥିର କଲେ । ସଙ୍ଗେ ୨ ଛପା ବିଜ୍ଞାପନ କାଗଜ ବଣ୍ଟା ହୋଇଗଲା । ସାଧାରଣ ସଭା, ବକ୍ତା ହେବେ ସଦାଶିବ ବାବୁ, ବିଷୟ ହବ ଓଡ଼ିଆ ସାହିତ୍ୟରେ ଓଡ଼ିଆ ଭାଷା । ବକ୍ତୃତା ପରେ ଏହି ବିଷୟରେ ଯୁକ୍ତି ତର୍କ ହବ । ଏବଂ ସଭା ଶେଷରେ କିଞ୍ଚିତ ଜଳ ଯୋଗ । ସଭାର ସମୟ ସନ୍ଧ୍ୟା ପାଞ୍ଚଟା ।

ସଦାଶିବ ବାବୁ ଦୁଇ ତିନି ଦିନ ହେଲା କଲିକତାରେ ଅଛନ୍ତି । ନୋଟିସ୍‌ଟା କିନ୍ତୁ ସଭା ଦିନ ସକାଳେ ବଣ୍ଟାହେଲା । ଆଗରୁ ବାଣ୍ଟିଲେ କାଳେ ଲୋକେ ଭୁଲିଯିବେ ବୋଲି, ସ୍ୱୟଂ ବ୍ରଜ ବାବୁ ଘର ଘର ବୁଲି ବାସିନ୍ଦା ଓଡ଼ିଆମାନଙ୍କୁ ଓ ଓଡ଼ିଆ ପ୍ରେମି ବଙ୍ଗାଳିମାନଙ୍କୁ ସଭାରେ ଉପସ୍ଥିତ ହେବାକୁ ଅନୁରୋଧ କରି ଆସିଥିଲେ । ଆଶା କରିଥିଲେ ଯେ ସଭାରେ ଲୋକ ଭର୍ତ୍ତି ହେବେ । ସାଢ଼େ ଛଟା ବାଜିଲା ବେଳକୁ ସଭାରେ ମାତ୍ର ଜ୨୦ଣ ଲୋକ ହୋଇଛନ୍ତି । ଯେଉଁମାନେ କଲେଜ ଇତ୍ୟାଦିରେ ପଢ଼ନ୍ତି ସେମାନେ ଭାବି ନେଲେ, "କି ବକ୍ତୃତା ହବହେ, ଚାଲ୍ ଖେଳା-ଖେଳ କରିବା, ଖାଇବା ବେଳକୁ ପହଞ୍ଚିଲେ ଯାଇ ହେଲା ।" ଯେଉଁମାନେ ଓଡ଼ିଆ ପ୍ରେମି ବଙ୍ଗାଳି ସେମାନେ ଭାବିଲେ, "ଆଃ ଓଡ଼ିଆର ଗୋଟିଏ ସାହିତ୍ୟ, ତାର ପୁଣି ଗୋଟିଏ ଭାଷା, ସେ ବିଷୟରେ ବକ୍ତୃତା ଦବାର କି ଅଛି ? ଖାଲି ସମୟ ନଷ୍ଟ । ତେବେ ଲୁଚି ରସଗୋଲା ଗୁଡ଼ାକ ନଷ୍ଟ ହବ କାହିଁକି, ନହେଲା ସେତେବେଳକୁ କଷ୍ଟକରି ଯିବା ।" ଆସିଲେ କେବଳ ଅକର୍ମା ଅନାଡ଼ି ଓଡ଼ିଆ କେତେଟା, ଦୁଇ ଚାରି ଜଣ ଉତ୍ସାହୀ କୁହାଳିଆ ଟୋକା...ଏମାନଙ୍କର ଧାରଣା ଯେ ଓଡ଼ିଆ ସାହିତ୍ୟ ଓ ରାଜନୀତି ସମ୍ବନ୍ଧରେ ଏମାନେ ନଜାଣନ୍ତି ଏପରି କିଛି ନାହିଁ । ଫଳରେ ନିଜର ପାଣ୍ଡିତ୍ୟଟା ଦେଖାଇ ଦବାର ସୁବିଧା

ଯେଉଁଠାରେ ମିଳେ, ସେଠିକି ଯିବାକୁ ଏମାନେ ଘୃଣନ୍ତି ନାହିଁ । ଅଉ ଜଣେ ଦକ୍ଷିଣ ବଙ୍ଗାଳି ଭଦ୍ରଲୋକ...ଏମାନଙ୍କର ଓଡ଼ିଆ ଭାଷା ସହିତ ସମ୍ବନ୍ଧ ବଙ୍କିମ ବାବୁଙ୍କ ତଥା କଥିତ ଓଡ଼ିଆ ବାକ୍ୟ ବେକୋୟା, ଅଥବା ରବି ବାବୁଙ୍କର କବି କଳ୍ପନା ଓଡ଼ିଆ ଭାଷାର ଭୂତ ଅଭାବ । କୌତୂହଳ୍ୟା ସେହି ହେତୁରୁ ଯେ ଏବେ ବଧ ଯେ ଓଡ଼ିଆ ଭାଷା ସେଥିରେ ବକ୍ତୃତା ଦଅନ୍ତୁଏ କପଟ ? ଅଉ ଅସିଚନ୍ତ ନିରକ୍ଷର ଭୂଲ ଓଡ଼ିଆ ପ୍ରାୟ ପଚାଶ ଷାଠିଏ । ଏମାନେ ତ ଓଡ଼ିଆ ନୁହନ୍ତି । ମୁଣ୍ଡ ଗଣତି ବେଳକୁ ନହେଲେ ଏମାନଙ୍କୁ ଓଡ଼ିଆ ବୋଲି ମାନି ନେବାକୁ ହେଲା । ଟି ପାର୍ଟି, ଗାର୍ଡନ ପାର୍ଟି, ଡିନର ପାର୍ଟି ଇତ୍ୟାଦି ପାଇଁ ଚାନ୍ଦା ସଂଗ୍ରହ ବେଳକୁ ନ ହେଲା, ଏମାନଙ୍କୁ ଓଡ଼ିଆ ବୋଲି ଧରି ଲଭ ହେଲା । କିନ୍ତୁ ଓଡ଼ିଆ ବୋଲି ଚାନ୍ଦା ପଞ୍ଜିରୁ କିଛି ପାଇବାର ଅଧିକାର ଏମାନଙ୍କର ନାହିଁ, କି ଦାଣ୍ଡରେ ଘାଟରେ ଏମାନଙ୍କୁ ମୋର ଜାତି ଭାଇ ଓଡ଼ିଆ ବୋଲି ସ୍ୱୀକାର କରିବାର ଦାୟିତ୍ୱ ଆମର ନାହିଁ । ଏମାନେ ହେଲେ ବଳି ପାଇଁ ପୋଷା ମେଣ୍ଢା ଛେଳିଙ୍କ ଭଳି । ଏମାନଙ୍କର କାର୍ଯ୍ୟ କାରିତା ମୋ ଦଳ କି ପିଲାଙ୍କ ଦେହ ମୁଣ୍ଡ ପାଇଁ ଠାକୁରାଣୀ ଆଗରେ ବଳି ପଡ଼ିବା ପର୍ଯ୍ୟନ୍ତ । ବେଶ୍ ସେତିକି । କହୁଥିବା ଭିତରେ କେତେବେଳେ ମୁଁ ଯଦି କହିଦେଇଥିବି ଯେ ଏ ଛେଳିଟିକୁ କି ଏ ମେଣ୍ଢାଟିକୁ ମୁଁ ପୁଅପରି ସ୍ନେହକରେ, ତା ବୋଲି ବଳିପକାଇବାକୁ ନେଲା ବେଳେ ସେ କଥାଟା ଉଚ୍ଚାରଣ କରିବା ତୁମର ନିତାନ୍ତ ଭୁଲ । ସେହି ହେତୁରୁ ସଭାରେ ଉପସ୍ଥିତ ଭଦ୍ରଲୋକମାନଙ୍କ ମଧ୍ୟରେ ଆମେ ଏମାନଙ୍କୁ ଗଣିନାହୁଁ । ଯାହାହେଉ ଏମାନଙ୍କୁ ସମାଦର ଚାକର ବାକର ମାନଙ୍କୁ ଓ ଉପସ୍ଥିତ ଭଦ୍ର-ଲୋକମାନଙ୍କୁ ପୁସ୍ତଇ ସବ ଘଣ୍ଟାଏ ପ୍ରାୟ ଭର୍ତ୍ତି ହୋଇଗଲା ଭଳି ଦେଖାଗଲା ସଦାଶିବ ବାବୁ ତାଙ୍କର ବକ୍ତୃତା ଆରମ୍ଭକଲେ । ସେ ବକ୍ତୃତା ବୁଝିବାର ଶକ୍ତି ତ ଆମର ନାହିଁ । ତେବେ ଆର ଦିନ କାଗଜସବୁରେ ସେ ବିଷୟରେ ଯାହା

ସବ୍ ଟୀକା ଟିପଣୀ ବାହାରିଲା ତାର ତର୍କମାଡ଼ା ଦେଇଦେଲେ ଆପଣମାନେ ବୁଝିପାରିବେ କିପରି ଜ.କଜମକରେ ସଭା ହୋଇଥିଲା ଓ ବକ୍ତୃତାର ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ କେତେ ।

"କାଲି କଲିକତା ଓଡ଼ିଆ ସମାଜ ଭବନରେ ଗୋଟିଏ ସଭା ହୋଇ ଯାଇଚି । ସଭା ଘରଟି ଜନତାରେ ଲୋକାରଣ୍ୟ ହୋଇ ଯାଇଥିଲା । ଓଡ଼ିଶାର ବିଶିଷ୍ଟ ନେତା ସ୍ୱନାମଧନ୍ୟ ସଦାଶିବ ମିଶ୍ର ଏମ୍, ଏ, ଏମ୍. ଏଲ,ସି, ଏ ସଭାର ଅତିଥି ଓ ପ୍ରଧାନ ବକ୍ତା ଥିଲେ । ବସ୍ତୁତଃ ତାଙ୍କରି ଅଭ୍ୟର୍ଥନା ନିମନ୍ତେ ଏ ସଭାଟି ଆହୂତ ହୋଇଥିଲା । କଲିକତାର ବିଶିଷ୍ଟ ଓଡ଼ିଆ କର୍ମୀ ଓ ଓଡ଼ିଆ ସମାଜର ସୁଯୋଗ୍ୟ ସମ୍ପାଦକ ବ୍ରଜମୋହନ ଦାସ ବି, ଏ, ବି,ଏଲ ଅତିଥିଙ୍କୁ ପରିଚିତ କରାଇ ଦେଲା ପରେ ସଦାଶିବ ବାବୁ ତାଙ୍କର ବକ୍ତୃତା ଆରମ୍ଭ କଲେ । ବକ୍ତୃତାଟି ପ୍ରାୟ ପଞ୍ଚାଳିଶି ମିନିଟ୍ ଚାଲିଥିଲା । ବକ୍ତୃତାର ବିଷୟ "ଓଡ଼ିଆ ସାହିତ୍ୟର ଓଡ଼ିଆ ଭାଷା ।" ବକ୍ତା ପ୍ରାଞ୍ଜଳ ଓ ଚିତ୍ତାକର୍ଷକ ଭାଷାରେ ବିଷୟଟି ଏପରି ପାଣ୍ଡିତ୍ୟମୟ ଓ ସାର ପୂର୍ଣ୍ଣ ଭାବରେ ବ୍ୟାଖ୍ୟାନ କରିଥିଲେ ଯେ ଶ୍ରୋତୃବର୍ଗ ଗଭୀର ତନ୍ଦ୍ରାଭିଭୂତ ପରି ଏକ ଲୟରେ ଶୁଣି ମୁଗ୍ଧହୋଇ ଥିଲେ । ବକ୍ତୃତା ସରିବା ପରେ ଶ୍ରୋତୃମାନଙ୍କର କରତାଳି ଧ୍ୱନି ଉତ୍ସାହରୁ ସେମାନଙ୍କର ବକ୍ତୃତା ପ୍ରତି ସମ୍ମାନ ଓ ଆନନ୍ଦ ଜଣାପଡ଼ିଲା ।"

ବକ୍ତୃତା ପରେ ଏ ସମ୍ବନ୍ଧରେ ଯୁକ୍ତି ତର୍କ ଆରମ୍ଭ ହେବାର କଥା । ଆମର ଯେ ସବ୍‌ଜାନତା ଯୁବକ କେତେ ଜଣ ସେମାନେ ଅଣ୍ଟାଭିଡ଼ି ବସିଲେ ସେମାନଙ୍କ ମଧ୍ୟରୁ ଜଣେ...କପିଳେଶ୍ୱର ବାବୁ ପ୍ରଥମେ ଯୁଦ୍ଧ କ୍ଷେତ୍ରକୁ ଡେଇଁ ପଡ଼ିଲେ । ପଚାରିଲେ, "ସଦାଶିବ ବାବୁ, ଆପଣ ଯେ କହିଲେ ଓଡ଼ିଆ ଭାଷାର ଗୋଟାଏ ଅଲଗା ବ୍ୟାକରଣ ଅଛି । ବ୍ୟାକରଣର ନିୟମ ଓ ପ୍ରଥା ଜାଣିବା ପାଇଁ ଆମମାନଙ୍କର ସଂସ୍କୃତ, ଇଂରେଜି, ବଙ୍ଗଳା ଭାଷାର

ସାହାଯ୍ୟ ନବା ଦରକାର ନାହିଁ ବୋଲି, ଅପଣ କଣ ଭାବନ୍ତି ନାହିଁ ଯେ ଓଡିଆ ବ୍ୟାକରଣ ନୟମ ଯାହା ଅଗେ ଥିଲା, ତାହା ଓଡିଆ ପୁରୁଣା ପର ବାସି ହୋଇ ଗଲାଣି ? ସେତେ ବେଳର ରୂଚି ଓ ଭାବ ଅନୁରୂପ ଭାଷାକୁ ବାନ୍ଧବା ପାଇଁ ଯେ ନୟମସବୁ ଦରକାର ଥିଲା, ବର୍ତମାନ ତାହା ନାହିଁ । ବର୍ତମାନ ନୂତନ ଭାବ, ନୂତନ ରୂଚି, ନୂତନ କଳାର ଯୁଗ । ବର୍ତମାନ କୌଣସି ପୁରୁଣା କାଠଗଡ଼ ଏ ନୂଅ ଭାବର ଗୁଣ୍ଡିଚ ରଥ ଅଗରେ ପକାଇଲେ ସେ ତାକୁ ମାନବ ନାହିଁ କି ?

ମାଥବ ନନ୍ଦ ବୋଲି ଅଉ ଜଣେ ଯୁବକ ତାର ଉତର ଦେଲେ, "ମୁଁ ଏ ପ୍ରଶ୍ନର ଜବାବ ଦେବ । ଏ ନୟମ କାନୂନ ତୁ ତୁ ମାନବାକୁ ହେବ । ସମୟର ପରିବର୍ତନ ଅନୁସାରେ ଭାବ ଓ ରୂଚର ପରିବର୍ତନ ହୋଇପାରେ, କନ୍ତୁ ଭାଷାର, କଥାର, Idiomର ନୁହେ । ଭାଷା ସନାତନ, ଚିରନ୍ତନ । ତାକୁ ତୁମେ ବଢ଼େଇ ପାର । କନ୍ତୁ ସେ ବଢ଼ିବା ସେହି ଭାଷାର ଧର୍ମସଙ୍ଗତ ହେବା ଉଚିତ । ନୂଅ ଭାବ, ଓ ନୂଅ ରୂଚି ଚଳେଇବା ପାଇଁ ଭାଷାର ଧର୍ମ ଭାଙ୍ଗିବା ବିଷୟରେ ଲେଖକର ସ୍ୱେଛାଚାରିତା ଛଡ଼ା ଅନ୍ୟ କୌଣସି କାରଣ ନାହିଁ ।

କପିଳେଶ୍ୱର— ଭାଷାର ପୁଣି ଗୋଟାଏ ଧର୍ମ କଣ ?

ମାଥବ— ଭାଷାର ଧର୍ମ ତାହାର ବିଶେଷତ୍ୱ । ତାହାର ଗୋଚରତ୍ୱ । ସେହି ଧର୍ମ ଲଙ୍ଘନ କଲେ, ଭାଷା ହବ ପାଗଲ ପ୍ରଳାପ, ନ ହେଲେ ଘାଣ୍ଟି ଚଅଣ । ବାକ୍ୟମାନଙ୍କର ପରସ୍ପର ସହିତ ଓ ପ୍ରତ୍ୟେକର କ୍ରିୟା ସହିତ, କ୍ରିୟାର କାଳ ଭେଦରେ ଭିନ୍ନ ରୂପ, ଓ କର୍ତାର କର୍ମ ଭେଦରେ ଭିନ୍ନ ଅକାର— ମୋଟ ଉପରେ ସମସ୍ତ ବ୍ୟାକରଣ ନୟମ, ଏହି ଧର୍ମର ଅନ୍ତର୍ଭୁକ୍ତ

ବସ୍ତୁ ଏବଂ ବିଧି ଏବଂ ବ୍ୟାକରଣ ନିୟମ ଛଡ଼ା, ଭାଷାର ସେଇ ଅନନ୍ୟ ସାଧାରଣ ସ୍ୱଭାବ ବା ପ୍ରକାର ମଧ୍ୟ ଥାଏ । ସେହି ସ୍ୱଭାବଟା କଣ, ତାହା ମୁଁ କଥାରେ ବୁଝାଇ ପାରିବି ନାହିଁ । ତାହା ଅନୁଭବ କରିବାର ବିଷୟ । ପ୍ରତ୍ୟେକ ଭାଷାରେ ଏଇ ଗୁଣଟା ଅଛି । ସେହି ହେତୁରୁ ପ୍ରତ୍ୟେକ ଭାଷା ଅନ୍ୟ ଭାଷା ଠାରୁ ଭିନ୍ନ ।

କପିଳେଶ୍ୱର— କିନ୍ତୁ ତୁମେ ଯାହା କହୁଚ ସେତ ଇତିହାସ ସିଦ୍ଧ ନୁହେଁ । ଇଂରେଜି ସାହିତ୍ୟରେ ସେଲି, କୀଟ୍‌ସ୍, ବାଇରନ ପ୍ରଭୃତି ଯେତେବେଳେ ନୂତନ ଯୁଗର ପ୍ରବର୍ତ୍ତନ କଲେ, ସେତେବେଳେ ତ ସେମାନେ ନୂତନ ଭାଷାର ବିଧି ମଧ୍ୟ ଚଳେଇଥିଲେ ।

ମାଧବ— ଭାଷାରେ କୌଣସି ନୂତନ ବିଧି ସେମାନେ ଆଣି ନାହାନ୍ତି । ସେମାନେ କରିଥିଲେ ଏତିକି...... ଡ୍ରାଇଡେନ ଓ ପୋପ ଇତ୍ୟାଦିଙ୍କ ଲେଖାରେ ଯେ ସ୍ଥବିରତା, ଶିଥିଳତା, ସ୍ଥିରତା ଥିଲା, ତାହାର ପରିବର୍ତ୍ତରେ ଭାଷାରେ ଗୋଟାଏ ଚାଞ୍ଚଲ୍ୟ ପାଣି ସୁଅ ପରି ଗୋଟାଏ ସରଳ ଗତି, ଗୋଟାଏ ଅସ୍ଥିରତା ମାତ୍ର ଆଣି ଦେଇଥିଲେ । ତାହାସବୁ କରାଯାଇ ପାରେ ଭାଷାର ବିଧି ମଧ୍ୟରେ । ତା ଲାଗି ବିଧି ଭାଙ୍ଗିବା ପ୍ରୟୋଜନ ନାହିଁ, କି ସେମାନେ ଭାଙ୍ଗି ନଥିଲେ । ସେକ୍ସପିଅରଙ୍କର ଯେ କୌଣସି କବିତା ଯେ କୌଣସି ଛତ୍ର ନେଇ ତା ଦେହରେ ସେକ୍ସପିଅରଙ୍କ ସମୟର କେତୋଟା ବିଶେଷାର୍ଥ-ମୂଳକ ଶବ୍ଦକୁ ଉଠାଇଦେଇ ଓ ତା ସ୍ଥାନରେ ସାଧାରଣ ଇଂରେଜି ଶବ୍ଦ ବସାଇଦେଇ ପଢ଼, ଦେଖିବ ସେଲିଓ କୀଟସ୍‌ଙ୍କ ଲେଖାଠାରୁ ତାର ପାର୍ଥକ୍ୟ ଭାଷା ବିଧି ସମ୍ବନ୍ଧରେ କିଛି ମାତ୍ର ନାହିଁ । ସେଲି ବାଇରନ୍ ଇଟାଲି ଓ ଫରାସି ଲେଖକମାନଙ୍କ ଦ୍ୱାରା ରୀତି ଓ ଭାବ ବିଷୟରେ ଅନୁପ୍ରାଣିତ ହୋଇ

ଥିଲେ ମଧ୍ୟ, ସେମାନେ ଇଂରେଜି ଲେଖିଥିଲେ । ଫଗ୍ରସି, ଇଭାଲ ଓ ଇଂରେଜ ଭାଷାକୁ ପଦ୍ଧାର ଘାଣ୍ଟାଘାଣ୍ଟି ତଥର କରି ନଥିଲେ । ଅମ୍ଭମାନଙ୍କ ପାର୍ଶ୍ୱପାର୍ଶ୍ୱିକ ସାହିତ୍ୟ ଅବେଚନା କଲେ ମଧ୍ୟ ସେଇଥି ଦେଖିବ । ବଙ୍କିମଙ୍କ ଲେଖା ଠାରୁ ରବିନ୍ଦ୍ରଙ୍କ ଲେଖା ଭିନ୍ନ କିନ୍ତୁ ଭିନ୍ନ ଏଇ ଭାବରେ ଯେ ରବିନ୍ଦ୍ରଙ୍କ ଲେଖା ବେଶୀ ଶବ୍ଦ ବଙ୍ଗାଲି ।

କପିଳେଶ୍ୱର— କିନ୍ତୁ ରବିନ୍ଦ୍ର ଯେ ଅନ୍ୟ ଭାଷାର ଶବ୍ଦ ବ୍ୟବହାର କରିବାର ପକ୍ଷପାତି ।

ମାଧବ— ଅନ୍ୟ ଭାଷାର ଶବ୍ଦ ଅଣିବା ଏକ କଥା ଅନ୍ତ ଭାଷାର ବଶ୍ୟ ଭଙ୍ଗିବା ସମ୍ପୂର୍ଣ୍ଣ ଅନ୍ତ ଏକ କଥା । କୌଣସି ଭାଷା ଭାବର ତୁଳନାରେ ସମ୍ପୂର୍ଣ୍ଣ ନୁହେ । ନୂତନ ନୂତନ ଭାବ ପ୍ରକାଶ କରିବା ପାଇଁ ବେଳେ ବେଳେ ଅନ୍ୟ ଦେଶର ସାହିତ୍ୟରୁ ଓ ଭାଷାରୁ ଶବ୍ଦ ଅଣି ଯୋଡ଼ିବା ଦରକାର କରେ ।

କପିଳେଶ୍ୱର— ତା ହେଲେ ଅନ୍ୟ ଭାଷାର ଶବ୍ଦ ଅଣି ବ୍ୟବହାର କରିବାରେ ତୁମର ଅପତ୍ତି ନାହିଁ ।

ମାଧବ— ନା, ଅପତ୍ତି ନାହିଁ, ଯଦି ମୋ ଭାଷାରେ ସେଇ ଭାବ ପ୍ରକାଶ କରିବାକୁ ଶବ୍ଦ ନ ଥାଏ । କିନ୍ତୁ ଅଜକାଲ ଓଡ଼ିଆ ସାହିତ୍ୟରେ ଗୋଟାଏ ଢଙ୍ଗ ବାହାରିଚି, କଥାରେ କଥାରେ ହିନ୍ଦି ଓ ବଙ୍ଗଳା ଶବ୍ଦର ପ୍ରୟୋଗ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅନେକ ଶବ୍ଦ ଅଛି ଯାହାକି ଲୁପ୍ତ ହବା ଉପରେ, ଅଥଚ ସେହି ସେହି ଭାବଦ୍ୟୋତକ ଶବ୍ଦ ପାଇଁ ଅମ୍ଭେମାନେ ପର ଦୁଆର କୁ ପିଣ୍ଡା ହଉଚୁଁ ।

ହେରମ୍ବନାଥ— କିନ୍ତୁ ସେ ସବୁ ଶବ୍ଦ ତ ଅର୍ଷ, archaic ଅନ୍ୟାନ୍ୟ ଭାଷାରେ ଅର୍ଷ ଶବ୍ଦର ପ୍ରତ୍ୟାହାର ତ କମ ନୁହେ ।

ମାଧବ— ଆର୍ଷ ପ୍ରୟୋଗ ଲେଖକ ବିଶେଷର ରୁଚି ଉପରେ ଆରମ୍ଭ ଏବଂ ଲେଖକ ବିଶେଷର ରୁଚି ଉପରେ ଶେଷ । ଆର୍ଷ ଶବ୍ଦ ବ୍ୟବହାର କରି ପାରିବ ନାହିଁ ବୋଲି କୌଣସିଠାରେ ନିୟମ ନାହିଁ । ବରଂ ଅନେକ ସ୍ଥାନରେ ଯାହା ଆର୍ଷ ପ୍ରୟୋଗ ଭାବରେ ଆରମ୍ଭ ହୋଇଥିଲା, କାଳକ୍ରମେ ତାହା ଭାଷା ସହିତ ମିଶି ନିତ୍ୟବ୍ୟବହୃତ ଶବ୍ଦ ମଧ୍ୟରେ ଗଣ୍ୟ ହୋଇ ଯାଇଛି । ପର ଭାଷାଠାରୁ ନିଜ ଭାଷାର ଆର୍ଷ ପ୍ରୟୋଗ ବରଂ ସ୍ପୃହଣୀୟ । ମୂଳ କଥା ହେଉଛି, ଆଜକାଲି ଲେଖକମାନଙ୍କର ଭିତରକୁ ପଶିବାର ଅଦୌ ନାହିଁ । ଲେଖିବା ପାଇଁ, ନିଜର ଭାବକୁ ପ୍ରକାଶ କରିବା ପାଇଁ ଉପଯୁକ୍ତ ଭାଷା ବ୍ୟବହାର କରିବାକୁ ସେମାନେ ହେଲାରେ ସୁଦ୍ଧା ଟିକିଏ ଚେଷ୍ଟା କରନ୍ତି ନାହିଁ । ଯାହା ଯେପରି ଭାବରେ ମନକୁ ଆସିଲା, ତାହା ସେହିପରି ଭାବରେ ଥୋଇଦେବା ତାଙ୍କର ଧର୍ମ । ସେହି ହେତୁରୁ ଓଡ଼ିଆ ଭାଷାର ଆଜି ଏ ଅବସ୍ଥା ।

କପିଳେଶ୍ୱର— କିନ୍ତୁ ସେଥିରେ କ୍ଷତି କଣ ? ଏପରି ଲେଖାଟି ବିଶେଷ ଭାବରେ ଠିକ୍, କାରଣ ଏହା ପ୍ରାକୃତିକ, ସ୍ୱାଭାବିକ, । ଚେଷ୍ଟା ଚରିତ୍ର କରି ଯେ ଭାଷା ତିଆରି, ସେ ଭାଷା ସ୍ୱାଭାବିକ ହେବ କିପରି । ତୁମେ ଅବଶ୍ୟ ସ୍ୱୀକାର କରିବ ଯେ କୃତ୍ରିମ ଭାଷା ଅପେକ୍ଷା ସ୍ୱାଭାବିକ ଭାଷାହିଁ ବେଶୀ ସୁନ୍ଦର ।

ମାଧବ— ତା ସ୍ୱୀକାର କରିବି । କିନ୍ତୁ ଆଜକାଲିକାର ଲେଖକମାନେ ଯେ ଭାଷା ଲେଖୁଛନ୍ତି ତା କଣ ସ୍ୱାଭାବିକ ? ସେମାନେ ଓଡ଼ିଆ ଘରୁ ସବୁବେଳେ ବଙ୍ଗଳା ବା ଇଂରେଜି ପଢ଼ିଲେ । ଫଳରେ ଲେଖିଲା ବେଳକୁ ଇଂରେଜି ବା ବଙ୍ଗଳାଟା ତାଙ୍କ ମନରେ ସବା ଆଗେ ପଡ଼ିଗଲା । ସେଇଟା

ସେ ଚଟ୍ କରି ଲେଖିଦେଲେ । ଏ ତ ସ୍ୱଭାବଜର ଲକ୍ଷଣ ନୁହେ । ମନୁଷ୍ୟ ଭାତ ଖାଇବାର କଥା । ତାକୁ ଯଦି କିଣ ଦୁଧ ଖାଇବାକୁ ଦିଅନ୍ତିଏ, ତା ହେଲେ କିଣ ଦୁଧଣ୍ଡା ତ ଖୀର ସ୍ୱଭାବର ଖାଦ୍ୟ ହବ ନାହିଁ । ଓଡ଼ିଆ ଲୋକଙ୍କର ଓଡ଼ିଆ ପଢ଼ିବାର କଥା, ସେ ଯଦି ବଙ୍ଗଳା ପଢ଼େ, ବଙ୍ଗଳା ଭାବେ ଓ ବଙ୍ଗଳା ଲେଖେ ତା ହେଲେ ତାର ସେଡ଼ିକା ସ୍ୱଭାବ ହବ ନାହିଁ ।

ହେରମ୍ବ— କିନ୍ତୁ ବଙ୍ଗଳା ଉନ୍ନତ ସାହିତ୍ୟ । ବଙ୍ଗଳା ନ ପଢ଼ିଲେ ନୂଆ ନୂଆ ଭାବ ଆସିବ କାହିଁ ?

ମାଧବ— ମୁଁ ବଙ୍ଗଳା ପଢ଼ିବାକୁ ନାହିଁ କରୁ ନାହିଁ । ନାହିଁ କରୁଚି ସବୁବେଳେ ବଙ୍ଗଳା ପଢ଼ିବାକୁ । ନାହିଁ କରୁଚି, ଓଡ଼ିଆ ଭାଷାରେ ଯଥେଷ୍ଟ ଅଭ୍ୟାସ ନ ହବା ପର୍ଯ୍ୟନ୍ତ ବଙ୍ଗଳା ପଢ଼ିବାକୁ ।

କପିଳେଶ୍ୱର— କିନ୍ତୁ ଓଡ଼ିଆ ଭାଷାରେ ପଢ଼ିବାକୁ ଅଛି କଣ ?

ମାଧବ— ପଢ଼ିବାକୁ ଅଛି ଅନେକ । ପ୍ରାୟ ହଜାରେ ବର୍ଷଧର କବି କର୍ଣ୍ଣିଙ୍କ ଠାରୁ ଆରମ୍ଭକରି ଗଙ୍ଗାଧରଙ୍କ ପର୍ଯ୍ୟନ୍ତ ଅସଂଖ୍ୟ କବି ଲେଖକ ଅସଂଖ୍ୟ ବହି ଲେଖି ଯାଇଚନ୍ତି ।

କପିଳେଶ୍ୱର— କିନ୍ତୁ ସେଥି ମଧ୍ୟରୁ ଅଧିକାଂଶ ତ ଦାଙ୍ଗସ୍ତ ଅଛିରସ ପୂର୍ଣ୍ଣ ।

ମାଧବ— ସାହିତ୍ୟରେ ନୈତିକତା ନାହିଁ, । ସାହିତ୍ୟକ, ଲେଖକ ବହିର ନୈତିକତା ନେଇ ଧାବେ ନାହିଁ । ସେ ଭାବ ବୁଝେ କଳା ନେଇ ।

ଭାଷା ନେଇ, ଭାବ ନେଇ । ବଙ୍ଗ ସାହିତ୍ୟରେ ସ୍ପିନ୍ସ ଓ ଇଲ୍‌ଟେଅର ଯଦି ସ୍ଥାନ ଥାଏ, ତା ହେଲେ ଉପେନ୍ଦ୍ରଭଞ୍ଜ ଦୀନକୃଷ୍ଣଙ୍କର ମଧ୍ୟ ଅଛି । ତା ପରେ ସବୁ ଲେଖାରେ କିଛି ଅଦରସ ନାହିଁ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଋତୁ ବର୍ଣ୍ଣନା, ଐଶ୍ୱର୍ଯ୍ୟ ବର୍ଣ୍ଣନା, ଯୁଦ୍ଧ ବର୍ଣ୍ଣନା, କରୁଣାତ୍ମକ ବର୍ଣ୍ଣନା, କୌଣସି ରସର ଅଭାବ ନାହିଁ । ତାକୁ ତ ପଢିପାର ।

କପିଳେଶ୍ୱର— ତା ହେଲେ ତୁମେ କଣ କହିବାକୁ ଚାହିଁ ଯେ ପ୍ରାଚୀନ ଓଡ଼ିଆ ସାହିତ୍ୟ ସୁନ୍ଦର, ଆଉ କେହି ନୁହେ ।

ମାଧବ— ମୁଁ ତା କେବେ କହି ନାହିଁ । କୌଣସି ପ୍ରକୃତିସ୍ଥ ଲୋକ ତାହା କହି ନପାରେ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସୁନ୍ଦର ପଦାର୍ଥ ଅଛି, ଅସୁନ୍ଦର ମଧ୍ୟ ଅଛି । ବୋଧହୁଏ କେତେକ ଗୁଣରେ ଅସୁନ୍ଦରର ମାତ୍ରା ସୁନ୍ଦର ଅପେକ୍ଷା ଅଧିକ । ଆଉରି ପୁଣି ସ୍ୱୀକାର କରୁଚି ବିଦେଶୀ ସାହିତ୍ୟରେ ଓଡ଼ିଆ ସାହିତ୍ୟର ସୌନ୍ଦର୍ଯ୍ୟ ଅପେକ୍ଷା ଅହୁରି ଅନେକ ଗୁଣ ବେଶୀ ସୁନ୍ଦର ଜିନିଷ ଅଛି ଯାହାକୁ କୌଣସି ସାହିତ୍ୟିକର ନ ଜାଣିବା ଖାଲି ଅଯୋଗ୍ୟତା ନୁହେଁ, ଗୋଟାଏ ମସ୍ତ ବଡ଼ ପାପ । ମୁଁ ଖାଲି ଏତିକି କହୁଚି ଯେ ଓଡ଼ିଆ ଭାଷାରେ ଓଡ଼ିଆ ସାହିତ୍ୟର ଶ୍ରୀ ଓ କଳେବର ବୃଦ୍ଧି କରିବାକୁ ଚାହେଁ, ତା ପକ୍ଷରେ ପ୍ରଥମେ ଓଡ଼ିଆ ଭାଷାରେ ନିଜର ଭାଷାକୁ ଅନୁପ୍ରାଣିତ କରି ତା ପରେ ଭାବ ନିମନ୍ତେ ଅନ୍ୟ ଭାଷା ଓ ସାହିତ୍ୟରେ ପଶିପାରେ, ଏତିମାତ୍ର ।

କପିଳେଶ୍ୱର— ଭକ୍ତ ରାଧାନାଥଙ୍କ ଠାରୁ ଆରମ୍ଭକରି ଅ—ବାବୁଙ୍କ ପର୍ଯ୍ୟନ୍ତ ଅନେକ ବଙ୍ଗାଳି ଲେଖକ ଓଡ଼ିଆ ସାହିତ୍ୟର ଶ୍ରୀ ବୃଦ୍ଧି କରିଚନ୍ତି । ଆମ୍ଭମାନଙ୍କର ମନେ ରଖିବା ଉଚିତ ଯେ ସେମାନେ ବଙ୍ଗାଳି । ସେମାନଙ୍କ ଲେଖାରେ ବେଳେ ବେଳେ ବଙ୍ଗଳା ବାକ୍ୟ ଓ ଶବ୍ଦ ପଶିଯାଇ ପାରେ । ତାକୁଇ ମାନିବାକୁ ଆପଣ ରାଜି ?

ମାଧବ— ନା, ତାକୁ ମାନିନେବାକୁ ମୁଁ ରାଜି ନୁହେଁ ।

କପିଳେଶ୍ୱର— କି ତା ହେଲେ ତୁମେ କଣ କହିବାକୁ ଚାହଁ ଯେ ସେମାନେ ଦୟାକରି ଓଡ଼ିଆ ସାହିତ୍ୟର ଚର୍ଚ୍ଚା କଲେ ବୋଲି ତାଙ୍କ ମାତୃଭାଷା ଛାଡ଼ିଦେବେ ? କି କୃତଘ୍ନତା !

ମାଧବ— ଏଥିରେ କୃତଘ୍ନ, ଅକୃତଘ୍ନ ହେବାର କୌଣସି କାରଣ ନାହିଁ ଯଦି କୌଣସି ବଙ୍ଗାଳି ବନ୍ଧୁ ପ୍ରକୃତରେ ଏ ସାହିତ୍ୟର ଉନ୍ନତି ନିମନ୍ତେ ଲେଖିବାକୁ ଯାନ୍ତି, ତା ହେଲେ ତାଙ୍କର ବୁଝିବା ଉଚିତ ଯେ ସେ ଓଡ଼ିଆ ଲେଖିବେ, ବଂଗଳା ନୁହେଁ । ପ୍ରକୃତରେ ସାଧୁ ଉଦ୍ଦେଶ୍ୟ ପୋଷି ଏବଂ ଓଡ଼ିଆ ସାହିତ୍ୟ ପ୍ରତି ବାସ୍ତବ ଅନୁରକ୍ତତା ସହିତ ଯେ ଓଡ଼ିଆ ଲେଖିବ, ସେ ବଂଗଳା ତା ଭିତରେ ପୂରାଇ ପାରିବ ନାହିଁ । ଉଦାହରଣ ସ୍ୱରୂପ ରାଧାନାଥ, ପ୍ୟାରିମୋହନ ଓ ରାମଶଙ୍କର । ସେମାନଙ୍କ ଭାଷାରେ ତୁମେ ଗୋଟିଏ ବଙ୍ଗଳା ଶବ୍ଦ ବା କଥ୍ୟ ପାଇବ ନାହିଁ । କିନ୍ତୁ ଯେଉଁମାନେ ନିଜ ଜାତି ଓ ସାହିତ୍ୟର କଲ୍ୟାଣ କରିବା ପାଇଁ ଓଡ଼ିଆ ସାହିତ୍ୟ ଓ ଜନସାଧାରଣଙ୍କ ପ୍ରତି ଅନୁଗ୍ରହ କରି ଓଡ଼ିଆରେ ଲେଖିବାକୁ ଇଚ୍ଛା କରନ୍ତି— ସେହି ମାନଙ୍କର ଭାଷାରେ ବଂଗଳାର ପ୍ରାଦୁର୍ଭାବ ବେଶୀ । ଓଡ଼ିଆ ସାହିତ୍ୟ ତାର ଅଙ୍ଗ ପୁଷ୍ଟି ନିମନ୍ତେ କାହାରି ଅନୁଗ୍ରହକୁ ଅପେକ୍ଷା କରେ ନାହିଁ । ପ୍ରକୃତରେ ଭିକ ମାଗ ପେଟ ପୋଷେ ନାହିଁ । ଅନୁଗୃହୀତ ଓଡ଼ିଆ ସାହିତ୍ୟ କେବେ ଉନ୍ନତ ହୋଇ ପାରିବ ନାହିଁ ।

ଏତିକି ବେଳେ ପଛଆଡ଼ୁ ଜଣେ ବୃଦ୍ଧଙ୍କ ଭକ୍ତ ଉଠିପଡ଼ି କହିଲେ, "ଅଚ୍ଛା, ଆପଣମାନେ ଯେ ସବୁ ବୋଲା ବୋଲି ହଉଛନ୍ତି, ଅ[illegible] ଗୁଡ଼ାକ ସେଥିରୁ କିଛି ବୁଝି ପାରିଲୁ ନାହିଁ । ଆମର ଯେପରି ମନେ ହଉଛି,

ଅପଣମାନେ ନିଜ ନିଜ ଭିତରେ ଗାଳି ଦିଅ ଦେଇ ହଉଛନ୍ତି । କଳଗୋଳ ଶୁଣିବାକୁ ଭଲଲାଗେ । କିନ୍ତୁ କଳଗୋଳଟା ଝୁଙ୍ଗିପାଡ଼ିବା ପରି ଭାଷାରେ ହେବା ଉଚିତ । ତା ନ ହେଲେ ବଗିଡି କଲପରି ସେଗୁଡାକ ଖାଲି କାନକୁ ଲଗିବ । କଣ ରାଧାନାଥ ଉପେନ୍ଦ୍ରଭଞ୍ଜଙ୍କ କଥା ପଢ଼ିଥିଲ । ମୁଁ ଥରେ ରାଧାନାଥଙ୍କ ବହି ପଢ଼ିଥିଲି । ଦେଖିଲି ସେଥିରେ ସବୁ ମାଇକିନିଆ ବୁଡିଙ୍କ ଦୋମହଳଣୀ । ତା ନା କଣ ? ସେଇମ, ଯେ ଚନ୍ଦ୍ରଭାଗଦେବଙ୍କ କୁଟୁଣୀ ହେବା ପାଇଁ ରାଜ୍ୟ ସମ୍ପଦ ଶେଷକୁ ବାପର ଜୀବନ ପର୍ଯ୍ୟନ୍ତ ଦେଇଦେବ । ନହେବ ? ହଁ, ହଁ ନହେବ । ବାପରେ, ଏଡ଼େ ଅଲାଜୁକ ସେ ମାଇକିନିଆ । ତା ଉତ୍ତାରୁ ଗୌରୀ । ଛି, ଛି, ଲଜ୍ଜାର କଥା ମନେପଡ଼ିଲେ ମୁଣ୍ଡ ନଇଁଯାଏ । ଭଲା ଘର ଝିଅ, ପାଠ ଶାଠ ପଢି, ଭିତରେ ଭିତରେ ଏଇ କଥା । ପାର୍ବତୀ କଥା ତ ନ କହିବା ହିଁ ଭଲ । କାରଣ ସେ କଥା ତୁଣ୍ଡରେ ଧରିଲେ ବି ପାପ । କିନ୍ତୁ ବାବୁମାନେ ସେ ଭୂମିକୁ ସୁନ୍ଦର ଲଗିଲ । ଉପେନ୍ଦ୍ରଭଞ୍ଜର ଲବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମସୁଧାନିଧି ସେଥିରେ ସବୁ ନାୟିକାମାନେ ବାହା ନ ହେଲେ ନାୟକମାନଙ୍କ ପାଖକୁ ଯାନ୍ତି ନାହିଁ କି କଥାବାର୍ତ୍ତା ମଧ୍ୟ ହୁଏ ନାହିଁ । ବାହାହେଲା ଉତ୍ତାରୁ ସେ ତାଙ୍କ ଶୋଇଲା ଘରେ ଯାହା କଲେ, ସେଗୁଡାକ କଣ ତୁମେ ସବୁ କର ନାହିଁ ହେ ବାବୁ, ତୁମ ବାବୁଆଣୀମାନଙ୍କ ସାଙ୍ଗରେ ! ଅଥଚ ସେଗୁଡାକ ଅସୁନ୍ଦର । ହଉ ହଉ ବାବୁ । ଯେଝା ରୁଚି ତାକୁ । ତେବେ ତା ଲାଗି ବାଡ଼ିଥିବାଡ଼ି କଥାରେ ହେଲେ କଣ ହେବ ବାବୁ-ମାନେ, ସେତିକି ଯଦି କରେଇ ଦିଅନ୍ତି, ବାହା ବୁଢ଼ା ନ ହେଇ ଯଦି ଇମିତି ପିଲାଙ୍କ ଲଗିବାର ବ୍ୟବସ୍ଥାଟା କରାଇ ପାରନ୍ତି, ତା ହେଲେ ଆମେ ଗଉଳ ବାପୁଡ଼ାଙ୍କ ରକ୍ଷା ପାଇ ଯାନ୍ତି । ପିଲା, ମାଇପ, ଭାଇ ଭଉଣୀଙ୍କ କାଉ କାଉରେ ହାଣି ହାଣି ହୋଇ ଆମେ ଦେବ ଥରେ ଏ କଲିକତା ସହରରେ ଗୁବୁକ ଗୋଇଠା ଖାଇ ମରି ବୁଲନ୍ତୁ ନାହିଁ । ଅଣାକରି ଅଣିଥିଲୁ, ଆମ

ଗରିବ ବାପୁଡ଼ାଙ୍କ କଥା କିଛି ବୁଝିବ ବୋଲ । ତା ତ ହେଲା ନାହିଁ, ଅଚ୍ଛ ମନ୍ଦୁରିଷ୍ଟ ଅଣ୍ଟାଏ ଖାଲ ଭୁମ ପେଟକୁ ଗଲା ।” ବାବୁ-ଭାୟା ମାନେ ସମସ୍ତେ ଏକ ସ୍ୱରରେ ହେ, ହେ, ଏତ୍ୟା କଏରେ ? ବାହାର କରିଦଅ ହାତ—ଟୋ କେଉଁଠି ତାକୁ ଦୂର ଦୂର ମାର ମାର କଲେ । ସେ ବିଚରା ପଳାଇଗଲା । ଗଲାବେଳେ ଭୁରୁ ଭୁରୁ କରି ଯାହା କହିଗଲା, ସେ ଗୁଡ଼ାକ ଶୁଣିଥିଲେ ବାବୁମାନଙ୍କର ମନକୁ ପାଇ ନଥାନ୍ତା ଟଗ ।

ତା ପରେ ସଦାଶିବ ବାବୁ ଉଠିଲେ । କହିଲେ, “ଭାଇମାନେ ! ଏ ଯୁକ୍ତି ତର୍କତ ସରିଲା । ସଭାପତି ଭାବରେ ମୋର ପଦେ ଅଧେ କହିବାର କଥା । ମୁଁ ସେହି ହେତୁରୁ କହିଥିଲ ଯେ ଏ ସବୁ ବିଷୟରେ ସମାଧାନ କରି ଗୋଟାଏ ଅଦର୍ଶ ଠିକ କରିବା ପାଇଁ ଗୋଟିଏ ସଭା ବସା— ।” ସେଇଠି ଠକ୍ କରି ଅଟକିଗଲେ । ତାଙ୍କ ମୁହଁ କଳା ପଡ଼ିଗଲା । ପାଟି ଶୁଖ ମାରିଗଲା ଅଖିଗୁଡ଼ାକ ଯେପରି କୋରଡ଼ ଭିତରୁ ଛିଟିକ ବାହାରି ଅସୁଚ ସେହିପରି ହୋଇ ସେ ବାହାର ଦୁଆର ଅଡ଼କୁ ଚାହିଁ ରହିଲେ । ଠିକଏ ମାଣ । ଯେପରି ସେ ଭୂତ ଦେଖିଛନ୍ତି । ଦୁଆର ପାଖରେ ଅଉ କେହି ନଥିଲେ । ମାସ ଯୋଇବାରୁ । ମୁହୂର୍ତ୍ତେ ମାସ ଚାହିଁଦେଇ ଯୋଇବାରୁ ଚାଲିଗଲେ । ସଦାଶିବବାବୁ ଅଉ କିଛି କହିପାରିଲେ ନାହିଁ । ତାଙ୍କର ଏ ଭାବ ଦେଖି ବ୍ରଜବାବୁ ତାଙ୍କ ପାଖକୁ ଉଠିଗଲେ କହିଲେ “କଣ ହେଲା’ କଣ ହେଲା । ଅପଣଙ୍କର ସଦାଶିବ ବାବୁ ନାଇଁ, ମୋ ଦେହଟା କିପରି ହିମି ୨ ଲାଗୁଚି । ମୁଁ କିଛି କହିପାରିବି ନାହିଁ । ଶସ୍ତ୍ରେ ଗାଡ଼ି ଡାକିଦିଅ, ମୁଁ ବସାକୁ ଫେରିଯିବି ।

# ୧୪

"ଶ୍ୟାମ, ଶ୍ୟାମ ! ଅଲୋ ଏ ବୋହୂ, ଶ୍ୟାମ ଗଲା କେଣେ ?" ଶ୍ୟାମ ବାବୁଙ୍କର ମା । ପାଚିଲା ଅମ୍ବପରି ଗୋରୀ ଦେହି, ଚମ ଝୁଲୁ ଝୁଲୁ । ବୁଢ଼ୀ ତୁଳସୀ ଚୌରାମୂଳେ ବସି ମାଳି ଗଡ଼ଉ ଗଡ଼ଉ କଣ ମନେ ପଡ଼ିଗଲା କେଜାଣି ପୁଅକୁ ଡ଼ାକ ପକେଇଲେ । ବୋହୂ କୁମୁଦିନୀ ଦେବୀ ଅଗଣାରେ ବସିଥାନ୍ତି । ଦୁଇ ବର୍ଷର ପିଲାଟିଏ ଠୁକୁରୁ ଠୁକୁରୁ ହୋଇ କେତେବେଳେ ଧାଉଁଛି, କେତେବେଳେ ଚକ୍କା ଭଉଁରି ବୁଲୁଛି । ବୁଢ଼ୀଙ୍କ ଡ଼ାକକୁ ଛଡ଼େଇ ନେଇ ପିଲାଟି ଖତେଇ ହୋଇ କହିଲା । "ଛମ, ଛମ ।" କୁମୁଦିନୀ ଶାଶୁଙ୍କ ପ୍ରଶ୍ନ ଶୁଣି କହିଲେ, ମୁଁ କିପରି କହିବି ମା, ସେ କେତେବେଳେ କେଣେ ଯାଉଛନ୍ତି, କି କରୁଛନ୍ତି ମତେ କି ହିସାବ ଦିଅନ୍ତି ?" କୁମୁଦିନୀ ଦେବୀ ବୟସ ଉଣିଶି ଭିତରେ । ଅତ୍ୟନ୍ତ ସୁନ୍ଦର ବର୍ଣ୍ଣ, ସଦ୍ୟ ପଦ୍ମଫୁଲ ପରି ଉଜ୍ଜ୍ୱଳ, ଚଞ୍ଚଳ ମୁହଁଟିରେ ଥରଥର ଢଳ ଢଳ କଳା ଡୋଳା ଯୋଡ଼ିକ ସ୍ଥିର ଶିଶିର ବିନ୍ଦୁ ଦୁଇଟିପରି ଝଳ ଝଳ କରୁଛି । କଥା କହିଲା ବେଳେ କି ହସିଲା-ବେଳେ ତାଙ୍କ ଗଣ୍ଡଦେଶରେ ଦୁଇପଟେ ଦୁଇଟି ଖାଲ ହୋଇଯାଏ ଆଉ ସେତେବେଳେ ନାଲି ଓଠ ଦୁଇଟି ଏପରି ଭାବରେ କୁଞ୍ଚି ହୋଇଯାଏ ଯେପରିକି ସେ ଚୁମ୍ବନ ଦେବାପାଇଁ ପ୍ରସ୍ତୁତ ହେଉଛନ୍ତି । ଦାନ୍ତ ଗୁଡ଼ିକ ସାମାନ୍ୟ ପାନ ବୋଳରେ ରକ୍ତ ଜବାର ରଙ୍ଗ ଛଡ଼ାଇ ନେଇଛି । ହାତରେ

ଚିତାକୁଆ । ଚିବୁକରେ କଳାଟାଇ ମନାଇଁଏ । ବୁଢ଼ୀ ତାଙ୍କ ଅଡ଼କୁ ସ୍ନେହର ଗୋଟିଏ ତରଳ ଚାହାଣି ମାରି କହିଲେ, "ଏଇଠାରେ ତ ତୋର ଦୋଷ, ତୋର ଭୁଲ୍ । ତୁ ପିଲା । ବୁଝିପାରୁନାହୁଁ । ପୁରୁଷ ଜାତି ସେଉଳମାନ୍ତ ପଇଡ଼ ଖସଡ଼ଅ । ଟିକିଏ ହାତ ମୁଠା କୋହଳ ହେଲେ ସେ ମାଡ଼ିବେ ଏପରି ଉଠି ଯେ ଆଉ ହଜାରେ ଗୋଡ଼ାଇଲେ ପାଇବୁନାହିଁ । ମୋର ମନେ ଅଛି, ତୋ ଶଶୁର ଠିକ୍ ଏ ଶ୍ୟାମପରି ଥିଲେ । ନିଶା ଖାଇବା, ଡଲ୍ଟା ଖେଳିବା ତାଙ୍କର ସ୍ୱଭାବ । କିନ୍ତୁ ତାଙ୍କ ଜୀବନ ସାରା ମୁଁ ଏପରି ଚିପି ଧରିଥିଲି ଯେ ସେ ମତେ ଡ଼ରି ଡ଼ରି ଚଳୁଥିଲେ ମୁଁ ଉଠ୍ କହିଲେ ଉଠିବେ, ବସ କହିଲେ ବସିବେ ।"

କୁମୁଦିନୀ—କିନ୍ତୁ ମା, ସେଥିରେ ଲାଭ କିସ ? ସେ ଯଦି ତାଙ୍କ ମନକୁ ମନେ ଭଲ ନ ପାନ୍ତି, ତାଙ୍କୁ ନ୍ତୁ ଧକଟି କି ମୁଁ ସ୍ନେହ କରାଇପାରିବି । ତୁମରି କଥାରେ, ହେଲା ମୁଁ କଥାରେ, ଭଙ୍ଗୀରେ, ଚେଷ୍ଟାରେ ତାଙ୍କ ଜବତ କଲି, କିନ୍ତୁ ସେଥିରେ କିସ ହେବ ? ତାଙ୍କ ମନ ଯେବେ ମତେ ଛାଡ଼ି ଅନ୍ୟ କାହା-ଅଡ଼କୁ ଯାଏ, ତା' ହେଲେ ତାଙ୍କୁ ଏପରି ଜବତ କରିବାରେ ତାଙ୍କ ମନ ମୋ ଅଡ଼କୁ ଫେରି ଆସିବ ନାହିଁ । ବରଂ ଡ଼ରି ମରି ରହିଲେ ମଧ୍ୟ ସେ ମନେ ମନେ କାନ୍ଦୁଥିବେ, ମତେ ବିରକ୍ତ ହେଉଥିବେ । ମତେ ଅଭିଶାପ ଦେଉଥିବେ । ସେଥିରେ ମୋର କି ସୁଖ ? ଅଉ ତାଙ୍କର ବା କି ସୁଖ ।

ବୁଢ଼ୀ—ପୁରୁଷ ଗୁଡ଼ାଙ୍କର ପୁଣି ମନ କିସ ଲୋ । 'ମ' ଅମ ମନରେ ତ ତାଙ୍କ ମନ । ତୁ ଇସିତ କଲେ ଚଳପାରିବୁ ନାହିଁ ମା, ମୁ ଶ୍ୟାମକୁ ବେଶ୍ ଜାଣେ, ତୁ ଟିକିଏ ହାଣ୍ଡୁଅ ନହେଲେ ସେ ତତେ ଫାଙ୍କି ଦେବ । ବାର ହିନ ଅବସ୍ଥା ହେବୁ । ଏତିକିବେଳେ ପିଲାଟି ଡାକିଦେଇ କହି ଉଠିଲା "ଥିକ୍ ଥିକ୍" ବୁଢ଼ୀ କହିଲେ "ଶୁଣିଲୁ ମୋ, ପିଲା ତୁଣ୍ଡରେ ଠାକୁର କହିଦେଲେ"।

କୁମୁଦିନୀ ପିଲାଟିକୁ କୋଳକୁ ଟାଣିନେଇ ଗୋଟିଏ ଚୁମ୍ବନଖାଇ କହିଲେ "ହଇରେ ଟୁନୁ ବାପା ପରି ଅମକୁ ନ ପଚାରିକେ କସ କରିବା କହିଲୁ ପିଲାଟି ବାପାକଥା ଶୁଣିଲାକ୍ଷଣି "ବାପା ଇବ" ମୁଁ ବାପା ଇବ, କହି ଅଡ଼ଟ ହୋଇ ବସିଲା । କୁମୁଦିନୀ "ଦୂର ଦୁଷ୍ଟ ପିଲା" କହି ତାକୁ କାଖେଇ ପକେଇ ଏଣୁ ତେଣୁ ନାନା କଥା କହି ତା ମନ ବହଲେଇବାକୁ ଲାଗିଲେ । ଏତିକି-ବେଳେ ଶ୍ୟାମ ବାବୁ ଅସି ବାଡଘର କବାଟ ପାଖରେ ଠିଆ ହୋଇ ଚାହିଁ ଦେଲେ ମା'ପିଲାଙ୍କର ଏଇ କାଣ୍ଡ ଲାଗିଚି । ତାଙ୍କର ଚକ୍ଷୁ ସ୍ନେହ ଓ ଅନ-ଲାସରେ ଉଜ୍ଜ୍ୱଳ ହୋଇ ଉଠିଲା । କୁମୁଦିନୀ ଦେଖିଲେ ସ୍ୱାମୀ ଦୁଆର ମୁହରେ । ସେ ସ୍ୱାମୀଙ୍କ ଅଡ଼କୁ କୃଇପଡ଼ ମୁହଁରେ ଚୁମ୍ବନର ଚହ୍ନ ଦେଖାଇ ଝବକ୍ ବିଜୁଳି ପରି ସେ ସ୍ଥାନରୁ ପଳାଇ ଗଲେ । ପିଲାଟିକୁ ଛଳେ ଥୋଇ-ଦେଇ ଯାଇଥିଲେ । ସେ ବାପାକୁ ଦେଖି "ବାପା, ବାପା" କହି ଧାଇଁ ଯାଇଁ ଶ୍ୟାମବାବୁଙ୍କର ଦିଗୋଡ଼କୁ ତାର ଛୋଟ ଛୋଟ କୋମଳ ହାତ ଦୁଇ-ଟିରେ ଣ୍ଡୋଇ ପକାଇଲେ । ଶ୍ୟାମବାବୁ ପୁଅକୁ କାଖେଇ ପକେଇ ଗୋଟିଏ ଚୁମ ଖାଇଲେ ଓ ଚାଲ ଚାଲି ମାଙ୍କ ପାଖକୁ ଗଲେ । କହିଲେ "ମା, ମତେ ଡାକୁଥିଲ" । ବୁଢ଼ୀ ମୁଣ୍ଡ ହଲାଇ ତୁଳସୀ ମାଳାଟି ତାଙ୍କ ହାଥରେ ଥୋଇ କହିଲେ "ହଁ, ବାପ, ମୁଁ ବୁଢ଼ୀ ହେଲଣି ଅସ । ଏ ଘର ଜଞ୍ଜାଳରେ କେତେଦିନ ଝାଁଣି ଝାଁଣି ହେବି । ମୋର ଇଚ୍ଛା, ଏ ଦିନ କେତୋଟି ପୁରୀରେ ମହାପ୍ରଭୁଙ୍କ ଚରଣତଳେ କଟାଇ ଦିଅନ୍ତି । ମତେ ପୁରୀ ନେଇ ଛାଡ଼ଦେଇଅ' ବାପ "। ଶ୍ୟାମ ବାବୁଙ୍କ ମୁହଁ ଗମ୍ଭୀର ହୋଇଗଲା । ସେ କିଛି ସମୟ ଚକିତ ପରି ବସି ରହି କହିଲେ, ଅଉ କିଛିଦିନ ଯାଉ, ସେ ଦେଖା ଯିବ ।

ବୁଢ଼ୀ—ନା, ଅଉ କିଛିଦିନ ଗଲାବେଳକୁ ହୁଏତ ମୁଁ ମରି ଯାଇଥିବି । ମୁଁ ଏଇ ପନ୍ଦର ଦିନ ମଧ୍ୟରେ ଯିବି, ତୁ ସବୁ ସଜିଲ୍ କର ।

ଶ୍ୟାମ—ମୋ ପକେଟରେ ତ ପଇସା ପଦେ ଛଲେ ନାହିଁ ।

ବୁଢ଼ୀ—ହଁ, ତୋର ମଦ ଖାଇବାକୁ ପଇସା ପଦେ ଅଛି, ଆଉ ମୋର ଧର୍ମ କାର୍ଯ୍ୟକୁ ପଇସା ନାହିଁ । ପନ୍ଦରଦିନ ମଧ୍ୟରେ ତୁ ଯେମିତେ ପୁରୀରେ ରଖିଥ, ନହେଲେ ଭଲ ହେବନାହିଁ, କହି ରଖୁଚି ।

ଶ୍ୟାମବାବୁ ଦେଖିଲେ ଏ ପନ୍ଥା ଧରି କିଛି ଲାଭ ନାହିଁ । ସେ ପୁଣି କହିଲେ ତା ବା ହେଲା । କିନ୍ତୁ ତୁମେ ସେଠି ଚଳିବ କିପରି ? ବୁଢ଼ୀ ମଣିଷ, ଅଜଣା ରାଜ୍ୟ ।

ବୁଢ଼ୀ—ସେ ଚିନ୍ତା କରିବା ତୋର ଦରକାର ନାହିଁ । ମୁଁ ସାଙ୍ଗରେ ମଧୁଅକୁ ଆଉ ବାମା ମାଁକୁ ନେବି । ଯେମିତେ ମନ୍ଦିର ପାଖରେ ଖଣ୍ଡିଏ ଘର ଭଡ଼ା କରିଦେଲେ ଆମେ ସବୁ ବେଶ୍ ଚଳିଯିବୁଁ । ମୂଳକଥା ପଇସା । ଘର-ଭଡ଼ା, ଆମର ଚଳିବା ଖର୍ଚ୍ଚ ଆଉ ମୋର ଦାନଧର୍ମ ପାଇଁ ମାସକେ ଅନ୍ତତଃ ୧୮୦ ଦରକାର ।

ଶ୍ୟାମ—୧୮୦୲ ଟଙ୍କା ? ପ୍ରତି ମାସରେ ୧୮୦୲ ଦବାପାଇଁ ମୋର ଯସ୍ଥାନ ନାହିଁ ମା ?

ବୁଢ଼ୀ—ସେ ସବୁ କଥା ମୁଁ ଜାଣେ ନାହିଁ । ତୁ ଚୋରି କର, ନାଲି-କର, ମତେ ଦବାକୁ ହେବ । ତୁ ଅଉ ପୁଅ ହୋଇ ମୋର କଲୁକିଣ ?

ଶ୍ୟାମବାବୁ ଗମ୍ଭୀର ହୋଇ କିଛି ସମୟ ବସି ରହିଲେ । କଣ ଯେପରି କହିବାକୁ ମନ କରୁଛନ୍ତି, ପୁଣି ଭୟରେ କହି ପାରୁନାହାନ୍ତି । ଶେଷରେ ସାହାସ କରି କହିଲେ । ମା, ମୁ ଗୋଟିଏ କଥା ଭାବୁଚି । ତୁମେ ଯେବେ ସେଥିରେ ମତ ଦବ, ତା ହେଲେ ଆମର ଅଭ ଏ ଅସୁବିଧା ଅଳ୍ପବ ରହିବ ନାହିଁ ।

ବୁଢ଼ୀ—ସେ କ'ଣ କଥା ?

ଶ୍ୟାମ—ତୁମେ ଜାଣ ପ୍ରମିଳାର ସମ୍ପତ୍ତି ମୁଁ ବର୍ତ୍ତମାନ ବୁଝା ସୁଝା କରୁଛି । କିନ୍ତୁ ପ୍ରମିଳା ଯେପରି ନାଅଁ ଗେଲ ଲୋକ, ସେ ସମ୍ପତ୍ତିର ଅଧିକ ବେଶୀ କିଛି ହାତ ମାରିବା ସମ୍ଭବ ହେଉନାହିଁ । ଯଦି ପ୍ରମିଳାକୁ ମୁଁ ବାହା—

ବୁଢ଼ୀ—ପାଗଳ ହେଲୁ ନା କିସ ? ବୋହୂମାର ଅବସ୍ଥା କ'ଣ ହବ ? ନୂଆଁର ଅବସ୍ଥା କ'ଣ ହବ ?

ଶ୍ୟାମ—ବୋହୂମା ତ ଘରର ମୁରବି । ଘରର ମୁରବି ହିଁ ରହିବ ଚିରଦିନ । ମୁଁ ତ ପ୍ରମିଳାକୁ ସ୍ନେହବଶରେ ବୋଲି ତାକୁ ବାହା ହବାକୁ କହୁନାହିଁ । ବରଂ ମୁଁ ତାକୁ ଅନ୍ତରର ସହିତ ଘୃଣା କରେ । ଖାଲି ତାର ସମ୍ପତ୍ତିଟା ହେତୁରୁ ମତେ ଏଣ୍ଣା କରିବାକୁ ପଡୁଛି । ଥରେ ବିବାହଟା ହୋଇଗଲେ ସମ୍ପତ୍ତି ମୋ ହାତକୁ ଆସନ୍ତା । ତା ପରେ ଦେଖନ୍ତ ସେ ଲୋକ କେତେ ଜବର !

ବୁଢ଼ୀ— କିନ୍ତୁ ଶ୍ୟାମ କିଦ ଦେଖିଚୁ, ତୁ କିସ କରିବାକୁ ଯାଉଚୁ ! ପ୍ରମିଳାର ମା ମଲାବେଳେ ବିଶ୍ୱାସକରି, ତାର ଝିଅ, ଆଉ ସମ୍ପତ୍ତି ବାଉ ତୋ ଜିମା କରିଦେଇଚି । ତୁ ଏ ଯେ ମତଲବଧରିଛୁ ଏ ବିଶ୍ୱାସରେ ବିଷ ଗାଢ଼ିବା କଥା । ମହାପାପ ।

ଶ୍ୟାମ— ତୁମେ ତ ଇଲାଗେ କହିଲ ଯେ ମୁଁ ଚୋରି କରେଁ ନାସି କରେଁ, ତୁମକୁ ପଇସା ଜୋଗାଇବ.କୁ ହବ ବୋଲି । ଆଉ ଏତେ ବେଳକୁ ପାପ ପୁଣ୍ୟର କଥା ପଡ଼ିଲା କେନେ ? ତା ପରେ ମା, ଏହିପରି ଗୋଟାଏ କିଛି ଉପାୟ ନ କଲେ ଆଉ କେଁଷ ଦିନ ଚାଟିଟାରେ ଯେ ମତେ ଦାଣ୍ଡରେ ବସିବାକୁ ହବ ।

ବୁଢ଼ୀ— ବାଣ୍ଡରେ ବସିବାକୁ ହବ ? ତୁ କସ କହୁଚୁ ଶ୍ୟାମ ? ଥ ର ଜମିଦାର ଥାଉଁ ଥାଉଁ......

ଜମିଦାରୀ ଆଉ ନାଇଁ ମା । ସରକାର ସ୍ୱତ୍ୱ ଦୂର କରିବ ଜୁଆଇ ନ ପାରି ଜମିଦାରୀ ସ୍ୱତ୍ୱସାହେବ ମହାଦେବ ପଣ୍ଡାଙ୍କୁ ବନ୍ଧକଦେଇ ଗୁଜୁରାଣ ମେଣ୍ଟେଇଚ । ଏଣେ ପ୍ରଜାମାନେ ଖଜଣା ଦବାକୁ ନାହାନ୍ତି । ନାଲିସକରି ଖଜଣା ଅଦାୟ କରିବାକୁ ମଧ ମୋ ପାଖରେ ପଇସା ନାହିଁ । ତା ଉପରେ ଏତେ ବଡ଼ ସଂସାରର ଖର୍ଚ୍ଚ ।

ବୁଢ଼ୀ— ସେଇ ଜମିଦାରିର ଅପୃଷ୍ଟ ତୋର ବାପା ସ୍ୱତ୍ୱ ଦେଇ ଘର ସଂସାର ଚଳା ଭଲ ଚଳେଇ କେତେ ମହାଜନ ବ କରୁଥିଲେ । ଆଉ ତୁ ତାର ଅପୃଷ୍ଟ ସ୍ୱତ୍ୱ ମଧ ଦେଇ ପାରିଲୁ ନାଇଁ ?

ଶ୍ୟାମ—ଅପୃ କାହିଁ ମା ? ଅଜ-କାଲି ଯେପରି ସମୟ ପଡ଼ିଚ, ସେଥିରେ ପ୍ରଜାଙ୍କ ହାତରେ ପଇସା ନାଇଁ । ଧାନ ମହଜ ଦଣଣା ବାରଣା । ସେ ଖଜଣା ଦବାକୁ ନାହାନ୍ତି । ଧାନ ଯାହା ତାକୁ ଣାଗ ମାତ୍ର ମୂଲ୍ୟରେ ବିକଲେ ବ ଗୁଜୁରାଣ ମେଣ୍ଟିବା ଅସମ୍ଭବ । ବୁଢ଼ୀ ଅନେକ ସମୟ ନୀରବ ହୋଇ ରହିଲେ । ତା ପରେ କହିଲେ, "ତା ହେଲେ କ ଏ କଥା ଛଡ଼ା ଆଉ କିଛି ଉପାୟ ତୋର ନାଇଁ ?"

ଶ୍ୟାମ— ଆଉ କିଛି ଥିଲେ କ ମୁଁ ଏ୍ୟା କରିବାକୁ ଯାନ୍ତି ।

ବୁଢ଼ୀ ଡ଼ାକିଲେ, "ବୋହୂ, ଅଲେ ବୋହୂ, ଏଆଡ଼େ ଆସିଲୁ !"

କୁମୁଦିନୀ ଧୀର ମନ୍ଥର ଗତିରେ ଆସିଲେ । ସ୍ୱାମୀଙ୍କ ଅଡ଼କୁ ଟିକିଏ ଚାହିଁ ଓଢ଼ଣାଟି ଟାଣି ଶାଶୁଙ୍କ ପାଖରେ ଯାଇ ବସି ରହିଲେ । ତାଙ୍କର ସେ ଚାହାଣୀରେ କେତେ ଭର୍ତ୍ସନା, କେତେ ବେଦନା ଲୁଚିଥିଲା କେଜାଣି ଶ୍ୟାମ ବାବୁଙ୍କର ମୁହଁ ଶୁଖି କଳାକାଠ ପଡ଼ିଗଲା ।

ବୁଢ଼ୀ— ଶ୍ୟାମ କଅଣ କହୁଛି ଶୁଣିଚୁ ମା ?

କୁମୁଦିନୀ— ଶୁଣିଚି ! କବାଟ ଉହାଡ଼ରେ ଥାଇ ସବୁ ଶୁଣିଚି ।

ବୁଢ଼ୀ— ତୋର କ କିଛି କହିବାର ନାହିଁ ?

କୁମୁ— ନାହିଁ ମା ।

ବୁଢ଼ୀ ଆଶ୍ଚର୍ଯ୍ୟ ହୋଇଗଲେ । ବୋହୂ ମୁହଁକୁ ଚାହିଁ କହିଲେ, "ଏ କଅଣ ଡ ମା ! ଏପରି ତ ମୁଁ କେବେ ଶୁଣି ନାହିଁ । ତୋର ମନରେ କଅଣ ଅଛି କହତ ମା ମୋର ! ତୁ କଣ ଆପଣା ପ୍ରାଣ ହରେଇ ଦବୁବୋଲି ! ତା ନ ହେଲେ ଏତେ ଉଦାସିନୀ ହେବୁ କିପରି !"

କୁମୁଦିନୀଙ୍କର ସ୍ୱର କାନ୍ଦି ଉଠିଲା । ଆଖି ଛଳ ଛଳ ହୋଇଗଲା । ସେ ପଣତ କାନିରେ ଆଖିର ଲୁହ ପୋଛିଦେଇ କହିଲେ, "ନାହିଁ ମା, ପ୍ରାଣ ହରେଇବାର ଇଚ୍ଛା ନାହିଁ । ତାର କାରଣ ପ୍ରଥମ ମୋ ଝିଅର କଅଣ ହେବ ! ସାବତ ମା ହାତରେ ପଡ଼ିଲେ ସେ କେତେ କଷ୍ଟ ନ ପାଇବ ! ଦ୍ୱିତୀୟରେ ମୁଁ ପ୍ରାଣ ହରେଇଦେଲେ ପ୍ରମିଳାର ଲାଭ ହେବ । ମୁଁ ତା ହବାକୁ ଦେବିନାହିଁ ସ୍ୱାମୀ ମୋର ! ମୁଁ ଯଦି ସତୀ ହୋଇଥିବି, ଯଦି ମୁଁ ପ୍ରକୃତରେ ସ୍ୱାମୀ ଦେବତାଙ୍କୁ ସମୁଦାୟ ମନ ପ୍ରାଣ ଦେଇ ଭଲ ପାଉଥିବି, ତା ହେଲେ ପ୍ରମିଳାର କି ସାଧ ସେ ମୋର ସ୍ୱାମୀଙ୍କୁ ମୋ ଠାରୁ ଛଡ଼ାଇନେବ ! ଏ ସଂସାରରେ ତ କେଉଁଠାଏ ଧର୍ମ ଅଛି ।

ବୁଢ଼ୀ ବୋହୂକୁ କୋଡ଼କୁ ଟାଣିନେଇ କହିଲେ, "ଧନ୍ୟ ମା ତୋ ଛାତିର ଦମ୍ଭ, ତୋର ପତିଭକ୍ତି ! ଏ କଳିକାଳରେ ଏପରି କଥା ବଡ଼ ବିଚିତ୍ର, ବଡ଼ ଅଦ୍ଭୁତ । ମୁଁ ଆଶୀର୍ବାଦ କରୁଛି ମା, ତୁ ସବୁଦିନେ ସ୍ୱାମୀ ପୁତ୍ର ଘେନି ସୁଖରେ ରହିବୁ ।" ତା ପରେ ଶ୍ୟାମ ବାବୁଙ୍କ ଅଡ଼କୁ ବୁଲିପଡ଼ି କହିଲେ,

"ଶ୍ୟାମ, ଏପରି ଦେବୀ ସମାନ ସ୍ତ୍ରୀ ପ୍ରତି ଯେ ମର୍ମଉର୍ ଅଶାରେ ମଧ୍ୟ ଅନ୍ୟ ସ୍ତ୍ରୀକୁ ନଜରଦିଏ, ମୁଁ ତାକୁ କହେ ପଶୁ, ପାଷଣ୍ଡ। ଯା, ତୁ ମୋ ଆଗରୁ ଦୂର ହ! ତୋର ଯାହା ଇଚ୍ଛା, ତୁ କରିପାରୁ, କିନ୍ତୁ ମନେରଖିଥା, ଏ ସତୀ ରାଣୀର ମନରେ କଷ୍ଟ ଦେଇ ତୋର କଦାପି ମଙ୍ଗଳ ହେବ ନାହିଁ!"

## ୧*

ଯେଉଁ ଦିନ ସଦାଶିବ ବାବୁ ଓଡ଼ିଆ ସମାଜର ବିଶେଷ ଅଧିବେଶନରେ ବକ୍ତୃତା ଦେଇଥିଲେ ଏବଂ ଯୋଇବାବୁଙ୍କର ପ୍ରମଥ ବାବୁଙ୍କ ସହିତ ସାକ୍ଷାତ୍ କରିବାର ଦିନକ ପରର କଥା। ଦିନ ଦୁଇ ପ୍ରହର ପ୍ରାୟ। ଯୋଇବାବୁ ଗାଧୁଆ ସାରି ଗୋଟିଏ ଆରାମ ଚୌକିରେ ବିଶ୍ରାମ ନେଉଛନ୍ତି। ଟିକିଏ ତନ୍ଦ୍ରା ମଧ୍ୟ ଆସି ଯାଇଛି। ସେ ସ୍ୱପ୍ନ ଦେଖୁଛନ୍ତି ଚାରିଆଡ଼େ ଅତଳ ସୁନୀଳ ଫେନିଳ ଜଳରାଶି। ମଝିରେ ଗୋଟିଏ ଦ୍ୱୀପ। ନାନା ଜାତି ପୁଷ୍ପ ସମ୍ଭାରରେ ମଣ୍ଡିତ ସେ ଦ୍ୱୀପଟି। ସେଥିରୁ ମଧୁ ଗନ୍ଧ ପବନରେ ଭାସି ଆସି ମନ ପ୍ରାଣ ପୁଲକିତ କରୁଛି। ରଜନସ୍ୱାତ। ଉପରେ ସୁନୀଳ ଆକାଶରେ ସୁନିର୍ମଳ ଚନ୍ଦ୍ର ତାହାର ଶୋଭା ସମ୍ପଦ ବିସ୍ତାର ବିକାଶ କରୁଛି। ଚତୁର୍ଦ୍ଦିଗ ନିସ୍ତବ୍ଧ, ନୀରବ।

ପାରିଜାତ ସୌରଭମୟ ସେହି ଦ୍ୱୀପରେ ଗୋଟିଏ ରମଣୀ ମୂର୍ତ୍ତି । କି ସୁନ୍ଦର ଚେହେରା ! କି ଅନୁପମ ମାଧୁରୀ ! ଯେପରି ରମ୍ଭା କି ମେନକା ସ୍ୱର୍ଗରୁ ଓହ୍ଲାଇ ଆସି ଏଠାରେ ପୁରୁଷ ବାବୁଙ୍କର ଆଗମନକୁ ପ୍ରତୀକ୍ଷା କରୁଚନ୍ତି । ଅଜ ଯୋଗବାବୁ, ଉପାସନାରତ ହୃଦୟରେ, ସୌନ୍ଦର୍ଯ୍ୟ ବିମୁଗ୍ଧ ମନରେ ତୂଳିକାଧରି ସେହି ଅପରୂପ ରୂପର ଠାଣି ଟାଣ ପଟ୍ଟରେ ସଜୀବ କରିବାରେ ମଗ୍ନ । ଏହି ସମୟରେ ଗୋଟିଏ କୋମଳ ଶୀତଳ ରମଣୀ କର ତାଙ୍କ କାନ୍ଧରେ ଆସି ଅମୃତ ସ୍ପର୍ଶଦେଇ ଗଲା । ସେ ଭାବିଲେ ସେଇ ସ୍ୱର୍ଗଅପ୍ସରି ଯେପରି ତାଙ୍କୁ ଆଦର ସୋହାଗ କରୁଚନ୍ତି । ସେ ଚମକି ଉଠିଲେ । ଆଖି ଖୋଲି ଦେଖିଲେ ସତକୁ ସତ ଗୋଟିଏ ରମଣୀ ମୂର୍ତ୍ତି । କିନ୍ତୁ ସେ ତାଙ୍କର ସ୍ୱପ୍ନର ରାଣୀ, ଧ୍ୟାନର 'ଚିନ୍ତାମଣି ନୁହନ୍ତି' । ସେ ପ୍ରମଥ ବାବୁଙ୍କର କନ୍ୟା ମେନକା । ମେନକାଙ୍କର ବେଶରେ ଅଜ ଟିକିଏ ବେଶୀ ପରିପାଟି । ତାଙ୍କର ଅଧରରେ ଟିକିଏ ବେଶୀ ରକ୍ତିମ ରଙ୍ଗ, ମୁହଁରେ ଟିକିଏ ବେଶୀ ରଙ୍ଗିନ ମୁହଁ ମଖା ଚୂନା । ତାଙ୍କର ଦେହରୁ ଚମେଲି ଫୁଲର ଗନ୍ଧ ଭାସି ଆସୁଚି । ସେ ସ୍ୱୟଂ ସୁନ୍ଦରୀ ନ ହେଲେ ମଧ୍ୟ ଟିକେ ସୁନ୍ଦର ଦେଖାଯାଉଚନ୍ତି କାଳିଦାସଙ୍କର "କି ମିବହିମଧୁରଣଂ ମଣ୍ଡନଂ ନାକୃତୀନାଂ" କଥାଟା ସେ ଯୁଗରେ ସତ ହୋଇ ପାରିଥିବ, କିନ୍ତୁ ଅଜକାଲି ଯୁଗରେ ସୁନ୍ଦରୀକୁ ଅଧିକ ସୁନ୍ଦର କରିବା ପାଇଁ ମଧୁରକୁ ଅଉରି ମଧୁର କରିବା ପାଇଁ କେତେ ସକ୍ଷ୍ମଜ୍ଞାନ ବିଜ୍ଞାନର ଚେଷ୍ଟାରେ କେତେ ଉପାଦାନ ବାହାରିଲଣି । ଯୋଗବାବୁ ଯୁବକ । ତାଙ୍କର ସେ ଅଭୁକ୍ତ ଯୌବନରେ ସେ କଳା ବିଦ୍ୟାରେ ବୁଡ଼ିରହି ରମଣୀ ପ୍ରଣୟ ସୁଖ ଚାଖିବାକୁ ନ ପାଇଥିଲେ ବା ଅଭିଳାଷ ନ କରିଥିଲେ ମଧ୍ୟ, ଯୁବକର ସ୍ୱାଭାବିକ ଅଭିଳାଷ ଯେ ତାଙ୍କୁ ବେଳେ ବେଳେ ମତ୍ତ ନ କରିବ ଏବଂ ସେହି ଅଭିଳାଷର ମୋହରେ କ୍ଷଣକ ପାଇଁ ଅନ୍ଧ ହୋଇ ସେ ଯେ ରମଣୀର ଅମୃତମୟ ଅଧର ସୁଧା ପିଇବାକୁ ଇଚ୍ଛା ନ କରିବେ, ତାହା

କହିବା ଯେପରି ଅସମ୍ଭବ ସେହିପରି ଅପ୍ରାକୃତିକ, ଅସତ୍ୟ, ଅଳୀକ ଏଇ ମୂହୂ-ର୍ତ୍ତରେ ତାଙ୍କର ସେଇ ଅଭିଳାଷ ସ୍ୱପ୍ନର ସେ ରମଣୀୟ ମୂର୍ତ୍ତି ଦେଖି ହୃଦୟରେ ଜାଗି ଉଠିଥିଲା । ତା ଉପରେ ମେନକାଙ୍କ ଅଙ୍ଗ ସୌରଭ ତାଙ୍କର ମୁଣ୍ଡରେ ପଶି ମୁଣ୍ଡଟାକୁ ଗରମ କରି ଦେଇଥିଲା । ବୋଧହୁଏ, ତାଙ୍କର ଶିଳ୍ପିଚକ୍ଷୁ ଦେଖିଲା ସୁଶୀଳା ପ୍ରକୃତରେ ସୁନ୍ଦରୀ । ତାଙ୍କର ଚକ୍ଷୁରେ ପ୍ରକୃତ ସୁଧାରସ, ତାଙ୍କର ଦେହରେ ପ୍ରକୃତରେ ଯୌବନର ଓ ଜୀବନର ଉଷ୍ଣ ବିଦ୍ୟୁତ୍ ଶକ୍ତି ପ୍ରକାଶ ପାଇ ଯାଉଛି । ସେହି ମୁହୂର୍ତ୍ତର ସେଇ ଉନ୍ମାଦନାରେ ପାଗଳ ହୋଇ ଯୋଗବାବୁ ମେନକାଙ୍କର ହାତଟି ଧରି ତାଙ୍କ ଅଡ଼କୁ ଟାଣି ଆଣିଲେ । ମେନକା ମଧ୍ୟ ଟିକିଏ ମୁରୁକି ହସ ଦେଖାଇ ହିନା କଥାରେ ତାଙ୍କ ଉପରେ ଲଇଁ ପଡ଼ିଲେ । ଯୋଗବାବୁ ତାଙ୍କ ଚୁମ ଦବାକୁ ଉଦ୍ୟତ ହେଲେ ମେନକାଙ୍କର ମୁହଁରେ ବି ଚମତ୍କାର ଭାବ ମୁହୂର୍ତ୍ତକ ପାଇ ଫୁଟି ଉଠିଲା । କିନ୍ତୁ ସାଙ୍ଗେ ସାଙ୍ଗେ ସେ ତୁଅର ଅଡ଼କୁ ଚାହିଁ ଯେତିକିର ସମ୍ଭବ ମୁହଁରେ ଟିକିଏ କୋମଳ ତରଳ ଭାବ ଆଣିବାର ଚେଷ୍ଟା କଲେ । ଯୋଗବାବୁଙ୍କର ଅଧର ପ୍ରାୟ ମେନକାଙ୍କର ଅଧର ସ୍ପର୍ଶ କରୁଛି, ଏଇ ସମୟରେ ପ୍ରମଥ ବାବୁ ସେ ଘରକୁ ପଶି ଆସିଲେ । ଏ ଦୃଶ୍ୟ ଦେଖି ତାଙ୍କର ମୁହ ଗମ୍ଭୀର ହୋଇ-ଗଲା । ସେ କ୍ରୋଧ କମ୍ପିତ ସ୍ୱରରେ ଗର୍ଜନ କରି କହିଲେ । କ, ଯୋଗବାବୁ ଆପଣ ବେଶ ଭଦ୍ରଲୋକ ତ । ମୁଁ ଦୟାକରି ସୁଶୀଳାର ଛବିଟି ବନାଇବା ପାଇଁ ତୁମକୁ ମୋ ଘରେ ଆଶ୍ରୟ ଦେଇଥିଲି । ଏଇ କି ସେ ଉପକାରର ପ୍ରତି-ଶୋଧ ? ଏଇ କି ଆଶ୍ରୟ ଦାତା ପ୍ରତି ତୁମର କର୍ତ୍ତବ୍ୟ ? ମୋର ସରଳ ବାଳିକା କନ୍ୟା । ତାହାର ସରଳତା, ତାହାର ଅନଭିଜ୍ଞତାର ସୁବିଧା ନେଇ ତୁମର ଏପରି ଭାବରେ ତାହାର ମନରେ ଅଭିଳାଷ ଜାଗ୍ରତ କରିବା କି ଭଦ୍ରଜନୋଚିତ କାର୍ଯ୍ୟ ବୋଲି ଆପଣ ମନେକରନ୍ତି ? ଛି, ଛି, କି ଲଜ୍ଜାର କଥା ! ଘୋର କଳିକାଳ, ଘୋର କଳିକାଳ, ଏ ସମୟରେ କାହାରି

ଉପକାର କରିବା ନିତାନ୍ତ ଆବଶ୍ୟ । ଆଜି ମେଳାରେ ମୁଁ ଭାବୁଥିଲି ତତେ ଯେ ଶିକ୍ଷା ଦେଉଛି, ମୁଁ ସେହି ଶିକ୍ଷା ବଳରେ ଗଣ୍ଡ ଠକ ଅଭଦ୍ର ଯୁବକ ମାନଙ୍କର ପ୍ରତାରଣାପୂର୍ଣ୍ଣ ଚକ୍ରଟାକୁ ଏଡ଼ାଇପାରିବି । ତୁ ମତେ ଆଜି ବଡ଼ ଆଶାରେ ବଞ୍ଚିତ କଲୁ । ତୋର ଏକଥା ଶୁଣିଲାବେଳେ ମୋର ମୁଣ୍ଡ ଘୂରି ଯାଉଛି । ତୁ ମୋର ବୁକରେ ଶାଳ ବୋଲିଦେଲୁ ଆଜି । କିନ୍ତୁ ସତେ ଯେପରି କେତେ ଦୁଃଖ, କେତେ ବେଦନାରେ ତାଙ୍କର ହୃଦୟ ଭାଙ୍ଗିଗଲା । ସେଥିପାଇଁ ଗୋଟିଏ ଦୀର୍ଘ ନିଶ୍ୱାସ ପକାଇ, ମୁଣ୍ଡଟାକୁ ଦୁଇହାତରେ ଚାପିଧରି ସେ ଗୋଟାଏ ଚୌକିରେ ବସିପଡ଼ିଲେ । ଯୋଗେଶବାବୁ ପ୍ରକୃତିସ୍ଥ ଥିଲେ ବୁଝି ପାରିଥାନ୍ତେ, ଏ କଥା ଗୁଡ଼ିକ ଯେପରି ଘୋଷାପାଠ ପରି ସେ ଆବୃତ୍ତି କରିଗଲେ । ତାଙ୍କର ଏ ବେଦନା ଓ ଦୁଃଖର ଦୃଶ୍ୟରେ ଯେପରି ରଙ୍ଗ-ମଞ୍ଚରେ ଅଭିନେତାର କୌଶଳ ପୂରି ରହିଛି । କିନ୍ତୁ ଯୋଗେଶବାବୁ ପ୍ରକୃତିସ୍ଥ ନଥିଲେ । ତାଙ୍କର ସେ ମୂହୂର୍ତ୍ତକର ପାଗଳାମି ଚାଲି ଯାଇଛି । ଏପରି ଭାବରେ ଧରା ପଡ଼ିଯାଇ ସେ ଲଜ୍ଜାରେ ଓ ନିଜର ଦୁର୍ବଳତା ପ୍ରତି ଧିକ୍-କାରରେ ବଡ଼ କ୍ଷୁଣ୍ଣ ହୋଇ ଯାଇଛନ୍ତି । ସେ ଅନୁତାପରେ କାନ୍ଦ କାନ୍ଦ ହୋଇ ହାତ ଯୋଡ଼ି କହିଲେ । ପ୍ରମଥ ବାବୁ, ମୁଁ ପ୍ରକୃତରେ ବଡ଼ ଦୁଃଖିତ । ବିଶ୍ୱାସ କରନ୍ତୁ, ମୁଁ ବଡ଼ ଅନୁତପ୍ତ । ମୋ ଜୀବନରେ ମୁଁ ଏପରି କେବେ ନିଜକୁ ଭୁଲିଯାଇ ନଥିଲି । ଆଜି କଣ ହେଲା କେଜାଣି, ମୁଁ ଯେ ପାଗଳାମି କରୁଛି, ଯେ ଭଦ୍ରତାର ନିୟମ ଭାଙ୍ଗିଛି, ସେଥିପାଇଁ ମୁଁ ନିଜ ପାଖରେ ନିଜେ ଦୋଷି । ମତେ କ୍ଷମା କରିବେ ନାହିଁ ?

ପ୍ରମଥ— ଆପଣ ଯାହା କରିଛନ୍ତି ତାହାର କ୍ଷମା ଗୋଟିଏ କଥାରେ । ତା କି କରିବାକୁ ଆପଣ ପ୍ରସ୍ତୁତ ଅଛନ୍ତି ?

ଘୋଷ— ବୁଝନ୍ତୁ ଆପଣ ଯାହା କହିବେ, ମୋର ସାଧ୍ୟାତୀତ ନ ହେଲେ କର୍ତ୍ତବ୍ୟ କରିବି । ମତେ ଯେ ଶାସ୍ତି ଦେବେ ତାହା ମୁଁ ଆନନ୍ଦରେ ବରଣ କରି ନେବି ।

ପ୍ରମଥ— ଆପଣଙ୍କର ଅହଙ୍କାର ଏଇ ଅଶିଷ୍ଟ କାର୍ଯ୍ୟର ପ୍ରାୟଶ୍ଚିତ୍ତ, ଆପଣ ମେନକାକୁ ବିବାହ କରନ୍ତୁ ।

ଘୋଷ— ବିବାହ ! ସେ କପଟୀ ! ନା, ନା, ମତେ କ୍ଷମାକରନ୍ତୁ, ମୁଁ ମୁଁ ଏ କଥାଟି କରି ପାରିବି ନାହିଁ । ଆଉ ଯାହା କହିବେ......

ପ୍ରମଥ— ଆଉ ମୋର କିଛି କହିବାର ନାହିଁ । ଆପଣ ଯାହା କରିଚନ୍ତି ସେ ଖାଲି ଶିଷ୍ଟାଚାରର ବହିର୍ଭୂତ ନୁହେଁ, ଆଇନ ଅନୁସାରେ ମଧ୍ୟ ଦଣ୍ଡନୀୟ । ଆପଣ ଯଦି ବିବାହ ନ କରନ୍ତି, ତା ହେଲେ ମୁଁ ବାଧ୍ୟହୋଇ ଆଇନର ଆଶ୍ରୟ ନେବି ।

ଘୋଷ ବାବୁ ଚଞ୍ଚଳହୋଇ କହିଲେ, "ଆପଣ ନିଶ୍ଚୟ ଏ କଥା ଫୌଜ-ଅଦାଲତକୁ ନେବେ ନାହିଁ । ଦାଣ୍ଡର ଲୋକେ କଣ କହିବେ ?"

ପ୍ରମଥ— ତା ଛଡ଼ା ମୋର ଆଉ କି ଉପାୟ ! ଆପଣ କଣ କହିବାକୁ ଚାହାନ୍ତି ମୋ ଝିଅର ଅବମାନନା ମୁଁ ଚୁପ୍‌ହୋଇ ସହିଯିବି ? ଏ କଥା ଯଦି ତା ହେଲେ ଆପଣ ନିଶ୍ଚୟ ଭୁଲ ବୁଝିଚନ୍ତି ।

ଘୋଷ— କିନ୍ତୁ ଏହାର ଅନ୍ୟ ପ୍ରତିକାର କି ନାହିଁ ? ମୁଁ ମୋର ଏ ମୂର୍ଖତାର ଅପରାଧ ଲାଗି ଯଥେଷ୍ଟ କ୍ଷତିପୂରଣ......

ପ୍ରମଥ— କି ! ତୁମେ କାପୁରୁଷ, ଭଣ୍ଡ, ଲମ୍ପଟ ଟଙ୍କା ନେଇ ମୋ ଝିଅର ଅବମାନନା କରି ପାରିବ ! ଏଡ଼େ ନୀଚ, ତୁମେ, ଏଡ଼େ ଅଧମ ! ଘୋଷ ବାବୁ ଦେଖିଲେ ଏ ଗୋଟିଏ ବଡ଼ ବିଷମ ଗୋଳକଧନ୍ଦା । ସେ କହିଲେ, "ତେବେ କଣ ବିବାହ କରିବା ଛଡ଼ା ଅନ୍ୟ ଉପାୟ ନାହିଁ ?"

ପ୍ରମଥ— ଏହା ଫୌଜଦାରୀ ଅଦାଲତରେ ଆସାମୀ ଭାବରେ ଠିଆ ହୋଇ ଜେଲ୍ ଦଣ୍ଡ ଭୋଗିବା । ଯୋଗେଶ ବାବୁଙ୍କର ମୁହଁ ଲଜ୍ଜାରେ କଳା କାଠ ପଡ଼ିଗଲା । ସେ କିଛି ସମୟ ଭାବି କହିଲେ, "ନ ହେଲା, ମୁଁ ବିବାହ ହେବାକୁ ପ୍ରସ୍ତୁତ ଅଛି । କିନ୍ତୁ ଶର୍ମିଳା ଦେବୀ ମତେ କାହିଁକି ବିବାହ କରିବାକୁ ରାଜି ହେବେ । ସେ ନିଶ୍ଚୟ ମତେ ଭଲ ପାନ୍ତି ନାହିଁ ।" କହି ସେ ମେନକାଙ୍କ ଆଡ଼କୁ କାତର ନୟନରେ ଚାହିଁ ରହିଲେ । ତାଙ୍କର କଥାକୁ ଉତ୍କଣ୍ଠା ଭାବରେ କାନ ଡେରି ରହିଲେ, ଯେପରି କି ତାଙ୍କରି କଥାରେ ତାଙ୍କର ଜୀବନ ମରଣ ନିର୍ଭର କରେ । ପ୍ରମଥ ବାବୁ ମେନକାଙ୍କୁ ସମ୍ବୋଧନ କରି କହିଲେ, "କି, ମା ତୋର କି ଇଚ୍ଛା ? ତୁ କଣ ଏ ବାବୁଙ୍କୁ ବିବାହ କରିବାକୁ ଅସମ୍ମତ ?"

ମେନକା ଯେପରି ଲାଜରେ ସଢ଼ିଗଲେ । ସେ ମୁହଁକୁ ତଳକୁ ପୋତି ଅତି ଧୀର ଭାବରେ କହିଲେ "ନା" । ଯୋଗେଶବାବୁଙ୍କର କୋଟି ଟଙ୍କାର ବୋଇତ ଯେପରି ଅତଳ ସମୁଦ୍ରରେ ବୁଡ଼ିଗଲା । ସେ କହିଲେ "କିନ୍ତୁ ମୁଁ ଭାବିଥିଲି ଯେ ଆପଣ—" ତାଙ୍କ ତୁଣ୍ଡକଥା ତୁଣ୍ଡରେ ରହିଗଲା । ମେନକା ହଠାତ ମୁଣ୍ଡଟେକି ଓଠ ଉପରେ ଅଙ୍ଗୁଠିରଖି ପୁଣି ମୁଣ୍ଡ ନୁଆଇଁ ଦେଲେ । ଯୋଗେଶବାବୁ ବୁଝିଲେ ଯେ ସେ ଗୋଟିଏ ଅନ୍ୟାୟ ଉପରେ ଆଉ ଗୋଟିଏ ଅନ୍ୟାୟ କରିବାକୁ ଯାଉଛନ୍ତି । କିନ୍ତୁ ଉପାୟ କଣ ? ସେ କିଛି ଭାବି ସ୍ଥିର କରି ପାରିଲେ ନାହିଁ । ପ୍ରମଥ ବାବୁ ପଚାରିଲେ । କି କଣ ଭାବୁଛନ୍ତି ? ବିବାହ କରିବେ ନା, ଫୌଜଦାରି ଅଦାଲତକୁ ଯିବେ ? । ଯୋଗେଶବାବୁ ଗୋଟିଏ ଦୀର୍ଘଶ୍ୱାସ ଛାଡ଼ି କହିଲେ "ଯେତେବେଳେ ଅନ୍ୟାୟ କରିଛି, ଅନ୍ୟାୟର ଶାସ୍ତି ସ୍ୱରୂପ ବିବାହ କରିବା ଛଡ଼ା ତ ଅନ୍ୟ ଉପାୟ ଦେଖି-ପାରୁନାହିଁ ।" ଅତଏବ ମୁଁ ରାଜି ।

ପ୍ରମଥ ବାବୁଙ୍କର ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । ସେ ଉଠି ଅସି ଧୋଇବାବୁଙ୍କ ପିଠିରେ ଚାପୁଡ଼ାଇ ଚାପୁଡ଼ାଇ କହିଲେ, "ଏଇତ ବାବା ଭଦ୍ର-ଲୋକ ପିଲାର ଉପଯୁକ୍ତ ବ୍ୟବହାର । କିଛି ଚିନ୍ତା ନାହିଁ, ବାବା, ତୁମେ ଏ ବିବାହରେ ଅସୁଖୀ ହେବନାହିଁ । ମୋର ଗୋଟିଏ ବୋଲି କନ୍ୟା । ଏ ସମସ୍ତ ସମ୍ପତ୍ତିର ମାଲିକ ସେ, ତୁମେ ବିବାହକଲେ ତୁମର ସେଥିରେ କିଛି କ୍ଷତି ନାହିଁ । ଅଉ ମେନକା— ସେ ମୋର ବଡ଼ ସୁଧୀର କନ୍ୟା । ତୁମେ ଦେଖି ପାରୁଥିବ, ଉଚ୍ଛୃଙ୍ଖଳ ହୋଇ ତାର କିଛିଏ ନାହିଁ । ମୋର ଆଶା ତୁମ୍ଭେମାନେ ସୁଖିହବ । ହଁ ଅଚ୍ଛା କଥାଟାଏ ମନେ ପଡ଼ିଲା । ଆମେତ ବ୍ରାହ୍ମ, ଆଉ ବାପା, ତୁମେତ ହିନ୍ଦୁବ୍ରାହ୍ମଣ । ବିବାହଟା ଅର୍ଯ୍ୟ ସମାଜ ମତରେ ହେଲେ ତୁମର କିଛି ଆପତ୍ତି ଅଛି ?" 'ମୋର ଆଉ ଆପତ୍ତି କରିବାର କିଛି ନାହିଁ, ଯାହା ଆପଣଙ୍କର ଖୁସି' । ଏତିକ କହି ଧୋଇବାବୁ ପୁଣି ମୌନବ୍ରତ ଧାରଣ କଲେ । ପ୍ରମଥ ବାବୁ କହିଲେ "ତା'ହେଲେ ବିଲମ୍ବ କାହିଁ କି ? ଶୁଭସ୍ୟ ଶୀଘ୍ରଂ । ନା ହେ କଣ କହୁଚ ?"

ଧୋଇ— ଯାହା ଆପଣଙ୍କର ଇଚ୍ଛା ।

ପ୍ରମଥ—ତୁମର ଆତ୍ମୀୟ ସ୍ୱଜନ କାହାରିକୁ—

ଧୋଇ— ନା, କ୍ଷମାକରନ୍ତୁ । ଦୋଷି ମୁଁ, ମୋର ଆତ୍ମୀୟ ସ୍ୱଜନ ନୁହନ୍ତି । ସେମାନଙ୍କୁ ଅଉ କଷ୍ଟ ଦେବେ କାହିଁକି ?

ପ୍ରମଥ— ବେଶ୍, ବେଶ୍, ତୁମର କଥା ଏବେ ହେଲା । ଖାଲି ପୁରୋହିତ ଜଣେ ଯୋଗାଡ଼ କଲେ ହେଲା, ନା ହେ କଣ କହୁଚ ?

ଏଇ ସମୟରେ କାହାରି "ପ୍ରମଥ ଦାଦା, ପ୍ରମଥ ଦାଦା" କହି ଜଣେ ଯୁବକ ସେଠାରେ ଉପସ୍ଥିତ ହେଲେ । ସେ ଆଉ କେହି ନୁହନ୍ତି, ଆମ୍ଭମାନଙ୍କର ପୂର୍ବ ପରିଚିତ ମେନକାଙ୍କର ପ୍ରଣୟି ଶଶଧର ବାବୁ । ସେ ଅସି

ପତ୍ନୀଗଣମାନେ ତାଙ୍କର ଦୃଷ୍ଟି ପ୍ରଥମେ ପଡ଼ିଗଲା ମେନକାଙ୍କ ଉପରେ । ମେନକା ମଧ୍ୟ ସ୍ନେହପୂର୍ଣ୍ଣ ଗୋଟାଏ କଟାକ୍ଷ ତାଙ୍କ ଆଡ଼କୁ ମାରି'ଟିକିଏ ମୁରୁକିହସା ଦେଇ ମୁହଁ ତଳକୁ ପୋତି ଦେଲେ । ଏ ସବୁ ମୁହୂର୍ତ୍ତକରେ ହୋଇଗଲା । ତା'ପରେ ଶଶଧର ବାବୁ କହିଲେ । ପ୍ରମଥ ଦା ତୁମ ସାଙ୍ଗରେ ଗୋଟିଏ ଜରୁରି କଥାଥିଲା ।

ପ୍ରମଥ—ଅଚ୍ଛା ସେ ଦେଖାଯିବ ପରେ । ବର୍ତ୍ତମାନ ବେଶି ଜରୁରି କଥା ହଉଚି ଯେ ଧୋଇବାବୁ ଓ ମେନକା ଉଭୟେ ପରସ୍ପରଙ୍କୁ ବିବାହ କରିବାକୁ ରାଜି । ଆଉ ଧୋଇବାବୁଙ୍କର ଇଚ୍ଛା ବିବାହଟା ଯଥା ସମ୍ଭବ ଶୀଘ୍ର ହୋଇଯିବା ଦରକାର । ନା ହେ କଣ କହୁଚ ? ତୁମେ ବାପା ଶଶଧର ଗୋଟିଏ କାମ କରିପାରିବ ?

ଶଷଧର— ଆଦେଶ କରନ୍ତୁ

ପ୍ରମଥ— ଜଣେ ଆର୍ଯ୍ୟ ସମାଜ ପୁରୋହିତ ଯୋଗାଡ଼ କରି ପାରିବ ଅଛ ?

ଶଶଧର— ଆର୍ଯ୍ୟସମାଜ ପୁରୋହିତ ? ହଁ, ଦେଖି, ବେନିଆଟୋଲା ଷ୍ଟ୍ରିଟରେ ମୋର ଜଣେ ବନ୍ଧୁ ଅଛନ୍ତି । ତାଙ୍କର ବାପା ପ୍ରିୟଗୋପାଲ ବାବୁ ଆର୍ଯ୍ୟ ସମାଜ ପୌରୋହିତ୍ୟ ଅନେକ ସ୍ଥାନରେ କରିବାର ମୁଁ ଶୁଣିଚି । ଏଇତ ସେଦିନ—

ପ୍ରମଥ— ଆଉ କହିବା ଦରକାର ନାହିଁ ବାପା ଯାଅ ତାଙ୍କୁ ଡ଼ାକି ଅଣ । ଆଜ ରାତରେ ଶୁଭବିବାହଟା ହୋଇଯାଉ ।

ଶଶଧର— ମୁଁ ତା'ହେଲେ ଚଲିଲି । ମିଷ୍ଟାନ୍ନ ଭୋଜନଟା ମିଳିବତ ?

ପ୍ରମଥ— ତା ଆଉ ମିଳିବ ନାହିଁ ନା ? ମୁଁ ଯାଉଛି କେତେଜଣ ଭଦ୍ରଲୋକଙ୍କୁ ନିମନ୍ତ୍ରଣକରି ଆସିବ । ମେନକା ତାଙ୍କ ସାଙ୍ଗ ସାଥିମାନଙ୍କୁ ଡାକିଆଣିବ ।

ଏହାକହି ପ୍ରମଥ ବାବୁ ସେ ସ୍ଥାନ ଛାଡ଼ି ଚାଲିଗଲେ । ତାଙ୍କ ପଛେ ପଛେ ଶଶଧର ବାବୁ ମଧ୍ୟ ଗଲେ । ଯିବା ଆଗରୁ ସେ ଯୋଗେଶବାବୁଙ୍କ ଆଡ଼କୁ ଚାହିଁ କଣ ଟିକିଏ ଇସାରା କରିଗଲେ, ଯୋଗେଶବାବୁ କିଛି ବୁଝି ପାରିଲେ ନାହିଁ । ବୁଝି ପାରିଲେ ନାହିଁ ବିଶେଷତଃ ତାଙ୍କର ହସଭରା ମୁହଁ । ଏହା ମଧ୍ୟରେ ମେନକା ଉଠିଯାଇ ଦୁଆର ପାଖରେ ଚାହିଁଲେ କେହି ଲୁଚିଛି ନାହିଁ । ସେ ଘରଭିତରକୁ ପୁଣି ଆସି ଗୋଟାଏ ଚୌକିରେ ବସିପଡ଼ି 'ଖି,ଖି' କରି ଖୁବ୍ ଜୋରେ ହସିବାକୁ ଲାଗିଲେ । ଯୋଗେଶବାବୁ ଚକିତ ହୋଇ କହିଲେ । ଏଥିରେ ହସିବାର ଯେ କଣ ଅଛି ମୁଁ ତ ଦେଖି ପାରୁନାହିଁ "।

ମେନକା ଅତି କଷ୍ଟରେ ହସ ବନ୍ଦକରି କହିଲେ " କି ? ଆଜି ମୋର ବିବାହ, ମୁଁ ହସିବ ନାହିଁ ତ ଆଉ କଣ କାନ୍ଦିବ ?"

ଯୋଗେ— କିନ୍ତୁ ମୁଁ ଭାବିଥିଲି ତୁମେ ଶଶଧର ବାବୁଙ୍କୁ ଭଲପାଅ ବୋଲି ।

ମେନକା— ମୁଁ ତାଙ୍କୁ ଭଲ ନପାଏଁ ବୋଲି କିଏ କହିଲା ।

ଯୋଗେ— କିନ୍ତୁ ତାଙ୍କୁ ଭଲପାଇ ମତେ ବିବାହ କରିବାରେ ଏତେ ଆନନ୍ଦ କିପରି ଆସିପାରେ ତୁମର ?

ମେନକା— ମଜାଟାତ ସେହିଠାରେ । ଅନ୍ୟ ଜଣକୁ ଭଲପାଇବ ଆଉ ତୁମକୁ ବିବାହ କରିବ । ଏ କଣ କମ ଆମୋଦର କଥା ?

ଯୋଗେ— କେଜାଣି ବାବୁ, ଏହା ମଧ୍ୟରେ କି ଆମୋଦ ତୁମେ ପାଉଛ

ତା ତୁମେହିଁ ଜାଣ । ମତେ ତ କିନ୍ତୁ କାନ୍ଦ ମାଡ଼ୁଛି ।

ମେନକା— କି, ମୁଁ କଣ ଏତେ ଅସୁନ୍ଦରୀ ଯେ ତୁମେ ମତେ ବିବାହ କରିବାକୁ ଏତେ କଷ୍ଟକର ଲାଗୁଛି ?

ଯୋଇ— ତୁମେ ଅସୁନ୍ଦରୀ ନୁହଁ, ଖୁବ୍ ସୁନ୍ଦରୀ । କିନ୍ତୁ କେବଳ ସୌନ୍ଦର୍ଯ୍ୟତ ବିବାହର ଉପଯୁକ୍ତ ପରୀକ୍ଷା ନୁହେଁ । ମୁଁ ଯେ ତୁମକୁ ଭଲ ପାଏନାହିଁ ।

ମେନକା—ଯାହାହେଉ । ତୁମର ଆଉ ଯେ ଦୋଷ ଥାଉ ବା ନଥାଉ, ତୁମେ ଯେ ବଡ଼ ସ୍ପଷ୍ଟବାଦୀ ସେ ବିଷୟରେ କିଛି ସନ୍ଦେହ ନାହିଁ । କିନ୍ତୁ ତୁମେ ବଡ଼ ବୋକା ।

ଯୋଇ— ବୋକା ନ ହୋଇଥିଲେ କି ଆଜି ଏ ବିପଦରେ ପଡ଼ିଥାନ୍ତି ।

ମେନକା— ତୁମେ ବୋକା ଯେ ରହସ୍ୟଟା ବୁଝି ପାରୁନାହଁ । ସ୍ତ୍ରୀ ଜାତିର ହୃଦୟ ସମ୍ବନ୍ଧରେ ତୁମର ଏକେବାରେ କିଛି ମାତ୍ର ଜ୍ଞାନ ନାହିଁ । ତୁମେ କେବେ ଦେଖିଛ ସ୍ତ୍ରୀ ଜଣକୁ ଭଲପାଇ ଅଉଜଣକୁ ବିନା ବାଧାରେ ବିବାହ କରିପାରେ ?

ଯୋଇ— ତା ତ ଦେଖିନାହିଁ, ସେହିହେତୁରୁ ମୋତେ ବେଶୀ ଅଦ୍ଭୁତ ଲାଗୁଛି ।

ମେନକା— ଆଉ ସ୍ତ୍ରୀ କି ତୁମେ କଳ୍ପନା କରିପାର ପ୍ରଣୟୀ ପ୍ରଣୟିନୀର ଅନ୍ୟ ପୁରୁଷ ସହିତ ବିବାହ କରିବାରେ ସାହାଯ୍ୟ କରେ ।

ଯୋଇ— ସେ ଓ ଏ ସୁଅଙ୍ଗର ଆଉ ଗୋଟିଏ ରହସ୍ୟ ।

ମେନକା— ଠିକ୍ କହିଛ, ଏ ଗୋଟାଏ ସୁଅଙ୍ଗ ତୁମେ ମତେ ବିଶ୍ୱାସ କର, ତୁମର କିଛି ହାନି ହବନାହିଁ ।

ଏହା କହି ସେ ସେଠାରୁ ଚାଲିଗଲେ ।

# ୧୭

ସେ ଦିନ ସନ୍ଧ୍ୟା ବେଳ ପ୍ରାୟ। ଯୋଗ ବାବୁ ପ୍ରମଥ ବାବୁଙ୍କର ବୈଠକଖାନାରେ ବସି ଅକାଶ ପାତାଳ ଭାବୁଛନ୍ତି। ବିବାହ ଯେ ହେବ ସେ ବିଷୟରେ ତାଙ୍କର କୌଣସି ସନ୍ଦେହ ନାହିଁ। ସେ ବିଷୟରେ ମଧ୍ୟ ବର୍ତ୍ତମାନ ସେ ଏକ ପ୍ରକାର ଉଦାସୀନ ହୋଇଗଲେଣି। କେତେବେଳେ ଭାବୁଛନ୍ତି ବର୍ତ୍ତମାନ ଓ ସମସ୍ତ ଅଛି। କୌଶଳ କରି ଶେଷ ପାରିଯାଏ। ପୁଣି ମନେ ପଡ଼ିଯାଉଛି ମେନକାଙ୍କ ର ଯିବା ବେଳ କଥାଗୁଡ଼ାକ ଆଉ ଶଶଧରଙ୍କର ହସ ଛନ ଛନ ମୁହଁଟି। ମନରେ ହେଉଛି ଯେପରି କିଛି ଗଭୀର ରହସ୍ୟ ଏହା ମଧ୍ୟରେ ଅଛି। ଆଉ ସେ ରହସ୍ୟଟାର ମର୍ମ ଅନୁଭବ ନ କରି ଚାଲିଯିବାକୁ ମନ ବି ହେଉନାହିଁ। ତାଙ୍କର ମନ ଏପରି ଦୋଳି ଖେଳୁଥିଲା ବେଳେ କିଏ ଦାଣ୍ଡରେ ଡାକିଲା, "ବେହେରା, ବେହେରା"। ପ୍ରଥମ ଡାକ-ଟାରେ ଯୋଗ ବାବୁଙ୍କର ଧ୍ୟାନ ଭାଙ୍ଗିଗଲା। ଦ୍ୱିତୀୟ ଡାକରେ ସେ ଚମକି ପଡ଼ିଲେ। ବାହାର ପଟ ଝରକାରେ ଉଣ୍ଡି ଦେଖିଲେ ପ୍ରଫୁଲ୍ଲ ବାବୁ ପ୍ରମଥ ବାବୁଙ୍କ ଦରଜା ଉପରେ। ଆଉରି ମଧ୍ୟ ଦେଖିଲେ ଦୁଇଜଣ ଷଣ୍ଢା ଷଣ୍ଢା ଲୋକ ଓ ଜଣେ ବଳିଷ୍ଠ ଭଦ୍ରଲୋକ ଘରର କାନ୍ଥକୁ ଅଉଜି ରାସ୍ତା ଉପରେ ଠିଆ ହୋଇଛନ୍ତି। ତାଙ୍କର ଜାଣିବାକୁ ବାକି ନ ଥିଲା ପ୍ରମଥ ବାବୁ ଜଣେ ଗୁଣ୍ଡା ସର୍ଦ୍ଦାର। ତା ନ ହେଲେ ସଦାଶିବ ବାବୁ ତାଙ୍କୁ ମାରିବାକୁ ସ୍ୱାଙ୍ଗ

ପାଖକୁ ଅସିଥାନ୍ତେ କିଅଁ ? ସୁତରାଂ ବୁଝିନେଲେ ଯେ, ଏଇ ଯେ ଷଣ୍ଢା ଷଣ୍ଢା ଲୋକ ଦୁଇଟା ସେ ତାଙ୍କର ଚର, କାଳେ ଯୋଇ ବାବୁ ପଳାଇଯିବେ ସେଥିପାଇଁ ସେମାନେ ପହରା ଦଉଚନ୍ତି । କିନ୍ତୁ ସେ ବସିବା ଭଦ୍ର ଲୋକଟିକୁ ଠଉରେଇ ପାରିଲେ ନାହିଁ । ଯାହାହେଉ ଏଣେ ପ୍ରଫୁଲ୍ଲ ବାବୁ ଦୁଇ ଘଣ୍ଟା ସେ ଭାବିଲେ ଦୁଆର ଖୋଲି ତାଙ୍କୁ ଦେଖା ଦେବେ କି ନାହିଁ । ପୁଣି ଭାବିଲେ ମା ନିତାନ୍ତ ଅଧୈର୍ଯ୍ୟ ନ ହୋଇଥିଲେ ପ୍ରଫୁଲ୍ଲଙ୍କୁ କଲିକତା ପଠାଇ ନ ଥାନ୍ତେ । ହିଁ ର ହିଁ କର୍ ହେଲା । ସେ ଦୁଆର ଖୋଲି କହିଲେ, "କିରେ ପଣ୍ଡିତ, ତୁ କୁଆଡ଼େ" ?

ପ୍ରଫୁଲ୍ଲ ବାବୁଙ୍କ ମନ କ୍ଷଣେ ସ୍ଥିର ହୋଇଗଲା । ସେ ଅଶ୍ୱସ୍ତିର ଗୋଟାଏ ନିଶ୍ୱାସ ପକାଇ କହିଲେ, "ଯାହାହେଉ, ଏଥର ମୋ ପିଣ୍ଡରେ ପ୍ରାଣ ପଶିଲା । ମୁଁ ତ ଭାବିଥିଲି ତୁ କଲିକତାର ଗୁଣ୍ଡାଙ୍କ ହାତରେ ସାବାଡ଼ ହୋଇ ସାରିଲୁଣି ।" ଯୋଇ ବାବୁ– ତୁ ଯାହା ଭାବୁ, ସେଗୁଡ଼ାକ କାଗଜ କଲମରେ ଲେଖିଲେ ଫୌଜଦାରି ଅଦାଲତରେ ମାନହାନି ମକଦ୍ଦମାରେ ପଡ଼ିବୁ । ଯାହାହେଉ, ଘର ଭିତରକୁ ଆସ ! ପ୍ରଫୁଲ୍ଲ ବାବୁ ଯୋଇ ବାବୁ ଦୁହେଁଯାକ ବୈଠକଖାନାକୁ ଗଲେ । ଯୋଇ ବାବୁ ପଚାରିଲେ, "ପ୍ରଥମ କଥା, ମୁଁ ଏଠାରେ ଅଛି ବୋଲି ତୁ ଜାଣିଲୁ କିପରି ?"

ପ୍ରଫୁଲ୍ଲ— ମା ତୋଲାଗି ବଡ଼ ବ୍ୟସ୍ତ । ସେ ତୋର ଏ ବାହାମସ୍ତ କଥାଟା ଜାଣିପାରି—

ଯୋଇ— ତା'ମାନେ ତୁ ତାଙ୍କୁ ଏକଥା କହିଚୁ । ହେଉ ସେ କଥାର ହିସାବ ମୁଁ ପରେ ବୁଝିବି । ତାପରେ ?

ପ୍ରଫୁଲ୍ଲ— ମୁଁ'ଭାଇ ତୋକଥା ଲୁଚେଇବାକୁ ଖୁବ୍ ଚେଷ୍ଟା କରିଚି ।

କାଲେ କଥାଟା ମୋ ପାର୍ଟିର କାହାର ପଡ଼ିବ ସେଥିପାଇଁ ଥିଲି । ମହାପାପେ ଯାଇ ମତେ ଗାଁକୁ ଟାଣି ଆଣିଲେ ।

ଯୋଇ— ବୁଝିବ ତୋର ଖବର ଖୁବ୍ । ଅଉ ସେଗୁଡ଼ାକ ମୋ ମନର ଈର୍ଷା ଅଣେ ନାହିଁ । ତା ପରେ ମାଙ୍କ କେଶରେ ତୁ ସବୁ କହିଲୁ । ଏଇନା ?

ପ୍ରଫୁଲ୍ଲ— ମୁଁ ତୋ ପାଇଁ ଯାଇ ତାଙ୍କ ଆଗରେ ପ୍ରଥମେ ଅନେକ ମିଛ କହିଚି । ସେ ସବୁ କଥା ଭାବିଲ ବେଳକୁ—

ଯୋଇ—ମୁଁ ଜାଣେ ତୁ ନରକକୁ ଯିବୁ । ତା'ପରେମା ତ ଚଟେ ଏଠିକି ପଠେଇ ଦେଲେ । ତୁ କମିତ ଜାଣିଲୁ ଯେ ମୁଁ ଏଠାରେ ଅଛି ବୋଲି ?

ପ୍ରଫୁଲ୍ଲ—ମୁଁ ପ୍ରଥମେ ହାବଡ଼ା ଷ୍ଟେସନରେ ଓହ୍ଲାଇ ତୋର ମାମୁଁ ଘରକୁ ଗଲି । ସେ କଣ ବ୍ୟବସାୟରେ ଦିଲ୍ଲୀ ଯାଇଚନ୍ତି । ସେଠାରୁ ପୁଣି—

ଯୋଇ— ତୋର ଗସ୍ତ ଇତିହାସ ଶୁଣିବାକୁ ମୋର ବେଳ ନାହିଁ । ତୁ କିପରି ଜାଣିଲୁ ?

ପ୍ରଫୁଲ୍ଲ— ସଦାଶିବ ବାବୁଙ୍କ ପାଖରେ ଦେଖାହେଲା । ସେ ତୋଲାଗି ଖାଉବ୍ୟସ୍ତ ।

ଯୋଇ— ହବାର ତ କଥା । ମୋର ଦ୍ୱିତୀୟାଓଷା ମାଉସୀ କନା ସେ । ତେବେ ସେଇ ତତେ କହିଲେ ଯେ ମୁଁ ଏଠାରେ ଅଛି । କିନ୍ତୁ ସେ ଜାଣିଲେ କିପରି ଯେ ମୁଁ ଏଠାରେ ଏ ଉଇଦନ ହେଲା ଅଛି ବୋଲି । ଓଃ, ହଁ, ଠିକ୍ କଥା । ସେଇ ବସିକା ଭଦ୍ର ଲୋକ—

ପ୍ରଫୁଲ୍ଲ— ତୁ ଯେ କଣ କହୁଚ୍ ମୁଁ ସେଥିରୁ କିଛି ବୁଝିପାରୁ ନାହିଁ ।

ଯୋଇ— ତୁ ଯେତେ କଥା ବୁଝିପାରୁ ତାର ହିସାବ ଲେଖିଲେ ଗୋଟିଏ ମହାଭାରତ ହବ । ଏ ଥରକ ତ ମତେ ଦେଖିଲୁ ତା ପରେ ?

, ଯେବେ ତ ତୋ ହାତରେ । ଚାଲ ଘରକୁ ଯିବା !

· କଣ କହୁଚୁ ତୁ, ଘରକୁ ଯିବା ? ଅଜ ଯେ ମୋର ବିବାହ ।

ଉସ୍ତାର ଅକାଶରେ ବଜ୍ରଘାତ ଶବ୍ଦ ଶୁଣିଥିଲେ ପ୍ରଫୁଲ୍ଲ ବାବୁ ବୋଧ-ହୁଏ ଏତେ ଆଶ୍ଚର୍ଯ୍ୟ ହୋଇ ନଥାନ୍ତେ । ସେ ବୋକାଙ୍କ ପରି ବାଲୁ ବାଲୁ କରି ଯୋଗ ବାବୁଙ୍କ ମୁହଁକୁ ଚାହିଁ ରହିଲେ । କହିଲେ, "ତୋର ବିବାହ ! ତୋର ବିବାହ ! ସେ କିପରି ?"

ଯୋଗ— କିପରି ଆଉ କଣ ? ମୁଁ ବର ବେଶ ପିନ୍ଧି ବସିବ । ମୋ ପାଖରେ ଗୋଟିଏ ସୁନ୍ଦରୀ ବୋହୂ ବସିବ । ପୁରୋହିତ ମନ୍ତ୍ର ପଢ଼ିବ । ବନ୍ଧୁ-ବାନ୍ଧବମାନେ ମିଷ୍ଟାନ୍ନ ଖାଇବେ । ତୋର ଅଜ ମୋ ପକ୍ଷରୁ ନିମନ୍ତ୍ରଣ ।

ପ୍ରଫୁଲ୍ଲ— ରହ, ରହ, । ମୁଁ ଟିକିଏ ନିଶ୍ୱାସ ମାରି ଆଶ୍ୱସ୍ତ ହୁଏ । ତୁ କଣ କହିବାକୁ ଚାହୁଁ ଯେ ତୁ ଯୋଗ ଅଜ କଲିକତା ସହରରେ ବିବାହ ହେବୁ ?

ଯୋଗ— କଥାଟା ପ୍ରାଞ୍ଜଳ କରି ବୁଝେଇ ଦେବାରେ ସ୍ୱୟଂ ମଲ୍ଲିନାଥ ମଧ୍ୟ ତୋର ସମକକ୍ଷ ହେବେନାହିଁ ।

ପ୍ରଫୁଲ୍ଲ— ମା ହେରିକା କେହି ଜାଣିବେ ନାହିଁ । ଭାଇବନ୍ଧୁ କୁଟୁମ୍ବ କେହି ଆସିବେ ନାହିଁ । ବାଜା ବାଜିବ ନାହିଁ । ବିବାହର କିପରି ?

ଯୋଗ— ତୋର ଅଜବ ହୁରଣବର୍ଷିତଲେ ଜନ୍ମ ହବା ଉଚିତଥିଲା । ଅଜି କାଲି ସଭ୍ୟସମାଜରୁ ସେ ସବୁ ଉଠିଗଲାଣି ।

ପ୍ରଫୁଲ୍ଲ— ତୁ କାହା ହଉଚୁ କେବେ ଲୁଚି ?

ଯୋଗ— ଏଇଠି

ପ୍ରଫୁଲ୍ଲ— ତା ମାନେ ତୁ ପ୍ରମଥବାବୁଙ୍କ ଘରେ ବାହାହଉଚୁ । କାହାକୁ?

ପାଣି ହବ ?

ଯୋଗ— ପାଣି ପ୍ରମଥବାବୁଙ୍କର ଝିଅ ଶ୍ରୀମତୀ ମେନକା ଦେବୀ । ସେ ଶଶଧର ବାବୁଙ୍କ ଭଲପାନ୍ତି । କିନ୍ତୁ ମନେ ବାହା ହଉନ୍ତି ।

ପ୍ରଫୁଲ୍ଲ— ନା, ବାବୁ ଏ ଗୋଲୋକଧନ୍ଦାରେ ପଶିବାକୁ ମୋର ଶକ୍ତି ନାହିଁ ।

ଯୋଗବାବୁ କଣ କହିବାକୁ ଯାଉଥିଲେ ଏହି ସମୟରେ ମେନକା ଦେବୀ ସେଠାରେ ଅସି ପହଞ୍ଚିଲେ । ସେ ପ୍ରଫୁଲ୍ଲବାବୁଙ୍କୁ ସେଠାରେ ଦେଖି ପଛଘୁଞ୍ଚା ଦେବା ଉପରେ, ଏତିକିବେଳେ ଯୋଗ ବାବୁ ଡ଼ାକି କହିଲେ "ଶୁଣ, ଶୁଣ, ମୁଁ ତୁମକୁ ସାହେବାନ ଜାଇଦାରେ ଟିକିଏ ମୋ ବନ୍ଧୁଙ୍କ ସାଙ୍ଗରେ ପରିଚୟ କରାଇଦିଏ । ମୋର ଭବିଷ୍ୟତ୍ ପତ୍ନୀ ଶ୍ରୀମତୀ ମେନକା ବାଲା ଦାସୀ, ମୋର ପ୍ରିୟବନ୍ଧୁ କାବ୍ୟବିଶାରଦ ତର୍କଚୂଡ଼ାମଣି ଶ୍ରୀଯୁକ୍ତ ବାବୁ ପ୍ରଫୁଲ୍ଲଚନ୍ଦ୍ର ତ୍ରିପାଠୀ ବି, ଏ । ବାସ୍, ଏଥରକ ତ ଜଣାଶୁଣା ହୋଇଗଲା । ଗପ ଯୋଡ଼ିଦିଅ । କିନ୍ତୁ ମୁଁ ତୁମକୁ ସାବଧାନ କରିଦଉଚି, ମେନକା । ପ୍ରଫୁଲ୍ଲ ଟିକିଏ ମାଇପି-ବାୟା । ସେ ସୁନ୍ଦରୀ ଝୋଅଟିଏ ଦେଖିଲେ କୁଣ୍ଡେଇପକାଇବାକୁ ଧାଇଁଯାଏ ।

ପ୍ରଫୁଲ୍ଲବାବୁଙ୍କ ମୁହଁ ଲଜ୍ଜାରେ ଓ ରାଗରେ ରଙ୍ଗ ପଡ଼ିଗଲା । ସେ କହିଲେ । ତୁ କଣ ଯେ କହୁ ଯୋଗ, ତାର ଠିକ୍ ଠିକଣା ନାହିଁ ।

ଯୋଗ— କଥାରେ ଥିବା ପରିପାଟି

ଗୀତେ ଭଣିଲେ ପ୍ରଫୁଲ୍ଲ ତ୍ରିପାଠୀ

ଦେଖିଲତ, ତୁମକୁ ଦେଖି ଦେଖି ତାର କବିତା ଉସ୍ଥ ବୋହିଗଲାଣି । ମେନକାଦେବୀ ସେତେବେଳକୁ ହସରେ ଲୁଟିକୁଟି ହଉଥିନ୍ତି । ସେ ହସ ସମ୍ଭାଳ ନେଇ ଗୋଟା ଚୌକିରେ ବସିପଡ଼ି କହିଲେ ତା'ହେଲେ ଅପଣ ଯୋଗଙ୍କର ବନ୍ଧୁ, ପ୍ରଫୁଲ୍ଲବାବୁ" ପ୍ରଫୁଲ୍ଲବାବୁ ତାଙ୍କ ଅଡ଼କୁ ନଚାହିଁ କହିଲେ "ଏଁ, ହଁ,"

ଧୋଇ— ତୁମେ ଜାଣନାହିଁ ବୋଧହୁଏ, ପ୍ରଫୁଲ୍ଲ ଆମର ଗଲ ଗାଡ଼ି ଚଳେଇବା ବାଲା । ସେ ଶଗଡ଼ ଉପରେ ବସି ଯେତେବେଳେ "ଏଁ, ହ୍ନ, ହ୍ନ ହ୍ନ" କରୁଥିବ, ଦେଖିଲେ ତୁମ ମନପ୍ରାଣ ଶୀତଳ ହୋଇଯିବ ।

ମେନକା— ଆପଣ ତାଙ୍କ କଥା ଶୁଣନ୍ତୁ ନାହିଁ । ସେ ବଡ଼ ଦୁଷ୍ଟ । ସେ ଏଠାରେ ଅଛନ୍ତି ବୋଲି ଆପଣ ଜାଣିଲେ କିପରି ?

ଧୋଇ— ଅହା, ଏତକ ବୁଝିପାରିଲ ନାହିଁ । ପ୍ରଫୁଲ୍ଲ ଯେ ଆମର ପରମ ଯୋଗି । ଧ୍ୟାନରେ ବସି ଜାଣିପାରିଲେ ସବୁ ।

ମେନକା— ତୁମେ ଏଠୁ ଯିବନି । ତୁମେ ଭଦ୍ରଲୋକଙ୍କୁ କଥାପଦେ କୁହାଇ ଦଉନାହଁ । ଏହାକହି ସେ ଧୋଇବାବୁଙ୍କ ହାତଧରି ସେ ଘରୁ ଟାଣି-ନେଇ ଦରଜା ବନ୍ଦ କରିଦେଲେ । ଧୋଇବାବୁ ବାହାରୁ କହିଲେ "ବାବା, ପ୍ରଥମେ ଶଶଧର ବାବୁ, ତାପରେ ମୁଁ, ତା'ପରେ ପ୍ରଫୁଲ୍ଲ । ଏ ଯେ ଦ୍ରୌପଦୀଙ୍କ ଟୁପିବା ଉପରେ ।" ଏହାକହି ସେ ଉପରମହଲାକୁ ତାଙ୍କ ଶୋଇଲା ଘରକୁ ଚଲିଗଲେ ।

ମେନକା ଓ ପ୍ରଫୁଲ୍ଲବାବୁ ଘରଭିତରେ ରହି କଣ ଟୁପୁଟାପୁ ହୋଇ କେତେବେଳଯାଏ କଥାବାର୍ତ୍ତା ହେଲେ । ତା'ପରେ ଯେତେବେଳେ ମେନକା ସେଘରୁ ବାହାରି ଯାନ୍ତି, ପ୍ରଫୁଲ୍ଲବାବୁ ସେତେବେଳେ "ହେଁ, ହେଁ" କରି ହସି ଘରଟା ଭାଙ୍ଗି ପକାଉଥାନ୍ତି ।

# ୧୭

ପ୍ରାୟ ସନ୍ଧ୍ୟା ଛଅଟା ବେଳକୁ ଗୋଟି ଗୋଟି ହୋଇ ବନ୍ଧୁ ବାନ୍ଧବ ସାଙ୍ଗ ସାଥି ସବୁ ଅସି ପ୍ରମଥ ବାବୁଙ୍କ ଘରେ ଜୁଟିଲେ । ବିଜୁଳି ଆଲୁଅର ଚହ-ଟରେ ସମୁଦାୟ ଘରଟା ଝଲମଲ କରି ଉଠିଲା । ଦାଣ୍ଡରେ ହଠାତ୍ ନହବତ୍ ବାଜିଲା । ଘନ ଶଙ୍ଖଧ୍ୱନି ହେଲା । ଯୋଗେଶବାବୁ ନୂଆ ସରୁ ଝିଲମିଲ ଲୁଗା-ଟିଏ ପିନ୍ଧି, ତା'ଉପରେ ଗଣ୍ଡିଏ ରେଷମି ପଞ୍ଜାବି ଲଗାଇ, ବେକରେ ଗୋଟିଏ ରେଷମି ପାଗୋଡ଼ା କୁର୍ଚ୍ଚ ଲମ୍ବାଇ, ଚନ୍ଦନଫାଟି ଘେନି, ଫୁଲମାଳ ଲାଇ ବର ବେଶରେ ବିବାହ ମଣ୍ଡପରେ ବସିରହିଲେ । ତେଣେ ସୁଶୀଳାଙ୍କୁ ତାଙ୍କର ସାଙ୍ଗ ସାଥିମାନେ ନାନା ଥଟ୍ଟା ପରିହାସ ମଧ୍ୟରେ ବେଶ କରୁଥାନ୍ତି । ଏହିକ୍ଷ-ଣେ ଦେଖିଲେ ସୁରେନ୍ଦ୍ର ଅସି ସେଠାରେ ପହଞ୍ଚିଲେ । କଲାମଶ୍ମଶ୍ ଥାକୁଲ,ଥାକୁଲ ଦାଢ଼ି । ମୁଣ୍ଡରେ ତାଳୁଉପରେ ଗୋଛିଏ ବୋଲ ବାଳନାହିଁ । କେତେଟି ଅଧା ଧଳା ଅଧା କଳା ବାଳ ଟୋପିରୁ ପଛପଟରୁ ଦେଖାଯାଉଛି । ଭଦ୍ର-ଲୋକଙ୍କ ସଙ୍ଗରେ ଜଣେ ଯୁବକ । ବୟସ ଅନାଜ ଯୋଗେଶବାବୁଙ୍କ ସାଙ୍ଗର ହେବ । କଣ୍ଠି ସଫାଗୋରା । ମୁହଁରେ ଦପଦି କଣ । ଅକ୍ଷିରେ ଅମୋଦର ଗୋଟାଏ ଜ୍ୟୋତି । ଯେପରି ସେ କୌଣସି ରହସ୍ୟର ଅଶାରେ ଉଦ୍‌ଗ୍ରୀବ ହୋଇ ରହିଚନ୍ତି । ଏ ଦୁହିଙ୍କ ସାଙ୍ଗରେ ଶଶଧର ବାବୁ । ଯୁବକଙ୍କୁ ଦେଖି-ଦେଲାକ୍ଷଣି ଯୋଗେଶବାବୁ ଧଡ଼ପଡ଼ ହୋଇ ଉଠି ତାଙ୍କୁ ଅଲିଙ୍ଗନ କରି-

ପକାଇଲେ । କହିଲେ "ଅରେ, ମନମୋହନ ଯେ, ତୁ ଏଠି କିପରି ?"

ମନମୋହନବାବୁ ଧୋଇବାବୁଙ୍କୁ ବର ବେଶରେ ଦେଖି ପ୍ରଥମେ ଠଉ-ରେଇ ପାରୁନଥିଲେ । ସେ ପରେ ଜାଣିପାରି କହିଲେ "ପରମାନନ୍ଦ, ତୁ ଏ ବେଶରେ । ତୁଇ ବରଯାଏ ହୁଏ, ହା, ହା, ହା, କ୍ୟା ମଜା, କେୟା-ବାତ୍ ।" ପୁରୋହିତ ଭଦ୍ରଲୋକ ଏ ଦୁହିଙ୍କର ଏ ଭାବ ଦେଖି ପ୍ରଥମେ କିଛି ଭାବିପାରିଲେ ନାହିଁ । ମନମୋହନ ବାବୁଙ୍କର ହସ ସରିଲା ସେ ପଚାରିଲେ "ମନ୍ଟୁ, ଏ ବାବୁ କିଏ ?"

ମନ— ଚିହ୍ନିପାରୁନାହାନ୍ତି, ବାବା, ଏ ପରା ପରମାନନ୍ଦ ମୋ ସଙ୍ଗରେ ଅର୍ଯ୍ୟସ୍କୁଲରେ ପଢୁଥିଲା । ଆମ ଘରଠାକୁ କେତେଥର ଆସିଚି । ସେଦିନ ଏପ୍ରିଲ୍ ପହିଲା ତାରିଖରେ ଆପଣ ଯାହାର ସାହାଯ୍ୟରେ ଗ୍ରାମଜୀବନ ବାବୁଙ୍କୁ— ପୁରୋହିତ ବାବୁ ଠୋ ଠୋ କରି ହସି ଉଠିଲେ । ଖୁବ୍ ବୁଝେ ହସିନେଇ କହିଲେ "ହଇହୋ, ସତେ" ପରମାନନ୍ଦ କି ତା'ହେଲେ ବରଯାଏ ।

ଧୋଇ— ଆପଣ କି ତା'ହେଲେ ପୁରୋହିତ ? ଆପଣଙ୍କ କାଖରେ ଏ ମାଲଅଡ଼ ଗୋଟାଏ କଣ ?

ପୁରୋହିତ ଗମ୍ଭୀର ହୋଇ କହିଲେ "ଏ ହଉଚି, ଅମ୍ବିକଲକତା ଅର୍ଯ୍ୟ ସମାଜର ବିବାହ ରେଜେଷ୍ଟ୍ରି ବହି । ଏଥିରେ ବିବାହ ପରେ ବର ଓ କନ୍ୟା ସହି କରନ୍ତି ।"

ଧୋଇ— କିନ୍ତୁ ଆପଣ ଅର୍ଯ୍ୟସମାଜି ହେଲେ କେଉଁଦିନ । ମୋର ଯେପରି ମନେ ହଉଚି, ଆପଣ ଯେ ଥିଲେ ଗୋଁଡ଼ ହିନ୍ଦୁ ।

ପୁରୋହିତ— ସେଇଟି ହେଲା ଏ ଯୁଅଙ୍କର ଅସଲ କାରିଗ ।

ଏଡିକିବେଳେ ପ୍ରମଥ ବାବୁ ଆସି ପହଞ୍ଚିଲେ । ଧୋଇବାବୁ କିଣ

କହିବାକୁ ଯାଉଥିଲେ, କିନ୍ତୁ ଶଶଧର ବାବୁଙ୍କ ନୀରବ ଇଙ୍ଗିତରେ ସେ ତୁନି ହୋଇଗଲେ । ପ୍ରମଥ ବାବୁ କହିଲେ "କି, ଶଶଧର, ତୋର ସେ ପୁରୋହିତ —"

ଶଶଧର— ଏଇ ପରା ପ୍ରିୟଗୋପାଳ ବାବୁ ।

ପ୍ରିୟଗୋପାଳ ବାବୁ ଏଇ ହେଲେ ମୋର ପିଉସା ।

ପ୍ରମଥ ବାବୁ— କନ୍ୟା କର୍ତ୍ତା ।

ପ୍ରମଥବାବୁ ପ୍ରିୟଗୋପାଳ ବାବୁଙ୍କୁ ନମସ୍କାର କଲେ । ପ୍ରିୟଗୋପାଳ ବାବୁ ପ୍ରତି ନମସ୍କାର କରି ବ୍ୟସ୍ତହୋଇ କହିଲେ । ତା'ହେଲେ ଆଉ ଡେରି କାହିଁକି ? ଶୁଭ କାର୍ଯ୍ୟଟା ସାରିଦେଲେ, ମୁଁ ବାହାରି ଯିବି । ମୋର ପୁଣି ବଡ଼ ବଜାରରେ ଆଉରି ଗୋଟିଏ ବିବାହରେ ପୌରୋହିତ୍ୟ କରିବାର କଥା ଏଁ, ତୁମର ସବୁ ଠିକ୍ତ ।

ପ୍ରମଥ— ହଁ ସବୁ ପ୍ରାୟ ଠିକ୍ । ଖାଲି କନ୍ୟା ଆସିଲେ ହେଲା ।

ପ୍ରମଥ ବାବୁ କନ୍ୟା ଆଣିବା ପାଇଁ ଭିତରକୁ ଗଲେ । ଶଙ୍ଖ ଧ୍ୱନି ହେଲା । କନ୍ୟା… "ବିଭୂଷଣ ପୁଷ୍ପେ ଯା କାନ୍ତ"… ସେ "ବେଶ ଭାଇଡା କି କେଶ ରଚନାଇ" ନିଜର ସୌନ୍ଦର୍ଯ୍ୟରେ ଘରଟାକୁ ଆଲୋକିତ କରି ସାଙ୍ଗ ସାଥି କେତେ ଜଣଙ୍କ ସହ ଆସି ପହଞ୍ଚିଲେ । ଆଉ ଆଉ ଭଦ୍ରଲୋକମାନେ ମଧ୍ୟ ଆସି ବସିଲେ । ଘରର ଗୋଟାଏ ତରଫରେ ପିଣ୍ଡା ଭାଙ୍ଗି କରି ଗୋଟାଏ ବେଦି । ତା ଉପରେ ଗାଲିଚା ବିଛା ହୋଇଛି । ସାମନାରେ ଗୋଟାଏ ଗୋଟାଏ ଟେବୁଲ ଉପରେ ଫୁଲ ତୋଡ଼ା, ଅତର ଦାନି ପ୍ରଭୃତି ସଜା ହୋଇଛି । ବର କନ୍ୟା ବସିଲେ । ପୁରୋହିତ ମହାଶୟ ବରର ବାଁ ତରଫରେ ବସି ଗୁଡାଏ ଫୁଲ, ଦୁବ, ଚନ୍ଦନ କରି ସେମାନଙ୍କ ଉପରକୁ ଫିଙ୍ଗିଲେ । ଭଦ୍ରଲୋକମାନଙ୍କୁ ପାନ ଅତର ଦିଆହେଲା । ପୁରୋହିତ ମନ୍ତ୍ର ଉଚ୍ଚାରଣ କଲେ । ପ୍ରଫୁଲ୍ଲ ବାବୁଙ୍କ କାନକୁ ସେ ମନ୍ତ୍ର ଯେପରି ଶୁଭୁଥିଲା ଦଣ

ଝୁଠ ମନ୍ତ୍ର ପରି । ତା ପରେ ପୁରୋହିତ ଫୁଲ ମାଳରେ କନ୍ୟାର ଡ଼ାହାଣ ହାତ ସାଙ୍ଗରେ ବରର ବାଁ ହାତ ବାନ୍ଧିଦେଲେ । ପୁଣି ଶଙ୍ଖ ଧ୍ୱନି ହେଲା । ପୁରୋହିତ, ବର ଓ କନ୍ୟା ଠିଆହୋଇ ପୁରୋହିତଙ୍କ କହିବା ଅନୁସାରେ ଗୋଟାଏ ବେଦ ମନ୍ତ୍ର ଉଚ୍ଚାରଣକଲେ । ପୁରୋହିତ ବେଦ ମନ୍ତ୍ରଟାକୁ ହ୍ରସ୍ୱ, ଦୀର୍ଘ ଓ ପ୍ଲୁତ ଇତ୍ୟାଦି ମାତ୍ରାମାନ ଦେଇ ଏପରି ଭାବରେ ବୋଇଲେ ଯେ ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କ କାନକୁ ଶୁଣାଗଲା ଯେପରି ଗାତ ଅଧରେ ବିଲୁଅ 'ହୋ ହୋ' କରି ଉଠୁଚନ୍ତି, ଅଉ ପ୍ରଫୁଲ୍ଲ ବାବୁ ବୁଝିଲେ ଯେ ସେ ଗୁଡ଼ାକ ବେଦର ପାଖ କୋଣ ମଧ୍ୟରେ ଓ ନଥିଲା । ଏହିପରି ଭାବରେ ବେଦ ମନ୍ତ୍ର ପଢ଼ା ସରିଲେ ପୁରୋହିତ ବରଙ୍କୁ ପଚାରିଲେ, "ତୁମେ ଶ୍ରୀମାନ ପରମାନନ୍ଦ ମହାପାତ୍ର ଆଜ ଶ୍ରୀମାନ ପ୍ରମଥ ବନ୍ଦ୍ୟୋପାଧ୍ୟାୟଙ୍କର କନ୍ୟା ଶ୍ରୀମତୀ ମେନକା ଦେବୀଙ୍କ ବିବାହ କରିବାକୁ ରାଜି ଅଛ !" ଦର୍ଶକମାନେ ଦେଖିଲେ ଯୋଗି ବାବୁଙ୍କର ଥୋଣ୍ଡ ଦାଢ଼ି ହଲୁଚି, ପାଟିଟା ମେଲା ହୋଇଚି ପାଟିଟା ହଲୁଚି । କିନ୍ତୁ ସେ କଣ କହିଲେ କେହି ଶୁଣି ପାରିଲେ ନାହିଁ । ତା ପରେ ପୁରୋହିତ କନ୍ୟାଙ୍କୁ ସମ୍ବୋଧନ କରି କହିଲେ, "ତୁମେ ମେନକା ଶ୍ରୀମାନ ପରମାନନ୍ଦ ମହାପାତ୍ରଙ୍କୁ ସ୍ୱାମୀ ରୂପରେ ବରଣ କରିବାକୁ ରାଜି ଅଛ ।" ମେନକା ମଧ କଣ କହିଲେ ତାହା କେହି ଶୁଣିଲେ ନାହିଁ । ଅପାତତଃ ପୁରୋହିତ ତାଙ୍କ କଥା ଶୁଣି ସନ୍ତୁଷ୍ଟହେଲେ । ତା ପରେ ତାଙ୍କର ସେ ଖାତାଟା ମେଲେଇ କହିଲେ, "ତୁମେ ଦୁହେଁ ଏଥିରେ ଦସ୍ତଖତ କରତ" ସେମାନେ ଦସ୍ତଖତକଲେ । ତା ପରେ ସାକ୍ଷି ପଡ଼ିବା ପାଇଁ ଦୁଇଜଣ ଦରକାର । ପ୍ରଫୁଲ୍ଲ ବାବୁ, ମନମୋହନ ବାବୁ ଓ ଶଶଧର ବାବୁ ଖାତାରେ ସାକ୍ଷି ପଡ଼ିଲେ । ବିବାହ କାର୍ଯ୍ୟ ସମ୍ପନ୍ନହେଲା । ପୁରୋହିତ ବର କନ୍ୟାଙ୍କୁ ଆଶୀର୍ବାଦ କରି ତାଙ୍କର ପାଉଣା ଦକ୍ଷିଣାକୁ ଦଶୋଟି ଟଙ୍କା ନେଇ ପୁଣି ଗାଦି ମାଡ଼ି ବସିଲେ ଓ ପାନ ଚୋବାଇବାକୁ ଲାଗିଲେ । କଲିକତାରେ

ଯେ ତାଙ୍କୁ ପୁଣି ପୌରହିତ୍ୟ କରିବାକୁ ହବ, ସେ କଥା ଭୁଲିଗଲେ ବୋଧ ହୁଏ । ବର କନ୍ୟା ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କୁ ନମସ୍କାର କରି ବାସର ଘରକୁ ଗଲେ । ଯିବା ଆଗରୁ କନ୍ୟାର ସାଙ୍ଗ ସୁଙ୍ଗ ଓ କନ୍ୟା ପିତାଙ୍କର ବନ୍ଧୁ ବାନ୍ଧବମାନେ କନ୍ୟାକୁ ଉପହାର ଦେଇଗଲେ । ସମସ୍ତ ଆଗରୁ କେହି ହରସ ପାଇତ ଆଣିପାରି ନ ଥିଲେ । ଟଙ୍କା କିଏ ଦଶ, କିଏ ପନ୍ଦର କିଏ ପାଞ୍ଚ ଏହିପରି ଯାହା ଶକ୍ତିକୁ ଗହଁ ସେ ଦେଲେ । ମୋଟରେ ସେ ଦିନ ମେନକା ଦେବୀ ପ୍ରାୟ ଦେଡ଼ ଶହ ଟଙ୍କା ଉପହାର ପାଇଥିଲେ ବୋଲି ଶୁଣାଯାଏ ।

:

ବନ୍ଧୁ ବାନ୍ଧବ ଓ ଉପସ୍ଥିତ ଭଦ୍ରବ୍ୟକ୍ତିମାନେ ମିଷ୍ଟାନ୍ନ ଭୋଜନରେ ବସିଲେ । ବର କନ୍ୟା ବାସର ଘରେ ଯାଇ ପହଞ୍ଚିଲେ । ସେତେବେଳକୁ ବାସର ଘରେ ମେନକାଙ୍କର ସାଙ୍ଗ ସାଥି ପ୍ରାୟ ପନ୍ଦର ଜଣ ପର୍ଯ୍ୟନ୍ତ ସୁବେଶା ଯୁବତୀ ଜମ୍‌ହୋଇଛନ୍ତି । ଏଣେ ବର କନ୍ୟାଙ୍କ ସାଙ୍ଗରେ ଯାଉଛନ୍ତି ପ୍ରଫୁଲ୍ଲ ବାବୁ, ଶଶଧର ବାବୁ ଓ ମନମୋହନ ବାବୁ । ବର କନ୍ୟା ବାସର ଘରେ ପଶିବା ମାତ୍ରକେ ଯୁବତୀମାନେ ଫିଁ ଫିଁ କରି ହସିଉଠିଲେ । କିଏ **ଥସ** ଧଇଲା ବରର ହାତ, କିଏ ଧଇଲା ତାଙ୍କର କାନ, କିଏ ଧଇଲା ତାଙ୍କର ବେକ । ଏହିପରି ସଲ୍ଟଣରେ ନେଇ ବର କନ୍ୟାଙ୍କୁ ତାଙ୍କ ସ୍ଥାନରେ ବସାଇଲେ ଏବଂ ଯୁବତୀମାନେ ତାଙ୍କୁ ଘେରି ବସିଲେ । ତା'ପରେ ଚାଲିଲା ନାନା ପ୍ରକାର ଥଟ୍ଟା ପରିହାସ କୌତୁକ । ବରଟା ଧୋଇବାକୁ କାହାଠାରୁ ଚାପୁଡ଼ାଟିଏ, କାହାଠାରୁ ବିଧାଟିଏ, କାହାଠାରୁ ଗୁନ୍ଦାଟିଏ ଏହିପରି ନାନା ପ୍ରକାର ଚର୍ବ୍ୟ ଚୋଷ୍ୟ ଲେହ୍ୟ ପେୟ ଖାଇ ଉଦ୍ଭୁକ୍ତି ହୋଇ ସାରିଲେଣି ।

ଏହାର ବେଳକୁ ପୁରୋହିତ ମହାଶୟ ଅସି ସେଠାରେ ହାଜର । ସେ ଏ ସବୁ ଦେଖି ଖୁସି ହେଲେ, "ହେଲା ନାହିଁ, ହେଲା ନାହିଁ । ଅଳ୍ପରେ କି ଏ ମଉକା ହୁଏ !" ଏହା କହି ସେ ବଲ୍‌ବ ବତୀର ସୁଇଚ୍‌ଟା ଟାଣିଦେଲେ । ସାଙ୍ଗେ ସାଙ୍ଗେ ଘର ଅନ୍ଧାର ହୋଇଗଲା । କେବଳ ଶୁଣାଗଲା ଯୁବତୀ-ମାନଙ୍କର ଖୁଛ ଖୁଛ ହସ । ସେ ଅନ୍ଧାରରେ ମନମୋହନ ଓ ପ୍ରଫୁଲ୍ଲ ଯୋଗ ଦେଲେ । ତା ପରେ କଣ ହେଲା କେହି କିଛି ସ୍ଥିର କରି କହିପାରିଲେ ନାହିଁ । ଯୋଗ ବାବୁଙ୍କର ପଛଆଡ଼େ ଯେ କେତେ ଜଣ ଯୁବତୀ ବସିଥିଲେ ସେମାନେ କହନ୍ତି ଯେ ଏ ଟୋକାମାନଙ୍କ ମଧ୍ୟରୁ ଦୁଇ ଜଣ କିଏ ତାଙ୍କୁ ଠେଲା ଠେଲି କଲେ । ଯୋଗ ବାବୁଙ୍କ ପଛପଟ କାନ୍ଥରେ ଥିବା ଦୁଆରଟା ମେଲା ହୋଇ ପୁଣି ବନ୍ଦ ହେଲା । କିନ୍ତୁ ଯୁବତୀମାନେ ଅନୁଭବ କଲେ ବର କନ୍ୟା ଯଥା ସ୍ଥାନରେ ବସିଚନ୍ତି । ସେମାନେ ପାତ୍ର ପାତ୍ରୀ ନିର୍ବିଶେଷରେ ଅନ୍ଧାରିଆ କରିବାକୁ ଆରମ୍ଭକଲେ । ପାତ୍ର ମଧ୍ୟ ମଝିରେ ମଝିରେ ହାତ ବଢ଼ାଇ ତାର ମଉକାଟା କରିନେଉଚି । କେହି ଯୁବତୀ କହୁଚି, "ଆଃ, ମଲା ଏ କି ବରମ" କେହି-କହୁଚି "ରହ ରହ, ତୁମ ରସିକପଣିଆ ଛୁଡ଼େଇ ଦଉଚି "। ଏହିପରି ଗୋଳମାଳ ଚାଲିଥାଏ ଭଦ୍ରଲୋକମାନେ ଛାତଉପରେ ମିଷ୍ଟାନ୍ନ ଖାଇବାରେ ବ୍ୟସ୍ତ । ଚାକର ବାକରମାନେ ଯେ ପରଶା ପରଷିରେ ଅଛନ୍ତି ସେମାନେତ ଉପରେ, ଯେଉଁମାନେ ତଳେ ଥିଲେ ସେମାନେ କିଏ ବିଡ଼ି ଖାଇବାରେ, କିଏ ଲୁଚେଇ ଲୁଚେଇ ସିଗିରେଟ୍ ଟାଣିବାରେ ଲାଗିଯାଇଚି । ଏହି ସମ-ୟରେ ଦେଖାଗଲେ, ଜଣେ କିଏ ଯୁବତୀ ଓଢ଼ଣାଟି ଟାଣି ସଦର ଦରଜା ଆଡ଼େ ବାସରଘର ପାଖ ଘରୁ ବାହାରି ଚାଲିଗଲେ । ଚାକରବାକର ଭାବିଲେ ମେଜବାନଙ୍କର ସାଙ୍ଗସାଥି କେହି ହୋଇଥିବ । ଯୁବତୀ ଦାଣ୍ଡ ଦୁଆରକୁ ଅସି ଦେଖିଲେ ଗୋଟିଏ ଭଡ଼ା ମଟର ଥୁଆ ହୋଇଚି । ସେ ଦରଜାଟା ଖୋଲି ସେଥିରେ ବସିପଡ଼ିଲେ । ଦୁଆର ମୁହଁରୁ ପୁରୋହିତ

ମହାଶୟ ଡ଼ାକିଲେ "ଓ ଗୋ, ଓ ମା, ଏ ବୁଢ଼ା ମଣିଷକୁ ତୁମ ମଟରରେ ଟିକିଏ ବସେଇ ନେବନାହିଁ । ତୁମର ବହୁତ ଧର୍ମ ହେବ । ଏହାକହି ସେ ମଧ ଯାଇ ଯୁବତୀଙ୍କ ପାଖରେ ବସିଲେ । କହିଲେ "ବାବା ଡ୍ରାଇଭର, ବହୁର ବାଗାନ ନ ୬୮ ମ୍ବର ଘରକୁ ନେଇ ଚାଲ" । ମଟର ଷ୍ଟାର୍ଟଦେଲା । ଡ୍ରାଇ-ଭର ହରନ୍ ତା'ପରେ ମଟର ଶବ୍ଦ ମଧ୍ୟରେ ଶୁଣିପାରିଲା, ହୋ ହୋ, ଠୋଠୋ ଗୋଟାଏ ହସର ସ୍ରୋତ । ମଟର ଯାଇ ବହୁର ବାଗାନ ନ୬୮ମ୍ବର ଘରେ ପହଞ୍ଚିଲା ପୁରୋହିତ କହିଲେ, "ଅସ, ମା, ମୋର ଝିଅ ସାଙ୍ଗରେ ତୁମର ଆଳାପ କରାଇ ଦେବି । ଡ୍ରାଇଭର ବାପୁ, ତୁମେ ଟିକିଏ ଅପେକ୍ଷା କର । ମୋର ଜଣେ ବନ୍ଧୁ ଷ୍ଟେସନକୁ ଯିବେ"। ପୁରୋହିତ ଓ ଯୁବତୀ ଘରଭିତରକୁ ଚାଲିଗଲେ । ପ୍ରାୟ ପନର କୋଡ଼ିଏ ମିନିଟ ପରେ ଘରୁ ବାହାରି ଅସିଲେ ଜଣେ ଯୁବକ ସେ ଅମର ଯୋଇବାବୁ । ଯୋଇ ବାବୁ ମଟରରେ ବସି ପ୍ରଥମେ ଗଲେ ନ ୬୮ ମ୍ବର ହାରିସନ ରୋଡ଼ । ସେଠାରେ ଶୁଣିଲେ ସଦାଶିବ ବାବୁ ଓଡ଼ିଆ "ସମାଜ ଭବନରେ । ସେ ମଧ ମଟର ଛୁଟାଇଗଲେ ସେଠାକୁ । ସେତେବେଳେ ସଦାଶିବ ବାବୁ ଶେଷବକ୍ତୃତା ଦେଉଥାନ୍ତି । ସେଠାରେ ମାତ୍ର ଦଣ୍ଡେଟାଏ ରହି ସେ ପୁଣି ମଟରରେ ବସି ଡ୍ରାଇଭରକୁ କହିଲେ ତୁମେ ଯଦି ମତେ ଖଡ଼୍ଗପୁରରେ ପହଞ୍ଚାଇ ଦେଇ-ପାରିବ, ତା'ହେଲେ ମୁଁ ତୁମକୁ ଅଶାତୀତ ବକ୍‌ସିସ ଦେବି ।" ଏହା କହି ସେ ପଞ୍ଚାଶ ଟଙ୍କାର ପାଞ୍ଚଗଣ୍ଡି ନୋଟ ଡ୍ରାଇଭରକୁ ବଢ଼ାଇ ଦେଲେ । ଡ୍ରାଇଭର ମଟର ଚଲାଇଦେଲା । ବାଟରେ ମାତ୍ର ଗୋଟିଏ ଦୋକାନରେ ପନର ମିନିଟ ଘଣ୍ଟେ ଗାଡ଼ି ଅଟକେଇ ଦ ଛଅଟିଣି ତେଲ ନେଲା । ତା'ପରେ ମଟରଟା ଗର୍ଜନ ତର୍ଜନ କରି ଛୁଟିଲା । ଜଗନ୍ନାଥ ସଡ଼କ ଉପରକୁ ।

# ୧୮

ସଦାଶିବ ବାବୁ ସଭ୍ରଷ୍ଟଫେର ହୋଟେଲରେ ଅସି ପହଞ୍ଚି ଦେଖନ୍ତି ଚର ତାଙ୍କର ନିଯୁକ୍ତିଚର ମଧ୍ୟ ଅସି ହାଜର । ସଦାଶିବ ବାବୁ ତାଙ୍କୁ ଦେଖି ରାଗରେ ଅସ୍ଥିର । ଗର୍ଜ୍ଜନକରି କହିଲେ "ତୁମେ ବେଶ୍ ଲୋକତ ହେ" ମୋ ଠାରୁ ଦିନକୁ ଦଶଟଙ୍କା ନେଇ ଏଇ ତୁମର କାମ ପରା । ମୁଁ ଭାବିଥିଲି ତୁମେ ଭଦ୍ରଲୋକ ହୋଇଥିବ ବୋଲି । ଦେଖୁଚି ତୁମେ ନିତାନ୍ତ ଅପଦାର୍ଥ । ମୋର୍ ମୁଠା ମୁଠା ଟଙ୍କା ଅକାରଣ ଗଲା ।"

ଚର— ଅପଣ ଯଦି ପ୍ରଥମରୁ ଏହିପରି ଭାବରେ କଥାବର୍ତ୍ତା ଅରମ୍ଭ କରନ୍ତି, ତା'ହେଲେ ମୋର ଅଉ କହିବାର କିଛି ନାହିଁ । ଅପଣ ଅପଣଙ୍କ ରାସ୍ତା ଦେଖନ୍ତୁ । ମୁଁ ଚାଲିଲି ।

ସଦାଶିବ— ଅରେ ରହ, ରହ, ଯାଉଚ କାହିଁ । ଏପରି ରାଗିଲେ କି ଚଳେ ? କଣ କଥା ହେଲା, କହିବଟି ।

ଚର— କଥା ଆଉ କଣ, ଚଢ଼େଇ ପିଞ୍ଜରା ଭାଙ୍ଗି ଚମ୍ପଟ୍ ।

ସଦାଶିବ— ଅଉ ତୁମେ କରୁଥିଲ କଣ ?

ଚର— ଅରେ ମୋ କଥାତ ମୋ କଥା । କିନ୍ତୁ ପ୍ରମଥ ବାବୁ ଦୁର

ଦୁଇଟା ଗୁଣ୍ଡା ଦୁଅରମୁହଁରେ ଜଗେଇଥିଲା । ସମସ୍ତଙ୍କ ଅକ୍ଷିରେ ଧୂଳିଦେଇ ସେ ଯେପରି ସ୍ୱଭାବରେ ଗଲା ସେ ଏକ ଅଶ୍ଚର୍ଯ୍ୟ ବ୍ୟାପାର ।

ସଦାଶିବ— କଣ ହେଲା ଘଟଣାଟା କହ ଦେଖି ।

ଚର— ହେଲା କଣକି, ପ୍ରମଥବାବୁ ଲୁଅନ୍ତେ ତାର ରକ୍ଷିତା ହିଅକୁ ତ'ସାଙ୍ଗରେ ବାହା କରାଇବାର ଯୋଗାଡ଼ କଲା । ବାହାଘର ମଧ ହୋଇଗଲା ।

ସଦାଶିବ— ତୁମେ କହୁଚ କଣ ବାହାଘର ? ପ୍ରମଥ ହିଅ ସାଙ୍ଗରେ

ଚର— ଅରେ ଚମକୁପଡୁଚ କାହିଁକି ? କଥା ଶୁଣ, ତା ପରେ ଚମକିବାକୁ ଯଥେଷ୍ଟ ସମୟ ପାଇବ । ବାହାଘର ତ ହୋଇଗଲା । ବନ୍ଧୁ ବାନ୍ଧବମାନେ ମିଷ୍ଟାନ୍ନ ଭୋଜନରେ ବ୍ୟସ୍ତ । ଶଲାଗୁଡ଼ାକ ମତେ ଦେଖି ଓ ଟିକିଏ ନିମନ୍ତ୍ରଣ କଲେ ନାହିଁ । ବର କନ୍ୟା ବାସର ଘରକୁ ଗଲେ । ତା ପରେ କଣ ହେଲା, କେହି କହିପାରୁ ନାହାନ୍ତି । ବନ୍ଧୁ ବାନ୍ଧବମାନେ ମିଷ୍ଟାନ୍ନ ଖାଇ ବିଦାୟହେଲା ବେଳକୁ ଯେତେବେଳେ ବର କନ୍ୟାଙ୍କର ଗୋଡ଼ାପଡ଼େ ସେତେବେଳେ ଦେଖ, ଦେଖ, ନା ଅଛି ବର, ନା ଅଛି କନ୍ୟା ।

ସଦାଶିବ— ବଡ଼ ଅଶ୍ଚର୍ଯ୍ୟ ! ବଡ଼ ଅଦ୍ଭୁତ ! ସେମାନଙ୍କର ତ ଅଉ ଡ଼େଣା ନଥିଲା ଯେ ଉଡିଗଲେ !

ଚର— ଆମେ ଜଗୁଆଳିମାନେ କମ ପଚରା ଦଉଛୁଁ । ଜଣେ ସ୍ତ୍ରୀଲୋକ ଗୋଟାଏ ମଟରରେ ଅସି ବସି ଚାଲିଗଲେ । ସେ କିଏ, ବର ବା କନ୍ୟା କିଏ ଜାଣେ ?

ସଦାଶିବ— ତାର ପର ପ୍ରମଥ କଣ କଲା ?

ଚର— ସେ କଥା କ ମୁଁ ଜାଣିଚି ? କାଲ ଦେଖିଚି, ପ୍ରମଥ ଘଉଡ଼ା ବାଘ ପରି ଜାଉଥିଲା । ମୁଁ ତ ପଳାଇ ଅଇଲି ଅପଣଙ୍କୁ ଖବର ଦବାପାଇଁ

ସଦାଶିବ— ପ୍ରଫୁଲ୍ଲ ବୋଲି ଯୋଉଅବି ଜଣେ ସାଙ୍ଗ ତା ସାଙ୍ଗରେ ଦେଖା କରିଥିଲା ?

ଚର— ପ୍ରଫୁଲ୍ଲ କି ସେ କିଏ, ଜଣେ ଟୋକା ଯୋଉ ସାଙ୍ଗରେ କଥା ବାର୍ତ୍ତା କରୁଥିଲା ମୁଁ ଜାଣେ ।

ସଦାଶିବ— ସେ କୁଆଡ଼େ ଗଲା ?

ଚର— ତା ମୁଁ ଜାଣିବି କିପରି ?

ସଦାଶିବ କାରୁ ପ୍ରାୟ ଦଶ ମିନିଃ ପର୍ଯ୍ୟନ୍ତ ନୀରବହୋଇ ବସିଲେ । ତା ପରେ କହିଲେ ଦେଖ, ତୁମେ ଦୁଇଜଣ ଲୋକ ବର୍ତ୍ତମାନ ଅଣିପାରିବ, ଯେଉଁମାନେ କି ଦେଖିଲ ମାତ୍ରକେ ବିଲମ୍ବ ନ କରି ଗୋଟାଏ ଲୋକକୁ ଚୁପ୍ କରାଇ ପାରିବେ ?"

ଚର— ତା ଖୁବ୍ ପାରିବ ।

ସଦାଶିବ— ତା ହେଲେ ତୁମେ ଯାଅ । ତୁମେ ଦୁଇ ଜଣ ଯେକ ଜଗନ୍ନାଥ ସଡ଼କ ଛକ ଉପରେ ରହିଥିବ । ଖଣ୍ଡେ ମଃର ମିଧ ନେଇଥାଅ । ଯାହା ଗର୍ତ୍ତ ପଡ଼ିବ ପଡ଼ୁ । ସେ ଭାବନା କର ନାହିଁ । ଯଦି ଦେଖିବ ଯୋଉଅ ସେ ରାସ୍ତାରେ ଯାଏ, ତା ହେଲେ ତାକୁ ସାବାଡ଼ କରିବ । ବୁଝିଲ, କିଛି

ପାଇଲେ ସର୍ତ୍ତ ପତ୍ର ବାଦ ୨୫୦୦୲ ବକ୍‌ସିସ । ଅଉ ବାକି ଜଣେ ମୋ ସାଙ୍ଗରେ ହାବଡ଼ା ଷ୍ଟେସନରେ ଓ ଅଉ ଜଣେ ମୋର ସାଥିଙ୍କ ସହିତ ଶିଆଲଦା ଷ୍ଟେସନରେ ଜଗିରହିବେ । ମୋର ବିଶ୍ୱାସ ଘୋଷ ଓ ପ୍ରଫୁଲ୍ଲ ଗାଁକୁ ପଳାଇବାର ଉଦ୍ୟମ କରିବେ । ତୁମେ ଏ ସବୁ ପାରିବ ତ ?

ଚର— ଖୁବ୍ ପାରିବ । ତୁମେ ମତେ ଏଥିଲାଗି କେତେ ସମୟ ଦେବ ?

ସଦାଶିବ— ଖୁବ୍ ଜୋର ଅଧ ଘଣ୍ଟାଏ । ବର୍ତ୍ତମାନ ବାଜିଲାଣି ନ । ଅଧ ଘଣ୍ଟାକ ମଧ୍ୟରେ ଗୋଟାଏ ଗାଡ଼ି ହାବଡ଼ାରୁ ଛାଡ଼ିବ । ଯାଅ, ଅଉ ଡେରି କର ନାହିଁ ।

—:O:—

ଘୋଷ ବାବୁ ମଟରରେ ବସି କଲିକତା ସହର ପାରହୋଇ ଜଗନ୍ନାଥ ସଡ଼କରେ ଆସି ପଡ଼ିଲେ । ରାତି ବେଳ ଗଡ଼ିଅଡ଼ ଲାଗୁନ । ସେ ଦେଖିଲେ ପଛରୁ ଗୋଟାଏ ମଟର ଆସୁଛି । ପରେ ଦେଖିଲେ ଗୋଟାଏ ନୁହେଁ ଦୁଇଟା ଆଗ ପଛ ହୋଇ ଧାଇଁଛନ୍ତି । ଘୋଷ ବାବୁ ଡ୍ରାଇଭରକୁ କହିଲେ, "ଦେଖ ପଛରେ ଦୁଇଟା ମଟର ଆସୁଛି । ସେ ହୁଏତ କୌଣସି କାଯ୍ୟୋର ହୋଇଥିବେ ଅପର ପକ୍ଷରେ ହୁଏତ ମୋର ଶତ୍ରୁମାନେ ହୋଇଥିବେ । ତୁମେ ଏ ସଡ଼କରେ ଭାଙ୍ଗି ଯାଅନ୍ତ ।" ଡ୍ରାଇଭର ସେଇଆ କଲା । ସେମାନେ ଦେଖିଲେ ମଟର ଦୁଇଟା ମଧ୍ୟ ସେଇ ରାସ୍ତା ଧରିଲା ! ଘୋଷ ବାବୁ କହିଲେ, "ଅଉ ବେଶୀ

ବାଟ ଯିବା ଦରକାର ନାହିଁ । ମଟରଟା ଚୁଲେଇ ଦିଅ । ଛୁଡ଼ାଙ୍କରି ରଗ । ସେମାନେ ପାଖରେ ପହଞ୍ଚିଗଲା କ୍ଷଣି ତୁମେ ମଟରଟା ଚଳାଇଦିଅ ଆଗକୁ ।" ମଟର ଚୁଲି ଠିଆହେଲା । ଗୋଟାକ ପରେ ଗୋଟାଏ ସେ ଦୁଇଟା ମଟର ଆସି ପ୍ରାୟ ପାଖ ହୋଇଗଲା ବେଳକୁ ଘୋଷ ବାବୁଙ୍କ ମଟରଟା ଷ୍ଟାର୍ଟ କରି ସେଠାରୁ ଆଗକୁ ଡେଇଁ ପଡ଼ିଲା । ସେମାନେ ଅଳ୍ପ ମାତ୍ର ବାଟ ଯାଇଛନ୍ତି ଶୁଣିଲେ ପଛରୁ ଗୁଳିର ଶବ୍ଦ । ଗୋଟାଏ ଗୁଳି ତାଙ୍କ ପାଖ ଦେଇ ସାଁ କରି ଚାଲିଗଲା । ଘୋଷ ବାବୁ କହିଲେ, "ଏଥର କି ବୁଝିଲ ତ ? ତାଙ୍କୁ ଟପି ଯାଇ ପାରିବ ?"

ଡ୍ରାଇଭର ବାସ୍ତବ ସେତେବେଳକୁ ଉଗ୍ରମୂର୍ତ୍ତି ଧରିଲାଣି ସେ ଦାନ୍ତଚିପି କିଛି ନକହି ଅକ୍ସିଲରେଟରଟା ଗୋଡ଼ରେ ମାଡ଼ିଦେଇ ଛାଡ଼ିଦେଲା । ପଛ ମଟର ଦୁଇଟା ବୁଲି ତାଙ୍କର ଅନୁସରଣ କଲାବେଳକୁ କିଛି ଡେରି ହେଲା । ସେଇତକ ସମୟ ମଧ୍ୟରେ ଘୋଷବାବୁଙ୍କ ମଟର ପ୍ରାୟ ମାଇଲଏ ପର୍ଯ୍ୟନ୍ତ ଆଗୁସାର ହୋଇଗଲେଣି । ତା'ପରେ ଲାଗିଲା ଦୌଡ଼ । ଘୋଷବାବୁଙ୍କ ମଟର ଆଗରେ । ପଛରେ ବାକି ଦୁଇଟା ମଟର ପରସ୍ପରକୁ ଟପିବା ପାଇଁ ଚେଷ୍ଟା କରୁଛନ୍ତି । ଘୋଷବାବୁ ଆରମ୍ଭରୁ ଯେ ମାଇଲକ ଆଗୁସାର ହୋଇ-ଥିଲେ ସେ ମାଇଲକର ବ୍ୟବଧାନ ଅଳ୍ପେ ଅଳ୍ପେ କମିବାକୁ ଲାଗିଲାଣି । ଅଥାତଃ ପଛମଟର ଗୁଡ଼ାକ ତାଙ୍କ ମଟର ଅପେକ୍ଷା ବେଶୀ ପାୱାରବାଲା । ସେମାନେ ଖଡ଼୍ଗପୁରରେ ଆସି ପହଞ୍ଚିଲେ ପ୍ରାୟ ରାତି ଦୁଇଟା ବେଳକୁ । ଘୋଷବାବୁ ଦେଖିଲେ ଆଉ ବେଶୀ ସମୟ ଏପରି ଦୌଡ଼ ହବନାହିଁ । ସେ ଚାହିଁ ଦେଖିଲେ ଆଗରେ ସଦରରାସ୍ତା ଉପରେ ଗୋଟାଏ ଗଳି । ଡ୍ରାଇ-ଭରକୁ କହିଲେ ମଟରଟା ଅଳ୍ପେ ଚଲାଅ । ଏଇ ଗଳିମୁଣ୍ଡ ହେଲେ ମୁଁ ଓହ୍ଲାଇଯିବି । ଆଉ ତୁମେ ପୁଣି ପୂର୍ଣ୍ଣ ବେଗରେ ଚଳାଇନବ ଆଗକୁ ।

ତୁମର ଭଡ଼ା ବାବଦକୁ ଅଉ ଟ ୫୦ ଙ୍କା ଓ ବକ୍ସିସ ଟ ୨୦ ଙ୍କା ଧରିନଅ" । ଡ୍ରାଇଭର କହିଲା "ବାବୁ, ମୁଁ ମୋର ଯଥାସାଧ୍ୟ କରିଛି"। ଯୋଗ–ମୁଁ ତୁମକୁ ଦୋଷ ଦଉନାହିଁ । ବେଶ୍, ମୁଁ ଏହିଲାଗେ ଗଲି । କହି ସେ ମଟରର ଫୁଟ୍‌ବୋର୍ଡ ଉପରୁ ରାସ୍ତାକୁ ଡେଇଁ ପଡ଼ିଲେ । ମଟରଟା ସଁ୍ କରି ଆଗକୁ ଚାଲିଗଲା । ପଛ ମଟର ଦୁଇଟା ସେତେବେଳକୁ ପ୍ରାୟ ଶହେ ଦେଢ଼ଶ ହାତ ପଛରେ । ଯୋଗବାବୁ ରାସ୍ତାକୁ ଅସି ଗଳିଭିତରେ ପଶି-ଗଲେ । ଗୋଟାଏ ଘରର ଦୁଆର ଉପରକୁ ଅଉଜିପଡ଼ି ଚାହିଁଲେ, ଦେଖିଲେ ପଛମଟର ଦୁଇଟା ଗଳି ପାଖରେ ଟିକିଏ ରହି ପୁଣି ଆଗ ମଟର ପଛରେ ଦଉଡ଼ିଲେ । ସେ ସେଠାରୁ ବାହାରି ଚାଲିଲେ ସିଧେ ଖଡ଼୍‌ଗପୁର ଷ୍ଟେସନକୁ । ହାଉଡ଼ା ପୁରୀ ପାସେଞ୍ଜର ପ୍ରାୟ ସାଢ଼େ ଦୁଇଟାବେଳେ ଖଡ଼୍‌ଗପୁର ଷ୍ଟେସନ ଛାଡ଼େ । ସେ ଷ୍ଟେସନରେ ଅସି ପହଞ୍ଚିଲା ବେଳକୁ ଗାଡ଼ି ଛାଡ଼ିବାକୁ ଅଉ ପ୍ରାୟ ପନ୍ଦର ମିନିଟ୍ ସମୟ ଅଛି । ଭରବର ହୋଇ ଟିକଟ୍ ଖଣ୍ଡେ କିଣି ସେ ଯାଇ ଗାଡ଼ିରେ ବସିପଡ଼ିଲେ । ପ୍ଲାଟଫର୍ମ ଉପରକୁ ଚାହିଁଥାନ୍ତି । ଗାଡ଼ିର ଛୁଟିବ ଘଣ୍ଟାପଡ଼ିଲା । ଗାର୍ଡସାହେବ ସିଟି ବଜାଇ ପତାକା ହଲା-ଇଲା । ଏତିକିବେଳେ ଚାରିଜଣ ଲୋକ ଗାଡ଼ିପାଖରେ ଦଉଡ଼ି ଦଉଡ଼ି ଆସିଲେ । ସେମାନଙ୍କ ହାତରେ ଗୋଟାଏ ଟର୍ଚ୍ଚଥିଲା । ଯୋଗବାବୁ ଝରକା ମଧ୍ୟରୁ ମୁହଁ ଭିତରକୁ ଘେନିଆସିବା ପୂର୍ବରୁ ଟର୍ଚ୍ଚର ଆଲୁଅ ଅସି ତାଙ୍କ ମୁହଁରେ ପଡ଼ିଲା । ଗାଡ଼ି ଠିକ୍ ଚାଲିଲା ବେଳକୁ ଚାରିଜଣ ମଣିଷ ତାଙ୍କ ଡବା ଦୁଆର ଖୋଲି ପଶିବାକୁ ଚେଷ୍ଟାକଲେ । ଯୋଗବାବୁ ଉଠିଯାଇ ଦୁଆର ମୁହଁରେ ଛିଡ଼ାହୋଇ ସବୁ ଆଗରେ ଯେ ଥିଲା, ତାର ପେଟକୁ କଷି ଗୋଟାଏ କର୍ଘାତ ଗୋଇଠା ମାରିଲେ । ଏ ଚାରିଜଣ ଯାକ ଯେପରି ଠେଲା ଠେଲି ହୋଇ ପଶିବାକୁ ଚେଷ୍ଟା କରୁଥିଲେ, ପ୍ରଥମ ଲୋକ ଉପରେ

ମାତ୍ର ବସି ସେ ଖସି ପଡ଼ିଲା। ମାହକେ ବାକି ତିନି ଜଣ ମଧ୍ୟ ତାଙ୍କ ସଙ୍ଗରେ ପ୍ଲାଟଫର୍ମ ଉପରେ ଚିତ୍‌ପଟାଙ୍ଗ । ସେମାନେ ଉଠିଲା ବେଳକୁ ଗାଡ଼ି ଛାଡ଼ି ଦେଲାଣି । ଯୋଉ ବାବୁ ଦେଖିଲେ ସେମାନଙ୍କର ଆଉ ଗାଡ଼ି ଧରିବା ଅସମ୍ଭବ । ସେ ଆସନ ମାଡ଼ିବସି ଗୋଟାଏ ଦୀର୍ଘନିଃଶ୍ୱାସ ଛାଡ଼ିଲେ ।



ଅଗ୍ରଗାମୀ ସାହିତ୍ୟ ସମିତିର ସପ୍ତମ ଗ୍ରନ୍ଥ



(ଦ୍ୱିତୀୟ ଭାଗ)

ଲେଖକ — ଶ୍ରୀ ଗୋବିନ୍ଦ ତ୍ରିପାଠୀ, ଏମ୍, ଏ

—o||o—

ପ୍ରଥମ ମୁଦ୍ରଣ + ସେପ୍ଟେମ୍ବର + ୧୯୪୧

ବାର୍ଷିକ ଅଗ୍ରୀମ ଦେୟ ... ୨୦୫

ସମ୍ପାଦକ—

# ୧୯

“ଏ ଗୋପବୋଉ ମାଉସୀ, ଶଙ୍କର ବାକର ଗୁଡ଼ାକ ସବୁସୂକ୍ଷ୍ମ ଲୁଗା ପିନ୍ଧି ଲହର ସଫର ହଉଚନ୍ତି । ଅଉ ତୁମେ ଏପରି ଛିଣ୍ଡାକନା ଗଣ୍ଡେ ଗୁଡ଼େଇ ହେଇଚ କେନେମ” ପ୍ରମିଳା ଦେବୀ ଗୋପବୋଉଙ୍କୁ ଡ଼ାକି ଏକଥା କହିଲେ । ଗୋପବୋଉ ପ୍ରମିଳାଙ୍କର ଜଣେ ଗଭିର ଆତ୍ମୀୟ । ବାଳବିଧବା ସେ । ପ୍ରମିଳାଙ୍କର ପିତା ଦୟାପାଇ ତାଙ୍କୁ ଘରେଆଣି ରଖି-ଥିଲେ । ସେଇଦିନୁ ସେ ଏଠାରେ ଅଛନ୍ତି । ସରୋଜିନୀ ଦେବୀ ବଞ୍ଚିଥିଲା-ବେଳେ ମଧ ଘରର ପ୍ରକୃତ ମାଲିକ ଥିଲେ ଏଇ ଗୋପବୋଉ । ସେ ବାଲବିଧବା, ଅଥଚ ତାଙ୍କୁ ଗୋପବୋଉ ବୋଲି ଡ଼ାକିବା ଟିକିଏ ବିଷଦ ଶୁଣା ଯାଉଥିବ କାହାକୁ ନିଶ୍ଚୟ । ଅସଲ କଥା କଣକି, ସେ ଗୋଟିଏ ମା'-ଛେଉଣ୍ଡ ପିଲା ପାଳିଥିଲେ “ତାର ନା' ଗୋପୀ” ତାଙ୍କର ରୁକ୍ଷ ହୃଦୟର ସମସ୍ତ ସ୍ନେହ ସେ ଅଜାଡ଼ି ଦେଇଥିଲେ ଏଇ ପିଲାଟି ଉପରେ । ସେ ପ୍ରମିଳା ଜନ୍ମହବାର ଆଗକଥା । ପ୍ରମିଳା ଜନ୍ମ ହବାକୁ ମାସ ଦୁଇ ଥାଏ, ସେ ପିଲାଟି ମଧ ତାଙ୍କୁ ଫାଙ୍କିଦେଇ ପାଞ୍ଚବର୍ଷ ବୟସରେ ଚାଲିଗଲା । ତାପରେ ପ୍ରମିଳାର ଜନ୍ମ । ଗୋପବୋଉଙ୍କର ଶୁଖିଆସିଥିବା ପ୍ରାୟ ହୃଦୟ ପ୍ରମିଳାର ମୁହଁକୁ ଚାହିଁ ପୁଣି ସରସ ହୋଇ ଉଠିଲା । ସେ ଗୋପୀକୁ ଯେପରି ଭଲ ପାଉ-ଥିଲେ, ତାର ଦୁଇଗୁଣ ଉତ୍ସାହରେ ପ୍ରମିଳାଙ୍କୁ ଭଲ ପାଉଥିଲେ । ପିଲାଦିନେ

ପ୍ରମିଳା ଥିଲେ ଟିକିଏ ଦୁଷ୍ଟ । ମା' ଯଦି କିଛି ଗାଳିକରି କହନ୍ତି ତାଙ୍କୁ ତା'ହେଲେ ଗୋସ୍ୱବୋଉ ତାଙ୍କ ସାଙ୍ଗରେ ଦାନ୍ତକୁ ଦାନ୍ତ ଲଗେଇ ମଗି-ଯାନ୍ତି । ଶେଷରେ ଏପରି ହେଲାଯେ ତାଙ୍କ ଆଗରେ ପ୍ରମିଳାଙ୍କୁ କେହି ଅଙ୍କ ସୁଦ୍ଧା କରନ୍ତି ନାହିଁ । ପ୍ରମିଳା ମଧ୍ୟ ତାଙ୍କୁ ସେହିପରି ଆଦର ଯାଉ-ଥିଲେ । ଖୁବ୍ ଅଙ୍କ ହୋଇ କାନ୍ଦିଲାବେଳେ, ଏକମାତ୍ର ଗୋସ୍ୱବୋଉ ତାଙ୍କୁ କୁଢ଼େଇ ଭୁଲାଇ ପାରୁଥିଲେ । ଏ ସବୁ ଦେଖିଶୁଣି ସରୋଜିନୀ ଦେବୀ-ଙ୍କର ପ୍ରଥମେ ଟିକିଏ ଈର୍ଷ୍ୟା, ଟିକିଏ ରାଗ ମଧ୍ୟ ହୋଇଥିଲା । କିନ୍ତୁ ପରେ ଯେତେବେଳେ ସେ ଗୋସ୍ୱବୋଉଙ୍କର ନିଃସ୍ୱାର୍ଥ ସ୍ନେହ ବୁଝିଲେ, ତାଙ୍କ ମନରେ ଆଉ ଦୁଃଖ ରହିଲା ନାହିଁ । ଗୋସ୍ୱବୋଉ ତ ଆଗରୁ ଘରସଂସାରର ବୋଝ ନିଜ ମୁଣ୍ଡରେ ବୋହି ନେଇଥିଲେ । ବର୍ତ୍ତମାନ ପ୍ରମିଳାର ପ୍ରାୟ ସମସ୍ତ ଭାର ତାଙ୍କରି ଉପରେ ପଡ଼ିଲା । ଏପରି କି ପ୍ରମିଳାଙ୍କୁ ଗୋସ୍ୱବୋଉ ଜିମାଦେଇ ସ୍ୱାମୀ ଗସ୍ତ ଗଲାବେଳେ ସେ ତାଙ୍କ ସାଙ୍ଗରେ ଯାଇ ଚାରିଦିନ ପର୍ଯ୍ୟନ୍ତ ମଫସଲ ଡାକ ବଙ୍ଗଳାରେ କଟାଇ ଆସୁଥିଲେ । ପ୍ରମିଳା ମଧ୍ୟ ଦିନେ ଓଳିଏ ମା'ଙ୍କୁ ଖୋଜନ୍ତି "ତାପରେ ଗୋସ୍ୱବୋଉଙ୍କ ସ୍ନେହରେ ସବୁ ଭୁଲିଯାଇ ଖେଳରେ ମାତି ଯାନ୍ତି । ଏହିପରି ଭାବରେ ଗୋସ୍ୱବୋଉଙ୍କର ଦିନକାଳ ସୁଖଦୁଃଖରେ କଟି ଯାଉଥାଏ । ତାଙ୍କ ମନରେ ଗୋଟିଏ ମାତ୍ର ଦୁଃଖ ଯେ ପ୍ରମିଳା ବିବାହ କରିଥାନ୍ତେ, ସେ ଟିକିଏ ଜୋଇଁମୁହଁ ଦେଖିଥାନ୍ତେ । କିନ୍ତୁ ତାଙ୍କର ଏ ଇଚ୍ଛାମୂଳରେ ପ୍ରମିଳାଙ୍କୁ ପାଣିଛଡ଼ା କରିବାର ଅଭିଳାଷ ଟିକିଏ ମାତ୍ର ନଥିଲା । ସେ ଖାଲି କହୁଥିଲେ "କେନ ଗୋ, ଆମର କଣ ନାହିଁ ଯେ ପ୍ରମିଳାଙ୍କୁ ଗୋଟିଏ ବଡ଼ଲୋକ ଘରେ ଦେଇ ପାଣିଛଡ଼ା କରି-ଦେବ ? ଗୋଟିଏ ସୁନ୍ଦର ଗରିବ ପିଲା ଦେଖି ତାକୁ ବାହା କରିଦିଅ । ଜୋଇଁ ଝିଅ ଘରେ ରହିବେ, ମୋ ଆଖି କୃତାର୍ଥ ହୋଇଯିବ ।" ସରୋ-ଜିନୀ ଦେବୀଙ୍କ ମନରେ ଏ ପ୍ରଲୋଭନଟା ଯେ ଗୋଳମାଳ ଆଣୁ ନଥିଲା,

ତାହା କହିବା ଅସଙ୍ଗତ ହେବ । ତେବେ ସେ ସ୍ୱାମୀଙ୍କର ଶେଷବେଳର ଇଚ୍ଛା ସ୍ମରଣ କରି, ନିଜହୃଦୟର ଅଭିଳାଷକୁ ଦବେଇ ରଖୁଥିଲେ । ଏଇ ଗୋଟିଏ ବିଷୟ ନେଇ ସରୋଜିନୀ ଦେବୀ ଓ ଗୋସ୍ୱାବୋଉଙ୍କ ସଙ୍ଗରେ କେତେଥର କଳିଗୋଳ ହୋଇ ଯାଇଛି । କେତେଥର ଗୋସ୍ୱାବୋଉ "ବ୍ରାହ୍ମଣଘରେ ବଢ଼ିଲା କନ୍ୟା ବିବାହ ହବା କିଏ କେବେ ଶୁଣିଥିଲ ? ଶାସ୍ତ୍ରରେ ଅଛି ଅନୂଢ଼ା ଝିଅ ବାପଘରେ ବଢ଼ିଲେ ପତ୍ତ୍ର ପୁରୁଷ ପିଣ୍ଡ ପାନ୍ତି ନାହିଁ । ଏ ମହାପାପ, ମୁଁ ବାବୁ ଏ ପାପରେ ଭାଗି ହେବିନାହିଁ । ଏତେବଡ଼ ଝିଅ ଅନୂଢ଼ା ରହି ଯେ ନିଃଶ୍ୱାସ ପକେଇବ, ତାର ଫଳ ମୁଁ ମୁଣ୍ଡେଇ ପାରିବି ନାହିଁ । ମୁଁ ଏଥର ନିଶ୍ଚୟ ଚାଲିଲି ପୁଣି "ତୁମ ଝିଅ, ତୁମ ପାପ ନେଇ ତୁମେ ଥାଅ" କହି ପେଡ଼ି ପେଟରା ବାନ୍ଧିଚନ୍ତି, କିନ୍ତୁ ଘରୁ ଗୋଡ଼ କାଢ଼ି କୌଣସି ଅଢ଼େଇ ପୁଟିଏ ମାଡ଼ି ଯାଇ ନାହାନ୍ତି । ସେଇ ଅନୂଢ଼ା ପ୍ରମିଳା, ସେଇ ପାପ, ସେଇ, ନିଃଶ୍ୱାସକୁ ମୁଣ୍ଡରେ ଲଦି ସେଇ ଘରେ ମୁଣ୍ଡଗୁଞ୍ଜି ପୁଣି ପଡ଼ିରହନ୍ତି । ସରୋଜିନୀ ଦେବୀ ଯଦି ଥଟ୍ଟାଛଳରେ ତାଙ୍କୁ ଏ କଥା କହନ୍ତି, ତା'ହେଲେ ଜବାବ ଅସେ "ବୁଝିଚ ଗୋ ବୁଝିଚ" ମୁଁ ତ ହୋଇଚି କଣ୍ଟକ । ମୁଁ ଏ ଘରୁ ଗଲେ ତୁମେ ଅଭବ ଗୋଟାଏ ବାହା ହୋଇ ପଡ଼ନ୍ତ । ମୁଁ ତୁମକୁ ହାଡ଼େ ହାଡ଼େ ଚିହ୍ନେ । ତୁମେମାନେ କଢେ-ଇବ କଣ ?" ତା'ପରେ ସରୋଜିନୀ ଦେବୀ ତାଙ୍କ ହାଣ୍ଡି ମୁଠା ଧରି ଗୋଡ଼ାନ୍ତି, ଅଉ ସେ କଚ୍ଛ କରି ହସି ପଳାଇ ଯାନ୍ତି ବାଣ୍ଡଅଡ଼କୁ । ଏହି-ପରି ଭାବରେ ସୁଖଦୁଃଖରେ ଦିନ କଟି ଯାଉଥିଲା । "ତା'ପରେ ସରୋଜିନୀ ଦେବୀ ଏ ଇହସଂସାରର ଦୁଃଖ କଷ୍ଟ ଫାଙ୍ଗପାଡ଼ି ଦେଇ ତାଙ୍କର ପ୍ରିୟତମ ସ୍ୱାମୀଙ୍କ ପାଖକୁ ଚାଲିଗଲେ । ସେତେବେଳେ ଗୋସ୍ୱାବୋଉ ଏଣେ କାନରେ ଲୁହ ପୋଛୁଥାନ୍ତି, ତେଣେ ଘରସଂସାର, ଶ୍ରାଦ୍ଧ ଶାନ୍ତିର ସମସ୍ତ ଯୋଗାଡ଼ କରୁଥାନ୍ତି । ସେ ତାଙ୍କ ପକ୍ଷରେ କିଛି ବଡ଼କଥା ନଥିଲା । କାରଣ

ଚାକର ବାକରମାନେ ତାଙ୍କୁହିଁ ସାନ୍ତାଣୀ ବୋଲି ଜାଣିଥାନ୍ତି । ଏପରି କି ଦାଣ୍ଡର ଗୁମାସ୍ତା ମୋହରିରମାନେ ଘର ବିଷୟରେ ତାଙ୍କୁହିଁ ପଚାରନ୍ତି ସିନା ସର୍ବେଶ୍ୱରୀ ଦେବୀଙ୍କୁ ବଡ଼ ବେଶୀ କେହି ସେ ସବୁ ବିଷୟରେ ବିରକ୍ତ କରନ୍ତି ନାହିଁ । କାହିଁ କଦବା ଯେବେ କେହି ଘର ବିଷୟରେ ତାଙ୍କୁ କଣ ପଚାରେ ତା'ହେଲେ ସେ କହିଦିଅନ୍ତି "ଗୋସ୍ୱା ବୋଉଙ୍କୁ ପଚାର, ମୁଁ ସେ ସବୁର କି ଜାଣେ ?"

ଗୋସ୍ୱା ବୋଉଙ୍କର ବର୍ତ୍ତମାନ ବୟସ ପ୍ରାୟ ଚଉବିଶ କି ପଞ୍ଚବିଶ ହେବ । ଧଳ ଦେଖାପଡ଼ୁ କଇଁଫୁଲ ରଙ୍ଗ ଦେହଟିରେ ଓ ଲମ୍ବା ଲମ୍ବା ଓସାରିଆ ଆଖି ଦୁଇଟିରେ ଅକ୍ଷୁର୍ଣ୍ଣ ଓ ଅଭୁକ୍ତ ଯୌବନର ତରଳ ଚଞ୍ଚଳ ଲାବଣ୍ୟ ପ୍ରଭା ଏ ପର୍ଯ୍ୟନ୍ତ ମଧ୍ୟ ଟିକିଏ ଟିକିଏ ଲାଗି ରହିଛି । ନାନା ବାର ବ୍ରତ ଓଷା ଉପବାସରେ ସେ ଦେହଟାକୁ ଶୁଖାଇବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ଯୌବନର ଉଷ୍ଣ ରକ୍ତ ଏକାବେଳକେ ଶୀତଳ ହୋଇ ପାରି ନାହିଁ । ସେ ନିଜେ ଏ କଥା ଅନୁଭବ କରନ୍ତି ବେଳେ ବେଳେ । ସେତେବେଳେ ତାଙ୍କ ମୁହଁ ଲାଲ ସିନ୍ଦୂର ହୋଇଯାଏ । ଆଉ ସେ ଏହାକୁ ଦବାପାଇଁ ଯେତେ ଦୂର ପାରନ୍ତି ସବୁ ବିଳାସ ବ୍ୟସନ ଛାଡ଼ି ଦେଇଛନ୍ତି । ଏପରି କି ସଫା ଲୁଗା ଖଣ୍ଡେ ପିନ୍ଧିବାର ତାଙ୍କୁ କେହି କେବେ ଦେଖି ନାହାନ୍ତି । ମୁଣ୍ଡରେ ମାସେ ଦିମାସରେ ଥରେ ତେଲହାତ ବାଜେ କି ନାହିଁ । ସେ ଘରର ମାଲିକ ହେଲେ ମଧ୍ୟ ସାନ୍ତାଣୀଙ୍କ ଗଦାରେ କେବେ ଖାନ୍ତି ନାହିଁ । ଚାକର ବାକ-ରଙ୍କ ପାଇଁ ଯେ ମୋଟା ଭାତ, ମୋଟାଡ଼ାଲି ତରକାରି ହୁଏ ସେଇ ତାଙ୍କର ଯଥେଷ୍ଟ । କହିଲେ ଜବାବ ଦିଅନ୍ତି "ମୋ ବାପ ଗୋସେଇଁ ବାପର ଦିନେ ହେଲେ ସରୁଚାଉଳ ଖାଇବାକୁ ପାଇନାହାନ୍ତି । ଆଉ ମୁଁ ଭଲେ ଖାଇବି । ବେଙ୍ଗ ପେଟରେ ଘିଅ କି ପାରିହୁଏ ଲୋ ମା" । ସର୍ବେଶ୍ୱରୀ ଦେବୀ ପ୍ରକୃତ

କଥାଗୁଡ଼ା ବୁଝୁଥିଲେ । ସେଥିପାଇଁ ସେ ସ୍ତ୍ରୀଙ୍କୁ ଏ ସବୁ ବିଷୟରେ ବାଧା କରୁ-ନଥିଲେ । ପ୍ରମିଳାତ ଝିଅ, ସେ ଏତେକଥା ବୁଝିବେ କାହୁଁ ? ସେ ବେଳେ ବେଳେ ବଡ଼ ଖପା ହୁଅନ୍ତି ବଡ଼ ଅଭିମାନ କରନ୍ତି । ସେତେବେଳେ ଦିନେ ଦୁଇଦିନ ପାଇଁ ଗୋସ୍ୱାବୋଉ ଖାସ ଜନାରେ ଯାନ୍ତି । ତା'ପରେ ଯେଉଁ କଥାକୁ ସେଇକଥା ।

ଗୋସ୍ୱାବୋଉ ସୁନ୍ଦରୀ, କିନ୍ତୁ ତାଙ୍କୁ କେହି କେବେ ସୁନ୍ଦରୀ ବୋଲି କହି ନାହିଁ । ସାହିପଡ଼ଶା, ଗାଁ ଗଣ୍ଡା ଲୋକର ବାକର ସମସ୍ତଙ୍କ ପାଖରେ ସେ ଗୋସ୍ୱାବୋଉ । ଚିରଦିନ ଏହିପରି ଅଛନ୍ତି, ଚିରଦିନ ଏହିପରି ରହିଥିବେ । ସେ ଯେ କେବେ ଉଦ୍ଦାମ ଯୌବନର ଉଦ୍ଧତ ଶକ୍ତି ଅନୁଭବ କରିଚନ୍ତି ବା କେବେ ଯେ ସେ ଚମ ଧଡ଼ି ଧଡ଼ି ପାକଲା ବାଳ ପାକୁଆ ପାଇଁ ବୁଢ଼ୀ ହୋଇ-ଯିବେ— ଏକଥା କାହାରିମନରେ କେବେ ଆସିନାହିଁ ।

ପ୍ରମିଳାଙ୍କର କଥା ଶୁଣି ଗୋସ୍ୱାବୋଉ ହସିଦେଇ କହିଲେ " ମଲା ଯା ବାଳରୁ ସାଁ ବାଳତ ଅସି ହେଲା, ମୋର ଏହିପରି ଚଳିଯାଉଚି । ଅଛି ଆଉ ଏ ମରିବା ବୟସରେ ଚହଟ ଚିକ୍କଣ ଲୁଗାପିନ୍ଧି କି ନାଗରର ମନ ଭୁଲେଇବ ଲୋ ?" ପ୍ରମିଳା କେତେଥର ଏପରି ଆପତ୍ତି କରିଚନ୍ତି, ସବୁଥର ଏହି ଜବାବଟା ଶୁଣିଚନ୍ତି, ସେ ଆଉ କିଛି ନକହି ତାଙ୍କର ସିଲେଇ କାମରେ ଲାଗିଗଲେ । ଗୋସ୍ୱା ବୋଉ ଟିକିଏ ଦୂରରେ ବସି ନଖବଳାତା କାଟୁଥାନ୍ତି ।

ଏପରି ସମୟରେ ହଠାତ୍ ଶ୍ୟାମ ବାବୁ ଆସି ଦୁଆର ମୁହଁରେ ହାଜର ହୋଇଗଲେ । ପ୍ରମିଳା ତାଙ୍କୁ ଦେଖି ଗାଲ ଛାତି ଉପର ଲୁଗାଟାକୁ ଟିକିଏ ଟାଣିଦେଇ ପୁଣି ତାଙ୍କ ସିଲେଇ କାମରେ ଲଗିଗଲେ, ଯେପରି କି ଶ୍ୟାମ

ବାବୁଙ୍କର ଘର ମଧ୍ୟ ସେଠାରେ ପଡ଼ି ନାହିଁ । କିନ୍ତୁ ଗୋସ୍ୱା ବୋଉ ଉଠିପଡ଼ି ଅଣ୍ଟାରେ ଦି ହାତ ରଖି ଗର୍ଜନ କରି ଉଠି କହିଲେ, "ତୁ କିଏରେ ? କହା ବୋଲି ନାହିଁ, ମାଣ୍ଡପି ମହଲ୍‌ରେ ପଶିବାକୁ ତୁ କିଏରେ ! ଘରେ ସମର୍ଥ ଛୋକଟା, ସଭରେ ବସିଥିବ କି ଅସଭରେ ବସିଥିବ, ଜାର୍ଥିଲଗାଙ୍କ ମନରେ କି ସେଇକ ପଶୁଛି ?"

ଶ୍ୟାମ ବାବୁ ଯଦି ଏ ଘରେ କାହାରିକୁ ପ୍ରକୃତରେ ଡରନ୍ତି, ତା ହେଲେ ସେ ଏହି ଗୋସ୍ୱା ବୋଉକୁ । କିନ୍ତୁ ସେ ତାଙ୍କ ମୁହଁରୁ ଏପରି ଭଦ୍ର ନା କେବେ ଶୁଣି ନଥିଲେ, କାରଣ ଏପରି ଅଜଣା ଅଶୁଣା ସେ କେବେ ଅନ୍ଦର ମହଲକୁ ଆସି ନଥିଲେ । ଆଜି ହଠାତ୍ ଏପରି ଗାଳି ଶୁଣି ତାଙ୍କର ଦର୍ପ ଜାଗି ଉଠିଲା । ସେ କହିଲେ, "କି ଛୋଃ ମୁହଁରେ ବଡ଼ କଥା ! ଇଚ୍ଛା କଲେ ଏଇଲେ କୋଡ଼ା ମାରି ବାହାର କରି ଦେବି ।"

ପ୍ରମିଳା ଏ ପର୍ଯ୍ୟନ୍ତ ଚୁପ୍ ହୋଇ ଶୁଣୁଥିଲେ ସବୁ । ସେ ସହି ନ ପାରି କହିଲେ, "ମୁହଁ ସମ୍ଭାଳି କଥା କୁହନ୍ତୁ ଶ୍ୟାମବାବୁ । ଦେଖନ୍ତୁ ଯେପରି ଯେ କୋଡ଼ାର ଭୟ ଦେଖାଉଛନ୍ତି, ସେ କୋଡ଼ା ଆପଣଙ୍କ ପିଠିରେ ନ ପଡ଼େ ।"

ହୋମ ଅଗ୍ନିରେ ଘୃତ ଆହୁତି ହେଲା ଏଥର । ଶ୍ୟାମ ବାବୁ ନାଲି ନାଲି ଆଖି କରି କହିଲେ, "ଏତେ ଦୂର ଆସ୍ପର୍ଦ୍ଧା ! ମୋତେ କୋଡ଼ା ମାଡ଼ର ଭୟ । ଗୋଟାଏ ଚାପୁଡ଼ାରେ ଦୁଇ ପାଟି ଦାନ୍ତ ଝାଡ଼ିଦେବି । ସେ ପରେ କବେ ମୋତେ କୋଡ଼ା ମାଡ଼ି ଦେବ ।" ଏହା କହି ସେ ପ୍ରମିଳାଙ୍କ ଆଡ଼କୁ ମୁହଁସିଗଲେ । ରାଗର ଦାଉରେ ସେତେବେଳେ ସେ ଭୁଲିଗଲେ ଯେ ଏହି ପ୍ରମିଳାଙ୍କୁ ବିବାହ କରିବାରେ ହିଁ ତାଙ୍କର ମୁକ୍ତି, ସୁତରାଂ ପ୍ରମିଳାଙ୍କୁ ତୋଷାମଦରେ ବଶୀଭୂତ କରିବାକୁ ହେବ । ସେତେବେଳେ କେବଳ ପ୍ରମିଳାଙ୍କ ପ୍ରତି ତାଙ୍କ ଅନ୍ତରତମ ପ୍ରଦେଶର ରୋଷ, ଘୃଣା ଓ

ଈର୍ଷ୍ୟା ତାଙ୍କର ମନ, ଅମ୍ବା ସବୁରୁ ବୁଡ଼େଇ ଦେଇଥିଲା । ସେ ପ୍ରମିଳାଙ୍କ ପାଖ ହେଲା ବେଳକୁ ପ୍ରମିଳା ଚୌକି ଉପରୁ ଉଠି ଠିଆହେଲେ ଏବଂ ଶ୍ୟାମ ବାବୁ କିଛି କହିବା ପୂର୍ବରୁ ସପାଝ୍ କରି ଗୋଟାଏ ଚାପୁଡ଼ା ତାଙ୍କ ଗାଲକୁ କଷିଦେଲେ । ଶ୍ୟାମ ବାବୁ ଏ ପାଇଁ ପ୍ରସ୍ତୁତ ନ ଥିଲେ । ସେ ଭାବିଥିଲେ ତାଙ୍କ ଅଡ଼କୁ ମିଶିଗଲେ, ପ୍ରମିଳା ଭୟରେ ଜାକି ଜୁକି ହୋଇ ପଳାଇଯିବେ ହଠାତ୍ ଏ ପ୍ରକାର ପ୍ରତିଶୋଧ ପାଇ ସେ ଟିକିଏ ଦମକି ଗଲେ । ସେତିକି ବେଳକୁ ଗୋପ ବୋଉ ଗୋଟିଏ ଝାଡ଼ୁଣି ଉଠାଇ ତାଙ୍କ ପିଠିକୁ ପାହାରେ ଦେଲେ । ସେ ଏହିପରି ଉଭୟ ଅସ୍ତ୍ର ଆକ୍ରାନ୍ତ ହୋଇ ଯୁଦ୍ଧରୁ ପୃଷ୍ଠଭଙ୍ଗ ଦବାକୁଁ ବିବେକି ଲୋକର କର୍ତ୍ତବ୍ୟ ଭାବି ପଳାଇଗଲେ ।

## ୨୦

ଘୋଷ ବାବୁଙ୍କ ଗାଡ଼ି କଣ୍ଟେଇ ରୋଡ଼ ଷ୍ଟେସନରେ ଆସି ପହଞ୍ଚିଲା ପ୍ରାୟ ଭୋର ହେଲାକୁ । ଘୋଷ ବାବୁ ଚାହିଁ ଦେଖିଲେ ଦୁଇଟା ମଟର ପ୍ଲାଟଫର୍ମ ଆର ପଟେ ଥୁଆ ହୋଇଛି । ସେ ଜାଣନ୍ତି କଣ୍ଟେଇ ରୋଡ଼ ଠାରୁ ଏଣେ କାନ୍ଥି ତେଣେ ଖଡ଼୍ଗପୁରକୁ ଅନେକ ମଟର ଲରି ଯା ଆସ କରେ । କିନ୍ତୁ ଟାକ୍ସି କେବେ ଯିବାର ସେ 'ଶୁଣି ନାହାନ୍ତି । ତା ଉପରେ ପୁଣି ଏ ଗାଡ଼ି ବେଳକୁ ମଟର ପ୍ରାୟ ଷ୍ଟେସନରେ ନଥାଏ । ଏ ମଟର ଦୁଇଟା ଦେଖି ତାଙ୍କ ମନରେ ସନ୍ଦେହ ହେଲା । ତାଙ୍କୁ ଦେଖାଗଲା ଯେପରି ସେଇ ମଟର ଦୁଇଟା ଏ । ସେ ଅଉରି ମଧ୍ୟ ଦେଖିଲେ ଚାରି ଜଣ ମଣିଷ ବନ୍ଧୁକ ମସାଲ ମାରି ପ୍ରତ୍ୟେକ କୋଠରିକୁ ଚାହିଁ ତାଙ୍କ ଅଡ଼କୁ ଆସୁଛନ୍ତି । ସେ ଆଉ କାଳ ବିଳମ୍ବ ନ କରି ପ୍ଲାଟଫର୍ମର ବିପରିତ ଦିଗ ଦଉଡ଼ି ଦେଇ ଓହ୍ଲାଇପଡ଼ିଲେ । ରେଲ ଲାଇନରେ ଚାଲି ଚାଲି ପ୍ଲାଟଫର୍ମ ବାହାରକୁ ଆସିବା ମାତ୍ରେ ମଟର ଷ୍ଟାଣ୍ଡ ତରଫକୁ ଚାଲି ଆସିଲେ । ମଟର ଜାଗାରେ ପହଞ୍ଚି ଦେଖିଲେ ଡ୍ରାଇଭର ବ ଜଣ କେହି ନାହାନ୍ତି । ବୋଧହୁଏ ସେମାନେ ମଧ୍ୟ ପ୍ଲାଟଫର୍ମ ଉପରକୁ ଯାଇଛନ୍ତି । ଘୋଷ ବାବୁ କାଳ ବିଳମ୍ବ ନ କରି ଗୋଟିଏ ମଟର ହାତ ଚକ୍ର ମଝିରେ ହାତ ଦେଇ ଦେଖିଲେ ସେଲ୍ଫ ଷ୍ଟାର୍ଟରଟା କାମ କରୁ ନାହିଁ । ଆଉ ମଟରଟାରେ ସେହିପରି ପରୀକ୍ଷା କରି ଦେଖିଲା ବେଳକୁ

ଜଣାପଡ଼ିଲା ତାଙ୍କୁ ଯେ ସେଲ୍‌ଫଷ୍ଟାର୍ଟର କାମ କରୁଚି । ସେ ଅଉ କାଳ ବିଳମ୍ବ ନକରି ମଟରରେ ଚଢ଼ି ବସିଲେ । ସେଲ୍‌ଫ ଷ୍ଟାର୍ଟରଟା ଦେଇ ଗାଡ଼ିଟାକୁ ଚଳାଇନେଲେ । ଗାଡ଼ି ଗୁଲ୍‌ଲା ବେଳେ ଅନ୍ଧାରରେ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ପ୍ଲାଟଫର୍ମରେ ଡ୍ରାଇଭରମାନେ ଜାଣି-ପାରିଲେ ସେମାନେ ଯାଇଁ ଆସି ଦେଖିଲା ବେଳକୁ ଗାଡ଼ି ଡାକବଙ୍ଗଳା ପାର-ହୋଇ ଜଗନ୍ନାଥ ସଡ଼କରେ ଉଠିଲାଣି । ଡ୍ରାଇଭରମାନେ କଣ କରିବେ ଭାବୁଚନ୍ତି, ଏପରି ସମୟରେ ସେ ଚାରିଜଣ ମଧ୍ୟ ଆସି ପହଞ୍ଚିଲେ । ସେମାନେ ଏକଥା ଶୁଣିବାମାତ୍ରକେ ସେଥିରୁ ଦୁଇଜଣ ଯାଇ ବାକି ମଟରଟାରେ ଉଠିଲେ । ବାକି ଦୁଇଜଣ କହିଲେ "ଭାଇ ଆମକୁ ମଧ୍ୟ ସାଙ୍ଗରେ ନିଅ" । ସେ ଦୁଇ-ଜଣ କହିଲେ "ତୁମ ପନ୍ଥା ତୁମେ ଦେଖ" ଆମକାମ ଆମେ ଦେଖିବୁଁ ।" କରି ସେମାନେ ମଟର ଛୁଟାଇ ଆଗ ମଟର ପଛରେ ଯାଇଁଲେ ସେତେବେଳକୁ କୃଷ୍ଣ ଯୋଗିବାବୁଙ୍କ ମଟର ଅନେକ ଦୂର ଚାଲିଯାଇଚି । ଏମାନେ ଆସି କଣ୍ଟାଇ ରୋଡ଼ ବଜାରରେ ପହଞ୍ଚି ଦେଖିଲେ, ଏହି ସ୍ଥାନରୁ ଦୁଇଟା ରାସ୍ତା ଦୁଇଅଡ଼େ ଯାଇଚି, ଗୋଟାଏ କାନ୍ଥିକୁ ଓ ଅଉଗୋଟାଏ ଖଡ଼୍‌ଗପୁରକୁ । ଏମଟରଟା ଯେ କେଉଁ ରାସ୍ତା ନେଲା ତାହା ଜାଣିବା ସମ୍ଭବ ନହେଲାରୁ ଏମାନେ ପ୍ରଥମେ କାନ୍ଥି ରାସ୍ତାରେ କିଛିଦୂର ଗଲେ । ବଜାର ପାର ହୋଇ-ଗଲେ କାନ୍ଥି ରାସ୍ତା ଅନେକଦୂର ପ୍ରାୟ ସିଧା ଚାଲିଯାଇଚି । ଏମାନେ ଦେଖିଲେ ଏ ରାସ୍ତାରେ ମଟରର ପତ୍ତା ନାହିଁ । ପୁଣି ଫେରିଲେ । ଏମାନେ ଫେରି ଛକ ଉପରକୁ ଆସିଲା ବେଳକୁ ଦେଖିଲେ ଗୋଟାଏ ମଟର କଣ୍ଟାଇ ରୋଡ଼ ଷ୍ଟେସନ ଅଡ଼କୁ ଯାଉଚି । ଏହି ମଟରଟାରେ ଯେ ଯୋଗିବାବୁ ଯାଉଚନ୍ତି ତା ସେମାନେ ଜାଣନ୍ତେ କିପରି । ଏମାନେ ଜଗନ୍ନାଥ ରାସ୍ତାରେ ଖଡ଼୍‌ଗପୁର ଅଡ଼କୁ ଗଲେ । ଅଳ୍ପବାଟ ଗଲାପରେ ଦେଖିଲେ ଆଖି ଯେତେ-ଦୂର ପାଏ— ଅଉ ଅନେକଦୂର— କୌଣସି ମଟର ଚିହ୍ନ ନାହିଁ । ସେତେ-

ବେଳେ ସେମାନେ ଭାବିଲେ ଯେ ମଟରଟା କଣ୍ଟାଇ ରୋଡ଼ ଆଡ଼େ ଗଲା, ସେଇଟା ବୋଧହୁଏ ସେ । ସେମାନେ ପୁଣି ଫେରି ଡାକବଙ୍ଗଳା ପାଖ ହେଲ-ବେଲକୁ ଦେଖିଲେ ଗୋଟାଏ ମଟରର ପଛ ଆଲୁଅ ପ୍ରାୟ ଚାଉଳ କଲ ପାଖ ଆଗରେ ଦେଖାଯାଉଛି । ଏମାନେ ତାକୁ ଅନୁସରଣ କରି ଧାଇଁଲେ । ପ୍ରକୃତରେ ଧୋଇବାକୁ ମଟରଟା ନେଇ ବଜାର ଛକ ପାଖରେ ହେଲାପରେ ଭାବିଲେ କେଉଁ ଆଡ଼େ ଯିବେ । ଏକଦିଗରେ ସାତମାଇଲ୍ ଦେଇ ଭୋଗୋ-ରେଇ ଯାଇପାରନ୍ତି, କିନ୍ତୁ ସେ ଅଜଣା ରାସ୍ତା, ଶୁଣିଚନ୍ତି ଖାଲ ଗମାଣିରେ ସେ ରାସ୍ତା ପରିପୂର୍ଣ୍ଣ । ଏ ଦିଗରେ ଏମାନେ ଅନ୍ୱେଷଣ କଲେ ତାଙ୍କୁ ପାଇ-ପାରିବା କଷ୍ଟକର ହବନାହିଁ । ଏଣେ ଖଡ଼୍‌ଗପୁର ଗଲେ, ସେ ଅନେକରାସ୍ତା ପୁଣି ଖଡ଼୍‌ଗପୁର ଠାରେ ଯେ ସ୍ୱାଙ୍କ ସାଙ୍ଗଲୋକ କେହି ଜଗି ନରହିଚ, ତା'ର ବା ଠିକ୍ କଣ । ସବୁଠାରୁ ବେଶୀ ଯେ ଏହା କରିବାଦ୍ୱାରା ସେ ଘରଠାରୁ ପୁଣି ବେଶୀ ପଛକୁ ଘୁଞ୍ଚିଯିବେ । ସେ ବୁଝିଥିଲେ ଘରେ ନ ପହଞ୍ଚିବା ପର୍ଯ୍ୟନ୍ତ ତାଙ୍କର ବିପଦରେ ଶେଷ ନାହିଁ । ବିଶେଷତଃ ପ୍ରଫୁଲ୍ଲବାବୁଙ୍କ ଠାରୁ ଯାହା ଶୁଣିଥିଲେ, ସେଥିରୁ ମା'ଙ୍କ ଲାଗି ତାଙ୍କ ପ୍ରାଣ କାନ୍ଦୁଥିଲା । ସେ ଏହିପରି ସାତ ପାଞ୍ଚ ଭାବୁଚନ୍ତି, ଦେଖିଲେ ପଛ ଆଡ଼ୁ ମଟରଟାଏ ଜଗନ୍ନାଥ ସଡ଼କକୁ ଉଠିଲା । ସେ ଚଟପଟ ଗାଡ଼ିଟାକୁ ଖଡ଼୍‌ଗପୁର ରାସ୍ତାରେ ସାମାନ୍ୟ ବାଟ ଚଲେଇ ନେଇ ଦେଖିଲେ ଡାହାଣ କଡ଼ରେ ଗୋଟାଏ ଗଳି । ଏଇ ଗଳି ମୁହଁରେ ମଟରଟା ରଖି ଏବଂ ସବୁ ଆଲୁଅ ଲିଭେଇ ଦେଇ ସେ ବସି ଅପେକ୍ଷା କଲେ । ଅଳ୍ପ ସମୟପରେ ଗୋଟାଏ ମଟର ଛକ ପାଖରେ ଅଟକି-ବାର ଶୁଭିଲା । ତା'ପରେ ସେ ଶୁଣିପାରିଲେ ମଟରଟା ଅନ୍ୟ ଦିଗରେ ଗଲା । କିଛି ସମୟ ଅପେକ୍ଷା କରି ସେ ନିଜ ମଟରଟା ବୁଲେଇ ନେଇ ପୁଣି ଷ୍ଟେସନ ଆଡ଼େ ଛୁଟିଲେ । ଚାଉଳ କଲ ପାଖରେ ସେ ଜାଣିପାରିଲେ ଯେ ଆଉ ମଟରଟା ତାଙ୍କଆଡ଼େ ଫେରିଆସୁଚି । ସେ ପୂର୍ବାଦମରେ ମଟର ଚଲେ-

ଛଲେ । ପୁଣି ଲାଗିଲା ଏକ ଦୌଡ଼ । ମାଇଲ ଉପରେ ମାଇଲ ରାସ୍ତା କଟି ଯାଉଛି । ତାହିଁ ୬ ଦିନ ଅଠ୍ୟା ସୁଦ୍ଧା ସେ ଜଲେଶ୍ୱରରେ ପହଞ୍ଚିଲେ । ସେତେବେଳକୁ ପଛମଃରଷ୍ଟା ପ୍ରାୟ ଏକ ମାଇଲ ଦୂର ପଛରେ ପଡ଼ିଛି । ଏଣେ ତାଙ୍କ ମଃରଷ୍ଟ ତେଲ ସରିଆସିଲାଣି । ସେ ବାଙ୍କତେଲ ଟିକକରେ ଯେ କୌଣସିମତେ ମିଲ୍ଟାରି ବଜାର ପାଖରେ ପହଞ୍ଚିଲେ । ଏହିଠାରେ ମଃରଷ୍ଟ ଓହ୍ଲାଇ ପାଦର ଆଶ୍ରୟ ନବା ଠିକ୍ କରି, ସେ ମଃରଷ୍ଟା ରାସ୍ତା ତଳକୁ ଗଡ଼େଇ ପକେଇ ଚାଲିଯିବାକୁ ବାହାରିଚନ୍ତି, ତାଙ୍କର ପଛ ବସିବା ସ୍ଥାନକୁ ଦୃଷ୍ଟି ପଡ଼ିଗଲା । ଦେଖିଲେ ଗଦିଉପରେ ଗୋଟାଏ ପିସ୍ତଲ ପଡ଼ିଛି । ସେ ସେଇଟା ଉଠାଇ ନେଇ ପରୀକ୍ଷା କଲେ ପିସ୍ତଲରେ ଗୁଳି । ସେ ସେଇଟା ପକେଟରେ ପୂରାଇ ଊର୍ଦ୍ଧ୍ୱଶ୍ୱାସରେ ରାଜଘାଟ ଆଡ଼କୁ ଧାଇଁଲେ । ସ୍ୱାଦନ ନଈର ବାଲିପଣ ଶୁଖିଲା ପଡ଼ିଛି । ଅପନ୍ତରା ବାଲି, ଗୋଡ଼ ପୋତି ହୋଇ ପଡ଼ୁଛି । ଏଣେ ସାରା ରାତି ଅନିଦ୍ରା ଅଖିଆ । ବଡ଼ କଷ୍ଟରେ ସେ ବାଲିତକ ପାର ହୋଇନଈ ଧାରରେ ପହଞ୍ଚିଚନ୍ତି ଦେଖିଲେ ଦୁଇଜଣ ଲୋକ ନଈ ବାଲିରେ ତାଙ୍କ ଆଡ଼କୁ ଧାଉଁଚନ୍ତି । ଜଣେ ଆଗରେ ଓ ଆଉଜଣେ ପ୍ରାୟ ପନ୍ଦର କୋଡ଼ିଏ ହାତ ପଛରେ । ଭୋକ ଶୋଷ କ୍ଳାନ୍ତ ସେ ଡୁଲିଯାଇ ପାଣି ଭିତରକୁ ଡେଇଁପଡ଼ିଲେ । ସେ ଆର କୂଳରେ ଉଠି ପୁରୁଣା ରାଜଘାଟ ଥାନା ପାଖରେ ହେଲା ବେଳକୁ ଦେଖିଲେ ଜଣେ ଅଧ ପାଣି କୂଳରେ ଓ ଅଉ ଜଣେ ପ୍ରାୟ ପଚାଶ ହାତ ପଛରେ ବାଲି ଉପରେ ସେ ଜଗନ୍ନାଥ ସଡ଼କ ଉପରକୁ ଉଠିଲା ବେଳକୁ ତାଙ୍କର ଅନ୍ୱେଷଣକାରି ମାନଙ୍କ ମଧ୍ୟରୁ ଆଗଜଣକ ରାଜଘାଟ ଫାଣ୍ଡିଅପରେ । ତାପରେ ଉଭୟେ ଦୌଡ଼ଚନ୍ତି । ବହୁ ଥୋଇବାକୁ ଅନୁଭବ କରିଚନ୍ତି, ତାଙ୍କର ଜୋର ଅଳ୍ପେ ଅଳ୍ପେ କମିଆସୁଛି । ନିଃଶ୍ୱାସଟା ଅଳ୍ପେ ଅଳ୍ପେ ବେଶୀ ବେଶୀ ଜୋରରେ ଚାଲୁଚି । ଛାତିଭିତରଟା କିଏ ଚିପି ହେଲାପରି ଜଣାପଡ଼ୁଚି ।

ଭେଣେ ତାଙ୍କର ଅନ୍ୱେଷଣ କାରିଟା ଅସ୍ତେ ଅସ୍ତେ ତାଙ୍କ ପାଖ ହୋଇ-ଗଲାଣି । ସେ ଉପାୟାନ୍ତର ନଦେଖି ହଠାତ୍ ବୁଲପଣ୍ଡ ପିସ୍ତଲ ଆଓ୍ୱାଜ କଲେ । ଜୀବନରେ କେବେ ପିସ୍ତଲ୍ ବା ବନ୍ଧୁକ ସେ ଧରି ନାହାନ୍ତି । ଫଳରେ ଲକ୍ଷ୍ୟଟା ଯେବେଠିକ ହବ ସେତ ଧରାବନ୍ଧା କଥା । ତଥାପି ତାଙ୍କର ଉଦ୍ଦେଶ୍ୟଟା ସଫଳ ହେଲା । ତାଙ୍କ ଅନ୍ୱେଷଣକାରି ହଠାତ୍ ପିସ୍ତଲ ଆଓ୍ୱାଜ ଶୁଣି ଚମକି ଉଠିଥିଲା । ତା'ପରେ ସେ ପଛଘୁଞ୍ଚା ଦବାକୁ ଆରମ୍ଭକଲା । ପିସ୍ତଲର ସାଉଁଟାଯାକ ଗୁଳି ସରିଲାବେଳକୁ ସେ ଲୋକଟା ପ୍ରାୟ ଅଧ-ମାଇଲଏ ପଛକୁ ଦୌଡ଼ଯାଇ ସାରିଲାଣି । ଯୋଇବାବୁ ଆଉ ଅପେକ୍ଷା ନକରି ଆଗକୁ ଦୌଡ଼ି ଗଲେ । ଅଳ୍ପଦୂର ଯାଇ ଦେଖିଲେ ଅମର୍ଦା ଷ୍ଟେସନ, ପାଖରେ ଗୋଟିଏ ଗାଁ । ଗାଁ ଆରମ୍ଭରେ ଗୋଟିଏ ଆମ୍ବ ବଗିଚା । ସେ ପଛକୁ ଟିକିଏ ଚାହିଁ ସେଇ ଆମ୍ବ ବଗିଚା ଭିତରକୁ ପଶିଗଲେ । ବଗିଚା ଭିତରେ ଗୋଟିଏ ପୋଖୋରୀ, ପୋଖୋରୀ ଉପରେ ଗୋଟିଏ ଚାନ୍ଦନ । ସେଇ ଚାନ୍ଦନଉପରେ ବସିଛନ୍ତି ଜଣେ ଯୋଗି । ଛିଣ୍ଡା ଗାମୁଛିଟିଏ ବେକରେ, ମୁଣ୍ଡରେ ଖଣ୍ଡେ ଛିଣ୍ଡାଲୁଗା ପଗଡ଼ି ବନ୍ଧାହୋଇଛି । ଡ଼ାହାଣ ତରଫରେ ଗୋଟିଏ କୋଥୋଲି ଓ ବାଁ ପାଖରେ ଗୋଟିଏ କେନ୍ଦେରା । ଯୋଗି ବସି ତାଲମରେ "ହୋକା" ଫୁଙ୍କଉଛନ୍ତି । ଯୋଇବାବୁ ଯୋଗୀଙ୍କୁ ଦେଖି ଏକ ମତଲବ ଠଉରେଇଲେ । କହିଲେ "ହେ ଯୋଗି ଭାଇ, କେତେଦୂର ଯିବ ?"

ଯୋଗି ହଠାତ୍ ଯୋବଧାଉଲଥା ବାବୁ ଗୋଟିଏ ଦେଖି କିଛି ପଡ଼ି ମାରିବା ଆଶାରେ କହିଲେ, "କେତେ ଦୂର ଅଉ କଣ, ଚଗାରି ଲୋକ ଭିଖ ମାଗି ୨ ବୁଲିବା କଥା ।"

ଯୋଇ— ଆଛା, ତୁମେ କିଛି ପଇସା ରୋଜଗାର କରିବାକୁ ଇଚ୍ଛାକର ?

ଯୋଗୀ— ଗଡ଼ର ଗଢ଼େଇ ରୋଜଗାର କରିବାଟା ବାବୁ ଅମ ଚୌଦ ପୁରୁଷରେ ହୋଇ ନାହିଁ । ତେବେ ମାଗଣା ଯଦି ମିଳିବ, ତା ହେଲେ ନବାକୁ ଆଦୌ ଅରାଜି ନାହିଁ । କେହି ଯେବେ ତାଙ୍କ ଜାଳ ପଇସାର ବୋଝ ସମ୍ଭାଳି ନପାରି, ବୋଝଟା କିଛି ପର ମୁଣ୍ଡରେ ଲଦି ଦବାକୁ ଇଚ୍ଛା କରନ୍ତି ତା ହେଲେ କଣ କରିବା, ପରର ଉପକାର କରିବା ପାଇଁ ଅମେ ସେ ବୋଝ ମୁଣ୍ଡେଇବାକୁ ସବୁବେଳେ ରାଜି । କିନ୍ତୁ ରୋଜଗାର କଥା। ଯାହା କହିଲେ… ସେ କଥା ପଡ଼େ ନାହିଁ ।

ଯୋଇ— ଏ ଏକ ପ୍ରକାର ମାଗଣା ପଇସା ହେ, ବେଶୀ କିଛି ଗଡ଼ର ଗଢ଼େଇବା ପ୍ରୟୋଜନ ନାହିଁ ।

ଯୋଗୀ— ଅପଣଙ୍କର ଯେତେବେଳେ ଏତେ ଅଗ୍ରହ ହେଲାଣି, କୁହନ୍ତୁ କଥା। ନହେଲେ ଶୁଣିବା ।

ଯୋଇ— ଶୁଣ, ତୁମେ ତୁମର ଏ ଲୁଗା-ପଟ୍ଟାତକ ପାଲଟି ମତେ ଦିଅ । ଅଉ ମୋ ଲୁଗା-ପଟ୍ଟାତକ ତୁମେ ପିନ୍ଧ । ଏଇଲେ ଯାଇ ସଡ଼କ ଉପରେ ଅମ୍ବ ଗଛ ମୂଳେ ବସିବ । ମୁଁ ତାଲ ମାରିଲା ମାତ୍ରକେ ସଡ଼କେ ସଡ଼କେ ଦଉଡ଼ ପଳେଇବ ଯେତେଦୂର ଯାଇପାର । ମୁଁ ତୁମ ପଛେ ପଛେ ଥାଇଁ ଥିବ । ତୁମେ ପଛକୁ ଫେରି ଚାହିଁବଟ, ଦେଖୁଚ ଏ ପିସ୍ତଲ, ଦ୍ୱାର ଗୁଳିରେ ତୁମ ମୁଣ୍ଡ ଚୂନା କରିଦେବି ।

ଯୋଗୀ— କିନ୍ତୁ ବାବୁ, ଯୁଠେଇ ଅଉ ଦଉଡ଼ ନପାରିବ ?

ଯୋଇ— ସେଠି ବସିପଡ଼ିବ । କେହି ଯଦି ପଚାରିବ, ତା ହେଲେ ତୁମର ଠିକ୍ ଠିକ୍ ପରିଚୟ ଦେଇଦେବ । ମୋ କଥା ଯଦି କେହି ପଚାରେ, ତା ହେଲେ କିଛି କହିବ ନାହିଁ ।

ଯୋଗୀ— ଅଚ୍ଛା ବାବୁ ମତଲବ୍‌ଟା କଣ କହିଲ ?

ଯୋଇ— ମତଲବ୍ ଆଉ କଣ, ଏଇ ଗୋଟାଏ ଶିଖିଲ ।

ଯୋଗୀ— ମୁଁ ଯେ ଏତେ ବାଟ ଯାଇଁବି, କଣ ପାଇବି ?

ଯୋଇ— ଏଇ ଦେଖ, ତୁମେ ଯଦି ମୋ କଥାରେ ରାଜି ହୁଅ, ତା ହେଲେ ମୁଁ ତୁମକୁ ଏ ଟଙ୍କା କୋଡ଼ିଏଟି ଦେବି ।

ଯୋଗୀ— ଏଁ, କୋଡ଼ିଏ ଟଙ୍କା ! ସତ କହୁଚ ? ମତେ ଠକିଦବ ନାହିଁ ତ ?

ଯୋଇ— ତୁମେ ରାଜିହୋଇ ଲୁଗାପଟା ଖୋଲିଲେ ତ ମୁଁ ତୁମକୁ ଟଙ୍କା ବଢ଼ାଇ ଦେବି ।

ଯୋଗୀ—ବାବୁ, ମତେ ଡ଼ର ଲାଗୁଚି । ଯିବା ଭିତରେ କଣ ପେଞ୍ଚ ଅଛି ନା କଣ ।

ଯୋଇ— ଆରେ ଏତ ସାଦାସିଧା କଥା, ଯିବା ଭିତରେ ପୁଣି ପେଞ୍ଚ କଣ

ଯୋଗୀ— ବାବୁ ମୁଁ ରାଜି ହଉଚି, ତୁମେ ଦବଟି ?

ଯୋଗୀ ତାର ଚିରା କନାତକ ମୁଣ୍ଡରୁ ଦେହରୁ କାଢ଼ିଲେ । ଯୋଇ ବାବୁ ତାକୁ ତାଙ୍କ ଦୋଷଡ଼ାଟି ଦେଲେ । ସେ ଦୋଷଡ଼ାଟି ପାଲଟି ପିନ୍ଧିଥିବା ଛିଣ୍ଡା ଲୁଗା ଖଣ୍ଡିକ ମଧ ଦେଲେ । ଯୋଇ ବାବୁ ତାକୁ ରେଶମ ପଞ୍ଜାବିଟା ପିନ୍ଧାଇଦେଲେ । ମୁଣ୍ଡର ଫୁଲ ଫୁଲ ବାଳରେ ଟିକିଏ ପାଣି ହାତ ମାରି ସାଉଁଳେଇ ଦେଲେ । ସେ ରଖିବା ଭିତରେ ତାଙ୍କ ଲୁଗାତଳ ଜଙ୍ଘିଆଟି ଓ ଗେଞ୍ଜିଟି ରଖିଲେ । ତା ଉପରେ ନାକ ଟେକ ଟେକ କୌଣସିମତେ ସେ ଛିଣ୍ଡା କନାଟା ଅଣ୍ଟାରେ ଗୁଡ଼ାଇ ଓ ସେ ଛିଣ୍ଡା କୁର୍ତ୍ତାଟା ପିନ୍ଧି, ମୁଣ୍ଡରେ ପଗଡ଼ିଟି ବାନ୍ଧି ହୋଇଥିଲ ଓ କେନେସ୍ତା ଉଠାଇବାକୁ ଗଲେ । ଯୋଗୀ କହିଲା, "ହାଁ, ହାଁ, ବାବୁ କର କଣ ? ସେ ସବୁ କେଡେ ଉଠଉଚ ?"

ଯୋଇ— ହଁ, ଏ ଗୁଡ଼ାକ ଯେ ମୁଁ ନେବ ବୋଲି କଥା ହେଲା ।

ଯୋଗୀ— ନାଇଁ ସେ କଥାତ ହୋଇନାହିଁ । ବାରେ ବା, ମୋର ସାତ ପୁରୁଷ କେବେସ୍ୱ, କୋଥଲ ତୁମକୁ ଦେଇଦେବ ? ନହେଲେ ନାଇଁ ପଚ୍ଛକେ ଏ ଟଙ୍କା ।

ଯୋଇ— ଅଚ୍ଛା, ଅଉ ପାଞ୍ଚଟଙ୍କା ତୁମକୁ ଦେବ ।

ଯୋଗୀ— ନାଇଁ ନାଇଁ ବାବୁ ସେକଥା ହବନାଇଁ ।

ଯୋଇ— ଅଚ୍ଛ, ଦଶ ?

ଯୋଗୀ— ଅଉର ଦଶଟଙ୍କା ? ହଉତେବେ । ନାଇଁ ନାଇଁ ମୋର ସାତପୁରୁଷ —

ଯୋଇ— ତେବେ ଦେ ମୋ କୋଣ୍ଡଏ ଟଙ୍କା, ମୋ ଲୁଗାପଟା ଫେରେଇ ଦେ ।

ଯୋଗୀ— ରାଗକଲ୍ ହ ବାବୁ, ହଉ ତୁମେ ଯେତେବେଳେ କହିଲଣି, ତୁମକଥା ଅଉକଣ ଏଡ଼ଦେବ । ହଉ ହଉ, ଦିଅ ତେବେ ଅଉ ଦଶଟଙ୍କା ।

ଯୋଇବାବୁ ତାଙ୍କୁ ଅଉ ଦଶୋଟି ଟଙ୍କା ବଢ଼େଇ ଦେଲେ । ଗଣି ଦେଖିଲେ ତାଙ୍କ ପାଖରେ ଅଉର ପ୍ରାୟ ଚାଳିଶ ଟଙ୍କାର ନୋଟ ଅଛି । ସେଗୁଡ଼ାକ ଓ ପିସ୍ତଲଟି କୋଥୋଲି ଭିତରେ ରଖି କୋଥୋଲିଟି କାନ୍ଧରେ ପକାଇ ଓ କେନେସ୍ତାଟି ହାତରେ ଧରି ସେ ବାହାରିଲେ ସଡ଼କ ଅଡ଼କୁ । ଯୋଗୀ ମଧ ତାଙ୍କ ପଛେ ପଛେ ଗଲେ । ସଡ଼କପାଖ ଅମ୍ବଗଛ ମୂଳେ ପନ୍ଦର ମିନଟ ଗଡ଼େ ଠିଆ ହୋଇଚନ୍ତି କି ନାହିଁ, ପଛଅଡ଼ୁ ଜଣେ ମଣଷ ସଡ଼କରେ ଅସିବାର ଦେଖାଗଲା । ଯୋଇବାବୁ ଡାକ ଦେଲେ । ଯୋଗୀ-ଅଉ ପଛକୁ ନଗ୍ଣାଇଁ ଦୌଡ଼ିବାକୁ ଲଗିଲେ । ଯେ ଲୋକଟା ପଛରୁ ଅସୁ-

ଥିଲା, ସେ ମଧ୍ୟ ଯୋଗୀ ପଛେ ପଛେ ଦୌଡ଼ିଲା । ଯୋଇବାବୁ ଅମ୍ବଗଛ ଉହାଡ଼ରେ ଠିଆ ହୋଇ ଏ ସବୁ ଦେଖୁଥିଲେ । ଯୋଗୀ ଓ ତାଙ୍କ ପଛ ଜଣକ ଅକ୍ଷିର ଅଦୃଶ୍ୟ ହୋଇଗଲେ, ସେ ପୁଣି ପୋଖରି କୂଳକୁ ଫେରି-ଗଲେ । ବହୁ ମାଟି ଅଣି ମୁଣ୍ଡରେ ବୋଳିଲେ । ମୁହଁଏ ପାଣି ପିଇ ସାନ୍ତ୍ୱନ ହେଲେ । ତାପରେ ବଗିଚ୍ ଉତ୍ତରୁ ବାହାରି ଗାଁ ଭିତରକୁ ଗଲେ । ଗାଁଟିର ନାମ ରାଧାନାଥ ପୁର ଶାସନ ।

## ୨୧

ଯୋଇବାବୁ ପ୍ରମଥବାବୁଙ୍କ ଘରରୁ ପଳାଇଯିବାର ତିନିଦିନ ପରେ । "ହାବଡ଼ା ଷ୍ଟେସନ" ସନ୍ଧ୍ୟା ପ୍ରାୟ ସାତଟା ହବ । ବିଜୁଳି ଆଲୁଅର ଝଲ-ସରେ ମୁସାଫିର ଖାନାଟା ଦିନଭଳି ଉଜ୍ଜ୍ୱଳ ହୋଇ ଉଠିଛି । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ମୁସାଫିରଖାନା ବାହାରେ ଯେ ବେଞ୍ଚଟା ପଡ଼ିଛି, ତାଉପରେ ଜଣେ ଗୋରା ଯୁବତୀ ଓ ଦୁଇଜଣ ଗୋରା ଯୁବକ ବସିଛନ୍ତି । ଜଣେ

ଯୁବକ ଯୁବତୀଙ୍କର ଗଣ୍ଡଦେଶରୁ ଚମୁଟି ଦେଲେ, ଅଉଜଣେ ତାଙ୍କର ବକ୍ଷଦେଶରେ ଅଙ୍ଗୁଳି ଟିପ ଲଗାଇ ଦଉଚନ୍ତି ଆଉ ଯୁବତୀ ହା ହା' ହସରେ ମୁସାଫିର ଖାନାଟାକୁ ଚମକେଇ ଦଉଚନ୍ତି । କେଉଁଠାରେ ଜଣେ ସାହେବ ଓ ତାଙ୍କର ମେମ ଖୁସିଗପ ଯୋଡିଦେଇ ବୁଲିବୁଲି କହୁଚନ୍ତି । କେତେ ଦେଶୀ ଯୁବକ ଯୁବତୀ ମୁସାଫିରଖାନାରେ ବୁଲି ବୁଲି ଆମୋଦ ଅନୁଭବ କରିବାରେ ବୁଡି ରହିଚନ୍ତି । ସେମାନଙ୍କ ଆଖିରେ ଯେପରି ଏ ଇହସଂସାରରେ ସେଇମାନଙ୍କ ଛଡ଼ା ଆଉ କେହି ନାହିଁ । ମୁସାଫିର ଖାନାର ପ୍ରତ୍ୟେକ ଖୁମ୍ବକୁ ଲାଗି ଚତୁର୍ମୁଖ ବ୍ରହ୍ମାଙ୍କପରି ଚାରି ଚାରିଟା ଇଟାଚୁନର ବସିବା ଜାଗା । ଏଗୁଡ଼ାକରେ ତୃତୀୟ ଶ୍ରେଣୀ ଓ ମଧ୍ୟ ଶ୍ରେଣୀର ଯାତ୍ରୀମାନେ ବସି କେହି ମୁଢ଼ି ଚୋବାଉଚି, କେହି ବଡ଼ ଟାଣୁଚି, କେହିବା ପାଖବାଲା ସାଙ୍ଗରେ ଗପ ଯୋଡ଼ିଦେଇଚି । ଟିକଟ କଣା ଜାଗାମାନଙ୍କରେ ବଡ଼ ଭିଡ଼ । ବାହାରେ ହୁଡ଼ା ହୁଡ଼ି, ବକା ବକି ଠେଲା ଠେଲି ପେଲା ପେଲି ଚାଲିଚି । ଭିତରେ ଟିକଟ ଦାସୀ ମେମ ସାହେବ ନିର୍ବିକାର ଭାବରେ ତାଙ୍କ ସମୟ ଓ ସୁବିଧା ଅନୁସାରେ ଟିକଟ ଗଣ୍ଡେ ଗଣ୍ଡେ ବେଳେ ବେଳେ ଝରକା ଆଡ଼କୁ ଫୋପାଡ଼ି ଦଉଚନ୍ତି । ମଝିରେ ପେଁ ପେଁ ମନୁଷ୍ୟମାନଙ୍କର ହେଁ, ହେଁ ଓ ରେଲଗାଡ଼ିର ଭେଁ ଭେଁ ଶବ୍ଦରେ ଜଣା ପଡୁଚି ଏ ଯେପରି ଗୋଟାଏ ପାଗଲ ଗାରଦ । ଏହି ପାଗଲ ଗାରଦ ମଧ୍ୟରେ ସଦାଶିବ ବାବୁ ଓ ପ୍ରମଥ ବାବୁଙ୍କର ହଠାତ୍ ଭେଟ ହୁଏ । ଉଭୟେ ବି, ଏନ୍, ଆର କମ୍ପାଟର ମଧ୍ୟମ ଶ୍ରେଣୀ ଟିକଟଘର ପାଖରେ, ଟିକଟ କିଣିବାକୁ ଲସର ପସର ହୋଇ ଯାଇଁଚନ୍ତି । ହଠାତ୍ ଭେଟ ହୋଇଗଲା । ଉଭୟେ ଉଭୟଙ୍କ ଆଡ଼କୁ ପ୍ରଥମେ କଟମଟ କରି ଚାହିଁଲେ । ତାପରେ ପ୍ରମଥ ବାବୁଙ୍କ ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । ଯେପରି କେତେଦିନର ଅଦେଖା ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କୁ ସେ ଦେଖିବାକୁ ପାଉଚନ୍ତି । ସେ ହାତଟା ବଢ଼ାଇଦେଇ କହିଲେ "ଅରେ

ସଦାଶିବ ଭାଇ ଯେ" ଅଜ ମୋର ବଡ଼ ସୌଭାଗ୍ୟ । ତୁମକୁ ଏତେଦିନ ପରେ ଦେଖିଲି । ତା'ପରେ ଭାଇ, ଅଉ ଖବର କଣ ?"

ସଦାଶିବବାବୁ ପ୍ରମଥ ବାବୁଙ୍କର ଏ ସାଦର ସମ୍ଭାଷଣଟିକୁ ନ ଧେଳାଲ ହୋଇ କହିଲେ "ପ୍ରମଥ, ତୋ ସାଙ୍ଗରେ ମୋର ଗୋଟାଏ ଜରୁରୀ କଥା ଥିଲା" "ଟିକିଏ ଏଅଡ଼େ ଅସେନ୍ତ" ।

ପ୍ରମଥ— କି ଦୁଃଖର କଥା ! ଏତେଦିନ ପରେ ତୁମକୁ ଦେଖିଲି । ତୁମେ ପୁଣି ମତେ ନିମନ୍ତ୍ରଣ କରୁଚ, କଣ କରିବି, ସେ ମୋର ଦୁର୍ଭାଗ୍ୟ । ନା ହେ, କଣ କହୁଚ ? ମୁଁ ଭାଇ, ଗୋଟାଏ ବଡ଼ ଜରୁରି କାମରେ ଟିକିଏ ବାହ୍ୟ ଯାଉଚି । ତୁମେ କଲିକତାରେ ଅଛନ୍ତି ଏ ତିନି ଚାରିଦିନ । ଫେରି ଅସିଲେ ଅବଶ୍ୟ କଥାବାର୍ତ୍ତା ହବ । ଗାଡ଼ି ବେଳଟା ହୋଇଗଲା ପ୍ରାୟ । ଉଠ, ମୁଁ ଟିକେଟଟା କିଣିନିଏଁ ।

ସଦାଶିବ— ମୋ କଥା ନଶୁଣିବୁତ, ନଶୁଣୁ "କିନ୍ତୁ ମନେରଖିଥିବୁ, ଏହାଦ୍ୱାରା ଭଲ ହବନାହିଁ ତୋର" ତୁ ଯେ ଉଦ୍ଦେଶ୍ୟରେ କଲିକତା ଛାଡୁଚୁ, ସେ ବିଷୟରେ ମୁଁ ତତେ ଅନେକ ଖବର ଦେଇପାରନ୍ତି ।

ପ୍ରମଥ— ମୁଁ ତ କୌଣସି ବିଶେଷ ଉଦ୍ଦେଶ୍ୟରେ କଲିକତା ଛାଡ଼ି ଯାଉନାହିଁ । ଖାଲି ଏ ସମୟରେ କଲିକତା ସହରଟା ବଡ ଗରମ ବୋଲି, ମୁଁ ହାଓ୍ୱା ବଦଳେଇବା ପାଇଁ ପୁରୀ ଯାଉଚି । ନା ହେ, କଣ କହୁଚ ?

ସଦାଶିବ— ଅଲେ କହୁଥିଲୁ ଯେ ବାହ୍ୟ ଯାଉଚୁ ବୋଲି ?

ପ୍ରମଥ— ଅଚ୍ଛା, ଅଚ୍ଛା, ମୁଁ ଟିକେଟଟା କିଣିସାରେ । ତା'ପରେ ପ୍ଲାଟ-

ଫର୍ମରେ ଠିଆ ହୋଇ କଥାବାର୍ତ୍ତା ହବ । ତୁମପାଇଁ ଗଣ୍ଡେ ପ୍ଲାଟ୍‌ଫର୍ମ ଟିକେଟ୍ କିଣେ ?

ସଦାଶିବ— ନା, ସେ ଦରକାର ହବନାହିଁ, ମୁଁ ମଧ୍ୟ ଏଇ ଗାଡ଼ିରେ ଯାଉଛି ।

ପ୍ରମଥ— ଅହା, ଚୁ, ଚୁ, ମୁଁ ଭାବିଥିଲି, ଗସ୍ତ ବା ଫୁର୍ତ୍ତିରୁ ଫେରି-ଥିଲେ, ତୁମକୁ ମୋ ଘରକୁ ନିମନ୍ତ୍ରଣ କରିଥାନ୍ତି । ଇମିତି ଅସ ଇମିତି ଯାଉଚ କାହାକୁ କୁଆଡ଼େ ?

ସଦାଶିବ— ଯିବ ଅଉ କୁଆଡ଼େ ? ଏଇ ଅନ ଗାଁକୁ

ପ୍ରମଥବାବୁ "ଓ" ବୋଲି କହି ଜଳେଶ୍ୱର ଷ୍ଟେସନକୁ ଗୋଟିଏ ଟିକେଟ୍ କାଟିଲେ । ସଦାଶିବ ବାବୁ ମଧ୍ୟ "ବଡ଼ଲୋକମାନେ ଏକ ପନ୍ଥା ଅଶସ୍ତ କରନ୍ତି "କହି ସେ ମଧ୍ୟ ଜଳେଶ୍ୱର ଷ୍ଟେସନକୁ ଗୋଟିଏ ଟିକେଟ୍ କିଣିଲେ" ଉଭୟେ ଯାଇ ଗୋଟିଏ ମଧ୍ୟ ଶ୍ରେଣୀ ଡ଼ବାରେ ବସିଲାପରେ ପ୍ରମଥ ବାବୁ କହିଲେ "କଣ କହିବ ବୋଲି କହୁଥିଲ କହତ ଦେଖି" ।

ସଦାଶିବ— ତୁ ଅଗେ କହତ, ଜଳେଶ୍ୱର ଯାଉଚୁ କିଆଁ ?

ପ୍ରମଥ— ସେ ଖବରରେ ତୋର ଦରକାର କଣ ? ମୁଁ ଜଳେଶ୍ୱର ଯାଉଚି, ବ୍ୟବସାୟରେ ।

ସଦାଶିବ— ସେ ବ୍ୟବସାୟଟା ଯୋଇଅର ଖବର ନବା ?

ପ୍ରମଥ— ଯୋଇଅ କିଏ ? ମୁଁ ତ ସେ ନାମର କାହାରିକୁ ଜାଣେ-ନାହିଁ, ନା ହେ କଣ କହୁଚ ?

ସଦାଶିବ— ଦେଖ, ପ୍ରମଥ । ମୋ ଆଗରେ ଏ ସବୁ ଚାଲାକି ଖେଳ

କିଛି ଲୁଚାଉନାହିଁ । ମୁଁ ଜାଣେ ତୁ ଯାହା । କିନ୍ତୁ ମୁଁ ଭାବିନଥିଲି ଯେ ତୁ ମୋଭଳି ପିଲାଦିନର ସାଙ୍ଗ ସହିତ ଏପରି ଜୁଆଚୋରି ଖେଳିବୁ ବୋଲି ।

ପ୍ରମଥ— ଜୁଆଚୋରି ? ବଡ଼ ଲମ୍ବା ଲମ୍ବା କଥାଟାମାନ କହୁଚ ? ସଦାଶିବ ବାବୁଙ୍କ ମନରେ ସେ ଟଙ୍କା ଗୁଡ଼ାଙ୍କର କଥା ପଡ଼ିଗଲା । ରାଗରେ ସେ ଗର ଗର ହୋଇ କହିଲେ "ଜୁଆଚୋରି କିପରି ? ଯୋଉଥି କଥା ତୁମକୁ ପ୍ରଥମେ କହିଲି କିଏ ? ତାକୁ ତୁମ ପାଖକୁ ପଠାଇଦେଲା କିଏ ? ତାକୁ ଏଠାରୁ ନଛାଡ଼ିବା ପାଇଁ ତୁମକୁ ଏକହଜାର ଟଙ୍କା ନଗଦ ଗଣିଦେଲା କିଏ ? ଏ ସବୁପରେ, ମୋର ଟଙ୍କା ନେଇ ମୋ ସଙ୍ଗରେ ଜବାବ କରି ତୁମେ ଯେ ଶେଷକୁ ମୋର ଗଳାରେ ଛୁରି ଦବାକୁ ବାହାରିଲ, ଏଇଟା ଖାଲି ଜୁଆଚୋରି ନୁହେଁ, ନିମକହାରାମି ।

ପ୍ରମଥ ବାବୁ ଅସମ୍ଭବ ରକମ ଧୀର ସ୍ଥିର ଗମ୍ଭୀର । କହିଲେ, "ହୁଁ, ଜୁଆଚୋର, ତା ପରେ ନିମକହାରାମ । ଅଚ୍ଛା, ତୁମେ ଯାହା ସବୁ କହିଲ, ଧରିନିଅ, ସେଗୁଡ଼ାକ ସତ । ମନେରଖ କିନ୍ତୁ ଯେ ମୁଁ ଏଥିରୁ କିଛି ମାତ୍ର ସ୍ୱୀକାର କରୁନାହିଁ । ତଥାପି ଯୁକ୍ତି ତର୍କ ଉଦ୍ଦେଶ୍ୟରେ ମାନିନେଲି ଯେ ଏ ସବୁ ସତ । ଏଥିରେ ମୁଁ ଜୁଆଚୋର ଓ ନିମକହାରାମ ହେଲି କିପରି ।

ସଦାଶିବ— ନିମକହାରାମି ନୁହଁ ! ତୁମେ ଜବାବ କରିଥିଲ ଯେ ସେ ଟୋକାଟାକୁ ଏଠାରୁ ଛାଡ଼ିଦେବ ନାହିଁ ବୋଲି !

ପ୍ରମଥ— ମୁଁ ଯେ ଛାଡ଼ି ଦେଇଚି ତା ତୁମେ କିପରି ପ୍ରମାଣ କରୁଚ !

ସଦାଶିବ— କିନ୍ତୁ ତୁ ଯେ ତାକୁ ତୋ ଝିଅ ସହିତ ବିବାହଦେଉଚୁ ଏଇଟା କଣ ନିମକହାରାମି ନୁହେଁ ?

ପ୍ରମଥ— କିପରି ? ତୁମ ସାଙ୍ଗରେ ମୋର ଯେ ଜବାବ ହୋଇଥିଲା

ବୋଲି ତୁମେ କହୁଚ, ସେଥିରେ ମୁଁ ତାଙ୍କୁ ମୋ ଝିଅ ସାଙ୍ଗରେ ବିବାହ ନ ଦେବି ଏପରି କିଛି କବାବ ହୋଇଥିଲାକି ?

ସଦାଶିବ— କିନ୍ତୁ ତୁମେ ଜାଣ ମୁଁ ତୁମକୁ ଏ କାର୍ଯ୍ୟରେ ନିଯୁକ୍ତ କରିଥିଲି କି ଉଦ୍ଦେଶ୍ୟରେ । ତୁମେ ତୁମର ଝିଅକୁ ବାହା ଦେବା ଦ୍ୱାରା ସେ ଉଦ୍ଦେଶ୍ୟ ମୋର ମାଟି କରି ନାହିଁ କି ?

ପ୍ରମଥ— ତୁମର କି ଯେ ଉଦ୍ଦେଶ୍ୟ ଏହା ମୂଳରେ ଥିଲା, ତା ମୁଁ ଏପର୍ଯ୍ୟନ୍ତ ଜାଣେ ନାହିଁ । ତିଁ ମୋର ବର୍ତ୍ତମାନ ମନେ ହଉଚି, ତୁମେ ଗୋଟାଏ ଟୋକା ସମ୍ବନ୍ଧରେ ମତେ କଣ ସବୁ କହିଥିଲ । ସେଥିରେ ତୁମେ କହିଥିଲ ଯେ ସେ ଟୋକାଟାର ମା ତାହାର ଅସଦ୍ବ୍ୟବହାରରେ ବଡ଼ ବିରକ୍ତ ଏବଂ ତାଙ୍କୁ ଏଠାରେ କର୍ଷେ ଦୁଇ ବର୍ଷ ରଖି ପାରିଲେ, ସେ ସମ୍ପତ୍ତିର ଗୋଟାଏ ବ୍ୟବସ୍ଥା କରି ପାରନ୍ତେ । ଏଇନା ! ମୁଁ ଦେଖିଲି ଟୋକାଟାକୁ ମୋ ଝିଅ ସହିତ ବିବାହ ଦେଇଦେଲେ ଛଅ ନୋଟି କାମ ଏକାବେଳକେ ହୋଇ ଯିବ । ପ୍ରଥମ, ସେ ମୋ ସୁନ୍ଦରୀ କନ୍ୟାର ପ୍ରେମରେ ପଡ଼ି ଅଛି କଲିକତା ଛାଡ଼ି କେଉଁଆଡ଼େ ଯିବାକୁ ଇଚ୍ଛା କରିବ ନାହିଁ, ଦ୍ୱିତୀୟ ସେ ବ୍ରାହ୍ମ ଘରେ ବିବାହ କଲେ ତାର ହିନ୍ଦୁ ମା ତାଙ୍କୁ ଆଇନ ଅନୁସାରେ ତ୍ୟଜ୍ୟ ପୁତ୍ର କରି ସମ୍ପତ୍ତିରୁ ବଞ୍ଚିତ କରି ପାରିବେ । ତୃତୀୟରେ ମୁଁ ମୋ ଝିଅ ପାଇଁ ଗୋଟାଏ ଉପଯୁକ୍ତ ବର ପାତ୍ର ଖୋଜୁଥିଲି । ଦେଖିଲି ସେ ଟୋକାଟା ଯେପରି ରୂପ ବାନ୍ ସେହିପରି ମଧ୍ୟ ବିଦ୍ୱାନ୍ ଓ ଗୁଣବାନ୍ । ଅତଏବ ମୋର ମନୋମତ ପାତ୍ର ପାଇ ମୋ ମୁଣ୍ଡରୁ ଗୋଟିଏ ବୋଝ ମଧ୍ୟ କାଢ଼ିଦେଲି । ଏଥିରେ ତ ମୁଁ ଦେଖି ପାରୁ ନାହିଁ, ମୁଁ କିପରି ମୋ କବାବ ବାହାରେ ଯାଉଚି । ବରଂ ସଦାଶିବ ତୁ ଗୋଟାଏ ଭଣ୍ଡ, ତୁ ଗୋଟାଏ 'ଅସ୍ତ୍ର' ଗଧ । ତୁମତେ ଗୋଟାଏ କାମରେ ନିଯୁକ୍ତ କଲୁ । କଥାହେଲା ଦୁଇ ହଜାର ଟଙ୍କା ମୁଁ ସେ କାମ

ଜନ୍ମରେ ପାରିଶ୍ରମିକ ପାଇବ । ତୁ ମତେ ହଜାର ଟଙ୍କା ଦେଲୁ । ମୁଁ ତୋର କାମ କରିଦେଲି । ମୋର ବାକି ହଜାରଙ୍କ ଟଙ୍କା ନଦେଇ ତୁ ମତେ ବର୍ତ୍ତମାନ ଓଲଟି ଗାଳିଦଉଚୁ । ଏ କଣ ଭଦ୍ରତା ! ଏ କଣ ଜମକ ସଙ୍ଗ କାମ !

ସଦାଶିବ— କିନ୍ତୁ ମୋର କାମ ହେଲା କିପରି ! ସେ ଯେ କଲିକତା ଛାଡ଼ ପଳାଇ ଯାଉଚି ।

ପ୍ରମଥ— କିନ୍ତୁ ସେ ତ ବଡ଼ ସାମାନ୍ୟ କଥା । ତାଙ୍କୁ ଧରି ପିଞ୍ଜରା ଭିତରକୁ ଆଣିବା କେତେ ଘଡ଼ି ! କିନ୍ତୁ ମୁଁ ଦେଖୁଚି କଣ ! ମୁଁ ତାଙ୍କୁ ଧରିବା ପାଇଁ ଚେଷ୍ଟା କଲା ବେଳକୁ ତୁ ସେଥିରେ ପଦେ ୨ ବାଧା ଦଉଚୁ !

ସଦାଶିବ— ମୁଁ ବାଧା ଦଉଚି ! ଏ ତ ଗୋଟାଏ ଆଶ୍ଚର୍ଯ୍ୟ କଥା ।

ପ୍ରମଥ— ତୁ ବାଧା ଦଉ ନାହିଁ ତ ଅଉ କଣ ! ମୋର ଲୋକମାନଙ୍କ ପାଖରେ ଦୁଇ ଜଣ ବାଙ୍ଗାଳି ଗୁଣ୍ଡା କିଏ ନିଯୁକ୍ତ କଲା । ମୋ ମଟରର ଗତିକି କିଏ ଅବରୋଧ କଲା ! କଣ୍ଠେଇ ରୋଡ଼ ଷ୍ଟେସନ୍‌ରେ ମୋର ଲୋକ ମାନେ ତାଙ୍କୁ ଧରିଲା ବେଳକୁ, କିଏ ତାଙ୍କୁ ମଟର ଯୋଗାଇ ତାର ପଳାଇବାରେ ସାହାଯ୍ୟ କଲା !

ସଦାଶିବ— କିନ୍ତୁ ମୁଁ ତ ତାଙ୍କୁ ଧରିବା ଉଦ୍ଦେଶ୍ୟରେ ହିଁ ଏ ସବୁ କରିଥିଲି ।

ପ୍ରମଥ— ଜଣକ ଉପରେ ଗୋଟାଏ କାର୍ଯ୍ୟର ଭାର ଦେଇ ସେଥିରେ ତୁମେ ପୁଣି ହସ୍ତକ୍ଷେପ କଲେ କାମ ହୋଇପାରିବ କିପରି ?

ସଦାଶିବ— କିନ୍ତୁ ବର୍ତ୍ତମାନ ଓ ସମସ୍ତ ଅଛି । ବର୍ତ୍ତମାନ ମଧ୍ୟ ଇଚ୍ଛା-କଲେ ଅମେ ଦୁହେଁଯାକ ସେଇ ଏକ ଉଦ୍ଦେଶ୍ୟରେ ମିଳି ମିଶି କାର୍ଯ୍ୟ କରିପକିବା ।

ପ୍ରମଥ— ସେଥିରେ ମୋର କିଛିମାତ୍ର ଆପତ୍ତି ନାହିଁ । ତୁମେ ତାର ଗତିବିଧି ବିଷୟରେ କଣ ଜାଣ ?

ସଦାଶିବ— ବିଶେଷ କିଛି ନୁହେଁ, ତେବେ ମୋ ଚରମାନଙ୍କ ଠାରୁ ଶୁଣିଲି ଯେ ସେ କୁଆଡ଼େ କଣ୍ଟେଇ ରୋଡ଼ ଷ୍ଟେସନରେ ମୋ ମଟରଟାରେ ବସି ଜଲେଶ୍ୱର ଆଡ଼େ ପଳାଇଲା । ସେ ମଟରରେ ଗୋଟାଏ ପିସ୍ତଲ ଥିଲା । ତା ବୋଧହୁଏ ତାର ହାତରେ ପଡ଼ିଛି ।

ପ୍ରମଥ— ତାଇ କହ, ମୁଁ ଆଶ୍ଚର୍ଯ୍ୟ ହଉଥିଲି ଯେ ସେ ପିସ୍ତଲ ପାଇଲା କାହୁଁ ?

ସଦାଶିବ— ତା ପାଖରେ ପିସ୍ତଲ ଥିବା ତୁମେ ଜାଣିଲ କିପରି ?

ପ୍ରମଥ— ଶୁଣ, ମୋର ଲୋକମାନେ ମଟର କାର ଜଲେଶ୍ୱର ପର୍ଯ୍ୟନ୍ତ ତା ପଛରେ ଗୋଡ଼ାଇ ଥିଲେ । ସେହିଠାରେ ସେ ମଟର ଛାଡ଼ି ଦୌଡ଼ି ଦୌଡ଼ି ପଳେଇଲା । ମୋର ଜଣେ ଲୋକ ତା ପଛ ଧରିଲା । ତାକୁ ପ୍ରାୟ ଧରିବା ଉପରେ ଏପରି ସମୟରେ ସେ ପିସ୍ତଲ କାଢ଼ି ତା ଆଡ଼କୁ ଅଓ୍ୱାଜ କଲା । ତାର କିଛି କ୍ଷତି ହୋଇନାହିଁ, କିନ୍ତୁ ସେ ପଛେଇ ଯିବାରୁ, ଧୋଇଅ ପୁଣି ଦୌଡ଼ି ପଳେଇଲା ।

ସଦାଶିବ— ସେ ତେବେ ବର୍ତ୍ତମାନ କେଉଁଠି ?

ପ୍ରମଥ— ତା' ମୁଁ ଜାଣେନାହିଁ । ସେ ଅନ୍ୟ ଗୋଟାଏ ଲୋକକୁ ତାରିପରି ବେଶ୍ କରାଇ ମୋ ଲୋକଙ୍କୁ ଖୁବ୍ ଭୁଆଁ ଦଉଡ଼େଇଲା ଓ ଇତି ମଧ୍ୟରେ ସେ ଅମର୍ଦାରୋଡ଼ ଷ୍ଟେସନ ପାଖରେ କୁଆଡ଼େ 'ଗାଏବ' ହୋଇ ଗଲା, ତାର ଚିହ୍ନମାତ୍ର ନାହିଁ ।

ସଦାଶିବ— ପିସ୍ତଲଟା ?

ପ୍ରମଥ— ଖୁବ୍ ସମ୍ଭବ ତା'ପାଖରେ ଅଛି

ସଦାଶିବ ବାବୁ ପ୍ରାୟ ପନ୍ଦର ମିନିଟ୍ ପର୍ଯ୍ୟନ୍ତ ଗମ୍ଭୀର ହୋଇ ଭାବିଲେ । ତା'ପରେ କହିଲେ "ତୁ ଜାଣୁ, ପ୍ରମଥ, ମୁଁ କଣ ଭାବୁଛି ? ସେ ଯଦି ଏହି-ପରି ମଫସଲରେ ଲୁଚି ଲୁଚି ବୁଲେ, ତା'ହେଲେ ତାକୁ ଖୋଜି ବାହାର କରିବା, କୁଣ୍ଢା ଗଦାରୁ ଛୁଞ୍ଚି ବାହାର କରିବାପରି କଷ୍ଟକର ହେବ । ମୁଁ ଭାବୁଛି ପୁଲିଶଙ୍କି ତା'ପିଛା ଦେଲେ ହୁଅନ୍ତା ନାହିଁ ?

ପ୍ରମଥ— ପୁଲିଶକୁ ? ତୁ କଣ ପାଗଳ ହେଲୁ ? ପୁଲିଶଙ୍କି ଏପରି କାମ ଭିତରକୁ ଆଣିବା ଅର୍ଥ ସବୁ ମାଟି କରିବା । ସେଗୁଡ଼ାକ କରିବେ କଣ ? ନିତାନ୍ତ ଅନାଡ଼ି ଅପଦାର୍ଥ ଜାତି ।

ସଦାଶିବ— ସେଗୁଡ଼ାକ ପ୍ରକୃତରେ ଅନାଡ଼ି ଓ ଅପଦାର୍ଥ । ତେବେ ତାଙ୍କ ହାତରେ ଚୌକିଦାର ଦଫାଦାର, ଗୁପ୍ତଚର ଇତ୍ୟାଦି ଅନେକ ଅଛନ୍ତି । ସେମାନେ ଅଉ କିଛି କରିପାରନ୍ତୁ ବା ନପାରନ୍ତୁ, ଯୋଉଥିରୁ ଯଦି ଖୋଜି ପଦାକୁ ଆଣନ୍ତି, ତା'ହେଲେ ଆମ ଉଦ୍ଦେଶ୍ୟ ସଫଳ ହୁଅନ୍ତା ।

ପ୍ରମଥ— କେଜାଣି ବାବୁ, ଏ ପୁଲିସ ଗୁଡ଼ାଙ୍କୁ ମୋର ବଡ଼ ଭୟ । ତୁ କିପରି ତାଙ୍କୁ ଯୋଉଥିରୁ ଖୋଜିବାରେ ଲଗେଇବୁ ?

ସଦାଶିବ— ତା'ପାଖରେ ଗୋଟା ବିନାଲାଇସେନ୍ସର ପିସ୍ତଲ ଅଛିନା ? ମୁଁ ଯଦି ଯାଇ ବାଲେଶ୍ୱର ଜିଲ୍ଲା ପୁଲିଶଙ୍କୁ କହେ ଯେ ଜଣେଲୋକ ପିସ୍ତଲ ଧରି ଗୁପ୍ତବେଶରେ ଅମର୍ଦା ରୋଡ଼ ଷ୍ଟେସନ ପାଖରୁ ମଫସଲ ମଧ୍ୟରେ ବୁଲୁଛି ବୋଲି, ତା'ହେଲେ ସେମାନେ ସାଙ୍ଗେ ସାଙ୍ଗେ ଅରାଜକ ଦଳଙ୍କ ଗନ୍ଧ ପାଇ ମାତି ଉଠିବେ ।

ପ୍ରମଥ— ଉପାଧ୍ୟାୟ ନିତାନ୍ତ ମନ୍ଦ ନୁହେ । କିନ୍ତୁ ସେମାନେ ତୋ କଥା ବିଶ୍ୱାସ କରିବେ କାହିଁକି ?

ସଦାଶିବ— ଅରେ ତୁ କଣ ଜାଣୁ, ଓଡ଼ିଶାରେ କମିସନର ପର୍ଯ୍ୟନ୍ତ ମୋର ଖାତିରି କରନ୍ତି । ଆଉ ଜିଲ୍ଲା ମେଜେଷ୍ଟ୍ରର କିବା ଲୋକ ।

ପ୍ରମଥ— ମନ୍ଦନୁହେ, କିନ୍ତୁ କାରୁ ସାବଧାନ ମୋ ନା' ଯେପରି ନପଡ଼େ ।

୨୨

ରାଧାନାଥପୁର ଗ୍ରାମଟି ବାଲେଶ୍ୱର ଜିଲ୍ଲାର ଗୋଟିଏ ମାମୁଲି ଧରଣର ଗ୍ରାମ । ପୂର୍ବେ କଟକ ବାସୀ ମାନଙ୍କର ଏପରି ଗ୍ରାମସବୁର କଳ୍ପନା କରିବା ବଡ଼ କଷ୍ଟ । ପ୍ରତ୍ୟେକ ଘର ଅନ୍ୟ ଘରଠାରୁ ନିତାନ୍ତ କମ୍‌ରେ ପ୍ରାୟ ହା ୫୦ ତ ଛଡ଼ା । ପ୍ରତ୍ୟେକ ଘରର ଚାରିଆଡ଼େ ବାଉଁଶ ଓ କଣ୍ଟଥ ଗଛର ବେଢ଼ା । ଘର ଓ ବେଢ଼ା ମଧ୍ୟରେ ଶାଗବାଡ଼ା ନଚେ ଘରେ କେବଳ ଅଣ୍ଟାଏ ଅଣ୍ଟାଏ ଉଚ୍ଚର ସାଷ, ଚୁଲୁଙ୍ଗା ବଣ ଓ ଲଟିବଣ ।

କେହି କେହି ଅବଶ୍ୟ ଏଥିରୁ ଗଣ୍ଡେ ଖଣ୍ଡେ ସଫା କରି ଚୁଣ, କର୍ପୂର ଇତ୍ୟାଦି ଗଛ ଲଗାଇ ଥାନ୍ତି । ବଡ଼ କ୍ୱଚିତ୍ କେହି କେହି ବାଡ଼ରେ ବାଇଗଣ, ଜଗାଛ, ଇତ୍ୟାଦି ପନିପରିବା ଲଗାଇବାର ଦେଖାଯାଏ । ଏହି ବାଡ଼ ମଧ୍ୟରେ ଗୋଟିଏ ଗୋଟିଏ ପୋଖରୀ ବା ଗଡ଼ିଆ । ଗାଡ଼ିଆ ଗୁଡ଼ିକ ହୁଏତ କଲଛ ଦଳ, ଚିଙ୍ଗୁଡ଼ିଆ ଦଳ, ସିଙ୍ଗଡ଼ା ଲଟି, ପଦ୍ମ ଓ କଇଁ ଗୁଦା ଇତ୍ୟାଦିରେ ପୂର୍ଣ୍ଣ, ନ ହେଲେ ସେଥିରେ ବାଉଁଶ, ସଜନା, ବାଇଗଣ ଇତ୍ୟାଦିର ପତ୍ର ପଚା ପାଣି ଗୁଡ଼ାକ କଳା’କଟ କଟ ଓ ପଚା ।

ସାଧାରଣ ଘର ଗୁଡ଼ାକ ଦୁଇଭାଗରେ ବିଭକ୍ତ । ବଙ୍ଗଳା, ଗଞ୍ଜା ବଙ୍ଗଳା ଅର୍ଥାତ୍ ଗୋଟାଏ ଗୋଲଘର । ଏଉଟା ବୈଠକ ଖାନା, ଅତିଥି ନିବାସ ଇତ୍ୟାଦିର କାର୍ଯ୍ୟକରେ । ସେଇ ବଙ୍ଗଳା ପଛକୁ ଲଗି ଭିତର ମୁହାଁ ଘର ଗୁଡ଼ିକ ଗଞ୍ଜା । କାହାରି କାହାରି ଦୁଇ ଦୁଇଟା ଗଞ୍ଜା ଥାଏ । କେହିବା ମାଟି ଓ ଚାଳର ଦୋଚାଲା କରାଇ ଥାଏ । କିନ୍ତୁ ଘରର ଗଢ଼ଣ ଶୈଳୀ ବଡ଼ ସବୁଘରେ ପ୍ରାୟ ଏକାପରି ।

ସେମାନଙ୍କ ଘର ତିଆରି ପ୍ରଣାଳୀରୁ ପୁରୀ ଓ କଟକବାସୀଙ୍କର ଯଥେଷ୍ଟ ଶିଖିବାର ଅଛି । ସେମାନଙ୍କର ଘରେ ଖମ୍ବ, ଦଲାନ ପ୍ରଭୃତି ଲାଗେ-ନାହିଁ । କେବଳ ମାଟିରେ ଚାରିପାଖରେ କାନ୍ଥ ଉଠାଇନେଇ ପାଟିଆ କାନ୍ଥ ଉପରେ ଉପରେ ଏପଟେ ସେପଟେ ଗଣ୍ଡେ ବାଉଁଶ ଦୋକନା କରି ରଖିଦିଅନ୍ତି । ତାରି ଉପରେ ବାଉଁଶର ତୁଲ ଶ୍ରେଣି ପକାହୁଏ । ଏହି ଶ୍ରେଣି ଦିହଲ ଛଅ ସବୁ ଲମ୍ବି ଅସ କାନ୍ଥଉପରେ ଢେରିହୋଇ ରହେ । ତା’ପରେ କାନ୍ଥକୁ ମାଟି ଦେଇ ଅଉଟିକିଏ ବଢ଼େଇ ଦେଲେ ଚାଳ ଯଥେଷ୍ଟ ଦମ୍ଭ ହୋଇଯାଏ । ସେମାନେ ନଡ଼ାରେ ଛପର କରନ୍ତି ସତ, କିନ୍ତୁ, ସେ ପୁରୀ କଟକର ନଡ଼ାପଣ ନୁହେ । ସେମାନେ ନଡ଼ାକୁ ଧାନଥିବା ସଂଧୁରେ

ଟେକେଇଲା ପକାନ୍ତି । ସେ କୁଆ ପାଲଟିଗଲେ, ତାକୁ ଉଷ୍ଣ ତା'ଦେହରୁ ଅତିଷ୍ଠ ଗୁଡ଼ାକ କାଢ଼ି ଦିଅନ୍ତି । କେବଳ ଥାନଗଛର ମୂଳଅଂଶଟାରେ ହିଁ ସେମାନଙ୍କର ଛପରବନ୍ଧ ହୁଏ । ଫଳରେ ଖରା ଓ କାକରରେ ଘର ଗୁଡ଼ ଗୁଡ଼ାକ ଯେତେ ଚଳଦ ପଡ଼ିଯାଏ, ଏ ସବୁ ସେପରି ହୁଏନାହିଁ । ଏମାନେ ପ୍ରାୟ ତିନି ଚାରିବର୍ଷରେ ଥରେ ଘରଛପର କରନ୍ତି । କୋହ୍ଲି ମଧ୍ୟ ତାଳ-ବାହୁଙ୍ଗା ଛପର ପାଇଁ ବ୍ୟବହାର କରିବାର ଦେଖାଯାଏ । ତାଳବାହୁଙ୍ଗକୁ କାଟି ପ୍ରଥମ ବାଲିଗାତରେ ପୋତି ରଖିବାକୁ ହୁଏ । କେତେଦିନ ଗଲେ ସେଇ ବାହୁଙ୍ଗାକୁ କାଟି ଛାଅ ଉପରେ ପକାଇ, ତା'ଉପରେ କୁଆର ଛାଉଣି କରା-ଯାଏ । ଏ ଛାଉଣି ବଡ଼ ମଜବୁତ ।

ଘରଗୁଡ଼ାକ ଏହିପରି ଖଣ୍ଡ ଖଣ୍ଡ ହୋଇ ରହିବାରୁ ଦାଣ୍ଡର ରାସ୍ତା ମଧ୍ୟ ବାର ବାଙ୍କରେ ବୁଲିଯାଏ । ଏକ ଗ୍ରାମ ମଧ୍ୟରେ ପ୍ରାୟ ତିନି ଚାରି କମ୍ବା ଛଅଟା ରାସ୍ତା ବା ଗୋହିରି ରହିଥାଏ । ଘର ଛଡ଼ା ଛଡ଼ା ହୋଇ ରହିଲେ ମଧ୍ୟ ଏକା ସଲଗ ସିଧା ଦାଣ୍ଡିରେ ତିଆର ହୋଇ ପାରେ । କିନ୍ତୁ ସିଧା ସଳଖ କଥାଟା ଏ ରାଜ୍ୟରେ ଥିଲା ପରି ମନେହୁଏ ନାହିଁ । ଯେ ଯେଉଁଠି ପାଇଲେ ସେ ସେଠି ଗଣ୍ଡେ ଛପର ବାନ୍ଧେଇ ଦେଲେ । ଗାଈ ଦେଖିବାର କଥା ଯେ ପଡ଼ଶା ଘର ଠାରୁ ତାର ଘରଟା ଯେପରି ଯଥେଷ୍ଟ ଦୂରରେ ରହେ । ଗ୍ରାମମାନଙ୍କରେ କୂଅ ଦେଖିବାକୁ ସ୍ୱପ୍ନ । ପୋଖରୀ ବା ଗଡ଼ିଆର ପାଣି ଏକମାତ୍ର ଆଶ୍ରୟ ଏମାନଙ୍କର ।

ଏ ପ୍ରକାର ଗ୍ରାମ ସଂଗଠନ ବୋଧହୁଏ କାଲେଶ୍ୱର ବାସି ବଙ୍ଗଳାରୁ ଶିଖିଥିବେ । ବଙ୍ଗଳା ପାଖରେ ରହି ଏମାନଙ୍କର ଭାଷା, ବ୍ୟବହାର, ସାମା-ଜିକ ଅବସ୍ଥା ପର୍ଯ୍ୟନ୍ତ ଯେପରି ବଙ୍ଗାଳିମାନଙ୍କ ଦ୍ୱାରା ପ୍ରଭାବିତ, ସେମାନଙ୍କ ଗ୍ରାମ ସଂଗଠନ ମଧ୍ୟ ସେହିପରି । ତେବେ ଏପରି ଗ୍ରାମମାନଙ୍କରେ ଗୋଟାଏ

ସୁବିଧା ଯେ, ଚୋର ଡ଼କାୟତମାନେ ପୁଲିଶ ଓ ଅନ୍ୟାନ୍ୟ ଅତ୍ୟାଚାରରୁ ଅନେକ ପରିମାଣରେ ରକ୍ଷାପାନ୍ତି—କାରଣ ନିର୍ବିବାଦରେ ଚୋରି ଡ଼କାଇତି କରିବା ଏଣେ ଯେପରି ସୁବିଧା, ଧରାପଡ଼ିଲେ ଖସି ପଳେଇବା ମଧ୍ୟ ସେହିପରି ସହଜ ।

ସୁଧାନାଥପୁର ଗ୍ରାମଟି ଏହି ଧରଣର । ଗ୍ରାମ ମଧ୍ୟରୁ ବାହାର ଦଗରେ ଛଅ ଚାରୋଟି ରାସ୍ତା । ଏହି ପ୍ରଧାନ ରାସ୍ତା ବା ଗୋହିରି ମଧ୍ୟରୁ କେତେ କଣ୍ଟ ବାଙ୍କ ଯେ ମେଲେଇ ଚାଲି ଯାଇଛି, ତାର କଳନା କରିବା ବଡ଼ ସହଜ ନୁହେଁ । ଗ୍ରାମଟି ମଧ୍ୟମ ଶ୍ରେଣୀର । ପ୍ରାୟ ତିରିଶ ଜଣର ଘର ହେବ । ଏମାନଙ୍କ ମଧ୍ୟରେ ପ୍ରମିଳା ଓ ଶ୍ୟାମ ବାବୁଙ୍କ ଘର ବଡ଼ିଆ ଧନୀ ଓ ଖାନଦାନ । ପ୍ରମିଳାଙ୍କର ଘର ପ୍ରାୟ ଗ୍ରାମର ମଝିରେ । ଦୋତାଲା କୋଠା ଠାକୁର ବାଡ଼ି ଓ କଚେରି ଘର ଗୋଟାଏ ତରଫରେ । ରାସ୍ତାର ଆର ପାଖରେ ଗୁହାଳ ଘର, ଧାନ 'ଙ୍କରେଇ' ଓ ଅମାର ପ୍ରଭୃତି ।

ରହିବା ଘରର ଆଗ ସାହାଲାଟା ବଙ୍ଗଳା । ସେ ଗୋଟାଏ ସବୁଆ ଖୋଲା ହଲ୍ । ଦୋତାଲ ଓ ବଙ୍ଗଳା ମଝିରେ ଗୋଟିଏ ପକ୍କା ଅଗଣା । ଅଗଣାର ଅପର ଦୁଇ ପାଖରେ କଚେରିଘର, ବୈଠକଖାନା ଓ ଅତିଥି ନିବାସ । ତା ପରେ ଦୋତାଲା । ଦୋତାଲାର ଏକ ମହଲା ଘରଗୁଡ଼ାକର ଦୁଆର ପଛ ତରଫକୁ । ଅତିଥିଶାଳା ଓ ବୈଠକଖାନା ସାହାଲାର ଶେଷ ମୁଣ୍ଡ ଓ ଦୋତାଲାର ଶେଷ ମୁଣ୍ଡ ମଝିରେ ଗୋଟିଏ ଛୋଟ ପାଚେରି । ଏହି ପାଚେରି ଦେହରେ ଗୋଟିଏ ଦୁଆର । ଏହି ଦୁଆର ମଧ୍ୟ ଦେଇ ଏକ ମହଲାର ଦୁଆର ଗୁଡ଼ିକୁ ଯିବାର ରାସ୍ତା । ବାହାର ପଟ କାନ୍ଥ ଦେହରେ ବଡ଼ ବଡ଼ ଝରକା ଅନେକ ଗୁଡ଼ିଏ । କଚେରି ଘର ତରଫକୁ ଲାଗି ଦୋତାଲା ଉପରକୁ ଯିବାର ଗୋଟାଏ ସିଡ଼ି । ଏହି ସିଡ଼ିରେ ଉଠିଲେ ପ୍ରଥମେ ପଡ଼ିବ

ଗୋଟିଏ କମରା । ଏ ଘରଟି ନାନା ପ୍ରକାର ଚିତ୍ରମାନଙ୍କ ଦ୍ୱାରା ସୁଶୋଭିତ । ମଝିରେ ଗୋଟିଏ ପିଆଶାଳ କାଠର ଚାରିକିଆ ଟେବୁଲ୍ । ଟେବୁଲ୍ ଉପରେ ନାନା ପ୍ରକାର ଫୁଲ୍ ଲତା ଅଙ୍କା ଖଣ୍ଡିଏ ସଫା ଲୁଗା । ଟେବୁଲର ଚାରି ପାଖରେ ଚାରୋଟି ଗଦିଆଲା ଚୌକି, କାନ୍ଥକୁ ଲାଗି ଗୋଟିଏ ଗଦିଆଲା ତକ୍ତପୋଷ । ଏ ଘରଟି ସୁହାସିନୀଙ୍କର ଖାସ କାମରା ।

ତା ପରେ ଦୋ ତାଲାର ବାରଣ୍ଡା ଉପରେ ଗୋଟିଏ କାନ୍ଥ । ଏହି କାନ୍ଥ ଦେହରେ ଥିବା ଦୁଆର ଦେଇ ଗଲେ ପ୍ରକୃତ ରହିବା ଘରଗୁଡ଼ିକ ପଡ଼ିବ । ଏ ଘରକୁ ଲାଗି ପ୍ରମିଳାଙ୍କର ପଢ଼ିବା ଓ କାମ କରିବା ଘର । ତିନି ଚାରୋଟି ଆଲମାରି ଦେହରେ ଥାକ ଥାକ ହୋଇ ଅନେକ ବହି ସଜା ହୋଇଛି । ବାହାର ପଟ ଝରକାକୁ ଲାଗି ପଡ଼ିଛି ଖଣ୍ଡିଏ ଟେବୁଲ୍ ଓ ସେ ଟେବୁଲ ପାଖରେ ଗୋଟିଏ ସିଧା ପିଠି ଚୌକି । ଚୌକିର ଡାହାଣ ତରଫରେ ଗୋଟିଏ ପୁରା ଅଲମାରି ଦେହରେ ଥାକ ଥାକ ହୋଇ କେତେ ଗୁଡ଼ିଏ ବହି, ତଳ ଥାକରେ କେତେଗୁଡ଼ିଏ ବନ୍ଧାହୋଇ ଖାତା । ଟେବଲ୍ ଉପରେ ଗୋଟିଏ ଶଙ୍ଖ.ମଲ ମଲ ପଥରର ଦୁଆତ ଓ କଲମଦାନ । ଏହି ଝରକାର ସାମନା ଝରକା ପାଖରେ କାନ୍ଥ ଆଡ଼କୁ ମୁହଁ କରି ପଡ଼ିଛି ଆଉ ଖଣ୍ଡିଏ ଚୌକି ଓ ଏହି ଚୌକିର ସାମନାରେ କଳା ଘୋଡ଼ଣୀ ତଳେ ଥୁଆହୋଇଛି ଗୋଟିଏ ଟେବୁଲ୍ ହାରମୋନିୟମ । କୋଠରୀର ଅନ୍ୟ ତରଫ କାନ୍ଥ ଦେହରେ ଲଟକା ଯାଇଛି କଳାର ମୁଣି ମଧ୍ୟରେ ଖଣ୍ଡିଏ ସୀତାର ଓ ଖଣ୍ଡିଏ ଏସ୍ରାଜ । ଏହି ତରଫର ବାହାର ଝରକାକୁ ଲାଗି ଗୋଟିଏ ଚୌକି ପାଖରେ ଗୋଟିଏ ଛୋଟ ଟେବୁଲ୍ ଉପରେ ଥୁଆହୋଇଛି ପ୍ରମିଳାଙ୍କର ସିଲେଇ ବାକ୍ସ । ଯେ ଯେଉଁଠି ରହିବାର ସେହିଠାରେ ରହିଛି । ଘରଟି ପରିଷ୍କାର, ପରିଚ୍ଛନ୍ନ । ଏପରିକି ଟେବୁଲ ଦେହରେ ଅଥବା ଘରର ଚାରିକୋଣରେ ବୁନ୍ଦାଏ କାଳି ପଡ଼ିବାର ଦେଖାଯିବ ନାହିଁ ।

ଏ ବଖରାର ପରେଥିଲା ସର୍ବେଶ୍ୱରୀ ଦେବୀଙ୍କର ଶୋଇଲା ଘର । ତାଙ୍କର ମୃତ୍ୟୁପରେ ଏ ଘରଟା ଖାଲିପଡ଼ିଛି । ତା'ପାଖରେ ପ୍ରମିଳାଙ୍କର ଶୋଇବା ଘର ଓ ତାର ଅରପଟେ ଯୋଗେଶବାବୁଙ୍କ ଶୋଇବା ଘର । ଏହି ଘରପାଖରୁ ଉପର ପଟ ବରଣ୍ଡାକୁ ଯିବାପାଇଁ ଗୋଟିଏ ସିଡ଼ି । ତଳ ମହଲାରେ ଗୋଟିଏ ବୈଠକଖାନା, ସେ ସ୍ତ୍ରୀମାନଙ୍କର । ଏହାର ସାଜ ସଜା ଅନ୍ୟ ବୈଠକଖାନା ଅପେକ୍ଷା ବେଶୀ ଚମତ୍କାର, ବେଶୀ ସୁନ୍ଦର ଓ ବେଶୀ ମନୋହର । ତେବେ ଏଥିରେ ଗଦିଆଲା ଚୌକି, କୁଶନ ବା ଖଟନାହିଁ । ଘରର ମଝିରେ ହାତେ ଉଚ୍ଚର ବେଲଭେଟେଣ୍ଡ୍ରୀ କାଠର ତକ୍ତପୋଷ । ତା'-ଉପରେ ଭେଲଭେଟ୍ କାଗଜ ଗଦି ଓ ସେ ଗଦିଉପରେ ରେଶମି ଚଦର । ସ୍ଥାନେ ସ୍ଥାନେ ହିଲମିଲ କାମକରା ଗୋଲ, ଲମ୍ବା ଓ ଚୌକୁଣ୍ଡି ବାଲିଶ । ଏ ମହଲର ବାକି ଘର ମାନଙ୍କମଧ୍ୟରେ ଭଣ୍ଡାର ଘର, ଚାକର ବାକରଙ୍କର ରହିବା ଘର ଇତ୍ୟାଦି । ତାପରେ ଅଉ ଗୋଟିଏ ଅଗଣା । ଏଇ ଅଗଣା ମଝିରେ ଗୋଟିଏ ନଳଲଗା କୂଅ, କୂଅ ପାଖରେ ଗାଧୋଇବା ଘର ଓ ଗାଧୋଇବା ଘରର ଅନ୍ୟତରଫରେ ପାଇଖାନା । ଏ ଦୁଇ ମଧ୍ୟରେ ଖିଡ଼କି ବା ବାଡ଼ିଦୁଆର । ଏ ପ୍ରତ୍ୟେକ ପାଚେରି ଘେରା । ଖିଡ଼କି ଦୁଆର ଭିତର ଦେଇ ବାଡ଼ିଅଡ଼କୁ ବାହାରିପଡ଼ିଲେ, ଦେଖିବ 'ଦେଶୀ ବିଦେଶୀ ନାନାରକମ ନାନା ବର୍ଣ୍ଣ ଓ ନାନା ସୁବାସର ଫୁଲଗଛ ଧାଡ଼ି ଧାଡ଼ି ହୋଇ ଲଗାହୋଇଛି । ଏହି ଧାଡ଼ି ମାନଙ୍କ ମଧ୍ୟରେ ପକ୍କାର ଗୋଟିଏ ରାସ୍ତା ଖିଡ଼କି ପୋଖରୀ ପର୍ଯ୍ୟନ୍ତ ଲମ୍ବିଯାଇଛି । ପୋଖରୀଟି ମଝିଲା ରକମର । କୂଳଟିରେ ପକ୍କାପାହାଚ ଓ ପାହାଚ ଉପରେ ଲମ୍ବା ଲମ୍ବା ଦୁଇଟି ପକ୍କା ବେଞ୍ଚ । ପାଣିଟି କାଚକେନ୍ଦୁପରି ନିର୍ମଳ । ପାଣି କୂଳରେ କୌଣସି ଗଛ ପତ୍ର ରଖା ଯାଇନାହିଁ ।

ସେଦିନ ବେଳା ପ୍ରାୟ ଚାରିଟା ବାଜେ । ପ୍ରମିଳାଦେବୀ ତାଙ୍କ ପତିଙ୍କ-

ଘରେ ବସି ଖଣ୍ଡିଏ ଓଡ଼ିଆ ଉପନ୍ୟାସ ପଢ଼ୁଚନ୍ତି । ଅର୍ଥାତ୍ ଉପନ୍ୟାସ ଖଣ୍ଡି ମେଲାହୋଇ ଅଙ୍ଗରେ ପଡ଼ିଛି । ମୁହଁଟି ତାଙ୍କର ସେଇ ଅଡ଼କୁ, କିନ୍ତୁ ଆଖିରେ ସ୍ୱର୍ଗ ସ୍ୱପ୍ନର ଆଭା ଲାଗିରହିଚି । ସେ କଣ ଭାବୁଚନ୍ତି ? ଦେବ-ଦୁର୍ଲ୍ଲଭ ରୂପମୟୀ, ଉଚ୍ଛ୍ୱସିତହୃଦୟା ପ୍ରେମାଭିଳାଷି ଷୋଡ଼ଷୀ କଣ ଆଉ ଥିବେ ? ଆମ୍ଭେମାନେ ଜାଣୁଁ ସେ କଣ ଭାବୁଥିଲେ । କିନ୍ତୁ ସେ ଷୋଡ଼ଷୀ ରୂପସୀର ପବିତ୍ର କଳ୍ପନା, ତାକୁ ପ୍ରକାଶ କରି ଅପବିତ୍ର କରିବାରେ ଦାୟି ହେବାପାଇଁ ଆମ୍ଭେମାନେ ନିଶ୍ଚୟ ରାଜି ହେବୁନାହିଁ ।

•

ସେ ହଠାତ୍ ଚମକି ପଡ଼ିଲେ । ବାହାରକୁ ଅନାଇଁ ଦେଖିଲେ ସଦର ଦରଜା ପାଖରେ ଗୋଟିଏ ଯୋଗୀ । ଶାଳଗଛ ପରି ସଲଖ ସୁନ୍ଦର ଦେହ । ଆଖି ଦୁଇଟି ସ୍ନିଗ୍ଧ ଉଜ୍ଜ୍ୱଳ, ମୁହଁରେ ମାଟି ଓ ପାଉଁଶ ବୋଳା ହୋଇଥିଲେ ମଧ୍ୟ ତାହାର ସରସତା ଓ ସୁକୁମାରତା ଏକାବେଳକେ ଲୁଚି ଯାଇନାହିଁ । ବାହା ଦୁଇଟା ଲୁହାଧାରଣା ପରି ଠିଆ ହୋଇଚି । କେନ୍ଦେରା ଯନ୍ତ୍ର ବଜା-ଇଲା ବେଳେ ସେ ପ୍ରଶସ୍ତ ଛାତିର ମାଂସପେଶି ଗୁଡ଼ାକ ନାଚି ଉଠୁଚି । ଯୋଗୀ ଗାଉଚି —

କିବା କଥାକୁ ଗୋ ତୋର ଏତେ ରୁଷଣା
କି ବେଦନା ମନେ ମନେ ରଖୁ ଅଜଣା
ଜାଣନ୍ତରେ କିଛି ତୋତେ, କହି ମୁଁ ନାହିଁ କିଷ୍ଟେ
ଅଜାଣନ୍ତ ଦୋଷେ ସିନା ବାଞ୍ଛିତ କ୍ଷମା ।
ତୋର ଚାଲିଗଲେ ଧୂଳି, ଦୁଅଇ ମୁଁ ଦେହେ ବୋଳି
ତୋ ଛୁଡ଼ା କୁସୁମେ ଶେଯ, କରେ ରଚନା ।
ତୋର ରୂପ ହୃଦେ ଭଜି, ଅନଠାରେ ଥିଲେ ମଜି

ତୋ ବନ୍ଧନେ ଚନ୍ଦ୍ରଚୂଡ଼ା ପଡ଼ି ସେ ରସିନା ।
ଅନନ୍ତେ କରି ମୁଁ ଭକ୍ତି, ପିଉଲାରେ କରେଁ ନତି
ତା ଲାଗି କି ହେବ ମୋର ଭାଗ୍ୟେ ଯାତନା ।
ତୋତେ ଭଜିବାର ଦୋଷ, ହେଲା ଯେବେ ମୁଁ ଅବଶ୍ୟ
ଚନ୍ଦନ ପଙ୍କ ଲେପିବି ଅଙ୍ଗେ ଗଞ୍ଜଣା ।

ଗୀତଟାର ଅଧା ପର୍ଯ୍ୟନ୍ତ ଶୁଣି ପ୍ରମୀଳାଙ୍କର ଭ୍ରୂଲତା କୁଞ୍ଚିହୋଇଗଲା । ଏ ଗୀତ'ତ ଯୋଗିଗୀତ ନୁହେ । ଏ ଭାବ'ତ ଯୋଗୀ ଗୀତର ଭାବ ନୁହେ । ସେ ବୁଝିଲେ ଗୀତଟି କୌଣସି ଅଜ୍ଞ ହାତର ଲେଖା, ତଥାପି ତାହାର ଭାବ, ତାହାର ରାଗିଣୀ ଓ ତାହାର ପଦବିନ୍ୟାସ ଯୋଗୀ ଗୀତଠାରୁ ଢେର ଢେର ଭଲ । ଯୋଗୀ ଗୀତର ସରଳତା, ସୁବୋଧତା ଓ ସହଜ କରୁଣ ଭାବ ଏଥିରେ ନାହିଁ । ଏ ଗୀତଟି କିଏ କାହାର ଯୋଗିର ଗୀତ ? ଏ ରୂପ କି କେଉଁଠି ଯୋଗୀର ରୂପ ? ତା ପରେ ସେ ସ୍ୱର, କି ଚମତ୍କାର ! କି କୋମଳତା ! କି କମ୍ପନ ! କି ମୂର୍ଚ୍ଛନା !, ନା, ଏ ଯୋଗି ହୋଇ ପାରେ-ନାହିଁ । ହୁଏତ କେହି ଛଦ୍ମବେଶୀ । ନ ହେଲେ କେହି ଭଦ୍ରସନ୍ତାନ ଦୈବ ଦୁର୍ବିପାକରୁ ଏ ଅବସ୍ଥାରେ ଅସି ପହଞ୍ଚନ୍ତି । ଉଠିଯାଇ ବରଣ୍ଡାର ବାଡ଼ାଘରେ ଡ଼ାକିଲେ "ହଇଅ, ହଇଅ, ଯୋଗିଙ୍କୁ ଏପଟକୁ ଡ଼ାକିଦେଇ" । ଯୋଗୀ କେନେଇରୁ ମୁହଁଟେକି ଚାହିଁଲେ । କ୍ଷଣକ ପାଇଁ ସେ ଦେଖିଲେ ଜୀବନ୍ତ ତାଙ୍କର ସେଇ ସ୍ୱପ୍ନର ରାଣୀ । ସେ ତଟସ୍ଥ ହୋଇଗଲେ । ଏ ସାମଞ୍ଜସ୍ୟ କି ସମ୍ଭବ ? କଳ୍ପନା କି ମନଭିତରୁ ବାହାରି ପ୍ରକୃତରେ ରକ୍ତ ମାଂସର ଶରୀର ଧରିପାରେ ? ସେ ଚକିତ ହୋଇ ଚାହିଁ ରହିଲେ । ହଠାତ ପରେ ସେ ମୂର୍ତ୍ତି ତାଙ୍କ ଆଖିର ଅନ୍ତରାଳକୁ ଚାଲିଗଲା । ତାଙ୍କର ଚେତନା ହେଲା ସେ ଭାବିଲେ "ନା, ଏ, ମୋ କଳ୍ପନାର ଖେଳ । ଅନେକଦିନ

ହେଲା ଖାଇବା, ପିଇବା, ଶୋଇବା ଇତ୍ୟାଦି ସୁବିଧାରେ ନ ହୋଇଥିବାରୁ ବୋଧହୁଏ ତାଙ୍କର ମୁଣ୍ଡ ଗରମ ହୋଇ ଗଲାଣି । ହଠାତ୍ କହିଲା "ଏ ଯୋଗୀ ବାଇ, ସାନ୍ତାଣୀ ଡ଼ାକୁଛନ୍ତି, ଭିତରକୁ ଆ" ତୁ ଏମାନଙ୍କ ସାଙ୍ଗରେ ଯା । ମୁଁ ଓଳଷା ସଜାଡ଼ି ନଉଛି । ଯୋଗୀ ଭାବିଲେ ତା'ହେଲେ କଣ ସେ ଯାହା ଶୁଣିଲେ ଓ ଦେଖିଲେ ସେ ସତ ? ତାଙ୍କର ଛାତିଟା ଯେପରି ଚହଟି ତାଙ୍କ ପାଟି ଭିତରକୁ ଚାଲିଆସିଲା । କିଏ କି ଉତ୍ତେଜନାରେ ତାଙ୍କର ସମୁଦାୟ ଦେହ ଥର ଥର କରି କମ୍ପିବାକୁ ଲାଗିଲା । ସେ ଚାକରମାନଙ୍କର ପଛେ ପଛେ ଭିତର ପଟକୁ ଗଲେ । ଦେଖିଲେ, ଭାଦ ଗୃହଟା ଚାକରାଣୀ ଓ ଗୋସେଇମାଙ୍କ ମଝିରେ ତାଙ୍କର ସେଇ ସ୍ୱପ୍ନର ରାଣୀ । ସେ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ । ଥରେ ଦହାତରେ ଦୁଇ ଆଖିକୁ ଭଲକରି ମଳିନେଲେ । ଦେଖିଲେ ସେଇ ସଜୀବ ସ୍ୱପ୍ନର ଅପ୍ସରା ମୂର୍ତ୍ତି । ତା'ପରେ ତାଙ୍କର ଯାହାହେଲା, ସେ ଗୋଟିଏ ବଡ଼ କୌତୁକର କଥା । ସେ ଉତ୍ତେଜନା, ସେ ଚାଞ୍ଚଲ୍ୟ ସେ ଅସ୍ଥିରତା ତାଙ୍କର କେଉଁ-ଆଡ଼େ ନିମେଷକ ମଧ୍ୟରେ ଉଭେଇଗଲା । ତା ସ୍ଥାନରେ ଆସିଲା, ଗୋଟାଏ ଅପୂର୍ବ ଶାନ୍ତି, ଅଦମ୍ୟ ବିଶ୍ୱାସ ଓ ଅସୀମ ଉତ୍ସାହ । ସେ ନମସ୍କାର କରି କହିଲେ "ମା, ମତେ ଡ଼ାକୁଥିଲ ?" ।

ଗୋସେଇବୋଉ— ଗାଅ, ବାପ, ଆଉ ଗୋଟିଏ ଗୀତ । ତୁ କେଶ ଗାଉ । ତୋ ଘର କେଉଁଠି ବାପ ।

ଯୋଗୀ— ମୋ ଘର, ମା, ଅନେକ ଦୂର । ସେ ଦରିଆର ସେପାରିରେ, ଯେଉଁଠି ଅଛି ଗାଲ ବସନ୍ତର ମଧୁର ଉନ୍ମାଦନା, କୋକିଳର ପ୍ରାଣ ମତାଣିଆ କୁହୁରବ, ମଳୟର ମନ୍ଦ ମନ୍ଦ ସୁଗନ୍ଧ ପ୍ରବାହ ।

ପ୍ରମିଳାଙ୍କର ମନରୁ ସନ୍ଦେହ ଦୂର ହୋଇଗଲା । ଏ ଭୂଷା ନିରକ୍ଷର ଯୋଗୀର ତ ନୁହେଁ, ବରଂ ଅତି ଉଚ୍ଚଶିକ୍ଷିତ ଭାବପ୍ରବଣ ଯୁବକର । କିନ୍ତୁ ଏ କିପରି ? ଅତି ଉଚ୍ଚଶିକ୍ଷିତ ଭାବ ପ୍ରବଣ ଯୁବକଙ୍କ ଏ ମଇଳା ଛିଣ୍ଡା-କନା ପିନ୍ଧି କେନ୍ଦେରା ବଜାଇ ଗାଁ ଗାଁ ହୋଇ ବୁଲେ ?

ଜଣେ ଚାକରାଣୀ କହିଲା, "ଏମା, ଏ ଲୋକଟା କଣ ଗୁଡ଼ାଏ ଗପୁଛନ୍ତି ? ବାପ୍ପା କହିଲୋ, ଏଉଟା ?"

ଗୋରାବୋଉ— ତୁ କଣ ଯେ କହିଲୁ ବାପ, କିଛି ବୁଝି ହେଲାନାହିଁ ।

ପ୍ରମିଳା— ବୁଝି ଅଉ ହବକଣ ? ଅଚ୍ଛା, ଯୋଗୀ ଗାଅତ ଗୋଟିଏ ଭଲଗୀତ ।

ଯୋଗୀ ଅଉ ବାକ୍ୟବ୍ୟୟ ନକରି କେନ୍ଦେରାରେ ଦୁଇ ଚାରିଥର ଅଧାଡକରି ଗାଇଲେ ।

ପାରିଜାତ ଫୁଲ୍ କିମ୍ପା ତଳେପଡ଼ି ଲୁଟେ ଗୋ
ସରଗର ଚାନ୍ଦ କିମ୍ପା ରସାତଳେ ଫୁଟେ ଗୋ ।
ସଂସାର ଯାତନା ଭରି ସହିବକି ଏ କିଶୋରି
ନବନୀତ ଅଙ୍ଗ କିନା ଯିବ ଝାଉଁଳି
ମାନବର ଗୁଷ୍ଟ କର କରି ଦେବ ଶ୍ରୀର ଖାର
ପାରିଜାତ ଫୁଲ୍ କିନା ଯିବ ମଉଳି ।
ଛୁଅଁନା ଛୁଅନା ତାରେ ଭାସିଯିବ ମଳୟରେ
କୋଇଲର ତାନେ ତାନେ ଯିବ ସେ ଉଡ଼ି
ଶୀତଳ ଏ ଶୀତ କର ଛୁଇଁ ଉଷ୍ଣାଙ୍ଗ ତୋହର
ଅତଳ ଜଳଧି ଜଳେ ଯିବଟି ବୁଡ଼ି ।

ଯୋଗୀ ଗୀତଟି ଗାଉଥାଏ । ଅଉ ପ୍ରମିଳା ସ୍ୱପ୍ନ ଦେଖୁଥାନ୍ତି :— ଗୋଟିଏ ଫୁଲ ସାଜରେ ସଜ୍ଜିତ, ଅତର ଗନ୍ଧରେ ଆମୋଦିତ ବୈଠକଖାନା । ଗୋଟିଏ ଟେବୁଲ ହାରମୋନିୟମ ପାଖରେ ଜଣେ ପ୍ରଶାନ୍ତ ମନୋହର ଯୁବକ, ବୟସ ଅନ୍ଦାଜ ୨୦ । ୨୧ । ଯୁବକ ହାରମୋନିୟମରେ ସୁର ଦେଇ ଗୀତ ଗାଇ ଯାଉଛନ୍ତି । ଅଉ ସେ, ତେର ବର୍ଷର ବାଳିକା ମାତ୍ର, ତାଙ୍କର ମନ ପ୍ରାଣ ସବୁ ଦେଇ ସେ ସ୍ୱରଟି ଶୁଣୁଛନ୍ତି, ସେ ରୂପଟି ଦେଖୁଛନ୍ତି । ତାଙ୍କର ସଖୀ—ସେ କିଏ ? ହଁ ସୁଶୀଳା ତାଙ୍କ ପାଖରେ ବସି କେତେ କଣ ଯେ ଗପୁଛି । କି ମୂର୍ଖ ଏଇଟା — ଏ ରୂପ, ଏ ସ୍ୱର ଛାଡ଼ି ତାର ସେ ଶୁଖିଲା ଗପ ଶୁଣେ କିଏ ? ସେ ଗାଉଥିଲେ ସେଦିନ ଏଇ ଗୀତଟିକି, ଏହିପରି ଭାବରେ, ଏହିପରି ସ୍ୱରରେ । ସେ କଣ ସେଇ ? କି ବୋକାମି, ସେ ଯେ ଜଣେ ଉଚ୍ଚ ଶିକ୍ଷିତ ଆର୍ଟିଷ୍ଟ, ତାଙ୍କ ହାତଅଙ୍କା ଚିତ୍ର ପାଇଁ ଶୁଣିଛନ୍ତି ସେ, ରାଜା ମହାରାଜାମାନେ ହଜାର ହଜାର ଟଙ୍କା ଦେବାକୁ ରାଜି । ସେ ନିଜେ ଧନୀଘରର ସନ୍ତାନ । ତାଙ୍କର ଅତୁଳ ସମ୍ପତ୍ତି । ସେ କି ଦୁଃଖରେ ଯୋଗୀ ହୋଇ ବୁଲିବେ ? ସେ ତାଙ୍କୁ ଦେଖିଥିଲେ ସେଇ ଦିନକ । କିନ୍ତୁ ସେଇ ଦିନକର ଦେଖାରେ ତାଙ୍କର ପ୍ରତି ଅବୁଝା ହୃଦୟଟି କେବଳ ତାଙ୍କଠି ତନ୍ମୟ ହୋଇ ଯାଇଥିଲା । ବାଳିକାର ସେ ସୁଖସ୍ୱପ୍ନ ଏପର୍ଯ୍ୟନ୍ତ ତାଙ୍କ ହୃଦୟର ନିଭୃତତମ ଦେଶରେ ସେ ଲୁଚାଇ ରଖିଛନ୍ତି । ତାଙ୍କର ଅନ୍ତପଟେ ସେ ମୂର୍ତ୍ତି ଗୁଡ଼ିକରେ ସେ ସମସ୍ତଙ୍କର ଅଜାଣତରେ ସେହି ଯୋଗୀଟିଙ୍କୁ କାଢ଼ି ବେଳେ ବେଳେ ଦେଖନ୍ତି । ପରେ ଯେତେବେଳେ ସେ ବାତୁଳାମି ଛାଡ଼ିଯାଏ, ବୁଝନ୍ତି ତାର ଅସଲ ମାଡ଼ିବସେ । ସେ ଦେଖନ୍ତି ଏ ତାଙ୍କର ଗୋଟାଏ ମସ୍ତବଡ଼ ବାତୁଳାମି ସେ ଅଉ ସେ । ସେ କାହିଁକି ସେଙ୍କୁ ପଚାରିବାକୁ ଯିବେ ? ସେଙ୍କଠାରୁ ବଳି କେତେ କେତେ ସୁନ୍ଦରୀ ବାଳିକା ତାଙ୍କ ପାଦଧୂଳି ନବାଲାଗି କେତେ ଚେଷ୍ଟା କରୁଥିବେ । ସେ ହୁଏତ ଏତେ

ହବାଡ଼ କର —। ତାଙ୍କର ମନ ଆପଣାଉପରେ ବିରକ୍ତ ହୋଇ ଉଠେ । ସେ ନିଜକୁ ବୋକା, ଗଧ, ପାଗଳ ଇତ୍ୟାଦି କେତେ ପ୍ରକାର ଗାଳିଦିଅନ୍ତି ।

ଅଙ୍କ ସେହି ଗୀତଟି ଶୁଣି ଶୁଣି ସେଇ ଅଭିନୟଟା ତାଙ୍କ ହୃଦୟରେ ହୋଇ ଯାଉଥିଲା । ଗୀତ ସରିଲା "ଯୋଗୀ କେନେସ୍ତାଟି ତଳେ ରଖିଦେଇ ଲୁଗା କାନରେ ମୁହଁରୁ ଝାଳ ପୋଛିଦେଲେ" ହରିଅ ତବଲା ଅଣି କହିଲା "ଯୋଗୀ ଭାଇ, କେଉଟି ତୁମପାଇଁ ତବଲା ଅଣିଛି" ପ୍ରମିଳାଙ୍କର ଅଭିନୟ ମଧ୍ୟ ସରିଲା । ସେ କହିଲେ "ଯୋଗୀ, 'ଏ ଗୀତ ତ ଯୋଗୀଗୀତ ନୁହେଁ" ତୁମେ କଣ ପାଠ ଶାଠ ପଢ଼ିଥିଲ ?"

ଯୋଗୀ— ପାଠ ତ ପଢ଼ିଛି ଅନେକ, କିନ୍ତୁ ଶାଠାଏ —

ପ୍ରମିଳା— ପାଠ ଶାଠ ପଢ଼ି ତା'ହେଲେ ଯୋଗୀ କାହିଁକି ?

ଯୋଗୀ— ଶାଠ ପଢ଼ିଥିଲେ ବୋଧହୁଏ ଯୋଗୀ ହୋଇ ନଥାନ୍ତି । କିନ୍ତୁ ପାଠ — ସେ ଯେ ମଣିଷକୁ ପାଗଳ କରିଦିଏ, ଗୋ, ଢ଼ଅନ୍ୟ ମଣିଷକୁ ଭୂତ କରେଇଦିଏ । ତୁମେ କେବେ ପାଠ ପଢ଼ିବ ନାହିଁ !

ପ୍ରମିଳା— ତୁମେ କଣ ସତରେ ପାଗଳ ? ଅଚ୍ଛା, ଯୋଗୀ, ପାଠତ ପଢ଼ିଲ, ଚାକିରି ବାକିରି କରି ପେଟ ପୋଷିଲ ନାହିଁ, କାହିଁକି ? ଏ ଯୋଗୀ ବୃତ୍ତି ତୁମଭଳି ଶିକ୍ଷିତ ଲୋକକୁ କି ସାଜେ ?

ଯୋଗୀ— ନ ସାଜିବ କାହିଁକି ? ଯୋଗୀ ହେବାରେ କିଛି ମାନହାନି ତ ନାହିଁ । ସ୍ୱୟଂ ଦେବାଧିଦେବ ଭୂତନାଥ ଯୋଗୀ । ଯିଏ ସୃଷ୍ଟି-କର୍ତ୍ତା ସିଆଙ୍କ ପ୍ରେମରେ ବିହ୍ୱଳ ହୋଇ ଯୋଗୀ ସାଜିଥିଲେ ।

ପ୍ରମିଳା— ତା'ହେଲେ କଣ ତୁମେ ପ୍ରେମ ହେତୁ — ଅଉ ଶେଷ-କରି ପାରିଲେ ନାହିଁ । ତାଙ୍କର ମୁହଁଟି ନାଲ ପଡ଼ିଗଲା ।

ଯୋଗୀ— ପ୍ରେମ ? ସେ କଣ ଜାଣ ? ସେ ବୁଦ୍ଧି ବିବେକର ଦାବାନଳ, ସବୁ ପୋଡ଼ି ପକେଇ ରଖିବ ଖାଲି ଜଞ୍ଜାଳୁ । ନା, ବାବୁ, ପ୍ରେମର ଧାର ମୁଁ ଧରେ ନାହିଁ ।

ଗୋସ୍ୱବୋଉ— ତୁମେ ବାହା ହୋଇଚ, ଯୋଗୀପୁଅ ?

ଯୋଗୀ— ମୁଁ ? ବାହା ? ହୁଁ ।

ଗୋସ୍ୱବୋଉ— ତୁମର ପିଲାଛୁଆ କେତୋଟି ?

ଯୋଗୀ— ଚାରି ପୁଅ, ପାଞ୍ଚଝିଅ, ଛଅ ନାତି ମୋର

ପ୍ରମିଳା— କି ଝାଅଁଗିଲା ମିଛକଥା ଗୁଡ଼େ କହୁଛ ତୁମେ ? ଅଚ୍ଛା, ତୁମକୁ ଯଦି କେହି ଚାକିରିଟିଏ ଦିଏ, ତା ହେଲେ ତୁମେ କରିବ ?

ଯୋଗୀ— କିନ୍ତୁ ସେ ଲୋକଟି କିଏ, ନଜାଣିଲେ ତ ମୁଁ କିଛି କହି ପାରୁନାହିଁ ।

ପ୍ରମିଳା— ଅଚ୍ଛା, ତୁମେ ଗୀତ ଗାଇବା ଛଡ଼ା ଆଉ କଣ କରିପାର ?

ଯୋଗୀ— ସବୁ କରିପାରେଁ, ପାଣି ବୋହିବା, କୋଡ଼ହାଣିବା, ଗୁହାଳ ପୋଛିବା ଏସବୁ ପାରେଁ

ପ୍ରମିଳା— ଅରେ ଧାତ୍, ତୁମକୁ ଏ ସବୁ କରିବାକୁ କିଏ କହୁଛି ? ତୁମେ ଲେଖାପଢ଼ି ଜାଣ ! ହିସାବ ପତ୍ର ରଖିପାରିବ ?

ଯୋଗୀ— ତା ଖୁବ୍ ରଖିପାରିବି, ପାଞ୍ଚ ଦଶୁଣେ ବାର ଛ ଦଶୁଣେ ଦଶ । ମୁଁ ହିସାବପତ୍ର ରଖି ଜାଣିବି ନାହିଁ ?

ପ୍ରମିଳା— ଅଚ୍ଛା ବେଶ୍, ତୁମେ ଆଜଠାରୁ ଆମଘର ଗର୍ଚ୍ଚର ହିସାବ୍-ପାତ୍ର ରଖିବ । ବଜାର ସଉଦା କରିବ । ରାଜିଅଛ ?

ଯୋଗୀ— ରାଜିତ ଅଛି, କିନ୍ତୁ, ମୋର ଗୀତ ବୁଲି ଗାଇବା ନଗାଇଲେ ଭାତ ହଜମ ହୁଏନାହିଁ ।

ପ୍ରମିଳା— ତା'ବେଶ୍, ଯେତେ ଇଚ୍ଛା ସେତେ ଗୀତ ଗାଇପାର ତୁମେ ।

ଗୋପାଳବୋଉ— ତୁ କଣ ପାଗଳ ହେଲୁ ଯେମି ? ଏ ଲୋକଟା କେଉଁ କି ଡ଼କାୟତ, ଖୁଣ୍ଟି କି ପାଞ୍ଜି କିଛି ଜଣାଗୁଣା ନାହିଁ । ତାକୁ ତୁ ଘରେ ରଖିବୁ କିପରି ?

ପ୍ରମିଳା— ମିଛଟାରେ ଗୁଡ଼େ ବକ କେନେ ଗୋ ? ଦେଖୁନାହିଁ ଏ ଭଦ୍ର-ଲୋକ ଘରର ପିଲା । ତା'ହେଲେ ତୁମେ ଆଜଠାରୁ ଆମ କାମରେ ବାହେଲ ହେଲ । ହଁ, ତୁମ ଦରମାଟା ?

ଯୋଗୀ— ସେ ଯାହା ତୁମର ଖୁସି । ଦରମା ଯାହା ଦବ ସେ ତୁମ ପାଖରେ ଥାଉ । ମୁଁ ଗଲାବେଳେ ଏକାବେଳକେ ନେବ ।

ଗୋପାଳବୋଉ— ମା ଲୋ ମା, ଏ କାଳ ହେଲା କିସ ?

୨୩

ମା,

ଆଜି ଅନେକ ଦିନପରେ ଏ ଚିଠିଖଣ୍ଡି ଲେଖିବାକୁ ସାହସ କରୁଛି । ମୁଁ ବୁଝୁଛି ତୁମକୁ ନକହି ନ ବୋଲି ଏପରି ଚାଲିଆସିବା ଦ୍ୱାରା ମୁଁ ତୁମ ମନରେ ଭୀଷଣ କଷ୍ଟ ଦେବାରେ ଅପରାଧି । କିନ୍ତୁ ତା'ଲାଗି ମୋର ଚିନ୍ତା ନାହିଁ, କାରଣ ମୁଁ ଅପରାଧ ନକରିଛି କେବେ, ଅଉ ଅଯାଚିତ ଭାବରେ କ୍ଷମା ନପାଇଛି କେଉଁଥର ? ଦୟାମୟି ମା ମୋର, ଏ ମର୍ତ୍ତ୍ୟପୁରରେ ଜଣେ ପରମେଶ୍ୱରଙ୍କ କୃପାର ଅବତାର । ମା, ମୁଁ ତୁମକୁ ଏତେ ଭଲ-ପାଏଁ, ତୁମର କଥା ମନେ ପଡ଼ିଗଲାବେଳେ ମୋର ହୃଦୟ ତୁମପ୍ରତି ସ୍ନେହ ଓ ଭକ୍ତିରେ ଏତେ ଉଚ୍ଛୁଳିଉଠେ, ମୁଁ ଯଦି ପିଲା ହୋଇଥାନ୍ତି, ତା'ହେଲେ ତୁମକୁ କୁଣ୍ଢେଇ ଧରି ତୁହେ କାନ୍ଦି ନଥାନ୍ତି ।

ଯାଉ, କହୁଥିଲି ମୋର ବର୍ତ୍ତମାନ କଥା । ମା, ତୁମେ କଅଣ ବ୍ରହ୍ମ-ରାକ୍ଷସ ଦେଖିଚ ? ମୁଁ ଦେଖିଚି । ଦୁଇ ଦୁଇଟା ମା, ରକ୍ତମାଂସ ଅସ୍ଥି ମଜ୍ଜାର ଦୁଇ ଦୁଇଟା ବ୍ରହ୍ମରାକ୍ଷସ ମୂର୍ତ୍ତି । ବାବା, ସଂସାରରେ ପୁଣି ଏପରି ଲୋକ ଅଛନ୍ତି । ତୁମର ଆଶିର୍ବାଦ ଓ ସ୍ନେହର ବଳରୁ ମୁଁ ସେମାନଙ୍କ ହାତରୁ ପଳାଇ ଆସି ଏଠାରେ କୌଣସିମତେ ମୁଣ୍ଡଗୁଞ୍ଜି ରହିଛି । କେତେ-

ଦିନ ଯେ ଏହିପରି ସେମାନଙ୍କ ଆଖିରେ ଧୂଳିଦେଇ ଲୁଚି ରହିପାରିବି, ତା ମୁଁ ଜାଣେନାହିଁ, ତେବେ ସହଜରେ ଧରା ଦେଉନାହିଁ । କାଲିଠାରୁ ଏ ଗାଁ ଚଉକିଆ କିଆଁ ଅଧିକ ଲଙ୍ଗର ପଙ୍ଗର ହେଉଥିଲା । ଆଜି ତା ସାଙ୍ଗରେ ଭାବଦୋସ୍ତି କରି ତାକୁ କିଛି ଟଙ୍କା ଦେଇ ଛାଡ଼ିଚି । ଶୁଣୁଚି, କିଏ ପୁଲିଶରେ ଖବର ଦେଇଚି, ସଦାଶିବ ବାବୁ ବୋଧହୁଏ, ଯେ ମୁଁ ଅରାଜକ ଦଳର ଜଣେ ଲୋକ । ଚୌକିଆଟି ପ୍ରଥମେ ଖୁବ୍ ତେଜମେଜ ଦେଖେଇଥିଲା, କିନ୍ତୁ ପରେ ଟଙ୍କା ଦଶଟି ପାଇ ଓ ଆଉରି ଭବିଷ୍ୟତ୍‌ରେ ପାଇବାର ଆଶା ନେଇ ସେ ପରେ ଏପରି ଲହୁଣି କୋମଳ ହୋଇଗଲା ଆଉ କଣ କହିବି ?

ମୁଁ ଯାହାଙ୍କ ଘରେ ଅଛି, ସେ ବେଶ୍ ଲୋକ । ମୋର କୌଣସି ଅସୁବିଧା ନାହିଁ । କାମ ଭିତରେ ବଜାର ସଉଦା କରିବା ଓ ଘରର ହିସାବ ରଖିବା । ମୋର ରହିବା ପାଇଁ ଗୋଟାଏ ଅଲଗା ଘର । ମୋର କାମଦାନ କରିବାପାଇଁ ଘରର ଅଧେ ଖର୍ଚ୍ଚ । ଖାଲି ଗୋସ୍ୱା-ବୋଉ ମାଉସୀ ଟିକିଏ ବିଗିଡ଼ିଛନ୍ତି । ସେ ଭାବୁଚି ମୁଁ ଗୋଟାଏ ଚୋର ବ ଡ଼କେଇତ । ଦିନେ କେଉଁଦିନ ତା ଗଳାକାଟି ଏ ଧନରତ୍ନ ସବୁ କାଢ଼ିନେଇ ପଳାଇବି । ଏବେ ତାକୁ ମଧ ବାଗକୁ ପାଇଚି । ସେଥିରୁ କିଛି ଭୟ ଆଉ ନ ରହିପାରେ । ଶୁଣ, ମା, ଗୋସ୍ୱାବୋଉ ମାଉସୀ ବାଲବିଧବା, ବୟସ ସିମିତ କିଛି ବେଶୀ ହୋଇନାହିଁ, ଏଇ ମୋଟେ ଚଉତିରିଶି କି ପଞ୍ଚତିରିଶି ହେବ । ଦେଖିବାକୁ ମଧ ବେଶ୍ ସୁନ୍ଦରୀ । ତାଙ୍କପାଇଁ ଗୋଟିଏ ପାତ୍ର ଠିକ୍ କରିଦେବୁ ? ସେ ବାହା ହୁଅନ୍ତେ । ବାଲବିଧବା ? ସେଥିରେ କଣ ଅଛି । ଆଜି କାଲିତ ଶହଅଢ଼େ ବିଧବା ବିବାହ ହୋଇଗଲାଣି । କଣ କହୁଚୁ ମା ? ସଦାନନ୍ଦ ମିଶ୍ରଙ୍କ ପାଇଁ ଏ ପାତ୍ରୀଟି ଠିକ୍ ହୁଅନ୍ତା ନାହିଁ ?

ଏହିଠାରେ ବାବୁଆଣୀ ଚିଠିଟା ରଖିଦେଇ ଖୁବ୍ ବୁଝେ ମନପୂରେଇ

ହସିନେଲେ । ଏ କେତେଦିନ ତାଙ୍କର ଦୁଃଖଶୁଷ୍କ ହସହୀନ ମୁଖ ଯେଉଁମାନେ ଦେଖିଚନ୍ତି ସେମାନେ ଆଜ ତାଙ୍କର ଏଭାବ ଦେଖିଥିଲେ ଆଶ୍ଚର୍ଯ୍ୟ ହୁଅନ୍ତେ । ତାପରେ ସେ ପୁଣି ଚିଠିଖଣ୍ଡି ଉଠେଇ ନେଇ ପଢିଲେ "ମୋର ଏ ପତ୍ରେ ସବୁଠିକ୍ । ଖାଲି ତୁମେ ମିଶ୍ରଙ୍କୁ ମନାଇ ପାରିଲେ ହେଲା ।

ଅଉ ବେଳନାହିଁ । ଲୁଚେଇ କରି ଏ ଚିଠିଖଣ୍ଡି ଲେଖୁଛି । ହଏ ଅଶୁଚି ପତ୍ର । ରହିଲ ମା । କେଉଁଦିନ ପୁଣି ଯାଇ ତୁମ ପାଦଧୂଳି ନେବି ତା ଯେ ମତେ ଏ ଅବସ୍ଥାକୁ ଆଣିଚନ୍ତି, ତାଙ୍କୁହିଁ ଜଣା । ତେବେ ମତେ ଖୋଜିବାର ବୃଥା ଶ୍ରମ କରିବନାହିଁ । କାରଣ ଖୋଜିଲେ ପାଇବନାହିଁ । ଯେଉଁ ଡ଼ାକଘରର ମୋହର ଏ ଚିଠି ଉପରେ ଦେଖିବ, ସେ ସ୍ଥାନର ପ୍ରାୟ କୋଡ଼ିଏ ମାଇଲ ମଧ୍ୟରେ ମୁଁ ନାହିଁ ।

ତୁମର
ଅପରାଧୀ ପୁତ୍ର
ଖୋଇ

ବାବୁଆଣୀ ଚିଠିଖଣ୍ଡି ଥରେ ପଢ଼ିଲେ । ପୁଣି ଓଲଟପାଲଟ କରି ଆଉ-ଥରେ ପଢ଼ିଲେ । ତାପରେ ସେ ଚିଠିକୁ ଗୋଟିଏ ଚୁମ୍ବଦେଇ ସେ ଆଶ୍ୱସ୍ତିର ଗୋଟିଏ ଦୀର୍ଘଶ୍ୱାସ ପକାଇ ଚିଠିଖଣ୍ଡି ସଜାଡି ବାକ୍ସ ମଧ୍ୟରେ ରଖିଦେଲେ । .

"ଜଗୁଆ,ଜଗୁଆ, ମିଶ୍ରଙ୍କୁଟିକେ ଏଣିକି ଡ଼ାକି ଦେବ ?"

ମିଶ୍ରେ ଆସି ପହଞ୍ଚିଲେ । ବାବୁଆଣୀ ତାଙ୍କ ଆଡ଼କୁ ଟିକିଏ ଚାହିଁ ଦଗି ଦରି କରି ହସି ଉଠିଲେ । ମିଶ୍ର ବରଷ ଅଧାବୁଢ଼ା ହେଲେ ମଧ୍ୟ ଲୋକେ କହନ୍ତି ମିଶ୍ରାଣୀ ମରିଗଲାଦିନୁଁ ସେ ଝୁରି ଝୁରି ଏକାବେଳକେ ଧୂଡ଼ୁ ଧୂଡ଼

ବୁଢ଼ା ହୋଇ ଯାଇଚନ୍ତି । ଶୁଣାଯାଏ ଯେ ମିଶ୍ରେ ପ୍ରତିଦିନ ମିଶ୍ରାଣୀଙ୍କର ସଉକିନ କୁମ୍ଭପକା ‘ଶାଢ଼ୀଖଣ୍ଡି’ ଖାତରେ କିବାଃ କିଲ ଏପଃ ସେପଃ କରି ଦେଖି ଥାଆନ୍ତି । ସତ କି ମିଛ କହିବାର ଉପାୟ ନାହିଁ । ତେବେ ଆମ୍ଭେମାନେ ଶୁଣିଚୁଁ କେତେଥର ମିଶ୍ରେ କହିଚନ୍ତି “କି ? ମୋର କଣ ଗୋଟାଏ ବୟସ ହୋଇଯାଇଚି ? ମୋ ସାଙ୍ଗଲୋକେ ତ ଦ ଦଃା ଉଥ ହଉଚନ୍ତି ।” ମିଶ୍ରଙ୍କର ପାଚିଲାବାଳ, ଟାଙ୍ଗଣ ଗପୁରି, ପାକୁଅପାଟି, କୋରଡ଼ ଆଖି ସାଙ୍ଗରେ ବର ବେଶର କଳ୍ପନା କରିବା ଗୋଟାଏ ବଡ଼ ରକମ ବାହାଦୁରି । ବାବୁଆଣୀ ହସିବାର ଦେଖି ମିଶ୍ରେ କିଛି ତ ବୁଝି ପାରିଲେ ନାହିଁ, ଖାଲି ଅବା କାବା ହୋଇ ଗହିଁ ରହିଲେ । ବାବୁଆଣୀ ହସ ସମ୍ଭାଳି କହିଲେ “ମିଶ୍ରେ, ଟିକିଏ ପ୍ରଫୁଲ୍ଲଙ୍କୁ ଡ଼ାକିଆଣନ୍ତ ? ଆଉ ହେଇଟି ଟଙ୍କା ଶହେ ଦିଣ ବର୍ତ୍ତମାନ ଆଣିପାରିବ ? ମିଶ୍ରେ “ହଉ” କହି ସେ ସ୍ଥାନରୁ ଚାଲିଗଲେ । ପ୍ରଫୁଲ୍ଲବାବୁ ତାର କିଛି ସମୟପରେ ଅସିଲେ । ନମସ୍କାର କରି ବସିଲା ପରେ ବାବୁଆଣୀ କହିଲେ “ବାବା, ପ୍ରଫୁଲ୍ଲ, ତୁ ଟିକିଏ ବାଲେଶ୍ୱର ଯାଇ ପାରିବୁ ?”

ପ୍ରଫୁଲ୍ଲ— କହିଲେ ନିଶ୍ଚୟ ଯିବି । ତେବେ କାହିଁକି ?

ବାବୁଆଣୀ— ଯୋଉ ବାଲେଶ୍ୱର ପାଗଳେ କେଉଁଠି ଅଛି, ତାକୁ ଖୋଜ ବାହାର କରିବ ।

ପ୍ରଫୁଲ୍ଲବାବୁ ଉତ୍ସାହିତ ହୋଇ କହିଲେ “ସେ ବାଲେଶ୍ୱର ପାଗଳେ ଅଛି ଭଲ ଅଛିତ ? ତୁମେ କିପରି ଜାଣିଲ ?”

ବାବୁଆଣୀ— ମତେ ବୁଅ କହିଲା “ସେ ବାଲେଶ୍ୱର ପାଗଳେ ପ୍ରାୟ

କୋଡିଏ ମାଇଲ ଭିତରେ ଅଛି । ଭଲ ମଧ୍ୟ ଅଛି । ତୁମେ ଚେଷ୍ଟା-କଲେ ତାକୁ ଅଟି ବାହାରକରି ପାରନ୍ତ ।

ପ୍ରଫୁଲ— କହ ମା, କୋଡ଼ିଏମାଇଲ ଭିତରେ ମୁଁ କେଉଁଠି ଖୋଜିବି ?

ବାବୁଥଣୀ— କଲିକତାରୁ ଅସିବାର ରାସ୍ତା ହୋଇଥିବ ଅଉ ବାଲେ-ଶ୍ୱର ଠାରୁ କୋଡ଼ିଏ ମାଇଲ ଦୂର ହୋଇଥିବ । ଏପରି ଜାଗାତ ଖୁବ୍ ବେଶୀ ନୁହେ ।

ପ୍ରଫୁଲ୍ଲ— ଅଚ୍ଛା, ଦେଖାଯିବ । ତେବେ କଣ ମୁଁ ଅଜି ଯିବି ?

ବାବୁଥଣୀ— ହଁ, ଏଇ ମିଶ୍ରେ ଝଙ୍କା ପାଇଁ ଯାଇଚନ୍ତି ସେ ଅସିଲେ ଯାହା ଅଣିଥିବେ ତାକୁ ନିଅ । ଯାଅ । ଦରକାର ହେଲେ ଅଉ ଝଙ୍କା ପାଇଁ ଲେଖିବ । ହଁ, ଅଉ ଗୋଟିଏ କଥା, ତୁମେ ଯେ ଯୋଗିଥଳୁ ଖୋଜି ବାଲେଶ୍ୱର ଯାଉଚ, ଏକଥା ଯେପରି ଦ କାନରୁ ତନ କାନ ନହୁଏ । ଅଉ ଯୋଗିଥଳୁ ଯଦି ଖୋଜି ବାହାର କରିପାର, ତା'ହେଲେ ମଧ୍ୟ କାହା-କିକୁ କହିବ ନାହିଁ ଯୋଗି ମୋର କେଉଁଠି ଅଛି । ଖାଲି ସେ କିପରି ଅଛି, କିପରି ଚଳୁଚି ଏ ସବୁକଥା ଲେଖି ଚିଠି ଦବ । ଗୋପବୋଉ ମାଉସୀକୁ ଝିକିଏ ଦେଖି ଅସିବ "ସେ କନ୍ୟାଦେଖା ପର୍ବ" ଖୁବ୍ ସାବଧାନ ।

## ୨୪

"ଶୁଣ, ପ୍ରମିଳା ! ଆଉ ଏପରି ଲୁଚକାଳି ଖେଳି ବେଶୀଦିନ କଟାଇବା ମୋ ପକ୍ଷରେ ଅସମ୍ଭବ ! ମୁଁ ଆଜ ଭଲେ ସଫା କହୁଚି, ମୁଁ ଭଲେ ବିବାହ ହେବି, ହେବି । ସଂସାରରେ ଏପରି କେହି ନାହିଁ, ଯେକି ମୋର ଏ ସଙ୍କଳ୍ପ ଟଳେଇ ପାରେ । ସୁତରାଂ ଯେତେ ଶୀଘ୍ର ପାର ତୁମେ ମଧ୍ୟ ମନେ ମନେ ସେଇ କଥାଟା ଠିକ୍ କରିନେଲେ ସମସ୍ତଙ୍କ ପକ୍ଷରେ ମଙ୍ଗଳ । ପ୍ରମିଳା ତାଙ୍କ ପଢ଼ାଘର ଟେବୁଲ ପାଖ ଚୌକିରେ ବସି ଟେବୁଲ ଉପରେ ଥୁଆ ହୋଇଥିବା ଗୋଟିଏ ଓଡ଼ିଆ ଉପନ୍ୟାସର ପୃଷ୍ଠା ଲେଉଟାଉଚନ୍ତି, ଯେପରି ତାଙ୍କର ମନ ସେ ଘରେ ବା ଶ୍ୟାମବାବୁଙ୍କ କଥାରେ ନାହିଁ । ଶ୍ୟାମବାବୁ ସାମାନ୍ୟ କିଛିଏ ଦୂରରେ ଠିଆହୋଇ କଥା ଗୁଡ଼ାକ କହି ଯାଉଚନ୍ତି । ତାଙ୍କର ବେଶ ଭୂଷାରେ ବଡ଼ ବେଶୀ ପରିପାଟି ଅଛି । କିନ୍ତୁ ଦେହରୁ ଅତରର ଗନ୍ଧ ଭେଦି ଗୋଟାଏ ଅମ୍ଳିଲ ଗନ୍ଧ ବାହାରି ଆସୁଚି । ଆଖି ଦୁଇଟା ଜବାଫୁଲ ପରି ନାଲି । ସେ କଥା ଗୁଡ଼ାକ କହି ଉତ୍ସୁକ ଭାବରେ ପ୍ରମିଳାଙ୍କ ଆଡ଼କୁ ଚାହିଁ ରହିଲେ । ପ୍ରମିଳା ପ୍ରାୟ ପନ୍ଦର ମିନିଟ ପର୍ଯ୍ୟନ୍ତ ତୁନିହୋଇ କହିଲେ "ଦେଖନ୍ତୁ, ଶ୍ୟାମ ବାବୁ, ମା ଆପଣଙ୍କୁ ବହୁତ ସ୍ନେହ ଓ ବିଶ୍ୱାସ କରୁଥିଲେ" ମୋ ମନର ଭାବ ଯାହାହେଉ, ଅନ୍ତତଃ ମା'ଙ୍କର ଏ ସ୍ନେହର ଖାତିରରେ ମୁଁ ତୁମ ମନରେ କଷ୍ଟ ନ ଦେବାପାଇଁ ଯେତେ ଚେଷ୍ଟା

କଲେ ମଧ୍ୟ ତୁମେ ତୁମ ନିଜ ବ୍ୟବହାରରେ ମତେ ତାହା କରାଇ ଦେଉ-ନାହିଁ । ତୁମେ ଯେତେବେଳେ ଏତେ ଦିନପରେ ମନଖୋଲି ତୁମ ଭିତରୁ କଥାଟା କହି ପକାଇଛ — ସେ ବୋଧହୁଏ ମଦନିଶା ଜୋରରେ—ମୋର ମଧ୍ୟ ସେହିପରି ମନ ଖୋଲି କଥା ସୁଝାଇ କହିବା ଉଚିତ । ମୁଁ ତୁମକୁ ଟିକି ଯେ ଭଲପାଏ ନାହିଁ, ଏତିକି କହିଲେ ତୁମ ପ୍ରତି ମୋ ମନ ଭାବର ଗୁପ୍ତପଣ ସୁଦ୍ଧା ପ୍ରକାଶ ପାଇବନାହିଁ । ମୁଁ ତୁମକୁ ଅନ୍ତରର ସହିତ ଘୃଣା-କରେଁ । ଏଥିରେ ତୁମର ମୋର ବିବାହ କିପରି ସମ୍ଭବ ହୋଇପାରେ ?

ଶ୍ୟାମ— ସେ ସବୁ କୌଣସି ପ୍ରକାର ଯୁକ୍ତି ମୁଁ ଶୁଣିବି ନାହିଁ । ମୁଁ ଠିକ୍ ତୁମକୁ ବିବାହ କରିବି ।

ପ୍ରମିଳା— ମୁଁ ଯଦି କହେଁ ମୁଁ ଠିକ୍ ତୁମକୁ ବିବାହ କରିବି ନାହିଁ, ତା'ହେଲେ ତୁମେ କଣ କରିବ ?

ଶ୍ୟାମ— ତୁମେ କାହିଁକି ମତେ ବିବାହ ନକରିବ ? ମୋର ବୟସ ସେପରି କିଛି ହୋଇନାହିଁ, ଏଇ ମାତ୍ର ବ[illegible]ର୍ଷ । ମୋର ଚେହେରା ମଧ୍ୟ ମନ୍ଦ ନୁହେଁ । ତୁମ ଅପେକ୍ଷା ଅଧିକ ସୁନ୍ଦରୀ, ଅଧିକ ଯୋଗ୍ୟ ସ୍ତ୍ରୀ ମୋ ପ୍ରତି ପ୍ରେମରେ ଆତ୍ମବିସ୍ମୃତ ହୋଇ ଅଛନ୍ତି । ମୋର ସମ୍ପତ୍ତି ଏ ଗ୍ରାମ ମଧ୍ୟରେ କେବଳ ମାତ୍ର ତୁମର ସମ୍ପତ୍ତି ଠାରୁ ଟିକିଏ କମ୍ । ମୁଁ ମଧ୍ୟ ଶିକ୍ଷିତ ଓ ତୁମର ସମାନ ବଂଶଜ । ତା'ହେଲେ ତୁମର ସ୍ୱାମୀ ହେବାପାଇଁ ମୁଁ କେଉଁ ଭାବରେ ଅଯୋଗ୍ୟ ?

ପ୍ରମିଳା— ତା ସତ, ସ୍ୱୀକାର କରୁଛି ବରପାତ୍ର ଭାବରେ ଏ ସଂସାରରେ ତୁମ ଅପେକ୍ଷା ଆଉରି ଅନେକ ଅଯୋଗ୍ୟ ଲୋକ ଅଛନ୍ତି । କିନ୍ତୁ

ସଂସାରରେ ତୁମେହିଁ ଯଦି ଶେଷ ଏବଂ ଏକମାତ୍ର ବିବାହ ଯୋଗ୍ୟ ବରପାତ୍ର ହୁଅ ତା'ହେଲେ ମଧ୍ୟ ମୁଁ ବରଂ ଅବିଅଢ଼ା ରହିବି, କିନ୍ତୁ ତୁମକୁ ବିବାହ କରିବି ନାହିଁ ।

ଶ୍ୟାମ— ତୁମେ ହୋଇଥିବ ଭାବୁଛ ଯେ ମୋର ଗୋଟିଏ ସ୍ତ୍ରୀ ଥାଉଁ ଥାଉଁ ସଉତୁଣୀ ଉପରେ ବିବାହ କରିବା ନିତାନ୍ତ ଅସ୍ପୃହଣୀୟ । ତୁମର ସେ ଭ୍ରାନ୍ତ ଧାରଣା । ତୁମେ ମତେ ବିବାହ କଲେ ମୋର ପ୍ରଥମ ସ୍ତ୍ରୀ ସହିତ ତୁମର କୌଣସି ରକମ ସମ୍ପର୍କ ରହିବ ନାହିଁ । ମୁଁ ତାର ବ୍ୟବସ୍ଥା କରିଛି ।

ପ୍ରମିଳା— ତୁମେ ଗୋଟାଏ ମସ୍ତବଡ଼ ଶଠ ଓ ପାଷଣ୍ଡ । ଏଡ଼େ ସୁନ୍ଦରୀ ଓ ଗୁଣବତୀ ଯୁବତୀ ସ୍ତ୍ରୀ ଓ ଏପରି ସ୍ୱର୍ଗଦୁର୍ଲଭ ସ୍ନେହ ପୁଅଟିଏ ପାଇ ଯେ ପୁଣି ଅନ୍ୟ ଆଶ୍ରିତା ଯୁବତୀ ପ୍ରତି ଦୃଷ୍ଟି ଦିଏ, ତା'ଠାରୁ ବଳି ପାପି, ନାରକି ଆଉ କିଏ ଅଛି ? ନା, ତୁମ ସହିତ ବିବାହ, ଏ ଜନ୍ମରେତ ନୁହେଁ, ମୋର ଯଦି ଶତସହସ୍ର ଜୀବନ ହୁଏ, ତା'ହେଲେ ମଧ୍ୟ ଥରକ ପାଇଁ ସମ୍ଭବ ହେବ ନାହିଁ ।

ଶ୍ୟାମ— ଜାଣ, ଏ ପ୍ରଗଲ୍‌ଭତାର ଶାସ୍ତି କଣ ? ମୁଁ ବିଚାରିଲେ ତୁମର ଖାଇବା ମୁଠାକ ମଧ୍ୟ ବନ୍ଦ କରିପାରେ ।

ପ୍ରମିଳା— ତା'ତୁମେ କରିପାରିବ ନାହିଁ । ମା'ଙ୍କର ଉଇଲ ଅନୁସାରେ ମୋର ବିବାହ ପର୍ଯ୍ୟନ୍ତ ତୁମେ ମତେ ଏ କୁଟୁମ୍ବର ଭରଣ ପୋଷଣ ଓ ମୋର ପାଠପଢ଼ା ଖର୍ଚ୍ଚ ନିମନ୍ତେ ମାସକୁ ଟ ୩୦୦ ଦବାକୁ ବାଧ୍ୟ ।

ଶ୍ୟାମ— ତା'ହୋଇପାରେ । କିନ୍ତୁ ଜମିଦାରୀର ଆୟ ଯଦି ନହୁଏ,

ଖଜଣା ଯଦି ଦିଅ ନ ହୁଏ, ତା'ହେଲେ ଜମିଦାରୀ ସହ ଘରବାଡ଼ି ନିଲାମ ହୋଇଯିବ । ଆଉ ତୁମେ ମତେ ବିବାହ ନକଲେ ମୁଁ ତାହା କରାଇବି ନିଶ୍ଚୟ ।

ପ୍ରମିଳାଙ୍କ ମୁଣ୍ଡରେ ଏ ଚିନ୍ତାଟା ପଶିନଥିଲା । ସେ ଦେଖିଲେ ଲୋକଟା ଯୋପଲି ମନୁଷ୍ୟ, ସେ ଯେ କେତେବେଳେ ଖିଆଲ ଉପରେ ପ୍ରକୃତରେ ଏହା ନକରିବ ତାର କିଛି ଠିକ ଅଛି । ତା'ହେଲେ, ତାଙ୍କର ଉପାୟ । ଏ ଘରଦ୍ୱାର, ଏ ଶଙ୍କର ବାବୁର ଏ ଗୋସାଇଁ ମାଉସୀ ଆଉ — ତାଙ୍କ ମୁହଁ ଲାଜରେ ନାଲି ପଡ଼ିଗଲା — ଏ ଯୋଗୀଙ୍କୁ ଛାଡ଼ିବାକୁ ହେବ । ଜୀବନର ପ୍ରଧାନ କଳ୍ପନା ଓ ଆଶ୍ୱାସନା ତାଙ୍କର ଏଇ ପାଠ, ବହି ପତ୍ର, କଲେଜ ଏ ସବୁକୁ ବିଦାୟ ଦବାକୁ ହେବ । ତାଙ୍କର ଆଖି ଛଳ ଛଳ ହୋଇ ଉଠିଲା । ସେ ପଣତ କାନରେ ଆଖି ପୋଛି କଣ କହିବାକୁ ଯାଉଥିଲେ ଏତିକି ବେଳେ ଯୋଗୀବାବୁ ସେଠାରେ ଆସି ହାଜର । ସେ ଥରେ ଶ୍ୟାମବାବୁଙ୍କୁ ଓ ଥରେ ପ୍ରମିଳାଙ୍କୁ ଲକ୍ଷ୍ୟକରି ପଚାରିଲେ "ଏ ଲୋକଟା କିଏ ?"

ପ୍ରଶ୍ନଟା ନିତାନ୍ତ ଭଦ୍ରାମିର ବାହାରେ ହେଲେ ମଧ୍ୟ ପ୍ରମିଳା ତାଙ୍କର ସେତେବେଳର ମନ ଦୁଃଖରେ ତାହାର ଅଭଦ୍ରାମି ଟିକେ ଧରି ପାରିନଥିଲେ । ପାଞ୍ଚ ଛ ମିନଟ ପରେ କଥାଟା ଭିତରର ମର୍ମ ଯେତେବେଳେ ତାଙ୍କ ମନକୁ ଗଲା, ସେ ରାଗରେ ପାଚିଗଲେ । ଶଙ୍କର ହୋଇ ତାର ପୁଣି ଏତେ ଅସ୍ପର୍ଦ୍ଧା ?

ସେ ତାଙ୍କ ସ୍ୱର ଯଥାସମ୍ଭବ କୋମଳସ୍ୱର ଠାମ କାକର କରି କହିଲେ "ପହିଁରାଟା ଆଣି ଘରଟା ଝାଡ଼େଇ ଦିଅନ୍ତ ?

ଯୋଗୀ— ଓଃ, ବୁଝିଲି "ଶଙ୍କରଟା ତାର ପୁଣି ଏତେ ଅସ୍ପର୍ଦ୍ଧା ଯେ ମୁଁ

କାହା ସାଙ୍ଗରେ କଥାବାର୍ତ୍ତା କଲେ ତାର କୈଫିୟତ୍ ନବ, ଏଇନା ? ଠିକ୍ ଗୃପ୍ତଚ୍ଛ । ତଥାପି ପର୍ତରେଁ ଏ ଲୋକଟା କିଏ ?

ଶ୍ୟାମବାବୁ ଏଥିରୁ ଗୋଟିଏ ଅଦ୍ଭୁତ ଜୀବ ଦେଖି ପ୍ରଥମରେ ହତଭ୍ବ ହୋଇ ଯାଇଥିଲେ ସେ ଶୁଣିଥିଲେ ଯେ ଏହିପରି ଗୋଟାଏ କିଛି ହୋଇଚ । କିନ୍ତୁ ସେ ଏହିପରିଟା ଯେ ଏତେ ଦୂର ଯିବ, ସେ କଳ୍ପନା କରି ପାରି-ନଥିଲେ । ସେ ଟିକିଏ ବିଦ୍ରୂପ କରି କହିଲେ "ବେଶ୍ ସାନ୍ତ୍ୱାଣୀ ଅଚ୍ଛ ଗୃକର" ତୁମେ ଗୋଟାଏ କଥା କରନା ! ପ୍ରତିଦନ ତୁମେ କି କି କରୁଚ, କାହା କାହା ସଙ୍ଗେ କଥାହଉଚ ଏ ସବୁ ଲେଖି ଗୋଟାଏ ଡ଼ାଇରି ପ୍ରତିଦନ ସନ୍ଧ୍ୟାବେଳେ ମୁଁଙ୍କ ପାଖରେ ପେଷକର ତା'ହେଲେ ସବୁ ଗୋଳମାଳ ଘୁଞ୍ଚିଯିବ ।

ଯୋଗୀଙ୍କର ହଠାତ୍ ଏକ ଅଦ୍ଭୁତ ପରିବର୍ତ୍ତନ ହୋଇଗଲା । ଯେପରି କେତେଦନର ହାଗ୍ରଜାଧ୍ୱ ସେ ପାଇଲେ ସେହିପରି ଅଗ୍ରହ ଓ ଅନନ୍ଦରେ ଅଧୀର ହୋଇ "ଅରେ ଶ୍ୟାମ ଭାଇନା" ବାଃ, ବାଃ, ଅଚ୍ଛ କାହା ମୁହଁ ଚାହିଁ ଉଠିଥିଲି କେଜାଣି, ତୁମସାଙ୍ଗରେ ଦେଖାହେଲା "ଅସ, ଅସ" କହି ଶ୍ୟାମ ବାବୁ କଥାଟାର ଅର୍ଥ ବୁଝିବା ଅଗରୁ ଯାଇ ତାଙ୍କୁ ବୁକୁରେ ପକାଇଲେ ଓ ଅସ୍ତେ ଅସ୍ତେ ସେହି ଅବସ୍ଥାରେ ତାଙ୍କୁ ଦୁଆର ଅଡ଼କୁ ଠେଲି ଠେଲି ନେଲେ । ଏପରି ଅକାଶଛୁଣ୍ଡା କଥାରେ ଶ୍ୟାମବାବୁ ଚମକି ଯାଇଥିଲେ । ବାଧା ଦେବାର ଶକ୍ତି ତାଙ୍କର ନଥିଲା । ଦୁଆର ମୁହଁରେ ପହଞ୍ଚି "ଅସ ଭାଇ, ଅସ, ତୁମସାଙ୍ଗରେ ମୋର କେତେ କଥା ଅଛି" କହି ତାଙ୍କୁ ସିଡ଼ି ଅଡ଼କୁ ଟାଣି ଟାଣି ନେଲେ । ସିଡ଼ି ମୁହଁରେ ପହଞ୍ଚିଲା ବେଳକୁ ଶ୍ୟାମବାବୁଙ୍କର ଟିକିଏ ଜ୍ଞାନ ଅସି ଯାଉଥିଲା । ସେ ଛଡ଼ା ଛଡ଼ି କରିବାକୁ ଅରମ୍ଭ

କଲେ । ସେ ଟୁପ୍ ଧାପ, ଘଷର୍ ଘଷ ଶବ୍ଦରେ ଗୋସ୍ୱାମୀ ମାଉସୀ କେଉଁଠାରେ ଥିଲେ ସେ ମଧ୍ୟ ଆସି ପହଞ୍ଚିଗଲେ । ସେ ଆସି ଦେଖନ୍ତି ଯେ ଯୋଗୀ ଶ୍ୟାମବାବୁଙ୍କୁ ଧରି ସିଡ଼ି ତଳକୁ ଠେଲି ଦଉଛ । ସେ ଲୋଭ ସମ୍ଭାଳି ପାରିଲେ ନାହିଁ, ପଛଆଡ଼ୁ ଯାଇ ତାଙ୍କର ଶ୍ରୀଚରଣକମଳକୁ ଗୋଟିଏ ଶ୍ୟାମବାବୁଙ୍କ ପିଠିଉପରେ ରଖିଦେଲେ । ଆଉ ଶ୍ୟାମବାବୁ ମେଲ୍ ଗଡ଼ିରେ ସେ ସିଡ଼ିତକ ପାର୍ହୋଇ ତଳ ସିଡ଼ିରେ ଧପାଙ୍ଗ କରି କଚାଡ଼ିହୋଇ ପଡ଼ିଲେ ।

ଯୋଗୀ ସିଡ଼ି ଉପରେ ଠିଆ ହୋଇ ଅଣ୍ଟାରେ ହାତ ଦେଇ ହୋ ହୋ କରି ବୁହେ ହସିନେଲେ, ତା'ପରେ ବୁଲି ଦେଖନ୍ତିତ ପ୍ରମିଳା ଲଜ୍ଜେ ତାଙ୍କ ପାଟରେ ଠିଆ ହୋଇ ଏଣେ ହସୁଚନ୍ତି ଆଉ ତେଣେ କାନରେ ଲୁହ ପୋଛୁଚନ୍ତି । ଯୋଗୀଙ୍କର ମୁହଁ ଗମ୍ଭୀର ହୋଇଗଲା । ଗୋଧୂଳି ବେଳର ପଶ୍ଚିମ ଅକାଶରେ ତାହ୍ମ ସୁନାର ଚହଟ ପରି ତାଙ୍କ ମୁହଁରୁ ସେ ଅନନ୍ଦର ଜଲ ହଠାତ୍ ଉଭେଇଗଲା । ସେ ଯଥା ସମ୍ଭବ କର୍ଅଁଳ ହୋଇ କହିଲେ "ସତରେ, ମୋର ଦୋଷ ହୋଇଚ, ମତେ କ୍ଷମା କରିବ ନାହିଁ ? କିନ୍ତୁ ମୁଁ ମୋ ସାଙ୍ଗ ଚାକର ବାକର ମାନଙ୍କଠାରୁ ଶ୍ୟାମ ସମ୍ବନ୍ଧରେ ଯାହା ଶୁଣିଚ ସେଥିରେ ତା ସାଙ୍ଗରେ ଏହିପରି ପଟେ ଖେଳିବାର୍ ଲୋଭ ସମ୍ଭାଳି ପାରିଲି ନାହିଁ "।

ପ୍ରମିଳା— କିନ୍ତୁ ମୁଁ ଗୋଟାଏ ଭଦ୍ରଲୋକ ସାଙ୍ଗରେ କଥା ହେଲା-ବେଳେ ତୁମର ଏପରି ଓପରେ ପଡ଼ ଗୋଳମାଳ ଲଗେଇବାଟା କହୁ ଅଭଦ୍ରାମି ।

ଯୋଗୀ— ତା ସତ, କିନ୍ତୁ ଭଦ୍ରଲୋକ ହୋଇଥିଲେ ତ ? ଶ୍ୟାମ କଣ ଭଦ୍ରଲୋକ ?

ପ୍ରମିଳା— ନିଶ୍ଚୟ, ସେ ଏ ସ୍ଥାନର ଜଣେ ପ୍ରସିଦ୍ଧ ଜମିଦାର, ଏବଂ ଏ ଧାଣ କରିଛ। ପୁରୁଣା ବଂଶର ପିଲା।

ଯୋଗୀ— ସେ ମଦଖାଏ, ବିଶ୍ୱାସରେ ତୋଟିକାଟେ, ଅସହାୟା ଯୁବତୀ ଉପରେ ଅତ୍ୟାଚାର କରେ, ସ୍ତ୍ରୀ ପାଖରୁ ଗୋଇଠା ଖାଇ ମୁହଁ ଭଲକୁ ପୋଛି ଚାଲିଯାଏ — ହଁ, କହିଯାଅ, କହିଯାଅ। ଭଦ୍ରାମିର କି ଗୁଣ ଗୁଡ଼ାକ ?

ପ୍ରମିଳା— ସେ ଯାହାହେଉ, ତୁମେ ଏପରି ଓପରେ ପଡ଼ି ଯାହାଙ୍କ ତା'ସାଙ୍ଗରେ ଲାଗିଲେ ଶେଷରେ ମୋର ଦୁର୍ନାମ ହେବ।

ଯୋଗୀ— ଦୁର୍ନାମକୁ ଯଦି ଡରଥିଲ, ତା'ହେଲେ ମୋଭଳି ଅଜଣା ଅଗୁଣା ଅଚଳା ଲୋକକୁ ରଖିବାକୁ ଗଲ କାହିଁକି ? ମୁଁ ଚୋର କି ଡକେଇତ—

ଗୋ : ମା— କଣ ଗୁଡ଼େ ପଗଲାଙ୍କ ଭଳି ଗପ୍‌ଛାଟ ଏ ଟୋକାଟା ? ଚୋର ଡକେଇତ ? ତୁମେ ଚୋର ଡକେଇତ, ଆଉ ଭଲଲୋକ କିଏ ? ପ୍ରମିଳା ଆଶ୍ଚର୍ଯ୍ୟ ହୋଇ ଗୋସ୍ୱା ବୋଉଙ୍କ ଆଡ଼କୁ ଚାହିଁଲେ। ଏଇ ଗୋସ୍ୱାବୋଉ ସେଦିନ ପ୍ରଥମେ ଯୋଗୀଙ୍କୁ ଏଣ୍ଡୁ ସବୁ ଅଶ୍ୟାଦେଇ ତାଙ୍କୁ ନରଖିବାକୁ ମନେଇ ଥିଲେ। ଆଉ ଆଜି ଏକି କଥା ? ଏଇ ଥରକେ ଚାହିଁ ସେ ଦେଖିଲେ ଏକ ଅପୂର୍ବ କଥା। ଗୋସ୍ୱାବୋଉ ମାଉସୀ ତେଲ ଲଗେଇ ସୁନ୍ଦର କରି ମାଙ୍ଗଭାଙ୍ଗି ମୁଣ୍ଡ କୁଣ୍ଡେଇଛନ୍ତି। ପଛଆଡ଼େ ଗୋସା-ଇଁଏ ଯେ ଅଛନ୍ତି ସେ କଥାଟା ତାଙ୍କ ଓଢ଼ଣା ଭେଦ ତାଳୁଉପରେ ଯେଉଁ ଚିପଟି ଦେଖାଯାଉଛି, ସେଥିରୁ ଅନୁମାନ କରି ନିଆଯାଇପାରେ। ତାଙ୍କ ମୁହଁରେ ସେ ଶୁଖିଲା ଭାବ ଆଉ ନାହିଁ। ତେଲ ଚକ୍କଣରେ ଚକ୍ ଚକ୍ କରୁଛି।

ଅକ୍ଷିରେ ନିଆଁ ନିଆଁ ଲାଜ ସାଙ୍ଗରେ ନିଆଁ ନିଆଁ ସାହସ ମିଶିଯାଇଛି । ପିନ୍ଧିବାକୁ ପୁଣି ଅଣ୍ଟାକୁ ଯୋଡ଼ ଲୁଗାଖଣ୍ଡିଏ ଓ ତା'ଉପରେ ଖଣ୍ଡିଏ ସେମିଜ । ପ୍ରମିଳା ଏ ସବୁ ଦେଖି ଥକ୍କାମାରି ବସିଗଲେ । ଗୋସ୍ବୋଉ ମାଉସୀ ଆଉ ଏ ବେଶଭୂଷା ? ଏ ଅସମ୍ଭବ କଥା ସମ୍ଭବ ହେଲା କପରି ? ଯାହା ସେ ଓ ତାଙ୍କର ମା ଏତେ ଚେଷ୍ଟା କରି କରିପାରି ନଥିଲେ, ତା'ହା କେଉଁ କୁହୁକରେ ସମ୍ଭବ ହେଲା ? ସେ କୁହୁକ କିଏ ? ତାଙ୍କର ଅକ୍ଷି ଯୋଗୀଙ୍କ ଉପରେ ପଡ଼ିଲା । ସେ ଦେଖିଲେ ଯୋଗୀ ତାଙ୍କ ଅଡ଼କୁ ଅଡ଼ ଅକ୍ଷିରେ ଅନାଇଁ ମୁରୁକି ମୁରୁକି ହସୁଚନ୍ତି ଓ ଅନ୍ୟ ଅକ୍ଷିରେ ଗୋସ୍ବୋଉଙ୍କୁ କଣ ଠାରୁଚନ୍ତି । ଏହା ସାଙ୍ଗରେ ଗୋସ୍ବୋଉ ମାଉସୀଙ୍କର ଯୋଗୀଙ୍କ ସମ୍ପର୍କରେ ହଠାତ୍ ମତ ପରିବର୍ତ୍ତନକୁ ମିଳାଇ ସେ ଦେଖିଲେ ଠିକ୍ କାର୍ଯ୍ୟ କାରଣ ଲାଗିଯାଉଚି । କିନ୍ତୁ କପରି ? ଯାହାହେଉ, ଏ ଗୋଟାଏ ଅଜ୍ଞା ପାଲଟି । କଣ କରାଯିବ ତେବେ ? ଉପାୟ ବତାଇ ଦେଲେ ଯୋଗୀ ନିଜେ । ଯୋଗୀ ଗୋସ୍ବୋଉଙ୍କୁ ଡ଼ାକି କହିଲେ "ମାଉସୀ, ତୁମକୁ ଏ ସେମିଜଟି ବେଶ୍ ମାନୁଚି" । ମାଉସୀ ? ଗୋସ୍ବୋଉଙ୍କୁ ନଅର ବାକର ସମସ୍ତେ ସାନ୍ତାଣୀ ବୋଲି ଡ଼ାକନ୍ତି । ମାଉସୀ ବୋଲି ଡ଼ାକିବାର ସେ କେବେ ଶୁଣି ନାହାନ୍ତି । ତାଙ୍କ ମନ ଚଡ଼୍ଉଠିଲା । ଗୋସ୍ବୋଉଙ୍କ ସହିତ ଯୋଗୀର ଏ ମାଉସୀ ପୁତୁରା ସମ୍ବନ୍ଧ ତାଙ୍କୁ ଭଲ ଲାଗିଲା ନାହିଁ । ସେ କହିଲେ "ମାଉସୀ, ମାଉସୀ କିସ ହେ ? ସେ ତ ତୁମର ସାନ୍ତାଣୀ, ତାଙ୍କୁ ମାଉସୀ ବୋଲି ଡ଼ାକୁଚ କେମିତି ମ'

ଗୋ: ବୋ:— ଅହା, ପିଲାଟା, ଡ଼ାକୁ, ମାଉସୀ ବୋଲି ଡ଼ାକିଲେ ମୋ ଦେହତ ଛୁଣ୍ଡି ଯାଉନାହିଁ । ଏତେ ଦୂର ? ନା ଏହାର ଗୋଟାଏ କିଛି ଶେଷ ନିଷ୍ପତ୍ତି କରିବାକୁ ହେବ । ପ୍ରମିଳା କହିଲେ "ମାଉସୀ, ତୁମେ

ଟିକିଏ ଗଲ, ମୋର ଏ ଯୋଗୀଙ୍କ ସାଙ୍ଗରେ ଟିକିଏ କଥା ଅଛି" । ଗୋସ୍ବ-ବୋଉ ନାଭାନ୍ତ ଅନିଚ୍ଛାରେ ସେଠାରୁ ଚାଲିଗଲେ । ଗଲାବେଳେ କହି-ଗଲେ "ଅହା, ବଡାସ୍ତ ଭଲଲୋକ ଘରର ପୁଅ, ତାଙ୍କୁ କିଛି ଗାଳି ଫଜିତ କରନ୍ତୁ ନାହିଁଟି" ।

ପ୍ରମିଳା ତା'ପରେ ଯୋଗୀଙ୍କ ଆଡକୁ ବୁଲି ଖୁବ୍ ଗମ୍ଭୀର ହୋଇ ପଚା-ରିଲେ "ସ୍ବୀର ମାନେ ?"

ଯୋଗୀ— କାହାର ମାନେ ?

ପ୍ରମିଳା— ଏଇ ଯେ ତୁମେ ତାଙ୍କୁ ମାଉସୀ ବୋଲି ଡ଼ାକୁଚ, ଆଉ ସେ ତୁମପାଇଁ ଏପରି ଲଢ଼ୁଚନ୍ତି ।

ଯୋଗୀ— ତା' ସେଥିରେ ହୋଇଗଲା କଣ ? ତାଙ୍କର ଅମର ସ୍ନେହ, କ୍ୟା କରେଗା କାଜି ?

ପ୍ରମିଳା— ଫେରେ ସେପରି ଗୁଡ଼ାଏ ପାଗଳାମି କରିବ ତ, ମୁଁ ପ୍ରକୃ-ତରେ ରାଗିବି ।

ଯୋଗୀ— ରାଗିବାଟା ସାମ୍ରାଣି ମାନଙ୍କର ଅଧିକାର ଆଉ ସହିବାଟା ଚାକର ମାନଙ୍କର ଭାଗ୍ୟ ।

ପ୍ରମିଳା— ଅଚ୍ଛା. କୌଣସି ଗୋଟାଏ କଥା କ ତୁମେ ସ୍ପଷ୍ଟକରି କହ ନାହିଁ ? କି ମୁସ୍କିଲ ! ଅଚ୍ଛା, ସେ ଯାଉ । ଗୋସ୍ବବୋଉ ମାଉସୀର ଅଜ ଏ ଯେ ବେଶ ଭୂଷା, ତାର ଅର୍ଥ କଣ ?

ଯୋଗୀ— କାଇଁ, ତାଙ୍କ ବେଶ ଭୂଷାରେ କବୁଝି ପାରିବା ଭଳି ତ ମୁଁ କିଛି ଦେଖୁନାହିଁ ।

ପ୍ରମିଳା— ଶୁଣ, ମୋର ହେତୁ ହେଲା ଦିନଠାରୁ ଆଜ ପର୍ଯ୍ୟନ୍ତ ଗୋସ୍ବ

ବୋଉ ମାଉସୀ କେବେ ଗଣ୍ଡେ ଯୋବନଲୁଗା ପିନ୍ଧିବା କି ଟିକିଏ ତେଲ ଲଗାଇବା ମୁଁ ଦେଖିନାହିଁ । ସେଥିଲାଗି ମା ଓ ମୁଁ କେତେ ତାଙ୍କ ସାଙ୍ଗରେ କଳି ଅଳି କରୁଛୁ । ସେ ସବୁ ପିଠିକି ପକେଇ ଦେଇଚନ୍ତି, ଆଜି ହଠାତ୍ ଏପରି କାହିଁକି ?

ଯୋଗୀ— ତା ମୁଁ କହିବି କିପରି ? ତେବେ ମୁଁ ତାଙ୍କର ଗୋଟିଏ ଛବି ଆଙ୍କି ତାଙ୍କୁ ଦେଖେଇ ଥିଲି । ସେ ଦେଖି ମତେ ପଚାରିଲେ "ମୁଁ କଣ ଏତେ ସୁନ୍ଦରୀ ?"

ପ୍ରମିଳା— ତୁମେ କଣ କରି ତାଙ୍କୁ ଦେଖେଇଥିଲ !

ଯୋଗୀ— ଛବି ଆଙ୍କି

ପ୍ରମିଳା— ଛବି ଆଙ୍କି ? ତୁମର ଗୀତ ଗାଇବା କେନ୍ଦେରା ବଜାଇବା, ହିସାବପତ୍ର ରଖିବା ବାଦେ ଛବି ଆଙ୍କିବା ଗୁଣଟା ଅଛି ନା କଣ ?

ଯୋଗୀ— ତା'ଏଇ ଟିକିଏ ଟିକିଏ ।

ପ୍ରମିଳା— ଅଚ୍ଛା, ସେ ଛବିଟା ମତେ ଟିକିଏ ଦେଖେଇବ ? କିନ୍ତୁ ତୁମେ ତୁମର ଚଗଲାମିରେ ତାଙ୍କ ମନରେ ଯେ ଭାବ ଆଣି ଦେଇଚ, ଭାବିଚ, ତାର ପରିଣାମ କିପରି ଭୟାନକ ହୋଇ ପାରେ ?

ଯୋଗୀ— ଭୟାନକ ନା ପାଉଁଣ ? କୌଣସି ସ୍ତ୍ରୀକୁ ସେ ସୁନ୍ଦର ବୋଲି କହିଲେ ତାର କିଛିମାତ୍ର ଅନିଷ୍ଟ ହବନାହିଁ "ବରଂ ଉପକାର ହବ" ଅୟୁଷ ବଢ଼ିବ ।

ପ୍ରମିଳା— କିନ୍ତୁ ତାଙ୍କମନରେ ଏପରି ଭାବ ଆଣିବାରେ ତୁମର ଉଦ୍ଦେଶ୍ୟ କଣ ? ତୁମେ କଣ ତାଙ୍କୁ ବାହାହେବ ?

ଯୋଗୀ— ମୁଁ ତାଙ୍କୁ ବାହାହବାରେ ତୁମର କିଛି ଆପତ୍ତି ଅଛି ?

ପ୍ରମିଳା— ମଲା, ମଲା, ତୁମେ ହାଡ଼ଖାଣି କି ପାଲୁଣି ବାହାହେଲେ ମୋର କଣ ଅଛି ?"

କହି ଫଡ଼କରି ବୁଲି ସେ ସ୍ଥାନରୁ ଚାଲିଗଲେ ।

## ୨୫

ସେଦିନ ଜଳେଶ୍ୱର ହାଟ । ଶ୍ୟାମବାବୁ ତାଙ୍କର ଦଳବଳ ଘେନି ଆସି ସେଠାରେ ପହଞ୍ଚନ୍ତି । ଭିତର ଉଦ୍ଦେଶ୍ୟ ପୂର୍ଣ୍ଣକରିବା । ବାହାର ଉଦ୍ଦେଶ୍ୟ ଜିନିସପାତି ଖରିଦ । ସେମାନେ ସମସ୍ତେ ଷ୍ଟେସନରୁ ସିଧେ ସିଧେ ଗଲେ ଡ଼ାକ ବଙ୍ଗଳାକୁ । ଦେଖିଲେ ଡ଼ାକ ବଙ୍ଗଳାର ଗୋଟାଏ କମରାରେ ଜଣେ ବାବୁ ଅଛନ୍ତି । ସେମାନେ ଆଉ ଗୋଟିଏ କମରା ଦଖଲ କରି ବସିଲେ । ଜଳେଶ୍ୱର ସ୍ୱାଧୀନ ଉତ୍କଳର ଥିଲା ଗୋଟିଏ ବଣିଜ୍ୟ ସହର । କହିବାକୁ ଗଲେ ସେ ହଉଛି ଉତ୍ତର କଳିଙ୍ଗର ରାଜଧାନୀ । କାଳକ୍ରମେ ତାହାର ସେ ଗୌରବ ଲୁପ୍ତ ଯାଇଛି । ତା ସ୍ଥାନରେ ବାଲେଶ୍ୱର ବର୍ତ୍ତମାନ ରାଜଧାନୀ । ତଥାପି ଜଳେଶ୍ୱର ଅଧିପତ୍ୟର ଗନ୍ଧ ଏ ପର୍ଯ୍ୟନ୍ତ

ସେଥିରେ ଲାଗିରହିଛି । ଏଠାରେ ଗୋଟିଏ ମାଇନରସ୍କୁଲ, ଗୋଟିଏ ସବ୍-ରେଜେଷ୍ଟ୍ରି ଅଫିସ, ଗୋଟିଏ ଡ଼ାକଘର, ଗୋଟିଏ ଡ଼ାକ୍ତରଖାନା, ଓ ଗୋଟିଏ ଇଙ୍ଗ—ଗୁଜରାଟି ବିଦ୍ୟାଳୟ ଅଛି । ବାଲେଶ୍ୱରକୁ ଛାଡ଼ିଦେଲେ ସଦର ସବ୍‌ଡ଼ିଭିଜନରେ ଆଉ ଏତେବଡ଼ ବଜାର ମଧ ଦେଖିବାକୁ ମିଳେନାହିଁ । ଜଳେଶ୍ୱରରୁ କର୍ପୁର ଉଡ଼ି ଯାଇଥିଲେ ମଧ, ଅନେକ ମାରୁଆଡ଼ି ବ୍ୟବସାୟି ତାହାର କନା ଖଣ୍ଡିକୁ ଘେନି ବସିଛନ୍ତି । ଗୋଟିଏ ଗଉଲକଲ ମଧ ଏଠାରେ ଅଛି । ସରକାରି ଘରର ଅଭାବ ଓ କମ୍ । ପୁଲିସ ଦାରୋଗା, ଇସ୍କୁଲ ଦାରୋଗା, ଅବକାରୀ ଦାରୋଗା, ସବ୍‌ରେଜେଷ୍ଟ୍ରି ଇତ୍ୟାଦିଙ୍କର ପକ୍କା ବାସାଘର ଗୁଡ଼ିକ ଷ୍ଟେସନର ବଜାର ଓ ପୁରୁଣା ବଜାର ମଝିରେ ଏହିପରି ନାମକାଦା ଜାଗା ହେଲେ ମଧ, ଜଳେଶ୍ୱର ପ୍ରତି କାହାରି ସହାନୁଭୂତି ଥିଲାପରି ଜଣାଯାଏ ନାହିଁ । ଜାଗାଟା ବଡ଼ ନିଚ । ସୁବର୍ଣ୍ଣରେଖା ବର୍ତ୍ତ-ମାନ ସହରଠାରୁ ପ୍ରାୟ ଚାରିମାଇଲ ଦୂରରେ ବହିଯାଉଛି । ମଝିରେ ଜଗନ୍ନାଥ ସଡ଼କ । ସୁବର୍ଣ୍ଣରେଖାରେ ସାମାନ୍ୟ ପାଣିହେଲେ ସହରଭିତରେ ପାଣିପଶେ । ପୁରୁଣା ବଜାରରୁ ଷ୍ଟେସନକୁ ଜଗନ୍ନାଥ ସଡ଼କ ଉପରେ ସାଧାରଣ ବନ୍ୟା ସମୟରେ ଆସିଲେ ଅନ୍ତତଃ ଅଣ୍ଟାଏ ବା ଛାତିଏ ପାଣିରେ ସୁଅ କାଟି ଯିବାକୁ ପଡ଼େ । ଉତ୍କଳର ଏହି ଅତି ପ୍ରାଚୀନ ସ୍ଥାନଟି ପ୍ରତି କାହାରି ଦୃଷ୍ଟି ପଡ଼ୁନାହିଁ । ଦେଶବାସିଙ୍କ ହେଲେ ଅନ୍ଧ । ଆଉ ଦୋଷ ଦବ କାହାକୁ ?

ଜଳେଶ୍ୱର ହାଟ ଏ ଅଞ୍ଚଳରେ ଗୋଟିଏ ପ୍ରଧାନ ହାଟ । ଉତ୍ତରରେ କଲିକତାଠାରୁ ଆରମ୍ଭ କରି ଦକ୍ଷିଣରେ କଟକ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟବସାୟ କେନ୍ଦ୍ର ଓ ବଡ଼ ସହରରୁ ବ୍ୟବସାୟିମାନେ ହାଟପାଳି ଦିନ ଏଠାକୁ ନଗର ନଗର ପସାର ନେଇ ଆସନ୍ତି । ସପ୍ତାହରେ ଦୁଇଥର ଏଡ଼େ ବେଶୀ

ଲୋକ ସମାଗମ ହୁଏ ଏହିଠାରେ । ତାପରେ ମଧ୍ୟ ଭୋଗୋରେଇ, ଜଲେଶ୍ୱର ଓ ବସ୍ତା । ଏ ତିନି ଥାନା ଭିତର ଗ୍ରାମମାନଙ୍କୁ ଯିବାପାଇଁ ଅନେକ ଲୋକ ମଧ୍ୟ ଏ ଷ୍ଟେସନରେ ଚଢ଼ନ୍ତି ଓ ଓହ୍ଲାନ୍ତି । ଏପରି ଅବସ୍ଥାରେ ମଧ୍ୟ ଏଠାରେ ରହିବାଭଳି ଗଣ୍ଡେ ଭଲ ଘର ନାହିଁ । ଟେସନ ଓ ପୁରୁଣା ବଜାରରେ ଗୋଟାକେତେ ଗୁହାଳଘର ପରି କୁଡ଼ିଆଘର ଅଛି ଓ ଗୋଟାଏ ଗୋଟାଏ ହୋଟେଲ ଅଛି । ଏ ହୋଟେଲ ଗୁଡ଼ାକରେ ଖାଇବା ପଦାର୍ଥ ନାମରେ ରୋଗର ଜୀବାଣୁ ଜୁଡ଼ିଏ ଘଥରି ହୁଏ । ହୋଟେଲ ବାଲାର ପରିଷ୍କାର ପରିଚ୍ଛନ୍ନତା ସମ୍ବନ୍ଧରେ କୌଣସି ଧାରଣାହିଁ ନାହିଁ, ଅଉ ଏପରି ହୋଟେଲରେ ଯେଉଁମାନେ ଖାଆନ୍ତି ସେମାନଙ୍କର ମଧ୍ୟ ସେ ବିଷୟରେ ଜ୍ଞାନ ଶୂନ । ସୁତରାଂ ସୁରୁଖୁରୁରେ ଚାଲି ଯାଉଛି ।

ଶ୍ୟାମବାବୁ ବ୍ୟବସାୟ ସୂତ୍ରରେ ଅନେକଥର ଏ ସ୍ଥାନକୁ ଆସିଚନ୍ତି । ଯେତେଥର ଆସନ୍ତି, ରହିବାର ଅନ୍ୟ କୌଣସି ଜାଗା ପାଆନ୍ତି ନାହିଁ । ଫଳରେ ଟଙ୍କାଟିଏ ଲେଖାଏଁ ଘରଭଡ଼ା ଦେଇ ଯାଇ ଡାକ ବଙ୍ଗଳାରେ ରହନ୍ତି । ତେବେ ଯେଉଁ ଯେଉଁ ଦିନ ବଙ୍ଗଳାରେ ହାକିମ ହୁକୁମା କେହି ଆଶ୍ରୟ ନେଇଥାନ୍ତି, ସେଦିନ ଗଛମୂଳରେ ଘେର ପକାଇ ରୋଷେଇ ବାସର ବନ୍ଦୋବସ୍ତ କରିନେବାକୁ ପଡ଼େ । ସେ ଦିନ ସେ ଗାଡ଼ିରୁ ଓହ୍ଲାଇଲା ମାତ୍ରେ ଟିକେଟ କଲେକ୍ଟର ବାବୁ ତାଙ୍କୁ ନମସ୍କାର ହେଲେ । ବହୁଥର ଯା ଆସ କରିବାରୁ ଟେସନବାଲା ମାନଙ୍କ ସାଙ୍ଗରେ ଏହାଙ୍କର ପରିଚୟ ହୋଇ ଯାଇଛି । ସେ ଟିକେଟ କଲେକ୍ଟର ବାବୁଙ୍କୁ ପଚାରିଲେ "କି ହୋ ସନ୍ତୋଷବାବୁ, ଆଜି ଡାକ ବଙ୍ଗଳାରେ କେହି ଅଛନ୍ତି କି ?" ଶୁଣିଲେ ଯେ ହାକିମ ହୁକୁମା କେହି ନାହାନ୍ତି, କିନ୍ତୁ ଅଉ ଜଣେ ଅଧେ ବାହାର ଲୋକ ଦିଏ ଥାଇପାରନ୍ତି ବୋଧହୁଏ, ଗୋଟାଏ ଦୁର୍ଗିକନା ଗଲା । ଶ୍ୟାମବାବୁ ଡାକବଙ୍ଗଳାରେ

ପହଞ୍ଚିଯାଇ ଦେଖନ୍ତି ଯେ ଜଣେ ବଙ୍ଗାଳି ବାବୁ ସେଠାରେ ଅଛନ୍ତି । ସେ ଆମ୍ଭମାନଙ୍କର ପୂର୍ବପରିଚିତ ପ୍ରମଥବାବୁ । ପ୍ରମଥବାବୁ ଗୋଟିଏ ବଗସ୍ତରେ ଥାନ୍ତି । ଶ୍ୟାମବାବୁ ଯାଇ ଆଉ ଗୋଟିଏ ବଗସ୍ତରେ ଜମେଇ ବସିଲେ । ସେଦିନ ସନ୍ଧ୍ୟାବେଳକୁ ହାଟରୁ ଫେରି ଶ୍ୟାମବାବୁ ସାଙ୍ଗ ସୁଙ୍ଗଙ୍କୁ ନେଇ ନାଲିପାଣି ପୂଜାକରିବାର ଉଦ୍ୟମ କରୁଚନ୍ତି । ମାଂସ ରନ୍ଧାହେଉଚି । କେହି ସୋଡ଼ାପାଣି ଆଣିବାକୁ ଯାଇଚନ୍ତି । ଶ୍ୟାମବାବୁ ବଙ୍ଗଳାର ବରଣ୍ଡାରେ ଗୋଟିଏ ଆରାମ ଚୌକିରେ ବସି ଆଗତ ମଉଜର ସ୍ୱପ୍ନ ଦେଖୁଚନ୍ତି, ଏହି-ପରି ସମୟରେ ପ୍ରମଥବାବୁ ଆସି ସେଠାରେ ପହଞ୍ଚିଲେ । "ଆପଣଙ୍କର ଘର କେଉଁଠାରେ, ମହାଶୟ" ଠାରୁ ଆରମ୍ଭ କରି ଅଳ୍ପେ ଅଳ୍ପେ ଆଳାପ ପରିଚୟ ଜମାଟ ବାନ୍ଧି ବସିଲା । ସୋଡ଼ାପାଣି ଓ ମାଉଁସରନ୍ଧା ତିଆରି ହେଲାବେଳକୁ ଏତେଦୂର ଭାବ ଦୋସ୍ତି ହୋଇଗଲା ଯେ, ଅର୍ଥାତ୍ ପ୍ରମଥବାବୁ ଶ୍ୟାମବାବୁଙ୍କୁ ନିଜର ଅନ୍ତରରେ ଏତେଦୂର ଆଣିପାରିଥିଲେ ଯେ ଶ୍ୟାମବାବୁ ତାଙ୍କୁ ମଉଜରେ ଯୋଗ ଦେବାପାଇଁ ନିମନ୍ତ୍ରଣ କରି ପକାଇଲେ । ପ୍ରମଥବାବୁ କହିଲେ "ଦେଖନ୍ତୁ, ମହାଶୟ, ମୋର ସେ ସବୁ ଆମୋଦ ବଡ଼ ବେଶୀ ସହେ ନାହିଁ" ମୁଁ ପ୍ରତିଜ୍ଞା କରିଥିଲି ଆଉଦିନେ ମଦ ଛୁଇଁବି ନାହିଁ ବୋଲି" ତେବେ ଆଜି ଆପଣଙ୍କ ସହିତ ମୋର ଏ ଯେ ନୂତନ ବନ୍ଧୁତା ହେଲା, ତାହା ଖାତିରରେ ପ୍ରତିଜ୍ଞା ନଭାଙ୍ଗିଲେ, ହାଲେ ଆପଣଙ୍କମନରେ କଷ୍ଟ ହେବ । କଣ କରାଯାଏ ? ବନ୍ଧୁପାଇଁ ବନ୍ଧୁ ପ୍ରାଣ ଦେଇଦେଉଚି । ମୁଁ ଏତିକି ଆଉ କରିପାରିବି ନାହିଁ । ନା ହେ କଣ କହୁଚ ? କହ ଶ୍ୟାମଭାଇ, ତୁମକୁ ଦେଖି ମୋର ଠିକ୍ ମନେହେଉଚି ତୁମେ ଯେପରି ମୋର କେତେ ଦିନର ଚିହ୍ନା ଯାହାକୁ ତ କହନ୍ତି ପ୍ରାଣର ଡ଼ାକ । ନା ହେ କଣ କହୁଚ ?

ସବୁଠିଆର । ଗୋଟାଏ ଟେବୁଲର ଚାରିପଟେ ଚାରିଟା ଚୌକି ପଡ଼ିଲା ।

ଦୁଇଟା ପାଖାପାଖି ଚୌକିରେ ଶ୍ୟାମବାବୁ ଓ ପ୍ରମଥବାବୁ । ଅନ୍ୟ ଦୁଇଟାରେ ଶ୍ୟାମବାବୁଙ୍କର ବନ୍ଧୁ ଦୁଇଜଣ । ଟେବୁଲ ଉପରେ ମଦର ବୋତଲ ଦୁଇଟି, ଦୁଇଟି ଚନା ଥାଳରେ ପଥାଲ ମାଂସ, ଗୋଟିଏ ସୋଡ଼ା ବୋତଲ । ବୋତଲ ଖୋଲିଲା । କାଚ ଗ୍ଲାସରେ ଢଳାହେଲା । ସୋଡ଼ା ମିଶିଲା । ତାପରେ ତାତିଲା ପାଣି ଫୁଟିଲାପରି ସେଇ ଫୁଟନ୍ତ ନାଲିପାଣିର ଶ୍ରାଦ୍ଧ ଆରମ୍ଭ ହେଲା । ଶ୍ୟାମବାବୁଙ୍କ ଗିଲାସରେ ନିଜ ଗିଲାସକୁ ଟିକିଏ ଠୋକିଦେଇ ଦେଇ ପ୍ରମଥବାବୁ ଏହି ନୂତନ ବନ୍ଧୁତାର ଖାତିରିରେ ପାନକରିବାକୁ ଆରମ୍ଭ କଲେ । ବୋତଲଟି ଶେଷ ହେଲାବେଳକୁ ଦେଖାଗଲା, ପ୍ରମଥବାବୁ ସେଥିରୁ କାରପଣ ପକେଇ ଚଳନ୍ତି ତାରୁ ଅନୁପାତରେ ନାଲଭାଙ୍ଗ ମଧ । କିନ୍ତୁ ତାଙ୍କର ଅଖିରେ ବା ମୁହଁରେ କୌଣସି ରକମ ବଦଳ ଲକ୍ଷ୍ୟ କରାଯାଇ ପାରୁନାହିଁ । ଅଥଚ ଶ୍ୟାମବାବୁ ବୋତଲର ମାଧା ଗୁଡ଼ପଣ ଖାଇଥିଲେ ମଧ ତାଙ୍କର ଅଖି ନାଲ, ମୁହଁ ଉଜ୍ଜ୍ୱଳ । ସେ ଅନର୍ଗଳ ବକି ଯାଉଚନ୍ତି । ପ୍ରମଥବାବୁଙ୍କ ହାତଟା ବଢ଼ାଇ ନଜାଣିଲାର ପରି ଶ୍ୟାମବାବୁଙ୍କ ସାଙ୍ଗମାନଙ୍କ ଭାଗ ବୋତଲଟି ନିଜଆଡ଼କୁ ଟାଣି ଆଣୁ ଆଣୁ ଏଣେ ନିବିଷ୍ଟମନରେ ତାଙ୍କର କଥା ଗୁଡ଼ାକ ଶୁଣି ଯାଉଚନ୍ତି । ଶ୍ୟାମବାବୁଙ୍କ ହୃଦୟର ଗୁପ୍ତ ଘର ଅଜ ଉନ୍ମୁକ୍ତ ସେ କହି ପକାଉଚନ୍ତି "ଦେଖ ଭାଇ, ସେ ଶଳା ଯୋଗିଟାଏ, ଭିକ ମାଗି ପେଟ ପୋଷୁଥିଲା ।"

ପ୍ରମଥବାବୁ 'ଯୋଗୀ ଶବ୍ଦ ଶୁଣିଲାକ୍ଷଣି ମୂଷା ଶବ୍ଦ ଶୁଣି ବିରାଡ଼ି କାନ ଠିଆ କଲାପରି କାନ ପତେଇ କହିଲେ "ଯୋଗୀ ? କେଉଁ ଯୋଗୀ କି ? ଶ୍ୟାମଙ୍କ ମୁହଁରେ ଅଶ୍ଚର୍ଯ୍ୟର ଚିହ୍ନ ଫୁଟି ଉଠିଲା । ସେ କହିଲେ "ଅରେ ତୁମେ ଏତିକି ଜାଣିନାହିଁ ଅଛଯାଏ" ଦାଣ୍ଡରେ ସମସ୍ତେ ଜାଣି ସାରିଲେଣି । ସେ ଟୋକିଟା ପରା ସେ ଯୋଗୀକି ନେଇ ରହିଛି । ଅରେ ସେଇ ଯୋଗୀନ ?

ଯେ ସେଦିନ ଏଇ ଦିନ ଦଶ ପନ୍ଦର ହେବ ଆସି ଆମ ଗାଁରେ ପହଞ୍ଚିଛି ।"

ପ୍ରମଥ— କାହାଘରେ ଅଛି ସେ ?

ଶ୍ୟାମ— ଆରେ ଥାଉ, ତୁମେତ ନିତାନ୍ତ ଗାଈ ହେ । ଏଇତକ ଅଙ୍କ ଯାଏ ଜାଣିନାହଁ ? ସେ ଅଛି ସୁଶୀଳା ଘରେ । ସୁଶୀଳା ତାକୁ ରଖିଛି । ତା ପ୍ରେମରେ ପଡ଼ି ରଖିଛି । ଗୋଟାଏ ଯୋଗିକୁ । ଆଉ ମୋ ପରି ଲୋକ ତା ଗୋଡ଼ତଳକୁ ଗଲେ ମତେ ମାର ଧର କରି ଘଉଡ଼େଇ ଦଉଛି ।

ପ୍ରମଥ— ସତେ, ବଡ଼ ବଦମାସ ଟୋକିଟା ? ତୁମଭଳି ସୁପୁରୁଷ କାର ପୁରୁଷକୁ ମାଡ଼ମାରି ଘଉଡ଼େଇ ଦଉଛି, ଏତେ ସାହସ ତାର ? ଏତେ ଦମାକ୍ ? ସେ ଜାଣେନାହିଁ ତୁମର ବନ୍ଧୁ ମୁଁ ତୁମଲାଗି ଏ ଜାନ୍, ଏ କଲିଜା ଦେଇପାରେଁ ? କିଛି ଭୟ ନାହିଁ, ବନ୍ଧୁ, ମୁଁ ସବୁ ଠିକ୍ କରିଦେବି । ଶ୍ୟାମ ବାବୁଙ୍କ ନିଶ୍ୱାସ ସେତେବେଳେ ପଞ୍ଚମରେ । ତାଙ୍କ ଆଗରେ ସବୁ ନାଲି, ସବୁ ଖାଲି ଫୁଟିଖେଳ । ଏ ସଂସାରରେ ତାଙ୍କ ଛଡ଼ା ଯେ ଆଉ କେହି ମଣିଷ ଅଛି, ଆଉ କେହି ଯେ କୌଣସି ରକମ ସୁଖ ବା ଆନନ୍ଦ ପାଇବାର ହକ୍‌ଦାର ଏ ସବୁ କଥା ମୋଟେ ତାଙ୍କ ମନରେ ଧରୁନାହିଁ । ଏପରି ଅବସ୍ଥାରେ ଏ ସଂସାର ପ୍ରତି ଓ ଏ ସଂସାରର ଯାବତୀୟ ଜନଙ୍କ ପ୍ରତି ତାଙ୍କ ହୃଦୟର ସମସ୍ତ ସ୍ନେହ ଭଣ୍ଡାର ଉଚ୍ଛୁଳି ପଡ଼ୁଛି । ସେ ଉଠିପଡ଼ି ପ୍ରମଥ ବାବୁଙ୍କୁ କୁଣ୍ଢେଇ ପକାଇବାକୁ ଯାଇ କହିଲେ "ସତେ ସଙ୍ଗାତ, ସତେ ? ତୁମେ ସବୁ ଠିକ୍ କରିଦେବ ?" ପ୍ରମଥବାବୁ କୌଶଳରେ ତାଙ୍କର ସ୍ନେହାଲିଙ୍ଗନରୁ ନିଜକୁ ବଞ୍ଚାଇ କହିଲେ "ନିଶ୍ଚୟ" ।

ଶ୍ୟାମ— ତୁମେ ସୁଶୀଳାକୁ ମନେଇ ମୋ ସାଙ୍ଗରେ ବାହା କରାଇ ଦେବ ?

ପ୍ରମଥ— ଅଲବତ୍

ଶ୍ୟାମ— ତୁମେ ସେ ପାଜି ଯୋଗୀଟାକୁ ବାନ୍ଧି ମୋ ଆଗରେ ଆଣି ପକେଇ ଦବ ?

ପ୍ରମଥ—ଜରୁର୍

ଶ୍ୟାମ— ତୁମେ ସେ ଶଇତାନ ଗୁରୁବୋଉକୁ ଗାଲ୍‌କେ ଚୂନ, ଗାଲ୍‌କେ କାଲି ଦେଇ ଗଧ ଉପରେ ବସାଇ ଦାଣ୍ଡରେ ବୁଲେଇ ଆଣିବ ?

ପ୍ରମଥ— ଅରେ ସେଭି ଖୁବ୍ ପାରିବ ।

ଶ୍ୟାମବାବୁ ଗୋଡ଼ ହାତ ଛନ୍ଦି ଚୌକିଉପରେ ବସି ପଡ଼ିଲେ । ହାତଟା ତାଙ୍କ କାନ ଅଡ଼କୁ ଅର୍ଥାତ୍ କାନ ଯେଉଁଠାରେ ଥାନ୍ତା ସେଇଠାକୁ ଉଠିଗଲା, ଏବଂ ସେ ମୁଣ୍ଡକୁ ମୁଣ୍ଡକୁ ହଲି କାନ ମୋଡ଼ିଲେ ଅର୍ଥାତ୍ କାନଧରିଲେ ମୋଡ଼ା-ଥାନ୍ତେ । ତାଙ୍କର ସମୁଦାୟ ମୁହଁରେ ଗୋଟିଏ ଅତି ମଧୁର୍ ଶାନ୍ତିର ଛାୟା । ସେ ଯେପରି ଏ ସଂସାର୍ ଗୃହଣ୍ଡକର ନବାବ ।

ତାଙ୍କର ଏହି ନବାବୀୟାନା ଭଙ୍ଗି ପ୍ରମଥବାବୁ କହିଲେ "ବନ୍ଧୁ, ଭାଇ, ମୋର୍ ଗୋଟାଏ କଥା ମନେ ହଉଛି" । ଶ୍ୟାମବାବୁ "ଅଜ ଗୋଟାଏ କଥା ପୁଣି କଣ ? ଜବାବ ହୋଇଗଲା । ପରେ ତୁମେ ଖୁଣି-ଖସି ଗୁସା ଯିବ ନାହିଁ ତ ?"

ପ୍ରମଥ— ଅରେ ଯାଉ, ସେ କଥା କ ହବ । ତେବେ କହୁଥିଲି କଣ କି, ସେ ପ୍ରମିଳା ଟୋକିଟାକୁ ବାହାହୋଇ କ ଲଭ ? ସେ ଯେ ହୃଷ୍ଟାମି କରୁଛି, ... ଗୋଟାଏ ହାଣ୍ଡି କ ପାଣ ସାଙ୍ଗରେ ବାହା କରାଇ ଦେଲେ—

ଶ୍ୟାମ— ଅରେ ନା, ନା, । ତା'ହେଲେ ତା ସମ୍ପର୍କବାଳ ଃଙ୍କା କହନ୍ତୁ ସବୁ ସେଇ ହାଙ୍କର ପାଣ ପାଇଯିବ ଯେ ! ଯା, ତୁମେତ ସାର ଗଳ୍ପ ମଣିଷ । ମୋର ପାଇବାର ସମ୍ପର୍କକୁ ତୁମେ ହାଡ଼ର ପାଣକୁ ଦେଇଦବ ?

ପ୍ରମଥ— ନାଇଁ, ନାଇ, ଭାଇ, ମୁଁ ଜାଣିନଥିଲି ବୋଲି, କହିଲି ସିନା । ଅଚ୍ଛା, ଟିକିଏ ରହନ୍ତ, ମୁଁ କଥା ଗୁଡ଼ାକ ଲେଖିପକାଏଁ । ମୁଁ ଭାଇ, ବଡ଼ ମୋଟା ବୁଦ୍ଧିଆ । କୌଣସି କଥାକୁ ପରିଷ୍କାର କରି ଲେଖି ଦ ଗ୍ରିଥର ନ ପଢ଼ିଲେ ମୋର ମୋଟେ ବୁଝି ହୁଏନାହିଁ । ତୁମେ କପରି ଏ ସବୁ କଥା ମନେ ରଖିଚ ଭାଇ ? ସାବାସ ତୁମ ବୁଦ୍ଧିକି ।

ସେ ଏହିପରି ଗପୁଥାନ୍ତି, ଆଉ ଏଣେ ଲେଖୁଥାନ୍ତି । ଲେଖା ମଝିରେ ସେ ଟିକିଏ ମୁଣ୍ଡଟେକ ଚାହିଁଲେ । କହିଲେ ଅରେ ତୁମେ ସବୁ ଖାଲି ବସିଚ ଯେ । ଚଳଅନା "ମଲା, ମଲା, ସବୁତ ଶେଷ "ଅରେ ଗେନ୍ଦା, ଗେନ୍ଦା" ତାଙ୍କର ଚାକର ଗେନ୍ଦା ପହଞ୍ଚିଗଲେ ସେ ତାକୁ କହିଲେ "ଆରେ ବୋତଲଟା ବାକ୍ସରୁ ନେଇ ଅଣ" । ଗେନ୍ଦା ବୋତଲ ଦେଇ ଅସିଲେ ସେ ନିଜହାତରେ ପ୍ରାୟ ଅଧଗିଲାସେ ଢାଳି ଶ୍ୟାମବାବୁଙ୍କ ହାତକୁ ବଢ଼ାଇ ଦେଲେ । ଶ୍ୟାମବାବୁ ଅନନ୍ଦରେ ଅଧୀର ହୋଇ ସେତକ ପକାଇବା ମଧ୍ୟରେ ପ୍ରମଥ ବାବୁଙ୍କର ଲେଖା ଶେଷ । ପ୍ରମଥବାବୁ କହିଲେ "ଭାଇ, ତୁମଠାରୁ ଯାହା ସବୁ ଶୁଣିଲି, ମୁଁ ଯଥାସାଧ୍ୟ ଲେଖିଚି । ଖାଲି ତୁମ ନା'ଟା ମନେ ରହିଲା ନାହିଁ । କଣ କହିଥିଲଟି ?"

ଶ୍ୟାମ— ଥ୍ୟାମ ଚଲନ୍ କାନ୍ନଗୋ ।

ପ୍ରମଥ— କଣ କହୁଚ ଭାଇ, କିଛି ଶୁଣି ପାରୁନାହିଁ । ତୁମ ଏ କହସ ଗୁଡ଼ାକ ଭାରି ଜଣା ।

ଶ୍ୟାମ— ହଁ, ହଁ, ଭାଥଅଛି ନିସା ।

ପ୍ରମଥ — ତୁମ ନାଁଟା ଲେଖିଦିଅନ୍ତ ବୋଇଲେ ମୁଁ ପଢ଼ିଯାନ୍ତି, କହି ଝରଣା କଲମଟି ଶ୍ୟାମବାବୁଙ୍କ ଆଡ଼କୁ ବଢ଼ାଇ ଦେଲେ । ଶ୍ୟାମବାବୁ କଲମଟା ଧରିନେଲେ କୌଣସିମତେ । ପ୍ରମଥବାବୁ ତାଙ୍କ ଲେଖିଥିବା କାଗଜଟାର ଗୋଟାଏ ଅଂଶ ଦେଖାଇ ଦେଲେ । ଶ୍ୟାମବାବୁଙ୍କୁ ଦିଶିଲା ଯେପରି କାଗଜର ସେହି ଜାଗାଟାରେ କଣ ଗୁଡ଼ାଏ ଚିହ୍ନ କଟାହୋଇଛି । କିନ୍ତୁ ଚିହ୍ନଗୁଡ଼ାକ ତାଙ୍କ ଅକ୍ଷିଆଗରେ ଏପରି ନାଚୁଥିଲା ଯେ ସେ ଠଉରେଇ ପାରିଲେ ନାହିଁ । ତାଙ୍କ ମୁଣ୍ଡ ଠିକ୍ ଥିଲେ ସେ ଦେଖିଥାନ୍ତେ ସେ ଚିହ୍ନ ଗୁଡ଼ାକ ଅଉ କିଛି ନୁହେଁ, ଦୁଇଖଣ୍ଡି ଅଣିକିଆ ଡ଼ାକ ଟିକଟ । ଶ୍ୟାମବାବୁ ପଚାରିଲେ "ଭାଇ, ଏ ଚିହ୍ନଗୁଡ଼ାକ କଣ ?" ପ୍ରମଥବାବୁ କାଗଜ ଉପରେ ଲଈଁ ପଢ଼ି କହିଲେ "କାଈଁମ, ଚିହ୍ନ, ନାଈଁଭ, ସବୁ ଧଳା, ଗାଲ ଧଳା" । ଶ୍ୟାମବାବୁ "ହଁ, ହଁ, ସବୁ ଧଳା ଏଃ ଗାଲ ଧଳା, ହୋ, ହୋ, ହୋ ଭାଇ ଏଃ ମଜାର କଥା ଏଃ । ଦେ, ଶଳା, ମାର ଶ୍ରୀଶ୍ୟାମାଚରଣ ଏଁ କାନୁନଗୋ ଏଁ ସ୍ୱରଟା ଯେପରି ଲମ୍ବି ଯାଉଥିଲା, ହାତଟା ମଧ ସେହିପରି ଲମ୍ବି ଗଲା ପରି ହୋଇଗଲା ବେଳକୁ ପ୍ରମଥବାବୁ ତାଙ୍କ ହାତଟା ଧରି କଲମଟା ଛଡ଼ାଇ ନେଲେ । ଶ୍ୟାମବାବୁ ସେହି ସ୍ଥାନରେ ଚୌକି ଉପରେ ଅଉଜି ପଡ଼ି ନିଦେଇ ଗଲେ ।

## ୨୬

ସିଧାନାଥ ପୁର
୧୦—୫

ପ୍ରିୟତମେ,

ତୁମେ ଚିଠି ଦବାରେ ଏତେ ଡେରିକର କାହିଁକି ହୁଡ଼ିଲା ? ବୋଧହୁଏ ଜୀବନର ନୂଆ ସଙ୍ଗିଟିଏ ପାଇ ତୁମେ ମତେ- ତୁମର ପୁରୁଣା ସାଙ୍ଗମାନଙ୍କୁ ଭୁଲିଗଲଣି । ଛି, ଛି, ସୁଶୀଲା, ଭୁଲିଗଲୁ ସେ ଦିନର ଏତେକଥା ? ପାଶୋରିଦେଲୁ ସେଦିନ କଲେଜ ବୋର୍ଡିଂରେ ତୋର ପ୍ରତିଜ୍ଞା ? ତୁ ଭୁଲି ଯାଇପାରୁ, ମାତ୍ର ଏ ଜୀବନରେ ମୁଁ ପାରିବି ନାହିଁ । ସାମାନ୍ୟ ଗୋଟାଏ ପୁରୁଷର ମୋହରେ ମୁଁ ମୋର ବାଲ୍ୟସଙ୍ଗୀ, ପ୍ରାଣର ସହଚରୀ ସୁଶୀଳାକୁ ଭୁଲି ପାରିବି ନାହିଁ । ଯଦି ମୋର ସେ ଶକ୍ତି ଥାଆନ୍ତା, ତା'ହେଲେ ମୁଁ ମୋର ହୃଦୟ ଚିରି ଦେଖାଇ ଦିଅନ୍ତି, ତାହାର ପ୍ରତ୍ୟେକ ଗ୍ରନ୍ଥି ମଧ୍ୟରେ ଲେଖାଅଛି । ମୋର ପ୍ରାଣପ୍ରତିମା ସୁଶୀଳାର ନାମ । ଯଦି ମୋ ରକ୍ତର ସଙ୍କିନା ଶବ୍ଦ ଶୁଣାଇବାକୁ ପାରନ୍ତି, ତା'ହେଲେ ବୁଝାଇ ଦିଅନ୍ତି, ହୃଦୟର ପ୍ରତ୍ୟେକ ସ୍ପନ୍ଦନରେ ମୋର ରକ୍ତପ୍ରବାହ ଗାଉଚି ସେଇ ସୁଶୀଳାର ନାମ । ଏ କି ମାୟା ଲଗାଇ ଦେଇଚୁ, ଏ କେଉଁ ଗାରୁଡ଼ି ମନ୍ତ୍ରରେ ମତେ ଏପରି ଅବଶ କରି ରଖିଚୁ, କହିଦେବୁ ପ୍ରିୟତମେ ? ମନୁଷ୍ୟ ପୁଣି ମନୁଷ୍ୟକୁ ଏପରି

ଭଲ ପାଏ ? ଜଣେ ଲୋକର ଅଦର୍ଶନରେ ପୁଣି ଅଉ ଜଣଙ୍କର ମନ ଏପରି ଉଦ୍‌ବେଳିତ ହୁଏ ? ଅଉ ଈଶ୍ବର, ସାକ୍ଷୀ ତୁ, ତୋର ସେହନର ସମସ୍ତ ପ୍ରତିଜ୍ଞା ଭୁଲି ଗୋଟାଏ ଅଜଣା ପୁରୁଷର ମୋହରେ ତୋର ପ୍ରେମାନୁରାଗିଣୀ ଏ ଦାସୀକୁ ଏପରି ହତାଦର କରିପାରୁ ? ହଉ, ତୋର ଇଚ୍ଛା, ତୋର ଧର୍ମ । ତୁ ମତେ ଫୋପାଡି ଦେଲେ, ମୁଁ ତତେ ବାରଣ କରିପାରିବ ନାହିଁ । ସେତ ତୋର ଦୟା, ତୋର ଧର୍ମ । କିନ୍ତୁ ମୁଁ କଣ କରିବି ଜାଣୁ ? ବୃକ୍ଷର ଚେର ଯେପରି ମୃତ୍ତିକାକୁ ଅଶ୍ଳେଷି ଧରିରଖେ, ମୁଁ ସେହିପରି ତତେ ଧରିରଖିବି, ତୁ ଗୋଡ଼ରେ ପେଲି ଫିଙ୍ଗିଦେଲେ ମଧ, ମୁଁ ପୁଣି ତୋର ସେହି ଚରଣ କମଳ ଯୋଡ଼ିକୁ ଜାବୁଡି ଧରିବି ମୋର ଏହି ସନ୍ତାପିତ, ପ୍ରେମପିପାସିତ ହୃଦୟରେ ।

ମୁଁ ଜାଣେ ତତେ ଏକଥା ଶୁଣିବା ଭଲ ଲାଗୁନଥିବ । ତୁ ହୁଏତ ମନେ ମନେ ବେକାର ହୋଇ ଭାବୁଥିବୁ ଏଗୁଡ଼ାକ ଖାଲି ପାଗଳର ପ୍ରଳାପ । ତୁ ହୁଏତ ଅନ୍ୟ କାହାର ପ୍ରେମସମ୍ଭାଷଣ ଶୁଣିବା ପାଇଁ ମୋର ଏ ଚିଠିଟା ନ ପଢ଼ି ଚିରିପକାଇବୁ । କିନ୍ତୁ କଣ କରିବି ପ୍ରିୟତମେ, ହୃଦୟର ଏକଥା ଶୁଣିବ ବୋଲି ନକହି ସ୍ଥିର ହୋଇ ପାରିଲି ନାହିଁ ।

ଆଜ ଗୋଟାଏ ଭାରି ମଜା ହୋଇଯାଇଚି । ଏଇ ଦପନରେ ଗୋଟାଏ ଯୋଗୀ ଅସି ଦାଣ୍ଡରେ ଗୀତ ଗାଉଥିଲା । ଦେଖିଲି ସେ ଯୋଗୀ ଗୀତ ନୁହେଁ । ଶିକ୍ଷିତ ଲୋକ ତୁଣ୍ଡରେ ମାର୍ଜିତ ଭାଷାର ସଙ୍ଗୀତ । ମୋର କୌତୁହଳ ହେଲା । ମୁଁ ଯୋଗୀକୁ ଡ଼ାକିଲି । ତାକୁ ଗୀତ ଗାଇବାକୁ କହିଲି । ସେ ଗାଇଲା କଣ ଜାଣୁ ? ସେଦିନ ତୁମ ବୈଠକ ଖାନାରେ ଯୋଉବାବୁ ଯେ ଗୀତଟି ଗାଉଥିଲେ, ସେଇ ଗୀତଟି ସେହିପରି ଢଙ୍ଗ, ରଙ୍ଗ,

ତାନ. ମୂର୍ଚ୍ଛନା ଦେଇ ଗାଉଲା । ଲୋକଟା ଯେ ଶିକ୍ଷିତ ସେ ବିଷୟରେ ମୋର ସନ୍ଦେହ ରହିଲା ନାହିଁ । ଖାଲି ବୋଧହୁଏ ଦୁର୍ଭାଗ୍ୟବଶତଃ ଏପରି ଅବସ୍ଥାରୁ ଆସିଛି । ଦୟାହେଲା, ମୁଁ ତାକୁ ମୋର ଗୁମାସ୍ତା ପଦରେ ବାହାଲ କଲି । ଗୋସ୍ୱୋଉ ମାଉସୀ ମୋ ଉପରେ ଖାରି ଗଲା 'କହେ ଦେଶ କି ଗଣ୍ଡ ଜଣାନାହିଁ, ତାକୁ ଘରେ ରଖିଲୁ କାହିଁକି ? ମୁଁ କଣ ଭୁଲ କରିଚି ସୁଶୀଲା ? ପ୍ରକୃତରେ ବର୍ତ୍ତମାନ ଭାବୁଚି, କାମଟା ବୋଧହୁଏ ଠିକ୍ ହୋଇନାହିଁ । ଯାହାହେଉ କରିତ ସାରିଲଣି, ଥାଉ ପଛଘୁଞ୍ଚା ହେବ କିପରି ? ଦେଖାଯାଉ, ଯଦି ସେପରି କିଛି ଅଚରଣ ତାର ଦେଖିବ, ତା'ହେଲେ ବାହାର କରିଦବାକୁ କେତେକ୍ଷଣ ? ରହିଲି, ମନେକରୁଥିବୁ ଗାଳି ଦଉଥିବୁ । ମୋର ଶତ ଚୁମ୍ବନ ଗ୍ରହଣ କରିବୁ ।

ତୋର
ପ୍ରମିଳା ।

( ୨ )

କଟକ
୧୪-୫

ସ୍ନେହର ପେମି,

ତୁ ଯେ ମତେ ଭଲପାଉ ସେକଥା କଣ ମୁଁ ଜାଣେନାହିଁ ? ଆଉ ମୁଁ ଯେ ତତେ ଭଲପାଏ ନାହିଁ, ଆଉ ଜଣେ ପୁରୁଷର ପ୍ରେମରେ ପଡ଼ି ତତେ ଭୁଲିଗଲଣି ଇତ୍ୟାଦି ତୁ ଲେଖିଚୁ, ସେ ସବୁ ତୋର ମସ୍ତିଷ୍କ ପାଗଳାମି । ମୁଁ ଜନ୍ମରୁ ତତେ ପାଶୋରି ଦେଇନାହିଁ । ମୁଁ ଅବଶ୍ୟ ତତେ ଭଲ ପାଏଁ । ଭଲ ପାଇବା ମାପିବା ପାଇଁ ଯଦି ସେର ତରାଜୁ ଥାନ୍ତା, ତା'ହେଲେ ତୋତେ ଠୋକ ହିସାବ କରି କହିଦିଅନ୍ତି, ମୁଁ ତତେ କେତେ ସେର ବା କେତେ ମାଣ ଭଲପାଏଁ । ତେବେ ଏତିକି କହିଲେ ଯଥେଷ୍ଟ

ହବ ବୋଧହୁଏ ଯେ ମୋର ଝିଅ ନରି ବା ମୋର ଭଉଣୀ ସ୍ୱାମୀଙ୍କୁ ମୁଁ ଯେତେ ଭଲପାଏଁ, ତତେ ସେହି ପରିମାଣରେ ସ୍ନେହକରେଁ । ଅଉ ସେ ସ୍ନେହ ଅନେକ ଯେମି; ସେ ଭଗ୍ନ ସମୁଦ୍ରର ଉଜାନ ଜୁଆର । ବେଳେଁ ବେଳେଁ ମୁଁ ଭାବେ ଏଇ ଶ୍ରେଃ ହୃଦପୃଷ୍ଠରେ ଏତେ ସ୍ନେହ ଥରେ କପରି ? ତେବେ ସ୍ୱା ମତେ ସ୍ୱୀକାର କରିବାକୁ ହବ ଯେ ତୁମ ସମସ୍ତଙ୍କ ଅପେକ୍ଷା ଖୁବ୍ ବେଶୀ ମୁଁ ଅଉ ଜଣଙ୍କୁ ସ୍ନେହ କରେ — ସେ ମୋର ସ୍ୱାମୀ, ମୋର ଦେବତା, ମୋର ଇହକାଳ, ପରକାଳର ଏକମାତ୍ର ଅଧାର । ମୋର ଦେହ, ମନ, ପ୍ରାଣ ସବୁ ତାଙ୍କର । ମୁଁ ଯଦି ତୁମଙ୍କୁ ସବୁ ଅବାଧରେ ସ୍ନେହ କରୁଥାଏଁ, ତା ହେଲେ ସେ ସବୁ ତାଙ୍କର ଅନୁମତି ନେଇ, ତାଙ୍କର ଦୟା କଣରୁ । ତୁ ବୋଧହୁଏ ରାଗ କରିବୁ ଏହାଶୁଣି । ତୁ ତ ରାଗ କରି ପାରିବୁ । ତାଙ୍କ ପ୍ରତି ମୋର ସ୍ନେହ ଦେଖି, ତୁ କେତେ ନାକଟେକିବୁ, ଏବେ ମଧ୍ୟ ପିଲାଦିନର ସେ ପ୍ରତିଜ୍ଞା ମନେକରାଇ ଦେଉଚୁ । କହ୍ନ ଭାବ, ସେତ ପାଠପଢ଼ୁଆ ପିଲାର ଗୋଟାଏ ଧୂଳିଖେଳ । ସେ କ ସବୁଦିନ ରହିପାରେ । ପିଲାଦିନର ଧୂଳିଖେଳ ଛଡ଼ା ଏ ସଂସାରରେ, ମନୁଷ୍ୟର ଏ ଜୀବନରେ ଅନେକ ଭଲ ସୁଖ ଓ ଅମୋଦ ଅଛି । ପିଲାଦିନର ସେ ଧୂଳିଖେଳ ସୁଖଠୁ ଥରେ ଜୀବନର ଏହି ବଡ଼ ବଡ଼ କଥା, ବେଶୀ ବେଶୀ ଅମୋଦ ଗୁଡ଼ିକୁ ଛାଡ଼ିବା ବଡ଼ ଉକଟ ବୋକାମି । ମୁଁ ବର୍ତ୍ତମାନ ସେକଥା ଅନୁଭବ କରୁଚି । ତୋର ଓ ଦିନ ଆସିବ, ତୁ ମଧ୍ୟ ଦିନେ ତାହା ଅନୁଭବ କରିବୁ । ମୋର ତ ଯେପରି ମନେ ହଉଚି ତୋର ଦିନ ଆସି ଗଲଣି ।

ସେ ଯୋଗୀଙ୍କ କିଏ ଗୋ ? ଦେଟ୍ ଦେଖୁ ଏପରି ମମତା ଲାଗିଗଲା କପରିମ ? ଏ କଣ "ଅକ୍ଷି ଅକ୍ଷି ଲାଗିରହିଲା ଯେ ଦିନ" ? ଦେଖ ଟେମି, ଖାଲି ବୋକବୋଉ ମାଉସୀ ନୁହନ୍ତି, ମୁଁ ମଧ୍ୟ କହୁଚି ସେ ଟେକୁର କ ଖଣ୍ଡେ,

ଶେଷରେ ଯେପରି ତୋର ସର୍ବସ୍ୱ, ସେମିତି ନକରେ। ସତରେ, ମୁଁ ବଡ଼ ଆଶ୍ଚର୍ଯ୍ୟ ହେଲି ଶୁଣି। ଯୋଗୀବାବୁଙ୍କର ସେ ଗୀତଟି ତାଙ୍କର ନିଜର! ଲୋକଙ୍କୁ ଜଣାନ୍ତି 'ହାମ୍ ବଡ଼ା' ବୋଲି, ସେ ତା ନିଜ ତିଆରି ଗୀତଛଡ଼ା ଆଉ କିଛି ଗାଏନାହିଁ। ଯେମିତି କି ଏ ବିଶ୍ୱସଂସାରରେ ସେ ଏକା କବି। ତାର ତ କୌଣସି ଗୀତ ଛପା ହୋଇନାହିଁ କି ତା ଗୀତରେ ଏପରି କିଛି ବିଶେଷ ମାଧୁରୀ ନାହିଁ ଯେ ଶୁଣି କେହି ମନେ ରଖିବାକୁ କି ଆଉଥରେ ଶୁଣିବାକୁ ଇଚ୍ଛା କରିବ। ସେ ଗୀତ ଏ ଯୋଗୀଟା ଜାଣିଲା କାହୁଁ? ମୋ ମନରେ ଗୋଟାଏ ସନ୍ଦେହ ହେଉଛି। ସେ କଥା ଉଲେବେ କହିବ ନାହିଁ। ତୋ ଯୋଗୀକଥା ଶୁଣିବାକୁ ଭାରି ଉତ୍କଣ୍ଠା ଆସିଲାଣି। ଆର ଚିଠିରେ ସବୁ ଗୋଳ ଲେଖିବୁ।

ଯାଏଁଲୋ ଭଉଣୀ, ସେ କଚେରିରୁ ଫେରି ଆସିଲେଣି। ଆଜି କଣ ହୋଇଛି କେଜାଣି, ମୁହଁଟି କାହିଁକି ଶୁଖିଲା ଶୁଖିଲା ଦିଶୁଛି। ଯାଏଁ, ଦେଖେଁ କଣ ହେଲା।

ତୋର
ସୁଷି।

( ୩ )

ରାଧାନାଥ ପୁର
୨୨-୪

ମା,

ଏ ପେଷ୍ଟତ ମନ୍ଦ ନୁହେ। ଠିକ୍ ଗୋଟିଏ ଗୋଲେକଧନ୍ଦା। ରାମ, ରାମ, ଗୋଡ଼ିମାଟିର ତିଆରି ଏଇ ପଇସା ପୁଣି ମନୁଷ୍ୟକୁ ଏପରି ପଶୁ କରାଏ ନା? ନା, ମା, ଏ ଯୋଗୀର ଜୀବନ ବରଂ ଭଲ, କିନ୍ତୁ ସମ୍ପତ୍ତିବାଡ଼, ବିଷୟ ଆଶୟ— ଭାରି ଅନର୍ଥ, ମା, ଖାଲି ପାପ। ଶାନ୍ତି ନାହିଁ, ସୁଖ ନାହିଁ,

ଅଗମ ନାହିଁ । ଖାଲି "ହା ଟଙ୍କା, ହା ଟଙ୍କା"— ଜୀବନଟା ଗୋଟାଏ ମସ୍ତ-
ବଡ଼ ହାହାକାର । ଆମର ଏ ଜମିବାଡ଼ ବିଷୟ ଆଶୟ ଗୁଡ଼ାକ ବାକି ଗରି-
ବଙ୍କୁ ବାଣ୍ଟିଦେଲେ— ନା, ନା, ଭା'ନୂଟ୍ରେ, ବିଶ୍ରୀ ନଷ୍ଟ ଲୋକଗୁଡ଼ିକ,
ତାଙ୍କ ମୁଣ୍ଡରେ ଏ ପାପ ଅଜାଡ଼ି ଦେବ କାହିଁକି ? ନା, ଅଚ୍ଛା ସମୁଦ୍ର
ଭିତରେ ନେଇ ଫିଙ୍ଗିଦେଇ ଆସିଲେ କି ହୁଏ ନାହିଁ ମା ? ବେଶ୍ ଶାନ୍ତି
ମିଳନ୍ତା । ତୁ ଅଛୁ, ମୁଁ ଅଛି, ଏଠି ଗୋସ୍ୱାମୀ ମାଉସୀ ଅଛନ୍ତି ଓ
ମୋର ସାନ୍ତ୍ୱାଣୀ ଅଛନ୍ତି, ଆଉ ଦରକାର କଣ ? ଆମେ କେତେଜଣ କଣ
ପରସ୍ପର ପ୍ରତି ଯଥେଷ୍ଟ ନୋହୁ ?

ଦେଖ୍ ଦେଖି, ଏ ଲୋକଟାର ଗୋଟିଏ ସ୍ତ୍ରୀ ଅଛି । ମୁଁ ତାର ସ୍ତ୍ରୀକୁ
ଦେଖିଛି । କେଡ଼େ ସୁନ୍ଦର ପିଲାଟିଏ, ଗୋଟିଏ ଗୁଉଲରେ ଗଢ଼ା । ପୁଣି
ଗୋଟିଏ ସ୍ୱର୍ଗଅପ୍ସରା ପରି ପିଠା ସୁନାର ଲବଣି ପ୍ରତିମା ପୁଅ ଅଛି । ତଥାପି
ଏ ଚଣ୍ଡାଳଟା ଖାଲି ସମ୍ପତ୍ତି ଲୋଭରେ ଆଉ ଗୋଟିଏ ଯୁବତୀକୁ ବିବାହ
କରିବାକୁ ଲୁଚି ବସିଛି । ଆଉ ସେ କି ଏ ମର୍ତ୍ତ୍ୟପୁରର ଯୁବତୀ ମା, ସେ
ଦେବୀ, ସେ ଦେବୀ । ତାଙ୍କର ମନରେ କେତେ କଷ୍ଟ ହଉଛି । ସେ କେତେ
କାନ୍ଦୁଛନ୍ତି । କିନ୍ତୁ ସେ ରାକ୍ଷସ କି ଟିକିଏ ଫେରି ଚାହୁଁଛି ସେ ସବୁ ପ୍ରତି ।
ତାଙ୍କର ମା ପୁଣି ଏ ରାକ୍ଷସଟାକୁ ତାଙ୍କର ଅଭିଭାବକ କରି ଯାଇଛନ୍ତି ।
ବିଶ୍ୱାସରେ ବିଷ ଖାଇବାକୁ ବି ଟିକିଏ ସଙ୍କୋଚ ନାହିଁ । କେବେ କେବେ
ମନେହୁଏ, ଏଇ ହାତୁଡ଼ିଟା ଧରି ତାର ମୁଣ୍ଡଫଟେଇ ଦେବି । ଦୟନ୍ତ ମଧ୍ୟ,
କିନ୍ତୁ ଜିନିଷଟା ବଡ଼ ଅସୁନ୍ଦର । ତାର ମୁଣ୍ଡଟା ଫାଟି ରକ୍ତ ବୋଳା ମୁହଁରେ
ଅଁ କରି ରହିଥିବ, ଉଣ୍ କି କଦର୍ଯ୍ୟ । ନା, ସେ ହବନାହିଁ ।

ଯାଏଁ ମା, ଗୋସ୍ୱାମୀ ମାଉସୀଟା ଆସୁଛି । ଚିଠି ଲେଖିବାର
ଦେଖିଲେ କଣ ଭାବିବ ?

ତୋର
ଖୋଇ

( ୪ )

କଟକ

୨୮ - ୭

ସ୍ନେହର ଦେଈ,

ଖାଲି ମନେ କରେଇ ଦଉଚି, ମୋ ଚିଠିର ଜବାବ ପ୍ରାପ୍ତ ମାସେହେଲା ପାଇନାହିଁ । ମୁଁ ନହେଲା ମୋର ବାବାଙ୍କ ସ୍ୱାମୀଙ୍କୁ ନେଇ ଭୋଳ ହୋଇଗଲି, ତୁ କେଉଁ ଅଚ୍ଛନ୍ଦପଣରୁ ସେଇ ଭୋଳ ନେ ଗଲୁ ?

ତୋର

ପୁଣୀ

( ୫ )

ରାଧାନାଥ ପୁର

୯-୭

ସ୍ନେହର ପୁଣୀ,

ଚିଠିଟି ପାଇଥିଲି । କିନ୍ତୁ ଉତ୍ତର ଦେବାକୁ ମନ ହଉନଥିଲା । ତୁ ଯେ ଗୋଟାଏ ପୁରୁଷକୁ ପାଉଛୁ ବୋଲି ଏ ଜଗତର ଆଉ ସମସ୍ତେ ନିଷ୍ପାପ ହୋଇଯିବେ, ସେ କଣ ତୋର କମ୍ ବଡ଼େଇ ? ବିଶେଷତଃ ଯୋଉଁବାରୁ ମହାପୁରୁଷ, ଓଡ଼ିଆ ମାନଙ୍କ ମଧ୍ୟରେ ଅସାଧାରଣ ବୁଦ୍ଧି ଓ ଧୀ ସମ୍ପନ୍ନ । ତାଙ୍କୁ ଏପରି ଭାବରେ ତାଚ୍ଛିଲ୍ୟ କରିବା ଖାଲି ପାପ ନୁହେଁ, ସେ ତାଚ୍ଛିଲ୍ୟ ଯେ ଶୁଣିବ ତାର ମଧ୍ୟ ପାପ । ତାଙ୍କର କବିତାରେ ମାଧୁରୀ ନାହିଁ, ତୁ କହୁ ? ଓଡ଼ିଶାରେ ଅଛି କହ୍ ସଙ୍ଗୀତ କାରକ ଅଛନ୍ତି, ଯେ ତାଙ୍କ ସମାନ କବିତା ଲେଖି ପାରିବେ । ତୁ ପାପି, ଆଉ ମତେ ମଧ୍ୟ ସେହି ପାପରେ ଜଡ଼େଇ-ବାକୁ ଚେଷ୍ଟା କରୁଚୁ । ଅତଏବ ଯଦି ସେପରି କିଛି ଲେଖୁ ତା'ହେଲେ ମୁଁ ପ୍ରକୃତରେ ଆଉ ତୋର ଚିଠିପତ୍ର ପଢ଼ିବ ନାହିଁ ।

ସତରେ, ମୁଁ ଏ କେତେଦିନ ହେଲା ବଡ଼ ବ୍ୟସ୍ତ ଥିଲି । ଏ ଯୋଗିଆ ମତେ ବଡ଼ କନ୍ଦେଇଲାଣି । ଏ କିଏ ଗୋ ? ଖାଲି ଭଲ ଗୀତ ଗାଇ-ଜାଣେ, ତା'ନୁହେଁ, ଭଲ ଚିତ୍ରକରି ଜାଣେ, ସେଦିନ ଗୋପବୋଉ ମାଉସୀ-ଙ୍କର ଗୋଟିଏ ଚିତ୍ର ଅଙ୍କିଥିଲା, ସେ ଠିକ୍ ଅବିକଳ ଜୀବନ୍ତ ଛବି । ଇଂରେଜୀ ଜାଣେ ଗୋ ସେ । କିନ୍ତୁ ବଡ଼ ଦୁଷ୍ଟ । କଥାରେ କଥାରେ ମତେ ବଡ଼ ବିରକ୍ତ କରୁଛି । ମୁଁ ଠିକ୍ କରିନେଇ ପାରିଲିଣି, ଏ ଯୋଗିନୁହେଁ । ମାୟା ବେଶ । କୌଣସି ଭଲଲୋକ ବଡ଼ଲୋକ ଘରର ପୁଅ । ସେ ମତେ ଏପରି ଜଳେଇବାକୁ ଏଠିକି କେନେ ଆସିଲା ଗୋ ? ଆଉ ଆଜି ଲେଖି-ବାକୁ ମନ ହେଉନାହିଁ । ସେଉଁଆ ଆଜି ସକାଳୁ ହେଉଛି ଥକୁଚି ବେଳ କଟି ଗଲାଣି ଯେ ଏତେବେଳ ଯାଏ ଫେରିବାକୁ ନାହିଁ ।

ତୋର
ପ୍ରେମ

( ୭ )

ମା,

ବଡ଼ ଜରୁରି ଦରକାର । ପାଞ୍ଚ ହଜାର ଟଙ୍କା ପ୍ରଫୁଲ୍ଲ ହାତରେ ପଠା-ଇବ । ମୁଁ ତା ୨୫ ରିଖ ଦିନ ଗାଡ଼ିରେ ବାଲେଶ୍ୱର ଷ୍ଟେସନକୁ ଯାଇଥିବି । ସେଇଠାରେ ତା'ଠାରୁ ନେବି । ମୁଁ ଏ ଟଙ୍କା ଦିନେ ଶୁଝିବି । କିନ୍ତୁ ଆଜି ବଡ଼ ଦରକାର ।

ତୁମର
ସଦାଧୀନ
ଝିଅ

୨୨

"ଅଲପେଇଣେ, ଗୁଣ୍ଡୁଏ, ଖୁଉଁଏ, ଏକେ ଗବ ! ଛୋଟ ମୁହଁରେ ବଡ଼ କଥା ! ଝାଡୁ ପାହାରରେ ପିଠିର ଗୋଲ ଉଡାଇ ଦେବ । ଅବ୍ଧଦରେ, ଅଲପେଇଣେ, ମୋ ଆଗରେ କହନ୍ତେକ, ତାଙ୍କ ଘରେ ବସି ଜିଭଃମାନ ଯଦ୍ ଓପାଡ଼ ନ ଅଣନ୍ତି ।" — ଇତ

ଗୋସ୍ୱବୋଉ ମାଉସୀ "ସେ ବାହାର ପଃ ଅଗଣାରେ ଯାଉଚନ୍ତି, ଅସୁଚନ୍ତି, ଗରଗର ହଉଚନ୍ତି, ଖୁଉଁ ଖୁଉଁ ହଉଚନ୍ତି, ଯେପରି ପଞ୍ଜୁରିରେ ବାଘୁଣୀ ଧରା ପଡ଼ିଚ । ସାମାନ୍ୟ ଦୂରରେ ଯୋଗୀ ଠିଆ ହୋଇ ମୁରୁକି ମୁରୁକି ହସୁଚନ୍ତି । ଏହିପରି ପାଞ୍ଚ ସାତ ମିନିଟ ଗଲାପରେ ଯୋଗୀ ଡ଼ାକି କହିଲେ "କି ଗୋସ୍ୱବୋଉ ମାଉସୀ, କଥା କଣ ? ଅଜି କାହା ଉପରେ ଘୋଷାଙ୍କର ଠାକୁରାଣୀ ଉଗ୍ର ହୋଇଚନ୍ତି" । ଗୋସ୍ୱବୋଉ ଶୁଣିକି ପାହାର ଖାଇ ବାଘୁଣୀ ଭୁଲି ପଡ଼ିଲା ପରି ଭୁଲପଡ଼ିଲେ । କହିଲେ "ତୁଇ କାଠେଇଗିଅ ତ ସବୁ ଅନ୍ଥର ମୂଳ" ମୋର ସୁନାର ଘର ତ ତୁଇ ଗ୍ରଙ୍ଗିବା ଉପରେ ବସିଲୁଣି "।

ଯୋଗୀଙ୍କର ମୁହଁ କଳାକାଠ ପଡ଼ିଗଲା । ସେ ଚକିତ ହୋଇ କହିଲେ "ମୋର ଦୋଷ କଣ ମାଉସୀ" ।

ଗୋସ୍ୱବୋଇ— ତୋର ଦୋଷ ନୁହେଁତ ଅଉ କାହାର ? ଲୋକେ ଏଗାଁର ଲୋଡ଼ଥ ଗୁଡ଼ାକ କଣ କହୁଚନ୍ତି ଶୁଣିଲୁଣି ? କମିତ ସ୍ଥଙ୍କ ପେଟରେ ଲୋକ ହଜମ ହେଉଚ ଲୋ, ମା, "ପାଟିରେ ମାଛକଣ୍ଟା ଲାଗି ମରୁନାହାନ୍ତି" ସତୀ ଝିଅଟା ମୋର, କହୁ ଜାଣେନାହିଁ ସେ, ତା ନାମରେ ପୁଣି ଏଡ଼େ ବଡ଼ କଥା ।

ଯୋଗୀଙ୍କର ଅକ୍ଷି ଝଲସି ଉଠିଲା । ମୁହଁ ନାଲ ହୋଇଗଲା । ସେ କହିଲେ "କଣ, କଣ, କହଦେଖି ?"

ଗୋସ୍ୱବୋଉ— କହିବ ଅଉ'କଣ ? ତୋ ମୁଣ୍ଡ ଅଉ ମୋ ଗଣ୍ଡି । ତୁ ନ ଆସିଥିଲେ ମୋ ଝିଅଟା କାହିଁକି ଏତେ କଥା ଶୁଣନ୍ତା ? ଯିମିତ ଗ୍ରେଃଲୋକ, ସିମିତ ଗ୍ରେଃ କଥା । ତାଙ୍କ ମାଣ୍ଡପମାନେ ତ ହାଡ଼ ନାହିଁ ପାଣ ନାହିଁ, ଦନ ଦପହରେ ଗୋଟା ଗୋଟା ଗୋଟେଇ ପକଉଚନ୍ତି, ସେ କାହିଁକି ଯୋଗୀଟା କଥା ନ ଲାଗବେ ମ

ଯୋଗୀ ଏତେବେଳକୁ ପ୍ରକୃତିସ୍ଥ ହେଲେଣି । ତାଙ୍କ ଅକ୍ଷିରୁ ନର୍ଥବାଣ କହାଲୁଚ ସତ, ମୁହଁଟା ଶୁଖିଯାଇଚ ସତ, କଣ୍ଠ ସ୍ୱରଟା ଧୀର, ସ୍ଥିର । ସେ କହିଲେ "ଶୁଣ ମାଉସୀ, ଏ ପାଟି ତୁଣ୍ଡ କରିବା ବେଳନୁହେଁ" ତାଙ୍କ କାନରେ ପଡ଼ିବତ, ତାଙ୍କ ମନରେ କେତେ କଷ୍ଟ ହବ । ମତେ ଟିକିଏ ଫିଟାଇ କହତ, ତୁମକୁ ଏ କଥା କିଏ କହିଲା ?" ଯୋଗୀର ଶାନ୍ତଭାବ ଦେଖି ମାଉସୀ ମଧ ଅଳ୍ପେ ଅଳ୍ପେ ସ୍ଥିର ହୋଇ ଆସୁଥିଲେ । ସେ କହିଲେ "ମୁଁ ଆର ସାହିକୁ ଯାଇଥିଲି ଯେ, କାନଦଅ ମା, ଶ୍ୟାମା ବୋହୂ, ଭରଥ ଭାଉଜ ଏମାନେ ସବୁ ବସି କଥା ହେଉଥିଲେ । ମୋ କାନରେ ପଡ଼ିଗଲା ।

ସେମାନେ କହୁଥିଲେ ଶ୍ୟାମବାବୁ ଲୁଠି ତା ଅକ୍ଷିରେ ଦେଖି କରି ଯାଇଛ, ତୁ ଅଉ ସେମି ଗୋଟାଏ ଘରେ—

ଯୋଗୀ— ଥାଉ, ଥାଉ । କହ ଲୁଷ୍ଟ ଲୁଷ୍ଟ ମାଡ଼ିଗଲେ ଗୁହାଳଘର ଅଡ଼କୁ । ସେଠାରେ ଗୋଟାଏ ଗୋରୁବାନ୍ଧିଥା ପାଘଣ ପଡ଼ିଥିଲା ସେଉଟାକୁ ହାତରେ ଧରି ସେ ଏକମୁହାଁ ଚାଲିଲେ ଶ୍ୟାମବାବୁଙ୍କ ଘରକୁ । ଶ୍ୟାମବାବୁ ସେତେବେଳେ ଖାଇ ପିଇସାରି ତାଙ୍କ ଦାଣ୍ଡଘରେ ଗଦିଆ ଉପରେ ଗଡ଼ପଡ଼ ହଉଚନ୍ତି । ଯୋଗୀ ଅଦ୍ୱନାଥ କଭାଁସ ପରି ଦୁଆରଟାକୁ ଲୁଷୁକରି ମେଲେଇ ଘରଭିତରକୁ ପଶିଗଲେ ଓ ଭିତରୁ ତରଫର ଦୁଆର ବନ୍ଦ କରିଦେଲେ । ଶ୍ୟାମବାବୁ ଯୋଗୀଙ୍କୁ ଏପରି ଭାବରେ ଅସିବାର ଦେଖି ଚମକି ଗଦିଆ ଉପରେ ବସି ପଡ଼ିଥିଲେ । ଦୁଆର ସବୁ ବନ୍ଦ ହେବାର ଓ ବାଆଙ୍କ ହାତରେ ସେ ପାଘଣଟା ଦେଖି କି ଗୋଟାଏ ଅଜଣା ବିପଦର ଆଶଙ୍କାରେ ତାଙ୍କର ଓଠ ଶୁଖିଗଲା । ସେ ଡରରେ ଓଠ ଦୁଇଟା ଓଦା କରି ନେଇ କହିଲେ "ତୁ କିଏରେ ? ମୋର ବିନାନୁମତିରେ—"

ଯୋଗୀ— ଚୁପକର । ପାଟି କରିବୁନି, ତୋ ତୋଟି ଚାପି ଏଇ ଶେଣିକୁ ଝୁଲେଇ ଦେବି । ସେଥିକି ଯଦି ଡରଥିବ, ତା ହେଲେ ତୋର ଯେତେ ଯେତେ ଖୁସି, ପାଟି କରିପାରୁ

ଶ୍ୟାମବାବୁଙ୍କର ଅକ୍ଷି ଦୁଇଟି, ଚକ୍ଷୁଗିଆ ସାପ ପରି ଯୋଗୀ ହାତର ପାଘଣ ଅଡ଼କୁ ରହିଛି । ଯୋଗୀର କଥା ତାଙ୍କ ମନକୁ ବେଶ୍ ପାଇଲା । ସେ ଆଉ ପାଟି ତୁଣ୍ଡ ନକରି ସୁନାପିଲାଟି ପରି ଖଟଉପରେ ବସି ରହିଲେ । ଯୋଗୀ ତାଙ୍କ ଅଡ଼କୁ ଚାଲି ଚାଲି ହୋଇ ଯାଇ ତାଙ୍କର ବାହୁଟା ଧରି କହିଲେ "ଦେଖ, ତୁ ଗାଁରେ କହୁଚୁ ଯେ ପ୍ରମିଳା ଦେବୀ ଓ ମୁଁ ଗୋଟାଏ

ଘରେ ଥିବାର ତୁ ଦେଖିଚୁ" କଥା ଗୁଡ଼ାକ କହୁ କହୁ କାନ ଉପରେ ତାଙ୍କ ହାତର ଜୋର ଟିକିଏ ବେଶୀ ପଡ଼ିଗଲା ବୋଧହୁଏ । ଶ୍ୟାମବାବୁ ଡ଼ାକ ଛାଡ଼ିଲେ "ଅରେ ଛାଡ଼, ଛାଡ଼, କଡ଼ କାଟୁଚ ଯେ । ହାତ ଓ କାନ ଛାଡ଼ୁ- ଛାଡ଼ୁ ହେଲେ । ପୁଣି ପଚାରିଲେ "କହିଥିଲୁ ?" । ଶ୍ୟାମବାବୁ— 'ଏ, ମୁଁ, ନା, ମୁଁ ତ— ନା, ନା, ମୋର ନାହିଁ, ଭାଇ, ଯୁହାର ହଉଚି, ହଁ, ମୁଁ ମାନୁଚି, ମୁଁ କହୁଚି, ମୋର ଦୋଷ, ମୋର କସୁର, କାନ ମୋଡ଼ୁ ହଉଚି, ମୁଁ ଆଉ ଏପରି କହିବ ନାହିଁ ।

ଯୋଗି— ଗତେଇ ବୋଲି କହିଲେ କ-ହି-ବ-ନା-ହିଁ । ଗାଁ ଯାକ ତ ହାଟ ବସି ସାରିଲାଣି । ଆଉ ତୁ ନକହିଲେ କିସହବ ? ଯାହା କରିଚୁ, ତାର କ ପ୍ରତିକାର କରିବୁ ବୋଲି ଭାବିଚୁ ?

ଶ୍ୟାମ— ଯାହା କହିବୁ କର, ମୁଁ ତା' କରିବି ।

ଯୋଗୀ— ଶୁଣ, ମୋ ସାନ୍ତାଣୀଙ୍କର ମା' ତତେ ତାଙ୍କର ଟ୍ରଷ୍ଟି କରି ଯାଇଥିଲେ ଯେ ତୁ ତାଙ୍କର ସମ୍ପତ୍ତି ଦେଖାଶୁଣା କରିବୁ ବୋଲି । କିନ୍ତୁ ତୁ ଯେପରି ପାଷଣ୍ଡ, ତାଙ୍କ ବିଶ୍ୱାସର ଅପବ୍ୟବହାର କରି ତୁ ମୋ ସାନ୍ତାଣୀଙ୍କ ସମ୍ପତ୍ତି ସବୁ ନିଜ ତୁଣ୍ଡରୁ ପକେଇଦବୁ ବୋଲି ଭାବିଚୁ ।

ଶ୍ୟାମ— ନା, ନା, ତୁମକୁ ଏ ସବୁ କିଏ କହିଲା ? ମୁଁ ତ ସ୍ୱାର ବନ୍ଦୋବସ୍ତ କିଛି ଜାଣେ ନାହିଁ ।

ଯୋଗୀ— ତୁ ଜାଣୁ "ଫେରେ ମିଛ କହନାହିଁ" ବର୍ତ୍ତମାନ ଯାହା କରିଚୁ, ତାର ପ୍ରତିକାର ତୋର ଏ ଟ୍ରଷ୍ଟି ଛାଡ଼ିଦେବା । ବୁ ଝିଚୁ ଅଛୁ ?

ଶ୍ୟାମ— ମୁଁ କାହିଁକି ଏଥିରେ ରାଜିହେବି !

ଯୋଗୀ— କାହିଁକି ? କେବଳ ପ୍ରାଣ ଭୟରେ । ରାଜି ନ ହେଲେ ଯେ ତୋର ସାତ ପୁରୁଷି ପ୍ରାଣଟା ମୁଁ ଚପି ବାହାର କରିଦେବି ।

ଶ୍ୟାମ— ମତେ ମାରିଲେ ତୁମେ ଫାଶି ଯିବ !

ଯୋଗୀ— ସେ ଭାବନା ତୋର କାହିଁକି ! କହ, ତୁ ରାଜି କି ନା ?

ଶ୍ୟାମ— ହଁ, ମୁଁ ରାଜିଅଛି

ଯୋଗୀ— ତେବେ କେଉଁଦିନ ଯାଇ ଟ୍ରାନ୍ସଫର୍ ପତ୍ର ଲେଖିଦେଇ ଅସିବୁ !

ଶ୍ୟାମ— ଏଇ ଛ ସାତ ଦିନ ମଧ୍ୟରେ

ଯୋଗୀ—ବେଶ୍, ଆଜି ହେଲା ଶୁକ୍ରବାର । ଆର ଶୁକ୍ରବାର ସୁଦ୍ଧା ଯଦି ମୁଁ ତୋର ସେ ଲେଖା ନପାଏଁ ତା'ହେଲେ— ।

## ୨୮

ସେଦିନ ସେ ଗୋଟାଏ ଅଦ୍ଭୁତ ଅଥ ଦେଖା । ବେଳ ରଭରଭ ହଉଚ । ବାହୁଡ଼ା ଏକାଦଶୀ ସେଦିନ । ରାମଚନ୍ଦ୍ର ପୁରର ଅନେକ ଲୋକ ପୁରୀକୁ ଦର୍ଶନ ଉଦ୍ଦେଶ୍ୟରେ ଯାଇଚନ୍ତି । ବାବୁଆଣୀ ମଧ୍ୟ ଯାଇଚନ୍ତି । ଶିବ-ବାବୁ ମଧ୍ୟ ଯାଇଚନ୍ତି, ରଥ ଉପରେ ଠାକୁର ଶୃଙ୍ଗାର ମୁର୍ତ୍ତିରେ । ସନ୍ଧ୍ୟା-ଆଳତି ସରିଯାଇଚି । ସେତେବେଳର ଭିଡ଼ ମଧ୍ୟ ଭାଙ୍ଗି ଯାଇଚି । ବାବୁ-ଆଣୀ ମହାପାତ୍ରେ ଓ ଜଣେ ଚାକରାଣୀ ରଥଉପରୁ ଦର୍ଶନ ସାରି ଓହ୍ଲାଇ ଆସୁଚନ୍ତି ଆଉ ଶିବବାବୁ ତାଙ୍କ ପାର୍ଶ୍ୱ ଦେବତାମାନଙ୍କୁ ଦେଖି ସିଡ଼ିରେ ଉପରକୁ ଉଠି ଯାଉଚନ୍ତି । ସିଡ଼ିରେ ଭେଟ । ଶିବବାବୁ କିଛି ନଜାଣିଲାଭଳି ହୋଇ ବାଟକାଟି ଉଠି ଯାଉଥିଲେ ମାତ୍ର ବାବୁଆଣୀ ତାଙ୍କ ସାମନାରେ ଯାଇ ଠିଆ ହୋଇଗଲେ । କହିଲେ "ଶିବବାବୁ, ଆପଣଙ୍କ ସାଙ୍ଗରେ ମୋର ଗୋଟାଏ କଥା ଅଛି"। ଶିବବାବୁ ସତେ ଆଶ୍ଚର୍ଯ୍ୟ ହେଲାପରି କହିଲେ "ମୋ ସାଙ୍ଗରେ ? ଆପଣଙ୍କର ? କିନ୍ତୁ ମୁଁ ତ ଆପଣଙ୍କୁ ଚିହ୍ନେନାହିଁ"।

ବାବୁଆଣୀ— ଦେଖନ୍ତୁ, ଆଗରେ ନନ୍ଦେ ଭଗବାନ୍ । ଅବସ୍ଥ ଗୋଟାଏ ନଅଁଗିଲା ମିଛ କହନ୍ତୁ ନାହିଁ । ଆପଣ ଅବଶ୍ୟ ଜାଣନ୍ତି ମୁଁ କିଏ । ତଥାପି ଜଣେର ଦବାରେ କିଛି ଅପତ୍ତି ନାହିଁ ବୋଲି ମୁଁ କହୁଚି, ଯେ ମୁଁ ଆପଣଙ୍କ ଗାଁର ଝୋଇବୋଉ । ଗାଁରେ ମତେ ସମସ୍ତେ ବାବୁଆଣୀ ବୋଲି ଡାକନ୍ତି । ଏଥରକ ଚିହ୍ନିଲେତ ?

ଶିବବାବୁଙ୍କ ମୁହଁରେ ଅପ୍ରସ୍ତୁତର ଗୋଟାଏ ଅଲୁଅ ହସିଗଲା । ସେ

କହିଲେ "ଆରେ ଆପଣ ! ତା ଆପଣଙ୍କର କି କଥା ଅଛି ଯେ ମୁଁ ଶୁଣି-ବାକୁ ନାରାଜ ହେବି । ମୁଁ ଯେତେବେଳେ ଅଜଣା ଅଚିହ୍ନା ପର ଲୋକ-ମାନଙ୍କର ଏତେ ଉପକାର କରେ— ଅବଶ୍ୟ ଏକଥା ମୁଁ ମୁହଁରେ କହିବା ନିତାନ୍ତ ଅସୁନ୍ଦର ହୋଇପାରେ ତେବେ ସତ କହିବାରେ ଦୋଷ କଣ ? ଆଉ ଆପଣ, ମୋ ଗାଁର, ଲେଖାପୋଖାରେ ମୋର ବନ୍ଧୁ, ବିଶେଷତଃ ବାବୁ ଥିଲେ ମୋର ପିଲାଦିନର ସାଥି, ମୋ ଦ୍ୱାରା ଯଦି ଆପଣଙ୍କର— ।

ବାବୁଆଣୀ— ବୁଝିଚ । ମୁଁ ପଚାରେଁ, ମୋ ଯୋଇ କାହିଁ ?

ଶିବବାବୁ ଆଶ୍ଚର୍ଯ୍ୟ ହୋଇଗଲେ । ସତେ ଯେପରି ଆକାଶରୁ ପଡ଼୍-ଚନ୍ତି । କହିଲେ "ଯୋଇ ? ଯୋଇ କେଉଁଠି ମୁଁ କପରି କହିବି ? ସେ କଣ ଗାଁରେ ନାହିଁ ?"

ବାବୁଆଣୀ— ଆପଣ ବେଶ୍ କରି ଜାଣନ୍ତି ଯେ ସେ ଆଜକୁ ପ୍ରାୟ ଦୁଇମାସ ହେଲା ଏଇ ପୁରୀରୁ ଆପଣଙ୍କ ସହିତ ଜଗରମାଇ ଚାଲି ଯାଇଚି । ଆଉ ଆପଣ ମଧ୍ୟ ବେଶ୍ ଜାଣନ୍ତି ଯେ ସେ କାହିଁକି ଆଜଯାଏ ଫେରିନାହିଁ

ଶିବ— ଆପଣ କଣ କହୁଚନ୍ତି, ଏ ସବୁ ତ ମୁଁ କିଛି ଜାଣେନାହିଁ ।

ବାବୁଆଣୀ— ଜାଣନ୍ତି ନାହିଁ ? ମନେରଖନ୍ତୁ ଯଦି ମୋ ଯୋଇର କିଛି ଅନିଷ୍ଟ ହୁଏ, ତା'ହେଲେ ମୁଁ ବଡ଼ ଅଦାଲତରେ ଏପରି ଭାବରେ ଜଣାଇଦେବି ଯେ ତୁମର କେତେ ପଣ ଏକାବେଳକେ ବାହାରି ପଡ଼ିବ ।

ଶିବ— କି ମୁସ୍କିଲ । ଆପଣଙ୍କ ପୁଅ କିଛି କୋଳର କାଗର ପିଲା ନୁହେଁ ଯେ ମୁଁ ତାକୁ ଭୁଲେଇନେଇ ତାର ଚୋଟି ଚିପି ମାରିଦେବି । ଏଇ ଦେଖନ୍ତୁ ନା, ସେ ଯେ ଗୋଟାଏ ବ୍ରାହ୍ମଝିଅ ବାହା କରି ଜାତିରୁ କୂଳରୁ ଗଲା ସେଥିରେ ମୋର କିଛି କରିବାର ଅଛି କି ?

ବାବୁଆଣୀ— ବ୍ରାହ୍ମଝିଅ ବାହାକରି ବସିଲା ? କିଏ ଯୋଇ ? ଏ ପୁଣି କି ମିଛ ମୁଅଙ୍ଗ ଆପଣ ଆରମ୍ଭ କରୁଚନ୍ତି !

ଶିବ— ମିଛ କହୁଛ ? ସେ ଯେତେବେଳେ ଆପଣଙ୍କର ସଂସାର ବାହାର ଗୁଣବନ୍ତ ପୁଅ ! ତାଙ୍କ ଖବର କାଗଜରେ ବାହାରି ଗଲାଣି । ଦେଶର ହଜାର ହଜାର ଲୋକ ଜାଣିଗଲେଣି । ଆଉ ତୁମେ ମିଛବୋଲି କହିଦେଲେ ଥଳାଟା ଭଲା ହୋଇଯିବ ନା ?

ବାବୁଆଣୀ— କିଛି ସମୟ ତୁନିହୋଇ ରହିଲେ । କଣ ଭାବିଲେ ସେ ଜାଣନ୍ତି । ଶେଷରେ କହିଲେ " କଥାଟା ନିଶ୍ଚୟ ମିଛ ! ଯଦି କାଗଜରେ ବାହାରି ଥାଏ, ତା'ହେଲେ ସେ ତୁମର କାମ, ଏ ଉଦ୍ଦେଶ୍ୟରେ ତୁମେ ଯେ— ଓ, ବୁଝିଚି, ସେ ଜାତିଚ୍ୟୁତ ହେଲା ବୋଲି କହି ତାକୁ ସମ୍ପତ୍ତିରୁ ବଞ୍ଚିତ କରିବ— ଏଇ ତୁମର ଉଦ୍ଦେଶ୍ୟ । କିନ୍ତୁ ମନେରଖ, ମୁଁ ଏ ପର୍ଯ୍ୟନ୍ତ ବଞ୍ଚିଚି ।" କହି ବାବୁଆଣି ଆଉ ପଛକୁ ନଚାହିଁ ଚାଲିଗଲେ ।

ରଥତଳେ ପ୍ରଫୁଲ୍ଲ ତାଙ୍କୁ ଅପେକ୍ଷା କରି ଠିଆ ହୋଇଥାନ୍ତି । ତାଙ୍କ ପାଖରେ ପହଞ୍ଚିଲା ବେଳକୁ ବାବୁଆଣୀଙ୍କର ସେ ଦମ୍ଭ ନାହିଁ, ସେ ବିଶ୍ୱାସ ମଧ୍ୟ ନାହିଁ । ସେ ପ୍ରଫୁଲ୍ଲବାବୁଙ୍କ ଆଡ଼କୁ ଛଳ ଛଳ ଆଖିରେ ଚାହିଁ ପଚାରିଲେ "ବାବା ପ୍ରଫୁଲ୍ଲ, ଏ କଣ ସତ ? ତୁଇ କଣ ସତରେ ଲୁଚାଇ ଏତେ କାଣ୍ଡ କରିଗଲୁ ?"

ପ୍ରଫୁଲ୍ଲ— କଣ ମା ?

ବାବୁଆଣୀ— ତୁଇ ଗୋଟାଏ ବ୍ରାହ୍ମଝିଅକୁ ବାହା ହୋଇଚି ?

ପ୍ରଫୁଲ୍ଲ— ଏ ଅସମ୍ଭବ କଥା ତୁମକୁ କିଏ କହିଲା ମା ?

ବାବୁଆଣି— ତୁ ଆଜିର ଓଡ଼ିଆ କାଗଜ ପଢ଼ିଚୁ ?

ପ୍ରଫୁଲ୍ଲ— ନାଇଁ ମା, କାହିଁକି ସେଥିରେ କଣ ଅଛି କି ?

ବାବୁଆଣୀ— ତୋହର ବିବାହ କଥା । ଆଣିପାରିବୁ ଗଣ୍ଡେ କାଗଜ ?

ପ୍ରଫୁଲ୍ଲ— ତୁମେ ବସାକୁ ଚାଲ ମା, ମୁଁ କାଗଜ ନେଇ ପଛରେ ଯାଉଚି

## ୨୯

" ଏ ସୁଶୀଳା କିଏ ? ତୁମ ପାଖକୁ ଚିଠି ଲେଖିଛି ?" କହି ଯୋଗୀ ପ୍ରମିଳା ଦେବୀଙ୍କୁ ଚିଠିଖଣ୍ଡିଏ ବଢ଼ାଇ ଦେଲେ । ପ୍ରମିଳା ଦେବୀ ତାଙ୍କ ହାତରୁ ଚିଠି ଖଣ୍ଡିକ ନେଇ କହିଲେ " ତୁମର ଏଥେ ଦରକାର ? ସେ ଯେ ହେଲେ " ମୁଁ ତୁମକୁ କେତେଥର କହିଲଣି ଯେ ମୋର ସାଙ୍ଗ ସୁଖଙ୍କ ସମ୍ବନ୍ଧରେ ତୁମର କିଛି କହିବା ବା ବୁଝିବା ଇଚ୍ଛା ଅନ୍ୟାୟ । ଅଦା ବେପାରିର— ।

ଯୋଗୀ— କଥାଟା କିଛି ନୂଆ ନୁହେ । ଅନେକ ଦିନରୁ ଅଛି । କଥା ଥାଇ ମଧ୍ୟ ଅଦା ବେପାରି ସବୁବେଳେ ଜାହାଜର ଖବର ନେଇ ଅସୁଛି । ଅଉ ମୁଁ ମଧ୍ୟ ଅଦାବେପାରି ନୁହେଁ, ତୁମର ମେନେଜର । ସୁଶୀଳା ମଧ୍ୟ ଜାହାଜ ନୁହେ, ତୁମର ସାଙ୍ଗ ।

ପ୍ରମିଳା— ତୁମେ ମୋର ମେନେଜର ହେଲ କେଉଁଦିନ ଠାରୁ ? ତୁମେ ଯେ ମୋର ଦରମାଖିଆ ଗୁମାସ୍ତା

ଯୋଗୀ— ଦରମା ? କେତେଟଙ୍କା ଦରମା ଦେଉଛ ? କରି ଦରମା ଦେଲ ବାଲ

ପ୍ରମିଳା— କି, ମତେ ଏ ଜବାବ ? ତୁମର ଦରମା ତୁମେ ଆଜି ଏଇକ୍ଷଣି ନେଇଯାଅ । ତୁମେ କହିଥିଲ ଯେ ତୁମର ଦରମା ତୁମେ ଏକା-ବେଳକେ ନେବ, ସେଥିପାଇଁ ମୁଁ ଦରମା ଦେଇ ନଥିଲି, ତୁମେ ଏଇ ଦରମା କେତୋଟା ଟଙ୍କା ହେତୁରୁ ଯେ ମୋ ଉପରେ ଏତେ ଅଧିକାର କରି ବସିବ, ଏକଥା ଜାଣିଥିଲେ, ମୁଁ ତୁମର ଗୋଟିଏ ପଇସା ବାକୀ ରଖି ନଥାନ୍ତି । ବର୍ତ୍ତମାନ ତୁମେ ତୁମର ଦରମା ନେଇ ବିଦାୟ ହୁଅ ।

ଯୋଗୀ— ଓଃ, ଖାଲି ବିଦାୟ ଦେଲବାଲା । ତୁମେ ମତେ ଡାକି ଆଣି ନଥିଲ କି ଗୋଡ଼ ଆଣି ନଥିଲ ଯେ ମତେ ବାହାର କରିଦେବ । ମୋ ମନରୁ ମୁଁ ଆସିଛି । ମୋ ମନହେଲେ ମୁଁ ଯିବି । ଆଉ ଦରମା, କାହିଁ ଦିଅଛ ?

ପ୍ରମିଳା ଦେବୀଙ୍କର ମନେ ପଡ଼ିଲା ଯେ ତାଙ୍କ ହାତରେ ଗୋଟିଏ ବୋଲି ପଇସା ନାହିଁ । ତାଙ୍କର ଯାହା କିଛି ଅଛି ସବୁ ଯୋଗୀ ଜାଣେ, ସେଇ ଗର୍ଚ୍ଚକରେ । କପରି କଣ ହୋଇ ଯେ ସେ ଯୋଗୀ ପାଖରେ ଏପରି ବନ୍ଧା ପଡ଼ିଗଲେ ସେ ଠିକ୍ କରି ପାରିଲେ ନାହିଁ । କଣ ଆଉ କହିବେ । କହିଲେ " ଯାଅ, ଆଉ ବିରକ୍ତ କରନାହିଁ "। ତାଙ୍କ ଆଖିରେ ଲୁହ ଆସିଗଲା । ସେ ମୁହଁ ବୁଲାଇ ଦେଲେ । ଯୋଗୀ ଏ ସମସ୍ତ ଦେଖି କହିଲେ "ଦେଖ, ତୁମେ ଯଦି କଥାରେ କଥାରେ ମୋ ସାଙ୍ଗରେ କଳି କରି ଏପରି କାନ୍ଦ, ତା'ହେଲେ ସତରେ ମୁଁ ବାହାରି ଯିବି । ତୁମେ ଅନୁଗ୍ରହ କରି ମତେ ସ୍ଥାନ ଦେଇଛ । ଢଗମାଡି ପେଃ ପୁଛୁ ନଥିଲା । ଇଲେ ମୁଁ ସାନ୍ତ୍ରେଇ କରୁଛି । ସେ ସବୁ ତୁମର ଦୟାରୁ । ତୁମ ଆଖିରେ ଲୁହ ଦେଖିଲେ ପୁଣି ମୋରି କଥାରେ, ମୁଁ ସମ୍ଭାଳି ପାରିବି । ମୁଁ ତେବେ ଯାଉଛି । ତୁମର

ହିସାବ ପତ୍ର ପଇସା କଉଡ଼ି ବୁଝିନାଥ । ପ୍ରମିଳାଦେବୀ ଭୁଲ ପଡ଼ିଲେ । ରାଗରେ ତାଙ୍କ ମୁହଁ ନାଲ ପଡ଼ି ଯାଇଚି । କହିଲେ "କେତେ ଭଡ଼ର ଭଡ଼ର ହଉଚ ହେ ? ଆରି ଲୋକତ ? ମୁଁ ପୁଣି ସ୍ୱାଙ୍କ କଥାରେ କାନ୍ଦିବ ? ଯାଅ, ଅଉ ବିରକ୍ତ କରନାହିଁ, ମୁଁ ଚିଠିଟା ପଢ଼ିବଏଁ । ଅଉ ଯୋଗୀଙ୍କ ଅଡ଼କୁ ନ ଚାହିଁ ସେ ଗାମୁଛା ଖୋଲ ଚିଠିଟା ବାହାର କଲେ । ଦେଖିଲେ ତା ଭିତରେ ସାମାନ୍ୟ ଦୁଇଧାଡ଼ି ଲେଖା ଖଣ୍ଡେ ଚିଠି ଓ ତା ସାଙ୍ଗରେ ଗୁନ୍ଦା ହୋଇଚି "ସ୍ପଷ୍ଟବାଦୀ" କାଗଜର ଖଣ୍ଡେ । ଚିଠିଖଣ୍ଡ ପଢ଼ିଲେ । କାଗଜ ଖଣ୍ଡ ପଢ଼ିଲେ । ତାଙ୍କର ହାତ ଥରିଗଲା । ଓଠ କମ୍ପିଉଠିଲା । ସେ ସେହି ସ୍ଥାନରେ ଅଜ୍ଞାନପ୍ରାୟ ହୋଇ ବସିପଡ଼ିଲେ । ଚିଠିଟା ତାଙ୍କ ହାତରୁ ଖସି ତଳେ ପଡ଼ିଗଲା । ଯୋଗୀ ତାଙ୍କର ଏ ଭାବ ସବୁ ଦେଖି କିଛି ବୁଝି-ପାରିଲେ ନାହିଁ । କିଛିଏ ମାତ୍ର ଦ୍ୱିଧା ନକରି ସେ ଚିଠିଟା ତଳୁ ଗୋଟାଇ ନେଲେ । ପଢ଼ିଲେ

ସ୍ନେହର ପେମି,

ଯୋଇ ବାବୁଙ୍କ କଥାରେ ତୋର ମନ ଥାଏ ବୋଲି ଲେଖିଛୁ । ଆଜି 'ସ୍ପଷ୍ଟବାଦୀ' କାଗଜରେ ଯାହାଙ୍କ ନା'ରେ ବାହାରିଚି, ତାହା ମୁଁ ଅଉ ଲେଟର୍ କଣ, କାଗଜ ଖଣ୍ଡ ପଠେଇଲି "ପଢ଼ି ଦେଖିବୁ"। "ସ୍ପଷ୍ଟବାଦୀ କାଗଜଖଣ୍ଡ କାଢ଼ି ପଢ଼ିଲେ" ମୋଟା ମୋଟା ଅକ୍ଷରରେ ଲେଖାଅଛି "ଅଲୌକିକ ବିବାହ" । ତଳେ ଅପେକ୍ଷା କୃତ ଛୋଟ ଅକ୍ଷରରେ "ଉତ୍କଳ ପ୍ରସିଦ୍ଧ ଅଂଶୁ ପରମାନନ୍ଦ ଓରଫ ଯୋଇବାବୁଙ୍କର ବଙ୍ଗାଳୁଣୀ ବିବାହ"। ଶେଷରେ ଛୋଟ ଅକ୍ଷରରେ ଲେଖା "ଆମ୍ଭେମାନେ ବିଶ୍ୱସ୍ତ ସୂତ୍ରରୁ ଅବଗତ ହେଲୁଁ ଯେ ଆମ୍ଭମାନଙ୍କର ସୁପରିଚିତ, ଉତ୍କଳର ସୁପ୍ରସିଦ୍ଧ ଚିନ୍ତକର ଶ୍ରୀଯୁକ୍ତ ବାବୁ ପରମାନନ୍ଦ ମହାପାତ୍ର ଓରଫ ଯୋଇବାବୁ, କଲିକତା ମେଛୁଆ ବଜାର

ଗଲର ଶ୍ରୀଯୁକ୍ତ ବାବୁ ପ୍ରମଥନାଥ ଗାଙ୍ଗୁଲି ବି, ଏ, ଙ୍କର ଏକମାତ୍ର କନ୍ୟା ଶ୍ରୀମତୀ ମେନକାଙ୍କୁ ବିବାହ କରିଅଛନ୍ତି । ବିବାହ ପରେ ନବଦମ୍ପତି କୌଣସି ଏକ ଅଜଣା ସ୍ଥାନରେ "ମଧୁଚନ୍ଦ୍ର" କରିବାକୁ ଯାଇଚନ୍ତି । ସାହେବମାନଙ୍କ ଦେଶରେ ବିବାହ ପରେ ନବ ବିବାହିତା ଦମ୍ପତି କିଛିଦିନ ପାଇଁ Honey moon କରିବା ଉଦ୍ଦେଶ୍ୟରେ ବିଦେଶକୁ ଚାଲି ଯାଆନ୍ତି । ପରମାନନ୍ଦ ବାବୁ ସେହିପରି ଭାବରେ କରିଥିବାର ଜଣାଯାଏ । ପ୍ରମଥବାବୁ ବ୍ରାହ୍ମ ଓ ଯୋଇବାବୁ ହିନ୍ଦୁ । ଶୁଣାଯାଏ ଏ ବିବାହ ଆର୍ଯ୍ୟସମାଜ ମତରେ ହୋଇଅଛି । ଏହିପରି ଅନ୍ତର୍ଜାତୀୟ ବିବାହ ଦ୍ୱାରା ଭାରତ ବର୍ଷରେ ଏହି ଯେ ଜାତି, ସମାଜ, ପ୍ରଦେଶ ଇତ୍ୟାଦି ନେଇ ବିଦ୍ୱେଷ ଭାବ ରହିଚି ତାହା ଦୂରୀ-ହିବା ଖୁବ୍ ସମ୍ଭବ । ଖୁବ୍ ସମ୍ଭବ କାହିଁକି, ବିଦେଶି ସ୍ୱଜାତିର ଅନୁସର୍ଗିକ ଫଳରୂପେ ଭାରତବର୍ଷ ଯେ ଖଣ୍ଡ ଖଣ୍ଡ ହୋଇ ରହିଚି, ତାହାକୁ ପୁଣି ଏକ-ତ୍ର ମିଶେଇବାର ଏହା ଏକମାତ୍ର ଉପାୟ । ଅବଶ୍ୟ ଦେଶରେ ଏପରି ଏକ ଶ୍ରେଣୀର ଲୋକ ବର୍ତ୍ତମାନ ଅଛନ୍ତି, ଯେଉଁମାନେ ଏହି ପ୍ରକାର ଅସ-ଧର୍ମ ଓ ଅଜାତି ବିବାହକୁ ନାପସନ୍ଦ କରନ୍ତି । ଏବଂ ଏହି ହେତୁରୁ ଯେଉଁ ଦେଶପ୍ରାଣ ଯୁବକମାନେ ସାହସ କରି ବିଦେଶିନୀ ବିବାହ କରନ୍ତି, ସେମା-ନଙ୍କୁ ହୁଏତ ପୈତୃକ ସମ୍ପତ୍ତିରୁ ବଞ୍ଚିତ ହିବାକୁ ପଡ଼ିପାରେ: ହୁଏତ ନିଜର ଯେଉଁମାନେ ଆତ୍ମୀୟ, ବନ୍ଧୁ, ବାନ୍ଧବ ମାନଙ୍କଠାରୁ ଦୂରରେ ରହିବାକୁ ପଡ଼ି-ପାରେ । ତଥାପି ସମସ୍ତ ଅସିବ-ଯେତେବେଳେ ସେହିମାନଙ୍କର ହିଁ ଜୟ ହବ । ଶ୍ରୀମାନ ପରମାନନ୍ଦ ଯେ ଏ ସମସ୍ତ ଅସୁବିଧାକୁ ଗାଇରି ନକରି ଏପରି ଏକ ମହାନ୍ ଉଦାହରଣ ଗ୍ରହଣ କରିଅଛନ୍ତି, ସେଥି ନିମନ୍ତେ ଆମ୍ଭେ-ମାନେ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଅଛୁଁ ଓ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଁ ଯେ ସେ ନବଦମ୍ପତିକୁ ସୁଦୀର୍ଘ ଜୀବନ ଦାନକରନ୍ତୁ "।

ଯୋଗୀ ଚିଠିଟା ପଢ଼ିଲେ " କିଛି ବୁଝିପାରିଲେ ନାହିଁ " ଏହା ମଧ୍ୟରେ

ଏପରି କଣ ଅଛି ଯେ ଯାହାଲାଗି ପ୍ରମିଳାଦେବୀ ଏତେ ଦୂର ଅଧୀର ହୋଇଥିବେ ? କିଛି ସମୟ ଭାବିଲେ । ଅଭିମାନର, ସନ୍ଦେହର, ବିଶ୍ୱାସର ଭାବ ଗୋଟିକ ପରେ ଗୋଟିଏ ତାଙ୍କ ମୁହଁରେ ଖେଳିଗଲା । ତା'ପରେ ତାଙ୍କର ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । ସେତେବେଳକୁ ପ୍ରମିଳାଦେବୀଙ୍କର ଚୈତନ୍ୟ ଆସିଥିଲା । ସେ ଚିଠିଟା ଯୋଗୀ ହାତରେ ଦେଖି କହିଲେ "ତୁମର ସାହସତ କମ ନୁହେଁ ? ମୋର ଚିଠି ପଢ଼ିବାକୁ ତୁମେ କିଏ ?"

ଯୋଗୀ— ତୁମର ସାହସତ କମ ନୁହେଁ, ମୋର ସାଙ୍ଗକୁ ନେଇ ଏ ଥଟ୍ଟା ପରିହାସ କରିବାକୁ ତୁମେ କିଏ !

ପ୍ରମିଳା— ତୁମର ସାଙ୍ଗ ।

ଯୋଗୀ— ହଁ, ମୋର ସାଙ୍ଗ "ଧୋଇବାବୁ"

ପ୍ରମିଳା— ଧୋଇବାବୁ ତୁମର ସାଙ୍ଗ ! ତୁମେ ଯୋଗୀ, ଆଉ ସେ—

ଯୋଗୀ— ଯୋଗୀ ହେବା କିଛି ଅପମାନର କଥା ନୁହେଁ ସ୍ୱୟଂ ଭଗବାନ କୃଷ୍ଣ ବନେ ଯୋଗୀ ହୋଇଥିଲେ । ଲକ୍ଷେ ସଦାଶିବ ପରମ ଯୋଗୀ ।

ପ୍ରମିଳା— ତେବେ ଧୋଇବାବୁ ତୁମର ସାଙ୍ଗ ? ତାଙ୍କ ସମ୍ବନ୍ଧରେ ଏ ଯାହା ଲେଖାଅଛି ସେ କଣ ଠିକ୍ ?

ଯୋଗୀ— ମୁଁ କିପରି କହିବି ବାବୁ । ଏ ଯୁ କାଳ, ଅଉ ଏ କାଳର ଏ ଯୁ ଟୋକାଗୁଡ଼ାକ । ୟାଙ୍କର ନା ଅଛି ବିବେକ, ନା ଅଛି ଧର୍ମଜ୍ଞାନ

ପ୍ରମିଳା— ତୁମେ କଣ ଅଣିଅ କାଳର ମଣିଷ ବୁଢ଼ା ? ଏ ସବୁ କଥା

ଶୁଣିଲେ ମୋର ଦହ କଡ଼ଙ୍କ ଉଠେ । ତୁମେ ନଜାଣିଛ ନାହିଁ କରିଦେବ । ଏପରି ଗୁଡ଼ାଏ ବୃଥା ଗପ କେତେ ?

ଯୋଗୀ— ଅଚ୍ଛା, ନହେଲା ନାହିଁ । ମୁଁ ଅଜ୍ଜ ଟିକିଏ ଯାଉଛି ।

ପ୍ରମିଳା— କୁଆଡ଼େ ?

ଯୋଗୀ— ଯୁଆଡ଼େ ହେଲେ ତୁମର କଣ ଅଛି ? ମୁଁ ଯାଉଛି କାଲି ସ୍ତାତରେ ଫେରିବ

ପ୍ରମିଳା— ଫେରିଲେ ଫେର, ନ ଫେରିଲେ ନାହିଁ । ମୋର ଯାଏ କେତେ ଆସେ କେତେ, ପୋଡ଼ାମୁହାଁ "........" ଏହିପରି କେତେ କଣ ଭତର ଭତର ହୋଇ ସେ ସେଠାରୁ ଚାଲିଗଲେ ।

## ୩୦

ଯୋଇବାବୁ ତିନିଥର ଦିନ ଟ୍ରେନରୁ ଗାଡ଼ିରୁ ଓହ୍ଲାଇ କଟକ ଷ୍ଟେସନ ପ୍ଲାଟଫର୍ମରେ ଲସର ପସର ହୋଇ ଟିକେ ଦ୍ୱାର ଫାଟକ ଆଡ଼କୁ ଯାଉଥିଲେ- ବେଳେ କିଏଜଣେ ଆସି ତାଙ୍କ ପଛଆଡ଼ୁ କାମିଜରୁ ଝୁଲାଏ ଥକ୍ କରି ଟାଣି ଧରିଲା । ସେ ବୁଲିପଡ଼ି ଦେଖିଲେ ଯେ ପ୍ରଫୁଲ୍ଲ ବାବୁ । ଉଭୟଙ୍କ ପାଟିରୁ ଏକ ସମୟରେ ବାହାରି ପଡ଼ିଲା "କିରେ ତୁ କୁଆଡ଼େ ଏଣିକି ? "କିନ୍ତୁ ପ୍ରଫୁଲ୍ଲ ବାବୁ ଆଗ ଉତ୍ତର ଦେଲେ । "ମୁଁ ଯାଇଥିଲି ବାଲେଶ୍ୱର" ତୁ କୁଆଡ଼େ ମୋ ପାଖକୁ ଲେଖିଥିଲୁ ଯେ ତୋର ପାଞ୍ଚହଜାର ଟଙ୍କା ଜରୁର ଦରକାର ଅଛି ସେଥିପାଇଁ ତୁ ଆଉରି ମଧ୍ୟ ଲେଖିଥିଲୁ ଯେ ସେ ଟଙ୍କା ମୁଁ ନେଇ ବାଲେଶ୍ୱର ଷ୍ଟେସନକୁ ଗଲେ ତୁ ଆସି ସେଠାରୁ ନେଇ-ଯିବୁ । ମୁଁ କାଲିଠାରୁ ବାଲେଶ୍ୱର ଯାଇଥିଲି । କିନ୍ତୁ ତୋର କୌଣସି ପତ୍ତା ନ ପାଇ ଆଜି ଫେରୁଥିଲି । ଯୋଇବାବୁ ଟିକିଏ ଅନ୍ୟମନା ହୋଇ ରହିଲେ । ତାପରେ କହିଲେ "ତୁ ଜାଣୁ, ପ୍ରଫୁଲ୍ଲ । ମୁଁ ଆଜିକାଲି ବଡ଼ ଭୁଲାମନ ହୋଇଗଲିଣି "।

ପ୍ରଫୁଲ୍ଲ— ତୁ କହୁଛୁ—

ଯୋଇ— ତୁଛା କୁ, ପୁଣି କଥା ଉପରେ କଥା କହୁଛୁ, ମୁଁ ତୋର

ଦାନ୍ତ ଝାଡ଼ିଦେବ । ଢ଼ଗର ଅସଭ୍ୟ ଲୋକରେ ତୁ । ଗାଲ ଗୁଡ଼ାଏ ଯଷ୍ଟି ଚ ପଡ଼ିବାର ଏହି ଫଳ । ତୁ ଅଉ ଭଦ୍ରାମି ଶିଖିବୁ କେଉଁଠୁ ?

ପ୍ରଫୁଲ୍ଲ — କିନ୍ତୁ ମୁଁ ତ ଅଭଦ୍ରାମି କିଛି—

ଯୋଗ— କଲନାହୁଁ, ଏଇଟ ? ତୁ ଅବଶ୍ୟ ଅଭଦ୍ରାମି କରୁଚୁ । ମୁଁ କହୁଚ, ତୁ କରୁଚୁ । ତାଉପରେ ତୋର ନାହିଁ କରିବାର କିଛି ଅଛି ?"

ପ୍ରଫୁଲ୍ଲବାବୁ ତରତର ହୋଇ କହିଲେ "ନାଇଁ, ନାଇଁ, ମୋର ଅଉ ତାପରେ କିଛି କହିବାର ନାହିଁ " ତୁ ଯେତେବେଳେ କହୁଚୁ,—

ଯୋଗ—କେତେ କଷ୍ଟରେ ତୁ । ଶୁଣୁ, ମୁଁ କହୁଥିଲି ମୋର ଏଇ ଗୋଟାଏ ରୋଗ ଆରମ୍ଭ ହୋଇଚ, ମୁଁ ଅଳ୍ପ କଥା ବାଲକୁ ମନେ ରଖି ପାରୁନାହିଁ । ଏ ରୋଗର ଔଷଧ କଣ କହଭ ?

ପ୍ରଫୁଲ୍ଲ—— ସତରେ ଏ ବଡ଼ ସଙ୍ଗିନ ରୋଗ । ବୋଧହୁଏ ମସ୍ତିଷ୍କ ଏକାଙ୍ଗ ବାତ, ନହେଲେ—

ଯୋଗ— ନହେଲେ ତୋର ଶୁଣ୍ଡଘର । ବାଇ କୁଷ୍ମପଣ୍ଡିତ ତ ! ରୋଗର ପୁଣି ନିଦାନ କରିବାକୁ ବାହାରି ପଡ଼ିଲେ । ଶୁଣ, ଏ ରୋଗର ଔଷଧ କଣ ଜାଣୁ ?

ପ୍ରଫୁଲ୍ଲ— ନୁଁ ଜାଣେ । କହିବ ?

ଯୋଗ— ତୁ ଜାଣୁ ? ତୁ କହିବୁ ? ବଡ଼ ସାହସ ତ । କହ ଦେଖି, ହେ ନବଯୁଗ ଚରକ ମହର୍ଷି ।

ପ୍ରଫୁଲ୍ଲ— ଏ ରୋଗଟିଏ ତାହାର ଯେ ନିଜ ଦେଶର ସୁନ୍ଦରୀ କୁଳକୁ ଅବମାନନା କରି ଗୋଟାଏ ବିଦେଶିନୀ ଯୋଡ଼ ବାହାକରେ ଆଉ ଔଷଧଟା ତାର ହଉଚି ଯେ ସେ ବିଦେଶିନୀକୁ ଛାଡ଼ି, ଛାଡ଼ପତ୍ର ଦେଇ ଅଥବା ବିନୀତ ମନରେ ଡ଼ାଇଭୋର୍ସ କରି ପୁଣି ନିଜ ଦେଶର କୌଣସି ଅନନ୍ୟ ସୁନ୍ଦରୀ ଚମ୍ପକବରଣୀ, କମ୍ବୁଦନ୍ତୀ, ଚନ୍ଦ୍ରବଦନୀ—

ପ୍ରଫୁଲ୍ଲବାବୁଙ୍କର ବୁଝିବା ଉଚିତ ଥିଲା ଯେ ଯୋଇବାବୁଙ୍କ ପାଖରେ ତାଙ୍କର କାମ କେବଳ ଶୁଣିବା । ସେ ଯଦି ଭାବିଥାନ୍ତି ଯେ ସେ ଏକାଥରେ ଯାହାଇଚ୍ଛା ତାହା ଗଡ଼ ଗଡ଼ କରି କହିଯିବେ, ଆଉ ଯୋଇବାବୁ ଚୁପ୍ କରି ହୋଇ ସେ କଥା ଶୁଣିବେ, ତା'ହେଲେ ସେ ତାଙ୍କର ଗୋଟାଏ ମସ୍ତବଡ଼ ଭୁଲ । ବିଶେଷତଃ ଯୋଇବାବୁ ଯେ ଚୁପ୍ ହୋଇ ତାଙ୍କର ପଦେ କଥା ଶୁଣିଲେ ସେଇଥିରୁ ତାଙ୍କର ବୁଝିବା ଉଚିତ ଥିଲା ଯେ ତାଙ୍କ ମୁଣ୍ଡରେ ଶାଗୁଣା ଉଡ଼ିବାକୁ ଅସୁଚି । ତାଙ୍କ ଗାଲରେ ଯେ ଗୋଟାଏ ଷୋଳପଣିଆ ଖିନା ତାଙ୍କ ଦାନ୍ତପାଟି ଦୋହଲେଇ ଦେଲା ସେ ତାଙ୍କର ଦୋଷ । ତାଙ୍କ ଗାଲରେ ଯେ ଗୋଟାଏ ବତିଶିପଲିଆ ଖିନା ବସି ତାଙ୍କର ବଧାଉ ଦାନ୍ତ ଝାଡ଼ି ନଦେଲା ସେ ତାଙ୍କ ପୂର୍ବ ପୁରୁଷଙ୍କର ତପସ୍ୟାର ଫଳ ।

ଯାହାହେଉ ଉପଯୁକ୍ତ ରୋଗର ଉପଯୁକ୍ତ ଔଷଧ । ପ୍ରଫୁଲ୍ଲଙ୍କର ଜ୍ଵର ଗଲା ମନଗଲା ବୋଧହୁଏ । ସେ ଆଉ ଦ୍ଵିରୁକ୍ତି ନକରି ଗାଲ ବାଁ ହାତଟାରେ ବାଁ ଗାଲଟାକୁ ଅଉଁସିବାରେ ଲାଗିଲେ । କଲେଜର ଜଣେଅଧେ ଛାତ୍ର ନବଯୌବନର ଉତ୍ତେଜନାରେ ମନର ଆଶା ଗାଡ଼ିରେ ଯାଉଥିବା ନବ-ରମଣୀମାନଙ୍କ ସୌନ୍ଦର୍ଯ୍ୟ ସମ୍ଭାର ଦେଖି ଆଖିର ତୃପ୍ତିରେ ମେଣ୍ଟେଇବା ପାଇଁ ପ୍ଲାଟଫର୍ମରେ ବୁଲୁଥିଲେ । ସେମାନେ ଏ ରହସ୍ୟ ମଧ୍ୟରେ ଗୋଟାଏ

ବଡ଼ ରକମ ଫୌଜଦାରି ମାମଲାର ଗନ୍ଧ ପାଇ ଏମାନଙ୍କ ପାଖକୁ ମାଡ଼ି ମାଡ଼ି ଆସୁଥିଲେ । ବନ୍ଧୁ ଯୋଗବାବୁ ସେମାନଙ୍କୁ ସେଠାରେ ସୁବିଧା ନଦେଇ ପ୍ରଫୁଲ୍ଲଙ୍କର ହାତ ଧରି ତାଙ୍କୁ ଚାଉଗାନା ଅଡ଼କୁ ଘୋଷାରି ନେଲେ । ଦୁଇ ଜଣ ଗାଡ଼ିବାଲା ଦୁଇଅଡ଼ୁ ଆସି ଜଣେ ଯୋଗ ବାବୁଙ୍କର ଓ ଅନ୍ୟ ଜଣେ ପ୍ରଫୁଲ୍ଲବାବୁଙ୍କର ହାତଧରି ଟାଣିବାକୁ ଲାଗିଲେ । ଆଉ ଦୁଇ ଚାରିଜଣ ତାଙ୍କ ପଛରେ ଚାଲୁଥାନ୍ତି । ସମସ୍ତଙ୍କ ତୁଣ୍ଡରେ ଏହି ଏକକଥା "ବାବୁ ମୋ ଗାଡ଼ିକୁ ଆସନ୍ତୁ । ରବର ଚକଗାଡ଼ି । ସେକେଣ୍ଡକ୍ଲାସ ଗାଡ଼ି । ଆସନ୍ତୁ" । ଯେପରି କି ଯୋଗ ଓ ପ୍ରଫୁଲ୍ଲ ସେମାନଙ୍କର କେତେଦିନର ଚିହ୍ନା ଓ କେତେ ଜନ୍ମର ଆତ୍ମୀୟ । ଆଉ ତାଙ୍କୁ ପାଇଲେ ତାଙ୍କ ଗାଡ଼ି ଯେପରି ସୁନା ପାଲଟି ଯିବ । ଆଗେ ପୁରୀରେ ଗାଡ଼ିରୁ ଓହ୍ଲାଇଲେ ପଣ୍ଡାମାନଙ୍କ ଏହିପରି ଦୌରାତ୍ମ୍ୟ ଚନେ ଲୋକେ ଦେଖିଥିଲେ । ଅଳ୍ପେ ଅଳ୍ପେ ପୁରୀର କଲେରା ରୋଗ ଯେପରି କଟକକୁ ଆସି ସେଠାରେ ଅଠକ ଲ ବାରମାସି ଆସନ ଜମେଇ ବସିଲା, ସେହିପରି ପଣ୍ଡାମାନଙ୍କର ଏ ଦୌରାତ୍ମ୍ୟ ପୁରୀରୁ ଆସି କଟକର ଗାଡ଼ିବାଲା ଓ ମଟର ଦଲାଲ ମାନଙ୍କ ମଧ୍ୟରେ ବସା ବାନ୍ଧି ରହି-ଲାଣି । ଏଠାରେ ମଧ୍ୟ ପୁରୀର ଜୟ । ହାୟ, ହାୟ, ଓଡ଼ିଶାର ନେତୃ-ବର୍ଗ । 'ତୁମେ ଆଉ କଲ କଣ ? "ନନାଙ୍କ ଅପରେସନ" ଦିନ ତୁମେ ସବୁ ଯେ ଓଡ଼ିଶାର ଦୁଇ ତିନୋଟା ଜିଲ୍ଲା ମଧ୍ୟରେ ଗୋଟାଏ ମହାଭାରତ ଯୁଦ୍ଧ ଲଗାଇ ଥିଲ ଓ ଗୋଟାଏ ଜିଲାର ସର୍ବନାଶ ନହେଲେ ଅନ୍ୟ ଜିଲାମାନ-ଙ୍କର ଶାନ୍ତି ନାହିଁ ବୋଲି ଚିତ୍କାର କରି ଦେଶ ମଧ୍ୟରେ ଗୋଟାଏ ଜାତି ଯୁଦ୍ଧର ସୂତ୍ରପାତ କରିଛ, ତାର ଉଦ୍ୟମ ସବୁ କଣ ହେଲା ? ଏଥର ଅଣ୍ଟା-ବାନ୍ଧ ବାହାରି ପଡ଼ । ଛଅଟା ଜିଲ୍ଲାରୁ ଗୋଟାଏ ଗୋଟାଏ ଜିଲ୍ଲାକୁ, ଅଗି ଲକ୍ଷ ଲୋକଙ୍କୁ ପନ୍ଦର ପନ୍ଦର ଲକ୍ଷ ଲୋକଙ୍କୁ ମାରି ଏକ ଏକ କରି ଦେଶର ସମୃଦ୍ଧ ଉନ୍ନତି ସାଧନା କର । ଦେଶର ବୁଦ୍ଧି ସନ୍ତାନ ସୁଯୋଗ୍ୟ ସନ୍ତାନ ତୁମ୍ଭେମାନେ । ଏତକ ବୁଦ୍ଧିପାରୁନାହଁ, ମାତୃଭୂମିର ଲକ୍ଷ ଲକ୍ଷ ସନ୍ତାନର

ବିଶ୍ୱାସ ନ ହେଲେ ତୁମ କେତେ ଜଣଙ୍କର ଉନ୍ନତି ହବ କିପରି ! ଲୋକ କି ସବୁବେଳେ ନିଜ ଗୁଣରେ ବଡ଼ ହୁଏ ? ମୁଁ ରଜା ନୁହେଁ, ରାଜପୁତ୍ର ନୁହେଁ, ରଜାର ସାହସ ଓ ବିଦ୍ୟା ମୋ ଠାରେ ନାହିଁ । ତଥାପି ମେସିଅ ତେଲଙ୍କ କୃପା ବଳରେ ରାଜାକୁ ମାରି, ରାଜପୁତ୍ରକୁ, ଦେଶର ସୈନ୍ୟ ସାମନ୍ତଙ୍କୁ ମାରି ତାଙ୍କର ପାଉଁଶ ଗଦା ଉପରେ ସିଂହାସନ ଜମାଇ ବସି ପାରିଲେ ମୁଁ କଣ ରଜା ହେବି ନାହିଁ ? ଆଉ କଥାରେ ଯେ କହନ୍ତି ଦଶ ଜଣର କଳରେ ଏକ ଜଣର ଲାଭ, ସେଥିରେ କି ଅଛି ? ତୃତୀୟ ଜଣଙ୍କ ଲାଭ କଲା, ଖାଇତ ମଲା । ସାବାସ, ଭାଇ ସାବାସ

ଘୋଷ ବାବୁ ଓ ପ୍ରଫୁଲ୍ଲ ବାବୁ ଯାଇ ଗୋଟାଏ ଗାଡ଼ିରେ ବସିଲେ । ଭଡ଼ା ଛିଣ୍ଡିଲା ବେଳକୁ ପୁଣି ଏକ "ହଁ ହଁ, ନା ନା" ଯୁଦ୍ଧ । ଯାହାହେଉ ଶେଷରେ ଗଣ୍ଡେ ଗାଡ଼ିରେ ବସିଲେ । ମେଘ ଘଡ଼ଘଡି ପରି ଶବ୍ଦରେ କାନ ଅତଡ଼ା ପକାଇ, ନାଲି ଧୂଳିରେ ଅମ୍ବର ସ୍ତର ମେଲେଇ ଗାଡ଼ି ଚାଲିଲା । ସେହି ଶବ୍ଦ ମଧ୍ୟରେ ଓ ଘୋଷ ବାବୁ ପ୍ରଫୁଲ୍ଲ ବାବୁଙ୍କ କାନ ପାଖରେ ମୁହଁ ରଖି ଚିତ୍କାର କଲେ, "ଟଙ୍କାଗୁଡ଼ାକ କାହିଁ ?" ପ୍ରଫୁଲ୍ଲ ବାବୁ ଚମକିପଡ଼ିଲେ କହିଲେ, "ଏତେ ବଡ଼ ଚିତ୍କାର କରିବାର ଦରକାର କଣ ଥିଲା ?"

ଘୋଷ— ଶୁଣୁ ନାହଁ ଏ ଯୁ ଅବାଜ ହଉଚି ଗାଡ଼ିର, ଏଥିରେ ତୁନ କରି କହିଲେ କି କିଛି ଶୁଭିବ !

ପ୍ରଫୁଲ୍ଲ ବାବୁ ତାଙ୍କ ସୁଟ୍‌କେଶଟା ଫିଟାଇ ତୋଡ଼ାଏ ନୋଟ ଘୋଷବାବୁଙ୍କ ଆଡ଼କୁ ବଢ଼ାଇଦେଲେ । ଘୋଷ ତାକୁ ସେହିପରି ନିଜ ଦ ପକେଟରେ ମୁଠା ମୁଠା କରି ପୂରାଇ ନେଲେ । କହିଲେ ଏତିକି ?

ପ୍ରଫୁଲ୍ଲ— ଶହେ ଟଙ୍କିଆ ଓ ହଜାର ଟଙ୍କିଆ ନୋଟ୍ ହୋଇ ପାଞ୍ଚ ହଜାର ଅଉ କଣ ? ଗଣି ଦେଖନା ! ଟଙ୍କାଗୁଡ଼ାକ ନଗଣି ଏପରି ମାଡ଼ି ପରି...

ଯୋଇ— ଚୁପ୍ ! ସେ କଦର୍ଯ୍ୟ କାଗଜ ପତ୍ରିଆ ମୋ ପାଖରେ ଦେଖାଇବାକୁ ହବ ନାହିଁ । ତା ପରେ ବାଲେଶ୍ୱରରେ ମତେ ନପାଇ ଘରକୁ ଖିଯେ ଯାଇଥାନ୍ତୁ, କାହାକରେ ଓଲ୍ଟାଇଲୁ କଥା ?

ପ୍ରଫୁଲ୍ଲ— ତୁ କଣ ମତେ କସେଇ ଉଠେଇ ଦେଲୁ ! ତୋ ଲାଗି...

ଯୋଇ—ବୁଝିଚ, ତୁ ସମୁଦ୍ର ଡେଇଁ ଲଙ୍କା ଦହନୁ । ପରେ, କାହାକୁ କହୁଁ ? ଖିଯା କଥାରେ କ ଗୋଟାଏ ସିଧା ଜବାବ ଦେଇ ପାରିବ୍ ନାହିଁ ?

ପ୍ରଫୁଲ୍ଲ— ଅସୁଥିଲ ସ୍ୱସ୍ତବାଦୀ କାଗଜର ସମ୍ପାଦକଙ୍କ ସହିତ ଦେଖା କରିବା ପାଇଁ ।

ଯୋଇ— ତୋର କ ଦରକାର ତାଙ୍କ ସଙ୍ଗରେ ?

ପ୍ରଫୁଲ୍ଲ— ଦରକାର ତ ଭୁଇ । ତୁ କୁଆଡ଼େ ଗୋଟାଏ ବଙ୍ଗାଳୁଣୀ ବାହା କରିଚୁ ବୋଲି ସେ ତାଙ୍କ କାଗଜରେ ଲେଖିଥିଲେ ।

ଯୋଇ— ତୁ ଯାଇ କରିବୁ କଣ, ତାଙ୍କୁ ଫାଶି ଦବୁ !

ପ୍ରଫୁଲ୍ଲ— ନା, ମା କାଗଜରେ ସେ କଥା ପଢି ବଡ଼ ବ୍ୟସ୍ତ ହୋଇଚନ୍ତି । ମୁଁ କୁହା ବୋଲି କଣ ଯଦି କଥାଟା ମିଛ ବୋଲି ପୁଣି ଲେଖାଇ ଦେଇ ପାରେଁ ।

ଯୋଇ— କ୍ୟପର ? ସେ ଯାହାକୁ ସତ ବୋଲି ଲେଖିଚନ୍ତି ତାକୁ ପୁଣି ମିଛ ବୋଲି ଲେଖିବେ କାହିଁକି ? ତୋତ ଏ ବାନର ମୁହଁ ଦେଖି ?

ପ୍ରଫୁଲ୍ଲ— ମିଛ ବୋଲି ଲେଖିବେ କାରଣ କଥାଟା ପ୍ରକୃତରେ ମିଛ ।

ଯୋଇ— ତା' ମାନେ, ତୁ ତାଙ୍କୁ ସତ କଥାଟା କହିବୁ । ମା'ଙ୍କୁ ମଧ୍ୟ ସବୁ କହି ସାରିଚୁ ବୋଧହୁଏ । ତୁ ଯଦି ଏ ସଂସାରରେ ନଥାନ୍ତୁ, ତା ହେଲେ

ଅନେକ ଲୋକଙ୍କର ଦୁଃଖ, କଷ୍ଟ ଓ ଦୁର୍ଦ୍ଦିନ୍ତା ବହୁତ କମି ଯାନ୍ତା । ଶୁଣୁ ଏ ସବ କଥା ତୋ ଦ୍ୱାରା ହବାର ନୁହେ । ମୁଁ ମଧ୍ୟ ଅସିଚି ସେଇ ଉଦ୍ଦେଶ୍ୟରେ ।

ପ୍ରଫୁଲ୍ଲ— ତୁ ସେଇଥି ପାଇଁ ଅସିଚୁ ତେବେ ଯ, ବାଃ, ବାଃ, ଯାହାହଉ, ମୋ ମୁଣ୍ଡରୁ ଗୋଟାଏ ବୋଝ ଗଲା ।

ଯୋଇ— ତୋ ମୁଣ୍ଡରେ ଯେ ଗୋବର ବୋଝ ଅଛୁ ସେ ତୁ ନ ମରିବା ପର୍ଯ୍ୟନ୍ତ ଯିବାର ନୁହେ । ତୁ ରହବୁ କେଉଁଠି ?

ପ୍ରଫୁଲ୍ଲ— କିଅଁ ? ଅମ ମେଷରେ ?

ଯୋଇ— ମେଷ୍ ତୋର ପୋଡଯାଉ । ତୁ ରହବୁ ମୋ ସାଙ୍ଗରେ ଡ଼ାକ ବଙ୍ଗଲାରେ ।

ପ୍ରଫୁଲ୍ଲ— ଡ଼ାକ ବଙ୍ଗଲାରେ ! ଖାଇବ କଣ !

ଯୋଇ— କଟକ ଡ଼ାକ ବଙ୍ଗଲାରେ ଖାନାସାମା ବେଶ୍ ସ୍ତ୍ରୋଷ୍ଟେଇ କରି ଜାଣେ । ସେଇଠଂ ଖାଇବୁ ।

ପ୍ରଫୁଲ୍ଲ— ନା ବାବା, ସେ ହବ ନାହିଁ । ସେଉଟା ଯେ ମୁସଲମାନ ।

ଯୋଇ— ନା ହିନ୍ଦୁ ଖାନସାମା ମଧ୍ୟ ଅଛୁ ।

ପ୍ରଫୁଲ— ନାହିଁ, ନାହିଁ ଖାନସାମା ଫାନସାମା କଥା ମୋତେ ସହିବ ନାହିଁ । ଅଉ ତୁ ମତେ ଥଟ୍ଟା କରୁଚୁ । ଡ଼ାକ ବଙ୍ଗଲା ତ ପଛରେ ରହିଲାଣି

ଯୋଇବାବୁ ଗହିଁ ଦେଖିଲେ ଗାଡ଼ି ସେତେବେଳକୁ ଅସି ମଙ୍ଗଳାବାଗ ଛକ ଉପରେ ହେଲାଣି । ଧଡ଼କରି ଉଠିପଡି ଗାଡି ବାହାରକୁ ମୁହଁ କାଢି ଡ଼ାକିଲେ, "ଏ ଗାଡିବାଲା ଗାଡି ଫେରାଅ" ।

ଗାଡି— କାହାଁ ଯାଏଗା ବାବୁ ?

ଯୋଇ —ଅରେ ଯାଏଗା, ଝାଁଏଗା ରଖିଦେ । ଚାଲ୍ ଡ଼ାକବଙ୍ଗଳାକୁ

ଗାଡ଼ି ଫେରି ଗଲା । ପ୍ରଫୁଲ୍ଲ ବାବୁ ଦେଖିଲେ ସତରେ ଡ଼ାକ ବଙ୍ଗଳାରେ ରହିବା ଯୋଗ ହେଲାଣି । କଣ ଭାବେ ସମୟ ରହିଲେ । ତା ପରେ ଗୋଟାଏ ଦୀର୍ଘ ନିଶ୍ୱାସ ପକାଇଲେ । ଯୋଇ ବାବୁ ତାଙ୍କୁ ଚାହିଁ ମୁରୁକି ମୁରୁକି ହସୁଥାନ୍ତି । ଗାଡ଼ି ଡ଼ାକ ବଙ୍ଗଳାରେ ରହିଲେ ଯୋଇ ବାବୁ ଗାଡ଼ିବାଲାକୁ ଭଡ଼ା ପଇସାତକ ଦେଇ ବିଦାୟ କଲେ । ତା ପରେ ଯୋଇ ବାବୁ କହିଲେ, "ଏଇ ପାଖରେ କଲେଜ ବୋର୍ଡିଂ ତ । ମରି ଯାଉଥିଲୁ କିଆଁ ? ଯା ତୁ ତୋର ବୋର୍ଡିଂରେ କାମ ସାରି ଆ । ମୁଁ ଏଠି ମୋର କାମ ତୁଟଉଚି । ତା ପରେ ସମ୍ପାଦକଙ୍କ ପାଖକୁ

ଏମାନେ ବାହାରିଲା ବେଳକୁ ପ୍ରାୟ ଦିନ ଦଶଟା । ଖଣ୍ଡେ ଗାଡ଼ି କରି ଓ ଗାଡ଼ିର ଦୁଆର ବନ୍ଦକରି ଦୁହେଁ ବସିଲେ । କିଛି ସମୟ ପରେ ଗାଡ଼ି ଯାଇ ପହଞ୍ଚିଲା ଧୂଳି ବଜାର ଛକ ଉପରେ ଗୋଟାଏ ଦୋତାଲା କୋଠା ପାଖରେ । ପ୍ରଥମେ ଯୋଇ ବାବୁ ଗାଡ଼ିରୁ ଓହ୍ଲାଇ ତରବର ହୋଇ ଘର ଭିତରକୁ ପଶିଗଲେ । ତାଙ୍କ ପଛରେ ଧୀରେ ସୁସ୍ଥେ ଗଲେ ପ୍ରଫୁଲ୍ଲ ବାବୁ ।

ସ୍ପଷ୍ଟବାଦୀ କାଗଜ ଓଡ଼ିଶାର ଗୋଟିଏ ମୁଖ୍ୟ କାଗଜ । ଗାନ୍ଧି ଦଳଆ ହେଲେ କଣହିକ କାଗଜର ଲେଖା ଢଙ୍ଗ ଓ ପୂର୍ବ ପୁରୁଷର ସୁନାମ ହେତୁରୁ ତାହାର କାଟତି ଓଡ଼ିଶାରେ ଅନ୍ୟ କାଗଜମାନଙ୍କ ଠାରୁ ବେଶୀ । ସ୍ପଷ୍ଟ-ବାଦୀ ଛାପାଖାନାର ବାହାରେ । ତଳ ମହଲାରେ ଛାପାକଲ, କମ୍ପୋଜିଟର ମାନଙ୍କର ବସିବାର ସ୍ଥାନ ଇତ୍ୟାଦି । ଏଇ ମହଲାର ଗୋଟାଏ ବଖରା ମଧ୍ୟ ଅଫିସ ଘର । ମେନେଜର କୃଷ୍ଣବାବୁ ଏଠାରେ ବସି ତାଙ୍କର ହୁକୁମ ଜାରି କରନ୍ତି । ସମ୍ପାଦକ ମହାଶୟ ଉପରେ ଥାନ୍ତି । ପାଖରେ ଗୋଟାଏ ମେଷରେ ମୁଠେ ମୁଠେ ଖାନ୍ତି ଓ ଏଇ ଉପର ମହଲାରେ ପଡ଼ିଥାନ୍ତି । ଛାପାଖାନାର କର୍ମୀମାନେ ସମ୍ପାଦକଙ୍କୁ ପଚାରନ୍ତି ନାହିଁ କି ବୁଝନ୍ତି ନାହିଁ ।

ମେନେଜର ସର୍ବେ ସର୍ବା । ତେବେ ମେନେଜରଙ୍କ କଡ଼ା ଶାସନରେ କର୍ମିମାନେ ବେଶୀ ରାଗିଗଲେ ସମ୍ପାଦକ ବାବୁଙ୍କ ତାତଲା ଜାଅଁରେ ପାଣି ପକାଇବାକୁ ଡ଼ାକ ପଡ଼େ । କର୍ମିମାନଙ୍କ ଠାରୁ ବକା ଝଡ଼ା ଶୁଣିବାର ଓ ସେମାନଙ୍କୁ ଖୋସାମୋଦ, ତୋଷାମୋଦ କରିବାର ଭାର ସମ୍ପାଦକଙ୍କର କିନ୍ତୁ କର୍ମିମାନଙ୍କୁ ବକା ଝଡ଼ା କରିବାର ଓ ମାଡ଼ମାରିବାର ଭାର ମେନେଜରଙ୍କର । ସମ୍ପାଦକ ମହାଶୟ ଓଡ଼ିଶାର ଜଣେ ବଡ଼ ପାଠୁଆ । ନାମ ଗୋବିନ୍ଦ ବାବୁ । ନାମ ଅନୁସାରେ ବର୍ଣ୍ଣଟା ମଧ ପାଇଛନ୍ତି ତୋଫାଗୋରା । ପୃଥିବୀରେ ନାହିଁ ନଥିବ ସେ ତୋଫାଗୋରା ସେ ବର୍ଣ୍ଣ । ଗୋଲ ଗାଲ, ମୋଟା ମୋଟି ଥାକୁଲ ଥାବୁଲ, ଦନ୍ତ କିନ୍ତୁ ଦେଖିବାକୁ ବେଶ୍ ବଳଦେଲାପରି ପିଟିଦେଲା ପରି "ବେଶ୍ ତ ଡେଙ୍ଗା ପ୍ରାୟ ଫ. ୫ । ୮" ରୁ କମ୍ ଉଚ୍ଚ ନୁହନ୍ତି । ଦେହରେ ଜୋର ମଧ ଅଛି ବେଶ୍ । ବୟସ ଅନ୍ଦାଜ ୪୦ ର ସେ ପାଖ । ମୁଣ୍ଡର ଗୋଟିଏ ଗୋଟିଏ ବାଳ ଧଳା ହୋଇ ଆସୁଚି । ଉପର ମହଲା ବାରଣ୍ଡାରେ ଗଣ୍ଡେ ସଉପ ମସିଣା ପକାଇ ଓ ଘରଟା ତଳେ ଗୋଟାଏ ତକିଆ ଉପରେ ଭରା ଦେଇ ସେ ଲମ୍ବାହୋଇ ପଡ଼ନ୍ତି ଏବଂ ଗୋଟାଏ ଅଜାଙ୍କ ଅମଳର ହିରଣା କଲମରେ କଣ ଗୁଡ଼ାଏ ଲେଖୁଚନ୍ତି । ପଣ୍ଡିତ ଲୋକ । କଲମ ଧରି ବସିଲେ କଲମ ମୁନରୁ କାଳି ଶୁଖିବାକୁ ଦେବେ ନାହିଁ । କିନ୍ତୁ କଲମଟି ଧରିବା ମୁସ୍କିଲ । ଏପରି ଅଳସୁଆ ବୋଧହୁଏ ଆଉ କେହି ନାହିଁ । ଲୋକେ କହନ୍ତି ଗୋରା ବାବୁ ଇଚ୍ଛାକଲେ ଓଡ଼ିଆ ଗାନ୍ଧି ଦଳଙ୍କ ଭିତରେ ଜଣେ ବଶିଷ୍ଟ ନେତା ହୋଇ ପାରନ୍ତେ । ଟିକିଏ ଚେଷ୍ଟାକଲେ ଓଡ଼ିଶା ସାହିତ୍ୟରେ ଗୋଟାଏ ନାମଜାଦା ଆସନ ପାଇ ପାରନ୍ତେ । କିନ୍ତୁ ସେଇ ଇଚ୍ଛା ଟିକକ, ସେଇ ଚେଷ୍ଟା ଟିକକ ତାଙ୍କ ଠାରୁ ବାହାର ହବା ବଡ଼ କଷ୍ଟ । ନବୁଝି, ଅବୁଝା ହବ ଯେ ଜାଣି ଅଜାଣୁଆ ହବ, ତାକୁ ବୁଝାଇବା ଜଣାଇବା ବଡ଼ କଷ୍ଟ । ତେବେ ସନ୍ଧ୍ୟାରେ ଯେଉଁମାନେ ତାଙ୍କର ଗୋଡ଼ ଧୋଇବାକୁ

ସଜି ହେବେ ନାହିଁ, ସେମାନେ ସାହିତ୍ୟ କ୍ଷେତ୍ରରେ ଅବତରଣ କରିବେଲେ ସଭା ସମିତିରେ ଗର୍ଜନ ତର୍ଜନ କରିବେଲେ, ଯୁଆଙ୍କ କଥା ଶୁଣି କେତେକଙ୍କ ମନରେ କଷ୍ଟ ହୁଏ । ସେ ଗୌରବରେ ଦେଶ ପାଇଁ ଅନେକ କାମ କରୁଛନ୍ତି । କିନ୍ତୁ ତାଙ୍କ ପକ୍ଷରେ ଗୌରବ ରହିବା ଦେଶ ଦ୍ରୋହିତା ।

ଯୋଇ ବାବୁ ସିଧେ ସିଧେ ସଦାନନ୍ଦଙ୍କ ପାଖରୁ ଉଠିଗଲେ । ସିଡ଼ି ଉପରେ ତାଙ୍କର ଦୁମ ଦୁମ ପାଦ ଶବ୍ଦ ଶୁଣି ସଦାନନ୍ଦ ମହାଶୟ ଏଣୁଅ ଭଲ ମୁଣ୍ଡ ଟେକି ଚାହିଁଲେ । ଯୋଇ ବାବୁଙ୍କର ମୁଣ୍ଡଟା ମାତ୍ର ଦେଖା ଯାଉଥିଲା । ବିଶ୍ୱାସ କରି ପାରିଲେ ନାହିଁ ନିଜ ଆଖିକୁ । ଯୋଇ ବାବୁ ସିଡ଼ି ପାର ହୋଇ ତାଙ୍କ ପାଖକୁ ଆସିଲେ, ସେ ଉଠି ବସିଲେ । କହିଲେ, "ଆରେ ଯୋଇ ବାବୁ ଯେ ! ନମସ୍କାର, ନମସ୍କାର ଭାଇ । ବସ ବସ, କେଣ୍ ଆନନ୍ଦର କଥା । କିନ୍ତୁ ଏପରି ଲୁଚେଇ ଚୋରେଇ ଲୁଚିବାରେ କ ଦରକାର ଥିଲା ?"

ଯୋଇ— ଲୁଚେଇ ଚୋରେଇ ? ଲୁଚେଇ ଚୋରେଇ କରିବାର ଅଭ୍ୟାସ ସମ୍ବାଦ କାଗଜ ସମ୍ପାଦକମାନଙ୍କର । ମୋର ନୁହେ । କାମ-ଦାମ କିଛି ନାହିଁ । ହାତରେ ମଲା କଙ୍କଡ଼ା ଲେଉଟିବ ନାହିଁ । ଯେତକ ଅକର୍ମା ଅକାମୁକା, କୋଡ଼ି ସମସ୍ତେ ଏକାଠି ହୋଇ ଗଣ୍ଡେ କାଗଜରେ ଦ ଯାଡ଼ ମିଛ ଲେଖିଦେଇ କୋଲନ୍ତି ଦଣ ନା, ଆମେ ସମ୍ପାଦକ । ଆମେ ଦେଶ ସେବକ ।

ସମ୍ପାଦକ ମହାଶୟ କିଛି ବୁଝି ପାରିଲେ ନାହିଁ । କଥା ଗାଇବା ତାଙ୍କର ଅଭ୍ୟାସ । ଦିନରେ ଥରେ ଅଧେ କାହାରି ଠାରୁ କଥା ନ ଶୁଣିଲେ ତାଙ୍କ ମନଟା କିପରି ସୁକୁରୁ ପୁକୁରୁ ହୁଏ । କିନ୍ତୁ ଗାଳି ପେଟୁଆରେ ଅଗାଧିଆରେ କଥା ଶୁଣିବା ବଡ଼ କଷ୍ଟ । ସେ କହିଲେ, "ମୋର କ ଦୋଷ, ଭାଇ, ଯେ ମୋ ଉପରେ ଏ ଗାଳିଗୁଡ଼ାକ ।"

ଯୋଗ ବାବୁ ପକେଟରୁ କାଢ଼ି ସେ ଦଶର ଷ୍ଟାମ୍ପବାଲା କାଗଜ ଗଣ୍ଡେ ବଢ଼ାଇ ଦେଲେ । ଗୋପୀ ବାବୁଙ୍କ ଆଖି ଯୋଗ ବାବୁଙ୍କ ବିବାହ ପ୍ରସଙ୍ଗ ଉପରେ ପଡ଼ିଲା । ସେ କିଛି ବୁଝି ପାରିଲେ ନାହିଁ । ତା ପରେ କ୍ଷଣେ ଭାବି କହିଲେ, "ବନ୍ଧୁ ଭାଇ, ତୁମେ ହେଲ ଓଡ଼ିଶାର ଜଣେ ବଡ଼ ସନ୍ତାନ ଅଥଚ ତୁମେ କରି ବସିଚ ଗୋଟାଏ ଭଲ କାମ । ସମ୍ପାଦକ ଭାବରେ ତୁମର ଏପରି ମଙ୍ଗଳ କଥା—"

ଯୋଗ— ମଣିଷର ମନ ଠିକ୍ ଥିଲେ ସେ ସିନା କଥା ବୁଝେ, ଭଲ ମନ୍ଦ ଜାଣେ । ସବୁବେଳେ ଟେଲେ ଟେଲେ ଭାଙ୍ଗ ଖାଇ ଯେ ହବ ଭୋଳା ମହାଦେବ ସେ ଭଲ ମନ୍ଦ ସବୁ କିଛି ବୁଝିବ କିପରି ?

ଗୋପୀ— ଯାଃ, କଣଗୁଡ଼ାଏ ଯେ ତୁମେ କହ ଯୋଗ ବାବୁ । ହୋଇପାରେ, ଯେ ତୁମକୁ ନ ପଚାରି କଥାଗୁଡ଼ାକ ପ୍ରକାଶ କରିଦେଇ ତୁମକୁ ଟିକିଏ ଅସୁବିଧାରେ ପକେଇଥିବ । ବୋଧହୁଏ କଥାଟା ଲୁଚାଇବାରେ ତୁମର କୌଣସି ଉଦ୍ଦେଶ୍ୟ ଥାଇ ପାରେ । ବନ୍ଧୁ ଭାଇ, ଏତେ ବଡ଼ ଖବରଟା ସନ୍ଧାନ ପାଇ ତାକୁ ପ୍ରକାଶ ନ କରି ଥିଲେ ଆମ୍ଭେମାନେ ଜଗତ ଠାରେ ଓ ନିଜ ବ୍ୟବସାୟ ଠାରେ ଦୋଷୀ ହୋଇଥାନ୍ତୁ ।

ଯୋଗ— ତୁମେ ପୋଡ଼ିଯାଅ, ତୁମର ବ୍ୟବସାୟ ପୋଡ଼ିଯାଉ । ମୋର ତ ମନେହୁଏ ଗଣ୍ଡେ ଡିଆସେଲ ମାରି ତୁମର ଏ କାଗଜ ଗଦା ଉପରେ ପକାଇ ଦିଅନ୍ତି । ଥାଉ ଦେବ ମଧ୍ୟ, ତୁମେ ଯଦି ମତେ ନିତାନ୍ତ ବାଧ୍ୟ କର । କହି ପକେଟରୁ ଗୋଟାଏ ଡିଆସିଲ ପେଡ଼ି କାଢ଼ିଲେ । ସେଥିରୁ ଗୋଟିଏ କାଠି ବାହାରକରି ଧଇଲେ । ଗୋପୀ ବାବୁ ବ୍ୟସ୍ତ ହୋଇ ଉଠିପଡ଼ି କହିଲେ "ଆରେ କରଚ କଣ ? କରଚ କଣ ? ଡିଆସିଲଟା ପକେଟରେ ରଖ । ପକେଟରେ ରଖ !"

ଯୋଉ— ତା ହେଲେ ତୁମେ ସ୍ୱୀକାର କରୁଚ ଯେ କଥାଟା ମିଛ !

ଗୋପ— କଥାଟା ମିଛ ? କେଉଁ କଥା ?

ଯୋଉ— ଯୁ ମିଛ କଥା ତୁମେ କାଗଜରେ ଛପିଚ ।

ଗୋପ— ମିଛ, ତୁମର କବାଟ କଥା ମିଛ ?

ଯୋଉ— ବସ୍ତକର, ଅଗରୁ ଶେଷ ଯାଏ ସବୁ ମିଛ । ବିଶ୍ୱାସ ନହୁଏ ପ୍ରଫ୍‌ଟ୍ରୁ ପଚାରି ପାର ।

ଗୋପ— କିନ୍ତୁ ଅମ୍ଭେମାନେ ଯେ ଖୁବ୍ ବିଶ୍ୱସ୍ତ ସୂତ୍ରରୁ ବୁଝିଚୁଁ ଏ କଥା ଠିକ୍ ।

ଯୋଉ— ତୁମର ବିଶ୍ୱସ୍ତ ସୂତ୍ରଟା କିଏ ?

ଗୋପ— ତା ମୁଁ କହି ପାରିବି ନାହିଁ ।

ଯୋଉ— ମୁଁ କହିବି ? ସଦାଶିବ ବାବୁ ।

ଗୋପ— ତୁମେ କିପରି ଜାଣିଲ ? ଅରେ ନା, ନା, ସଦାଶିବ ବାବୁ କି ଅଉ କିଏ ସେ କଥା ମୁଁ କହିବାକୁ ମୋତେ ସ୍ୱାଜ ନୁହେ ।

ଯୋଉ— ତୁମ ସ୍ୱାଜ ଅସ୍ୱାଜରେ କିଛି ମାତ୍ର ଯାଏ ଆସେ ନାହିଁ । ଏ ତୁମ ଲୁକୋଚୋରର କଥା ନୁହେ ଯେ ତୁମ ସ୍ୱାଜ ଅସ୍ୱାଜ ଗୋଟାହେବ । ଅଉ କଥାଟା ମାଲଯାଇ ତା ପରେ ତାକୁ ଘୋଡ଼ାଇବାରେ କିଛି ମାତ୍ର ଫଳ ନାହିଁ । ସଦାଶିବ ବାବୁ କହିଲେ ସତ, କିନ୍ତୁ ସେତ ତାଙ୍କ ବାହାଘର କଥା ନୁହେ । ମୋର ମୁଁ କହୁଚି ମିଛ ।

ଗୋପ— କିନ୍ତୁ ସଦାଶିବ ବାବୁ ତୁମ ନା'ରେ ଏପରି ମିଥ୍ୟା କଥା କାହିଁକି ଯେ କହିବେ ତାତ ମୁଁ ବୁଝିପାରୁ ନାହିଁ ।

ଯୋଉ— ତୁମ ବୁଝିବାର କିଛି ମାତ୍ର ଦରକାର ନାହିଁ । ପ୍ରକୃତରେ କହିବାକୁ ଗଲେ ମୁଁ ମଧ୍ୟ କଥାଟା ଏ ପର୍ଯ୍ୟନ୍ତ ଠିକ୍ ଧରି ପାରି ନାହିଁ ।

ଦେଖି ଏହା କହି ସେ କାଗଜ ଖଣ୍ଡ ଉଠାଇନେଲେ । ସେହି ଅଂଶଟା ପୁଣି ଥରେ ପଢ଼ିଲେ । "ସେମାନଙ୍କୁ ହୁଏତ ପୈତୃକ ସମ୍ପତ୍ତିରୁ ବଞ୍ଚିତ ହେବାକୁ ପଡ଼ିପାରେ । ଏଇ ଧାଡ଼ି ଉପରେ ତାଙ୍କର ଆଖି ଲାଗି ରହିଲା । ଥରେ ପଢ଼ିଲେ, ଦୁଇ ଥର ପଢ଼ିଲେ । ତା ପରେ ଚଟ୍ କରି ବୁଲିପଡ଼ି ପ୍ରଫୁଲ୍ଲ ବାବୁଙ୍କୁ ପଚାରିଲେ, "ତୁ ଏହାର କଣ ଜାଣୁ" ?

ପ୍ରଫୁଲ୍ଲ ବାବୁ ଚମକି ପଡ଼ିଲେ । ତାଙ୍କ ଚେହେରା କାମୁଡ଼ି ହୋଇଗଲା । ସେ କହିଲେ, "ଅରେ ରାମ, ରାମ, ତୁ ମଣିଷକୁ ଏପରି ଚମକାଉ କାହିଁକିରେ" ? ଘୋଷ ବାବୁ ଆଉ ତାଙ୍କୁ କିଛି ନ ପଚାରି କହିଲେ, "ବୁଝିଲେ ଗୋସ୍ୱାବାବୁ ଏହା ମଧ୍ୟରେ ଅନେକ ରହସ୍ୟ ଅଛି । ମୁଁ ପରେ ସେ ସବୁ ତୁମକୁ ଲେଖି ଜଣାଇ ଦେବି । ବାହାରେ ଜାଣିଲେ ଗୋଟିଏ ଗଳ୍ପ ଉପନ୍ୟାସ ହେବ । ବର୍ତ୍ତମାନ ଏତିକି ଜାଣିରଖ, ତୁମେ ଏ କାଗଜରେ ଯାହାସବୁ ଲେଖିଛ, ସେସବୁ ଏକା ବେଳକେ ମିଛ । ଏହାର କି ପ୍ରତିବାଦ ତୁମେ କରିବାକୁ ଯାଉଛ ?

ଗୋସ୍ୱା— ପ୍ରତିବାଦ ଆଉ କଣ ? ତୁମେ ଯେତେବେଳେ କହୁଛ କଥା ମିଛ, ଆମେ କାଗଜରେ ଲେଖିଦେବୁ ଯେ ଏ ସମ୍ବାଦଟା ମିଛ, ଆଉ ସେଥି ପାଇଁ ତୁମ ପାଖରେ କ୍ଷମାପ୍ରାର୍ଥନା କରିବୁ ।

ଘୋଷ— ତୁମ କ୍ଷମା ପ୍ରାର୍ଥନାରେ ମୋ ପେଟ ଭର୍ତ୍ତି ହେବ ନାହିଁ । କଥା ମିଛ ବୋଲି ଖବରଟା କାଲି କାଗଜରେ ବାହାରିବା ଦରକାର ।

ଗୋସ୍ୱା— କାଲି କାଗଜରେ ? ସେତ ହୋଇପାରେ ନାହିଁ । କାଲି କାଗଜ ପାଇଁ ଯାହା ସବୁ ଲେଖାହେବ, ସେତ ପ୍ରେସକୁ ଚାଲି ଗଲାଣି । ଏବେ ତ ଆଉ ବଦଳି ନପାରେ ।

ଯୋଇ— ବଦଳେଇବାକୁ ହବ । ତା ନ ହେଲେ ମୁଁ ତୁମର ପ୍ରେସ ଫ୍ରେସ ସବୁ ଚୂନା କରିଦେବ ।

ଗୋପ— ଅଚ୍ଛା, ମୁଁ କୃଷ୍ଣକୁ ଡାକେଁ । ତା ପରେ ଡାକିଲେ, "କୃଷ୍ଣ, କୃଷ୍ଣ" ! କୃଷ୍ଣ ବାବୁ ଉପର ମହଲର ଅର ଘରଟାରେ ବସିଥିଲେ । ସେ ଭିତରକୁ ଆସି କହିଲେ, 'କଅଣ ଗୋଟାଏ ମାଡ଼ ମାରିଲା ଭଳି ଡାକ ପକେଇଛ ଯେ ?' ଗୋପ ବାବୁ ତାଙ୍କୁ ସବୁ କଥା ଖୋଲି କହିଲେ । କୃଷ୍ଣ ବାବୁ ମୁଣ୍ଡ ହଲେଇ ଜବାବ ଦେଲେ— ସେତ ହଉ ନାହିଁ । ତୁମେ ବୁଝିପାରୁ ନାହଁ ! ଯେ ଆମକୁ ଜବାନ ଖବର ଦେଲେ ସେ କହନ୍ତି ଏ କଥାଟା ସତ । ତାଙ୍କୁ ମୁଁ ପଚାରିଥିଲି । ସେ କହିଥିଲେ ଦରକାର ପଡ଼ିଲେ ମୁଁ ଏ କଥା ପ୍ରମାଣ କରିପାରେ । ଯୋଇ ବାବୁ କହନ୍ତି ଏ କଥା ମିଛ । ଆମେ କାହା କଥା ସତ କରିବୁଁ ?

ଗୋପ— କିନ୍ତୁ ଯୋଇର କାହାଣିର । ସେ ଯଦି କହେ ମିଛ ବୋଲି...

କୃଷ୍ଣ— ଜବାନରେ ଯୋଇର ସବୁ ନୁହନ୍ତି । ଆଉ ଗୋଟାଏ ପକ୍ଷ ଯେ ଅଛୁ । କନ୍ୟା ପକ୍ଷ । ଏପରି ହୋଇପାରେ ଯେ ଯୋଇ ବାବୁ କୌଣସି କାରଣରୁ ଏହି କନ୍ୟାକୁ ଣୀରୁ ବାହା କରନ୍ତି, କିନ୍ତୁ ପରେ ତାଙ୍କ ମନରେ ଏ ବିବାହ ପ୍ରତି ବିତୃଷ୍ଣା ଆସିଛି । ସେ ଫାଙ୍କିଦେବେ ବୋଲି ବର୍ତ୍ତମାନ କହି ପାରୁ ଥାନ୍ତି ଯେ ବିବାହଟା ମିଛ । ତା ହେଲେ କଣ ହବ ବୁଝିଚନ୍ତ ତ ? ଆମେ ଯଦି କଥାଟା ମିଛ ବୋଲି ଲେଖିଦେବୁଁ, ତା ହେଲେ କନ୍ୟା ପିତା ଆମ ନା'ରେ ନାଲିଶ କରି ପାରେ ।

ଯୋଇ— ଆଉ ଖବରଟା, କଥାଟା ମିଛ, ମିଛ ଖବର ମୋ ନା'ରେ ଦେଇଛ ବୋଲି ମୁଁ ମଧ୍ୟ ନାଲିସି କରିପାରେ !

କୃଷ୍ଣ— ଏମିତ କାରଣ ହେବ, ସେମିତ କାରଣି ହେବ । ଏମେ ତା ହେଲେ ଗୋଟାଏ କଥା କାଟି, ଅଉ ଗୋଟାଏ କଥା ଲେଖିବାକୁ ଯିବୁ କିଅଁ ?

ଧୋଇ— ଯିବ କିଅଁ ? ଏଇ କଥା ଠିକ ପାଇଁ ଯେ, ତୁମେ ଯଦି ଏହାକୁ କାଲି କାଗଜରେ ମିଛ ବୋଲି ନ ଲେଖ, ତା ହେଲେ ମୁଁ ତୁମର ଖପାଗାନାମଟି ତୁମ ହାତକୁ ବନ୍ଦି କରିବ ବଡ଼ ଅଦାଲତରେ ।

ଗୋଷ୍ଠ— ଅହା, ଅହା, ସ୍ୱଗୁଡ଼ କାହିଁକି ଧୋଇ ବାବୁ । ଅଚ୍ଛା କୃଷ୍ଣ ବାବୁ, ସାପ ମରିବ ନାହିଁ, ବାଡ଼ି ଭାଙ୍ଗିବ ନାହିଁ ଏପରି ଉପାୟରେ କିଛି ଲେ[illegible] ଯାଇ ପାରେ ନାହିଁ ! ଯହିଁରେ ଧୋଇ ବାବୁ ଖବର ବି ରକ୍ଷା ହେବ, ଅଉ ଅପର ପକ୍ଷ ମଧ୍ୟ କିଛି କରି ପାରିବ ନାହିଁ ଅମର ।

କୃଷ୍ଣ— ସେ କପରି ? ଲେଖନ୍ତି ଦେଖି ?

ଗୋଷ୍ଠ ବାବୁ ଟିକିଏ ଚିନ୍ତା କଲେ । ତା ପରେ ଲେଖିଲେ, "ଅମ୍ଭେ-ମାନେ ତା ଉପର କାଗଜରେ ଓଡ଼ିଶାର କୃଷଣିଜୀ ପରମାନନ୍ଦ ଓରଫ ଧୋଇ ବାବୁଙ୍କ ବିବାହ ସମ୍ବନ୍ଧରେ ଯାହା ଲେଖିଥିଲୁଁ, ବର୍ତ୍ତମାନ ଜାଣୁଚୁଁ ଯେ ସେ କଥା ତୁମଠେ ସତ ନୁହେଁ । ଖୁବ୍ ବିଶ୍ୱସ୍ତ ସୂତ୍ରରୁ ଖବର ମିଳେ ଯେ ଧୋଇ ବାବୁ କୌଣସି ବିଦେଶିନୀ ଯୁବତୀ ଅଥବା ପ୍ରମଥ ବାବୁଙ୍କ କନ୍ୟାଙ୍କୁ ବିବାହ କରି ନାହାନ୍ତି । ଏ ଦୁଇ କେବଳ ମଧ୍ୟରୁ କେଉଁଟା ସତ୍ୟ ତାହା ଅମ୍ଭେମାନେ କହିବାକୁ ଅକ୍ଷମ । ଯେପରି ଜଣାଯାଏ ଏହା ମଧ୍ୟରେ କିଛି ରହସ୍ୟ ଅଛି । ଅମ୍ଭେମାନେ ପୁଣି ଅନୁସନ୍ଧାନ ଲଗାଉଅଛୁଁ । ସବିଶେଷ ବିବରଣ ପରେ ଦିଆଯିବ ।" ଲେଖି କାଗଜ ଖଣ୍ଡେ କୃଷ୍ଣ ବାବୁଙ୍କୁ ବଢ଼ାଇ ଦେଲେ । କୃଷ୍ଣ ବାବୁ ପଢ଼ି କହିଲେ, "ଧୋଇ ବାବୁ ଯଦି ଏଥିରେ ସନ୍ତୁଷ୍ଟ ହୁଅନ୍ତି, ତା ହେଲେ ଅମର କୌଣସି ଆପତ୍ତି ନାହିଁ ।" ଧୋଇ ମଧ୍ୟ

କାଗଜ ଖଣ୍ଡି ନେଇ ପଢ଼ିଲେ । କହିଲେ, "ହଁ, ଏଇଟିକ ବର୍ତ୍ତମାନ ପାଇଁ ଯଥେଷ୍ଟ । କିନ୍ତୁ ଖପାଟା କାଲି କାଗଜରେ ବାହାରିବା ଦରକାର ।" ଗୋସ୍ୱ ବାବୁ କୃଷ୍ଣ ବାବୁଙ୍କ ଆଡ଼କୁ ଚାହିଁଲେ । କୃଷ୍ଣ ବାବୁ କହିଲେ, "ଦିଆଯାଇ ପାରେ । କାଲି କାଗଜରେ ବାହାରିବ ।"

ଯୋଗ— ମୁଁ ଏହାର ଗୋଟାଏ କାଗଜ ଆଜ ସନ୍ଧ୍ୟା ବେଳକୁ ପାଇ ପାରେଁ ?

କୃଷ୍ଣ— ଆଜ ସନ୍ଧ୍ୟା ବେଳକୁ ? ତା ହେଲେ କମ୍ପୋଜିଟର ଇତ୍ୟାଦିଙ୍କୁ ବେଶୀ ସମୟ ଖଟାଇବାକୁ ପଡ଼ିବ । ତାର ପଇସା ଦେବ କିଏ ?

ଯୋଗ— କେତେ ?

କୃଷ୍ଣ ବାବୁ ଟିକିଏ ଚିନ୍ତା କରି କହିଲେ ହାରାହାରି ଦଶ ଟଙ୍କା ।

ଯୋଗବାବୁ ତଥାସ୍ତୁ କହି ଦଶୋଟି ଟଙ୍କା ତାଙ୍କୁ ଦେଇ ବିଦାୟ ହେଲେ ।